# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୧/୨୦୧୯ (୨୦ ପୃଷ୍ଠା) | Sambalpur, Friday, November 1 / 2019 | ★★

୧୫ଶ ଭାଗ ୩୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KAMLA PASAND
Anokha Swad
PAN MASALA
Watch at: YouTube
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। ୦% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

# ଧରିତ୍ରୀ DHARITRI

ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୧/୨୦୧୯ | Sambalpur, Friday, November 1 / 2019 | ପୃଷ୍ଠା-୧




**ଋତୁରାଜଙ୍କ ଶତକ**

ଓପନର ଋତୁରାଜ ଗାଏକ୍ୱାଡ ଆକର୍ଷଣୀୟ ଶତକ ସହାୟତାରେ ଭାରତ ବି' ଦେଓଧର ଟ୍ରଫିରେ ଭାରତ ଏ'କୁ ପରାସ୍ତ କରିଛି।

୧୭

୧୨

**ହାପି ବାର୍ଥଡେ ଇଲିଆନା**

ଅଭିନେତ୍ରୀ ଇଲିଆନା ଡି'କ୍ରୁଜ୍ ନଭେମ୍ବର ୧ରେ ନିଜର ହାପି ବାର୍ଥଡେ ପାଳନକରିବା ପୂର୍ବରୁ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଏକ ହଟ୍-ଫଟୋ ଶେୟାର କରି ଚର୍ଚ୍ଚାକୁ ଆସିଛନ୍ତି।



## ■ ପାକିସ୍ତାନରେ ରେଳ ଟ୍ରାଜେଡି

# ଚଳନ୍ତା ଟ୍ରେନ୍‌ରେ ନିଆଁ: ୭୩ ଦଗ୍ଧ



ପାକିସ୍ତାନର ଲିଆକତ୍‌ପୁର ନିକଟସ୍ଥ ରହିମ୍ ୟାର୍ ଖାନ୍‌ଠାରେ ତେଜ୍‌ପୁର ଏକ୍ସପ୍ରେସରେ ନିଆଁ ଲାଗିଯାଇଛି।

- ■ ନିଆଁ ଲାଗିଥିବାବେଳେ ୨ କି.ମି. ଗଡ଼ିଲା ତେଜ୍‌ପୁର ଏକ୍ସପ୍ରେସ୍
- ■ ରୋଷେଇ ବେଳେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରୁ ଅଗ୍ନିକାଣ୍ଡ: ରେଳମନ୍ତ୍ରୀ
- ■ ଶର୍ଟ ସର୍କିଟରୁ ନିଆଁ ଲାଗିଥିବା କହିଲା ତବଲିଘି ଜମାତ
- ■ ତଦନ୍ତ ନିର୍ଦ୍ଦେଶ ଦେଲେ ଇମ୍ରାନ୍ ଖାନ୍
- ■ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା

**ଇସ୍‌ଲାମାବାଦ/ଲାହୋର,୩୧।୧୦ (ପି.ଟି./ଆଇଏଏନ୍ଏସ୍)**

ପାକିସ୍ତାନର ପୂର୍ବ ପଞ୍ଜାବ ପ୍ରଦେଶସ୍ଥିତ ଲିଆକତ୍‌ପୁର ନିକଟରେ ଗୁରୁବାର ସକାଳେ ଏକ ଯାତ୍ରୀବାହୀ ଟ୍ରେନ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। କରାଚୀରୁ ରାଓ୍ୱଲପିଣ୍ଡି ଯାଉଥିବା ତେଜ୍‌ଗାମ୍ ଏକ୍ସପ୍ରେସ୍‌ରେ ଦୁଇଟି ରୋଷେଇ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହେବାରୁ ୭୩ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏହାସହ ଅନେକେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଇସ୍‌ଲାମିକ୍ ପ୍ରବକ୍ତା ଥିଲେ। ସେମାନେ ଏକ ଧାର୍ମିକ ସମ୍ମିଳନୀରେ ଯୋଗଦେବା ପାଇଁ ଯାଉଥିବାବେଳେ ଏହି ଘଟଣା ଘଟିଥିବା ଜଣାପଡ଼ିଛି।

କରାଚୀରୁ ୨୦୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ତେଜ୍‌ଗାମ୍ ଏକ୍ସପ୍ରେସ୍ ରାଓ୍ୱଲପିଣ୍ଡି ଅଭିମୁଖେ ଯାଉଥିଲା। ସେଥିରେ ଥିବା ଜଣେ ଯାତ୍ରୀ ସକାଳେ ଗ୍ୟାସ୍ ସିଲିଣ୍ଡର ଜାଳି ଜଳଖିଆ ପ୍ରସ୍ତୁତ କରୁଥିବାବେଳେ ଲିଆକତ୍‌ପୁର ନିକଟସ୍ଥ ରହିମ୍ ୟାର୍ ଖାନ୍‌ଠାରେ ହଠାତ୍ ବିସ୍ଫୋରଣ ଘଟିଥିଲା। ଫଳରେ ଅଗ୍ନିକାଣ୍ଡ ଘଟି ଚାହୁଁ ଚାହୁଁ ତିନୋଟି ବଗିକୁ ନିଆଁ ବ୍ୟାପିଯାଇଥିଲା। ନିଆଁ ଲାଗିଥିବା ଅବସ୍ଥାରେ ଟ୍ରେନ୍‌ଟି ପ୍ରାୟ ୨ କି.ମି. ଯାଏ ଗଡ଼ିଥିଲା। ପ୍ରାଣ ବିକଳରେ ଯାତ୍ରୀମାନେ ଟ୍ରେନ୍‌ରୁ ତଳକୁ ଡେଇଁବାରେ ଲାଗିଥିଲେ। ତଳେ ପଡ଼ି ଅନେକ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ନିଆଁରେ ଦଗ୍ଧ ହୋଇ ପ୍ରାଣ ହରାଇଛନ୍ତି। ୭୩ ମୃତକଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଅଛନ୍ତି। ସେହିପରି ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ପୋଡ଼ିଯାଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜିଲା ଜରୁରୀ ଅଧିକାରୀ ଆର୍‌ଓ୍ୱାଇକେ ବକିର ହୁସେନ କହିଛନ୍ତି। ଦୀର୍ଘ ସମୟର ଉଦ୍ୟମ ପରେ ୧୦ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଉଦ୍ଧାର କାର୍ଯ୍ୟରେ ସେନା ହେଲିକପ୍ଟର ନିୟୋଜିତ ହୋଇଥିଲା। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଡିଏନ୍ଏ ପରୀକ୍ଷା କରି ମୃତକମାନଙ୍କ ପରିଚୟ ସ୍ପଷ୍ଟ କରାଯିବ ବୋଲି ଜଣାପଡ଼ିଛି। ମୃତକଙ୍କ ପରିବାରକୁ ୧୫ ଲକ୍ଷ ଓ ଆହତଙ୍କୁ ୫ ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ସରକାର ଘୋଷଣା କରିଛନ୍ତି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଏହାକୁ ନେଇ ଶୋକବ୍ୟକ୍ତ କରିଛନ୍ତି। ସେ ଦୁର୍ଘଟଣାର ତଦନ୍ତ ସହ ଆହତଙ୍କ ଚିକିତ୍ସା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରେଳମନ୍ତ୍ରୀ ଶେଖ୍ ରଶିଦ୍ ଅହମଦ କହିଛନ୍ତି, ମୃତାହତଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ତବଲିଘି ଜମାତ୍ (ଇସ୍‌ଲାମିକ୍ ପ୍ରବକ୍ତା)। ରାଓ୍ୱଲପିଣ୍ଡିରେ ହେବାକୁ ଥିବା ଏକ ବଡ଼ ଧାର୍ମିକ ସମାଗମରେ ଯୋଗଦେବା ପାଇଁ ସେମାନେ ଯାଉଥିଲେ। ଟ୍ରେନ୍‌ରେ ଗ୍ୟାସ୍‌ରେ ରୋଷେଇ କରିବା ବେଆଇନ ବୋଲି ସେ କହିଛନ୍ତି। ତେବେ ତବଲିଘି ଜମାତ୍ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଗ୍ୟାସ୍ ସିଲିଣ୍ଡର ଯୋଗୁ ନୁହେଁ, ବରଂ ଶର୍ଟ ସର୍କିଟ ହେବା ଫଳରେ ଏହି ଅଗ୍ନିକାଣ୍ଡ ଘଟିଛି। ଶର୍ଟ ସର୍କିଟ ସମ୍ପର୍କରେ ବୁଧବାର ରାତିରେ ଟ୍ରେନ୍ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ସେମାନେ ଏଥିପ୍ରତି ଧ୍ୟାନ ନ ଦେବାରୁ ଏଭଳି ଘଟିଥିବା ସେମାନେ କହିଛନ୍ତି। ପାକିସ୍ତାନରେ ଏହା ହେଉଛି ଚଳିତବର୍ଷର ଦ୍ୱିତୀୟ ବଡ଼ ଟ୍ରେନ୍ ଦୁର୍ଘଟଣା। ଗତ ଜୁଲାଇରେ ଆକ୍‌ବର ବୁଗ୍‌ତି ଏକ୍ସପ୍ରେସ ଲାହୋରରୁ କ୍ୱେଟା ଯାଉଥିବାବେଳେ ପଞ୍ଜାବର ଓ୍ୱାଲହର ଷ୍ଟେଶନରେ ଅନ୍ୟ ଏକ ଟ୍ରେନ୍‌ରେ ଧକ୍କାହେବା ଫଳରେ ୨୪ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା।



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଅଭ୍ୟାସ ଅବସରରେ ଭାରତୀୟ ମହିଳା ହକି ଦଳ।

# ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ କଳିଙ୍ଗ ପ୍ରସ୍ତୁତ

**ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି)**

ବିଶ୍ୱକପ୍, ଚାମ୍ପିୟନ୍ସ ଟ୍ରଫି, ଓ୍ୱାର୍ଲ୍ଡ ଲିଗ୍ ଏବଂ ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ପରି ଅନେକ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ଦେଶ ବିଦେଶରେ ଚର୍ଚ୍ଚାରେ ରହିଥିବା କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି ଆଉ ଏକ ସମ୍ମାନଜନକ ପ୍ରତିଯୋଗିତା। ନଭେମ୍ବର ୧ ଓ ୨ ତାରିଖରେ ଏଠାରେ ଆୟୋଜନ ହେବ ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ମ୍ୟାଚ୍। ଏଥର କଳିଙ୍ଗର ହକି କମ୍ପ୍ଲେକ୍ସରେ ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳ ଆକ୍ସନରେ ଦେଖିବାକୁ ମିଳିବେ। ପ୍ରଥମଥର ପାଇଁ ଏଠାରେ ମହିଳା ଦଳର ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ଭାରତୀୟ ମହିଳା ଦଳର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଆମେରିକା। ଭାରତ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୯ମ ସ୍ଥାନରେ ଥିବାବେଳେ ଆମେରିକା ୧୩ତମ ସ୍ଥାନ ପାଇଛି। ତେବେ ନିକଟ ଅତୀତରେ ଉତ୍ସାହୀ ପ୍ରଦର୍ଶନ କରିଥିବାରୁ ଆମେରିକା ଘରୋଇ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେବା ଏକପ୍ରକାର ନିଶ୍ଚିତ। ଆମେ ଏଠାକୁ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଆସିଛୁ ବୋଲି ଆମେରିକା ଦଳର ଅଧିନାୟିକା କାଥଲିନ ଶାର୍କି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆମେ ଘରୋଇ ପରିବେଶରୁ ଫାଇଦା ନେବା ସହ ନିଜ ଦକ୍ଷତା ଅନୁସାରେ ଖେଳି ଆଗକୁ ବଢ଼ିବାକୁ ଚେଷ୍ଟା କରିବୁ ବୋଲି ଭାରତୀୟ ଦଳର ଅଧିନାୟିକା ରାଣୀ ରାମପାଲ କହିଛନ୍ତି।

ପୁରୁଷ ବିଭାଗରେ ଭାରତ ପ୍ରତିପକ୍ଷ ରୁଷିଆ ସହିତ ମୁକାବିଲା କରିବ। ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଭାରତ ୫ ଓ ରୁଷିଆ ୨୨ତମ ସ୍ଥାନରେ ରହିଛି। ଗତ ଜୁନ୍‌ରେ ଅନୁଷ୍ଠିତ ଏଫ୍ଆଇଏଚ୍ ସିରିଜ ଫାଇନାଲରେ ରୁଷିଆ କଳିଙ୍ଗ ଷ୍ଟାଡିୟମରେ ଖେଳିବାର ଅଭିଜ୍ଞତା ରଖିଛି। ସେତେବେଳେ ଯଦିଓ ଏହି ଦଳ ବଡ଼ ବ୍ୟବଧାନରେ ଭାରତ ନିକଟରୁ ହାରିଥିଲା ଏଥର କିନ୍ତୁ ଭିନ୍ନ ଧରଣର ଖେଳ ଦେଖିବାକୁ ମିଳିବ ବୋଲି ରୁଷିଆ ଅଧିନାୟକ ଡେନିସ ସ୍କିପାଚେଭ୍ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରୁଷିଆକୁ କୌଣସି ପରିସ୍ଥିତିରେ ହାଲ୍‌କା ଭାବେ ନେବ ନାହିଁ ବୋଲି ଭାରତୀୟ ଅଧିନାୟକ ମନପ୍ରୀତ ସିଂ କହିଛନ୍ତି।

## ଉପରାଜ୍ୟପାଳ ଭାବେ ଶପଥ ନେଲେ ମୁର୍ମୁ, ମାଥୁର



ଗିରୀଶ ଚନ୍ଦ୍ର ମୁର୍ମୁ

**ଶ୍ରୀନଗର/ଲେହ,୩୧।୧୦(ପି.ଟି.):** ପୂର୍ବନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ବୁଧବାର ରାତି ଠିକ୍ ୧୨ଟାରେ ଜମ୍ମୁ-କଶ୍ମୀରର ଭୂଗୋଳ ଓ ଇତିହାସ ବଦଳିଯାଇଥିଲା। ଏହା ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ରୂପାନ୍ତରିତ ହୋଇଥିଲା। ନୂଆ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଥମ ଉପରାଜ୍ୟପାଳ ଭାବେ ଦୁଇଜଣ ଆଇଏଏସ୍ ଅଫିସର ଗିରୀଶ ଚନ୍ଦ୍ର ମୁର୍ମୁ ଓ ରାଧାକୃଷ୍ଣ ମାଥୁର ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଉକ୍ତ ରାଜ୍ୟକୁ ଦୁଇଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଲାଗି କେନ୍ଦ୍ର ସରକାର ଅଗଷ୍ଟ ୫ରେ ନିଷ୍ପତ୍ତି ନେଇଥିଲେ। ୮୮ଦିନ ଧରି ଉପତ୍ୟକାରେ କଟକଣା ଜାରି ରହିବା ସହ ଦୋକାନ ବଜାର ବନ୍ଦ ରହିଥିଲାବେଳେ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ଗଠନ ହୋଇଛି। ବିଶ୍ୱାସର ଦୃଢ଼ ସଂଯୋଗ ସୃଷ୍ଟି ଏହି ନୂଆ ବ୍ୟବସ୍ଥାର ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ଅଧିକ ରିପୋର୍ଟ: ପୃଷ୍ଠା-୧୧

**ମହାରାଷ୍ଟ୍ରରେ କ୍ଷମତା ଯୁଦ୍ଧ**

# ଉଦ୍ଧବ ନେବେ ଚୂଡ଼ାନ୍ତ ନିଷ୍ପତ୍ତି

- ■ ରାଜ୍ୟପାଳଙ୍କୁ ଭେଟିଲା ଶିବସେନା
- ■ ଏକ୍‌ନାଥ ସିନ୍ଦେ ବିଧାୟକ ଦଳ ନେତା
- ■ ପାଓ୍ୱାର-ସଞ୍ଜୟଙ୍କ ଭେଟକୁ ନେଇ ଚର୍ଚ୍ଚା



ଏକ୍‌ନାଥ ସିନ୍ଦେ



ଆଦିତ୍ୟ ଠାକ୍‌ରେ

**ମୁମ୍ବାଇ,୩୧।୧୦**

ମହାରାଷ୍ଟ୍ରରେ ଭାଜପା ଓ ଶିବସେନା ମଧ୍ୟରେ କ୍ଷମତା ଲଢ଼େଇ ଜାରି ରହିଛି। ଶିବସେନାର ବରିଷ୍ଠ ନେତା ଏକ୍‌ନାଥ ସିନ୍ଦେ ବୁଧବାର ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ଏକ ପ୍ରତିନିଧି ଦଳ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଭେଟିଛି। ଏହି ସାକ୍ଷାତକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ଚାଷୀ ସମସ୍ୟା ସମ୍ପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା ହୋଇଥିବା ଶିବସେନା ନେତା ଆଦିତ୍ୟ ଠାକ୍‌ରେ କହିଛନ୍ତି। ସେହିପରି ସରକାର ଗଠନ ନେଇ ଦଳ ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ତାଙ୍କ ପୁଅ ତଥା ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ଆଦିତ୍ୟ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ବରିଷ୍ଠ ଶିବସେନା ନେତା ସଞ୍ଜୟ ରାଉତ୍ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାଓ୍ୱାରଙ୍କୁ ଭେଟିଥିବା ଜଣାପଡ଼ିଛି।

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବାର ସପ୍ତାହେ ପରେ ବି ସରକାର ଗଠନ ନେଇ ଅନିଶ୍ଚିତତା ଦୂର ହୋଇନାହିଁ। କ୍ଷମତା ଭାଗବଣ୍ଟାକୁ ନେଇ ୫୦:୫୦ ସୂତ୍ର ଆପଣାଯାଉ ବୋଲି ଶିବସେନା ଦାବି କରୁଥିବାବେଳେ ଏପରି କୌଣସି ପ୍ରତିଶ୍ରୁତି ନିର୍ବାଚନ ପୂର୍ବରୁ ଦିଆଯାଇ ନ ଥିବା ଭାଜପା ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ବୁଧବାର ଭାଜପା ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ଗୁରୁବାର ଶିବସେନା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ସେନା ଭବନରେ ଅନୁଷ୍ଠିତ ବୈଠକରେ ଆଦିତ୍ୟ ଠାକ୍‌ରେ ବିଧାୟକ ଦଳ ନେତା ପାଇଁ ଅନୁଭବୀ ନେତା ଏକ୍‌ନାଥ ସିନ୍ଦେଙ୍କ ନାମ ପ୍ରସ୍ତାବ ଦେଇଥିଲେ। ସେହିପରି ଗୃହରେ ମୁଖ୍ୟ ସଚେତକ ଭାବେ ସୁନୀଲ ପ୍ରଭୁଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଉଭୟେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ରାତିରେ ଶିବସେନାର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟିଥିଲେ। ସପ୍ତାହେ ମଧ୍ୟରେ ଏହା ହେଉଛି ରାଜ୍ୟପାଳଙ୍କ ସହ ଶିବସେନାର ଦ୍ୱିତୀୟ ସାକ୍ଷାତ। ଠାକ୍‌ରେ ପରିବାରର ପ୍ରଥମ ସଦସ୍ୟ ଭାବେ ବିଧାୟକ ହୋଇଥିବା ଆଦିତ୍ୟ ଏହାକୁ ନେଇ କହିଛନ୍ତି, ଝଡ଼ବର୍ଷାରେ ଚାଷୀଙ୍କ ଫସଲ ନଷ୍ଟ ଓ ମତ୍ସ୍ୟଜୀବୀଙ୍କ ଡଙ୍ଗା ଭାଙ୍ଗିଯାଇଛି। ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ସମ୍ପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା ହୋଇଛି। ସରକାର ଗଠନ ☞ ପୃଷ୍ଠା-୨

# ଜଙ୍ଗଲକୁ ନେଇ ଯୁବତୀଙ୍କୁ ଗଣବଳାତ୍କାର

**୩ ଅଭିଯୁକ୍ତ ଗିରଫ**

**କୁଆଁରମୁଣ୍ଡା,୩୧।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଖୁଖୁଣ୍ଡୁବାହାଲ ଗ୍ରାମ ନିକଟ ଜଙ୍ଗଲରେ ଗତ ମଙ୍ଗଳବାର ରାତିରେ ଜଣେ ଯୁବତୀ(୧୮)ଙ୍କୁ ୩ଜଣ ଯୁବକ ଗଣବଳାତ୍କାର କରିଥିଲେ । ବୁଧବାର ଏ ସଂକ୍ରାନ୍ତରେ କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ଏହି ଘଟଣାରେ ବୀରମିତ୍ରପୁର ଥାନା ପୋଲିସ କୁଆଁରମୁଣ୍ଡା ଫାଣ୍ଡି ଅଧୀନ ଢୁମେରଯୋର ପଞ୍ଚାୟତ କର୍ଲାବୁଡ଼ ଗ୍ରାମରେ ଚଢାଉ କରି ୩ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବିଜୟ ଓରାମ(୨୫), ରଞ୍ଜିତ ଟପ୍ପୋ(୨୬) ସଞ୍ଜିତ୍ ଟପ୍ପୋ(୨୭)। ଏ ନେଇ ବୀରମିତ୍ରପୁର ଥାନାରେ ଭାରତୀୟ ଦଣ୍ଡବିଧି ଆଇନର ଦଫା ୩୭୬(୨)(ଏନ୍)/୩୭୬ଡି,୩୬୬ରେ ଏକ ମାମଲା(ନଂ.୧୩୪/୧୯) ହୋଇଛି । ସଂପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗୁରୁବାର ଡାକ୍ତରୀମାଇନା କରାଇଛି। ରାଉରକେଲା ସରକାରୀ ହସ୍‌ପିଟାଲରେ ପୀଡିତାଙ୍କର ମଧ୍ୟ ଡାକ୍ତରୀମାଇନା କରାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉପରୋକ୍ତ ୩ ଯୁବକ ମଙ୍ଗଳବାର ସମ୍ପୃକ୍ତା ଯୁବତୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କୁଆଁରମୁଣ୍ଡାକୁ ଡାକି ଆଣିଥିଲେ। ରାତି ହେବାପରେ ଯୁବକମାନେ ତାଙ୍କୁ ଖୁଖୁଣ୍ଡୁବାହାଲ ଗ୍ରାମ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ଜଣେ ପରେ ଜଣେ ତାଙ୍କୁ ବଳାତ୍କାର କରିଥିଲେ। ଫଳରେ ଯୁବତୀ ଜଣକ ଚେତାଶୂନ୍ୟ ହୋଇ ପଡିଥିଲେ। ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ଯୁବକମାନେ ତାଙ୍କୁ ଜଙ୍ଗଲରେ ଛାଡି ଫେରାର ହୋଇଯାଇଥିଲେ। ବୁଧବାର ସକାଳେ ପୀଡିତାଙ୍କ ଚେତା ଫେରିବା ପରେ ବହୁ କଷ୍ଟରେ ସେ ଘରେ ପହଞ୍ଚି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ବୁଧବାର ରାତି ପ୍ରାୟ ୯ଟାରେ ପୀଡିତାଙ୍କ ସହ ପରିବାର ଲୋକେ କୁଆଁରମୁଣ୍ଡା ଫାଣ୍ଡିରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଯୁବତୀଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ଗୁରୁଦାସ ଦାସଗୁପ୍ତାଙ୍କ ଦେହାନ୍ତ

**କୋଲକାତା, ୩୧।୧୦(ପି.ଟି.)**

ସିପିଆଇର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ଗୁରୁଦାସ ଦାସଗୁପ୍ତା(୮୩)ଙ୍କ ଗୁରୁବାର ସକାଳେ ନିଜ ବାସଭବନରେ ଦେହାନ୍ତ ହୋଇଯାଇଛି। ଦୀର୍ଘଦିନ ଧରି ସେ ଫୁସ୍‌ଫୁସ୍



କର୍କଟ, କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ଥିଲେ। ଏଆଇଟିୟୁସିର ଜଣେ ବରିଷ୍ଠ ନେତା ଥିଲେ। ୧୯୮୫ରେ ସେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ପରେ ଲୋକ ସଭାକୁ ୨୦୦୪, ୨୦୦୯ରେ ନିର୍ବାଚିତ ହୋଇଥିଲେ। ଏବେ ତାଙ୍କ ସ୍ତ୍ରୀ ଓ ଝିଅ ଅଛନ୍ତି। ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

**ଆଜିର ସମ୍ପାଦକୀୟ**

**ଏକ ଚେତାବନୀ**


Vencobb Fresh Chicken — Taste the difference!

31.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 63 | 110 | 120 |
| CTC | 64 | 111 | 121 |
| DKL | 63 | 110 | 120 |
| BDK | 66 | 114 | 124 |
| BLS | 68 | 116 | 126 |
| ANG | 65 | 113 | 123 |
| BHM | 59 | 105 | 115 |

*Conditions Apply

Issued in the Interest of Consumers





**କିଛି ତଥ୍ୟ**
ଚଳିତବର୍ଷ ସେପ୍ଟେମ୍ବରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ପୁନଃପୁଞ୍ଜୀକରଣ ବଣ୍ଡ ଜରିଆରେ ସରକାର ୭୦,୩୧୪ କୋଟି ଟଙ୍କା ପ୍ରଦାନ ନେଇ ବ୍ୟବସ୍ଥା କରିଛନ୍ତି।
– ଅର୍ଥ ମନ୍ତ୍ରଣାଳୟ

**ଆଜିର ମନ୍ତବ୍ୟ**
ସମ୍ବିଧାନର ଅନୁଚ୍ଛେଦ ୩୭୦ ଜମ୍ମୁ-କଶ୍ମୀର ପାଇଁ ପ୍ରାଚୀର ସଦୃଶ କାର୍ଯ୍ୟ କରୁଥିଲା।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ବାପୁନି ପରିବାରବର୍ଗ


ଜାଗୃତି ପରିବାରବର୍ଗ


ଶୁଭମ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଜେଡି ସଭ୍ୟ ସଂଗ୍ରହ ଅବଧି ୩ ସପ୍ତାହ ବୃଦ୍ଧି

- ସଂଗ୍ରହ ହେଲେଣି ୪୧ ଲକ୍ଷ ସଭ୍ୟ
- ଜିଲା ନିର୍ବାଚନମଣ୍ଡଳୀକୁ ତାଗିଦ୍

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଅକ୍ଟୋବର ଶେଷ ସୁଦ୍ଧା ବିଜେଡି ପକ୍ଷରୁ ପ୍ରାୟ ୪୧ ଲକ୍ଷଙ୍କୁ ଦଳୀୟ ସଭ୍ୟ କରାଯାଇଥିବା ଜଣାପଡ଼ିଛି। ସେହିପରି ସଭ୍ୟ ସଂଗ୍ରହରେ ଦେଖାଦେଇଥିବା ଉତ୍ସୁକତାକୁ ଦେଖି ଏହି ଅଭିଯାନକୁ ଆହୁରି ୩ ସପ୍ତାହକୁ ବୃଦ୍ଧି କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ବସିଥିବା ଜିଲା ପର୍ଯ୍ୟବେକ୍ଷକ ଓ ଜିଲା ସଭାପତିଙ୍କ ବୈଠକରୁ ଏହା ଜଣାପଡ଼ିଛି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ସଭ୍ୟ ସଂଗ୍ରହ ଏବଂ ଦଳର ଶୀର୍ଷ ନେତୃତ୍ୱ ଦ୍ୱାରା ସ୍ଥିରୀକୃତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରୁଥିବା ଜିଲା ଏବଂ ନିର୍ବାଚନମଣ୍ଡଳୀକୁ ପ୍ରଶଂସା କରାଯାଇଥିଲା। ଅନୁରୂପ ଭାବେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରି ନ ଥିବା ଜିଲା ଓ ନିର୍ବାଚନମଣ୍ଡଳୀରେ ଥିବା ନେତୃବର୍ଗଙ୍କୁ ତାଗିଦ୍ କରାଯାଇଥିଲା। ପୂର୍ବ ଯୋଜନା ମୁତାବକ କାର୍ଯ୍ୟ ନ ହେଲେ ଦାୟିତ୍ୱରେ ଥିବା ନେତାମାନଙ୍କୁ ଅପସାରଣ କରାଯିବାର ପରୋକ୍ଷ ଚେତାବନୀ ମଧ୍ୟ ଦିଆଯାଇଛି। ବିଶେଷକରି ବିଭିନ୍ନ ଜିଲାର ପର୍ଯ୍ୟବେକ୍ଷକଙ୍କ କାର୍ଯ୍ୟାବଳୀକୁ ନଜରରେ ରଖି ଏପରି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ୧୭ରୁ ୧୯ ନିର୍ବାଚନମଣ୍ଡଳୀର ସାଙ୍ଗଠନିକ କାର୍ଯ୍ୟ, ସଭ୍ୟ ସଂଗ୍ରହ ଇତ୍ୟାଦିକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଥିବା ଜଣାପଡ଼ିଛି। ସଭ୍ୟ ସଂଗ୍ରହରେ ଯୁବ, ମହିଳା ବର୍ଗକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଜଣାପଡ଼ିଛି। ନିକଟରେ ଦଳ ପକ୍ଷରୁ 'ଓଡ଼ିଶା- ମୋ ପରିବାର' କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଏହା ଦଳକୁ ଆହୁରି ଲୋକଙ୍କ ନିକଟତର କରାଇବ ବୋଲି ମତ ପ୍ରକାଶ ପାଇଥିଲା। ଏହି ସାଙ୍ଗଠନିକ ବୈଠକରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଅମର ଶତପଥୀ, ପ୍ରମିଳା ମଲ୍ଲିକ, ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲ୍ଲିକ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱର ମହାନ୍ତି, ଦେବାଶିଷ ସାମନ୍ତରାୟ, ଚନ୍ଦ୍ରସାରଥି ବେହେରା, ବିଜୟ ନାୟକ, କିଶୋର ମହାନ୍ତି, ଲାଲ୍‌ବିହାରୀ ହିମିରିକା ପ୍ରମୁଖ ବୈଠକରେ ଯୋଗଦାନ କରିଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଆଭାସ ବରାଳ


ଜ୍ୟୋତିର୍ମୟୀ ସାସମଲ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଉଦ୍ଧବ ନେବେ...

ପ୍ରଥମ ପୃଷ୍ଠାରୁ...

ନେଇ ତାଙ୍କର କିଛି କହିବାର ନାହିଁ। ଏସମ୍ପର୍କରେ ଯାହା କହିବାର ଅଛି ଉଦ୍ଧବଜୀ କହିବେ। ତାଙ୍କ କଥା ଚୂଡ଼ାନ୍ତ ବୋଲି ଆଦିତ୍ୟ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶିବସେନା ମୁଖ୍ୟମନ୍ତ୍ରୀ ପଦ ପାଇଁ ନିଜ ଦାବିରୁ ଓହରି ନ ଥିବା ଏହାର ମୁଖପତ୍ର 'ସାମ୍ନା'ରେ ସଙ୍କେତ ଦିଆଯାଇଛି। ଭାଜପା ନିଜ ସହଯୋଗୀଙ୍କୁ ନେଇ 'ବ୍ୟବହାର କର ଓ ଫିଙ୍ଗ' ନୀତି ଆପଣାଇଥିବା ଏଥିରେ କୁହାଯାଇଛି। ପ୍ରକାଶ ଯେ, ନିର୍ବାଚନରେ ଭାଜପାକୁ ୧୦୫ ଓ ଶିବସେନାକୁ ୫୬ ଆସନ ମିଳିଛି। ଏନ୍‌ସିପି ୫୪ ଆସନରେ ସଫଳତା ପାଇଥିବାବେଳେ କଂଗ୍ରେସକୁ ୪୪ ଆସନ ମିଳିଛି। ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୧୪୫ ହୋଇଥିବାବେଳେ ଭାଜପାର ଏକଜିଦିଆ ଆଭିମୁଖ୍ୟ ଶିବସେନା ସହ ବିରୋଧୀଙ୍କୁ ନିକଟତର କରିଛି ବୋଲି ବିଶ୍ଳେଷକମାନେ ମତଦେଇଛନ୍ତି।

### ୫-ଟି ବ୍ୟବସ୍ଥାକୁ ନେଇ ଅପରାଜିତା-ଅରୂପ ଲଢ଼େଇ

# ପ୍ରଶାସନିକ ପ୍ରଶିକ୍ଷଣ ବେଳେ ଶିଖିଛୁ, ନୂଆ ନୁହେଁ: ଅପରାଜିତା

- ମୁଖ୍ୟମନ୍ତ୍ରୀ ହେଲେ ବଦଳାଇ ଦେବେ: ଅରୂପ
- ୫-ଟି ନାଁରେ ପ୍ରହସନ ଚାଲିଛି: ସୁର

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଆଇଏଏସ୍ ପ୍ରଶିକ୍ଷଣ ସମୟରେ ୫-ଟି ପାଠ ପଢ଼ାଯାଉଥିଲା। ରାଜ୍ୟ ସରକାର ଲାଗୁ କରିଥିବା ୫-ଟି ଏକ ଅଭିନବ ପଦକ୍ଷେପ ନୁହେଁ। ଏଥିରେ କୌଣସି ନୂତନତ୍ୱ ନାହିଁ, ଏହା ବହୁତ ପୁରୁଣା କଥା ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ଅପରାଜିତା କହିଛନ୍ତି ଯେ, ଏହା ସୁଶାସନର ପକ୍ଷ ନୁହେଁ। ଶାସକ ବିଜେଡି ୨୦ବର୍ଷ ଧରି ରାଜ୍ୟରେ ଶାସନ କରୁଥିବାବେଳେ ହଠାତ୍ ଏବେ କାହିଁକି ୫-ଟି ଅଣାଗଲା। ରାଜ୍ୟ ସରକାର ୫-ଟିର ଏକ ଅଲଗା ବିଭାଗ କରି ଜଣକୁ ଦାୟିତ୍ୱ ଦେଇ ବିଭାଗୀୟ ମନ୍ତ୍ରୀ ଏବଂ ସଚିବମାନଙ୍କୁ ଦୁର୍ବଳ କରୁଛନ୍ତି। ଗୃହ ଏବଂ ସ୍ୱାସ୍ଥ୍ୟ ବିଭାଗ ପରି ଅନେକ ବିଭାଗର ସଚିବ ଏବଂ ମନ୍ତ୍ରୀଙ୍କ ପାରିବା ପଣିଆ ଓ ଯୋଗ୍ୟତା ଉପରେ ରାଜ୍ୟ ସରକାର ବର୍ତ୍ତମାନ ପ୍ରଶ୍ନ ଉଠାଉଛନ୍ତି। ୫-ଟି ପାଇଁ ଅଲଗା ବିଭାଗ କରିବା ପରିବର୍ତ୍ତେ ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା ସଚିବ ଏବଂ ମନ୍ତ୍ରୀମାନଙ୍କୁ ସଶକ୍ତ ଏବଂ ସକ୍ଷମ କରାଯାଉ। ଏହାଦ୍ୱାରା କାର୍ଯ୍ୟ ହେଉ କିନ୍ତୁ ଏହାକୁ ଏକ ଅଲଗା ବିଭାଗ କରି ଜଣକୁ ସମସ୍ତ କ୍ଷମତା ଦେବା ଠିକ୍ ନୁହେଁ। ପ୍ରଚଳିତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଗଲେ ଜନସାଧାରଣ ଉପକୃତ ହେବେ ବୋଲି ଅପରାଜିତା କହିଛନ୍ତି।

ଅପରାଜିତାଙ୍କ ଏଭଳି ମନ୍ତବ୍ୟକୁ ସମାଲୋଚନା କରି ବିଜେଡି ନେତା ଅରୂପ ପଟ୍ଟନାୟକ କହିଛନ୍ତି, ଆଇଏଏସ୍/ଆଇପିଏସ୍ ଟ୍ରେନିଂ ସମୟରେ ଯାହା ହୁଏ ଜାଣିଛି। ଆଇପିଏସ୍ ଟ୍ରେନିଂରେ ପରେଡ ଶିଖାଯାଏ। ଲୋକଙ୍କୁ କିପରି ହ୍ୟାଣ୍ଡେଲ କରାଯିବ ସେକଥା ଟ୍ରେନିଂ ଯାଏନାହିଁ। ସେହି ଟ୍ରେନିଂଗୁଡିକରେ ଲୋକଙ୍କ ସହିତ କେମିତି ମିଶିବ, ବସିବ ଏଗୁଡିକ ଶିଖାଯାଏ ନାହିଁ। ସେହି ଭଦ୍ର ମହିଳା ଟ୍ରେନିଂରେ ୫-ଟି ଶିଖିଥିବେ। ଯେତେବେଳେ ସିଏ ମୁଖ୍ୟମନ୍ତ୍ରୀ ହେବେ ସେତେବେଳେ ୫-ଟି ଉଠାଇଦେବେ ବୋଲି ଅରୂପ କହିଛନ୍ତି। ବିଜେଡି ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି, ୫-ଟି ଏକ ବିଭାଗ ନୁହେଁ ବରଂ ଏହା ଏକ ଚାଟର। ୫-ଟିର ଚିନ୍ତା, ଚେତନା, ଭିନ୍ନ ଅଟେ। ସରକାରୀ କର୍ମଚାରୀଙ୍କୁ ସୁପରିଚାଳିତ କରିବା ଉଦ୍ଦେଶ୍ୟ ହୋଇଥିବା ବେଳେ ଜଣେ ପୂର୍ବତନ ପ୍ରଶାସିକାଙ୍କ ପାଖରୁ ଏପରି ମନ୍ତବ୍ୟ ଆଶା କରାଯାଇ ନ ପାରେ। କଂଗ୍ରେସ ବିଧାୟକ ସୁର ରାଉତରାୟ କହିଛନ୍ତି, ସରକାରଙ୍କ ୫-ଟି ନା ଟା। ଏଇଠି କ୍ୟାପିଟାଲ ହସ୍ପିଟାଲରେ ରୋଗୀ ପଡିଛନ୍ତି, ସାଲାଇନ ଚାଲିଛି। ଏଠି ହସ୍ପିଟାଲରେ ବେଡ୍ ନାହିଁ ରୋଗୀ ତଳେ ଗଡୁଛନ୍ତି, ଏମାନେ ବାହାରେ ବୁଲୁଛନ୍ତି। ଆଗ ରାଜଧାନୀ ଅବସ୍ଥା ଦେଖ। ୫-ଟି ଏକ ପ୍ରହସନ। ଏଠାରେ ଲୋକଙ୍କୁ ସେବା ନ ଦେଇ ବାହାରେ ବାହାବା ନେବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ସୁର କହିଛନ୍ତି।

### ଶ୍ରୀମନ୍ଦିର ଭିତର ଭିଡିଓ ଭାଇରାଲ ଘଟଣା

## ଟିକ୍‌ଟକ୍ କରିଥିବା ନାବାଳିକା ଧରାପଡ଼ିଲେ

**କ୍ଷମା ପ୍ରାର୍ଥନା ପରେ ଛାଡ଼ିଲା ପୋଲିସ**

ପୁରୀ ଅଫିସ/ନିମାପଡ଼ା,(ଡି.ଏନ.ଏ.)୩୧।୧୦

ବାରମ୍ବାର ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେବା ପରେ ଏବେ ଆକ୍ସନ ମୁଡ୍‌ରେ ପୋଲିସ। ଗତ ସୋମବାର ଶ୍ରୀମନ୍ଦିର ଭିତର ବେଢ଼ାର ଭିଡ଼ିଓ ଭାଇରାଲ ହୋଇଥିଲା। ଜଣେ ନାବାଳିକା ମନ୍ଦିର ଭିତରେ ଟିକ୍‌ଟକ୍ ଭିଡିଓ କରି ଏହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହି ଘଟଣାରେ ସିଂହଦ୍ୱାର ଥାନା ପୋଲିସ ଟିକ୍‌ଟକ୍ ଭିଡିଓ କରିଥିବା ସମ୍ପୃକ୍ତା ନାବାଳିକାଙ୍କୁ ବୁଧବାର ବିଳମ୍ବିତ ରାତିରେ ନିମାପଡ଼ା ଅଞ୍ଚଳରୁ ଧରି ପୁରୀ ଆଣିଥିଲା। ଗୁରୁବାର ତାଙ୍କୁ ପଚରାଉଚରା କରାଯାଇଥିଲା। ସମ୍ପୃକ୍ତ ନାବାଳିକା ତାଙ୍କ ଦୋଷ ସ୍ୱୀକାର କରିବା ସହ ଆଉ କେବେ ଏଭଳି କାମ କରିବେ ନାହିଁ ବୋଲି କହି କ୍ଷମା ପ୍ରାର୍ଥନା କରିଛନ୍ତି। ପୋଲିସ ସିଆର୍‌ପିସି ଧାରା ୪୧(କ) ଅନୁସାରେ ତାଙ୍କୁ ନୋଟିସ୍ ଦେଇ ଛାଡ଼ିଦେଇଥିବା ଜଣାପଡ଼ିଛି। ସମ୍ପୃକ୍ତା ନାବାଳିକାଙ୍କ ଟିକ୍‌ଟକ୍ ଆକାଉଣ୍ଟରୁ ପୋଲିସ ତାଙ୍କ ସମ୍ପର୍କରେ ସୂଚନା ପାଇଥିଲା। ବୁଧବାର ରାତିରେ ସିଂହଦ୍ୱାର ପୋଲିସର ଏକ ଟିମ୍ ନାବାଳିକାଙ୍କ ଗାଁ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳକୁ ଯାଇଥିଲା। କିନ୍ତୁ ସେ ଘରେ ନ ଥିଲେ। ଝିଅ ଏକ ସାଂସ୍କୃତିକ ଅନୁଷ୍ଠାନ ସହିତ ନିମାପଡ଼ା ଯାଇଥିବା ତାଙ୍କ ମା' ବାପା କହିଥିଲେ। ପୋଲିସ ତାଙ୍କ ମା' ବାପାଙ୍କୁ ଗାଡ଼ିରେ ବସାଇ ନିମାପଡ଼ା ଯାଇଥିଲା। ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ପାଟପୁର ଛକରେ କାଳୀପୂଜା ଅବସରରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ସରିବା ପରେ ନିମାପଡ଼ା ପୋଲିସ ସହାୟତାରେ ସିଂହଦ୍ୱାର ପୋଲିସ ନାବାଳିକାଙ୍କୁ ଧରି ପୁରୀ ଆଣିଥିଲା। ତାଙ୍କ ମା' ବାପାଙ୍କ ଉପସ୍ଥିତିରେ ପଚରାଉଚରା କରାଯାଇଥିଲା। ନାବାଳିକା ତାଙ୍କ ବଡବୋଉଙ୍କ ସହ ମନ୍ଦିରକୁ ଆସିଥିବା ବେଳେ ଟିକ୍‌ଟକ୍ ଭିଡିଓ କରିଥିଲେ। ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ କଟକଣା ବିଷୟରେ ଜାଣି ନ ଥିବା ଏବଂ କୌଣସି ଉଦ୍ଦେଶ୍ୟ ରଖି ସେ ଏପରି କରି ନ ଥିବା ପୋଲିସକୁ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ରଙ୍କ ସହ ଶନି ଓ କେତୁଙ୍କ ସଂଯୋଗ ପ୍ରଭାବରେ ଭାଇ, ବନ୍ଧୁ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତର ଅନିବାର୍ଯ୍ୟ ହୋଇପାରେ। ଯେତେ ଚେଷ୍ଟା କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିବେ। ମନରେ ଅସ୍ଥିରତା ଲାଗି ରହିବା କାରଣରୁ ଅନ୍ୟମାନଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ।

**ବୃଷ**
ଆପଣଙ୍କ ରାଶିକୁ ଶୁଭଗ୍ରହମାନେ ଦେଖୁଥିବାରୁ ଆଜି ବୈଷୟିକ ସୁଖ, ସମ୍ପଦ ପ୍ରଦାନ କରିବାରେ ସହାୟକ ହେବେ। କିନ୍ତୁ ଶନି ସଂସ୍ପର୍ଶରେ ଚନ୍ଦ୍ର ଉଦାସୀନତା ସୃଷ୍ଟିକରି ଭୋଗ ବିଳାସ ପ୍ରତି ବୈରାଗ୍ୟ ଭାବ ଉଦ୍ରେକ କରିପାରନ୍ତି। ଆପଣ ଘର ସକାଶେ, ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ।

**ମିଥୁନ**
ସପ୍ତମ କେନ୍ଦ୍ରସ୍ଥ ଏକାଧିକ ଗ୍ରହ ହେତୁ ବିବାଦରେ ପଶିଲେ ଅପଦସ୍ଥ ହେବାକୁ ପଡିବ ଏବଂ ପ୍ରତିଦ୍ୱନ୍ଦ୍ୱିତାରେ ପରାଜୟ ସ୍ୱୀକାର କରିବାକୁ ପଡିପାରେ। ପାଖପଡୋଶୀଙ୍କ ଦ୍ୱାରା ଘରୋଇ ବ୍ୟାପାରରେ ହସ୍ତକ୍ଷେପ ମାଧ୍ୟମରେ ଅଶାନ୍ତ ବାତାବରଣ ସୃଷ୍ଟି ହେବ। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବେ।

**କର୍କଟ**
କର୍ମସ୍ଥାନକୁ ଧନାଧିପଙ୍କ ଦୃଷ୍ଟିଜନିତ ଅର୍ଥଲାଭ ସହ ଏକ ନୂତନ ପରିବେଶରେ ସହାନୁଭୂତିର ସହ ସହାବସ୍ଥାନରୁ ନିଜକୁ ଭାଗ୍ୟବାନ୍ ମନେ କରିପାରନ୍ତି। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପୂର୍ବାହ୍ନରେ ଲାଭକରି ସାମୟିକ ଖୁସି ରହିବେ। ଶିଳ୍ପ, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ଆଶାନୁରୂପ ପାଇପାରିବେ।

**ସିଂହ**
ରବିଙ୍କ ଦୁର୍ବଳତା ସାଇନୋଇସାଇଟିସ୍ ଭଳି ରୋଗ ଜନିତ ମୁଣ୍ଡବ୍ୟଥା କିମ୍ବା କ୍ରନିକ୍ ରୋଗ ପୀଡାକୁ ନିମନ୍ତ୍ରଣ କରିପାରେ। ତଥାପି କର୍ତ୍ତବ୍ୟର ଦ୍ୱାହି ଦେଇ ଅନ୍ୟ ପାଇଁ ନିଜେ କଷ୍ଟ ସ୍ୱୀକାର କରିପାରନ୍ତି। କର୍ମକ୍ଷେତ୍ରରେ ଅପରାହ୍ନ ସମୟରେ କାରଣ ନ ଥାଇ ମଧ୍ୟ ଦୋଷୀସାବସ୍ତ ହେବାର ଆଶଙ୍କା ରହିଛି।

**କନ୍ୟା**
ଶନିଙ୍କ ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣଦୃଷ୍ଟି ସନ୍ତାନ ହେତୁକ ସମସ୍ୟାରେ ବ୍ୟସ୍ତତା ସୃଷ୍ଟି କରିବ। କିଛି ମତ ମନ୍ତବ୍ୟ ଦେବା ପୂର୍ବରୁ ଭାବିଚିନ୍ତି କହିବା ଭଲ ହେବ ଅନ୍ୟଥା ଅଶାନ୍ତି ସୃଷ୍ଟି ହୋଇପାରେ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାରେ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ତୁଳା**
ଅଭାବ ଅସୁବିଧା ଲାଗି ରହିଥିବା ଯୋଗୁ ଇଚ୍ଛା ଥିଲେ ମଧ୍ୟ କେତେକ ଅଭିଳଷିତ କାମ ଅଧୁରା ରହିଯିବ। ସ୍ୱାମୀ କିମ୍ବା ପତ୍ନୀଙ୍କ କ୍ଷୋଭ, ସନ୍ତାନଙ୍କ ବେଖାତିର କାମ ସାଙ୍ଗକୁ ଭାବପ୍ରବଣତାର ବଶବର୍ତ୍ତୀ ହୋଇ ମାନସିକ ସ୍ଥିରତା ହରାଇବେ। ଆପଣ କାହାର ମିଠା କଥାରେ ଭାସିଯାଆନ୍ତୁ ନାହିଁ, ଯାହାକି ସମସ୍ୟାର ହେତୁସ୍ୱରୂପ ହୋଇପାରେ।

**ବିଛା**
କେବଳ କଳ୍ପନା ମାଧ୍ୟମରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ, ଯେହେତୁ ବାସ୍ତବତା ବହୁ ଦୂରରେ ରହିଯିବ। କର୍ମକ୍ଷେତ୍ରରେ ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କୁ ସାହାଯ୍ୟ ମାଗିବେ। ଗୃହସୀମାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**
ପାପଗ୍ରହମାନେ ରାଶିକୁ ପ୍ରଭାବିତ କରୁଥିବାରୁ ନିଜର ସୁଖ, ସୁବିଧାକୁ ଅଗ୍ରାଧିକାର ଦେଇ ଅନ୍ତରଙ୍ଗମାନଙ୍କ ଆନ୍ତରିକତାକୁ ହରାଇ ପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରିବାରରେ କାହାକୁ ସନ୍ଦେହ କରି ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହେବାର ସମ୍ଭାବନା ରହିଛି।

**ମକର**
ଗ୍ରହମାନଙ୍କ ପ୍ରତିକୂଳ ସ୍ଥିତିଜନିତ ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟରେ କାର୍ଯ୍ୟ ସମ୍ପନ୍ନ ହେବା କାରଣରୁ କ୍ଷୋଭ ପ୍ରକାଶ କରିପାରନ୍ତି। ଆଲୋଚନା ପରିସରରେ ଆପଣ ଯୁକ୍ତିଯୁକ୍ତ କଥା କହି, ଅର୍ଥ ଓ ସମ୍ମାନ ଲାଭ କରିବାରେ ସଫଳ ହେବେ। ଉଚ୍ଚ ବର୍ଗର ବ୍ୟକ୍ତିବିଶେଷଙ୍କ ଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ।

**କୁମ୍ଭ**
ରାହୁଙ୍କ ପ୍ରଭାବରେ ଆପଣ ଭୁଲ୍ ନିଷ୍ପତ୍ତି ନେଇ ହରଡ଼ଘଣାରେ ପଡିପାରନ୍ତି। ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ କେତୁଙ୍କ କୁପ୍ରଭାବରୁ ମାନସିକ ସ୍ଥିତି ଭଲ ରହିବନାହିଁ। ପିଲାମାନଙ୍କର କିଛି ସମସ୍ୟାକୁ ନେଇ ପରିବାରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ତଥାପି ଜମିଜମା, ପରିବହନରେ ସମସ୍ୟା କମିଯାଇପାରେ।

**ମୀନ**
କର୍ମକ୍ଷେତ୍ରରେ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିପାରେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବ ଓ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବ। ଦେବଦର୍ଶନର ସୁଯୋଗ ପାଇବେ। ଅଭାବ ନ ଥିଲେ ମଧ୍ୟ ଶାନ୍ତି ପାଇବା କଷ୍ଟକର ହୋଇପାରେ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ନାଗ ପଞ୍ଚମୀ ଶୁକ୍ରବାର, ନଭେମ୍ବର ୧ ତାରିଖ, ବିଶ୍ୱ ଶୁଦ୍ଧ ଶାକାହାରୀ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୩୬ମି. ମଧ୍ୟେ, ଘ୭।୨୧ମି. ଗତେ ଘ୯।୩୭ମି. ମଧ୍ୟେ, ଘ୧୧।୫୨ମି. ଗତେ ଘ୨।୫୩ମି. ମଧ୍ୟେ ଅମୃତବେଳା। ଦିବା ଘ୮।୪୮ମି. ମଧ୍ୟେ ଘ୧୧।୫୫ମି. ଗତେ, ଘ୧୧।୨୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୫ମି. ଗତେ ଘ୧୧।୩୦ମି. ମଧ୍ୟେ ରାହୁକାଳ।


## classifieds Everyday

0674-2580101, 2549302




**SALE**

Honda- (Suv)- BRV- Id Tech 1.5 Diesel 2017- Aug-Owner Driven- 6900km only. 9437025786. D-68151

2012 December, Renault Duster, 3.5Lacs for Immediate sale. Contact- 9937050101. D-68305




**SALE**

2BHK flat near Garage Chhaka, Bhubaneswar, Bhubaneswari Temple nearby. Buyer: 8328890345. D-68304

ପାତ୍ରପଡ଼ା NH ନିକଟରେ Yellowzone ଘରବାରି plot 1600sqft 44,00,000/ ତୁରନ୍ତ ଘର କରନ୍ତୁ। 9861709689. D-66797

Plot and Duplex are available for sale in Patia, Contact: 7008492713. D-67099

Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826. D-68407

ପାରାଦ୍ୱୀପ ଏସସର ପେଟ୍ରୋଲ ଟାଙ୍କି (କଟକ-ପାରାଦ୍ୱୀପ ରାସ୍ତା) ପାଖରେ ୨୫ ଡେସିମିଲ ଘରବାଡି ଜମି ପାଚେରି ଏବଂ ଗେଟ୍ ସହ ୫୫ ଲକ୍ଷରେ ବିକ୍ରି ହେବ। ଯୋଗାଯୋଗ: ୯୯୩୮୨୧୯୪୩୪, ୯୧୧୪୩୯୫୭୦୬ ଧ-୧୪୯୭୬

4BHK duplex with gated community at Balianta (Land-1400 & construction-2200 @ 60,00,000/-, 2600 @ 70,00,000/-) Mplanets: 9938219397, 9861022055. D-14975

Gharabari plot for sale at Amanapada, near Anantapur, Phulnakhara. Contact: 9438826479, 9776581412. D-68022

କଟକ-ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

ଭୁବନେଶ୍ୱର ନିକଟ ବାଳକାଟିରୁ 2k.m ଦୂରରେ ଘରବାଡି ଜାଗା sqft. 500/-ରେ ମିଳୁଛି। School, college, hospital ପାଖ। Immediate registration 8280002060. D-66990

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68152

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




2BHK flat 2/34 in Banaja Apartment 4th floor to be letout rent 13,000/- per month excluding society charge & electricity. 9437008476 D-67247

Semi furnished single room attach bath kitchen balcony, Lewis Road, BBSR. Rent- 5,000/-. 9337524451. D-67246




Rejuvenate and ayurvedic full body massage by smart therapist. 9114402304. D-68145

Full body herbal massage with refreshment expert therapist. 7381239385, 06742540855. D-68146

Experience full body massage with us (expert). Call: 7377048581, 06742597822. D-68147

Refresh your mind and soul with best therapy at Orchid Salon/Spa. 9937287222. D-66991

Herbal full body massage by smart / expert therapist. Contact: 8338067247. D-68148

Summer special mesmerizing offer expert therapeutic refreshing massage appointment. 9668374480. D-68149

Monalisa Massage Club: All types body massage with hiprofile smart lady rooms service available- 9708545108. D-14965

Ayurvedic full body massage ladies & gents smart therapist. 9040900385. D-66992

**AFFIDAVIT**

Affidavit before the Notary Public, Baramba, Cuttack. I, Sansari Sahu, Service No. JC421629M Rank subedar, aged 46 years, S/o- Golak Sahu, At- Haritha, P.O- Kankadajodi, P.S- Baramba, Dist- Cuttack do hereby solemnly affirm and state that in my service record my daughter's name spelling is wrongly written as Agneehotree Sahu, but in her school certificate her name spelling is written as Agnihotri Sahoo. That Agneehotree Sahu and Agnihotri Sahoo is the same and one person. Now I willing to change my daughter's name as Agnihotri Sahoo in place of Agneehotree Sahu.

Deponent
Sansari Sahu
D-15011

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




## ଆଜି କ'ଣ କେଉଁଠି

**ନୂଆପଡ଼ା**

■ଜିଲାସ୍ତରୀୟ ଧାନ କିଣା ବୈଠକ, ଜିଲାପାଳଙ୍କ ସଦଭାବନା ସଭାଗୃହ, ଅପରାହ୍ନ ୩ଟା ।

**ଦେବଗଡ଼**

■ମନୋରଞ୍ଜନ ସାଂସ୍କୃତିକ କାର୍ଯ୍ୟକ୍ରମ, ଅପେରା, କାଳୀପୂଜା ମଣ୍ଡପ,ବାରକୋଟ, ରାତି-୯ଟା।

■ଅନ୍ନ ପ୍ରସାଦ ବଣ୍ଟନ, କାରଗିଲ ଛକ, ଦେବଗଡ଼, ଦିନ-୧ଟା।

**କର୍ଲାମୁଣ୍ଡା**

■ଜନସଚେତନତା ଅଭିଯାନ, ଆତ୍ମା କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ।

**ସୁବର୍ଣ୍ଣପୁର**

■ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**

■ଜିଲା କୃଷକ ସଂଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳ ଅଫିସ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ସାଢ଼େ ୧୦ଟା ।

■ବିଭିନ୍ନ ସମସ୍ୟା ନେଇ ଭାଜପାର ବିକ୍ଷୋଭ, ଜିଲାପାଳ ଅଫିସ ସମ୍ମୁଖ, ପୂର୍ବାହ୍ନ ସାଢ଼େ ୧୧ଟା ।

■କ୍ରିଷ୍ଟା କ୍ଲବ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ, ନିର୍ଗୁନପଡା ଖେଳପଡିଆ, ଅପରାହ୍ନ ୨ଟା ।

ଗୁଣିଆକୁ ପରୀକ୍ଷା କଲେ ଲୋକେ, ଫେଲ୍ ହେଲା ଗୁଣିଆ




## ପ୍ରସନ୍ନ ରାଜ୍ୟ ସଭା ପିଟିଶନ କମିଟି ଅଧ୍ୟକ୍ଷ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ): ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଉଚ୍ଚସଦନ ପିଟିଶନ କମିଟି ଅଧ୍ୟକ୍ଷ କରାଯାଇଛି। ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଭେଙ୍କାୟା ନାଇଡୁଙ୍କ ପକ୍ଷରୁ ଏହି ନିଯୁକ୍ତି ଦିଆଯାଇଛି। ସେହିପରି ଅମର ପଟ୍ଟନାୟକଙ୍କୁ ରାଜ୍ୟ ସଭା ସବ୍‌ଅର୍ଡିନେଟ୍ ଲେଜିସ୍‌ଲେଶନ୍ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ଅନୁରୂପଭାବେ ବିଜେଡି ଗଣମାଧମ ସଂଯୋଜକ ସସ୍ମିତ ପାତ୍ରଙ୍କୁ ମଧ ରାଜ୍ୟ ସଭା ପ୍ରିଭିଲେଜ୍ (ସ୍ୱାଧିକାର) କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି।

भारतीय प्रतिभूति और विनिमय बोर्ड
Securities and Exchange Board of India
&
NSE NSDL Technology, Trust & Reach
କେପିଟାଲ ମାର୍କେଟରେ ନିବେଶ ପାଇଁ
ଆଞ୍ଚଳିକ ବିନିଯୋଗ ସେମିନାର ରେ
ଆପଣଙ୍କୁ ଆମନ୍ତ୍ରଣ ଜଣାଉଛୁ
ଦିନ ଏବଂ ତାରିଖ : ଶନିବାର, ନଭେମ୍ବର 2, 2019
ସମୟ : ସକାଳ 11:00
ସ୍ଥାନ : କନ୍‌ଫ୍ରେନ୍ସ ହଲ୍, ହୋଟେଲ ଭଗବତି, ଓଲ୍ଡ ପେଲେସ, ଜଲରାମ ମନ୍ଦିର ପାଖରେ, ବଲାଙ୍ଗିର୍-767001, ଓଡ଼ିଶା।
(ବି.ଦ୍ର. ଏହି ସମାବେଶରେ ସେବି, ଏନଏସଇ ଏବଂ ଏନଏସଡିଏଲ ର ବରିଷ୍ଠ କର୍ମକର୍ତ୍ତାମାନେ ନିଜର ବକ୍ତବ୍ୟ ରଖିବେ।)
ମାଗଣା ପଞ୍ଜିକରଣ । ସିମୀତ ଆସନ ସଂଖ୍ୟା ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ ।
ଆପଣଙ୍କ ଅଂଶଗ୍ରହଣ ଅଗ୍ରୀମ ନିଶ୍ଚିତ କରିବା ପାଇଁ 9892609379/8286671470 ରେ କଲ କରନ୍ତୁ ।

## ଡିସେମ୍ବର ୧ରୁ ବିମାନବନ୍ଦର ରନ୍‌ୱେ ରିକାର୍ପେଟିଂ

**ରାତିରେ ବନ୍ଦ ରହିବ ବିମାନ ଚଳାଚଳ**

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଡିସେମ୍ବର ୧ରୁ ଆରମ୍ଭ ହେବ ଭୁବନେଶ୍ୱର ବିମାନ ବନ୍ଦର ରିକାର୍ପେଟିଂ କାମ। ପୂର୍ବରୁ ଏହା ୧ ନଭେମ୍ବରରୁ କରାଯିବା ପାଇଁ ସ୍ଥିର କରାଯାଇଥିଲା। ମରାମତି କାର୍ଯ୍ୟ ଚାଲୁଥିବା ସମୟରେ ଅର୍ଥାତ୍ ରାତି ୧୦ଟାରୁ ଭୋର ୫ଟା ୩୦ ମଧ୍ୟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅର୍ନ୍ତଜାତୀୟ ବିମାନ ବନ୍ଦରରେ ବିମାନ ଚଳାଚଳ ବନ୍ଦ ରହିବ। ପୂର୍ବରୁ ବିମାନ ବନ୍ଦର କର୍ତ୍ତୃପକ୍ଷ ଏନେଇ ସୂଚନା ଦେଇ ସାରିଛନ୍ତି। ଆସନ୍ତା ୧ ଏପ୍ରିଲଠାରୁ ୩୦ ଜୁନ୍ ପର୍ଯ୍ୟନ୍ତ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିମାନ ଚଳାଚଳ ବନ୍ଦ ରହିବ। ଏହାକୁ ଲକ୍ଷ୍ୟ ରଖି ଗତ ୨୭ରେ ପ୍ରକାଶ ପାଇଥିବା ଶୀତକାଳୀନ ସମୟସୂଚୀରେ ବିମାନ ଚଳାଚଳର ସମୟ ନିର୍ଦ୍ଧାରିତ କରାଯାଇଛି।




CLASSIFIED DISPLAY










## ଜିଲା ଟିଠି
### କୋରାପୁଟ



## ପରବ ପାଇଁ ଜାଗା

୧୯୯୬ରେ କୋରାପୁଟ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଆରମ୍ଭ ହୋଇଥିଲା 'ପରବ'। ବର୍ତ୍ତମାନ ଏହି ଉତ୍ସବ ୨୪ ବର୍ଷରେ ପହଞ୍ଚିଛି। ଇତିମଧ୍ୟରେ ପରବର କଳେବର ବୃଦ୍ଧି ହୋଇଛି। ରୂପରେଖ ମଧ୍ୟ ଅଧିକ ମାର୍ଜିତ ଓ ଚିତ୍ତାକର୍ଷକ ହୋଇଛି। ଏଥିସହିତ ପରବ ରାଜ୍ୟସ୍ତରୀୟ ଲୋକ ମହୋତ୍ସବର ମାନ୍ୟତା ପାଇ ସାରିଛି। କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ଆରମ୍ଭ ହୋଇଥିବା ପରବ ସମୟକ୍ରମେ ପଡ଼ୋଶୀ ଜିଲା ତଥା ରାଜ୍ୟର ଅଧିକାଂଶ ଜିଲା ପାଇଁ ଅଗ୍ରଦୂତ ସାଜିଛି। ଫଳରେ ପଡ଼ୋଶୀ ମାଲକାନଗିରି ଜିଲାରେ ମାଲ୍ୟବନ୍ତ, ରାୟଗଡ଼ାରେ ଚଇତି, ନବରଙ୍ଗପୁରରେ ମଣ୍ଡେଇ ଆରମ୍ଭ ହୋଇଛି। ପରବରେ ରାଜସ୍ଥାନ, ଆସାମ, ଗୁଜରାଟ, ମହାରାଷ୍ଟ୍ର, ଆନ୍ଧ୍ର, ଜମ୍ମୁ-କଶ୍ମୀର, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ତାମିଲନାଡୁ ଏପରିକି ପଡ଼ୋଶୀ ଶ୍ରୀଲଙ୍କା ଦେଶର କଳାକାରଙ୍କ ଚିତ୍ତାକର୍ଷକ ନୃତ୍ୟ ଦେଖିବାର ସୁଯୋଗ ପାଇଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ସେହିପରି ପରବ ମାଧ୍ୟମରେ ଜିଲାର ବୈପାରିଗୁଡ଼ା ବ୍ଲକର ସିରିବେଡ଼ା କଳାକାରଙ୍କ ଦୁରୁଆ ନାଚ ଜାତୀୟସ୍ତରରେ ପହଞ୍ଚିଛି। ଲକ୍ଷ୍ମୀପୁର ବ୍ଲକ ଖଜୁରିପୁଟ ଗ୍ରାମ କଳାକାରଙ୍କ ଢେମସା ନୃତ୍ୟ ନିମନ୍ତେ ରାଜ୍ୟ ସରକାର ସେହି ଗାଁକୁ 'ଲୋକକଳା ଗ୍ରାମ' ଭାବେ ଘୋଷଣା କରିଛନ୍ତି। ଏହାପରେ ବି ଏହି ରାଜ୍ୟସ୍ତରୀୟ ଉତ୍ସବ ପାଳନ ପାଇଁ ବର୍ତ୍ତମାନ ସୁଦ୍ଧା କୋରାପୁଟରେ ଏକ ସ୍ଥାୟୀ ପଡ଼ିଆ ନାହିଁ। ଯାହାଦ୍ୱାରା ପରବ କେତେବେଳେ ରେଲୱେ ପଡ଼ିଆ, ପୋଲିସ ପଡ଼ିଆ, ଷ୍ଟାଡିୟମ ତ ଆଉ କେତେବେଳେ ସରକାରୀ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ହେଉଛି। ପ୍ରତିବର୍ଷ ପ୍ରସ୍ତୁତି ବୈଠକରେ କେବଳ ପରବ କେଉଁ ସ୍ଥାନରେ ହେବ ସେନେଇ ଆଲୋଚନା ସରଗରମ ହେଉଛି। ପରବର୍ତ୍ତୀ ସମୟରେ ଏଥିରେ ଶିଥିଳତା ପ୍ରକାଶ ପାଉଛି। ୨୦୧୭ରେ ପରବର ମୁଖ୍ୟ ମହୋତ୍ସବ ପାଳନ ପାଇଁ ସ୍ଥାନୀୟ କୁମ୍ଭା ୧ ମୌଜାର ପ୍ରାୟ ୨୫ ଏକର ଜାଗାରେ ତରବରିଆ ଭାବେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ସଚିବଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରାୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। କିନ୍ତୁ ପରମୁହୂର୍ତ୍ତରେ କୋରାପୁଟ ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ସ୍ଥାନକୁ ସଂରକ୍ଷିତ ଜଙ୍ଗଲ ଦର୍ଶାଯାଇଥିଲା। ପରେ ସେଠାରେ ନିର୍ମାଣ ହେବାକୁ ଥିବା ପରବ ପଡ଼ିଆ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ଚଳିତ ବର୍ଷ ମଧ୍ୟ ସେହି ପଡ଼ିଆରେ ପରବ ହେବ ବୋଲି ଚିନ୍ତା କରାଯାଇଛି। ଏଥିପାଇଁ ଜିଲାପାଳଙ୍କ ସହିତ ଜିଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉକ୍ତ ସ୍ଥାନ ପରିଦର୍ଶନ କରି ସେଠାରେ ନିର୍ମାଣ କାର୍ଯ୍ୟ କିପରି ପୁନର୍ବାର ଆରମ୍ଭ ହେବ ସେ ନେଇ ଉଦ୍ୟମ ଆରମ୍ଭ କରିଛନ୍ତି। ତଥାପି ବନ ବିଭାଗ ସବୁଜ ସଙ୍କେତ ଦେଇ ନ ଥିବାରୁ ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପରବ ପଡ଼ିଆକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

– ଅମିତାଭ ବେହେରା

## କାର୍ଯ୍ୟରୁ ଅନ୍ତର ହେଲେ ୩ ଅତିରିକ୍ତ ସରକାରୀ ଓକିଲ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ରାଜ୍ୟ ସରକାର ୩ ଜଣ ଅତିରିକ୍ତ ସରକାରୀ ଓକିଲ(ଏପିପି)ଙ୍କୁ କାର୍ଯ୍ୟରୁ ଅନ୍ତର କରିଛନ୍ତି। ସେମାନେ ହେଲେ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ନାୟକ, ସୁଧାଂଶୁ ମିଶ୍ର ଏବଂ ବଂଶୀଧର ଦାସ । ଗୁରୁବାର ଏ ନେଇ ଆଇନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତେବେ କେଉଁ କାରଣରୁ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି ତାହା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇ ନାହିଁ।



ଯେତେବେଳେ ଆମକୁ କିଛି ଦେଖାଯାଏନା– ସେତେବେଳେ ଆମେ ଜାଣିବା ଉଚିତ ଯେ, ଈଶ୍ୱର ଆମ ପାଖରୁ ତାଙ୍କର ଆଲୋକ ପ୍ରତ୍ୟାହୃତ କରି ନେଇଛନ୍ତି ଏବଂ ଆମ ଉପରେ ଭୁଲଭ୍ରାନ୍ତି ଲଦି ଦେଇଛନ୍ତି। କାରଣ –ଆମେ ଯଥାର୍ଥ ଜ୍ଞାନ ଆଡକୁ ପାଦେ ଆଗେଇ ଚାଲିବୁ। ସେହିପରି ସେ ଆମ ଉପରେ ପରାଜୟ ଲଦି ଦେଇଛନ୍ତି– ତା ଫଳରେ ଆମେ ବିଜୟ ପଥରେ ଆଗେଇଯିବୁ। –ଶ୍ରୀଅରବିନ୍ଦ



# ଏକ ଚେତାବନୀ

ଆମେରିକାର ବିଶାଳ ରିଟେଲ ବ୍ରାଣ୍ଡ୍ ଫର୍‌ଏଭର ୨୧ ଯାହାକି ୨୦୦୦ରେ ନୂତନ ଶୈଳୀରେ ଶସ୍ତା ଜିନିଷ ବିକ୍ରି କରି ପ୍ରଚୁର ଲାଭ କରିଥିଲା। ଏବେ ଏହାର ବିକ୍ରୟ କେନ୍ଦ୍ରଗୁଡିକୁ ବନ୍ଦ କରି ଚାଲିଛି। ଏହା ସଂଗଠିତ ରିଟେଲ ବ୍ୟବସାୟ ପାଇଁ ଏକ ସତର୍କ ସୂଚନା। ଫର୍‌ଏଭର ୨୧ ପକ୍ଷରୁ କୁହାଯାଇଛି ଯେ ଏହା ୪୦ଟି ଦେଶରେ କାରବାର ବନ୍ଦ କରିବା ସହ ୩୫୦ଟି ଷ୍ଟୋର ମଧ୍ୟ ବନ୍ଦ କରିଦେବ । ଏହା ସହ ଆମେରିକାରେ ଥିବା ମୋଟ ୫୪୯ଟି ଆଉଟ୍‌ଲେଟ ମଧ୍ୟରୁ ୧୭୮ଟିକୁ ପୂରା ବନ୍ଦ କରିଦେବ। ଏହି ସଙ୍କଟ ଉପଭୋକ୍ତା ଜନିତ ବିଶେଷ କାରଣ ତୁଳନାରେ ପରିଚାଳନାଗତ ତ୍ରୁଟି ଯୋଗୁ ହୋଇଛି ବୋଲି କୁହାଯାଇପାରେ। ସୀମାତୀତ ବିସ୍ତାର ଓ ବିଶେଷଜ୍ଞାନ ବିନା ବିଭିନ୍ନ କ୍ୟାଟେଗୋରିରେ ପ୍ରବେଶ କରିବା ଯୋଗୁ ଏହି ବ୍ରାଣ୍ଡ୍ ସମସ୍ୟା ଭିତରକୁ ଠେଲି ହୋଇଯାଇଛି। ଏହା ଅନେକ ବିଦେଶ ରାଷ୍ଟ୍ରରେ ପ୍ରବେଶ କରି ବିପଦକୁ ଡାକି ଆଣିଛି। ୧୯୯୦ ଦଶକର ଶେଷ ଆଡକୁ ଭାରତରେ ଯେତେବେଳେ ସାଂଗଠନିକ ଖୁଚୁରା ବ୍ୟବସାୟ ଆରମ୍ଭ ହେଲା ସେତେବେଳେ ଲାଭ ପାଇଁ ଏହା ଆଶା ସୃଷ୍ଟି କରିଥିଲା। ଦେଶର ଟାଟା, ବିର୍ଲା, ଅମ୍ବାନୀ ଏବଂ ଭାରତୀ ଗ୍ରୁପ ସମେତ ଅନ୍ୟ ଆଗଧାଡିର ବିଜ୍‌ନେସ ହାଉସ୍ ଏହା ମଧ୍ୟକୁ ପ୍ରବେଶ କରିଥିଲେ। କିଶୋର ବିୟାନି ଯେ କି ପ୍ରଥମ ପିଢିର ବିଜ୍‌ନେସମ୍ୟାନ ଏହି ବ୍ୟବସାୟରେ ଅଗ୍ରଣୀ ଥିଲେ। ସେ ସେତେବେଳେ ଫ୍ୟୁଚର ଗ୍ରୁପ ପ୍ରତିଷ୍ଠା କରିଥିଲେ ଯାହା ସର୍ବବୃହତ୍ ହୋଇପାରିଥିଲା। ତେବେ ଏହା କୁହାଯାଇପାରିବନି ଯେ ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି ସେକ୍ଟରରେ ପ୍ରବେଶ କଲେ ସେମାନେ ଭାଗ୍ୟବାନ ହୋଇପାରିଥିଲେ। ସୁବିକ୍ଷା ଭଳି ଏମିତି ଅନେକ ରିଟେଲ ଚେନ୍ ଯେଉଁମାନେ ନେବରହୁଡ ଷ୍ଟୋର୍ ପ୍ରତିଷ୍ଠା କରି ଅନ୍ୟମାନଙ୍କଠାରୁ ଭିନ୍ନ ହେବାର ପ୍ରୟାସ କରିଥିଲେ। ସେମାନେ ଲମ୍ବା ସମୟ ଧରି ଚାଲିବା ପୂର୍ବରୁ ତ୍ରୁଟିପୂର୍ଣ୍ଣ ବିଜ୍‌ନେସ ମଡେଲ କାରଣରୁ ରହିଗଲେ। ଏବେ ଭାରତରେ ଖୁଚୁରା ବ୍ୟବସାୟର ବଜାର ୪୦୦ ବିଲିୟନ ଆମେରିକୀୟ ଡଲାର ରହିଛି। ଏଥିରୁ ସଂଗଠିତ ଖୁଚୁରା ବ୍ୟବସାୟର ପରିମାଣ ପ୍ରାୟ ୮ପ୍ରତିଶତ।

ତଥାପି ଭାରତର ବିରାଟ ଖୁଚୁରା ବ୍ୟବସାୟ ଓ ତା'ର ପହଞ୍ଚ ଲୋଭରେ ପଡି ବିଶ୍ୱର ସବୁଠୁ ବଡ ଖୁଚୁରା ବ୍ୟବସାୟ ସଂସ୍ଥା ୱାଲ୍‌ମାର୍ଟ ଭାରତରେ ପ୍ରବେଶ କରି ଫ୍ଲିପ୍‌କାର୍ଟକୁ କିଣିଛି। ବହୁ ଆନ୍ତର୍ଜାତିକ ରିଟେଲର ଭାରତର ଖୁଚୁରା ବ୍ୟବସାୟରେ ସଫଳ ହେବେ ବୋଲି ଉତ୍ସୁକତାର ସହ ତାହାକୁ ନିରୀକ୍ଷଣ କରୁଛନ୍ତି। କିନ୍ତୁ ଭାରତରେ ଖୁଚୁରା ବ୍ୟବସାୟ ଏତେ ସହଜ ନୁହେଁ।

## ଆଜିର ଅର୍ଥନୀତି

ଏଠାରେ ଏହି ସେକ୍ଟରକୁ ବିଭିନ୍ନ ସମସ୍ୟା ଘେରି ରହିଛି। ଅର୍ଥନୀତିରେ ମାନ୍ଦାବସ୍ଥା ସଂରଚନାତ୍ମକ ସମସ୍ୟାକୁ ଅଧିକ ଖରାପ କରିଛି। ଭାରତରେ ଖୁଚୁରା ବ୍ୟବସାୟକୁ ନିୟନ୍ତ୍ରଣ କରୁଥିବା କିରାଣାଷ୍ଟୋରରେ ରହିଥିବା ସମସ୍ୟାରୁ ମୁକୁଳିବା ଏକ ଚ୍ୟାଲେଞ୍ଜ । ଏହି ଷ୍ଟୋରଗୁଡିକ ୧୫ରୁ ୧୮ ପ୍ରତିଶତ ଗ୍ରସ୍ ମାର୍ଜିନରେ ବ୍ୟବସାୟ କରୁଥିବା ବେଳେ ସଂଗଠିତ ଖୁଚୁରା କ୍ଷେତ୍ରର ଖର୍ଚ୍ଚ ଏହାଠାରୁ ବହୁ ଦୂରରେ ରହିଛି। ସଂଗଠିତ ଖୁଚୁରା କ୍ଷେତ୍ର ରିୟଲ ଇଷ୍ଟେଟ, ଇଲେକ୍ଟ୍ରିସିଟି, ଲେବର, ଏନର୍ଜି ଏବଂ ଟ୍ୟାକ୍ସ ଉପରେ ଅତ୍ୟଧିକ ଖର୍ଚ୍ଚ କରୁଛି। କିରାଣା ଷ୍ଟୋରଗୁଡିକ ଏଥିପାଇଁ ଆଦୌ ଚିନ୍ତିତ ନୁହନ୍ତି। ବିଶ୍ୱରେ ସବୁଆଡେ ସଂଗଠିତ ଖୁଚୁରା ବ୍ୟବସାୟ ଏବେ ବିପରୀତ ପରିସ୍ଥିତିର ସମ୍ମୁଖୀନ ହେଉଛି। ଭାରତରେ ରାଜସ୍ଥାନୀ, ଗୁଜରାଟୀ ଓ ମାରୱାଡୀଙ୍କ ଭଳି ପରମ୍ପରାଗତ ବ୍ୟବସାୟୀ ଗୋଷ୍ଠୀ ଯେଉଁମାନଙ୍କ ପାଇଁ କିରାଣା ବ୍ୟବସାୟ ପିଢିପିଢି ଧରି ରହିଥିବାରୁ ସଂଗଠିତ ଖୁଚୁରା ବ୍ୟବସାୟ ପାଇଁ ଏହି ଚ୍ୟାଲେଞ୍ଜ ଆହୁରି ଅଧିକ ରହିଛି। ଏମାନେ କିରାଣା ବ୍ୟବସାୟକୁ ବଂଶଗତ ବ୍ୟବସାୟ ଭାବି ଚଳାଇ ଆସୁଛନ୍ତି।

ଭାରତରେ ଇଣ୍ଟରନେଟ ପ୍ରବେଶ ବ୍ୟାପକ ହେବା ପରେ ଇ–କମର୍ସ ବିଜନେସ ବୃଦ୍ଧି ପାଇ ଚାଲିଛି। ଅଧିକରୁ ଅଧିକ ଲୋକ ଇଣ୍ଟରନେଟ ପ୍ରତି ଆଗ୍ରହୀ ହୋଇଯାଉଛନ୍ତି। ଆରମ୍ଭରୁ ଅନ୍‌ଲାଇନରେ ଜିନିଷ କିଣିବାର ଯେଉଁ ଭୟ ଥିଲା ତାହା ଦୂର ହୋଇଯାଇଛି। ଲୋକମାନେ ଆଉ ଅନ୍‌ଲାଇନ ଦେଣନେଣକୁ ଭୟ କରୁନାହାନ୍ତି। ଧୀରେ ଧୀରେ ଡିଜିଟାଲ ପେମେଣ୍ଟ ଯୋଗୁ ବି ଏହା ଆହୁରି ସୁବିଧା ହୋଇପାରିଛି। ଏହା କିଣାବିକା ବ୍ୟବସାୟକୁ ସହଜ କରିପାରିଛି। ଯେହେତୁ ଯାତ୍ରାରେ କଷ୍ଟ ଓ ସମୟ ଲାଗୁଛି ତେଣୁ କେହି ମାର୍କେଟ ଯାଇ ଜିନିଷ କିଣିବା ପାଇଁ ଚାହୁଁ ନାହାନ୍ତି। ଖାଉଟିଙ୍କ ପସନ୍ଦରେ ଶୀଘ୍ର ପରିବର୍ତ୍ତନ, ଯିବା ଲାଗି ସମୟର ଅଭାବ, ବିଲିଂ ପାଇଁ ଧାଡିରେ ଅଧିକ ସମୟ ଅପେକ୍ଷା କରିବା, ଅନ୍‌ଲାଇନ କ୍ଷେତ୍ରରେ ପ୍ରତିଯୋଗିତା, ପ୍ରଚୁର ରିହାତି ସଂଗଠିତ ଖୁଚୁରା ବ୍ୟବସାୟକୁ ଦୁର୍ବଳ କରିଚାଲିଛି। ବିଶ୍ୱର ଅନ୍ୟ ଦେଶ ଭଳି ଭାରତରେ ବହୁ ପୂର୍ବରୁ ରିଟେଲ ସେକ୍ଟରରେ ଅଧିକ ନିଯୁକ୍ତି ରହିଥିଲା। କିନ୍ତୁ ଏବେ ବଡ଼ ବଡ଼ ରିଟେଲ ସେକ୍ଟର ଛଟେଇ ଆରମ୍ଭ କରିଦେଇଛନ୍ତି। ଯଦି ଏହି ଧାରା ଲାଗିରହେ ଏଥିରେ କାମ କରୁଥିବା ଲୋକଟି ବହୁତ ପ୍ରଭାବିତ ହେବ। ଅଧିକାଂଶ ରିଟେଲର ସେମାନଙ୍କ ମୂଳସ୍ଥିତିକୁ ଫେରିବା ଲାଗି 'ଫ୍ରେସ୍ ଫର୍ମୁଲା ମଧ୍ୟ ପ୍ରୟୋଗ କରୁଛନ୍ତି। ରିଲାଏନ୍ସ ଓ ଫ୍ୟୁଚର ଗ୍ରୁପ ଭଳି ବଡ଼ ବଡ଼ ବ୍ୟବସାୟିକ ସଂସ୍ଥା ଆଗକୁ ଚାଲିବା ଲାଗି ନୂଆ ମଡେଲ ଆପଣାଉଛନ୍ତି। ଫର୍‌ଏଭର୨୧ ବନ୍ଦ ହେବା ସଂଗଠିତ ଖୁଚୁରା କ୍ଷେତ୍ର ପାଇଁ ଏକ ଚେତାବନୀ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | B | | 1 | 4 | 0 | 3 | | E | C | | | | |
| | 5 | | | 7 | 9 | E | | | | | 6 | B | | |
| | 6 | | 3 | 8 | | | | | 5 | | | | | |
| | | | | 2 | | | | 6 | | A | 3 | | 1 | |
| | 7 | C | 0 | | 5 | | | | 9 | | B | | | |
| 7 | | | | 4 | 2 | | | A | C | | | | | |
| | E | | | | B | | 8 | | | 1 | 2 | | 5 | A |
| C | | | D | 5 | | | | B | | | A | | | |
| | | 3 | | | 6 | | | | 0 | | | | | 8 |
| | | | | | 8 | | 4 | 3 | D | | 9 | | | 2 |
| | 3 | | | B | | A | | | | 0 | 8 | | | 1 |
| 0 | | 5 | | | | B | | | | | | | 9 | |
| | 1 | | | | | | | 9 | | 4 | | | | |
| 6 | | 4 | 5 | | | | 7 | 8 | | | | | 3 | E |
| 2 | | D | 6 | | 3 | C | | | | | E | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 0 | 7 | 3 | 4 | B | 6 | 5 | 8 | 2 | A | 1 | 9 | D | E |
| D | 6 | 2 | 8 | 1 | 0 | 3 | 7 | E | 9 | 4 | C | 5 | B | A |
| A | 1 | 9 | 2 | 7 | D | 4 | C | B | 8 | 5 | E | 3 | 0 | 6 |
| 5 | 4 | B | E | C | A | 0 | 1 | 9 | 3 | D | 6 | 8 | 2 | 7 |
| E | 8 | 3 | 9 | 6 | 5 | A | 2 | D | B | 0 | 7 | C | 1 | 4 |
| 9 | E | 6 | 7 | 2 | 8 | C | A | 4 | 0 | B | 5 | D | 3 | 1 |
| 1 | 7 | 4 | C | 5 | 6 | 9 | 8 | 0 | A | 3 | D | 2 | E | B |
| 0 | C | D | B | 9 | 3 | 2 | E | 1 | 7 | 6 | 8 | 4 | A | 5 |
| 2 | A | 5 | D | E | 4 | B | 6 | 3 | C | 1 | 9 | 0 | 7 | 8 |
| 3 | B | 8 | 0 | A | 1 | 5 | D | 7 | E | 2 | 4 | 6 | C | 9 |
| 4 | 5 | C | A | 3 | E | 7 | B | 6 | D | 8 | 2 | 1 | 9 | 0 |
| 8 | 3 | 1 | 4 | 0 | 7 | D | 9 | C | 6 | E | B | A | 5 | 2 |
| B | 9 | E | 6 | D | 2 | 1 | 4 | A | 5 | C | 0 | 7 | 8 | 3 |
| 6 | D | A | 5 | 8 | 9 | E | 0 | 2 | 1 | 7 | 3 | B | 4 | C |
| 7 | 2 | 0 | 1 | B | C | 8 | 3 | 5 | 4 | 9 | A | E | 6 | D |

ଗତକାଲିର ଉତ୍ତର

# ସୋସିଆଲ ମିଡିଆ : ଭଲ ଭିତରେ ଭେଲ



ଶୁଭସ୍ମିତା ନାୟକ

ବିଶ୍ୱବାସୀଙ୍କୁ ବନ୍ଧୁତ୍ୱ ସୂତ୍ରରେ ବାନ୍ଧି ରଖିଥିବା ସୋସିଆଲ ମିଡ଼ିଆରେ ଅନେକଙ୍କର ଦିନର ଅଧିକାଂଶ ସମୟ କଟିଯାଉଛି। ଏହାଦ୍ୱାରା ନିଜ ଅଜାଣତରେ ନିଜର କ୍ଷତି ହିଁ ହେଉଛି। ଲାପ୍‌ଟପ୍, ଟ୍ୟାବ୍, ମୋବାଇଲରେ ନୂଆ ନୂଆ ଆପ୍ଲିକେଶନ ଡାଉନ୍‌ଲୋଡ୍ କରି ଦିନରାତି ସେଥିରେ ବୁଡ଼ି ରହୁଛନ୍ତି ଅନେକେ। ବିଶେଷକରି ପାଠପଢୁଆ ପିଲାଙ୍କ ମଧ୍ୟରେ ସୋସିଆଲ ମିଡ଼ିଆ ବ୍ୟବହାର କରିବାର ପ୍ରବଣତା ଅଧିକ। ବିଭିନ୍ନ ସୋସିଆଲ ମିଡ଼ିଆ ଏକ ଅଦୃଶ୍ୟ ଦୁନିଆ। ଏଥିସହ ସଂଯୁକ୍ତ ଏମିତି ବହୁସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନେ ବାସ୍ତବରେ ସଂସାରରେ ବି ନାହାନ୍ତି। ଅର୍ଥାତ୍ ଏମାନେ ଏକଦମ୍ ନକଲି। ଆଜିକାଲି ଅଧିକାଂଶ ପିଲା ନିଜର ମୋବାଇଲ୍‌ରେ ସବୁବେଳେ ଅନ୍‌ଲାଇନ୍‌ରେ ରହି ସାଙ୍ଗ ସହ ଅଯଥା ଚାଟିଂରେ ସମୟ ନଷ୍ଟ କରୁଛନ୍ତି। ଦିନର ପ୍ରାୟ ଅଧାଅଧି ସମୟ କଟିଯାଉଛି ସୋସିଆଲ ମିଡ଼ିଆରେ। ବୃତ୍ତିଗତ ଶିକ୍ଷାରେ ପାଠପଢୁଥିବା ପିଲାମାନେ ସୋସିଆଲ ମିଡ଼ିଆର ଭରପୂର ଫାଇଦା ନେବା କଥା। ହେଲେ ଅଧିକାଂଶ ପିଲା ଏହି ସାଇଟ୍‌ରେ ପାଠ ଓ କ୍ୟାରିୟର କଥା ଆଦାନ ପ୍ରଦାନ କରିବା ବଦଳରେ ଅନ୍ୟ ଖରାପ କଥାରେ ବ୍ୟସ୍ତ ରହୁଛନ୍ତି। ଏଥିପ୍ରତି ସଜାଗ ନ ହେଲେ ଏହା ପିଲାଙ୍କ ସୁନେଲି ଭବିଷ୍ୟତ ପ୍ରତି କ୍ଷତି ପହଞ୍ଚାଇବାର ଭୟ ରହିଛି। ଏହା ବିବିଧ ଭଲ ଭିତରେ ମଣିଷ ନିଜ ପାଇଁ ସୃଷ୍ଟି କରୁଛି ବହୁ ଭେଲ।

ଅଧିକାଂଶ ସୋସିଆଲ ନେଟୱର୍କିଂ ସାଇଟ୍ ଏକ ଅବାସ୍ତବ ଦୁନିଆରେ ବଞ୍ଚିବା ଶିଖାଇ ଥାଏ। ନିଜ ଜୀବନର ଅପ୍ରାସଙ୍ଗିକ ବିଷୟଗୁଡ଼ିକୁ ନେଇ ଭାବିବାକୁ ଏକ ପ୍ରକାର ବାଧ୍ୟ କରିଥାଏ। ସବୁବେଳେ ନିଜକୁ ଏକ ଅଦୃଶ୍ୟ ବା ଅବାସ୍ତବ ଦୁନିଆରେ ଆବଦ୍ଧକରି ରଖିବା ଫଳରେ ନାନା ମାନସିକ ଓ ଶାରୀରିକ ସମସ୍ୟା ଦେଖାଦିଏ। ବାରମ୍ବାର ମୋବାଇଲ ଦେଖିବା, ସୋସିଆଲ ନେଟୱର୍କିଂ ସାଇଟ୍‌ର ନୋଟିଫିକେଶନ୍ ଚେକ୍ କରିବା, ଷ୍ଟାଟସ୍ ଅପଡେଟ୍ ଆଦି ଫଳରେ ମାନସିକ ଅସ୍ଥିରତା ବୃଦ୍ଧିପାଇବା, ମେଦବୃଦ୍ଧି ସହିତ ହାର୍ଟବିଟ୍ କମ୍ ହେବା ଓ ନିଦ୍ରାହୀନତା ସମସ୍ୟା ସୃଷ୍ଟି କରିଥାଏ। ବେକମୂଳ ଦରଜ, ଅଣ୍ଟା ବିନ୍ଧା, ଆଖି ପୋଡ଼ାଜଳା, ଜଏଣ୍ଟ ପେନ୍, ଟେନିସ୍ ଏଲ୍‌ବୋ ଭଳି ସମସ୍ୟା ଉପୁଜିଥାଏ।

ବିଭିନ୍ନ ସୋସିଆଲ ସାଇଟ୍‌ରେ ଲାଇକ୍, କମେଣ୍ଟ ଓ ଲମ୍ବି ଚାଲିଥିବା ବନ୍ଧୁ ତାଲିକା ହିଁ ସମାଜର ପରିଭାଷା ପାଲଟିଛି। ସହରାଞ୍ଚଳରେ ସାଇପଡ଼ିଶାଙ୍କ ସହ କଥା ହେବାକୁ ସତେ ଯେମିତି କାହା ପାଖରେ ସମୟ ନାହିଁ। ଏପରିକି ନିଜ ପରିବାରର ଅନ୍ୟ ସଦସ୍ୟଙ୍କ ସହ କଥା ହେବାକୁ ଯେମିତି ସମୟ ନାହିଁ। କାରଣ ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ୍ ଆଦିରେ ବ୍ୟସ୍ତ ରହୁଛୁ ଆମେ। ନୂଆ ନୂଆ ବିଜ୍ଞାନ ବା ଟେକ୍ନୋଲୋଜିର ବହୁଳ ବ୍ୟବହାର ଆମକୁ ଅନ୍ତର୍ମୁଖୀ ହେବାକୁ ବାଧ୍ୟ କରୁଛି। ଧୀରେ ଧୀରେ ସମାଜଠାରୁ ଆମେ ଦୂରେଇ ଯାଉଛେ। ମନୋବିଜ୍ଞାନୀଙ୍କ ମତରେ, ସୋସିଆଲ୍ ମିଡ଼ିଆରେ ଅଧିକ ସମୟ ବିତାଇବା ଦ୍ୱାରା ସମ୍ପର୍କ ଉପରେ ଏହାର କୁପ୍ରଭାବ ପଡୁଛି।

କଲେଜପଢୁଆ ପିଲାଙ୍କ ଲାଗି ସୋସିଆଲ ନେଟ୍‌ୱର୍କ ପାଲଟିଛି ନିଶା। ଆଧୁନିକ ପିଢ଼ି ନିଜ ଆଖପାଖରେ ଥିବା ସମପିଢ଼ିଙ୍କ ସହ ବନ୍ଧୁତା ରଖିବାକୁ ପସନ୍ଦ କରୁନାହାନ୍ତି। କିନ୍ତୁ ସୋସିଆଲ ମିଡ଼ିଆରେ ଦୂରଦୂରାନ୍ତର ଅଜଣା ପିଲା ସହ ବନ୍ଧୁତା କରୁଛନ୍ତି। ଏହି ଅଜଣା ଅର୍ବାଚୀନ ବନ୍ଧୁଙ୍କ ସହ ଫଟୋ, ଭିଡିଓ ତଥା ଜୀବନର ବ୍ୟକ୍ତିଗତ ଓ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଶେୟାର କରିବା ସହ ପସନ୍ଦ, ନାପସନ୍ଦ ଓ ସମସ୍ତ ପ୍ରକାର କାର୍ଯ୍ୟକଳାପକୁ ସେମାନେ ବିନା ଦ୍ୱିଧାରେ ପରସ୍ପର ମଧ୍ୟରେ ବାଣ୍ଟୁଛନ୍ତି, ଫଳରେ ସେମାନେ ଅନାୟାସରେ ଠକାମିରେ ପଡୁଛନ୍ତି।

ଅନେକ ଝିଅ ସୋସିଆଲ ମିଡ଼ିଆରେ ବନ୍ଧୁତା କରି ନିଜର ଭିଡ଼ିଓ ଓ ଫଟୋଗ୍ରାଫ୍ ଦିଆନିଆ କରିବା ପରେ ଜାଣୁଛନ୍ତି ଯେ, ସେମାନେ ଯାହା ସହିତ ବନ୍ଧୁତା କରିଥିଲେ, ତାହା ଏକ ଫେକ୍ ଆଇଡି ବା ସେମିତି କେହି ଲୋକ ହିଁ ନାହାନ୍ତି। ହେଲେ ଶେୟାର କରିଥିବା ନିଜର ବ୍ୟକ୍ତିଗତ ଫଟୋ ବା ଭିଡ଼ିଓ ଏଡିଟ୍ ହୋଇ ବିଭିନ୍ନ ସୋସିଆଲ ସାଇଟ୍‌ରେ ନଗ୍ନଚିତ୍ର ଭାବେ ପ୍ରଦର୍ଶିତ ହୋଇଛି। ଏମିତି ଘଟଣା ବାରମ୍ବାର ଘଟୁଛି, ଯାହାକୁ ନିୟନ୍ତ୍ରଣ କରିବା ସମ୍ଭବ ହେଉନାହିଁ।

କେହି କେହି ସୋସିଆଲ୍ ମିଡ଼ିଆରେ ଅପଡେଟ୍ ରହିବାକୁ ଯାଇ ନିଜ ଜୀବନର ସତ ଖୁସିଠାରୁ ଦୂରେଇ ଯାଉଛନ୍ତି। ଆମ ଭିତରୁ ଅଧିକାଂଶ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ କିମ୍ବା ବିଭିନ୍ନ ଉତ୍ସବ ଓ ପୂଜାପର୍ବରେ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଅପଲୋଡ୍ କରିବା ନିଶାରେ ଏତେ ନିମଗ୍ନ ରହୁଛନ୍ତି ଯେ, ସେହି ପରିବେଶର ପ୍ରକୃତ ଖୁସି ଉପଭୋଗ କରିପାରୁ ନାହାନ୍ତି। ନିଜର ଷ୍ଟାଟସ୍ ଅପଡେ୍ଟ କରିବାକୁ ଯାଇ ଅନେକେ ନିଜର ଖୁସିକୁ ଅଧାରେ ଛାଡ଼ି ଆସୁଛନ୍ତି।

ସୋସିଆଲ ସାଇଟ୍‌ରେ ବ୍ୟକ୍ତିଗତ ଜୀବନ ଓ କଥାକୁ ସର୍ବସାଧାରଣ ଆଗରେ ଉପସ୍ଥାପନ କରିବା ଦ୍ୱାରା ବେଳେବେଳେ ବିବାଦ ଉପୁଜିବା ଦେଖାଦିଏ। ପୁଣି ଯୁବପିଢ଼ି ସୋସିଆଲ ମିଡ଼ିଆରେ ଯୋଡ଼ି ହେବାକୁ ଷ୍ଟାଟସ୍ ସିମ୍ବଲ୍ ବୋଲି ଭାବୁଛନ୍ତି। ସେମାନଙ୍କ ମତରେ, ଏସବୁରେ ନଥିବା ଲୋକ ପୁରୁଣାକାଳିଆ ବା ଆଉଟ୍ ଡେଟେଡ୍। ଯୁବପିଢ଼ି ସୋସିଆଲ ମିଡ଼ିଆରେ ଅଧିକ ସମୟ ବିତାଇବା ଦ୍ୱାରା ଚିଡ଼ିଚିଡ଼ା ସ୍ୱଭାବର ହୋଇଯାଉଛନ୍ତି। କ୍ରୋଧୀ ପାଲଟିଯାଉଛନ୍ତି। ଫଳରେ ପ୍ରକୃତ ବନ୍ଧୁମାନଙ୍କ ସହ ସମ୍ପର୍କ ବିଗିଡ଼ି ଯାଉଛି।

ସାଇବର୍ ନିଶା କାରଣରୁ ଯୁବଗୋଷ୍ଠୀଙ୍କ ମନରେ ଅପରାଧ ଭାବନା ଜାଗିଉଠୁଛି। ଉଗ୍ରବାଦ, ଆତଙ୍କବାଦର ପ୍ରଚାରରେ ମଧ୍ୟ ମୁଖ୍ୟ ମାଧ୍ୟମ ସାଜିଛି ସୋସିଆଲ୍ ମିଡ଼ିଆ। ଅପରାଧପ୍ରବଣ ଲୋକ ଏହାକୁ ମାଧ୍ୟମ କରି ବିଭିନ୍ନ ଅପରାଧମୂଳକ କାର୍ଯ୍ୟ ସହଜରେ କରିପାରୁଛି। ଠିକ୍ ସେମିତି କିଛି ନକାରାତ୍ମକ ଲୋକଙ୍କ ପାଇଁ ନଗ୍ନ ଫଟୋ, ଭିଡ଼ିଓ ଭାଇରାଲ୍ ହେବାରେ ଲାଗିଛି ସୋସିଆଲ ମିଡ଼ିଆରେ।

ଫେସ୍‌ବୁକ୍, ଟୁଇଟର୍ ଭଳି ସାମାଜିକ ଗଣମାଧ୍ୟମରେ ପ୍ରାୟତଃ ଭ୍ରମାତ୍ମକ ତଥ୍ୟ ପ୍ରକାଶ ପାଇଥାଏ। ଏକ ଆକଳନରୁ ଜଣାପଡ଼େ ଯେ, ସତ୍ୟ ବା ଠିକ୍ ତଥ୍ୟ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ମାତ୍ର ଶତକଡ଼ା ୧୮ ଭାଗ। ପୁଣି ମିଥ୍ୟା ବା ଭୁଲ ତଥ୍ୟ ଦେବାରେ ମହିଳାଙ୍କଠାରୁ ପୁରୁଷ ଆଗୁଆ। ୪୩ ଭାଗ ପୁରୁଷ ଭୁଲ ତଥ୍ୟ ପ୍ରଦାନ କରୁଥିବା ଜଣାଯାଏ। ଅନ୍ୟମାନଙ୍କୁ ପ୍ରଭାବିତ କରିବା ତଥା ନିଜ ଆଡକୁ ଅଧିକ ଆକର୍ଷିତ କରିବା ପାଇଁ ବ୍ୟବହାରକାରୀ ଏପରି କରନ୍ତି ବୋଲି ଏହି ଅଧ୍ୟୟନରୁ ଜଣାପଡ଼ିଛି।

ଅପବ୍ୟବହାରରୁ ବର୍ତ୍ତିବା ପାଇଁ ଦରକାର କେବଳ ନିଜ ଉପରେ ନିୟନ୍ତ୍ରଣ। କିପରି ଓ କେତେ ସମୟ ବ୍ୟବହାର କଲେ ତାହା ମନ ଓ ସ୍ୱାସ୍ଥ୍ୟ ପ୍ରତି ଠିକ୍ ରହିବ, ତାହା ନିର୍ଭର କରେ ନିଜର ମାନସିକତା ଉପରେ। ଯେ କୌଣସି ଜିନିଷର ଉଭୟ ସକାରାତ୍ମକ ଓ ନକାରାତ୍ମକ ଦିଗ ରହିଛି। ତେବେ ଏହାକୁ କେଉଁ ଭାବରେ ବ୍ୟବହାର କରିବେ, ତାହା ନିଜର ଦାୟିତ୍ୱ ହେବା ଉଚିତ। ସୋସିଆଲ ମିଡ଼ିଆର ଅପବ୍ୟବହାର ବହୁ ଅସୁବିଧାରେ ପକାଇପାରେ। ତେଣୁ ଭାବିଚିନ୍ତି ଏହାର ଉପଯୋଗ କରିବା ଉଚିତ।

– ଗବେଷଣା ଛାତ୍ରୀ, ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର,
ମୋ–୯୫୫୬୧୫୮୧୧୧

# ଏକ ଅମୃତ ଅନୁଭବ



ସଂଗ୍ରାମ କେଶରୀ ପୃଷ୍ଟି

ଏ ସୃଷ୍ଟିର ପାଳନକର୍ତ୍ତା ପ୍ରଭୁ ବିଷ୍ଣୁ ଦାନ କରିବାକୁ ସଂକଳ୍ପ ନେଲେ। ଏ ଖବର ପ୍ରଚାରିତ ହେବା ପରେ ବିଷ୍ଣୁଲୋକରେ ଦେବ, ଦାନବ, ଗନ୍ଧର୍ବ ଓ କିନ୍ନରମାନଙ୍କର ଗହଳି ଲାଗିଲା। ସମସ୍ତେ ନିଜର ଇଚ୍ଛା ମୁତାବକ ଧନଧାନ୍ୟ, ଶକ୍ତି–ସାମର୍ଥ୍ୟ, ସମ୍ପତ୍ତି–ପ୍ରତିପତ୍ତି, ବିଳାସବ୍ୟସନ, ସନ୍ତାନସନ୍ତତି ଓ ଯଶଖ୍ୟାତି ମାଗିନେଲେ। ଅକୁଣ୍ଠିତ ଚିତ୍ତରେ ସମସ୍ତଙ୍କ ଈପ୍‌ସିତ କାମନା ପୂରଣ କଲେ ବିଷ୍ଣୁ ଭଗବାନ। ଅଳ୍ପ ସମୟ ମଧ୍ୟରେ ବୈକୁଣ୍ଠପୁରର ଏତେବଡ଼ କୋଷାଗାର ଶୂନ୍ୟ ହେବାକୁ ଲାଗିଲା। ମା' ଲକ୍ଷ୍ମୀ ନିକଟରେ ଥାଇ ଏସବୁ ଦୃଶ୍ୟ ଅବଲୋକନ କରୁଥାନ୍ତି। ପ୍ରଭୁଙ୍କ ଦାନ ଓ କୋଷାଗାର ଶୂନ୍ୟ ହେବାର ଦେଖି ନିଜକୁ ସେ ସମ୍ଭାଳି ପାରିଲେ ନାହିଁ। ଏଣୁ ସେ ବ୍ୟସ୍ତହୋଇ ବିଷ୍ଣୁଙ୍କ ପାଖରେ ଆପତ୍ତି କଲେ– ''ହେ ପ୍ରଭୁ! ଏମିତି ଦାନ କରି ଚାଲିଲେ ଆମ କୋଷାଗାର ଶୂନ୍ୟ ପଡ଼ିଯିବ। ସୁଖଶାନ୍ତି ଆମଠୁ ଦୂରେଇଯିବ।''

ଏ କଥା ଶୁଣି ବିଷ୍ଣୁ ଆଶ୍ୱାସନା ଦେଲେ– ଏଥିପାଇଁ ଚିନ୍ତା କରନାହିଁ ଦେବି! ଆମ ଭଣ୍ଡାରଘରୁ ସବୁକିଛି ଚାଲିଗଲା ପରେ ମଧ୍ୟ ଗୋଟିଏ ଜିନିଷ ସୁରକ୍ଷିତ ହୋଇ ରହିଛି। ଏଯାବତ୍ ଏହାକୁ କେହି ମାଗିନାହାନ୍ତି ବା ମାଗିବାର ସମ୍ଭାବନା ନାହିଁ। ଯେପର୍ଯ୍ୟନ୍ତ ଏହା ଆମ ପାଖରେ ଥିବ, ସେ ପର୍ଯ୍ୟନ୍ତ ଆମର ଅସୁବିଧା କିଛି ହେବନାହିଁ। ସେ ଜିନିଷଟି ହେଉଛି ଶାନ୍ତି। ତା' ପାଖରେ ଦୁନିଆର ସକଳ ଐଶ୍ୱର୍ଯ୍ୟ, ପ୍ରତିପତ୍ତି, ବିଳାସବ୍ୟସନ ଓ ଯଶଖ୍ୟାତି ମୂଲ୍ୟହୀନ। ଶାନ୍ତି ହିଁ ଅମୂଲ୍ୟ ନିଧି।

ଶାନ୍ତିର ମହତ୍ତ୍ୱକୁ ସେଦିନ ଯଥାର୍ଥରେ ଅନୁଭବ କରିପାରିଥିଲେ ମା' ଲକ୍ଷ୍ମୀ। ବାସ୍ତବରେ ଶାନ୍ତି ହେଉଛି ଏକ ମାନସିକ ସ୍ଥିତି, ଯାହା ଆତ୍ମାର ସ୍ଥିରତାରୁ ହିଁ ଆସିଥାଏ। ଜୀବନକୁ ସରସ ସୁନ୍ଦର କରି ଗଢ଼ିତୋଳିବାରେ ଏହାର ବିଶେଷ ଭୂମିକା ରହିଛି। ଶାନ୍ତି ଏକ ଅମୃତ ଅନୁଭବ, ଯାହାକି ଦେଇଥାଏ ପରମ ଓ ଅନ୍ତିମ ସୁଖ।

ସାଧାରଣତଃ ଶାରୀରିକ ଓ ମାନସିକ ସ୍ତରରେ ଶାନ୍ତିକୁ ଅନୁଭବ କରିହୁଏ। ପାର୍ଥିବ ଜୀବନରେ ସୁଖ, ସମ୍ପତ୍ତିଠାରୁ ବେଶ୍ ଆନନ୍ଦ ଓ ଆତ୍ମତୃପ୍ତି ଏହା ପ୍ରଦାନ କରିଥାଏ। ସାଂସାରିକ ବନ୍ଧନକୁ ସୁଦୃଢ଼ କରାଇବାରେ ଏହାର ବିଶେଷ ଭୂମିକା ରହିଛି। ଶାନ୍ତିବିହୀନ ଜୀବନ ଏକ ଜୀବନ ନୁହେଁ। ଗୌତମ ବୁଦ୍ଧଙ୍କ ଭାଷାରେ– ''ସଂସାର ଦୁଃଖମୟ। ଦୁଃଖର କାରଣ କାମନା। କାମନାର ବିନାଶରେ ଦୁଃଖର ବିନାଶ ଓ ନିର୍ବାଣପ୍ରାପ୍ତି।'' ହେଲେ ମଣିଷ କାମନାର କେବେ ଅନ୍ତ ଥାଏ କି! ଜୀବନସାରା ଉପାର୍ଜିତ ସମ୍ପତ୍ତିର ସୁରକ୍ଷା ପାଇଁ ହଜିଯାଏ ନିଦ, ଚାଲିଯାଏ ସମୟ। ପୁନଶ୍ଚ କାର୍ଯ୍ୟର ବ୍ୟସ୍ତତା ଓ ମାନସିକ ଚାପ ଏଥିରେ ବାଧକ ସାଜେ। ଶାନ୍ତି ପାଇବା ଆଶାରେ ମଣିଷ ବିଷୟ ବାସନା ପଛରେ ଗୋଡ଼େଇ ଗୋଡ଼େଇ ଯାହାକୁ ଜାବୁଡି ଧରିଥାଏ ସେ ହେଉଛି ଅଶାନ୍ତି। କାରଣ ଯଦି ସମ୍ମାନ ସହିତ ଶାନ୍ତି ଏକାଠି ରହି ନ ପାରିଲା, ତା'ହେଲେ ତାକୁ କଦାପି ଶାନ୍ତି କୁହାଯାଇପାରିବ ନାହିଁ।

ମଣିଷ ସତ୍ ଉପାୟରେ ଯାହା କିଛି ଅର୍ଜନ କରେ, ସେଥିରେ ସନ୍ତୁଷ୍ଟ ହୋଇ ଅଧିକ କାମନା ନ କରିବାକୁ 'ସନ୍ତୋଷ' କୁହାଯାଏ। ଏହାହିଁ ଶାଶ୍ୱତ ଶାନ୍ତିର ମୂଳ ଉତ୍ସ। କିନ୍ତୁ ଏ ସଂସାରରେ ଅଳ୍ପରେ ସନ୍ତୁଷ୍ଟ ହେଉଥିବା ଲୋକଙ୍କ ସଂଖ୍ୟା ନିହାତି କମ୍। କେବେ ସନ୍ତୁଷ୍ଟ ହୋଇପାରୁ ନ ଥିବା ବ୍ୟକ୍ତି ଜୀବନରେ ଶାନ୍ତି ମିଳିବା କଷ୍ଟକର ହୋଇପଡ଼େ। ଧନ–ଜନ–ଗୋପ–ଲକ୍ଷ୍ମୀ ଏ ସମସ୍ତଙ୍କ ବହୁ ଉର୍ଦ୍ଧ୍ୱରେ ଥାଏ ଶାନ୍ତିର ସ୍ଥାନ। ଏସବୁ ପାଇଲେ ମଧ୍ୟ ହୁଏ ତ ଶାନ୍ତି ମିଳି ନ ପାରେ, ମାତ୍ର ଏ କଥା ସତ ଯେ, ଶାନ୍ତି ଥିଲେ ଏସବୁ ମିଳିବା କିଛି ଅସମ୍ଭବ ନୁହେଁ। ଶାନ୍ତି ପାଖରେ ପ୍ରାଚୁର୍ଯ୍ୟ ମୂଲ୍ୟହୀନ। ସେଥିପାଇଁ ତ ଶାନ୍ତିକୁ ଅମୂଲ୍ୟନିଧି କୁହାଯାଏ।

କାମ, କ୍ରୋଧ, ଲୋଭ, ମୋହ, ମଦ (ଅହଂକାର, ଗର୍ବ ବା ଔଦ୍ଧତ୍ୟ), ମାତ୍ସର୍ଯ୍ୟ (ପରଶ୍ରୀକାତରତା ବା ଈର୍ଷା, ମାନ ବା ମିଥ୍ୟା–ସମ୍ମାନ)–ଏହି ଛଅଟି ଗୁଣ ହେଉଛି ମନୁଷ୍ୟର ଅନ୍ତଃଶତ୍ରୁ। ଏହାକୁ ଷଡ଼ରିପୁ କୁହାଯାଏ। ଏଥିମଧ୍ୟରୁ କେଉଁ ଗୋଟିକୁ ହୃଦୟରେ ଧାରଣ କଲେ ମଣିଷର ସାମଗ୍ରିକ ଜୀବନ ପ୍ରଭାବିତ ହୋଇଥାଏ, ସୁଖ–ଶାନ୍ତିରେ ବ୍ୟାଘାତ ଘଟିଥାଏ, ପ୍ରକୃତ ଶାନ୍ତି ମିଳିପାରି ନ ଥାଏ। ଦାର୍ଶନିକ ରାଲ୍ଫ ୱାଲ୍ଡୋ ଏମର୍ସନଙ୍କ ମତରେ କ୍ରୋଧରେ ରହିବା କାରଣରୁ ପ୍ରତ୍ୟେକ ମିନିଟ୍‌ରୁ ଆମେ ୬୦ ସେକେଣ୍ଡର ମାନସିକ ଶାନ୍ତି ହରାଇ ବସିଥାଉ। ଅର୍ଥାତ୍ ମନରେ କ୍ରୋଧ ଥିବା ପର୍ଯ୍ୟନ୍ତ ମାନସିକ ଶାନ୍ତି ମିଳିପାରି ନ ଥାଏ। ସେହିପରି ଈର୍ଷା ଅନ୍ୟର ସଫଳତାରେ ନିଜକୁ ଜଳାଇ ଶାନ୍ତିକୁ ନଷ୍ଟ କରିଦିଏ। ଲୋଭ ତ ସୀମାହୀନ ସାଗର। ତାହା ଶାନ୍ତିକୁ ନୁହେଁ ବରଂ ମୃତ୍ୟୁ ଆଡ଼କୁ ବାଟ କଢ଼ାଇ ନେଇଥାଏ।

ଷଡ଼ରିପୁକୁ ପରିତ୍ୟାଗ କଲେ ହିଁ ହୃଦୟ ଭିତରେ ଶାନ୍ତିର ଆବିର୍ଭାବ ଘଟିଥାଏ। ସନ୍ତୋଷ କାରଣରୁ ହୃଦୟରେ ସକାରାତ୍ମକ ଗୁଣର ପରିପ୍ରକାଶ ଘଟେ। ପ୍ରେମ, ଦୟା, କ୍ଷମା, ତ୍ୟାଗ, ସହିଷ୍ଣୁତା ଓ ସେବା ପରି ଐଶ୍ୱରୀୟ ଦିବ୍ୟଗୁଣ ବ୍ୟକ୍ତିତ୍ୱକୁ ଉଦ୍‌ଭାସିତ କରିଥାଏ। ଯେଉଁଠାରେ ଏସବୁ ଗୁଣ କ୍ରିୟାଶୀଳ ଥାଏ ସେଠାରେ ଅଶାନ୍ତି ସୃଷ୍ଟି କରୁଥିବା କାମନା ସହଜରେ ପ୍ରବେଶ କରିପାରେନାହିଁ। ଆତ୍ମ–କଲ୍ୟାଣ ବିରୋଧୀ କାମନାଗୁଡ଼ିକୁ ମୁହୂର୍ତ୍ତକ ମଧ୍ୟରେ ବିନାଶ କରିଦିଏ। ଫଳରେ ଶାନ୍ତି ମିଳିଥାଏ। ଜେରାଲ୍ଡ ଜମ୍ପୋଲେସବୀଙ୍କ ମତରେ– ମୋତେ ମାନସିକ ଶାନ୍ତି କେବଳ ସେତେବେଳେ ମିଳିଥାଏ, ଯେତେବେଳେ ମୁଁ କାହାକୁ ପରୀକ୍ଷା କରିବା ବଦଳରେ କ୍ଷମା କରିଦିଏ। ସେବା ଓ ତ୍ୟାଗକୁ ନିଜ ଜୀବନର ଆଦର୍ଶ କରି ଗଢ଼ିତୋଳିଥିବା ଗାନ୍ଧୀ, ଗୋପବନ୍ଧୁ, ଗୌତମ ବୁଦ୍ଧ, ମଦର ଟେରେସା, ଦାନୀ ହରିଶ୍ଚନ୍ଦ୍ରଙ୍କ ପରି ବ୍ୟକ୍ତିତ୍ୱ ଆମର ଆଦର୍ଶ ହେବା ଉଚିତ।

'ମୁଁ ଏବଂ ମୋର'– ଏ ଦୁଇଟି ହେଉଛି ଅହଂର ପ୍ରତୀକ। ଏହାକୁ ଧାରଣ କରିଥିବା ବ୍ୟକ୍ତି ଜୀବନରେ ଶାନ୍ତି ପାଇପାରି ନ ଥାଏ। ତେଣୁ ଭଗବତ୍ ଗୀତାରେ କୁହାଯାଇଛି– ଯିଏ ନିଜର ସବୁ ଇଚ୍ଛା (କାମନା)କୁ ତ୍ୟାଗ କରିଦେଇଥାଏ ଏବଂ 'ମୁଁ' ଓ 'ମୋର' ଲାଳସା ତଥା ଭାବନାରୁ ମୁକ୍ତ ହୋଇଥାଏ, ସେ ଶାନ୍ତି ପାଇଥାଏ।

ସେହିପରି ଈଶ୍ୱର ଉପାସନା ଦ୍ୱାରା ଅଖଣ୍ଡ ଶାନ୍ତି ମିଳିଥାଏ। ଯେତେବେଳେ ନିଜ ହୃଦୟରେ ଶାନ୍ତିଆସେ ସେତେବେଳେ ସାରା ବିଶ୍ୱ ଶାନ୍ତିମୟ ଅନୁଭୂତ ହୋଇଥାଏ। ବାସ୍ତବିକ ଓ ସ୍ଥାୟୀ ବିଜୟ ଯୁଗେ ଯୁଗେ ଶାନ୍ତିର ହିଁ ହୋଇଥାଏ, ଯୁଦ୍ଧର ନୁହେଁ। ସୁତରାଂ ଆତ୍ମାର ଅମଙ୍ଗଳ ଘଟାଉଥିବା ଅନାବଶ୍ୟକ କାମନାକୁ କଠୋର ଭାବରେ ଦମନ କଲେ ଯାଇ ଶାନ୍ତିର ସ୍ୱର୍ଗୀୟ ଆନନ୍ଦ ଉପଲବ୍ଧି କରାଯାଇପାରିବ। ଫଳରେ ଜୀବନ ହୋଇଉଠିବ ସୁନ୍ଦର ଓ ମଧୁମୟ।

ରାଜକିଶୋରନଗର, ଅନୁଗୋଳ,
ମୋ–୯୪୩୭୫୪୭୧୪୬

## ଏଇ ଭାରତରେ

ସମାଜରେ ଏମିତି ଦିବ୍ୟାଙ୍ଗ ଅଛନ୍ତି ଯେଉଁମାନେ ଦେଶଭାବନାରେ ଉଦ୍‌ବୁଦ୍ଧ ହେବା ସହ ଅନ୍ୟମାନଙ୍କୁ ଜିଇବାର ରାସ୍ତା ଦେଖାଇବା ପାଇଁ ସବୁ ଦୁଃଖକଷ୍ଟ ଭୁଲିଯାଇଥାନ୍ତି। ମହାରାଷ୍ଟ୍ରର ପ୍ରେରଣା ଆସୋସିଏଶନ୍ ଫର୍ ଦି ବ୍ଲାଇଣ୍ଡ ଟିମ୍‌ର ସଦସ୍ୟମାନେ ଏମିତି କାର୍ଯ୍ୟରେ ଲାଗିଛନ୍ତି। ଏମାନେ ଭାରତର ବିଭିନ୍ନ ସୀମାରେ ପହଞ୍ଚି ଯବାନମାନଙ୍କ ସହ ଭାଇଦୁଜ୍ ପାଳନ କରିଆସୁଛନ୍ତି। ଦୃଷ୍ଟିହୀନମାନଙ୍କ ଏହି ମନୋଭାବ ସମାଜ ପାଇଁ ପାଲଟିଛି ପ୍ରେରଣାର ଉତ୍ସ। ଏମାନେ ୧୭ ଥର ସୀମାକୁ ଯାଇ ଯବାନମାନଙ୍କ ସହ ବିଭିନ୍ନ ପର୍ବ ପଳନ କରିସାରିଲେଣି। ଏଥର ଏମାନେ ପଞ୍ଜାବ ସୀମାନ୍ତ ଫଜିଲ୍‌କାର ସାଦକି ଚୌକିରେ ପହଞ୍ଚି ସନ୍ଧ୍ୟାରେ ଧ୍ୱଜାବତରଣ ଉତ୍ସବ ପୂର୍ବରୁ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍) ଯବାନମାନଙ୍କୁ ତିଳକ ଲଗାଇ ସେମାନଙ୍କ ଦୀର୍ଘଜୀବନ କାମନା କରିଥିଲେ। ସେମାନଙ୍କ କହିବା ମୁତାବକ,ବିଏସ୍‌ଏଫ୍ ଯବାନମାନେ ବିଭିନ୍ନ ପର୍ବରେ ଘରଠାରୁ ଦୂରରେ ରହନ୍ତି ଓ ତାହା ପାଳନ କରିପାରନ୍ତିନାହିଁ। ଏଣୁ ସୀମାରେ ଯବାନମାନଙ୍କ ସହ ଏହି ପର୍ବ ପାଳନ କରି ସେମାନଙ୍କୁ ଖୁସି ରଖିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି ଟିମ୍‌ର ସଦସ୍ୟମାନେ । ଭିନ୍ନ ଭିନ୍ନ ସହରରୁ ଆସିଥିବା ଦୃଷ୍ଟିହୀନଙ୍କ ଏହି ଟିମ୍ କେବଳ ଯବାନମାନଙ୍କ ସହ ପର୍ବ ପାଳନ କରୁନାହାନ୍ତି,ସେମାନେ ମହାରାଷ୍ଟ୍ରରେ ଦୃଷ୍ଟିହୀନମାନଙ୍କୁ ନିଜ ଗୋଡ଼ରେ ଠିଆ ହେବା ପାଇଁ ଏକ କମ୍ପ୍ୟୁଟର ସେଣ୍ଟର ବି ଖୋଲିଛନ୍ତି। ଏହି ସେଣ୍ଟର୍‌ରେ ଏବେ ୫୦ ଜଣ ପିଲା ପଢୁଛନ୍ତି। 'ନେତ୍ରଦାନ ମହାପୁଣ୍ୟ ଓ ଏହାଦ୍ୱାରା ଆଉ ଜଣେ ବି ଦୁନିଆକୁ ଦେଖିପାରିବ' ଏପରି ଭାବନା ନେଇ ଏହି ଟିମ୍ ଲୋକମାନଙ୍କୁ ନେତ୍ରଦାନ କରିବା ପାଇଁ ମଧ୍ୟ ପ୍ରେରିତ କରୁଛନ୍ତି।

## ଚିରନ୍ତନୀ

ସୁଦୂରର ପ୍ରିୟା ମୋର
ଡାକେ ପରା ତୁହାଇ
ଅନ୍ତର ଜଳ ତାର ବୁହାଇ!
ନୟନେ ଶିଶିର କଣା
କରିଦିଏ ପଥବଣା
ବସିଛି ସୁଦୂରେ ମଥା ନୁଆଁଇ
ଅନ୍ତର ଜଳ ତାର ବୁହାଇ!
(ଶିଶିର–ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧ ନଭେମ୍ବର ୧୯୯୪

- ସୋଲୋମନ ଦ୍ୱୀପପୁଞ୍ଜର ପ୍ରଧାନମନ୍ତ୍ରୀ ଫ୍ରାନ୍‌ସିସ ବିଲି ହିଲି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ତାମିଲନାଡୁ ଉପକୂଳରେ ସାମୁଦ୍ରିକ ଝଡ଼ରେ ୨୬ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ଧାର୍ଯ୍ୟ ଘରଭଡ଼ା ପ୍ରଚଳିତ ହେଉ

ମହାଶୟ,

କିଛିମାସ ପୂର୍ବରୁ ସରକାର ଭଡାଘରେ ରହୁଥିବା ଲୋକମାନଙ୍କ ସୁବିଧା ପାଇଁ ଘର ଆୟତନ ଅନୁଯାୟୀ ଉପଯୁକ୍ତ ଭଡା ସ୍ଥିର କରିବା ପାଇଁ ଯୋଜନା କରିଥିଲେ। ଏହି ନିୟମ କିନ୍ତୁ ସେତେବେଳେ କିଛିଦିନ ଜୋରସୋରରେ ପ୍ରଚାର ହେବା ପରେ ଏବେ ସମ୍ପୂର୍ଣ୍ଣ ନିଷ୍କ୍ରିୟ ଭାବେ ପ୍ରଶାସନର ନାଲିଫିତା ତଳେ ପଡିରହିଛି। କର୍ତ୍ତୃପକ୍ଷ ଯଦି ଏହି ନିୟମଟିକୁ ସ୍ୱତନ୍ତ୍ର ଭାବେ ସାରା ରାଜ୍ୟ ପାଇଁ ପ୍ରଣୟନ କରନ୍ତେ ତା' ହେଲେ ଏହାଦ୍ୱାରା ଭଡାଘରେ ବହୁଦିନ ଧରି ବସବାସ କରି ଆସୁଥିବା ନିମ୍ନ ଓ ମଧ୍ୟମ ଆୟବର୍ଗର ଲୋକେ ବିଶେଷ ଉପକୃତ ହୋଇପାରନ୍ତେ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

### ଫନୀ ସହାୟତା ମିଳୁ

ଫନୀ ବାତ୍ୟା ହେବାର ପାଞ୍ଚ ମାସ ଅତିକ୍ରାନ୍ତ ହେଲାଣି। ଘରଭଙ୍ଗା ଟଙ୍କା ମିଳି ସାରିଲାଣି, ମାତ୍ର ଅନେକ ଗୃହସ୍ଥଙ୍କ ଭାଙ୍ଗିଯାଇଥିବା ନଡିଆ, ଗୁଆ, ଆମ୍ବଗଛ, କିଆରିରେ ନଷ୍ଟ ହୋଇଥିବା ମୁଗ, ବିରି ଫସଲର କ୍ଷତିପୂରଣ ଏବଂ ଚାଷୀଙ୍କୁ ଘୋଷିତ କାଳିଆ ଟଙ୍କା ମିଳି ନ ଥିବାରୁ ଲୋକେ ଅସନ୍ତୁଷ୍ଟ ହେଉଛନ୍ତି। କେତେଜଣଙ୍କୁ ପ୍ରଥମ କିସ୍ତି କାଳିଆ ଟଙ୍କା ଓ ପ୍ରଧାନମନ୍ତ୍ରୀଙ୍କ କୃଷି ସହାୟତା ମିଳି ସାରିଥିଲେ ମଧ୍ୟ ଯେଉଁମାନେ ସେବା ସମବାୟ ସମିତି ସଭ୍ୟ ନୁହନ୍ତି, ମଣ୍ଡିରେ ଧାନ ବିକି ନାହାନ୍ତି କିମ୍ବା ସେବା ସମବାୟ ସମିତିରୁ ସାର, କୀଟନାଶକ କିଣି ନାହାନ୍ତି, ସେମାନେ ବଞ୍ଚିତ ହୋଇଛନ୍ତି। କୃଷି ବିଭାଗ ନୀରବ ନ ରହି ସହାୟତା ପ୍ରଦାନ କରନ୍ତୁ।

ଶ୍ରୀରାମଚନ୍ଦ୍ର ଦାଶ ଓ ଚାଷୀବୃନ୍ଦ, ବିଦ୍ୟାଧରପୁର,
ଗୁଆଲିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



# ସେବା ମନୋବୃତ୍ତି ରଖି କାର୍ଯ୍ୟ କରିବାକୁ ନବୀନଙ୍କ ପରାମର୍ଶ




ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ପକ୍ଷରୁ ସାଲିଆସାହିଠାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

## ବିଜେଡି ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ଗାନ୍ଧୀ ଜୟନ୍ତୀରୁ ବିଜେଡି ପକ୍ଷରୁ ଆରମ୍ଭ କରାଯାଇଥିବା ଜନସମ୍ପର୍କ ପଦଯାତ୍ରା ଗୁରୁବାର ସମାପ୍ତ ହୋଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଭୁବନେଶ୍ୱର(ଉତ୍ତର) ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାଲିଆସାହିରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇ ଜୟପ୍ରକାଶ ଜୟନ୍ତୀ(ଅକ୍ଟୋବର ୧୧)ରେ ସମାପ୍ତ ହୋଇଥାଏ। ଚଳିତ ଥର ଦଳ ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଜାରି ରହିଥିବାରୁ ଅକ୍ଟୋବର ୩୧ ଯାଏ ପଦଯାତ୍ରା ଅବଧି ବୃଦ୍ଧି କରାଯାଇଥିଲା। ରାଜଧାନୀର ୩ ବିଧାନସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ଯୋଗଦେଇଥିବାବେଳେ ତୃଣମୂଳସ୍ତରରେ ସ୍ଥାନୀୟ ବିଜେଡି ନେତା ପଦଯାତ୍ରା ଆୟୋଜନ କରିଥିଲେ।

ପଦଯାତ୍ରାର ଶେଷ ଦିବସରେ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ, ଦଳୀୟ କର୍ମୀ ସର୍ବଦା ସେବା ମନୋବୃତ୍ତି ରଖି କାର୍ଯ୍ୟ କରିବା ଆବଶ୍ୟକ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବା ଉଚିତ। ନୂଆକରି ଆରମ୍ଭ ହୋଇଥିବା 'ଓଡ଼ିଶା-ମୋ ପରିବାର' କାର୍ଯ୍ୟକ୍ରମ ଜରିଆରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ରକ୍ତଦାନ ଏବଂ ବାହାରେ ରହୁଥିବା ନିଷ୍ପେଷିତ ଓଡ଼ିଆଙ୍କ ଉତ୍ଥାନ ପାଇଁ କାର୍ଯ୍ୟ କରିବା ଉଚିତ। ଓଡ଼ିଶାବାସୀଙ୍କ ଭଲପାଇବା ତାଙ୍କୁ ଋଣୀ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ସ୍ଥାନୀୟ ବିଧାୟକ ସୁଶାନ୍ତ ରାଉତ ଦଳୀୟ ସଭାପତିଙ୍କ ନିର୍ଦ୍ଦେଶ ନିଷ୍ଠାର ସହ ପାଳନ ହେବା ନେଇ ମତ ରଖିଥିଲେ। ରାଜ୍ୟ ତଥା ଭୁବନେଶ୍ୱର ସାଂଗଠନିକ ଜିଲାର ଶତାଧିକ କର୍ମୀ ଏବଂ ସାଧାରଣ ଜନତା ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅଶୋକ ପଣ୍ଡା, ବିଧାୟକ ପ୍ରଶାନ୍ତ ଜଗଦେବ, ଅନନ୍ତ ନାରାୟଣ ଜେନା, ପ୍ରଣବ ବଳବନ୍ତରାୟ, ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଓଏସ୍‌ଆଇସି ଅଧ୍ୟକ୍ଷ ଚିନ୍ମୟ ସାହୁ, ବିଜେଡି ନେତା ସଂଗ୍ରାମ ପାଇକରାୟ ଏବଂ ଦୁର୍ଗା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।

## ମହିଳା କର୍ମଚାରୀଙ୍କ ସହ ବନ ଅଧିକାରୀଙ୍କ ରୋମାନ୍ସ ଭିଡିଓ ଭାଇରାଲ୍ ପରେ ଚର୍ଚ୍ଚା

**ସଜନାଗଡ଼, ୩୧।୧୦(ଡି.ଏନ.ଏ.):** ବନବିଭାଗରେ କାର୍ଯ୍ୟରତ ଜଣେ ବରିଷ୍ଠ ଅଧିକାରୀଙ୍କ ସହ କାର୍ଯ୍ୟ କରୁଥିବା ଜଣେ ମହିଳା କର୍ମଚାରୀ କାର୍ଯ୍ୟାଳୟରେ ରୋମାନ୍ସ କରୁଥିବା ଭିଡ଼ିଓ ଗୁରୁବାର ଭାଇରାଲ୍ ହେବା ପରେ ବାଲେଶ୍ୱର ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ମହିଳା କର୍ମଚାରୀ ଜଣକ କୌଣସି ଅଭିଯୋଗ କରିନାହାନ୍ତି। ହେଲେ ଜଣେ ଅଧିକାରୀ ଅଫିସ୍‌ରେ କରୁଥିବା ଏଭଳି କାର୍ଯ୍ୟକଳାପକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। ଅପରପକ୍ଷରେ ସମ୍ପୃକ୍ତ ଅଧିକାରୀ ଜଣକ ଉକ୍ତ ଭିଡ଼ିଓ ତାଙ୍କର ନୁହେଁ, କୌଣସି ବ୍ୟକ୍ତି ଶତ୍ରୁତା କାରଣରୁ ତାଙ୍କ ଫଟୋକୁ ଏଡ଼ିଟିଙ୍ଗ୍ କରି ଭିଡିଓ ଭାଇରାଲ୍ କରିଥାଇପାରନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ସେଭଳି କୌଣସି ଭିଡ଼ିଓ ତାଙ୍କ ପାଖରେ ପହଞ୍ଚିନାହିଁ କିମ୍ବା କୌଣସି ଅଭିଯୋଗ ମିଳିନାହିଁ। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


## ସର୍ବ ସାଧାରଣ ନୋଟିସ୍

ଏତଦ୍ୱାରା ଗ୍ରାମ ବୁଡାପାଲି, ଲେମଧର ତହସିଲ/ଥାନା- ବିଜେପୁର, ଜିଲା- ବରଗଡ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଆମ୍ଭର ମହକିଲ ନମ୍ନ ତଫସିଲଭୁକ୍ତ ଜମି ଗୁଡିକୁ କ୍ରୟ କରିପାରନ୍ତି । ତଫସିଲଭୁକ୍ତ ଜମିର ମାଲିକାନା ଥିବା ବ୍ୟକ୍ତି/ ବ୍ୟକ୍ତି ସମୂହ ଉକ୍ତ ଜମି ଗୁଡିକ ବିକ୍ରି କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି ।

ଏତଦ୍ୱାରା ଏହି ନୋଟିସ ଦିଆଯାଉଛି କି, ଯଦି କୌଣସି ବ୍ୟକ୍ତି/ ବ୍ୟକ୍ତି ବିଶେଷ/ ଅନୁଷ୍ଠାନ/ ଯେକୌଣସି ବ୍ୟକ୍ତି (ଯେଉଁମାନଙ୍କର ନାମ ରେକର୍ଡ ଅଫ୍ ରାଇଟସରେ ପଞ୍ଜିକୃତ ହୋଇନାହିଁ) ଯଦି ସେମାନଙ୍କର କୌଣସି ଦାବୀ/ ଅଧିକାର ନିମ୍ନଲିଖିତ ଜମି ଉପରେ ଥାଏ, ଏହି ନୋଟିସ ପ୍ରକାଶ ପାଇବାର ୧୦ ଦିନ ଭିତରେ ଉପଯୁକ୍ତ ତଥ୍ୟ ପ୍ରମାଣ ସହିତ ସେମାନଙ୍କର ଅଭିଯୋଗ ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ପ୍ରଦାନ କରିବେ, କୌଣସି ତଥ୍ୟଭିତ୍ତିକ ଅଭିଯୋଗ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ନ ପହଞ୍ଚିଲେ ଧରି ନିଆଯିବ ଯେକୌଣସି ବ୍ୟକ୍ତି/ ବ୍ୟକ୍ତି ବିଶେଷ/ ଅନୁଷ୍ଠାନର ନିମ୍ନଲିଖିତ ଜମି ଉପରେ କୌଣସି ଦାବୀ/ ଆପତ୍ତି ନାହିଁ ଏବଂ ଆମ୍ଭର ମହକିଲ ଉକ୍ତ ଜମି ଗୁଡିକ କିଣିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ।

### ତଫସିଲଭୁକ୍ତ ଜମିର ସଂପୂର୍ଣ୍ଣ ବିବରଣୀ

**ମୌଜା- ଲେମଧର**

| କ୍ର.ନ | ପ୍ରଜାଙ୍କ ନାମ | ଖାତା ନଂ. | ପ୍ଲଟ ନଂ. | ଏରିଆ | ଚୌହଦୀ |
|---|---|---|---|---|---|
| ୧ | ମଧୁସୂଦନ ସାହୁ | ୨୦୧ | ୬୯୩ | ୨.୫୫ | ଉ- ଜିବର୍ଦ୍ଧନ ସାହୁ, ଦ- ବୁଡାପାଲି ବାଉଣ୍ଡରୀ |
| ୨ | ତ୍ରିଲୋଚନ ସାହୁ | ୯୧ | ୬୯୧ | ୦.୩୬ | ଉ- ମାୟାଧର ଭୁଏ, ଦ- ବୁଡାପାଲି ବାଉଣ୍ଡରୀ |
| ୩ | ଟଙ୍କଧର ମେହେର ଓଗେର | ୮୧ | ୬୮୯ | ୧.୩୧ | ଉ- ନିଜ, ଦ- ବୁଡାପାଲି ବାଉଣ୍ଡରୀ |
| | | | ୬୮୯/୧୬୫୫ | ୧.୩୦ | ଉ- ନିଜ, ଦ- ନିଜ |
| | | | ୬୮୯/୧୬୫୬ | ୦.୦୩ | ଉ- ନିଜ, ଦ- ଗୋଚର |
| ୪ | ଇନ୍ଦ୍ର ସାହୁ | ୬ | ୬୯୨ | ୦.୯୦ | ଉ- ମଧୁସୁଦନ ସାହୁ, ଦ- ବୁଡାପାଲି ବାଉଣ୍ଡରୀ |
| ୫ | ଗୋପି ସାହୁ | ୪୫ | ୬୭୧ | ୦.୦୭ | |
| ୬ | ରାଜିନ୍ଦ୍ର ସାହୁ | ୨୨୪ | ୬୭୨ | ୦.୦୭ | |
| | | | | ୬.୫୬ | |

**ମୌଜା- ବୁଡାପାଲି**

| କ୍ର.ନ | ପ୍ରଜାଙ୍କ ନାମ | ଖାତା ନଂ. | ପ୍ଲଟ ନଂ. | ଏରିଆ | ଚୌହଦୀ |
|---|---|---|---|---|---|
| ୭ | ଅନିରୁଦ୍ଧ ସାହୁ | ୩ | ୫୦୭ | ୦.୨୨ | ଉ- ନିଜ, ଦ- ନିଜ |
| ୮ | ଘାସି ସାହୁ | | ୪୨୫ (ରୁ) | ୦.୮୫ | ଉ- ଶ୍ରୀମତ ସାହୁ, ଦ- ମୁକୁନ୍ଦ ସାହୁ |
| ୯ | ରାଜେନ୍ଦ୍ର ସାହୁ | | ୪୨୫ (ରୁ) | ୦.୧୯ | ଉ- ଶ୍ରୀମତ ସାହୁ, ଦ- ମୁକୁନ୍ଦ ସାହୁ |
| | | | ୪୨୫ (ରୁ) | ୦.୩୨ | ଉ- ଶ୍ରୀମତ ସାହୁ, ଦ- ମୁକୁନ୍ଦ ସାହୁ |
| ୧୦ | ଉପେନ୍ଦ୍ର ସାହୁ | ୨୦୯/୧୩୨ | ୪୨୫ (ରୁ) | ୦.୧୯ | ଉ- ଶ୍ରୀମତ ସାହୁ, ଦ- ମୁକୁନ୍ଦ ସାହୁ |
| ୧୧ | ଅନିରୁଦ୍ଧ ସାହୁ | ୪ | ୨୪୦/୧୬୫୦ | ୦.୩୪ | ଉ- ନିଜ, ଦ- ନିଜ |
| | | | ୨୪୧/୧୬୫୨ | ୦.୬୮ | ଉ- ନିଜ, ଦ- ନିଜ |
| | | | ୨୪୧/୧୬୫୨/୧୮୪୮ | ୦.୩୦ | ନାହିଁ |
| | | | ୨୩୮/୧୬୪୯ | ୦.୧୬ | ଉ- ରାସ୍ତା, ଦ- ନିଜ |
| ୧୨ | ଅନିରୁଦ୍ଧ ସାହୁ ଓଗେର | ୬ | ୫୦୬ | ୦.୩୭ | ଉ- ନିଜ, ଦ- ନିଜ |
| | | | ୫୦୦ | ୦.୪୯ | ଉ- ନିଜ, ଦ- ନିଜ |
| | | | ୫୦୧ | ୦.୪୩ | ଉ- ନିଜ, ଦ- ନିଜ |
| | | | ୫୦୩ | ୦.୦୯ | ଉ- ନିଜ, ଦ- ନିଜ |
| | | | ୫୦୪ | ୦.୧୦ | ଉ- ନିଜ, ଦ- ନିଜ |
| | | | ୫୦୫ | ୦.୧୧ | ଉ- ନିଜ, ଦ- ନିଜ |
| | | | ୫୦୦/୧୬୬୧ | ୦.୦୭ | ଉ- ମନୋବଧ ନାୟକ, ଦ- ନିଜ |
| | | | ୫୦୧/୧୬୬୨ | ୦.୦୪ | ଉ- ମୁକୁନ୍ଦ ସାହୁ, ଦ- ନିଜ |
| | | | ୫୦୬/୧୬୬୩ | ୦.୦୪ | ଉ- ମୁକୁନ୍ଦ ସାହୁ, ଦ- ନିଜ |
| | | | ୫୦୭/୧୬୬୪ | ୦.୦୩ | ଉ- ମୁକୁନ୍ଦ ସାହୁ, ଦ- ନିଜ |
| | | | ୫୦୬ | ୦.୩୭ | ଉ- ନିଜ, ଦ- ନିଜ |
| | | | ୨୩୮ | ୦.୭୦ | ଉ- ରାସ୍ତା, ଦ- ନିଜ |
| | | | ୨୩୯ | ୦.୪୬ | ଉ- ରାସ୍ତା, ଦ- ନିଜ |
| | | | ୨୪୧/୧୬୫୧ | ୦.୯୨ | ଉ- ନିଜ, ଦ- ନିଜ |
| ୧୩ | ସମ୍ପାତି ସାହୁ | | ୫୧୦ | ୦.୨୦ | ଉ- ମନୋବଧ ନାୟକ, ଦ- ନିଜ |
| ୧୪ | ତେଜରାଜ ସାହୁ | | ୫୦୮ | ୦.୨୧ | ଉ- ମନୋବଧ ନାୟକ, ଦ- ନିଜ |
| ୧୫ | ଉପେନ୍ଦ୍ର ସାହୁ | | ୫୧୧ (ରୁ) | ୦.୨୨ | ଉ- ନିଜ, ଦ- ନିଜ |
| ୧୬ | ରାଜେନ୍ଦ୍ର ସାହୁ | | ୫୧୧ (ରୁ) | ୦.୨୨ | ଉ- ନିଜ, ଦ- ନିଜ |
| ୧୭ | ନେତ୍ରା ସାହୁ | ୧୬ | ୧୯ | ୦.୫୮ | ଉ- ଯୋଗେଶ୍ୱର ମେହେର, ଦ- ସତ୍ୟବାଦୀ ପୁରୀ |
| ୧୮ | କଷ୍ଟ ସାହୁ ଓଗେର | ୧୭ | ୩୭ (ରୁ) | ୧.୦୯ | ଉ- ଯଦୁମଣୀ ସାହୁ, ଦ- ଚଣ୍ଡିଆ ମେହେର |
| | | | ୪୪୧ | ୦.୫୭ | ଉ- ଦାଶ ଗହିର, ଦ- ସତ୍ୟବାଦୀ ପୁରୀ |
| ୧୯ | ଶୌକି ସାହୁ | | ୩୭ (ରୁ) | ୦.୫୮ | ଉ- ଯଦୁମଣୀ ସାହୁ, ଦ- ଚଣ୍ଡିଆ ମେହେର |
| | | | ୩୭ (ରୁ) | ୦.୪୮ | ଉ- ଯଦୁମଣୀ ସାହୁ, ଦ- ଚଣ୍ଡିଆ ମେହେର |
| ୨୦ | କାର୍ତ୍ତିକ ସାହୁ | ୨୧ | ୨୨ | ୦.୬୯ | ଉ- ଲିଙ୍ଗ ସାହୁ, ଦ- ପୁରନ୍ଦର ସାହୁ |
| ୨୧ | ଗଜପତି ସାହୁ | ୪୯ | ୧୧/୧୬୩୬ | ୦.୬୩ | ଉ- ମନ ପଟେଲ, ଦ- ନିଜ |
| ୨୨ | ଚନ୍ଦ୍ରମଣୀ ସାହୁ ଓଗେର | ୫୧ | ୨୧ (ରୁ) | ୦.୭୧ | ଉ- କାର୍ତ୍ତିକ ସାହୁ, ଦ- ଦାସ ମେହେର |
| | | | ୨୧ (ରୁ) | ୦.୭୨ | ଉ- କାର୍ତ୍ତିକ ସାହୁ, ଦ- ଦାସ ମେହେର |
| ୨୩ | ଯୋଗେଶ୍ୱର ମେହେର | ୬୧ | ୩୩ | ୦.୩୬ | ଉ- ବାମ ପୁଟେଲ, ଦ- ଢ଼େଖାଲ ପଥର ସେଠ |
| | | | ୧/୧୬୩୫ | ୦.୬୬ | ଉ- କାର୍ତ୍ତିକ ସାହୁ, ଦ- ମହାଦେବ ଭୁଏ |
| ୨୪ | ଘନଶ୍ୟାମ ସାହୁ | | ୨୦ | ୦.୪୬ | ଉ- ସଂକିର୍ତ୍ତନ ମେହେର, ଦ- ଶ୍ରୀମତ ସାହୁ |
| ୨୫ | ଡିଳେଶ୍ୱର ସାହୁ | | ୩୩ | ୦.୧୭ | ଉ- ବାମ ପୁଟେଲ, ଦ- ଢ଼େଖାଲ ପଥର ସେଠ |
| ୨୬ | କୁବେର ସାହୁ | | ୨୦ | ୦.୪୨ | ଉ- ସଂକିର୍ତ୍ତନ ମେହେର, ଦ- ଶ୍ରୀମତ ସାହୁ |
| ୨୭ | ଝାରୁ ସାହୁ | ୬୬ | ୨୨୯ | ୧.୦୦ | ଉ- କଷ୍ଟ ସାହୁ, ଦ- ଧୁବା ଭୁଏ |
| | | | ୪୫୫ | ୦.୫୯ | ଉ- ନିଜ, ଦ- ନିଜ |
| | | | ୪୫୮ (ରୁ) | ୦.୨୪ | ଉ- ସତ୍ୟବାଦୀ ପୁରୀ, ଦ- ରାସ୍ତା |
| ୨୮ | ଗଙ୍ଗାଧର ସାହୁ | | ୪୫୮ (ରୁ) | ୦.୩୦ | ଉ- ସତ୍ୟବାଦୀ ପୁରୀ, ଦ- ରାସ୍ତା |
| ୨୯ | ମାଘ ସାହୁ | | ୨୨୯ | ୦.୩୩ | ଉ- କଷ୍ଟ ସାହୁ, ଦ- ଧୁବା ଭୁଏ |
| ୩୦ | ଧୋବା ସାହୁ | ୮୯ | ୪୩୪ (ରୁ) | ୦.୪୪ | ଉ- ମୁକୁନ୍ଦ ସାହୁ, ଦ- ନିଜ |
| ୩୧ | ପୂର୍ଣ୍ଣାନନ୍ଦ ସାହୁ | ୮୯ | ୪୨୩ | ୦.୧୨ | ଉ- ଅନିରୁଦ୍ଧ ସାହୁ, ଦ- ନିଜ |
| ୩୨ | ତହସିଲ ସାହୁ | ୮୯ | ୪୩୪ (ରୁ) | ୦.୦୩ | ଉ- ମୁକୁନ୍ଦ ସାହୁ, ଦ- ନିଜ |
| ୩୩ | ଧୋବା ସାହୁ ଓଗେର | ୯୦ | ୪୩୭ | ୦.୩୮ | ଉ- ଢ଼େଖାଲ ସେଠ, ଦ- ନିଜ |
| | | | ୪୩୮ (ରୁ) | ୦.୧୨ | ଉ- ନିଜ, ଦ- ମୁକୁନ୍ଦ ସାହୁ |
| | | | ୪୩୩ (ରୁ) | ୦.୧୫ | ଉ- ନିଜ, ଦ- ମୁକୁନ୍ଦ ସାହୁ |
| ୩୪ | ତହସିଲ ସାହୁ | | ୪୩୩ (ରୁ) | ୦.୨୭ | ଉ- ନିଜ, ଦ- ମୁକୁନ୍ଦ ସାହୁ |
| ୩୫ | ଟିଟା ସାହୁ | | ୪୩୮ (ରୁ) | ୦.୫୦ | ଉ- ନିଜ, ଦ- ମୁକୁନ୍ଦ ସାହୁ |
| ୩୬ | କେତକେଜା ସାହୁ | | ୪୨୯ | ୦.୪୧ | ଉ- ଧୁବା ଭୁଏ, ଦ- ନିଜ |
| | | | ୪୩୦ | ୦.୩୬ | ଉ- ଧୁବା ସାହୁ, ଦ- ଅନିରୁଦ୍ଧ ସାହୁ |
| ୩୭ | ନେତ୍ରା ସାହୁ, ଓଗେର | ୯୯ | ୨୩ | ୦.୬୮ | ଉ- ବାମ ପୁଟେଲ, ଦ- କାର୍ତ୍ତିକ ସାହୁ |
| ୩୮ | ପର୍ଶୁ ସାହୁ, ଓଗେର | ୧୦୩ | ୧୨ (ରୁ) | ୧.୦୦ | ଉ- ମନ ପୁଟେଲ, ଦ- ଧନୁ ସାହୁ |
| | | | ୧୪ | ୦.୩୦ | ଉ- ନିଜ, ଦ- ନିଜ |
| | | | ୧୫ | ୦.୩୩ | ଉ- ନିଜ, ଦ- ନିଜ |
| | | | ୧୬ (ରୁ) | ୦.୫୦ | ଉ- ଧୋବା ସାହୁ, ଦ- ଧୋବା ପୁରୀ |
| ୩୯ | ବିଶ୍ୱନାଥ ସାହୁ | | ୧୨ (ରୁ) | ୦.୨୪ | ଉ- ମନ ପୁଟେଲ, ଦ- ଧନୁ ସାହୁ |
| ୪୦ | ହରିହର ବିଶି | | ୧୬ (ରୁ) | ୦.୧୫ | ଉ- ଧୋବା ସାହୁ, ଦ- ଧୋବା ପୁରୀ |
| ୪୧ | ପୂର୍ଣ୍ଣ ଚନ୍ଦ୍ର ମେହେର ଓଗେର | ୧୧୧ | ୬ | ୦.୬୧ | ଉ- ଲେମଧର ବାଉଣ୍ଡରୀ, ଦ- ଭୋଜରାଜ ମେହେର |
| | | | ୭ | ୦.୧୫ | ଉ- ନିଜ, ଦ- ଭୋଜରାଜ ମେହେର |
| ୪୨ | ବାସୁଦେବ ସାହୁ | ୧୨୪ | ୪୩୬ | ୦.୫୯ | ଉ- ଢ଼େଖାଲ ସେଠ, ଦ- ମୁକୁନ୍ଦ ସାହୁ |
| ୪୩ | ଭୋଜରାଜ ମେହେର ଓଗେର | ୧୪୪ | ୧ | ୦.୪୭ | ଉ- କାର୍ତ୍ତିକ ସାହୁ, ଦ- ମହାଦେବ ଭୁଏ |
| | | | ୩୪ | ୦.୯୭ | ଉ- କଷ୍ଟ ସାହୁ, ଦ- ମୁକୁନ୍ଦ ସାହୁ |
| ୪୪ | ମୁକୁନ୍ଦ ସାହୁ | ୧୪୫ | ୪୨୬ (ରୁ) | ୦.୫୮ | ଉ- ପାଣିବୁଢ଼ୁ ଗଣ୍ଡା, ଦ- ପୁରନ୍ଦର ସାହୁ |
| | | | ୪୨୮ | ୦.୪୨ | ଉ- ଯୋଗେଶ୍ୱର ମେହେର, ଦ- ବାସୁଦେବ ସାହୁ |
| | | | ୪୩୧ | ୦.୨୭ | ଉ- ଶ୍ରୀମତ ସାହୁ, ଦ- ଅନିରୁଦ୍ଧ ସାହୁ |
| | | | ୪୩୯ (ରୁ) | ୦.୨୪ | ଉ- ବାସୁ ସାହୁ, ଦ- ଅନିରୁଦ୍ଧ ସାହୁ |
| ୪୫ | ଖଗୁଆ ସାହୁ | | ୪୨୬ (ରୁ) | ୧.୩୩ | ଉ- ପାଣିବୁଢ଼ୁ ଗଣ୍ଡା, ଦ- ପୁରନ୍ଦର ସାହୁ |
| | | | ୪୩୯ (ରୁ) | ୦.୪୪ | ଉ- ବାସୁ ସାହୁ, ଦ- ଅନିରୁଦ୍ଧ ସାହୁ |
| | | | ୨୩୨ | ୦.୪୦ | ଉ- ଧନୁ କୁମ୍ଭାର, ଦ- ଶ୍ରୀମତ ସାହୁ |
| ୪୬ | ଟେକାରୁ ସାହୁ | | ୪୩୯ (ରୁ) | ୦.୧୭ | ଉ- ବାସୁ ସାହୁ, ଦ- ଅନିରୁଦ୍ଧ ସାହୁ |
| | | | ୪୩୯ (ରୁ) | ୦.୧୮ | ଉ- ବାସୁ ସାହୁ, ଦ- ଅନିରୁଦ୍ଧ ସାହୁ |
| ୪୭ | ମହାଦେବ ଗହିର | ୧୫୦ | ୪୪୬ | ୦.୧୮ | ଉ- ଗଜରାଜ ମେହେର, ଦ- ନିଜ |
| ୪୮ | ମହାଦେବ ଗହିର ଓଗେର | ୧୫୧ | ୪୪୭ | ୧.୯୦ | ଉ- ନିଜ, ଦ- ନିଜ |
| | | | ୪୪୧/୧୬୪୬ | ୦.୦୯ | ଉ- ମହାଦେବ ଗହିର, ଦ- ନିଜ |
| ୪୯ | ଗଗନ ସାହୁ | | ୪୪୨ | ୦.୮୬ | ଉ- ମୁକୁନ୍ଦ ସାହୁ, ଦ- ସତ୍ୟବାଦୀ ପୁରୀ |
| ୫୦ | ମନ ପୁଟେଲ | ୧୬୧ | ୩୦ | ୧.୮୨ | ଉ- ଲେମଧର ବାଉଣ୍ଡରୀ, ଦ- ନିଜ |
| | | | ୨୯ | ୦.୩୩ | ଉ- ନିଜ, ଦ- ନିଜ |
| | | | ୨୮ | ୦.୦୨ | ଉ- ନିଜ, ଦ- ନିଜ |
| | | | ୨୬ | ୦.୧୨ | ଉ- ନିଜ, ଦ- ସଂକିର୍ତ୍ତନ ମେହେର |
| | | | ୯ | ୦.୯୦ | ଉ- ନିଜ, ଦ- ଭୋଜ ମେହେର |
| | | | ୧୦ | ୦.୫୧ | ଉ- ମାଲିମୁଣ୍ଡା, ଦ- ମାଲିମୁଣ୍ଡା |
| ୫୧ | ବିଶ୍ୱନାଥ ସାହୁ | | ୩୦ | ୦.୩୬ | ଉ- ଲେମଧର ବାଉଣ୍ଡରୀ, ଦ- ନିଜ |
| ୫୨ | ମୁରଲୀ ସାହୁ, ଓଗେର | ୧୬୪ | ୧୭ (ରୁ) | ୦.୪୮ | ଉ- ଭୋଜରାଜ ମେହେର, ଦ- ସତ୍ୟବାଦୀ ପୁରୀ |
| ୫୩ | ଗଜପତି ସାହୁ | | ୧୭ (ରୁ) | ୦.୫୨ | ଉ- ଭୋଜରାଜ ମେହେର, ଦ- ସତ୍ୟବାଦୀ ପୁରୀ |
| ୫୪ | ଲିଙ୍ଗ ସାହୁ, ଓଗେର | ୧୮୮ | ୨୩୪ | ୦.୨୦ | ଉ- ବିଦ୍ୟାଧର ସାହୁ, ଦ- ଭାଗିରଥି ସାହୁ |
| ୫୫ | ଯୁଧିଷ୍ଠି ସାହୁ, ଓଗେର | ୬୪ | ୨୩୬ | ୦.୧୭ | ଉ- ରାସ୍ତା, ଦ- ଅନିରୁଦ୍ଧ ମେହେର |
| ୫୬ | ବିଦ୍ୟାଧର ସାହୁ,ଓଗେର | ୧୨୭ | ୨୩୫ | ୦.୪୨ | ଉ- ରାସ୍ତା, ଦ- ଲିଙ୍ଗ ସାହୁ |
| ୫୭ | ଭାଗିରଥି ସାହୁ | ୧୩୫ | ୨୩୩ | ୦.୨୩ | ଉ- ଲିଙ୍ଗ ସାହୁ, ଦ- ଅନିରୁଦ୍ଧ ସାହୁ |
| ୫୮ | ମାଣ୍ଡ ସାହୁ | ୧୪୯ | ୨୩୦ | ୦.୯୦ | ଉ- ଝାରୁ ସାହୁ, ଦ- ଧୋବା ଭୁଏ |
| ୫୯ | ଲମ୍ବୋଦର ସାହୁ | ୧୯୧ | ୪୪୪ | ୦.୨୦ | ଉ- ମହାଦେବ ଗହିର, ଦ- ନିଜ |
| ୬୦ | ଗଜରାଜ ସାହୁ | | ୪୪୪/୧୭୮୦,୪୪୪ | ୦.୩୦ | ଉ- ପର୍ଶୁ ସାହୁ, ଦ- ଦଧିବାମନ ମହାପାତ୍ର |
| ୬୧ | ଚନ୍ଦ୍ରମଣୀ ସାହୁ | | ୪୪୯ | ୦.୧୭ | ଉ- ମହାଦେବ ଗହିର, ଦ- ନିଜ |
| ୬୨ | ଭାଗିରଥି ସାହୁ | | ୪୫୦ | ୦.୨୦ | ନାହିଁ |
| | | | | ୪୩.୪୫ | |
| | | | ସମୁଦାୟ ସମଷ୍ଟି- ୫୦.୦୧ | | |

ତାରିଖ: ୩୧.୧୦.୨୦୧୯
ସ୍ଥାନ- ସମ୍ବଲପୁର

ସ୍ୱା- ସଚିକାନ୍ତ ମିଶ୍ର, ଆଇନଜୀବି, ସମ୍ବଲପୁର
HIW OLD GUEST HOUSE COLONY, HIRAKUD, SAMBALPUR -768016
Mob: 9437158744/ 9337358744, E-mail: sachikant1234@gmail.com


## ■ଏଚ୍‌ଆଇଭି ରୋଗୀଙ୍କୁ ଅସ୍ତ୍ରୋପଚାର ପରେ ୨୪ ଘଣ୍ଟା ଦନ୍ତ ବିଭାଗ ବନ୍ଦ ରହିବା ଘଟଣା

# ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ଦାଖଲ କଲା କମିଟି

**ସମ୍ବଲପୁର,୩୧।୧୦(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ଭିମସାରରେ ମଙ୍ଗଳବାର ୨୪ ଘଣ୍ଟା ଧରି ଦନ୍ତ ବିଭାଗ ବନ୍ଦ ରହିବା ଘଟଣାର ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗକୁ ଦିଆଯାଇଛି। ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଲାଲମୋହନ ନାଏକଙ୍କୁ ଡାକ୍ତର ପ୍ରଭାତୀ ଦତ୍ତଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ କମିଟି ରିପୋର୍ଟ ପ୍ରଦାନ କରିଛନ୍ତି । ବୁଧବାର ସୁଦ୍ଧା ତଦନ୍ତ ସରିଥିଲା। ଆଉ କିଛି ଲୋକଙ୍କୁ ପଚରାଉଚୁରା ବାକି ରହିଥିଲା । ତେଣୁ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଦିଆଯାଇଛି । ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଆଉ ୨ ଦିନ ସମୟ ଲାଗିବ ବୋଲି ଜଣେ ତଦନ୍ତ ଅଧିକାରୀ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ଅକ୍ଟୋବର ୨୮ ତାରିଖରେ ଜଣେ ଏଚ୍‌ଆଇଭି ରୋଗୀଙ୍କୁ ଅସ୍ତ୍ରୋପଚାର କରାଯାଇଥିଲା । ଏହାପରେ ଜଣେ ଅବସରପ୍ରାପ୍ତ ଫାର୍ମାସିଷ୍ଟ ଓ ଜଣେ ୭ ବର୍ଷ ବାଳକର ଦାନ୍ତ ବାହାର କରାଯାଇଥିଲା । ଏହାକୁ ନେଇ ଦନ୍ତ ବିଭାଗ ମୁଖ୍ୟ ଡାକ୍ତର ଅନୁପ ଶତପଥୀ ଅଧୀକ୍ଷକଙ୍କୁ ଚିଠି ଲେଖି ୨୪ ଘଣ୍ଟା ଅପରେଶନ କକ୍ଷ ବନ୍ଦ ରଖିବାକୁ କହିଥିଲେ । ଡାକ୍ତର ପି.କେ. ସ୍ୱାଇଁ ଏଥିରେ ଅବହେଳା କରିଥିବା ଦର୍ଶାଇଥିଲେ । ହେଲେ ଏହି ଘଟଣାରେ ଡାକ୍ତର ସ୍ୱାଇଁ କହିଥିଲେ, ଏହି ଘଟଣା ମିଛରେ ପ୍ରଚାର କରାଯାଉଛି । ସେଭଳି କିଛି ହୋଇନାହିଁ । ତାଙ୍କୁ ଷଡଯନ୍ତ୍ର କରି ଫସାଇ ଦିଆଯାଉଛି । ଜଣେ ସହକର୍ମୀ ଡାକ୍ତର ଏଥିରେ ସାମିଲ ଅଛନ୍ତି ବୋଲି କହିଥିଲେ ।

## ଲାଞ୍ଚ ମାମଲା: ଶିଳ୍ପକେନ୍ଦ୍ର ସଂଯୋଜକ ଦଣ୍ଡିତ

**କଟକ ଅଫିସ, ୩୧।୧୦:** ନୂଆପଡ଼ା ଜିଲା ଶିଳ୍ପକେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ରାୟ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ସେ ପୂର୍ବରୁ ବାଲେଶ୍ୱର ଜିଲା ଶିଳ୍ପକେନ୍ଦ୍ରରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଏକ ଫାଇଲ କାମ କରିବା ପାଇଁ ବିରଜା ଶଙ୍କର ସାହୁ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨୦ହଜାର ଲାଞ୍ଚ ନେଇ ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୫/୨୦୦୭) ରୁଜୁ ହୋଇଥିଲା। ଏହି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ରାୟଙ୍କୁ ଦୁର୍ନୀତି ନିବାରଣ ଆଇନର ପୃଥକ ଧାରାରେ ଅଭିଯୁକ୍ତଙ୍କୁ ଦୁଇ ବର୍ଷ ଜେଲ୍ ଓ ୩ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ୨ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ। ଅନ୍ୟ ଏକ ଧାରାରେ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ୍ ଓ ୨ହଜାର ଜରିମାନା ଦଣ୍ଡ ମିଳିଛି। ଜରିମାନା ଅନାଦାୟେ ଆଉ ମାସେ ଜେଲ୍ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକ ସମୟରେ ଚାଲିବ। ଭିଜିଲାନ୍ସ ପକ୍ଷରୁ ସେକ୍ ହାଜିରୁଦ୍ଦିନ ମାମଲା ପରିଚାଳନା କରୁଥିଲେ।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMBBS2019050, ତା.25.10.2019ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର କଳାହାଣ୍ଡି ଜିଲ୍ଲାରେ ନର୍ଲା ରୋଡ୍ ରେଳ ଷ୍ଟେସନ ନିକଟରେ ଇଲେକ୍ଟ୍ରିକ୍ ଲୋକୋ ସମୟାନୁସାର ପରୀକ୍ଷା ଓ ମରାମତି (POH) କାରଖାନାର ସ୍ଥାପନା ସମ୍ବନ୍ଧୀୟ ରୋଡ୍ କ୍ରସିଙ୍ଗଗୁଡ଼ିକର ସର୍ବେକ୍ଷଣ, ମାଟି ଅନ୍ୱେଷଣ, ବ୍ରିଜଗୁଡ଼ିକ ନିମନ୍ତେ ଭୂ-ବୈଷୟିକ ଅଧ୍ୟୟନ, ଜଙ୍ଗଲ ଡାଇଭର୍ସନ (Diversion) ପ୍ରସ୍ତାବ ଇତ୍ୟାଦି ନିମନ୍ତେ ଜେନେରାଲ ଆରେଞ୍ଜମେଣ୍ଟ ଡ୍ରଇଂର ଡିଜାଇନ୍ ଏବଂ ପ୍ରସ୍ତୁତି, ନକ୍ସା (Plan) ପ୍ରସ୍ତୁତି ଭଳି ପ୍ରାଥମିକ କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 55.13 ଲକ୍ଷ, EMD (ଟଙ୍କାରେ) : 1,10,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.11.2019 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-69/CC/19-20


## ■ଓଡ଼ିଶାରେ ଏକତା ପାଇଁ ଦୌଡ଼ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

# "ପଟେଲ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ଭାରତ ମହାଶକ୍ତି ହୋଇଥାନ୍ତା"

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**




ଗଣଦୌଡ଼ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ

ଦେଶର ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୪ତମ ଜୟନ୍ତୀ ଅବସରରେ ଗୁରୁବାର ଦେଶବ୍ୟାପୀ ଏକତା ପାଇଁ ଦୌଡ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପତାକା ଦେଖାଇ ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସର୍ଦ୍ଦାର ପଟେଲ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ସମ୍ଭବତଃ ଭାରତ ପୃଥିବୀର ମହାଶକ୍ତି ହୋଇସାରନ୍ତାଣି। ଯେଉଁ ସର୍ଦ୍ଦାରଙ୍କ ଯୋଗୁ ଦେଶରେ କୃଷି, ସମବାୟ, ସୁରକ୍ଷା ଓ ପ୍ରଶାସନ ଦ୍ୱାରା ଏକ ଲୌହ ଢାଞ୍ଚା ତିଆରି କରାଯାଇ ପାରିଥିଲା ସେହି ସର୍ଦ୍ଦାରଙ୍କୁ ଦେଶ ମନେପକାଇ ନ ଥିଲା। ମାତ୍ର ଆଜି ଦେଶରେ ତାଙ୍କ ଜୟନ୍ତୀ ଅର୍ଥାତ୍ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ଦ୍ଦାରଙ୍କ ପୃଥିବୀର ସବୁଠୁ ଉଚ୍ଚ ପ୍ରତିମୂର୍ତ୍ତି "ଷ୍ଟାଚ୍ୟୁ ଅଫ୍ ୟୁନିଟ୍" ସ୍ଥାପନା କରି ସର୍ଦ୍ଦାରଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ ଦେଇଛନ୍ତି। ଓଡିଶାର ନୀଳଗିରି ମଧ୍ୟ ସର୍ଦ୍ଦାର ପଟେଲଙ୍କର ସହ ଦୃଢତାର ସହ ଠିଆ ହୋଇଥିଲା। ଦେଶର ପ୍ରଥମ ଦେଶୀୟ ରାଜ୍ୟଭାବେ ବାଲେଶ୍ୱରର ନୀଳଗିରି ସାର୍ବଭୌମ ଭାରତର ଅଂଶ ହୋଇଥିଲା। ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ ନୀଳଗିରି ତାହାର ପ୍ରମାଣ ବୋଲି ସେ କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଶହୀଦ ବାଜି ରାଉତ, ବକ୍ସି ଜଗବନ୍ଧୁ, ଶହୀଦ ଭଗତ ସିଂହ, ମଙ୍ଗଲ୍ ପାଣ୍ଡେ, ସର୍ଦ୍ଦାର ପଟେଲ, ହରେକୃଷ୍ଣ ମହତାବ ଏବଂ ପଣ୍ଡିତ ଗୋପବନ୍ଧୁ ଦାସ ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇଛନ୍ତି। ଭୁବନେଶ୍ୱର ରେଳ ଷ୍ଟାଡିୟମଠାରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଆୟୋଜିତ ରନ୍ ଅଫ୍ ୟୁନିଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଫଟୋରେ ଧର୍ମେନ୍ଦ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଅର୍ଦ୍ଧ ସାମରିକ ବାହିନୀର ଯବାନ, ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ତଥା ଜନସାଧାରଣଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ।

# ସମ୍ବଲପୁର ଏସ୍‌ପିଙ୍କୁ ସ୍ୱତନ୍ତ୍ର ଅପରେଶନ ମେଡାଲ

**ସମ୍ବଲପୁର,୩୧।୧୦(ବ୍ୟୁରୋ)**



ସମ୍ବଲପୁର ଏସ୍‌ପି କନୱର ବିଶ୍ୱାଳ ସିଂ।

ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂଙ୍କ ନାମ ସ୍ୱତନ୍ତ୍ର ଅପରେଶନ ମେଡାଲ ପାଇଁ ଚୟନ କରାଯାଇଛି । ୨୦୧୯ ବର୍ଷରେ କେନ୍ଦ୍ର ଗୃହମନ୍ତ୍ରଣାଳୟ ପକ୍ଷରୁ ଦିଆଯାଉଥିବା ଏହି ପୁରସ୍କାର ତାଲିକାରେ ତାଙ୍କ ନାମ ପ୍ରକାଶ ପାଇଛି । ନଭେମ୍ବର ୧୧ ତାରିଖରେ ଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ଏହି ମେଡାଲ ପ୍ରଦାନ କରାଯିବ । ଏହି ଖବର ପ୍ରଚାର ହେବା ପରେ ଜିଲା ପୋଲିସ ଓ ବିଭିନ୍ନ ମହଲରୁ ଏସପି ସିଂଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ସୂଚନାଯୋଗ୍ୟ, କୋରାପୁଟ ଜିଲାରେ ଏସ୍‌ପି ସିଂ କାର୍ଯ୍ୟ କରୁଥିଲେ । ୨୦୧୯ ମେ' ୮ ତାରିଖରେ ପଡିଆ ପୋଲିସ ଷ୍ଟେଶନ ନିକଟ ଏକ ଜଙ୍ଗଲରେ ମାଓବାଦୀ ଥିବା ନେଇ ସୂଚନା ପାଇଥିଲେ। ସ୍ୱତନ୍ତ୍ର ପୋଲିସ ସହ ସେ ଚଢାଉ କରି ୫ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରିଥିଲେ । ଘଟଣାସ୍ଥଳରୁ ଅନ୍ୟ ମାଓବାଦୀମାନେ ଫେରାର ହୋଇଯାଇଥିଲେ ।


## D.D. Autonomous College, Keonjhar.

**WALK-IN-INTERVIEW**

Walk-in-Interview will be conducted for engagement of Guest Faculty for two years regular B.Ed. Programme, at D.D.(Autonomous) College, Keonjhar for the Session 2019-20 on dt.05.11.2019 at 11:00 A.M in the College. The candidate should be of M.Sc. with M.Ed. Degree (55% Marks in both).

Interested candidates have to submit their biodata with all Original Testimonials and one recent passport size photograph, attached to the biodata form on the date of interview.

The undersigned reserves the right to stop/ cancel the interview /engagement at any time in case of arising situation without assigning any reason thereof.

Sd./-
Principal
D.D. (Auto) College,
Keonjhar



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍

# ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ଲାଗି ଏମ୍‌ଓୟୁ

- ଜେ-ପିଏଏଲ୍, ରାଜ୍ୟ ସରକାରଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର
- ମହିଳା ସଶକ୍ତୀକରଣ, କୃଷି ଉତ୍ପାଦନ ବୃଦ୍ଧି, ଦାଦନ ସମସ୍ୟା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଗବେଷଣାଭିତ୍ତିକ ସହଯୋଗ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ରାଜ୍ୟର ବିଭିନ୍ନ କ୍ଷେତ୍ରରୁ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଗୁରୁବାର ରାଜ୍ୟ ସରକାର ଅବ୍‌ଦୁଲ ଲତିଫ୍ ଜମିଲ ପଭର୍ଟି ଆକ୍ସନ ଲାବ୍(ଜେ-ପିଏଏଲ) ଦକ୍ଷିଣ ଏସିଆ ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ସର୍ତ୍ତ ଅନୁଯାୟୀ ଜେ-ପିଏଏଲ ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ସହ ବିକାଶମୂଳକ କାର୍ଯ୍ୟକ୍ରମକୁ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାରଙ୍କୁ ବୈଷୟିକ ସହାୟତା ଯୋଗାଇ ଦେବ। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅନୁରୂପ ଏହି ବୁଝାମଣାପତ୍ର ନୀତି ନିର୍ଦ୍ଧାରଣ ପାଇଁ ଗବେଷଣାଭିତ୍ତିକ ସହଯୋଗ ଯୋଗାଇ ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ସହାୟକ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା, ଟିମ୍‌ୱାର୍କ ଏବଂ ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଜେ-ପିଏଏଲ ଶ୍ରମ, ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଦାରିଦ୍ର୍ୟ ଦୂରୀକରଣ ଓ ବିକାଶମୂଳକ ଯୋଜନା ବିଷୟରେ ତଥ୍ୟ ସଂଗ୍ରହ କରି ତା'ର ମୂଲ୍ୟାୟନ କରିବ। ଏଥିସହିତ ଏହିସବୁ କାର୍ଯ୍ୟର ମୂଲ୍ୟାୟନ ଓ ସୁପରିଚାଳନା ପାଇଁ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରାଯିବ। ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ସମୟରେ କର୍ମଶାଳାର ଆୟୋଜନ କରାଯିବ।

ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ଗ୍ରହଣ କରିଥିବା କାର୍ଯ୍ୟକ୍ରମର ସୁଫଳ ଯେପରି ସର୍ବାଧିକ ହିତାଧିକାରୀ ପାଇପାରିବେ ସେ ଦିଗରେ ଉଭୟ କାର୍ଯ୍ୟ କରିବେ। ରାଜ୍ୟ ସରକାର ଓ ଜେ-ପିଏଏଲ ଦକ୍ଷିଣ ଏସିଆ ନିୟମିତ ବିଭିନ୍ନ ନୀତି ଉପରେ ବାର୍ଷିକ ଆଲୋଚନା କରି ସରକାରଙ୍କ ପ୍ରାଥମିକତା କ୍ଷେତ୍ର ଚୟନ କରିବେ। ଏଥିସହିତ ତଥ୍ୟ ଆଦାନପ୍ରଦାନ କରିବା ଏବଂ ମିଳିତ ଭାବେ ଅଭିନବ ଉପାୟ ଅବଲମ୍ବନ କରିବା ସହିତ ବାସ୍ତବ କ୍ଷେତ୍ରରେ ଏହାର ପ୍ରୟୋଗ କରି କାର୍ଯ୍ୟକ୍ରମଗୁଡ଼ିକର ମୂଲ୍ୟାୟନ କରିବେ। ପୁଷ୍ଟିହୀନତା, ମହିଳା ସଶକ୍ତୀକରଣ, ଦାଦନ ଶ୍ରମିକ ସମସ୍ୟା, ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ଏବଂ କୃଷି ଉତ୍ପାଦନ ଆଦି କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ନୀତି ସମ୍ପର୍କରେ ନିୟମିତ ଆଲୋଚନା କରି ସାଧାରଣ ଲୋକଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିବା ଦିଗରେ ପଦକ୍ଷେପ ନିଆଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରିମଣ୍ଡଳ ସଦସ୍ୟ, ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ, ମୋ ସ୍କୁଲ ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବ, କୃଷି ଉତ୍ପାଦନ କମିଶନର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଖାରବେଳ ଭବନଠାରେ ଅନୁଷ୍ଠିତ ଏହି ବୁଝାମଣାପତ୍ରରେ ରାଜ୍ୟ ସରକାରଙ୍କ ତରଫରୁ ଉନ୍ନୟନ କମିଶନର ସୁରେଶ ମହାପାତ୍ର ଏବଂ ଜେ-ପିଏଏଲ ପକ୍ଷରୁ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଶୋଭିନୀ ମୁଖାର୍ଜୀ ଦସ୍ତଖତ କରିଥିଲେ। ଏହି ଏମ୍‌ଓୟୁ ସ୍ୱାକ୍ଷର ଫଳରେ ଓଡ଼ିଶାର ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହୋଇପାରିବ। ଓଡ଼ିଶା ସରକାରଙ୍କ ସହ ମିଶି କାର୍ଯ୍ୟ କରିବାକୁ ଜେ-ପିଏଏଲର ପ୍ରବଳ ଉତ୍ସାହ ରହିଥିଲା ବୋଲି ମୁଖାର୍ଜୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଜେ-ପିଏଏଲ୍‌ର ସହ ପ୍ରତିଷ୍ଠାତା ଅଭିଜିତ୍ ବାନାର୍ଜୀ ଚଳିତ ବର୍ଷ ଅର୍ଥନୀତିରେ ନୋବେଲ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମିନି, ଜାମିନି, ମଧ୍ୟସ୍ଥି**
**ମନା କରିଛନ୍ତି ଅଗସ୍ତି ।**

ଅମିନମାନେ ଜମି ମାପକରି ମାଲିକାନା ସାବ୍ୟସ୍ତ କରନ୍ତି। ଯେତେ ଠିକ୍ ମାପ କଲେ ବି ଦୁଇପକ୍ଷ ସନ୍ତୁଷ୍ଟ ହୋଇ ପାରି ନ ଥାନ୍ତି। ଜାମିନିମାନେ ବ୍ୟକ୍ତିଗତ ମୁଚାଲିକା ଦେଇ ଥାନା ବା କୋର୍ଟରୁ ଲୋକକୁ ଆଣିଥାନ୍ତି। ସେହି ଲୋକ କୋର୍ଟରେ କି ଥାନାରେ ହାଜର ନ ହେଲେ ଜାମିନଦାର ଦାୟୀ ରହେ । ହାଜିର ହୋଇ କୈଫିୟତ ଦେବାକୁ ଦୌଡ଼େ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣ ହରକତ ହୁଏ। ସେହିପରି ବର ଓ କନ୍ୟା ପକ୍ଷକୁ ମଙ୍ଗେଇ ମଧ୍ୟସ୍ଥ ବାହାଘର ସ୍ଥିର କରେ। ଦେବା ନେବାରେ ଅସୁବିଧା ହେଲେ ଦୁଇପକ୍ଷ ତାକୁ ଗାଳି ଦିଅନ୍ତି। ଏ ତିନୋଟିଯାକ କାମ ଅପ୍ରୀତିକର ହୋଇଥିବା ସ୍ଥଳେ ଏପରି କାମ ନ କରିବା ପାଇଁ ଅଗସ୍ତି ଋଷି ମନା କରିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅସକରାକୁ ଅସକରୀ**
**ଦଇବ ଦେଇଛି ଭେଟ କରି ।**

କୁହାଯାଏ ବିବାହ ସ୍ୱର୍ଗରେ ସ୍ଥିର ହୋଇଥାଏ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ଯେଉଁଠି ଏଇଭଳି ଯୋଡ଼ିଥାଏ, ସେଠି ଈଶ୍ୱରଙ୍କ କୃତ ବୋଲି ଭାବିନେବାକୁ ସମସ୍ତେ ବାଧ ହୋଇଥାନ୍ତି। ବର ଓ କନ୍ୟା ଉଭୟେ ସମଶ୍ରେଣୀର ହୋଇଥିବା ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ସମ୍ବଲପୁରରେ ଖୋଲିଲା ରିଲାଏନ୍ସ ସ୍ମାର୍ଟ




ସମ୍ବଲପୁର,୩୧-୧୦

ଗ୍ରୋସରି ସୁପରମାର୍କେଟ ବ୍ରାଣ୍ଡ ରିଲାଏନ୍ସ ରିଟେଲ ପକ୍ଷରୁ ନୂଆ ଷ୍ଟୋର ସମ୍ବଲପୁରରେ ଖୋଲିଛି। ବୁଢ଼ାରଜା ମେନ୍‌ରୋଡର ବାଲାଜୀ ଡେଭଲପଠାରେ ଏହି ନୂଆ ଷ୍ଟୋର ୧୯,୬୮୪ ବର୍ଗଫୁଟ ପରିମିତ ସ୍ଥାନରେ ଆରମ୍ଭ ହୋଇଛି। ଗ୍ରାହକମାନେ ଏଠାରେ ଗୋଟିଏ ଛାତତଳେ ଗ୍ରୋସରି, ଫଳ ଓ ପନିପରିବା, ଦୁଗ୍ଧଜାତ ସାମଗ୍ରୀଠାରୁ ଆରମ୍ଭ କରି କିଚେନୱେର, ହୋମୱେର ସହ ବିସ୍ତୃତ ଶୃଙ୍ଖଳାର ପ୍ରଡକ୍ଟ ଏଠାରେ ଲାଭ କରିପାରିବେ। ନୂଆ ଷ୍ଟୋର ଗ୍ରାହକଙ୍କୁ ୱାନଷ୍ଟପ ଶପିଂ ଅନୁଭୂତି ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା ବର୍ଷ ତମାମ ବ୍ୟାପକ ବର୍ଗ ପ୍ରଡକ୍ଟ ଏମ୍‌ଆର୍‌ପି ଉପରେ ସର୍ବନିମ୍ନ ୫% ନିଶ୍ଚିତ ରିହାତି, ଆକର୍ଷଣୀୟ ଅଫର, ନିର୍ଦ୍ଦିଷ୍ଟ ମୂଲ୍ୟ କ୍ରୟ ଉପରେ ୯ ଟଙ୍କାରେ ୧ କିଲୋ ଚିନି ଏବଂ ମାସିକିଆ ଗ୍ରୋସରି ଶପିଂ ସୁବିଧା ପ୍ରଦାନ କରୁଛି। ନିତିଦିନିଆ ଖାଦ୍ୟ ସାମଗ୍ରୀ ଫଳ ଓ ପନିପରିବା ଇତ୍ୟାଦି ଏହା ସୁଲଭ ମୂଲ୍ୟରେ ପ୍ରଦାନ କରୁଥିବା କହିଛି। ଏହି ନୂଆ ଷ୍ଟୋର ଦ୍ୱାରା ରିଲାଏନ୍ସ ସ୍ମାର୍ଟର ମୋଟ ଷ୍ଟୋର ସଂଖ୍ୟା ୯ରେ ପହଞ୍ଚିଛି।

## ସେଲ୍‌ଫି କର୍ନର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଗଙ୍ଗାଧର



କୌତୁକ



ସାନନ୍ଦ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଆଜିଠୁ କଟକଣା: ନିଷିଦ୍ଧାଞ୍ଚଳ ହେଲା ଗହୀରମଥା

ରାଜନଗର/ମହାକାଳପଡ଼ା, ୩୧।୧୦ (ଡି.ଏନ୍.ଏ.)

ବିରଳ ସାମୁଦ୍ରିକ କଇଁଛ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ପାଇଁ କଟକଣା ଜାରି କରିଛି ରାଜନଗର ବନବିଭାଗ। ଅଲିଭ୍‌ରିଡ୍‌ଲେଙ୍କ ଅଣ୍ଡିରାଶାଳ ଭାବେ ପରିଚିତ ଗହୀରମଥାକୁ କଇଁଛଙ୍କ ଆଗମନ ଆରମ୍ଭ ହୋଇଥିବାରୁ ନଭେମ୍ବର ୧ରୁ ଆସନ୍ତା ମେ ୩୧ ପର୍ଯ୍ୟନ୍ତ ଗହୀରମଥାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ନିଷିଦ୍ଧାଞ୍ଚଳରେ ଯନ୍ତ୍ରଚାଳିତ ଟ୍ରଲର, ବୋଟ୍, ଭୁଟୁଭୁଟି ଆଦି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ଡିଏଫଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଧାମରା ମୁହାଣରୁ ଦେବୀ ମୁହାଣ ଯାଏଁ ସମୁଦ୍ର କୂଳଠାରୁ ୨୦ କି.ମି. ପର୍ଯ୍ୟନ୍ତ ମାଛ ଧରିବାକୁ ବାରଣ କରାଯାଇଛି। ଏଥିସହିତ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବାବୁବାଲି ଓ ଅଗରନାଶିଠାରେ ଦୁଇଟି ଅଫିସର କ୍ୟାମ୍ପ ସହ ଏକକୁଳା, ସାତଭାୟା, ଜଉଦିଆ, ଦୋବନ୍ଧି, ଶାସନପେଟା, ତାଲଙ୍ଗ, ଜଟାଧାର, ଷଣ୍ଢକୁଦ ୧, ୨, ହାୱାଖାନା, ରାମତାରା ଓ ବନ୍ଦର ଆଦି ସ୍ଥାନରେ ଟର୍ଟଲ ପ୍ରୋଟେକ୍ସନ୍ କ୍ୟାମ୍ପ କରାଯାଇଛି। ଅଫିସର କ୍ୟାମ୍ପରେ ୫ ଜଣ ଲେଖାଏଁ କର୍ମଚାରୀ ଓ ଅନ୍ୟ ୧୪ଟି କ୍ୟାମ୍ପରେ ୩ଜଣ ଲେଖାଏଁ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଏହାବାଦ୍ ବାବୁବାଲି ଓ ଶାସନପେଟାରେ ଏପିଆର୍ ଫୋର୍ସ ମୁତୟନ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହ ବେଆଇନ ଟ୍ରଲର ଚଳାଚଳ ଉପରେ ନଜର ରଖିବା ପାଇଁ ବନବିଭାଗ ସମେତ କୋଷ୍ଟଗାର୍ଡ, ମେରାଇନ୍ ପୋଲିସ୍, ମତ୍ସ୍ୟବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ କରାଯିବ। ଦୁଇଟି ସ୍ପିଡ୍‌ବୋଟ୍ ଗହୀରମଥା-୧ ଓ ଗହୀରମଥା-୨ ଏବଂ ଗୋଟିଏ ସପୋର୍ଟ ଟ୍ରଲର ଅଲଭିଆ ପାଟ୍ରୋଲିଂରେ ସାମିଲ ହେବେ। ଏଥିସହ ବାବୁବାଲିଠାରେ ଭଦ୍ରକ ଡିଭିଜନ ପକ୍ଷରୁ ଗୋଟିଏ କ୍ୟାମ୍ପ କରାଯିବା ସହିତ ଗୋଟିଏ ସ୍ପିଡବୋଟ୍ ନିୟୋଜିତ ହେବ। କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ କୋଷ୍ଟଗାର୍ଡ, ଡିଆର୍‌ଡିଓ, ମେରାଇନ ପୋଲିସ ଓ ମତ୍ସ୍ୟ ବିଭାଗକୁ ଚିଠି ଦିଆଯାଇଛି ବୋଲି ଗହୀରମଥା ରେଞ୍ଜ ଅଧିକାରୀ ଦେବାଶିଷ ଭୋଇ ସୂଚନା ଦେଇଛନ୍ତି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

FINANCE

ଋଣ ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
୧୯୮୦ରୁ ଆପଣଙ୍କ ସେବାରେ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
8929619951
SCO-106, Second Floor, Vishal Tower, Cannaught Place, Delhi.

SEE COLOR DISPLAY CLASSIFIED
ON EVERY TUESDAY & FRIDAY

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now:
9716592470
Brahma Sahi, Nayagarh

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101
7310644390
Vishal Mansion, Mahatma Gandhi Road, UP

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

BUSINESS BUSINESS

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
ସରକାରୀ ଜନକଲ୍ୟାଣ ଯୋଜନା ଅନ୍ତର୍ଗତ ଦ୍ୱାରା ମାର୍କସିଟ, ସମ୍ପତି, ଆଧାରକାର୍ଡ, ବ୍ୟବସାୟ ଓ BPL, ବ୍ୟକ୍ତିଗତ ଋଣ (1ରୁ 90 Lakh) ପର୍ଯ୍ୟନ୍ତ ମାତ୍ର ୧୩୫୦/- ଟଙ୍କାରେ ୪୮ ଘଣ୍ଟାରେ ପାଆନ୍ତୁ। ବାର୍ଷିକ 1% ସୁଧ 40% ଛାଡ
Ashoka Finance
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7900883466
8743042068

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541
09499469559

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କମ୍ପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ଚାକିରି + ୨୦ ବର୍ଷର କୋଟ ଅଗ୍ରିମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।
- ରବର୍ଟ ବର୍ଟନ



## ସଂକ୍ଷେପରେ

### ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

ପର୍ଲା,୩୧।୧୦(ଡି.ଏନ.ଏ.)- କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଠାରେ ଦଣ୍ଡପାଟ କଳା ପରିଷଦ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗୁରବାର ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଭାପତି ଭାବେ ଗ୍ରାମ୍ୟ ପୂଝାରି ଯୁବରାଜ ନାଏକ ଥିବା ବେଳେ ମୁଖ୍ୟଅତିଥି ଭାବେ ବଳରାମ ପୂଝାରୀ ସମ୍ମାନିତ ଅତିଥି ନିର୍ମଳ ଚନ୍ଦ୍ର ନାଏକ, ତପନ ପଣ୍ଡା ଓ ଘନଶ୍ୟାମ ପଟେଲ ଯୋଗଦେଇଥିଲେ । ଏଥିରେ ୧୧ଟି ନୃତ୍ୟ ଦଳ ଯୋଗଦେଇଥିଲେ। ପ୍ରଥମ ଲଡୁଗାଁ, ୨ୟ ଧର୍ମଗଡ, ୩ୟ ସମ୍ବଲପୁର, ୪ର୍ଥ ବୋବରିଆ, ୫ମ କିର୍କାକାନି ଓ ୬ଷ୍ଠ ସ୍ଥାନରେ ତାଳଗୁମା ପୁରସ୍କୃତ ହୋଇଥିଲେ। ବିଚାରକ ଭାବେ ଅନୁଷ୍ଠାନ ସଭାପତି ବବଲୁ ଅଗ୍ରୱାଲ, ଲଳିତ ନାଏକ, ଦିନବନ୍ଧୁ ବାଗ, ଓ ତପନ ପଣ୍ଡା ଉପସ୍ଥିତ ଥିଲେ। ଏଥିରେ ସୁରେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କମିଟି ସମ୍ପାଦକ ମହନ ରଣା, ଗୋଲାପ ଅଗ୍ରୱାଲ ସହେଯାଗ କରିଥିଲେ।

■ କାଳିଆ ଯୋଜନାର ୨ୟ ପର୍ଯ୍ୟାୟ ଟଙ୍କା

# ଅପେକ୍ଷାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ

■ ମହାନଗର ନିଗମ ଅଧୀନ ଚାଷୀ ବାଦ୍ ପଡ଼ିବେ
■ ଚାଷୀ ସଂଗଠନ ପକ୍ଷରୁ ଅସନ୍ତୋଷ

ସମ୍ବଲପୁର,୩୧।୧୦(ବ୍ୟୁରୋ)

ନିର୍ବାଚନ ପ୍ରଚାର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାର ଗଠନର ୧ ମାସ ଭିତରେ କାଳିଆ ଟଙ୍କା ଚାଷୀମାନଙ୍କୁ ଦିଆଯିବ ବୋଲି ଘୋଷଣା କରିଥିଲେ। ସରକାର ଗଠନର ୫ ମାସ ବିତିବା ପରେ ଦ୍ୱିତୀୟ ପର୍ଯ୍ୟାୟ କାଳିଆ ଟଙ୍କା ନଭେମ୍ବରରେ ଦିଆଯିବ ବୋଲି କୃଷି ସଚିବ ଘୋଷଣା କରିଛନ୍ତି। ନଭେମ୍ବର ମାସରୁ ପର୍ଯ୍ୟାୟ କ୍ରମେ ଚାଷୀମାନଙ୍କ ଜମା ଖାତାରେ ସିଧା ସଳଖ ଟଙ୍କା ଦିଆଯିବ କହିଛନ୍ତି। ହେଲେ ଏହାକୁ ନେଇ ଜିଲାରେ ଚାଷୀ ଆଶା ଆଶଙ୍କାରେ ରହିଛନ୍ତି। ସେମାନଙ୍କ ମନରେ ଅନେକ ପ୍ରଶ୍ନ ଉଠିଛି। ପ୍ରଥମ ପର୍ଯ୍ୟାୟ ତାଲିକାରେ ନାମ ଥାଇ ମଧ୍ୟ ଅନେକ ଚାଷୀ ଟଙ୍କା ପାଇନାହାନ୍ତି। କିଛି ଚାଷୀଙ୍କୁ ଟଙ୍କା ମିଳିଥିଲା। ହେଲେ ଅଧିକାଂଶ ଚାଷୀ ବାଦ ପଡିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ତାଲିକାରେ ନାମ ଥିଲେ ମଧ୍ୟ ଟଙ୍କା ମିଳିବ କି ନାହିଁ ସେ ନେଇ ମନରେ ସନ୍ଦେହ ରହୁଛି। ଅନ୍ୟପକ୍ଷେ ଦ୍ୱିତୀୟ କିସ୍ତିରେ ସମ୍ବଲପୁର ମହାନଗର ନିଗମ ଅଧୀନ ଥିବା ସମସ୍ତ ଚାଷୀମାନଙ୍କୁ ଏହି ଯୋଜନାରୁ ବାଦ ଦିଆଯାଇଛି। ମହାନଗର ନିଗମର ଯେଉଁ ୧୭୧୯ ଜଣ ଚାଷୀ ପ୍ରଥମ କିସ୍ତି ପାଇଥିଲେ ସେମାନଙ୍କୁ ଦ୍ୱିତୀୟ କିସ୍ତି ଆଉ ଦିଆଯିବ ନାହିଁ। ଏହାକୁ ନେଇ ଚାଷୀମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀ ଚିହ୍ନଟ ପ୍ରକ୍ରିୟା କରାଯାଇ ନାହିଁ। ଭାଗ ଚାଷୀ, ଚାଷ କାମରେ ମଜୁରି କରୁଥିବା ଚାଷୀ, ନାମମାତ୍ର ଓ କ୍ଷୁଦ୍ର ଚାଷୀଙ୍କୁ କିଭଳି ସରକାର ଚିହ୍ନଟ କଲେ। ଏଥିପାଇଁ କୌଣସି ଆଇନ ବ୍ୟବସ୍ଥା ନାହିଁ । ତେଣୁ ଏହି ଯୋଜନାକୁ ଚାଷୀ ସଙ୍ଗଠନ ପୂର୍ବରୁ ବିରୋଧ କରୁଥିଲେ ଏବେ ମଧ୍ୟ ବିରୋଧ କରୁଛି। ଏହା ସରକାରଙ୍କ ପ୍ରହସନ ବୋଲି ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି। ସେହିପରି କାଳିଆ ଯୋଜନାରେ ଥିବା ଜିଲା ଅଧିକାରୀ ମନୋରଞ୍ଜନ ସେଠୀ କହିଛନ୍ତି ଦ୍ୱିତୀୟ କିସ୍ତି ଦେବା ପାଇଁ ଘୋଷଣା କରାଯାଇଛି। ସରକାରଙ୍କ ପାଖକୁ ବୃତାନ୍ତ ତାଲିକା ଜିଲାରୁ ପ୍ରଦାନ କରାଯାଇଛି। ହେଲେ ମହାନଗର ନିଗମ ଅଧୀନ ଚାଷୀମାନଙ୍କୁ ଏହି କିସ୍ତିରେ ବାଦ ଦିଆଯିବ ବୋଲି ସେ ସ୍ୱଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ ପ୍ରଥମ ପର୍ଯ୍ୟାୟରେ ୯ଟି ବ୍ଲକ ଓ ମହାନଗର ନିଗମରେ ୮୭ ହଜାର ଚାଷୀଙ୍କ ତାଲିକା ପ୍ରକାଶ ପାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସବୁଜ ଫର୍ମରେ ୧ଲକ୍ଷ ୩୧ ହଜାର ଚାଷୀଙ୍କ ଅନଲାଇନ ପଞ୍ଜୀକରଣ କରାଯାଇଥିଲା। ସେହିପରି ତୃତୀୟ ପର୍ଯ୍ୟାୟରେ ୪୯ ହଜାର ଚାଷୀ ଆବେଦନ କରିଛନ୍ତି। ସମ୍ବଲପୁର ଜିଲାରେ ମୋଟ ୨ ଲକ୍ଷ ୬୭ ହଜାର ଚାଷୀ କାଳିଆ ଯୋଜନାରେ ଆବେଦନ କରିଥିଲେ। ହେଲେ ଆବେଦନରେ ଭୁଲ ଓ କାଗଜପତ୍ର ଠିକ୍ ନ ଥିବାରୁ ଅଧିକାଂଶ ଚାଷୀ ବାଦ ପଡିଥିଲେ। ଶେଷରେ ମୋଟ ୧ ଲକ୍ଷ ୧୪ ହଜାର ୦୩୨ ଚାଷୀ ପ୍ରଥମ ପର୍ଯ୍ୟାୟ ତାଲିକାରେ ରହିଥିଲେ। ସେମାନଙ୍କ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୮ ହଜାର ୩୩୧ ଜଣ ଚାଷୀଙ୍କ ଅଯୋଗ୍ୟ ଘୋଷଣା କରାଯାଇଛି। ଏବେ ମୋଟ ୧ ଲକ୍ଷ ୫ ହଜାର ୭୦୧ ଜଣ ଚାଷୀ ଯୋଗ୍ୟ ଭାବେ ନିଆଯାଇଛି। ସେମାନଙ୍କ ମଧ୍ୟରୁ ମହାନଗର ନିଗମ ଚାଷୀମାନଙ୍କୁ ମଧ୍ୟ ବାଦ ଦିଆଯିବ। ହେଲେ ଯୋଗ୍ୟ ହିତାଧିକାରୀମାନଙ୍କ ମଧ୍ୟରୁ ଅଧିକାଂଶ ଚାଷୀଙ୍କୁ ପ୍ରଥମ କିସ୍ତିରେ ଟଙ୍କା ମିଳି ନାହିଁ। ଜିଲାରେ ପ୍ରଥମ ପର୍ଯ୍ୟାୟରେ (୨୫ ଜାନୁୟାର, ୨୦୧୯) ୩୪ ହଜାର ୬୪୦ ଜଣ ଚାଷୀ, ୨୭ ଜାନୁୟାରୀ ୨୦୧୯ରେ ୯୨୮ ଜଣ ଭାଗଚାଷୀ, ୧୫ ଫେବୃୟାରୀ ୨୦୧୯ରେ ୫୯୬୫ ଜଣ ଚାଷୀଙ୍କୁ ଏହି ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୧ ଫେବୃୟାରୀ ୨୦୧୯ରେ ୩୦ହଜାର ୯୯୮ ଜଣ, ୨୪ ଫେବୃୟାରୀ ୨୦୧୯ରେ ୧୨ ହଜାର ୩୬୧ ଭୂମିହୀନ ଚାଷୀ ଓ ତୃତୀୟ ପର୍ଯ୍ୟାୟରେ ୫ ମାର୍ଚ୍ଚ ୨୦୧୯ରେ ମୋଟ ୫ହଜାର ୧୦୮ ଚାଷୀଙ୍କୁ ଏହି ଟଙ୍କା ଦିଆଯାଇଥିଲା। ୧୮ହଜାର ୩୨୬ ଭୂମିହୀନ ଚାଷୀଙ୍କୁ ନେଇ ତଦନ୍ତ କରାଯାଉ ବୋଲିସେ ସମୟରେ ଦାବିକରାଯାଇଥିଲା।

### ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ତର୍କ ପ୍ରତିଯୋଗିତା

ସମ୍ବଲପୁର, ୩୧।୧୦ (ବ୍ୟୁରୋ)

ନେହେରୁ ଯୁବ କେନ୍ଦ୍ର ସମ୍ବଲପୁର ଶାଖା ପକ୍ଷରୁ ତର୍କ ପ୍ରତିଯୋଗିତା ସାକ୍ଷୀପଡା କ୍ୟାଥେଲିକ ଚର୍ଚ୍ଚଠାରେ ଅନୁଷ୍ଠିତ ହୋଇଯାଇଛି । ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ମାରିୟାନୁସ୍ ବିଲୁଙ୍ଗଙ୍କ ପରିଚାଳନାରେ ଦେଶଭକ୍ତି ଓ ରାଷ୍ଟ୍ର ନିର୍ମାଣ ଶୀର୍ଷକ ତର୍କ ପ୍ରତିଯୋଗିତା ହୋଇଥିଲା । ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ୫୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏନଏସସିବି କଲେଜର ମହମ୍ମଦ ଜୁନେଥ ପ୍ରଥମ, ଗାୟତ୍ରୀ ଫାର୍ମାସୀ କଲେଜର ସମୀକ୍ଷା ପୁରୋହିତ ଦ୍ୱିତୀୟ ଓ ଗଙ୍ଗାଧର ମେହେର କଲେଜର ସ୍ୱର୍ଣ୍ଣପ୍ରଭା ପୁରୋହିତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଚାରକଭାବେ ସତ୍ୟନାରାୟଣ ଚୌଧୁରୀ, ମୋହନ ସାହୁ ଯୋଗଦେଇଥିଲେ। ଜ୍ୟୋତିର୍ମୟୀ ଭୋଇ, କ୍ରିଷ୍ଣାମୟୀ ନାୟକ, ନୟନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶେଖ ସୁଖତ୍ୟାନା ନୁଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ ।




ଗୁରୁବାର ଆୟୋଜିତ ରକ୍ତଦାନ ଶିବିରରେ ଅତିଥିମାନେ ଜଣେ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର, ୩୧।୧୦ (ବ୍ୟୁରୋ)

ଆଦିତ୍ୟ ଆଲୁମିନିୟମ ଟାଉନସିପ୍ କ୍ଲବ ହାଉସରେ ମେଗା ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ହିଣ୍ଡାଲକୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ ରାଜେଶ କୁମାର ଗୁପ୍ତା ଅତିଥି ଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ । ସିଏସ୍ଆର କ୍ଲଷ୍ଟର ମୁଖ୍ୟ ଏ .ସତ୍ୟନାରାୟଣ, ମାନବସମ୍ବଳ ମୁଖ୍ୟ ବିବେକାନନ୍ଦ ମିଶ୍ର, ସତ୍ୟପ୍ରସାଦ ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝୀ, ଗ୍ରାମୀଣ ଜମି ନିରୀକ୍ଷକ ପଦ୍ମାବତୀ ମାରାଣ୍ଡି ଯୋଗଦେଇ ରକ୍ତଦାନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଶ୍ୱେତା ଉପାଧ୍ୟାୟ ଓ ମନୋରଞ୍ଜନ ବେହେରା ଶିବିରକୁ ପରିଚାଳନା କରିଥିଲେ । ସମ୍ବଲପୁରର ସମ୍ବଳ, ବୁର୍ଲା ରକ୍ତ ଭଣ୍ଡାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନୂଆ ଦାୟିତ୍ୱ ନେଇ ଚିନ୍ତା

ବାମରା, ୩୧।୧୦ (ଡି.ଏନ.ଏ.)

ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଶିକ୍ଷକ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ସେଥିରୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରାଯାଇଛି । ବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀ, ଶିକ୍ଷକ କେବଳ ଶିକ୍ଷାଦାନ କରି ଉଜ୍ଜଳ ଭବିଷ୍ୟତ ଗଢ଼ିବା ମୁଖ୍ୟ କର୍ତ୍ତବ୍ୟ ଥିବା ବେଳେ ଶିକ୍ଷକଙ୍କୁ ୪ ପ୍ରକାରରୁ ଅଧିକ କାମ କରିବା ପାଇଁ ସରକାରୀ ଆଦେଶ ଦିଆଯାଇଛି । ଏଭଳି ଏକ ଜଟିଳ ପରିସ୍ଥିତି ଦେଖାଯାଇଛି ସମ୍ବଲପୁର ଜିଲା ବାମରା ବ୍ଲକରେ । ଫଳସ୍ୱରୂପ ବାମରା ବ୍ଲକରେ ଥିବା ଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ପ୍ରହସନ ପାଲଟିଛି ବୋଲି ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁସାରେ, ବିଦ୍ୟାଳୟରେ ପାଠପଢ଼ାକୁ ନେଇ ଷାଣ୍ମାସିକ ପରୀକ୍ଷା (ସମାପ୍ତି ସୂଚକ ମୂଲ୍ୟାୟନ-୧) ପାଇଁ ନଭେମ୍ବରରୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଛି। ଦ୍ୱିତୀୟତଃ କେବଳ ସମ୍ବଲପୁର ଜିଲା ପାଇଁ ଉଦ୍ଦିଷ୍ଟ ରହିଥିବା ପ୍ରୟାସ ନାମକ ଦକ୍ଷତା ହାସଲ ଭଳି ଏକ ବିଷୟରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମୂଲ୍ୟାୟନ ପରେ ଫଳାଫଳକୁ ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଖରେ ଦାଖଲ କରିବାର ନିୟମ ରହିଛି । ତୃତୀୟତଃ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀରେ ଏକତା ଦିବସ ପାଳନ କରିବାକୁ ସମସ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଦେଶ ମୁତାବକ ସମସ୍ତ ସ୍କୁଲରେ ଏକତା ଦିବସରେ ପ୍ରଭାତ ଫେରି ଶୋଭାଯାତ୍ରା ଏବଂ ବିଭିନ୍ନ କିସମର ପ୍ରତିଯୋଗୀତାମାନ ଆୟୋଜନ କରାଯାଇଥିଲା । ଶେଷରେ ନଭେମ୍ବର ୧ ତାରିଖ ଅର୍ଥାତ୍ ଶୁକ୍ରବାରଠାରୁ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗୀତା ଆରମ୍ଭ ହେବ । ଏହି କାରଣରୁ ୩୧ ତାରିଖ ସୁଦ୍ଧା ପ୍ରତି କ୍ଲଷ୍ଟରରୁ ଖେଳାଳୀମାନଙ୍କୁ ତରବରିଆ ଭାବେ ଚୟନ କରାଯାଇଥିଲା । ଆଗାମୀ ଦିନ ମଧ୍ୟରେ ବାକିଥିବା କାମକୁ କିଭଳି ସଫଳ ଭାବେ ସମାପନ କରିବେ ସେ ନେଇ ମଧ୍ୟ କେତେକ ଶିକ୍ଷୟିତ୍ରୀ, ଶିକ୍ଷକ ମାନସିକ ଚାପରେ ଥିବା ଅଭିଯୋଗ ହୋଇଛି। ଉକ୍ତ ସମସ୍ୟାକୁ ନେଇ ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର ଦାଶଙ୍କୁ ପଚାରିବାରୁ ସମସ୍ତ କାର୍ଯ୍ୟକ୍ରମକୁ ସଫଳ ଭାବେ ସମାପନ ପାଇଁ ସରକାରୀ ନିର୍ଦ୍ଦେଶ ରହିଛି । ଅବଶ୍ୟ ଏହା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପାଇଁ କର ବା ମର ଭଳି ପରିସ୍ଥିତି ସୃଷ୍ଟି କରିଛି ବୋଲି ସେ କହିଥିଲେ ।

## ଦେବରାଜ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ: କବରାପାଲି ବିଜୟୀ

ଧମା, ୩୧।୧୦ (ଡି.ଏନ.ଏ.)

ବାଲପୁର ଖେଳ ପଡିଆରେ ବୁଧବାର ଦେବରାଜ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମୁକାବିଲା ଜମାଦାର ପାଲି ଓ କବରାପାଲି ଦଳ ମଧ୍ୟରେ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ଅସୀମାଂସିତ ରହିବାରୁ ଟ୍ରାଇବ୍ରେକର ମାଧ୍ୟମରେ ଫଳାଫଳ ନିର୍ଣ୍ଣିତ ହୋଇଥିଲା । ଏଥିରେ କବରାପାଲି ଦଳ ଚାମ୍ପିୟନ ହୋଇଥିଲା । ବିଜେତା ଓ ଉପବିଜେତାଙ୍କୁ ସମାଜସେବୀ ସତ୍ୟସ୍ୱରୂପ ସେଠ, ସନ୍ତୋଷ ପୁରୋହିତ, ଲୁଲୁ ପ୍ରଧାନ, ରାଧାକାନ୍ତ ପାଣ୍ଡେ ଯୋଗଦେଇ ପୁରସ୍କୃତ କରିଥିଲେ । ବାଲପୁର ବୀରବଜରଙ୍ଗ ଯୁବକ ସଂଘର ଜସ୍ମିନ ଭୋଇ, ରିଙ୍କୁ ପୁରୋହିତ, ଭୀମସେନ ଭୋଇ, ଗଣେଶ ପାଣ୍ଡେ, ସୁବୋଧ ପାଣ୍ଡେ, ରାଜୁ କାଣ୍ଡ, କହ୍ନେଇ କାଣ୍ଡ, କୁଶ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ ।




ଏମ୍‌ସିଏଲ ବିତ୍ତ ତଥା କାର୍ମିକ ନିର୍ଦ୍ଦେଶକ କେ.ଆର. ବାସୁଦେବନ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରୁଛନ୍ତି ।

## ଏମ୍‌ସିଏଲରେ ଏକତା ଦିବସ ଶପଥ ସମାରୋହ

ସମ୍ବଲପୁର, ୩୧।୧୦ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟଠାରେ ରାଷ୍ଟ୍ରୀୟ ଏକତା ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏହି ଅବସରରେ ଏକତା ଦିବସ ଶପଥ ଗ୍ରହଣ କରାଯାଇଥିଲା। ଦେଶର ଏକତା ଓ ଅଖଣ୍ଡତା ଏବଂ ଭାଇଚାରାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ପଦଯାତ୍ରା କରାଯାଇଥିଲା। ଆନନ୍ଦବିହାର ଖେଳ ପଡିଆରୁ ନିଶିଗନ୍ଧା କ୍ଲବ ପର୍ଯ୍ୟନ୍ତ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଏମ୍‌ସିଏଲ ମହାପ୍ରବନ୍ଧକ, ଅଧିକାରୀ, କର୍ମଚାରୀ, ମହିଳା ଓ ବାଳିକା, ବାଳକ ସାମିଲ ଥିଲେ । କଲ୍ୟାଣ ବିଭାଗ ମହାପ୍ରବନ୍ଧକ ଆର୍‌ଏଲ୍ ଖଟିକ ସମସ୍ତଙ୍କୁ ଶପଥ କରାଇଥିଲେ । ସିଭିଲ ମୁଖ୍ୟ ପ୍ରବନ୍ଧକ ଅରୁଣ କୁମାର ବକ୍ତବ୍ୟ ପ୍ରଦାନ କରିଥିଲେ । କମ୍ପାନୀ ବିତ୍ତ ଓ କାର୍ମିକ ନିର୍ଦ୍ଦେଶକ କେ.ଆର.ବାସୁଦେବନ ମୁଖ୍ୟଅତିଥି ଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ ।




ସମ୍ବଲପୁର ସିଆରପିଏଫ୍ ୧୨ ବ୍ୟାଟାଲିୟନ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଉଛି ।

## ସିଆରପିଏଫ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ସମ୍ବଲପୁର,୩୧।୧୦ (ବ୍ୟୁରୋ)

ସମ୍ବଲପୁର ୧୨ ବ୍ୟାଟାଲିୟନ ସିଆର୍‌ପିଏଫ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିସବ ପାଳିତ ହୋଇଥିଲା । ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ଜନ୍ମ ଦିବସକୁ ସମଗ୍ର ଦେଶ ଏକତା ଦିବସଭାବେ ପାଳନ କରୁଛି । ଅଧିକାରୀ ଓ ଜବାନ ମାନେ ପ୍ରଥମେ ସହର ମାର୍ଚ୍ଚପାଷ୍ଟ କରି ସହର ପରିକ୍ରମା କରିଥିଲେ। ମୁଖ୍ୟ ଅତିଥିଭାବେ କମାଣ୍ଡେଣ୍ଟ ପ୍ରମୋଦ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ । ସର୍ଦ୍ଦାର ଭାଇ ପଟେଲଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ କମିଶନର କଲୋନୀ ପଡିଆରେ ଏକ ଫୁଡ ଷ୍ଟଲ କରାଯାଇଥିଲା । ଏହି ଅବସରରେ ଏକ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୁଚିଣ୍ଡା, ରେଢାଖୋଲ, ନାକଟିଦେଉଳ, ଦେବଗଡ ବାରକୋଟ କୁଣ୍ଡେଇଗୋଲା ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ ।

## ସଚେତନତା, ସହଯୋଗରେ ଦୁର୍ନୀତି ରୋକାଯାଇ ପାରିବ

ସମ୍ବଲପୁର ୩୧।୧୦ (ବ୍ୟୁରୋ)

ଦୁର୍ନୀତି ରୋକିବାକୁ ସମସ୍ତଙ୍କ ପ୍ରୟାସ ହେବା ଦରକାର । ଯେ କୌଣସି ସ୍ଥାନରେ ଦୁର୍ନୀତି ରୋକିବାକୁ ହେଲେ ପ୍ରଥମେ ନିଜକୁ ସଚେତନ ରହିବାକୁ ପଡିବ । ନିଜେ ଦୂରେଇ ରହି ଅନ୍ୟକୁ ଦୁର୍ନୀତି ବିରୋଧ କରିବାକୁ ହେବ । ଦୁର୍ନୀତି କିଛି ପରିମାଣରେ ହ୍ରାସ ପାଇଛି ହେଲେ ସମ୍ପୂର୍ଣ୍ଣ ଭାବେ ମୁଲପୋଛ ହୋଇନାହିଁ । ଏହା ସମାଜକୁ କଳୁଷିତ କରୁଛି ।ଏହାକୁ ରୋକିବାକୁ ଛାତ୍ରୀଛାତ୍ର ଓ ଯୁବ ପିଢିର ମୁଖ୍ୟ ଭୂମିକା ରହିବ। ସେମାନଙ୍କୁ ନିଜ ପରିବାର, ଗ୍ରାମ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ସଚେତନତା କରିବାକୁ ପଡିବ ବୋଲି ଜିଲାସ୍ତରୀୟ ଦୁର୍ନିତି ନିବାରଣ ସପ୍ତାହରେ ଅତିଥିମାନେ ନିଜ ମତବ୍ୟକ୍ତ କରିଥିଲେ । ସମ୍ବଲପୁର ଭିଜିଲାନ୍ସ ଏସପି




କାର୍ଯ୍ୟକ୍ରମ ମଞ୍ଚାସୀନ ଅତିଥିମାନେ ।

### ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ରମେଶ ପ୍ରଧାନଙ୍କ ଅଧକ୍ଷତା ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ, ସମ୍ମାନୀୟ ଅତିଥି ଏସ୍‌ପି କନୱର ବିଶାଳ ସିଂ, ଡିଏଫ୍‌ଓ ଡ. ସଞ୍ଜିତ କୁମାର, ମୁଖ୍ୟବକ୍ତା ଭାବେ ପ୍ରଫେସର ଆଦିତ୍ୟପ୍ରସାଦ ପାଢୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲାର ସମସ୍ତ ବିଭାଗ ଅଧିକାରୀ, କର୍ମଚାରୀ, ଏନଜିଓ,ସ୍କୁଲ କଲେଜ ଛାତ୍ରୀଛାତ୍ର ,ସାମାଜିକ ଅନୁଷ୍ଠାନ ସଦସ୍ୟ ଉପସ୍ଥିତ ଥିଲେ । ପ୍ରଥମେ ଜିଲା ସ୍କୁଲ ଛକରୁ ଏକ ରାଲି ବାହାରି ମୁଦିପଡା ଛକ ପର୍ଯ୍ୟନ୍ତ ଯାଇଥିଲେ ।

## ଫଟୋରେ ଖବର





ଗୁରୁବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ଦୁର୍ନୀତି ସଚେତନତା ସପ୍ତାହ ଉତ୍ସବରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରୁଛନ୍ତି (ବାମ) । ଗୁରୁବାର ସମ୍ବଲପୁର ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରଠାରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଶପଥ ଗ୍ରହଣ କରୁଛନ୍ତି ।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଧମା, ୩୧।୧୦ (ଡି.ଏନ.ଏ.)

### ଧମା କଲେଜ

ସ୍ଥାନୀୟ ମା'ଝାଡେଶ୍ୱରୀ କଲେଜରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହାକୁ କଲେଜରେ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଇଥିଲା । ଯୁକ୍ତ ୨ ଅଧକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା । ଏଥିରେ ପଟେଲଙ୍କ ଜୀବନୀ ଓ ଆଦର୍ଶ ଉପରେ ବିଷଦ ଆଲୋଚନା କରାଯାଇ ତାଙ୍କ ଜୀବନାଦର୍ଶ ଅନୁସରଣ ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକ ଏହି ଅବସରରେ ରାଷ୍ଟ୍ରୀୟ ଏକତା ପାଇଁ ଶପଥ ନେଇଥିଲେ । ଅଧ୍ୟାପକ ରବୀନ୍ଦ୍ର ନାଥ ଠାକୁରଙ୍କ ସଂଯୋଜନାରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅନ୍ତର୍ଯ୍ୟାମୀ ମହାକୁର, ସଞ୍ଜୟ କୁମାର ସାହୁ, ବିନୋଦ କୁମାର ସାହୁ, ତଥା ଅଧ୍ୟାପିକା ଆନନ୍ଦୀଶ ପଣ୍ଡା, ଦିପ୍ତୀରେଖା ପଣ୍ଡା, ମିନତୀ ଦାଶ, ସ୍ୱାତୀ ପିତ, ନିବେଦିତା ପଣ୍ଡା, ସୌସୁମୀ ଷଡଙ୍ଗୀ, ସୁଦିପ୍ତା ଦାଶ ପ୍ରମୁଖ ସହଯୋଗ କରିଥିଲେ ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ

## ସଂକ୍ଷେପରେ

### ଜଙ୍ଗଲରେ ନାବାଳିକାଙ୍କୁ ଗଣବଳାତ୍କାର

ଦେବଗଡ,୩୧।୧୦(ଡି.ଏନ.ଏ.): ଦେବଗଡ ଥାନା ଅଞ୍ଚଳର ଜଣେ ନାବାଳିକା ଦଶମ ଶ୍ରେଣୀ ଛାତ୍ରୀ ଗଣବଳାତ୍କାରର ଶିକାର ହୋଇଛନ୍ତି। ଦୁଇଜଣ ଯୁବକ ତାଙ୍କୁ ଗାଁ ପାଖ ଜଙ୍ଗଲକୁ ନେଇ ବଳାତ୍କାର କରିଥିବା ପୀଡିତା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଜିଲା ଡାକ୍ତରଖାନାରେ ପୀଡିତାଙ୍କ ଡାକ୍ତରୀମାଇନା କରିଛି। ଗୁରୁବାର ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି। ଘଟଣା ଘଟିଛି ମଙ୍ଗଳବାର ସନ୍ଧ୍ୟାରେ। ଉଲ୍ଲେଖଯୋଗ୍ୟ, ସମ୍ପୃକ୍ତା ପୀଡିତା ବିଛଣାପୁରସ୍ଥିତ ତାଙ୍କ ପିଉସୀ ଘରକୁ ବୁଲିବାକୁ ଆସିଥିଲେ । ରାତି ପ୍ରାୟ ୭ଟାରେ ପରିସ୍ରା କରିବା ନିମନ୍ତେ ଘରପଛ ପଟକୁ ଯାଇଥିବା ବେଳେ ଅଭିଯୁକ୍ତମାନେ ତାଙ୍କ ପାଟିକୁ ଚାପି ଧରି ନିକଟସ୍ଥ ଜଙ୍ଗଲକୁ ଟେକି ନେଇଥିଲେ। ସେଠାରେ ସେମାନେ ତାଙ୍କୁ ବଳାତ୍କାର କରିଥିଲେ। ପୀଡିତା ଚିତ୍କାର କରିବାରୁ ଯୁବକଦ୍ୱୟ ସେଠାରୁ ଖସି ପଳାଇଥିଲେ । ନାବାଳିକା ଘରକୁ ଫେରି ପିଉସୀଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହ ଅଭିଯୁକ୍ତଙ୍କୁ ଚିହ୍ନିଥିବା ପ୍ରକାଶ କରିଥିଲେ । ବୁଧବାର ପୀଡିତା ସମ୍ପର୍କୀୟମାନଙ୍କ ସହ ଦେବଗଡ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି ।

### ସରିଲା ଜିଲା ଓକିଲ ସଂଘର ବନ୍ଦ ପାଳନ

ଦେବଗଡ,୩୧।୧୦(ଡି.ଏନ.ଏ): ପଶ୍ଚିମ ଓଡିଶାର ସମ୍ବଲପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଦେବଗଡ ଜିଲା ଓକିଲ ସଂଘ ପକ୍ଷରୁ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ତିନି ଦିନିଆ ବନ୍ଦପାଳନ ଗୁରୁବାର ଶେଷ ହୋଇଛି । ଗତ ଦୁଇଦିନ ଭଳି ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ଜିଲା ଓକିଲ ସଂଘ ସଭାପତି ରାଜୀବ ଲୋଚନ ପ୍ରଧାନ, ଉପସଭାପତି ବିକାଶ କୁମାର ପ୍ରଧାନ ଓ ସମ୍ପାଦକ ତରଣୀକାନ୍ତ ଦାଶଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ। ଜିଲାଜଜ୍ ଓ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କୁ ଅଟକାଇବାରୁ ସେମାନେ ଫେରିଯାଇଥିଲେ । ସେହିପରି ସମସ୍ତ କାର୍ଯ୍ୟାଳୟ ଓ ବ୍ୟାଙ୍କ, ପୋଷ୍ଟ ଅଫିସଗୁଡିକୁ ପିକେଟିଂ କରି ସେମାନେ ବନ୍ଦ କରିଥିଲେ । ଫଳରେ ଜିଲାପାଳ ଓ ଜିଲାଜଜ୍‌ଙ୍କ କାର୍ଯ୍ୟାଳୟ ସମେତ ଜିଲାର ସମସ୍ତ କାର୍ଯ୍ୟାଳୟ, କୋର୍ଟ କଚେରି ବ୍ୟାଙ୍କ ଓ ପୋଷ୍ଟ ଅଫିସ ଆଦି ବନ୍ଦ ରହିଥିଲା । ତେବେ ଦୋକାନ ବଜାର,ସ୍କୁଲ କଲେଜ ଓ ଯାନବାହାନ ଚଳାଚଳକୁ ଏହି ବନ୍ଦ ପାଳନରୁ ବାଦ ଦିଆଯାଇଥିଲା ।

# ରାଷ୍ଟ୍ରୀୟ ଏକତା ଦିବସ, ଦୁର୍ନୀତି ନିବାରଣ ସଚେତନତା ସଭା

ଦେବଗଡ଼,୩୧।୧୦(ଡି.ଏନ.ଏ.)



ରାଷ୍ଟ୍ରୀୟ ଏକତା ଦିବସ, ଦୁର୍ନୀତି ନିବାରଣ ସଚେତନତା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡ଼ା ପଞ୍ଚାୟତ ସମିତି କନିଷ୍ଠ ମହାବିଦ୍ୟାଳୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହେବା ସହ ଦୁର୍ନୀତି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବିଜୟ କୁମାର ଶତପଥୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତା ମଞ୍ଚାସୀନ ରହି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତିଚାରଣ କରିବା ସହ ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ଓ ସୁରକ୍ଷା ନିମନ୍ତେ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ଼ ନେହେରୁ ଯୁବକେନ୍ଦ୍ରର ସଂଯୋଜକ ପ୍ରଦୀପ ବିଶ୍ୱାଳ, ଅଧ୍ୟାପକ ରଞ୍ଜନ କୁମାର ସାହୁ, ଅଧ୍ୟାପିକା ସୁବ୍ରତା ସାହୁ, ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ତଥା ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନଙ୍କ ଦ୍ୱାରା ଏକତା ପାଇଁ ଦୌଡ ଅନୁଷ୍ଠିତ ହୋଇଥିଲା। ପରେ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ର ଓ ଦ୍ୱିତୀୟ ବର୍ଷର ଛାତ୍ରମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ମହାବିଦ୍ୟାଳୟର କର୍ମଚାରୀ କାଶୀନାଥ ଶବର, କିଶୋର ଚନ୍ଦ୍ର ମହାକୁଳ, ରଞ୍ଜନ କୁମାର ବିଶ୍ୱାଳ, ପ୍ରତାପ ଚନ୍ଦ୍ର ପ୍ରଧାନ, ସୀତାକାନ୍ତ ସାହୁ, ଜୟକୃଷ୍ଣ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟିକେଟ ରଦ୍ଦ ପ୍ରକ୍ରିୟାରେ ଓଟିପି ବ୍ୟବସ୍ଥା

## ଏସ୍‌ଏମ୍‌ଏସ୍‌ରେ ସମ୍ପୂର୍ଣ୍ଣ ସୂଚନା ସହ ଶୀଘ୍ର ମିଳିବ ଅର୍ଥ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଭାରତୀୟ ରେଳପଥ ଟିକଟ ରଦ୍ଦ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ଏକ ବିଶେଷ ପଦକ୍ଷେପ ନେଇଛି। ରଦ୍ଦ ଟିକଟ ବା ପ୍ରତୀକ୍ଷା ସୂଚୀରୁ ସମ୍ପୂର୍ଣ୍ଣ ବାଦ୍ କରାଯାଇଥିବା ଟିକଟ ବିପକ୍ଷରେ ଅର୍ଥ ଫେରସ୍ତ ପ୍ରକ୍ରିୟାରେ ନୂଆ କରି ଓଟିପି ବ୍ୟବସ୍ଥା କରାଯାଇଛି। ଟିକଟ ରଦ୍ଦ କଲେ କିମ୍ବା ପ୍ରତୀକ୍ଷା ସୂଚୀରୁ ଟିକଟ ବାଦ୍ କରିଲେ ଯାତ୍ରୀମାନେ ଓଟିପି ପ୍ରମାଣ ଜରିଆରେ ଯାତ୍ରା ଭଡ଼ା ଫେରସ୍ତ ପାଇବେ। ଏହି ବ୍ୟବସ୍ଥା କେବଳ ଇ-ଟିକଟ କ୍ଷେତ୍ରରେ କରାଯାଇଛି। ଯାହା ଆଇଆରସିଟିସି ଅଧିକୃତ ଏଜେଣ୍ଟଙ୍କ ଜରିଆରେ କଟାଯାଇଥିବା ଟିକଟ ବିପକ୍ଷରେ ମିଳିବ। ପରବର୍ତ୍ତୀ ସମୟରେ ଏହାକୁ ବ୍ୟକ୍ତିଗତ କ୍ଷେତ୍ରରେ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି।

ଯଦି କୌଣସି ଯାତ୍ରୀ ଟିକଟ ରଦ୍ଦ କରିବାକୁ ଚାହାନ୍ତି, ତେବେ ତାଙ୍କୁ ଆଇଆରସିଟିସି ୱେବସାଇଟ ଜରିଆରେ ରଦ୍ଦ କରିବାକୁ ପଡ଼ିବ। ସବୁ ପ୍ରକ୍ରିୟା ଶେଷ ହେବା ପରେ ଅର୍ଥ ଫେରସ୍ତ ଲାଗି ବୁକିଂ ବେଳେ ଦେଇଥିବା ଫୋନ ନମ୍ବରରେ ଏକ ଓଟିପି(ୱାନ ଟାଇମ୍ ପାସୱାର୍ଡ) ଆସିବ। ଯାତ୍ରୀଙ୍କୁ ଏହି ଓଟିପିକୁ ସମ୍ପୃକ୍ତ ଏଜେଣ୍ଟଙ୍କୁ ଦେବାକୁ ପଡ଼ିବ। ଯାହାକୁ ଭରିଲେ ଯାତ୍ରୀ ଟିକଟ ଅର୍ଥ ଫେରସ୍ତ ପାଇପାରିବେ। ଏହା ଦ୍ୱାରା ଫେରସ୍ତ ହୋଇଥିବା ପ୍ରକୃତ ରାଶି ବିଷୟରେ ଯାତ୍ରୀଙ୍କ ନିକଟକୁ ମଧ୍ୟ ଏସ୍‌ଏମ୍‌ଏସ୍ ଜରିଆରେ ସୂଚନା ଯିବ। ଏହାଦ୍ୱାରା ପୂର୍ବାପେକ୍ଷା ଖୁବ୍ କମ୍ ସମୟରେ ଅର୍ଥ ଫେରସ୍ତ ଆସିବ ବୋଲି ଜଣାପଡ଼ିଛି। ଅଧିକାଂଶ ସମୟରେ ଏଜେଣ୍ଟମାନେ ନାନା ବାହାନା କରି ଯାତ୍ରୀଙ୍କ ଟିକଟ ଅର୍ଥର ଅର୍ଦ୍ଧାଧିକ ରାଶି ରଖିଦିଅନ୍ତି। ଏହା ଦ୍ୱାରା ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବ ବୋଲି ଆଇଆରସିଟିସି ପକ୍ଷରୁ କୁହାଯାଇଛି। ଖୁବ୍ ଶୀଘ୍ର ବ୍ୟକ୍ତିଗତ ସ୍ତରରେ ଏହା କରିବାକୁ ଯୋଜନା କରାଯାଉଛି ବୋଲି ଜଣାପଡ଼ିଛି।

# ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ-୨୦୧୯


ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ ଅବସରରେ ଅତିଥିମାନେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରୁଛନ୍ତି।

ଦେବଗଡ,୩୧।୧୦(ଡି.ଏନ.ଏ.)

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ଆନୁକୂଲ୍ୟରେ ଗୁରୁବାର ୨୭ତମ ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ-୨୦୧୯ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଶିଶୁ ବିଜ୍ଞାନ କଂଗ୍ରେସ ପ୍ରକଳ୍ପ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୨୦ଜଣ ଶିଶୁ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଦେବଗଡ଼ ଚିନ୍ମୟ ବିଦ୍ୟାଳୟର କୀର୍ତୀକ ସିଂ ଓ ଅଦୀତି ମହାପାତ୍ର, ତିଲେଇବଣି ବ୍ଲକର ବରଘାଟ ସରକାରୀ ଉଚ୍ଚ ବିଦ୍ୟାଳୟର ଅମ୍ବିକା ଡିଲା ଓ ରିଆମାଳ ଉଚ୍ଚ ବିଦ୍ୟାଳୟର ଗୋବିନ୍ଦ ନାୟକ କୃତିତ୍ୱ ଅର୍ଜନ କରି ଆଗାମୀ ୯ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ପ୍ରତିଯୋଗିତାରେ ବିଚାରକ ଭାବେ ରାମଚନ୍ଦ୍ର ମହାପାତ୍ର, ପରମାନନ୍ଦ ସାହୁ ଯୋଗଦେଇଥିଲେ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୁମୁଦ ବନ୍ଧୁ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ନଳିନୀକାନ୍ତ ଭୋଇ ମଞ୍ଚାସୀନ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେବଗଡସ୍ଥିତ ଟାଉନ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ସାହୁ ଓ ରିଆମାଳ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସୁକାନ୍ତ କୁମାର ନନ୍ଦଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ସଭା ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଅର୍ଚ୍ଚନା ପାତ୍ର ସ୍ୱାଗତ ଭାଷଣ ଓ ଜିଲା ବିଜ୍ଞାନ ସଂଯୋଜକ ନକୁଳ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ

ଦେବଗଡ,୩୧।୧୦(ଡି.ଏନ.ଏ.)

ଦେବଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମା'ମାନଙ୍କୁ ନେଇ ଏକ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରାରମ୍ଭରୁ ଦଶମ ଶ୍ରେଣୀର ପଢୁଥିବା ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ମାତୃମଣ୍ଡଳୀ ଉପସ୍ଥିତ ରହି ଅନୁଷ୍ଠିତ ପ୍ରଶ୍ନମଞ୍ଚରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଉକ୍ତ ପ୍ରଶ୍ନମଞ୍ଚକୁ ଶିଶୁ ମନ୍ଦିରର ସୂର୍ଯ୍ୟକାନ୍ତ ସ୍ୱାଇଁ, ଶର୍ମିଳାରାଣୀ କର,ପୁଷ୍ପିତା ଧଳ ପ୍ରମୁଖ ପରିଚାଳନା କରିଥିଲେ । ଦୁର୍ବସା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶିଶୁମାନଙ୍କର ଯୋଗ ଓ ବିକାଶ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଆଚାର୍ଯ୍ୟ ବାଂଛାନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ମାତୃ ସମ୍ମିଳନୀ ମଞ୍ଚାସୀନ ଅତିଥି ।

# ମହାନ୍ତିପଡ଼ାରେ ନାଗେନ ଚଉଠି


ମହିଳାମାନେ ନାଗେନ ଚଉଠି ପୂଜା କରୁଛନ୍ତି।

ସମ୍ବଲପୁର, ୩୧।୧୦ (ବ୍ୟୁରୋ)

ନାଗେନ ଚଉଠି ପୂଜାର୍ଚ୍ଚନା ଗୁରୁବାର ମହାନ୍ତିପଡା ସ୍ଥିତ ଦଧିବାମନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନେ ଅରୁଆ ଚାଉଳ ଓ କଳା ରାଶିରେ ନାଗ ନାଗୁଣୀ ତିଆରି କରି ପୂଜା ମଣ୍ଡପରେ ଉପବିଷ୍ଟ କରିଥିଲେ । ଏହାପରେ ମଧାହ୍ନ ୧୨ଟାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ପଣ୍ଡିତ ଶଶାଙ୍କଶେଖର ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଜ୍ୟୋତିମଞ୍ଜରୀ ପଟ୍ଟନାୟକ, ପାର୍ବତୀ ପ୍ରଧାନ, ପ୍ରଭାତୀ ବଡ଼େଇ, ବନ୍ଦିତା ସ୍ୱାଇଁ ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ପୂଜାର୍ଚ୍ଚନାରେ ବିବାହିତ ମହିଳା ଓ ଅବିବାହିତ ଯୁବତୀମାନେ ସାମିଲ ଥିଲେ ।

## ପରିବାରର ୬ଜଣଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ

# ୬ ଦୋଷୀଙ୍କୁ ଆଜୀବନ ଜେଲ

- ଜଣେ ମହିଳାଙ୍କୁ ୩ ବର୍ଷ ଜେଲଦଣ୍ଡ
- ଗୁଣିଗାରେଡ଼ି ସନ୍ଦେହରେ ଘଟିଥିଲା ହତ୍ୟାକାଣ୍ଡ

ଚମ୍ପୁଆ/ଯୋଡ଼ା, ୩୧।୧୦(ଡି.ଏନ.ଏ.)

ଆଜକୁ ୫ ବର୍ଷ ତଳେ କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଗୁଣିଗାରେଡ଼ି ସନ୍ଦେହରେ ଗୁରା ମୁଣ୍ଡାଙ୍କ ପରିବାରର ୬ଜଣଙ୍କୁ କେତେଜଣ ଲୋକ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଦୋଳଗୋବିନ୍ଦ ବାରିକ ୨୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ୬ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ୩୦୨ ଦଫାରେ ଦୋଷୀମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ମାନା ମୁଣ୍ଡା(୩୦), ବାଗୁନ ମୁଣ୍ଡା(୩୨), ଉମା ମୁଣ୍ଡା(୩୨), ତୁମ୍ବା ମୁଣ୍ଡା(୩୦), ରତ୍ନା ମୁଣ୍ଡା(୩୮) ଓ ଈଶ୍ୱର ମୁଣ୍ଡା(୨୩)। ଏଥିସହ ଦୋଷୀମାନେ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବେ ବୋଲି କୋର୍ଟ କହିଛନ୍ତି। ସେହିପରି ଜଣେ ମହିଳା ଅପରାଧୀ ପାଣ୍ଡି ମୁଣ୍ଡାଙ୍କୁ ଉଇଚ ହଣ୍ଟିଂ ଅପରାଧରେ ୩ ବର୍ଷ କାରାଦଣ୍ଡ ଶହ ୫ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ତା୧୩।୭।୨୦୧୫ରିଖରେ ଲହଣ୍ଡା ଗ୍ରାମରେ ଘଟିଥିଲା ଏହି ଲୋମହର୍ଷଣକାରୀ ହତ୍ୟାକାଣ୍ଡ। ଗୁଣିଗାରେଡ଼ି ସନ୍ଦେହରେ ଉଜୁଡିଯାଇଥିଲା ଗୁରା ମୁଣ୍ଡାଙ୍କ ପରିବାର। ସେତେବେଳେ ଏହି ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଥିଲା।



ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ରିଆମାଳ,୩୧।୧୦(ଡି.ଏନ୍.ଏ.)

ଦେବଗଡ ଜିଲା ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ କୈଳାସ ପ୍ରସାଦ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୧୭ଟି କ୍ଲଷ୍ଟର ଜୁନିୟର, ସିନିୟର ବର୍ଗରେ ଛାତ୍ରୀଛାତ୍ରମାନେ ଗୀତ, କୁଇଜ୍, ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ, ଓଡ଼ିଆ ପ୍ରବନ୍ଧ ଓ ତର୍କ ଆଦି ପ୍ରତିଯୋଗୀତାରେ ଭାଗ ନେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରିଆମାଳ ବ୍ଲକ ଅଧ୍ୟକ୍ଷା ରୀତାଞ୍ଜଳୀ ହାତୀ ଯୋଗଦେଇ ଛାତ୍ରୀଛାତ୍ରମାନେ ଅନୁସନ୍ଧିତ୍ସୁ ମନୋଭାବ ନେଇ କାର୍ଯ୍ୟ କଲେ ଜୀବନରେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ଦିଗରେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନାଉଲିପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟଙ୍କଧର ଦେହୁରୀ ଓ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବିଜୟ କୁମାର ପାତ୍ର, ପ୍ରଫୁଲ୍ଲ କୁମାର ପ୍ରଧାନ, ବିଦ୍ୟାଧର ସାହୁ, ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଚେନ୍ନାଇ ଚାଲାଣ ବେଳେ ଧରିଲା ପୋଲିସ

# ୧୨ ଯୁବତୀ, ୫ ନାବାଳିକା ଉଦ୍ଧାର

ଜୟପୁର,୩୧।୧୦(ଡି.ଏନ୍.ଏ./ନି.ପ୍ର.)

ତାମିଲନାଡୁ ଚାଲାଣ ହେଉଥିବା ୧୭ ଜଣ ଝିଅଙ୍କୁ ଗତ ବୁଧବାର ରାତିରେ ଉଦ୍ଧାର କରିଛି ଜୟପୁର ଟାଉନଥାନା ପୋଲିସ। ସେଥିରେ ୫ ଜଣ ନାବାଳିକା ରହିଛନ୍ତି। ଚାଲାଣରେ ସମ୍ପୃକ୍ତ ଥିବା ଦଲାଲଙ୍କୁ ପୋଲିସ ଗିରଫ କରିବା ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଦଲାଲ ଜଣକ ହେଲେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ନୂଆକୋଟ ଗ୍ରାମର ସୁବାସ ହରିଜନ (୨୬)। ଜୟପୁର ଏସ୍‌ଡିପିଓ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ନୂତନ ଏସ୍‌ଡିପିଓ ବରୁଣ ଗୁଣ୍ଟୁପାଲୀ।

ସୂଚନା ଅନୁଯାୟୀ, ଗତ ବୁଧବାର ରାତି ୧୧ଟାରେ ନବରଙ୍ଗପୁର ଜିଲା ରାଇଘରରୁ ବିଶାଖପାଟଣା ଯାଉଥିବା ଓଏସ୍‌ଆର୍‌ଟିସି ବସ୍ (ଓଡି୧୦ ୯୭୧୪)ରେ କେତେକ ଯୁବତୀଙ୍କୁ ବାହାର ରାଜ୍ୟ ପାଇଁ ଚାଲାଣ କରାଯାଉଥିବା ଖବର ପାଇଥିଲା ଟାଉନ ଥାନା। ଏସ୍‌ଆଇ ସୀମା ସଙ୍ଗୀତା ଲୁଗୁନଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଜୟପୁର ଷ୍ଟାଣ୍ଡରେ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୧୭ ଜଣ ଝିଅଙ୍କୁ ଉଦ୍ଧାର କରାଯାଇଥିଲା। ଏମାନେ ସମସ୍ତେ ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କୁ ବିଶାଖପାଟଣାରୁ ଟ୍ରେନ୍ ଯୋଗେ ଚେନ୍ନାଇ ନିଆଯାଇ ମଜୁରି କିମ୍ବା ଅନୈତିକ କାମରେ ଲଗାଯାଇଥାନ୍ତା ବୋଲି ଆଶଙ୍କା କରିଛି ପୋଲିସ। ଉଦ୍ଧାର ପରେ ନବରଙ୍ଗପୁର ପ୍ରଶାସନ ଉପସ୍ଥିତିରେ ଏବେ ସେମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଏସ୍‌ଡିପିଓ ବରୁଣ କହିଛନ୍ତି। ଅନ୍ୟପକ୍ଷରେ ଗିରଫ ଦଲାଲଙ୍କ ବିରୋଧରେ କେସ୍ ନଂ ୨୭୯/୧୯ରେ ମାମଲା ରୁଜୁ କରାଯାଇଛି।

### ଦଲାଲ ଗିରଫ


ସୁବାସ ହରିଜନ

## ■ ସ୍ମିତାରାଣୀ ମୃତ୍ୟୁ ପ୍ରସଙ୍ଗ

# 'ଶାସକ ଦଳ ନେତାଙ୍କୁ ବଞ୍ଚାଇବାକୁ ଆତ୍ମହତ୍ୟା ରୂପ ଦିଆଯାଉଛି'

- ଠିକ୍ ତଦନ୍ତ ନ ହେଲେ ଆନ୍ଦୋଳନ ଧମକ ଦେଲା କଂଗ୍ରେସ
- ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ପ୍ରତିନିଧି ଦଳ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଉପରେ କଂଗ୍ରେସ ଜୋର୍‌ଦାର ବର୍ଷିଛି। ଏହି ଘଟଣାକୁ ନେଇ ଭାଜପା ବାରମ୍ବାର ଆନ୍ଦୋଳନ କରୁଥିବା ବେଳେ ବିଳମ୍ବରେ ହେଲେ ମଧ୍ୟ କଂଗ୍ରେସ ରାସ୍ତାକୁ ଓହ୍ଲାଇଛି। ଏହି ଘଟଣାର ସିବିଆଇ ତଦନ୍ତ ଦାବି ମଧ୍ୟ କରିଛି। ଖୋଦ୍ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ଘଟଣାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି। ନିରଞ୍ଜନଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ମିତାରାଣୀଙ୍କ ମୃତ୍ୟୁ ରହସ୍ୟର ସିବିଆଇ ତଦନ୍ତ ଦାବିରେ ରାଜଭବନ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯାଇଥିଲା। ଏହି ଅବସରରେ ନିରଞ୍ଜନ କହିଛନ୍ତି, ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀ ଶାସକ ଦଳ ସଦସ୍ୟ। ସେଥିଲାଗି ଅଭିଯୁକ୍ତଙ୍କୁ ବଞ୍ଚାଇବାକୁ ଏହି ହତ୍ୟାକାଣ୍ଡକୁ ଆତ୍ମହତ୍ୟା ରୂପ ଦେବାର ଚେଷ୍ଟା କରାଯାଉଛି। ଘଟଣାର ଉଚିତ ତଦନ୍ତ ହେବା ଦରକାର। ଯଦି ସ୍ମିତାରାଣୀଙ୍କୁ ଆତ୍ମହତ୍ୟା କରିବାର ଥିଲା ତେବେ ସେ ଗେଷ୍ଟହାଉସକୁ କାହିଁକି ଗଲେ। ତାଙ୍କୁ ଗେଷ୍ଟ ହାଉସ ଡକାଯାଇ କିଛି ଅଘଟଣ ଜାଣିଶୁଣି କରାଯାଇଛି। ଯଦି ସେଠାରେ ସେ ଆତ୍ମହତ୍ୟା କଲେ ତେବେ ସଙ୍ଗେସଙ୍ଗେ ପୋଲିସକୁ ଟେଲିଫୋନ କରିବାର ଥିଲା। ସେମିତି ନ କରି ପୋଲିସ ଆସିବା ଆଗରୁ କାହିଁକି ହସ୍ପିଟାଲ ନିଆଗଲା ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ନିରଞ୍ଜନଙ୍କ ଅଧ୍ୟକ୍ଷତାରେ ପିସିସିର ଏକ କମିଟି ପୀଡିତାଙ୍କ ପରିବାର ପାଇଁ ନ୍ୟାୟ ଦାବିରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୩ ତାରିଖରେ ପିସିସି ପକ୍ଷରୁ ଏକ ତଥ୍ୟ ଅନୁଧ୍ୟାନ କମିଟି ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ଅଧ୍ୟକ୍ଷତାରେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାର ସ୍ଥାନୀୟ ଜିଲା ଆରକ୍ଷୀ ଅଧୀକ୍ଷକ ଓ ପରିବାରବର୍ଗଙ୍କୁ ସାକ୍ଷାତ କରି ନିରପେକ୍ଷ ତଦନ୍ତ ସହ ପରିବାରବର୍ଗଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦେବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା। ଯଦି ଘଟଣାର ନିରପେକ୍ଷ ତଦନ୍ତ କରିବାରେ ବିଳମ୍ବ ହୁଏ ତେବେ ରାଜ୍ୟରେ କଂଗ୍ରେସ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ନିରଞ୍ଜନ କହିଛନ୍ତି।



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
-ଗୀତା



**ସଂକ୍ଷେପରେ**

## ଜିଲାପୋଲିସର ଅଦଳବଦଳ

**ସମ୍ବଲପୁର,୩୧।୧୦(ବ୍ୟୁରୋ)-** ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ଥାନା ଅଧିକାରୀ, ଏଏସଆଇ, ଏସଆଇ ମାନଙ୍କ ବଦଳି କରାଯାଇଛି । ଏନେଇ ଏସ୍‌ପି ଅଫିସରୁ ଚିଠ ନଂ. ୨୮୪୫ତାରିଖ ୩୧।୧୦।୧୯ରେ ଅବଗତ କରାଯାଇଛି । ଜିଲାର ବିଭିନ୍ନ ଥାନାକୁ ୩୩ ଜଣଙ୍କୁ ବଦଳି କରାଯାଇଛି । ଏଥିରେ ଦୁଇଜଣ ଥାନା ଅଧିକାରୀ ରହିଛନ୍ତି ।

## ଗୁରୁନାନକ ସ୍କୁଲରେ ବିବିଧ ପ୍ରତିଯୋଗିତା

**ସମ୍ବଲପୁର, ୩୧।୧୦ (ବ୍ୟୁରୋ)-** ଗୁରୁନାନକ ପବ୍ଲିକ ସ୍କୁଲରେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଏକତା ଦୌଡ ଓ ବିବିଧ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଏକତା ଓ ଅଖଣ୍ଡତାର ଶପଥ ପାଠ କରିଥିଲେ। ଏହାପରେ ଏକତା ଦୌଡ ଅନୁଷ୍ଠିତ ହୋଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ରଚନା ଓ ତର୍କ ପ୍ରତିଯୋଗିତା ହୋଇଥିଲା। ସ୍କୁଲ ଅଧକ୍ଷ ଡ, ରବିନ୍ଦ୍ରନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମହାନଗର ନିଗମ ପକ୍ଷରୁ ଚଢାଉ

**ସମ୍ବଲପୁର,୩୧।୧୦(ବ୍ୟୁରୋ)–** ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଶାସନ ପୋଲିସ ଷ୍ଟେଶନ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଦେବେଇପାଲି, ମାଝିପାଲି, ଶାସନ, ଭାଲୁବାହାଲ, ପ୍ରଧାନପାଲି ଅଞ୍ଚଳରେ ୩୪ ଜଣ ଦୋକାନୀ ତମାଖୁ ବିକ୍ରି କରୁଥିବା ଜଣାପଡିବା ପରେ ଜୋରିମାନ କରାଯାଇଥିଲା । ସେମାନଙ୍କ ନିକଟରୁ ୫୭୧୦ ଟଙ୍କା ଜୋରାମାନା ଆଦାୟ କରାଯାଇଥିଲା । ଚଢାଉରେ ସ୍ୱାଗତିକା ବେହେରା, ସତ୍ୟ ନାରାୟଣ ମଲ୍ଲିକ, ପ୍ରତାପରୁଦ୍ର ମଣ୍ଡଳ, ଶାସନ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

## କୃଷି ଉପନିର୍ଦ୍ଦେଶକଙ୍କ ବିଦାୟ ସମ୍ବର୍ଦ୍ଧନା



**ସମ୍ବଲପୁର,୩୧।୧୦(ବ୍ୟୁରୋ)-** ସମ୍ବଲପୁର କୃଷି ଉପ ନିର୍ଦ୍ଦେଶକ ଖଗେନ୍ଦ୍ରନାଥ ଜେନା ଅକ୍ଟୋବର ୩୦ରେ ଅବସର ନେଇଛନ୍ତି । ସେ ତାଙ୍କ ଦାୟିତ୍ୱ ରେଢାଖୋଲ କୃଷି ଅଧିକାରୀ ଦୁଃଶାସନ ପ୍ରହରାଜଙ୍କୁ ପ୍ରଦାନ କରିଛନ୍ତି । ଦାୟିତ୍ୱ ହସ୍ତାନ୍ତର ସମୟରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସେ ୨ ବର୍ଷ ହେଲା ସମ୍ବଲପୁର କୃଷି ଉପ ନିର୍ଦ୍ଦେଶକ ଭାବେ କାର୍ଯ୍ୟକରି ଆସୁଥିଲେ ।

# ଧିମେଇ ଚାଲିଛି ବହୁ ପ୍ରକଳ୍ପ କାମ

- ବିକାଶରେ ବନ୍ଧା ହୋଇଛି ଡ଼ୋରି
- ଜନପ୍ରତିନିଧିଙ୍କ କଥା ଶୁଣୁନାହାନ୍ତି ଅଧିକାରୀ

**ସମ୍ବଲପୁର,୩୧।୧୦(ବ୍ୟୁରୋ)**

ସମ୍ବଲପୁର ଜିଲାରେ ପ୍ରାୟ ୧ ବର୍ଷ ହେବ ବିକାଶମୂଳକ କାମ ବନ୍ଦ ହୋଇ ପଡିଛି। ପୂର୍ବରୁ ନିର୍ମାଣାଧୀନ ଛୋଟ ବଡ କେତୋଟି ପ୍ରକଳ୍ପଗୁଡିକର କାମ କଚ୍ଛପ ଗତିରେ ଚାଲିଛି। ହେଲେ ନୂତନ ପ୍ରକଳ୍ପ ଅନୁମୋଦନ ହୋଇ ନାହିଁ କିମ୍ବା କୌଣସି ବଡ ପ୍ରକଳ୍ପ ପାଇଁ ଟେଣ୍ଡର ହୋଇନାହିଁ। ପୂର୍ବରୁ ଅନୁମୋଦନ ପାଇଥିବା ପ୍ରକଳ୍ପଗୁଡିକର କାମ ଆରମ୍ଭ କରାଯାଉ ନାହିଁ । ତେଣୁ କୌଣସି ଆଖିଦୃଶିଆ ବିକାଶ ଜଣାପଡୁନାହିଁ। ଲୋକମାନେ ନିଜର ମୌଳିକ ସୁବିଧା ପାଣି, ବିଜୁଳି,ସ୍ୱାସ୍ଥ୍ୟ, ଗମନା ଗମନ ସୁବଧା ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବାକୁ ପଡୁଛି। ହେଲେ ସମାଧାନ ହୋଇ ପାରୁନାହିଁ। ଦୁର୍ବଳ ପ୍ରଶାସନିକ କାର୍ଯ୍ୟ ସମ୍ପାଦନା ଯୋଗୁ ଏଭଳି ହୋଇଥିବା ସାଧରଣରେ ଅଭିଯୋଗ ହେଉଛି ।

ଅନ୍ୟପକ୍ଷେ ରାଜ୍ୟ ସରକାର '୫-ଟି 'ବ୍ୟବସ୍ଥା ଓ 'ମୋ ସରକାର' ଯୋଜନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଜିଲା ଓ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀମାନଙ୍କ ଆନ୍ତରିକତା ଓ କାର୍ଯ୍ୟ ସମ୍ପାଦନା କରିବାର ଦକ୍ଷତା ନ ଥିବ ତା'ହେଲେ ଜିଲାରେ ଉପରୋକ୍ତ ଯୋଜନା କାର୍ଯ୍ୟକାରୀ ହେବା ନେଇ ସନ୍ଦେହ ସୃଷ୍ଟି ହେଉଛି। ତେଣୁ ଏହି ଯୋଜନା ଜିଲାରେ ପ୍ରହସନ ପାଲଟିବ ବୋଲି ଜିଲାବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ସରକାରଙ୍କ ସମସ୍ତ କାର୍ଯ୍ୟ ସମ୍ପାଦନା କରିବା ଦାୟିତ୍ୱ ଜିଲାପାଳଙ୍କ ଉପରେ ନ୍ୟସ୍ତ। ତାଙ୍କ ନିର୍ଦ୍ଦେଶରେ ଯୋଜନା ଗୁଡିକ କାର୍ଯ୍ୟକାରୀ କରାଯାଏ। ଜିଲାର ବିକାଶରେ ଜିଲାପାଳଙ୍କ ମୁଖ୍ୟ ଭୂମିକା ରହିଥାଏ। ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ସରକାରୀ ଅଧିକାରୀମାନେ ମଧ୍ୟ ଜିଲାପାଳଙ୍କ ଉପରେ ଅନେକ ଆସ୍ଥା ପ୍ରକଟ କରିଥାନ୍ତି। ହେଲେ ଏବେ ବିଭାଗୀୟ ଅଧିକାରୀମାନେ ମଧ୍ୟ କାମକୁ ଗୁରୁତ୍ୱ ଦେଉନାହାନ୍ତି। ବିଭିନ୍ନ ଆଳ ଦେଖାଇ ସେମାନେ ହାତବାନ୍ଧି ବସିଛନ୍ତି ବୋଲି ଅଭିଯୋଗ ହୋଇଛି।

ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣ ନିଜ ସମସ୍ୟା ସଂକ୍ରାନ୍ତରେ ଅଭିଯୋଗ କରିବା ପାଇଁ ଟୋଲ ଫ୍ରି ନମ୍ବର ଓ ହ୍ୱାଟ୍ସଆପ୍ ନମ୍ବର ଜାରି କରିଛନ୍ତି। ଜିଲାପାଳ ଶୁଭମ ସକସେନା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଏହି ନମ୍ବରଗୁଡିକରେ ଅଭିଯୋଗ ସଂଖ୍ୟା ବଢି ଯାଇଥିଲା। ଅଭିଯୋଗ ପରେ ମଧ କିଛି ଫଳ ନ ମିଳିବାରୁ ସେହି ସଂଖ୍ୟା ହ୍ରାସ ପାଇଛି। ଅଧିକାଂଶ ସମୟରେ ଗୋଟିଏ ବିଭାଗ ବିରୋଧରେ ଅଭିଯୋଗ କଲେ ଅନ୍ୟ ବିଭାଗକୁ ସମାଧାନ ପାଇଁ ପଠାଯାଉଛି। ଏପରି ତ୍ରୁଟିକୁ ନେଇ ଅଭିଯୋଗ ହେଉଛି। ରାଜନୈତିକ ନେତାଙ୍କ ଅଭିଯୋଗ ପ୍ରଶାସନିକ ଅଧିକାରୀମାନେ ଶୁଣୁ ନାହାନ୍ତି । କୌଣସି ପ୍ରକଳ୍ପ ପାଇଁ ଅନୁରୋଧ କଲେ ପ୍ରତିଶ୍ରୁତି ଦେଇ ଅଧିକାରୀମାନେ ଚୁପ୍ ବସୁଛନ୍ତି। ଦୁର୍ନୀତି ବିରୋଧରେ ଅଭିଯୋଗ କଲେ ମଧ୍ୟ ତଦନ୍ତ ଆଳରେ ଭୁଆଁ ବୁଲାଇ ଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ଜିଲାରେ ବୀମା ଟଙ୍କା ପାଇଁ ଚାଷୀଙ୍କ ଆନ୍ଦୋଳନ, ପ୍ରଧାନମନ୍ତ୍ରୀ ଆବାସ, ବିଜୁପକ୍କା ଘର ଯୋଜନା, ଫ୍ଲାଏଓଭର ନିର୍ମାଣ,ରାସ୍ତାଘାଟ ସମସ୍ୟା ଉପରେ ଅଧିକାରୀମାନେ ଗୁରୁତ୍ୱ ଦେଉ ନାହାନ୍ତି। ସରକାରୀ ଯୋଜନା ଅନୁଦାନ ଟଙ୍କା ଖର୍ଚ୍ଚ ହୋଇ ପାରୁନାହିଁ । ଜିଲା ସ୍ୱତନ୍ତ୍ର ଭୂ ଅର୍ଜନ ବିଭାଗ ଯୋଗୁ ଅନେକ ପ୍ରକଳ୍ପ କାମ ଆଗେଇ ପାରୁନାହିଁ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲାପାଳ ଶୁଭମ ସକସେନାଙ୍କୁ ପଚାରିବାକୁ କାମ ଗୁଡିକ ଠିକ୍ ଠାକ୍ ଚାଲିଛି। ନିର୍ଦ୍ଦିଷ୍ଟ ବିଭାଗ ଉପରେ ଅଭିଯୋଗ ହେଲେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ରେଙ୍ଗାଲି ଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ରେଙ୍ଗାଲି, ୩୧।୧୦ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ଭାରତରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଥିଲା। ଗୁରୁବାର ରେଙ୍ଗାଲି ରେଲୱେ ଷ୍ଟେଶନ ଅଭ୍ୟର୍ଥନା କକ୍ଷରେ ରେଙ୍ଗାଲି ପୂର୍ବତନ ବିଧାୟକ ତଥା ପରିଷଦର ଉପାଧକ୍ଷ ଦୁର୍ଯ୍ୟୋଧନ ଗର୍ଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି ଯୋଗଦେଇଥିଲେ। ସର୍ଦ୍ଦାର ପଟେଲ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜନହିତକର କାର୍ଯ୍ୟ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଏଥିରେ ରାଜାରାମ ମାହାଣା, ଉଦୟ ଚନ୍ଦ୍ର ସାହୁ, ଦିବ୍ୟ ବେହେରା, କିଶୋର ସାହୁ, ବିନୋଦ ବିହାରୀ ନନ୍ଦ, ବିପିନ ବିଶ୍ୱାଳ, ଶ୍ରୀପତି ଷଣ୍ଢ, ସୁବାସ ସିଂ, ସାଲେଗ୍ରାମ ସାହୁ, ବୃନ୍ଦାବନ ସାହୁ ଏବଂ ରେଳ ବିଭାଗର ବରିଷ୍ଠ ଅଧିକାରୀ ରେଳ ସୁପରିଣ୍ଟେଣ୍ଡେଣ୍ଟ ବସନ୍ତ କୁମାର ଦାସ, ଷ୍ଟେଶନ ମ୍ୟାନେଜର ଗୋପାଳ ଦୀପ, ସୁଶାନ୍ତ ପ୍ରଧାନ, ସୁରେଶ ସ୍ୱାଇଁ, ଲକ୍ଷ୍ମୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ପରିଷଦର ସହ ସମ୍ପାଦକ ସୁବନଚାନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବଲପୁର ଏସ୍‌ପି କନୱର ବିଶ୍ୱାଳ ସିଂ ୨ କନ୍‌ଷ୍ଟେବଲଙ୍କୁ ସମ୍ମାନୀତ କରୁଛନ୍ତି ।

## ୨ କନ୍‌ଷ୍ଟେବଲଙ୍କୁ ଜିଲା ପୋଲିସ ପକ୍ଷରୁ ସମ୍ବର୍ଦ୍ଧନା

**ସମ୍ବଲପୁର,୩୧।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ୨ ଜଣ କନ୍‌ଷ୍ଟେବଲଙ୍କୁ ସାହସକ କାର୍ଯ୍ୟ ପାଇଁ ଗୁରୁବାର ସମ୍ମାନୀତ କରାଯାଇଛି। ଏସ୍‌ପି କନୱର ବିଶାଳ ସିଂ ମାନପତ୍ର ପ୍ରଦାନ କରିଛନ୍ତି। ସେମାନେ ହେଲେ କନ୍‌ଷ୍ଟେବଲ ଚନ୍ଦନ ସାହୁ ଓ ହର୍ସନ ନାଏକ। ସୂଚନାଯୋଗ୍ୟ, ୧୦ ତାରିଖ ଜିଲା ପୋଲିସ ପକ୍ଷରୁ ସୁନା ଗହଣା ଠକେଇ କରୁଥିବା ର୍‍ୟାକେଟର ପର୍ଦ୍ଦାଫାସ କରିଥିଲା। ଏହି ଦୁଇଜଣ କନ୍‌ଷ୍ଟେଲଙ୍କ ପାଇଁ ପୋଲିସକୁ ସଫଳତା ମିଳିଥିଲା। ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଠକେଇ ଘଟଣାର ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକ ମାଝୀଙ୍କୁ ସନ୍ଦେହ କରି ପୋଲିସ ଅଟକାଇ ଥିଲା। ହେଲେ ଅଭିଯୁକ୍ତ ଫେରାର ହୋଇଯାଇଥିବା ସମୟରେ ଉପରୋକ୍ତ ୨ କନ୍‌ଷ୍ଟେବଲ ତାଙ୍କୁ ଗୋଡାଇ ଗୋଡାଇ କାବୁ କରିନେଇଥିଲେ। ପରେ କାର୍ତ୍ତିକଙ୍କୁ ଜେରା କରି ଅନ୍ୟ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଉଦ୍ଧାର କରାଯାଇଥିଲା।

## ଖେଳ ଉପକରଣ ବଣ୍ଟନ

**ସମ୍ବଲପୁର, ୩୧।୧୦ (ବ୍ୟୁରୋ)**

ଖେଳ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ବୁଢ଼ାରଜା ସରକାରୀ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରମାନଙ୍କୁ ଫୁଟବଲ ଓ ଜର୍ସି ପ୍ରଦାନ କରାଯାଇଥିଲା। ଜିଲା କ୍ରୀଡାସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର, କ୍ରୀଡା ସଙ୍ଗଠକ ବିଶ୍ୱମ୍ବର ବହିଦାର, ଫୁଟବଲ ରେଫରି ପଦ୍ମନାଭ ନାୟକ ଓ ଖେଳ ଶିକ୍ଷକ ଭୋଳାନାଥ ବିଶୋଇ ଛାତ୍ରମାନଙ୍କୁ ଖେଳ ଉପକରଣ ବଣ୍ଟନ କରିଥିଲେ।

## ମାନେଶ୍ୱରରେ ବିଜେଡି ଜନସମ୍ପର୍କ ପଦଯାତ୍ରା

**ସମ୍ବଲପୁର,୩୧।୧୦(ବ୍ୟୁରୋ):** ମାନେଶ୍ୱରରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ରମେଶ ପଟୁଆ ଯୋଗ ଦେଇଥିଲେ । ପଦ ଯାତ୍ରାରେ ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ ସଭ୍ୟ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରତ୍ୟେକ ୱାର୍ଡରେ ସଭ୍ୟ ସଂଗ୍ରହ କରିବାକୁ ପୂର୍ବତନ ବିଧାୟକ ପଟୁଆ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋତିଲାଲ ତନ୍ତି, ଦିଲୀପ କୁମାର ଦୁରିଆ, ଧନକଉଡା ବ୍ଲକ ସଭାପତି ଯତିନ୍ଦ୍ର ସାହୁ, ଶାନ୍ତି କୁମାର ସାହୁ, କ୍ଷୀରୋଦ ବାଗ,ସୁରଥ ନାଏକ, ଜଗନ୍ନାଥ ନାଥ, ପ୍ରମୋଦ ନାଏକ, ଜ୍ୟୋତି କୁମ୍ଭାର, ପଦ୍ମା କୁମ୍ଭାର, ସରସ୍ୱତୀ ମେଘା, ପଙ୍କଜିନୀ ଜଗଦଲା, ସୌଦାମିନୀ ବାଗ, ଜନନୀ ମାଝୀ, ଉର୍ମିଳା ତାଣ୍ଡିଆ, ସୁଶୀଳା ଜଗଦଲା ପ୍ରମୁଖ ଉପସ୍ଥିତ ଥିଲେ ।

## ରେଳ ମଣ୍ଡଳରେ ରାଷ୍ଟ୍ରୀୟ ଏକତା ଦିବସ

**ସମ୍ବଲପୁର, ୩୧।୧୦ (ବ୍ୟୁରୋ)**

ରାଷ୍ଟ୍ରୀୟ ଏକତା ଦିବସ ପୂର୍ବତଟ ରେଳବାଇ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ରେଳବାଇ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରି କର୍ମଚାରୀ ଓ ଅଧିକାରୀଙ୍କୁ ରାଷ୍ଟ୍ରୀୟ ଏକତାର ଶପଥ ପାଠ କରାଇଥିଲେ। ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବା ଭାରତୀୟଙ୍କ କର୍ତ୍ତବ୍ୟ ଅଟେ ବୋଲି କହିଥିଲେ। ଏହି ଅବସରରେ ରେଳବାଇ ଷ୍ଟାଡିୟମରୁ ସମ୍ବଲପୁର ରେଳ ଷ୍ଟେଶନ ପର୍ଯ୍ୟନ୍ତ ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରେଳ ଅଧିକାରୀ, କର୍ମଚାରୀ, ସ୍କାଉଟ ଓ ଗାଇଡ ଏବଂ କ୍ରୀଡାବିତମାନେ ସାମିଲ ଥିଲେ। ଏଥିସହ ରାଷ୍ଟ୍ରୀୟ ଏକତାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଭୂମିକା ଉପରେ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।




ରେଳବାଇ ଷ୍ଟାଡିୟମଠାରେ ଡିଆରଏମ୍ ଡ. ଜୟଦୀପ ଗୁପ୍ତା ଶପଥ ପାଠ କରାଉଛନ୍ତି।

## ସମ୍ବଲପୁରେ ୱାକାଥନ୍‌ର ଶୁଭାରମ୍ଭ

**ସମ୍ବଲପୁର, ୩୧।୧୦ (ବ୍ୟୁରୋ)**

ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟର୍, ଜିଲା ପ୍ରଶାସନ ଓ ଦୁର୍ନିତୀ ନିବାରଣ ବିଭାଗ ପକ୍ଷରୁ ଗୁରୁବାର ୱାକାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ, ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର ପ୍ରଧାନ, ରୋଟାରୀ ପୂର୍ବତନ ଡିଷ୍ଟ୍ରିକ ଗଭର୍ଣ୍ଣର ଶମ୍ଭୁ ଜଗତରାମକା ସବୁଜ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କ୍ଲବ ସଭାପତି ମହମ୍ମଦ ପରଭେଜ ଅଲ୍ଲିଖାନ୍ ସୂଚନା ପ୍ରଦାନ କରିଥିଲେ। ପ୍ରକଳ୍ପ ଅଧକ୍ଷ ଆନନ୍ଦ ମିଶ୍ର, ସମ୍ପାଦକ ବିଲାଲ ମଲ୍ଲିକ, ଆନନ୍ଦ ଅଗ୍ରୱାଲ, ଭଗତ ସିଂ, ପୁନିତ ପୌଦାର, ଉର୍ମିଳା ବେହେରା, ସୁନୀଲ ଅଗ୍ରୱାଲ, ବିକ୍ରମାଦିତ୍ୟ ସିଂଦେଓ, ଘନଶ୍ୟାମ ମେହେର, ଓକିଲ ଖାନ୍, ମନୋରଞ୍ଜନ ସାହୁ, ପଙ୍କଜ ଲାଠ, ରାଜକୁମାର ଅଗ୍ରୱାଲ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସିଆରପିଏଫ୍ ଯବାନ, ମଦନାବତୀ ସ୍କୁଲ, ଗୁରୁନାନକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ସେଣ୍ଟ ଯୋସେଫ୍ କନଭେଣ୍ଟ ସ୍କୁଲ, ଏନଏସସିବି କଲେଜର ଏନଏସଏସ ବିଭାଗ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏନଏସଏସ ବିଭାଗ, ସରକାରୀ ମହିଳା କଲେଜର ୫ଶହରୁ ଉର୍ଦ୍ଧ୍ୱ ପ୍ରତିନିଧି ସାମିଲ ଥିଲେ। ୱାକାଥନ୍ ଜିଲା ସ୍କୁଲ ଛକରୁ ବାହାରି ମୁଦିପଡା ପରିକ୍ରମା କରିଥିଲା।




ଏସ୍‌ପି କନୱର ବିଶାଳ ସିଂ ୱାକାଥନ୍‌ର ଶୁଭାରମ୍ଭ କରୁଛନ୍ତି।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ଟିପିଲିମା, ୩୧।୧୦ (ଡି.ଏନ.ଏ.)**

ଗୁରୁବାର ସମ୍ବଲପୁର ଜିଲା ଧନକଉଡା ବ୍ଲକ ଜୋନର ଗୋଶାଳା ଛକରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ବରିଷ୍ଠ ସଭ୍ୟ କାହ୍ନୁଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଥମେ ପଦଯାତ୍ରା ସିଆରପିଏଫ୍ ଛକରୁ ବାହାରି ଗୋଶାଳା ଛକଦେଇ ବଜାର ପ୍ରାଙ୍ଗଣରେ ପହଞ୍ଚିଥିଲା । ବ୍ଲକ ସଭାପତି ଯତୀନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ପୂର୍ବତନ ରେଙ୍ଗାଲି ବିଧାୟକ ରମେଶ ପଟୁଆ, ଜିଲା ବିଜେଡି କୃଷକ ସଙ୍ଗଠନ ସଭାପତି ଆନନ୍ଦ ଜେନା, ପୂର୍ବତନ ଜିଲା କୃଷକ ସଙ୍ଗଠନ ସଭାପତି ଆର୍ତ୍ତତ୍ରାଣ ମିଶ୍ର, ବରିଷ୍ଠ ବିଜେଡି ନେତା ରାଜକିଶୋର ଦାସ, ଯୁବନେତା ମୋତିଲାଲ ତନ୍ତି ଓ ଇଂ. ଦିଲୀପ ଦୁରିଆ, କଳାମାଟି ସରପଞ୍ଚ ଶ୍ରୀହରି ନାଗ ପ୍ରମୁଖ ମଞ୍ଚାସୀନ ଥିଲେ । ନବୀନ ସରକାରଙ୍କ ସଫଳତା ବିଷୟରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଅଧିକ ସଭ୍ୟ ସଂଗ୍ରହ କରି ଦଳକୁ ଆହୁରି ଅଧିକ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ । ପୂର୍ବତନ ଜିଲାପରିଷଦ ଉଦ୍ଧବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ହୀରାଲାଲ ବାରିକ, ଫଣିନ୍ଦ୍ର ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ଦିଗାମ୍ବର ସିଂ, ପୂର୍ବତନ ବ୍ଲକ ଅଧକ୍ଷ ସାନ୍ତ୍ୱନୁ ହୋତା, ପୂର୍ବତନ କର୍ଡୋଲା ସରପଞ୍ଚ ଗୋରେଖ ରାଉତ ଓ ରାମଦାସ ପ୍ରଧାନ, ନରୋତ୍ତମ ମେହେର, ଲଳିତ ଅଗ୍ରୱାଲ, ଭଜନ ପଣ୍ଡା, ନରେଶ ସିଂ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ସହଯୋଗ କରିଥିଲେ ।



ବିଜେଡି ଜନ ସଂପର୍କ ପଦଯାତ୍ରାରେ ସାମିଲ ହୋଇଥିବା କର୍ମୀମାନେ।

**ସଭ୍ୟ ସଂଗ୍ରହ କରିବାକୁ ଆହ୍ୱାନ**

## ୧୦ଦିନରେ ପହଞ୍ଚିଲା ଚାଷୀଙ୍କ ରିଲେ ଅନଶନ

**ସମ୍ବଲପୁର,୩୧।୧୦(ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ଅଫିସ ନିକଟରେ ଚାଷୀଙ୍କ ରିଲେ ଅନଶନ ଗୁରୁବାର ୧୦ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନକୁ କଂଗ୍ରେସ,ଭାଜପା ଓ ଆମ୍ ଆଦମୀ ପାର୍ଟି ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଭାଜପା ପକ୍ଷରୁ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲାପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକଙ୍କ ସହ ଏକ ପ୍ରତିନିଧି ଦଳ ଚାଷୀଙ୍କ ସହ ରିଲେ ଅନଶନରେ ବସିଥିଲେ। ଏହି ଅବସରରେ ସେମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଚାଷୀମାନଙ୍କ ସମସ୍ୟା ସମାଧାନ କରିବାକୁ ସେମାନେ ଦାବି କରିଥିଲେ। ସେହିପରି କଂଗ୍ରେସ ଜିଲା ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ। ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବୀରେନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଦଳ ଚାଷୀଙ୍କ ସହ ସାମିଲ ହୋଇଥିଲେ। ବାଉଁଶଲଗା, କବିର ବହାଳ, ଗଡପୋଷ, ଜମନକିରା, ଖସର୍ଡା, ଟାଇଁସରା, ସାହସପୁର, ଧମା, ଗୁଣ୍ଡେରପୁର, ବରଗାଁ ଅଞ୍ଚଳର ଚାଷୀମାନେ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଗତ ୨୨ ତାରିଖରୁ ଚାଷୀମାନେ ବିଭିନ୍ନ ଦାବି ନେଇ ୨୪ ଘଣ୍ଟିଆ ରିଲେ ଅନଶନ ଆରମ୍ଭ କରିଛନ୍ତି। ୨୦୧୮ ଖରିଫ ଋତୁରେ ବର୍ଷା ଓ ରୋଗ ପୋକ ଦ୍ୱାରା ଫସଲ ନଷ୍ଟ ହୋଇଯାଇଥିଲା। ତେଣୁ ବୀମା ଓ ଇନ୍‌ପୁଟ ସବ୍‌ସିଡି ଦେବାକୁ ସରକାର ଘୋଷଣା କରିଥିଲେ। ଘୋଷଣା ପରେ ମଧ୍ୟ ବୀମା ଟଙ୍କା ଚାଷୀଙ୍କୁ ମିଳିନାହିଁ। ସେହିପରି ଧାନର ସର୍ବନିମ୍ନ ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ବୋନସ ପ୍ରଦାନ ଓ ସମ୍ପୂର୍ଣ୍ଣ ଋଣ ଛାଡ, କୀଟନାଶକ ରିହାତି ମୂଲ୍ୟରେ ଯୋଗାଇ ଦେବାରେ ସରକାର ବିଫଳ ହୋଇଛନ୍ତି। ରାଜ୍ୟ ସରକାର ବୀମା ଟଙ୍କା ପାଇଁ କେନ୍ଦ୍ର ଉପରେ ଦୋଷ ଲଦି ଦେଉଛନ୍ତି। ଚାଷୀମାନେ ଦୀର୍ଘ ୯ ମାସ ଧରି ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରିଛନ୍ତି, ମହାବନ୍ଦ ଓ ରେଳରୋକୋ କରିଛନ୍ତି ହେଲେ ସରକାରଙ୍କ ନିଦ ଭାଙ୍ଗିନାହିଁ। ତେଣୁ ଶେଷରେ ରିଲେ ଅନଶନ ଜାରି ରହିଛି।



ସମ୍ବଲପୁର ଜିଲାପାଳ ଅଫିସ ନିକଟରେ ଚାଷୀମାନେ୨୪ ଘଣ୍ଟିଆ ରିଲେ ଅନଶନ କରିଛନ୍ତି।

**ନୀରବ ପ୍ରଶାସନ,ବଢୁଛି ଅସନ୍ତୋଷ**

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧ ନଭେମ୍ବର, ୨୦୧୯



“ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### ହତ୍ୟା ଅଭିଯୋଗ, ଏସ୍‌ପିଙ୍କୁ ଫେରାଦ

ବରଗଡ଼ ଅଫିସ୍,୩୧।୧୦: ପାଇକମାଳ ଥାନା ଅନ୍ତର୍ଗତ ସାଲେପାଲି(ଆମପଡ଼ା)ର ନିରାକାର ସାହୁଙ୍କ ମୃତ୍ୟୁ ଘଟଣା ଏବେ ମଧ୍ୟ ରହସ୍ୟାବୃତ୍ତ ହୋଇ ରହିଛି । ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମାତ୍ର ନିରାକାରଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ନିରାକାରଙ୍କ ମା’ ଶାନ୍ତି, ଭଉଣୀ ସଞ୍ଜନା ବୁଧବାର ବରଗଡ଼ ଏସ୍‌ପିଙ୍କୁ ଫେରାଦ ହୋଇଥିଲେ। ଏସ୍‌ପି ପଦ୍ମିନୀ ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏହାର ବିଧିବଦ୍ଧ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ନିବେଦନ କରିଛନ୍ତି । ପ୍ରକାଶଥାଉକି, ଗତ କିଛିଦିନ ତଳେ ନିରାକାରଙ୍କ ଶବକୁ ଏକ ଗଛରୁ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ନିରାକାରଙ୍କୁ ସୁଚିନ୍ତିତ ଭାବେ ହତ୍ୟା କରିବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ ହତ୍ୟାକାରୀମାନେ ଶବକୁ ଗଛରେ ଝୁଲାଇ ଦେଇଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ।

### ଓଡ଼ିଶା ଦଳରେ ବରଗଡ଼ର ୨ ଖେଳାଳି

ବରଗଡ଼ ଅଫିସ୍,୩୧।୧୦: ବରଗଡ଼ ଜିଲାର ଦୁଇ ଉଦୀୟମାନ ଖେଳାଳି ଓଡ଼ିଶା କ୍ରିକେଟ ଟିମ୍‌ରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ରବୀଣ ଲୁହା ଏବଂ ରାହୁଲ ଚୌଧୁରୀ । ପ୍ରବୀଣ ଓଡ଼ିଶା ସିନିୟର ଟି-୨୦ ଏବଂ ରାହୁଲ (୨୩ବର୍ଷରୁ କମ୍) ରାଜ୍ୟ ଦଳରେ ସ୍ଥାନ ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ଦୁଇ ଯୁବ କ୍ରିକେଟରଙ୍କୁ ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା, ଉପସଭାପତି ଶୁଭ୍ରାଂଶୁ ମହାପାତ୍ର, କୋଷାଧ୍ୟକ୍ଷ ଗୁରୁଦତ୍ତ ଦାଶ, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

### ସର୍ବନିମ୍ନ ସୁବିଧା ପାଇଁ ସ୍ମାରକପତ୍ର

ବରଗଡ଼ ଅଫିସ୍,୩୧।୧୦: ବରଗଡ଼ ସହରର ପୁରାତନ ହାଟପଦାର ପରିବା ଦୋକାନୀମାନେ ବୁଧବାର ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ହାଟପଦାରେ ୫୦୦ରୁ ଅଧିକ ପରିବା ଦୋକାନୀ ଥିବାବେଳେ ନିୟମିତ ଏକ ହଜାରରୁ ଅଧିକ ଗ୍ରାହକ ଆସିଥାନ୍ତି। ପ୍ରତିଦିନ ମାର୍କେଟ ଫି ବାବଦକୁ ପୌର ପରିଷଦ ପକ୍ଷରୁ ଦୋକାନୀ ପ୍ରତି ୫ ଟଙ୍କା ଲେଖାଏଁ ଅସୁଲ କରାଯାଉଥିଲେ ସୁଦ୍ଧା ପାନୀୟଜଳ, ଶୌଚାଳୟ ଭଳି ସୁବିଧା ମିଳୁନାହିଁ । ଏପରିକି ବର୍ଷାଦିନେ ହାଟପଦା କାଦୁଅ ହେଉଥିବାବେଳେ ତାର ପ୍ରତିକାର କରାଯାଉନାହିଁ। ସେହିପରି ମଇଳା ଆବର୍ଜନା ନିୟମିତ ଉଠାଯାଉ ନ ଥିବା ଦୋକାନୀମାନେ ଅଭିଯୋଗ କରିଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ପୌର ନିର୍ବାହୀ ଅଧିକାରୀଙ୍କୁ ନିବେଦନ କରିଛନ୍ତି ।

## ରେଢାଖୋଲ ବନଖଣ୍ଡ

# ହାତୀ ଶାବକର ମୃତଦେହ ଉଦ୍ଧାର

**ରେଢାଖୋଲ ୩୧।୧୦(ଡି.ଏନ.ଏ.)**

ରେଢାଖୋଲ ବନଖଣ୍ଡର ନାକ୍ଟିଦେଉଳ ବନାଞ୍ଚଳ ଅଧିନ ରାଇଲ ସେକ୍ସନ ରେ ଗତ ୨୦ତାରିଖ ଏକ ଅସୁସ୍ଥ ଦନ୍ତା ହାତୀର ମୃତ୍ୟୁ ହୋଇଥଲଶ। ଏହାର ୩ ଦିନ ନଯାଉଣୁ ୨୩ ତାରିଖ ଦିନ ବଡମାଳ ବନାଞ୍ଚଳର ବଡପାଟି ଗ୍ରାମ ଜଙ୍ଗଲରେ ଆଉ ଏକ ଦନ୍ତା ହାତୀର ଗଳିତ ମୃତଦେହକୁ ବନବିଭାଗ ଠାବ କରିଥିଲା। ହେଲେ ଏହାର ୭ ଦିନ ପରେ ଗୁରୁବାର ଚାରମାଳ ବନାଞ୍ଚଳର ବଂଶାଜାଲ ସେକ୍ସନର କୁସୁମବାହାଳ ନିକଟସ୍ଥ ଏଣ୍ଡୁରୀବାହାଳ ଜଙ୍ଗଲରେ ଆଉ ଏକ ୧ ବର୍ଷର ଅଣ୍ଡିରା ହାତୀ ଶାବକର ମୃତ୍ୟୁ ହୋଇଛି। ହାତୀ ଶାବକଟି ଏକ ୪ଟି ହାତୀ ଥିବା ପଲରେ ରହିଥିବା ବେଳେ ଗତ କିଛି ଦିନ ହେବ ଅସୁସ୍ଥ ଥିଲା।ଏ ନେଇ ବନ ବିଭାଗକୁ ଗ୍ରାମବାସୀ ଖବର ମଧ୍ୟ ଦେଇଥିଲେ। ଶାବକଟି ଅସୁସ୍ଥ ଥାଇ ମା ହାତୀ ସହିତ ଗ୍ରାମ ନିକଟରେ ବୁଲୁଥିଲା। ବନବିଭାଗ ତାର ଚିକିତ୍ସା ପାଇଁ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖବର ପାଇ ଡିଏଫଓ ସଂଗ୍ରାମ କେଶରୀ ବେହେରା, ଚାରମାଳ ରେଞ୍ଜ ଅଧିକାରୀ ହରେଷ କିସାନ, ଫରେଷ୍ଟର ପ୍ରବୀଣ ସାହୁ, ଅନୀଲ କିସାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାଣୀଧନ ଚିକିତ୍ସକ ଦେବାଶିଷ ପଣ୍ଡା, ପ୍ରଦୀପ କୁମାର ସହୁ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିବା ଡିଏଫଓ କହିଛନ୍ତି।

ତେବେ ଗତ ୧୦ ଦିନ ମଧରେ ୩ ହାତୀର ମୃତ୍ୟୁକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନସାଧାରଣ ଓ ପରିବେଶପ୍ରେମୀ ହାତୀ ମୃତ୍ୟୁ ପାଇଁ ବନବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ତେବେ ହାତୀ ଶାବକର କେଉଁ ପରିସ୍ଥିତିରେ ମୃତ୍ୟୁ ହୋଇଛି ଜଣା ପଡି ନ ଥିଲେ ହେଁ ପାକସ୍ଥଳିରେ ସଂକ୍ରମଣ ଯୋଗୁ ମୃତ୍ୟୁ ହୋଇ କରିଥିବା ଡିଏଫଓ କହିଛନ୍ତି। ମୃତଦେହରୁ ନମୂନା ସଂଗ୍ରହ କରାଯାଇ ଭୁବନେଶ୍ୱର ପଠାଯିବ ଓ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି ବନବିଭାଗ କହିଛି।



ମୃତ ହାତୀ ଶାବକ।

### ଘେଁସରେ ଲାଲ ଯୋଗେନ୍ଦ୍ର ନାଥ ସିଂହ ଜୟନ୍ତୀ

**ଘେଁସ,୩୧।୧୦(ଡି.ଏନ.ଏ)**

ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ ହାଇସ୍କୁଲ ପରିସରରେ ବୁଧବାର ଘେଁସ ଜମିଦାର ଲାଲ ଯୋଗେନ୍ଦ୍ରନାଥ ସିଂହଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଘେଁସ ଅବସରପ୍ରାପ୍ତ କର୍ମଚାରୀ ସଂଘ ଏବଂ ଗ୍ରାମ୍ୟ ଉନ୍ନୟନ କମିଟି ମିଳିତ ଆନୁକୂଲ୍ୟରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ଶିକ୍ଷକ ହରିହର ପଣ୍ଡାଙ୍କ ପୌରୋହିତ୍ୟରେ ହୋଇଥିବା ଏହି ସଭାରେ ଘେଁସ ସରପଞ୍ଚ ମମତାସିଂହ ବରିହା ମୁଖ୍ୟଅତିଥି, ଜଗଦୀଶ ପଧାନ ମୁଖ୍ୟବକ୍ତା ଏବଂ ଜିଲା ପରିଷଦ ସଭ୍ୟ ଦୟାନିଧି ପଟେଲ ଓ ପ୍ରଧାନ ଶିକ୍ଷକ କେଶବଲାଲ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଘେଁସ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନର ବିକାଶ ପାଇଁ ଜମିଦାରଙ୍କ ନିଷ୍ଠାପର ପ୍ରଚେଷ୍ଟା, ସରଳ ବ୍ୟକ୍ତିତ୍ୱ, ଅମାୟିକ ବ୍ୟବହାର, ଉଦାର ହୃଦୟ ଓ ବଦାନ୍ୟତା ସମ୍ବନ୍ଧରେ ବକ୍ତାମାନେ ଆଲୋକପାତ କରିଥିଲେ । ସାହିତ୍ୟିକ ଡ. ସୁବାସ ମେହେର ସଭା ପରିଚାଳନା କରିଥିବାବେଳେ ଶିକ୍ଷକ ଦେବରାଜ ସାହୁ ଧନ୍ୟବାଦ ଅର୍ପଣ କରଥିଲେ । ଏନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଓକିଲ ସଂଘର ଆନ୍ଦୋଳନ

# ୩ ଦିନ ପ୍ରଶାସନିକ କାର୍ଯ୍ୟ ବନ୍ଦ

**ରେଢାଖୋଲ,୩୧।୧୦(ଡି.ଏନ.ଏ.)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୁହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ପ୍ରତିମାସର ଶେଷ ୩ ଦିନ କାର୍ଯ୍ୟ ଦିବସରେ ରେଢାଖୋଲ ନାଗରିକ ମଞ୍ଚ ଓ ଓକିଲ ସଂଘ ଆନ୍ଦୋଳନ କରିଆସୁଛି। ହେଲେ ଗତ ମାସରୁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି କ୍ରମେ ଆନ୍ଦୋଳନର ରୁପରେଖ ବଦଳିଛି। ଏହି ପରିପ୍ରେକ୍ଷୀରେ ୨୯, ୩୦ ଓ ୩୧ ତାରିଖ ୩ ଦିନ ରେଢାଖୋଲ ଓକିଲ ସଂଘ ଓ ନାଗରିକ ମଞ୍ଚର ଆନ୍ଦୋଳନ ଯୋଗୁ ଉପଖଣ୍ଡ ପ୍ରଶାସନ ସମ୍ପୂର୍ଣ୍ଣ ଠପ ହୋଇପଡିଥିଲା। ପୂର୍ବାହ୍ନ ୧୦ଟାରେ ନାଗରିକ ମଞ୍ଚ ଓ ଓକିଲମାନେ ସିଭିଲ କୋର୍ଟ ସମ୍ମୁଖରେ ଧାରଣାରେ ବସିବା ସହ ଉପଜିଲାପାଳ, ତହସିଲଦାର, ବନବିଭାଗ, ବ୍ଲକ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ, ଡାକଘର, ବିଏସ୍‌ଏନ୍‌ଏଲ୍ ଆଦି କେନ୍ଦ୍ରୀୟ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିବା ଯୋଗୁ ସମସ୍ତ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଫଳରେ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଆସିଥିବା ଜନସାଧାରଣଙ୍କୁ ନିରାଶ ହୋଇ ଫେରିବାକୁ ପଡିଥିଲା। ଏପରି କି ଆନ୍ଦୋଳନ ଯୋଗୁ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଅଫିସ ଆସି ନ ଥିବା ଦେଖାଯାଇଥିଲା। ଓକିଲ ସଂଘ ସଭାପତି ଅଭୟ କୁମାର ବୀର, ସମ୍ପାଦକ ଗଣେଶ୍ୱର ପ୍ରଧାନ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ଦୟାସାଗର ପ୍ରଧାନ, ଅଚ୍ୟୁତାନନ୍ଦ ପୁରୋହିତ, ସୁଜିତ ପ୍ରଧାନ, ଉମାକାନ୍ତ ମହାନନ୍ଦ, ତୁଷାରକାନ୍ତ କର, ଭବାନୀ ପଣ୍ଡା, ଜନ୍ମେଜୟ ସାହୁଙ୍କ ସମେତ ସମସ୍ତ ଆଇନଜୀବୀ ଓ ନାଗରିକ ମଞ୍ଚର ଅନାଦି ଚରଣ ସାହୁ, ଗୋବିନ୍ଦ ଅଗ୍ରୱାଲ, ଶିବ ସାହୁ ,ପଞ୍ଚାନନ ପୁରୋହିତ, ଲୋକନାଥ ଅମାତ, ଉମାକାନ୍ତ ପ୍ରଧାନ, ଭାସ୍କର ପ୍ରଧାନ, ଲଳିତ ବାହାଦୁର ସିଂ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଜାତୀୟ ଏକତା ଦିବସରେ ନାଟକ, ପଦଯାତ୍ରା

**ବରଗଡ଼ ଅଫିସ୍,୩୧।୧୦**

ବରଗଡ଼ ସିମେଣ୍ଟନଗରସ୍ଥିତ ବିକାଶ ଇଂଲିସ ମିଡ଼ିୟମ ସ୍କୁଲରେ ଗୁରୁବାର ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ସେହିପରି ଅଧ୍ୟକ୍ଷ ସନାତନ ମହାପାତ୍ର, ଛାତ୍ରୀ ସୁସ୍ମିତା କୁମ୍ଭକାର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଛାତ୍ରୀ ଜାରୀନ ଆଫସା ହୁସେନ, ଖୁସି କୁମାରୀ ଦାଶ କବିତା ଆବୃତ୍ତି କରିଥିଲେ। ଶିକ୍ଷୟିତ୍ରୀ ଅନିତା ପୂଝାରୀଙ୍କ ତତ୍ତ୍ୱାବଧାନରେ ଏକତା ଉପରେ କ୍ଷୁଦ୍ର ନାଟକ ପରିବେଷିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକତା ଦୌଡ଼ର ଆୟୋଜନ କରାଯାଇଥିଲା। ଛାତ୍ର ଦିବ୍ୟଜ୍ୟୋତି ସାହୁ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

**ଭଟଲି,(ଡି.ଏନ.ଏ.):** ଭଟଲି ବ୍ଲକ ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ଜନ୍ମ ବାର୍ଷିକ ପାଳନ ଅବସରରେ ଶପଥପାଠ ଉତ୍ସବ ଓ ପରେ ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଏବଂ କୁଇଜ ପ୍ରତିଯୋଗିତା ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ପଧାନ, ରୀତାରାଣୀ ବେହେରା, ସୌଦାମିନୀ ପଧାନ, ଜ୍ୟୋସ୍ନାମୟୀ ପଧାନ ପ୍ରମୁଖ ସର୍ଦ୍ଦାର ପଟେଲଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ । ସେହିପରି କୁଶନପୁରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ, ନୂଆଗଡ଼ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟ, ଦଧିବାମନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଞ୍ଜିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋପାଳପୁର ସେବାଶ୍ରମ ଓ ଏମ୍‌ଇ ବିଦ୍ୟାଳୟ ଏବଂ ତେଜାଗୋଲା ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା ।

**ପାଇକମାଳ, (ଡି.ଏନ.ଏ):** ପାଇକମାଳ ଜବାହାର ନବୋଦୟ ବିଦ୍ୟାଳୟରେ ଗୁରୁବାର ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ସରୋଜ କୁମାର ତ୍ରିପାଠୀ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇବା ପରେ ଏକତା ଦୌଡ ହୋଇଥିଲା। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି । ତ୍ରିଲୋଚନ ନାଏକ ସର୍ଦ୍ଦାର ପଟେଲଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ଏକ ରାଲିରେ ବାହାରି ପାଇକମାଳ ପରିକ୍ରମା କରିଥିଲେ। ହେମସାଗର ସାହୁ, ସୁଦାମ ପାଣ୍ଡେ, ଜ୍ୟୋତିର୍ମୟୀ ପଟ୍ଟନାୟକ, ବବିତା ବେହେରା, ବିଶ୍ୱନାଥ ସାହୁ ସହଯୋଗ କରିଥିଲେ ।

**ପଦ୍ମପୁର, (ଡି.ଏନ.ଏ):** ପଦ୍ମପୁର ନିକଟସ୍ଥ କନସିଂହା କ୍ଲଷ୍ଟରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସକୁ ଏକତା ଦିବସ ଭାବେ ପାଳନ କରାଯାଇଛି। ଏଥିରେ କନସିଂହା, ଗୌଡପାଲି, ଖୁଜେନ, ନୂଆପାଲି, ବରିହାପାଲି, ଚକାଖଲିଆ, ପତ୍ରାପାଲି, ଆମ୍ବମୁଡା ସମେତ କ୍ଲଷ୍ଟର ଅଧୀନ ଅନ୍ୟ ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଥିଲେ। ଏକତା ଦିବସ ପାଳନ ଯୋଗୁ ଛାତ୍ରୀଛାତ୍ରମାନେ ମହାପୁରୁଷଙ୍କ ଜୀବନୀ ଉପରେ ଜାଣିପାରିବେ ବୋଲି ମତପ୍ରକାଶ ପାଇଥିଲା ।



ସିମେଣ୍ଟନଗର ବିକାଶ ସ୍କୁଲରେ ଜାତୀୟ ଏକତା ଦିବସ ପାଳନ କରାଯାଉଛି ।

### ମାମଲା ପ୍ରତ୍ୟାହାର ଦାବିରେ ସ୍ମାରକପତ୍ର ପ୍ରଦାନ

**ବରଗଡ଼ ଅଫିସ୍,୩୧।୧୦**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଗଣବଳାତ୍କାର ଓ ହତ୍ୟା ମାମଲାକୁ ମିଥ୍ୟା ବୋଲି ଅଭିହିତ କରି ରୂପାପାଲି ଗ୍ରାମର ଅନେକ ମହିଳା ଗୁରୁବାର ଜିଲାପାଳ ଅଫିସକୁ ଆସି ଧାରଣାରେ ବସିବା ସହିତ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସେହି ମାମଲାକୁ ପ୍ରତ୍ୟାହାର କରିବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ପ୍ରକାଶ ଯେ, ଭେଡ଼େନ ଅଞ୍ଚଳର ଏକ ଗ୍ରାମରେ ଗଣବଳାତ୍କାର, ହତ୍ୟା ଅଭିଯୋଗ ନେଇ ହାଇକୋର୍ଟରେ ଫେରାଦ ହେବା ସହିତ ରାଜ୍ୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶକ୍ରମେ ଭେଡ଼େନ ଥାନାରେ ଏକ ମାମଲା(୧୬୫/୧୯) ରୁଜୁ ହୋଇଛି। ଏଥିରେ କିଛି ପୋଲିସ ଅଧିକାରୀଙ୍କ ସମେତ କେତେକ ଗ୍ରାମବାସୀଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଛି । ତେବେ ଏହି ମାମଲା ମିଥ୍ୟା ଏବଂ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଅତାବିରା ଥାନା ଅଞ୍ଚଳର ଜଣେ ଯୁବକଙ୍କ ପ୍ରରୋଚନାରେ ସେଭଳି ଅଭିଯୋଗ ଅଣାଯାଇଛି ବୋଲି ରୂପାପାଲି ଗ୍ରାମର ଅନେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବରଗଡ଼ ଏସପି ପଦ୍ମିନୀ ସାହୁଙ୍କୁ ଭେଟି ଗ୍ରାମବାସୀ ପୂର୍ବରୁ ଏକ ସ୍ମାରକପତ୍ର ପ୍ରଦାନ ସହିତ ସେହି ମାମଲା ପ୍ରତ୍ୟାହାର କରି ନେବାକୁ ନିବେଦନ କରିଥିଲେ । ଏହାର କିଛିଦିନ ପରେ ଅନ୍ୟ କେତେକ ମହିଳା ଜିଲାପାଳ ଅଫିସରେ ଧାରଣା ଦେବା ସହିତ ଉକ୍ତ ମାମଲାର ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଥିଲେ । ଅନ୍ୟପଟେ ଗୁରୁବାର ପୁଣି ରୂପାପାଲିର କିଛି ଗ୍ରାମବାସୀ ଜିଲାପାଳଙ୍କୁ ଫେରାଦ ହୋଇ ମାମଲାକୁ ମିଥ୍ୟା ବୋଲି ଦର୍ଶାଇ ତାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।

### ଫୁଟବଲ: ଜମୁର୍ଡ଼ା, ବିକାଶ ବିଜୟୀ

**ବରଗଡ଼ ଅଫିସ୍,୩୧।୧୦**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଗୁରୁବାର ମ୍ୟାଚ ଗୁଡ଼ିକରେ ଜମୁର୍ଡ଼ା ଏବଂ ବିକାଶ ରେସିଡେନ୍ସିଆଲ ସ୍କୁଲ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଜମୁର୍ଡ଼ା ଓ କଟକିଆ ପଡ଼ା ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା । ଏଥିରେ ଜମୁର୍ଡ଼ା ଦଳ ୫-୦ ଗୋଲରେ କଟକିଆପଡ଼ାକୁ ହରାଇ ବୃହତ ବିଜୟ ହାସଲ କରିଥିଲା । ସେହିପରି ବିକାଶ ରେସିଡେନ୍ସିଆଲ ସ୍କୁଲ ଏବଂ ବରଗଡ଼ର ନେହେରୁ ଆସୋସିଏଶନ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା । ଏଥିରେ ବିକାଶ ୨-୧ ଗୋଲରେ ବିଜୟୀ ହୋଇଥିଲା । ବିକାଶ ପକ୍ଷରୁ ସୁରଜ ମର୍ଦ୍ଦି ଓ ରିକି ବୁଡ଼େକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବାବେଳେ ନେହେରୁ ଆସୋସିଏଶନର ପ୍ରଦୀପ ନନ୍ଦ ଗୋଟିଏ ଗୋଲ ସ୍କୋର କରିଥିଲେ ।

### ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଉପରେ ଦକ୍ଷତା କର୍ମଶାଳା

**ବରଗଡ଼ ଅଫିସ୍,୩୧।୧୦**

ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ଉପରେ ବରଗଡ଼ରେ ଚାଲୁଥିବା ଦୁଇଦିନିଆ ଦକ୍ଷତା କର୍ମଶାଳା ଗୁରୁବାର ଉଦଯାପିତ ହୋଇଛି। ଆନ୍ତର୍ଜାତୀୟ ଫସଲ ଗବେଷଣା ସଂସ୍ଥା ଇ-କ୍ରିସେଟ୍ ପକ୍ଷରୁ ଅନୁଷ୍ଠିତ ଏହି କର୍ମଶାଳାକୁ ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ ଉଦଘାଟନ କରିଥିଲେ। ବୈଜ୍ଞାନିକ ଡଃ ଏମ. ଥୋମାସ, ତାପସ କୁମାର ପାଣିଗ୍ରାହୀ ପ୍ରମୁଖ କର୍ମଶାଳାରେ ଯୋଗ ଦେଇଥିଲେ। ସେହିପରି ଡଃ ବିଭୂତି ଭୂଷଣ ମିଶ୍ର, ଲମ୍ବୋଦର ପଟେଲ, ବିନୋଦ ଲାକ୍ରା, ରାଜୀବ ଲୋଚନ ମିଶ୍ର, ଯଯାତି କେଶରୀ ଜେନା ତାଲିମ ପ୍ରଦାନ କରିଥିଲେ। ତ୍ରିରଙ୍ଗା ଯୁବକ ସଂଘର ସମ୍ପାଦକ ବ୍ୟାସଦେବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲାର ସମସ୍ତ ବ୍ଲକର ଭିଏଲଡବ୍ଲ୍ୟୁ, କୃଷି ଅଧିକାରୀମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ ।

# ପ୍ରତିଭା ବିକାଶର ପ୍ରକୃଷ୍ଟ ମାଧ୍ୟମ ସୁରଭି

**ବରଗଡ଼ ଅଫିସ୍,୩୧।୧୦**

ବରଗଡ଼ ସହରର ଖଜୁରଟିକ୍ରା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟଠାରେ ଗୁରୁବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲ ପିଲାମାନଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ଗୁଣାବଳୀ, ପ୍ରତିଭା ଅନ୍ୱେଷଣର ପ୍ରକୃଷ୍ଟ ମାଧ୍ୟମ ସୁରଭି କାର୍ଯ୍ୟକ୍ରମ ବୋଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାର ସୁଧାଂଶୁ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଶିକ୍ଷକ ଅରବିନ୍ଦ ଗୁପ୍ତାଙ୍କ ସଂଯୋଜନାରେ ଏବିଇଓ ସବିତା ପ୍ରଧାନ, ପ୍ରମୋଦ କୁମାର ହୋତା, ସୂର୍ଯ୍ୟ ହୋତା, ପ୍ରଧାନଶିକ୍ଷକ ମୁହୁରିଆ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ୧୬ଟି କ୍ଲଷ୍ଟରରୁ ଆସିଥିବା ପ୍ରତିଯୋଗୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଲୋକନୃତ୍ୟ ପ୍ରତିଯୋଗିତାରେ ରାଣାପ୍ରତାପ ହାଇସ୍କୁଲ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନିତ ହୋଇଥିଲା । ସେହିପରି ତର୍କ, ସଙ୍ଗୀତ, ପ୍ରବନ୍ଧ, ଚିତ୍ରାଙ୍କନ ଏବଂ ଅନ୍ୟ ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ହୋଇଥିବା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ, ପୁରସ୍କାର ବିତରଣୀ ସମାରୋହରେ ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଅମୂଲ୍ୟ ଭୋଇ, ରକ୍ଷପାଳ ସାହୁ, ଅରବିନ୍ଦ ଗୁପ୍ତା, ଅଶୋକ କୁମାର ଦାଶ, ଅଭୟ କୁମାର ବେହେରା, ନମିତା ପଟ୍ଟନାୟକ, ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ଶିବ ବାଗ, ସ୍ୱର୍ଣ୍ଣଲତା ହୋତା, ସୁପ୍ରଭା ସାମଲଙ୍କ ସମେତ ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏବିଇଓ ପ୍ରମୋଦ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।



ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି ।

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

**ବରଗଡ଼ ଅଫିସ୍,୩୧।୧୦**

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଏବଂ ବରିଷ୍ଠ ଆଡ଼ଭୋକେଟ୍ ଶଙ୍କର୍ଷଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସେହିପରି ବରଗଡ଼ ଏସପି ପଦ୍ମିନୀ ସାହୁ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିବା ବେଳେ ଭିଜିଲାନ୍ସ ଡିଏସପି ବିରେନ୍ଦ୍ର କୁମାର ନାୟକଙ୍କ ସମେତ ବହୁ ପଦାଧିକାରୀ, କର୍ମଚାରୀ, ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେମାନେ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରିଥିବାବେଳେ ସଚ୍ଚୋଟତା ଏକ ଜୀବନଶୈଳୀ ଉପରେ ଅତିଥି ଏବଂ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ବକ୍ତବ୍ୟ ରଖିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।



“ ଆଭ୍ୟନ୍ତରୀଣ ନିରାପତ୍ତା ମୋଦି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା।

-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

# ରାଜ୍ୟ ମାନ୍ୟତା ହରାଇଲା ଜମ୍ମୁ ଓ କଶ୍ମୀର

## କଶ୍ମୀରରେ ମୁର୍ମୁ, ଲଦାଖରେ ମାଥୁର ଏଲ୍‌ଜି

ଶ୍ରୀନଗର/ଲେହ,୩୧।୧୦(ପି.ଟି.)

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଜମ୍ମୁ-କଶ୍ମୀର ରାଜ୍ୟ ମାନ୍ୟତା ହରାଇଛି। ଏହି ଭୂଖଣ୍ଡକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଲାଗି କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଛି। ଲଦାଖ ରାଜଧାନୀ ଲେହରେ ରାଧାକୃଷ୍ଣ ମାଥୁର ଓ ଶ୍ରୀନଗରରେ ଗିରୀଶ ଚନ୍ଦ୍ର ମୁର୍ମୁ ଉପରାଜ୍ୟପାଳ(ଏଲ୍‌ଜି) ଭାବେ ଶପଥ ନେଇଛନ୍ତି।

ଜମ୍ମୁ-କଶ୍ମୀର ହାଇକୋର୍ଟର ମୁଖ୍ୟ ବିଚାରପତି ଗୀତା ମିତ୍ତଲ ଲେହସ୍ଥିତ ସିନ୍ଧୁ ସଂସ୍କୃତି ଅଡିଟୋରିୟମରେ ୧୯୭୭ ବ୍ୟାଚ୍‌ର ତ୍ରିପୁରା କ୍ୟାଡର ଆଇଏଏସ୍ ଅଫିସର ତଥା ପୂର୍ବତନ ପ୍ରତିରକ୍ଷା ସଚିବ ମାଥୁରଙ୍କୁ ଉପରାଜ୍ୟପାଳ ଭାବେ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଲେହ ଓ କାର୍‌ଗିଲ ପାର୍ବତ୍ୟାଞ୍ଚଳ ପରିଷଦର ଅଫିସର, ସେନା ଓ ଅର୍ଦ୍ଧସାମରିକ ବାହିନୀ, ଧାର୍ମିକ ନେତା ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ପରେ ମୁଖ୍ୟ ବିଚାରପତି ଶ୍ରୀନଗର ଯାଇ ରାଜ ଭବନରେ ମୁର୍ମୁଙ୍କୁ ଶପଥ ପାଠ କରାଇଥିଲେ। ଓଡ଼ିଶା ଜନ୍ମିତ ଗିରୀଶ ମୁର୍ମୁ ୧୯୮୫ ବ୍ୟାଚ୍‌ର ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସର। ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟରତ ଥାଇ ଉପରାଜ୍ୟପାଳ ନିଯୁକ୍ତି ପାଇବାରେ ସେ ହେଉଛନ୍ତି ସମ୍ଭବତଃ ପ୍ରଥମ ଅଫିସର। ଅର୍ଥ ମନ୍ତ୍ରଣାଳୟରେ ବ୍ୟୟ ବିଭାଗ ସଚିବ ଥିବା ମୁର୍ମୁଙ୍କର ଚଳିତ ମାସ ଶେଷରେ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବା ପୂର୍ବରୁ ତାଙ୍କୁ ଉପରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିଲା। ମୁଖ୍ୟ ସଚିବ ବି.ଭି.ଆର୍. ସୁବ୍ରମଣ୍ୟମ୍ ମୁର୍ମୁଙ୍କ ନିଯୁକ୍ତି ସମ୍ପର୍କରେ ଘୋଷଣା କରିଥିଲେ। ଶପଥ ଗ୍ରହଣ ଉତ୍ସବରେ ଭାଜପା ଲୋକ ସଭା ସଦସ୍ୟ ଯୁଗଳ କିଶୋର ଓ ରାଜ୍ୟ ସଭା ସଦସ୍ୟ ତଥା ପିଡିପି ସଭ୍ୟ ନାଜିର ଲଓ୍ୱେଙ୍କ ସମେତ ୨୫୦ରୁ ଊର୍ଦ୍ଧ୍ୱ ଅତିଥି ଯୋଗଦେଇଥିଲେ। ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଗିରୀଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଅତି ଘନିଷ୍ଠ ଭାବେ ଜଣାଶୁଣା। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିଲାବେଳେ ଗିରୀଶ ତାଙ୍କର ଅତିରିକ୍ତ ପ୍ରମୁଖ ସଚିବ ଥିଲେ।

ଜମ୍ମୁ-କଶ୍ମୀର ରାଷ୍ଟ୍ରପତି ଶାସନାଧୀନ ଥିବାରୁ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ଉପରାଜ୍ୟପାଳଙ୍କ ଜରିଆରେ କେନ୍ଦ୍ରର ପ୍ରତ୍ୟକ୍ଷ ଶାସନାଧୀନ ରହିବ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏନେଇ ଗୁରୁବାର ସକାଳେ ଦୁଇଟି ଅଲଗା ବିଜ୍ଞପ୍ତି ଜାରି କରିଛନ୍ତି। ପ୍ରଥମ ଥର ଲାଗି ଗୋଟିଏ ରାଜ୍ୟ ଦୁଇଭାଗ ହୋଇ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଛି। ଫଳରେ ରାଜ୍ୟ ସଂଖ୍ୟା ୨୮କୁ ହ୍ରାସ ପାଇବା ସହ କେନ୍ଦ୍ରଶାସିତ ଅଞ୍ଚଳ ସଂଖ୍ୟା ୯କୁ ବୃଦ୍ଧି ପାଇଛି।



ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ଏଲ୍‌ଜି ଭାବେ ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ଶପଥ ପାଠ କରାଉଛନ୍ତି ହାଇକୋର୍ଟର ମୁଖ୍ୟ ବିଚାରପତି ଗୀତା ମିତ୍ତଲ ।



ଲଦାଖ ରାଜଧାନୀ ଲେହରେ ଉପରାଜ୍ୟପାଳ ଭାବେ ଶପଥ ନେଉଛନ୍ତି ରାଧାକୃଷ୍ଣ ମାଥୁର ।

■ ଜାତିସଂଘକୁ ଜଣାଇଲେ ଆଇସିଜେ ଅଧ୍ୟକ୍ଷ

# ଭିଏନା ଚୁକ୍ତିର ଉଲ୍ଲଂଘନ କରିଛି ପାକ୍

ଜାତିସଂଘ,୩୧।୧୦ (ଆଇଏଏନ୍‌ଏସ୍)

ନୌସେନାର ପୂର୍ବତନ ଅଧିକାରୀ କୁଳଭୂଷଣ ଯାଦବ ମାମଲାରେ ପାକିସ୍ତାନ ଭିଏନା ଚୁକ୍ତିର ଉଲ୍ଲଂଘନ କରିଛି। ପାକିସ୍ତାନ ଜେଲରେ ଥିବା କୁଳଭୂଷଣଙ୍କୁ ଭାରତୀୟ ଉଚ୍ଚାୟୁକ୍ତଙ୍କ ଜରିଆରେ ଆଇନଗତ ସହାୟତା ପ୍ରଦାନ ପାଇଁ ଇସ୍‌ଲାମାବାଦ ଅନୁମତି ଦେଇନାହିଁ। ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ) ଅଧ୍ୟକ୍ଷ ଜଜ୍ ଅବ୍‌ଦୁଲକାଓ୍ୱି ଏ. ୟୁସୁଫ୍ ଜାତିସଂଘ ସାଧାରଣ ସଭା(ୟୁଏନ୍‌ଜିଏ)କୁ ଏନେଇ ଅବଗତ କରାଇଛନ୍ତି।

ୟୁଏନ୍‌ଜିଏର ୧୯୩ ସଦସ୍ୟ ବିଶିଷ୍ଟ ୭୪ତମ ଅଧିବେଶନରେ ଆଇସିଜେ ମୁଖ୍ୟ ୟୁସୁଫ୍ ବୁଧବାର କୁଳଭୂଷଣ ମାମଲାର ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ସମ୍ବୋଧିତ କରି ସେ କହିଛନ୍ତି, ଆଇସିଜେ ଗତ ଜୁଲାଇ ୧୭ରେ କୁଳଭୂଷଣ ମାମଲାର ରାୟ ଶୁଣାଇଛନ୍ତି। ୧୯୬୩ ଭିଏନା ଚୁକ୍ତିର ଅନୁଚ୍ଛେଦ ୩୬ରେ ଥିବା ବ୍ୟବସ୍ଥା ଅନୁସାରେ ପାକିସ୍ତାନ କୁଳଭୂଷଣଙ୍କୁ ଆଇନଗତ ସହାୟତା ଅଧିକାର ଅନୁମତି ପ୍ରଦାନ କରିନାହିଁ। ଏହା ଭିଏନା ଚୁକ୍ତିର ଉଲ୍ଲଂଘନ ବୋଲି ଶୁଣାଣି ବେଳେ ଅନ୍ତର୍ଜାତୀୟ ଅଦାଲତ ଜାଣିବାକୁ ପାଇଛନ୍ତି। ଏଥିଲାଗି ଉପଯୁକ୍ତ ଉପଚାର କରିବାକୁ ପାକିସ୍ତାନକୁ ନିର୍ଦ୍ଦେଶ ଦିଆଯାଇଛି। କୁଳଭୂଷଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିବା ପାକିସ୍ତାନୀ ସେନା ଅଦାଲତକୁ ନିଜ ରାୟର ସମୀକ୍ଷା ଓ ପୁନର୍ବିଚାର କରିବାକୁ କୁହାଯାଇଛି। ତେବେ ଆଇସିଜେଙ୍କ ରାୟର ଅନୁପାଳନ କରି ନିଜ ପ୍ରତିଶ୍ରୁତିକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରାଯାଉଛି। ଭିଏନା ଚୁକ୍ତି ଅନୁସାରେ ତାଙ୍କୁ ଅଗଷ୍ଟ ୨ରେ ଆଇନଗତ ସହାୟତା ପ୍ରଦାନ ପାଇଁ ଇସ୍‌ଲାମାବାଦରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ଆମନ୍ତ୍ରଣ କରାଯାଇଥିବା ବିଷୟ ଏହାର ଦିନକ ପୂର୍ବରୁ ଆଇସିଜେଙ୍କୁ ପାକିସ୍ତାନ ଜଣାଇଥିଲା। ସେପ୍ଟେମ୍ବର ୨ରେ ଭାରତ ପକ୍ଷରୁ ଗୌରବ ଆହଲୁଓ୍ୱାଲିଆ ପାକିସ୍ତାନୀ ଜେଲ୍‌ରେ କୁଳଭୂଷଣଙ୍କୁ ଭେଟିଥିଲେ। ୨୦୧୬ରେ କୁଳଭୂଷଣ ଗିରଫ ହେବା ପରେ ଏହା ହେଉଛି ଏହି ଧରଣର ପ୍ରଥମ ସହାୟତା ବୋଲି ଆଇସିଜେ ଅଧ୍ୟକ୍ଷ ୟୁସୁଫ୍ କହିଛନ୍ତି। ପ୍ରକାଶ ଯେ, ୪୯ ବର୍ଷୀୟ ଅବସରପ୍ରାପ୍ତ ନୌସେନା ଅଧିକାରୀ ଇରାନକୁ ବ୍ୟବସାୟ ପାଇଁ ଯାଇଥିବାବେଳେ ପାକିସ୍ତାନ ତାଙ୍କୁ ଅପହରଣ କରିନେଇଥିଲା। ୨୦୧୭ ଏପ୍ରିଲରେ କୁଳଭୂଷଣଙ୍କୁ ଗୁପ୍ତଚର ବୃତ୍ତି ଓ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ପାକିସ୍ତାନର ଏକ ସାମରିକ ଅଦାଲତ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲା। ଭାରତ ଏହି ରାୟକୁ ଆଇସିଜେରେ ଚ୍ୟାଲେଞ୍ଜ କରିଥିଲା।



ଅବ୍‌ଦୁଲକାଓ୍ୱି ଏ. ୟୁସୁଫ୍



**ୟୁଏନ୍‌ଜିଏରେ କୁଳଭୂଷଣ ମାମଲାର ରିପୋର୍ଟ ଉପସ୍ଥାପନ**

# ‘ଇୟୁ ଏମ୍‌ପିଙ୍କ ଗସ୍ତ କଶ୍ମୀର ପ୍ରସଙ୍ଗକୁ ଆନ୍ତର୍ଜାତିକୀକରଣ କରିବା ପାଇଁ ନୁହେଁ’

ନୂଆଦିଲ୍ଲୀ,୩୧।୧୦(ପି.ଟି.)

ୟୁରୋପୀୟ ସଂଘ (ଇୟୁ)ର ଏମ୍‌ପିମାନଙ୍କ ଜମ୍ମୁ-କଶ୍ମୀର ଗସ୍ତ ଉକ୍ତ ପ୍ରସଙ୍ଗକୁ ଆନ୍ତର୍ଜାତିକୀକରଣ କରାଇବା ଉଦ୍ଦେଶ୍ୟ ଆଦୌ ନୁହେଁ। ସେଥିପାଇଁ ଏଭଳି ପ୍ରତିନିଧି ଦଳ ଆନୁଷ୍ଠାନିକ ଚ୍ୟାନେଲ ଦେଇ ଆସିବାର ଆବଶ୍ୟକତା ନ ଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବୃହତ୍ତର ଜାତୀୟ ସ୍ୱାର୍ଥକୁ ନେଇ ଏହି ଗସ୍ତ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିଲା କି ନାହିଁ ତାହା ଦେଖିବା ହେଉଛି ବଡ଼ କଥା ବୋଲି ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ପ୍ରଥମ ଥର ଲାଗି ଗତ ମଙ୍ଗଳବାର ଇୟୁରୁ ୨୩ ଜଣିଆ ଏମ୍‌ପିଙ୍କର ଏକ ପ୍ରତିନିଧି ଦଳ ସେଠାକୁ ଦୁଇଦିନିଆ ଗସ୍ତରେ ଆସିଥିଲେ। ସେମାନେ ଜମ୍ମୁ-କଶ୍ମୀର ସ୍ଥିତି ଅନୁଧ୍ୟାନ କରିବା ସହ ୩୭୦ ଉଚ୍ଛେଦ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ମନ୍ତବ୍ୟ ଦେଇଛନ୍ତି। ଏହା ବ୍ୟତୀତ ଆତଙ୍କବାଦ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟକୁ ସେମାନେ ସମର୍ଥନ ଜଣାଇଛନ୍ତି। ସେମାନେ ସରକାରଙ୍କ ସହିତ ନୁହେଁ ଲୋକମାନଙ୍କ ସହ ମିଶିଥିଲେ। ତେଣୁ ଏହା କଶ୍ମୀର ପ୍ରସଙ୍ଗକୁ ଆନ୍ତର୍ଜାତିକୀକରଣ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ରବୀଶ କୁମାର କହିଛନ୍ତି।



# କେନ୍ଦ୍ରଶାସିତ ଅଞ୍ଚଳ ଗଠନ ବେଆଇନ: ଚାଇନା

ବେଜିଂ/ନୂଆଦିଲ୍ଲୀ,୩୧।୧୦(ପି.ଟି.)

ଜମ୍ମୁ-କଶ୍ମୀରକୁ ଦୁଇଭାଗ କରାଯାଇ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଗଠନ କରିବା ବେଆଇନ ବୋଲି ଗୁରୁବାର ଚାଇନା କହିଛି। ଚାଇନାର କେତେକ ଅଞ୍ଚଳକୁ ନିଜ ପ୍ରଶାସନିକ ସୀମାଭୁକ୍ତ କରିବା ଲାଗି ଭାରତ ନିଷ୍ପତ୍ତି ନେଇଥିବାରୁ ଏହା ବେଜିଂର ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରିଛି ବୋଲି ଏହାର ବହିର୍ବ୍ୟାପାର ବିଭାଗ ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ ଗଣମାଧ୍ୟମକୁ କହିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ଲାଗି ଭାରତର ଅଗଷ୍ଟ ୫ ନିଷ୍ପତ୍ତିକୁ ଚାଇନା ପୂର୍ବରୁ ବିରୋଧ କରିଥିଲା। ଭାରତ ଏକପାଖିଆ ଭାବେ ଏହାର ଘରୋଇ ଆଇନ ପରିବର୍ତ୍ତନ କରିବା ସହ ପ୍ରଶାସନିକ ବିଭାଜନ କରିଥିବାରୁ ଏହା ଚାଇନା ସାର୍ବଭୌମତ୍ୱ ବିରୋଧରେ ଯାଇଛି। ଏହା ବେଆଇନ ହୋଇଥିବାରୁ କୌଣସି ପ୍ରକାରେ କାର୍ଯ୍ୟକାରୀ ହୋଇପାରିବ ନାହିଁ ଏବଂ ଚାଇନାର ପ୍ରକୃତ ନିୟନ୍ତ୍ରଣରେ ଥିବା ଅଞ୍ଚଳକୁ ବଦଳାଯାଇପାରିବ ନାହିଁ ବୋଲି ଗେଙ୍ଗ୍ କହିଛନ୍ତି। ଚାଇନାର ଆଞ୍ଚଳିକ ସାର୍ବଭୌମତ୍ୱକୁ ସମ୍ମାନ ଦେବା ସହ ଚୁକ୍ତିନାମାକୁ ମାନିବା ଓ ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ବେଜିଂ ନୂଆଦିଲ୍ଲୀକୁ ଆହ୍ୱାନ ଦେଇଛି।

ଅନ୍ୟପକ୍ଷରେ ଚାଇନାର ଅଭିଯୋଗକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଜମ୍ମୁ-କଶ୍ମୀରର ପୁନର୍ଗଠନ ଭାରତର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ବ୍ୟାପର ଏବଂ ଏହା ଉପରେ ଅନ୍ୟ ଦେଶର ମନ୍ତବ୍ୟ ଆଶା କରାଯାଏ ନାହିଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜମ୍ମୁ-କଶ୍ମୀର ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳର ଏକ ବିସ୍ତୀର୍ଣ୍ଣ ଅଞ୍ଚଳକୁ ଚାଇନା ଅକ୍ତିଆର କରି ରଖିଥିବା ନୂଆଦିଲ୍ଲୀ କହିଛି। ତଥାକଥିତ ଚାଇନା-ପାକିସ୍ତାନୀ ସୀମା ରାଜିନାମା ୧୯୬୩ ଅନୁଯାୟୀ ଚାଇନା ପାକ୍ ଅଧିକୃତ କଶ୍ମୀର (ପିଓକେ)ରୁ ମଧ୍ୟ କିଛି ଭାରତୀୟ ଅଞ୍ଚଳକୁ କବ୍‌ଜା କରି ରଖିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି।



ଗେଙ୍ଗ୍ ଶୁଆଙ୍ଗ

**ଭାରତ କହିଲା ମୁଣ୍ଡ ଖେଳାଅନି**

# ‘୩୭୦ ଉଚ୍ଛେଦ ଲାଗି ସର୍ଦ୍ଦାର ପଟେଲ ଉତ୍ସାହିତ କରିଥିଲେ’

କେଭଡ଼ିୟା(ଗୁଜରାଟ), ୩୧।୧୦

ଜମ୍ମୁ-କଶ୍ମୀରରୁ ୩୭୦ ଅନୁଚ୍ଛେଦ ଉଠାଇବା ଓ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପଛରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଉତ୍ସାହ ରହିଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଆତଙ୍କବାଦ ଦୂର କରିବା ଓ ସେଠାକାର ବିକାଶକୁ ବହୁଗୁଣିତ କରିବା ଲାଗି କେନ୍ଦ୍ର ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ପଟେଲଙ୍କ ୧୪୪ତମ ଜୟନ୍ତୀ ଅବସରରେ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋଦି କହିଛନ୍ତି, ଜମ୍ମୁ-କଶ୍ମୀର ଓ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ କରି କେବଳ ସୀମାରେଖା ଆଙ୍କିବା ଆମର ଉଦ୍ଦେଶ୍ୟ ନୁହେଁ। ଭାରତର ଏକତା, ଅଖଣ୍ଡତା ଓ ବିକାଶ ଲାଗି ସର୍ଦ୍ଦାର ପଟେଲଙ୍କ ଉତ୍ସାହ ରହିଆସିଥିଲା। ପାକିସ୍ତାନ ଯୁଦ୍ଧ ହାରିବା ଭୟରେ ଭାରତର ଏକତାକୁ ନଷ୍ଟକରିବାକୁ ଚାହୁଁଛି। ଆତଙ୍କବାଦ ଯୋଗୁ ୩ ଦଶନ୍ଧିରେ ୪୦ ହଜାର ଲୋକ ମଲେଣି। ତଥାପି ବିଭିନ୍ନତା ମଧ୍ୟରେ ଏକତାର ଆଦର୍ଶ ଭାରତ ଦେଖାଇ ଆସିଛି। ପଟେଲ ୫୦୦ରୁ ଅଧିକ ରାଜ୍ୟକୁ ଯୋଡ଼ି ଦେଶର ଏକତାକୁ ବଜାୟ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୧୪ରୁ ତାଙ୍କ ଜନ୍ମଦିବସକୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଇଆସୁଛି। ପ୍ରଧାନମନ୍ତ୍ରୀ ଗୁରୁବାର ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ପୁଷ୍ପମାଲ୍ୟ ଅର୍ପଣ କରି ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହି ଅବସରରେ ଅନୁଷ୍ଠିତ ଏକ୍‌ତା ପରେଡ୍‌କୁ ଦେଖିଥିଲେ। କେନ୍ଦ୍ର ସରକାରଙ୍କ ପଦକ୍ଷେପ ପଟେଲଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିଛି ବୋଲି ମୋଦି ପ୍ରକାଶ କରିଥିଲେ।

## ୮ ରାଜ୍ୟ ସଭା କମିଟି ପୁନର୍ଗଠିତ

**ନୂଆଦିଲ୍ଲୀ,୩୧।୧୦:** ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଗୁରୁବାର ୮ଟି ଗୃହ କମିଟିର ପୁନର୍ଗଠନ କରିଛନ୍ତି। ଦଳୀୟ ସହକର୍ମୀ ନାରାୟଣ ଲାଲ୍ ପଞ୍ଚରିୟାଙ୍କ ସ୍ଥାନରେ ଭାଜପା ନେତା ପ୍ରଭାତ ଝାଙ୍କୁ ଏଥିକ୍ସ କମିଟିର ଅଧ୍ୟକ୍ଷ କରାଯାଇଥିବାବେଳେ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ପିଟିଶନ୍ସ କମିଟି ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ଏହି ପଦବୀରେ ପ୍ରଭାତ ଝା ଥିଲେ। ରାଜ୍ୟ ସଭା ସଦସ୍ୟମାନଙ୍କ ବିରୋଧରେ ଅଭିଯୋଗ ଆସିଲେ ଏଥିକ୍ସ କମିଟି ଏହାର ଅନୁଧ୍ୟାନ କରିଥାଏ। ଉପରାଷ୍ଟ୍ରପତି ନାଇଡୁ କଂଗ୍ରେସ ଏମ୍‌ପି ଡ. ଟି. ସୁବରାମି ରେଡ୍ଡୀଙ୍କୁ ସବ୍‌ଅର୍ଡିନେଟ ଲେଜିସ୍‌ଲେଶନ କମିଟି ଅଧ୍ୟକ୍ଷ ନିଯୁକ୍ତ କରିଥିବାବେଳେ ଏ. ନବନୀଥ କ୍ରିଷ୍ଣନ୍‌ଙ୍କୁ ସରକାରୀ ଆସ୍ୟୁରାନ୍ସ କମିଟି ଅଧ୍ୟକ୍ଷ, ଭାଜପା ଏମ୍‌ପି ଓମ୍‌ପ୍ରକାଶ ମାଥୁରଙ୍କୁ ଗୃହ କମିଟି ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ନିୟମ ଅନୁଯାୟୀ ରାଜ୍ୟ ସଭା ଅଧ୍ୟକ୍ଷ ବିଜ୍‌ନେସ୍ ଆଡଭାଇଜରି କମିଟି ଓ କମିଟି ଅଫ୍ ରୁଲ୍ସର ମୁଖ୍ୟ ହୋଇଥାନ୍ତି। ସେହିପରି ଉପାଧ୍ୟକ୍ଷ ପ୍ରିଭିଲେଜ୍ କମିଟିର ମୁଖ୍ୟ ଭାବେ କାର୍ଯ୍ୟ କରିଥାନ୍ତି।



ଶିବସେନା ନେତା ଆଦିତ୍ୟ ଠାକ୍‌ରେଙ୍କ ସହ ଦଳୀୟ ବିଧାୟକମାନେ ଗୁରୁବାର ମୁମ୍ବାଇସ୍ଥିତ ରାଜଭବନରେ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ସ୍ମାରକପତ୍ର ଦେଉଛନ୍ତି।

## ଆର୍ଗନ-୪୦ର ସନ୍ଧାନ ପାଇଲା ଚନ୍ଦ୍ରୟାନ-୨

ବେଙ୍ଗାଲୁରୁ,୩୧।୧୦

ଭାରତ ପଠାଇଥିବା ଚନ୍ଦ୍ରୟାନ-୨ର ପ୍ଲେଲୋଡ୍ (ଚେସ୍-୨) ଚନ୍ଦ୍ରର ଏକ୍ସୋସ୍ଫିୟରରେ ଆର୍ଗନ-୪୦ର ସନ୍ଧାନ କରିଥିବା ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ସୂଚନା ଦେଇଛି। ଚନ୍ଦ୍ରପୃଷ୍ଠରେ ଥିବା ରେଡିଓଜେନିକ୍ ଗ୍ୟାସ୍ ମଧ୍ୟରେ ଆର୍ଗନ-୪୦ ହେଉଛି ନିଷ୍କ୍ରିୟ ଗ୍ୟାସ ଆର୍ଗନର ଏକ ଆଇସୋଟପ। ଏହା ଚନ୍ଦ୍ର ଏକ୍ସୋସ୍ଫିୟରର ମୁଖ୍ୟ ଉପାଦାନ। ପୋଟାସିୟମ-୪୦ର ରେଡିଓଆକ୍ଟିଭ ଡିସିଣ୍ଟିଗ୍ରେଶନ୍‌ରୁ ଏହାର ସୃଷ୍ଟି ବୋଲି ଇସ୍ରୋ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଚନ୍ଦ୍ରପୃଷ୍ଠଠାରୁ ବହୁ ଗଭୀରରେ ପୋଟାସିୟମ-୪୦ ନ୍ୟୁକ୍ଲାଇଡ୍ ରହିଛି। ଆର୍ଗନ-୪୦ର ସନ୍ଧାନ କରିବା ଇସ୍ରୋ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ଏହି ଆଇସୋଟପ୍ ସମ୍ପର୍କରେ ଏହା ପ୍ରଥମ ଅଧ୍ୟୟନ ନୁହେଁ। ପୂର୍ବରୁ କଲରାଡୋ ବୁଲ୍ଡର ବିଶ୍ୱବିଦ୍ୟାଳୟର ଆର୍. ରିଚାର୍ଡ ହଗ୍ସ ଚନ୍ଦ୍ରପୃଷ୍ଠରେ ଥିବା ଉପରୋକ୍ତ ଗ୍ୟାସ ସମ୍ପର୍କରେ ଅଧ୍ୟୟନ କରିଥିଲେ।



ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନୂଆଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ବିଶିଷ୍ଟ ପରିବେଶବିତ୍ ତଥା ସାମାଜିକ କର୍ମୀ ଚଣ୍ଡୀ ପ୍ରସାଦ ଭଟ୍ଟଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ସଂହତି ପୁରସ୍କାର ପ୍ରଦାନ କରୁଛନ୍ତି।

# ବ୍ୟାଙ୍କକ୍‌ରେ ୩୫ତମ ଆସିଆନ ସମିଟ୍ ଆରମ୍ଭ

**ବ୍ୟାଙ୍କକ୍,୩୧।୧୦:** ୩୫ତମ ଆସିଆନ୍ (ଦକ୍ଷିଣପୂର୍ବ ଏସିଆ ରାଷ୍ଟ୍ରସଂଘ) ଶିଖର ସମ୍ମିଳନୀ ଗୁରୁବାର ବ୍ୟାଙ୍କକ୍‌ଠାରେ ଆରମ୍ଭ ହୋଇଛି। ଏହା ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଇମ୍ପାକ୍ଟ କନ୍‌ଭେନ୍‌ଶନ କମ୍ପ୍ଲେକ୍ସରେ ଉକ୍ତ ସମ୍ମିଳନୀକୁ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପ୍ରୟୁତ୍ ଚାନ୍-ଓ-ଚା ଉଦ୍‌ଘାଟନ କରିଛନ୍ତି। ଆସିଆନ୍‌ରେ ୧୦ ରାଷ୍ଟ୍ର ସଦସ୍ୟ ରହିଛନ୍ତି। ଉକ୍ତ ଅଞ୍ଚଳରେ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ସହଯୋଗ ବୃଦ୍ଧି କରିବା ଏହି ସଂଗଠନର ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ଓ ୪ ତାରିଖରେ ଉକ୍ତ ଶିଖର ସମ୍ମିଳନୀରେ ଯୋଗଦେବେ। ଏହି ଅବସରରେ ପୂର୍ବ ଏସିଆ ସମିଟ (ଇଏଏସ୍) ଏବଂ ଆଞ୍ଚଳିକ ବିସ୍ତୃତ ଅର୍ଥନୈତିକ ସମିଟ୍ (ଆର୍‌ସିଇପି) ମଧ୍ୟ ଅନୁଷ୍ଠିତ ହେବ। ୧୦ ସଦସ୍ୟ ରାଷ୍ଟ୍ର ବ୍ୟତୀତ ଭାରତ, ଆମେରିକା, ଚାଇନା, ଜାପାନ, କୋରିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଏହି ସମିଟ୍‌ରେ ଯୋଗ ଦେଉଛନ୍ତି। ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ଆମନ୍ତ୍ରଣକ୍ରମେ ମୋଦି ୨ରୁ ବ୍ୟାଙ୍କକ୍ ଗସ୍ତରେ ଯାଉଥିବା ପୂର୍ବାଞ୍ଚଳ ସଚିବ ବିଜୟ ଠାକୁର ସିଂ କହିଛନ୍ତି। ସେ ୧୬ତମ ଆସିଆନ-ଭାରତ ସମିଟ୍, ୧୪ତମ ପୂର୍ବ ଏସିଆ ସମ୍ମିଳନୀ ଏବଂ ତୃତୀୟ ଆର୍‌ସିଇପି ସମିଟ୍‌ରେ ଯୋଗଦେବେ।

[ଇତିହାସର ଆଇନାରେ]

### ନଭେମ୍ବର ୧ର ପ୍ରମୁଖ ଘଟଣା

୧୯୮୪ ନଭେମ୍ବର ୧ରେ ଶିଖ୍‌ବିରୋଧୀ ହିଂସାକାଣ୍ଡ ଭାରତରେ ବ୍ୟାପିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଦୁଇ ଶିଖ୍ ଅଙ୍ଗରକ୍ଷୀ ହର୍‌ଦୀପ ସିଂ ଓ ଅବ୍‌ତାର ସିଂ ହତ୍ୟାକରିବାର ଦିନକ ପରେ ଏହା ଦଙ୍ଗାର ରୂପ ନେଇଥିଲା।

୨୦୧୨ ନଭେମ୍ବର ୧ରେ ସାଉଦି ଆରବର ରାଜଧାନୀ ରିୟାଧ୍‌ରେ ଗୋଟିଏ ତେଲବୋଝେଇ ଟ୍ୟାଙ୍କର ଏକ ବ୍ରିଜ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇ ବିସ୍ଫୋରଣ ହେବାରୁ ଏଥିରେ ୨୬ ଜଣଙ୍କ ପ୍ରାଣହାନି ଘଟିଥିଲା। ପ୍ରାୟ ୧୩୫ ବ୍ୟକ୍ତି ଏଥିରେ ଆହତ ହୋଇଥିଲେ।

# ମାଡ଼ିଆସୁଛି ବାତ୍ୟା ‘ମହା’

ଚେନ୍ନାଇ, ୩୧।୧୦(ପି.ଟି.)

ଆରବସାଗରରେ ମାଡ଼ିଆସୁଛି ବାତ୍ୟା‘ମହା’। ଏହା ଲାକ୍ଷାଦ୍ୱୀପ ମୁହାଁ ହେଉଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ରୂପ ଧାରଣ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଘଣ୍ଟାପ୍ରତି ୧୧୦ କି.ମି. ବେଗରେ ପବନ ବହିବା ସହ ବର୍ଷା ଲାଗିରହିବ। ଦକ୍ଷିଣ-ପୂର୍ବ ଆରବ ସାଗର ଅଞ୍ଚଳ ଓ ଲାକ୍ଷାଦ୍ୱୀପରେ ଏହା ତାଣ୍ଡବ ରଚିବାର ଆଶଙ୍କା କରାଯାଉଛି। ସମୁଦ୍ରରେ ୧ ମିଟରରୁ ଊର୍ଦ୍ଧ୍ୱ ଜୁଆର ଏହି ସମୟ ମଧ୍ୟରେ ଦେଖାଦେବ। ତେଣୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବା ଲାଗି ବାରଣ କରାଯାଇଛି। ବାତ୍ୟା ପ୍ରଭାବରେ ଲାକ୍ଷାଦ୍ୱୀପ, ତାମିଲନାଡୁ, ପୁଡୁଚେରୀରେ ୨୪ ଘଣ୍ଟାକାଳ ପ୍ରବଳ ବର୍ଷା ହେବ ବୋଲି ଜଣାପଡ଼ିଛି।

# ରାଜନୈତିକ ବିଜ୍ଞାପନ ବନ୍ଦ କରିବ ଟ୍ୱିଟର

ନ୍ୟୁୟର୍କ,୩୧।୧୦

ସୋସିଆଲ ମିଡିଆ ଟ୍ୱିଟର ରାଜନୈତିକ ବିଜ୍ଞାପନ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିବା ଏହାର ସିଇଓ ଜାକ୍ ଡୋର୍‌ସେ ଘୋଷଣା କରିଛନ୍ତି। ଟ୍ୱିଟର ଜରିଆରେ ବିଶ୍ୱ ସ୍ତରରେ ସମସ୍ତ ରାଜନୈତିକ ବିଜ୍ଞାପନ ବନ୍ଦ କରିବା ଲାଗି ନିଷ୍ପତ୍ତି ହୋଇଛି। ନଭେମ୍ବର ୨୨ରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବ ଏବଂ ବିଶ୍ୱବ୍ୟାପୀ ସମସ୍ତ ନିର୍ବାଚନୀ ଓ ରାଜନୈତିକ ବିଜ୍ଞାପନ ପାଇଁ ଲାଗୁ ହେବ। ଆଗକୁ ବ୍ରିଟେନ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିଲାବେଳେ ତାହା ପୂର୍ବରୁ ଟ୍ୱିଟର ଏଭଳି ପଦକ୍ଷେପ ନେଇଛି। ପୂର୍ବରୁ ମଧ୍ୟ ଏହି ସଂସ୍ଥା ରାଜନୈତିକ ବିଜ୍ଞାପନ ଉପରେ କେତେକ କଟକଣା ଲଗାଇଥିଲା।

ରାଜନୈତିକ ବାର୍ତ୍ତା ଅନ୍ୟମାନଙ୍କ ପାଖରେ ପହଞ୍ଚିଥାଏ, ଯେତେବେଳେ ଲୋକେ ଏହି ଆକାଉଣ୍ଟକୁ ଫଲୋ କରନ୍ତି କିମ୍ବା ରିଟ୍ୱିଟ୍ କରନ୍ତି। ଏହାକୁ କିଣାଯାଇ ନ ଥାଏ। ପହଞ୍ଚାଇବା ପାଇଁ ଅର୍ଥ ଦେବା ଏଭଳି ନିଷ୍ପତ୍ତିକୁ ଦୂରେଇ ଦେଇଛି ଏବଂ ନିର୍ଦ୍ଦିଷ୍ଟ ରାଜନୈତିକ ବାର୍ତ୍ତା ଲୋକଙ୍କୁ ପ୍ରଭାବିତ କରୁଛି। ଏହି ନିଷ୍ପତ୍ତିକୁ ଅର୍ଥରେ ସାଲିସ କରାଯିବା ଉଚିତ ନୁହେଁ ବୋଲି ଜାକ୍ କହିଛନ୍ତି। ୨୦୧୮ରେ ଟ୍ୱିଟର ୩ ନିୟୁତ ଡଲାରରୁ କମ୍ ମୂଲ୍ୟର ରାଜନୈତିକ ବିଜ୍ଞାପନ ପାଇଥିଲା ବୋଲି ଏହାର ମୁଖ୍ୟ ଫାଇନାନ୍ସିଆଲ ଅଫିସର ନେଡ୍ ସେଗଲ ଟ୍ୱିଟ୍ କରିଛନ୍ତି। ରାଜନୈତିକ ନେତାମାନଙ୍କ ମିଥ୍ୟା ବିଜ୍ଞାପନକୁ ଅନୁମତି ଦେଉଥିବା ଫେସ୍‌ବୁକ୍ ସମାଲୋଚିତ ହୋଇଛି। ଟ୍ୱିଟର୍‌ର ଏଭଳି ନିଷ୍ପତ୍ତି ଫଳରେ ନେତାଙ୍କ ମିଥ୍ୟା ବିବୃତିର ବିଜ୍ଞାପନ କରୁଥିବା ଫେସ୍‌ବୁକ୍ ଉପରେ ଚାପ ବୃଦ୍ଧି ପାଇବ।



ଅନୁ ମଲିକଙ୍କ ଭଳି ଜଣେ ମି#ଠୁ ଅଭିଯୁକ୍ତଙ୍କୁ ଇଣ୍ଡିଆନ୍ ଆଇଡଲରେ ପୁଣି ବିଚାରକ ଭାବେ ନିଆଯିବା ଉଚିତ୍ ନ ଥିଲା।

-ସୋନା ମହାପାତ୍ର,
ଗୀତିକାର

# ହ୍ବାଟ୍ସଆପ୍ ୟୁଜର୍ସଙ୍କ ଡାଟା ଚୋରି

**ନୂଆଦିଲ୍ଲୀ:** ହ୍ବାଟ୍ସଆପ୍ ବ୍ୟବହାରୀଙ୍କ ପର୍ସନାଲ ଡାଟା (ବ୍ୟକ୍ତିଗତ ଗୋପନୀୟ ତଥ୍ୟ) ଚୋରି ହେବା ସହ ମୋବାଇଲ୍ ମଧ୍ୟ ହ୍ୟାକ୍ ହେଉଛି। ଇସ୍ରାଏଲର ସାଇବର ଇଣ୍ଟେଲିଜେନ୍ସ କମ୍ପାନୀ 'ଏନ୍‌ଏସ୍‌ଓ' ଏକ ସଫ୍ଟୱେର ମାଧ୍ୟମରେ ଭାରତୀୟ ହ୍ବାଟ୍ସଆପ୍ ୟୁଜର୍ସଙ୍କ ଉପରେ ନଜର ରଖୁଥିବା ଅଭିଯୋଗ ଆଣିଛି ହ୍ବାଟ୍ସଆପ୍। ଏହି ସଫ୍ଟୱେର ଯୋଗେ ଦେଶର କେତେଜଣ ଖବରଦାତା, ସାମାଜିକ କର୍ମୀ ଓ ଆଇନଜୀବୀଙ୍କ ଉପରେ କମ୍ପାନୀ ନଜର ରଖୁଥିଲା। ନଜର ରଖାଯାଉଥିବା ଲୋକଙ୍କ ନାମ ଏ ପର୍ଯ୍ୟନ୍ତ ପ୍ରକାଶ କରାଯାଇ ନ ଥିଲେ ବି ସେମାନଙ୍କୁ ହ୍ବାଟ୍ସଆପ୍ ପକ୍ଷରୁ ଫୋନ୍ କରି ଏ ସମ୍ପର୍କରେ ଜଣାଇ ଦିଆଯାଇଥିବା କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କୁହାଯାଉଛି କି, ମୋବାଇଲ୍‌ରୁ ଡାଟା ଚୋରି ପାଇଁ ଏନ୍‌ଏସ୍‌ଓ ପକ୍ଷରୁ ସଫ୍ଟୱେର ପେଗସିସ୍‌ର ବ୍ୟବହାର କରାଯାଇଥିଲା। ଏହି ସଫ୍ଟୱେର ଯେକୌଣସି ମୋବାଇଲରେ ଇନଷ୍ଟଲ କରିହେବ। ଏହି ସଫ୍ଟୱେର ଯୋଗେ କେବଳ ହ୍ବାଟ୍ସଆପ୍‌ରେ ଏକ ମିସ୍‌କଲ୍ କରିବା ଦ୍ୱାରା ଉକ୍ତ ମୋବାଇଲଟି ସମ୍ପୂର୍ଣ୍ଣ ଅନ୍ୟଜଣଙ୍କ ନିୟନ୍ତ୍ରଣକୁ ଆସିଯାଇଥାଏ। ଏହି ଉପାୟରେ ଏ ପର୍ଯ୍ୟନ୍ତ ପ୍ରାୟ ୧୪ଶହ ଭାରତୀୟଙ୍କ ଉପରେ ନଜର ରଖାଯାଇଥିବା ହ୍ବାଟ୍ସଆପ୍ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ହ୍ବାଟ୍ସଆପ୍ ପକ୍ଷରୁ ଏନ୍‌ଏସ୍‌ଓ କମ୍ପାନୀ ବିରୋଧରେ ସନ୍ ଫ୍ରାନ୍‌ସିକୋର ଏକ ଫେଡେରାଲ୍ କୋର୍ଟରେ ମାମଲା ଦାଏର କରାଯାଇଛି। ଅନ୍ୟପଟେ

## କମ୍ପାନୀକୁ ଜବାବ ମାଗିଲା ଆଇଟି ମନ୍ତ୍ରଣାଳୟ

ହ୍ବାଟ୍ସଆପ୍‌କୁ ଏ ନେଇ ଜବାବ ରଖିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆସନ୍ତା ୪ ତାରିଖ ସୁଦ୍ଧା ଚିଠି ଲେଖି ଜବାବ ଦାଖଲ ପାଇଁ ହ୍ବାଟ୍ସଆପ୍‌କୁ ନିର୍ଦ୍ଦେଶ ଦିଆଯାଇଛି।

# ହାପି ବାର୍ଥଡେ ଇଲିଆନା



**ମୁମ୍ବାଇ:** ନିଜ ମନପସନ୍ଦର ସେଲିବ୍ରିଟିଙ୍କୁ ଅଧିକ ଜାଣିବାର ସୁଯୋଗ ଦେଇଥାଏ ସୋସିଆଲ ମିଡିଆ। ଏଣୁ ସେଲିବ୍ରିଟିମାନେ ମଧ୍ୟ ନିଜ ଫ୍ୟାନ୍‌ମାନଙ୍କୁ ଆକର୍ଷିତ କରି ବାନ୍ଧି ରଖିବାପାଇଁ ସୋସିଆଲ ମିଡିଆର ଭରପୂର ଫାଇଦା ଉଠାଇଥାନ୍ତି। ଏଭଳି ଜଣେ ସେଲିବ୍ରିଟି ହେଲେ ସୁନ୍ଦରୀ ଇଲିଆନା ଡି'କ୍ରୁଜ୍। ବି-ଟାଉନ୍‌ର ଏହି ବୋଲ୍ଡ ଅଭିନେତ୍ରୀ ସୋସିଆଲ ମିଡିଆରେ କିଭଳି ଚର୍ଚ୍ଚାରେ ରହିବେ, ସେ ବିଦ୍ୟା ତାଙ୍କୁ ଭଲ ଭାବେ ଜଣା। ତେବେ ଇଲିଆନା ଶୁକ୍ରବାର ଅର୍ଥାତ୍ ନଭେମ୍ବର ୧ରେ ପାଳନ କରିବେ ନିଜର ହାପି ବାର୍ଥ୍ ଡେ। ଏଥିପାଇଁ ଜନ୍ମଦିନ ପୂର୍ବରୁ ନିଜ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଏକ ହଟ୍-ଫଟୋ ଶେୟାର କରି ଫ୍ୟାନ୍‌ମାନଙ୍କୁ ଇଲିଆନା ଦେଇଛନ୍ତି ବାର୍ଥ୍ ଡେ ଟ୍ରିଟ୍, ଯାହାକୁ ନେଇ ଏବେ ଚର୍ଚ୍ଚା ହିଁ ଚର୍ଚ୍ଚା। ଇଲିଆନାଙ୍କ ଫ୍ୟାନ୍‌ମାନେ ତାଙ୍କ ବାର୍ଥ୍ ଡେ ସେଲିବ୍ରେଶନ ବାବଦରେ ଜାଣିବାକୁ ଉତ୍ସୁକତାର ସହ ଅପେକ୍ଷା କରିଥିବାବେଳେ ସୋସିଆଲ ମିଡିଆରେ ତାଙ୍କର ଏଭଳି ଫଟୋ ଚହଳ ସୃଷ୍ଟି କରିଛି। ଫଟୋରେ ଇଲିଆନା ଏକ ନୀଳ ରଙ୍ଗର ବିକିନୀ ପିନ୍ଧିଥିବା ଦେଖିବାକୁ ମିଳିଛି। ଏହାସହ ସେ ସନ୍-ଗ୍ଲାସ୍ ମଧ୍ୟ ପିନ୍ଧିଛନ୍ତି। ଫଟୋଟି ଶେୟାର କରି ସେ କ୍ୟାପଶନ୍ ଦେଇଛନ୍ତି 'ଲାଷ୍ଟ ବିଟ୍ ଅଫ୍ ସନ୍ ବିଫୋର ଦ ବାର୍ଥ ଡେ'। ଇଲିଆନା ନିଜ ଜନ୍ମଦିନ ଠିକ୍ ପୂର୍ବରୁ ଏଭଳି ପୋଷ୍ଟ କରି ଫ୍ୟାନ୍‌ମାନଙ୍କୁ ଖୁସି କରିଦେଇଛନ୍ତି। ଏବେ ଶୁକ୍ରବାର ସେ କିଭଳି ନିଜ ବାର୍ଥ୍ ଡେ ସେଲିବ୍ରେଶନ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର। ଇଲିଆନାଙ୍କ ବିକିନୀ ଫଟୋକୁ ସୋସିଆଲ ମିଡିଆରେ ଖୁବ୍ ଲାଇକ୍, ଶେୟାର ଓ କମେଣ୍ଟ ମିଳୁଛି। ଅନ୍ୟପକ୍ଷରେ ଇଲିଆନା ସେହି ଅଭିନେତ୍ରୀମାନଙ୍କ ମଧ୍ୟରୁ ଅନ୍ୟତମ, ଯେଉଁମାନେ ଖୁବ୍ କମ୍ ସମୟରେ ନିଜ ସୌନ୍ଦର୍ଯ୍ୟ, ଅଭିନୟ ଏବଂ ନିଆରା ବ୍ୟକ୍ତିତ୍ୱ ସାହାଯ୍ୟରେ ବଲିଉଡ୍‌ରେ ସଫଳତା ହାସଲ କରିପାରିଛନ୍ତି। ଆଗକୁ ସେ ମଲ୍‌ଟି ଷ୍ଟାରର କମେଡି ଫିଲ୍ମ 'ପାଗଲ୍‌ପନ୍ତି'ରେ ନଜରକୁ ଆସିବେ। ଫିଲ୍ମରେ ତାଙ୍କ ବିପକ୍ଷରେ ଜନ୍ ଆବ୍ରାହମ୍‌ଙ୍କୁ ଦେଖିବାକୁ ମିଳିବ। ନଭେମ୍ବର ୨୨ରେ ଫିଲ୍ମଟି ରିଲିଜ୍ ହେବ। ଏହାଛଡ଼ା 'ଦ ବିଗ୍ ବୁଲ୍' ଫିଲ୍ମରେ ଇଲିଆନା ଅଭିଷେକ୍ ବଚ୍ଚନଙ୍କ ବିପକ୍ଷରେ ନଜରକୁ ଆସିବେ। 'ଦ ବିଗ୍ ବୁଲ୍' ୨୦୨୦ରେ ରିଲିଜ୍ ହେବ। ତେବେ ୩୩ ବର୍ଷୀୟା ଇଲିଆନାଙ୍କୁ ଆ ମ ତ ର ଫ ରୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।

# ବାଘର ସୁନାଦାନ୍ତ



**ବର୍ଲିନ:** ବାଘର ସୁନାଦାନ୍ତ। କଥାଟା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ଚିକିତ୍ସା ବିଜ୍ଞାନ ଚମତ୍କାର ଯୋଗୁ ହିଂସ୍ର ବାଘ 'କାରା' ପାଟିରେ ଲାଗିଛି ସୁନାର କୃତ୍ରିମ ଦାନ୍ତ। ଏହି ଘଟଣା ଏବେ ଇଟାଲୀରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

ଅବାଧ ଶିକାର ଏବଂ ଚୋରା ଚାଲାଣ ଯୋଗୁ ବାଘ ଏବେ ବିରଳ ପ୍ରଜାତିର ଅନ୍ତର୍ଭୁକ୍ତ ହୋଇଛି। ବିଶେଷ କରି ରୟାଲ ବେଙ୍ଗଲ ଟାଇଗର ପ୍ରଜାତିର ବାଘ ବଂଶ ଏବେ ବିପଦରେ। ଭାରତ, ଚାଇନା ଏବଂ ଇଟାଲୀ ଭଳି ଦେଶ ବାଘ ଶିକାର ଏବଂ ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ଚୋରାଚାଲାଣ ପାଇଁ ଦୁର୍ନାମ ମୁଣ୍ଡାଇଛନ୍ତି। ୫ବର୍ଷ ତଳେ ଶିକାରୀଙ୍କ କବଳରୁ 'କାରା'କୁ ଉଦ୍ଧାର କରାଯାଇଥିଲା। ଅଗଷ୍ଟରେ ଖେଳଣା ସହ ଖେଳୁଥିବାବେଳେ ଏହାର ଡାହାଣ ପାର୍ଶ୍ୱ ମୁଖ୍ୟ ଦାନ୍ତଟି ଭାଙ୍ଗି ଯାଇଥିଲା। ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ ବିଶେଷଜ୍ଞ। ଡେନମାର୍କର ପ୍ରାଣୀବିଜ୍ଞାନୀମାନେ ଜର୍ମାନୀରେ ବାଘଟିର ସଫଳ ଅସ୍ତ୍ରୋପଚାର କରିଥିଲେ। ୩ ସପ୍ତାହ ପରେ କୃତ୍ରିମ ସୁନା ଦାନ୍ତ ସହ 'କାରା' ଏବେ ସ୍ୱାଭାବିକ ଜୀବନ ଜିଉଁଛି।

'କାରା'ର ଦାନ୍ତ ଅପରେଶନ କରି ବାହାର କରିବା ଏବଂ ସେହି ସ୍ଥାନରେ ସୁନାର ଦାନ୍ତ ଲଗାଇବାକୁ ବେଶ୍ ପରିଶ୍ରମ କରିଥିଲେ ଡାକ୍ତରୀଦଳ। ଦୁଇ ପର୍ଯ୍ୟାୟରେ କରାଯାଇଥିବା ସର୍ଜରି ପାଇଁ ସେମାନଙ୍କୁ ଲାଗିଥିଲା ୪ ଘଣ୍ଟା ସମୟ। ଏଥିପୂର୍ବରୁ ଅଗଷ୍ଟରେ କ୍ଷତିଗ୍ରସ୍ତ ହୋଇଥିବା ଦାନ୍ତର ଆବଶ୍ୟକ ଚିକିତ୍ସା ମଧ୍ୟ କରାଯାଇଥିଲା। ଏ ନେଇ ବିଶେଷଜ୍ଞ ଟିମ୍‌ର ଜଣେ ସଦସ୍ୟ କହିଛନ୍ତି, ଦାନ୍ତ ଲଗାଯିବା ପରେ 'କାରା'କୁ ୩ ସପ୍ତାହ ଯାଏ ହାଡ଼ ନ ଥିବା ମାଂସ ଖାଇବାକୁ ଦିଆଯାଇଥିଲା। ପ୍ରଥମେ ପ୍ରଥମେ ଧାତୁ ତିଆରି ଦାନ୍ତ ସହ ସେ ବେଶ୍ ଅସହଜ ମନେ ହେଉଥିଲା। ଦୀର୍ଘ ଦିନ ଧରି ସୁନା ଦାନ୍ତକୁ ଜିଭ ଲଗାଇ ଚାଟୁଥିଲା। ବାଘର ଦାନ୍ତ ପ୍ରତ୍ୟାରୋପଣ ଘଟଣା ବେଶ୍ ଖୁସି ଦେଇଛି। ଏବେ ସେ ଠିକ୍ ଭାବେ ମାଂସ ଖାଇପାରୁଛି। ହେଷ୍ଟାଳ ଛାଡ଼ିବା ସମୟରେ ତା' ପାଟିର ସୁନା ଦାନ୍ତ ଝଟକୁଛି। ସର୍ଜରି ପରେ କରାଯାଇଥିବା ଏକ୍ସ-ରେରୁ ଉକ୍ତ ସୁନା ଦାନ୍ତ ଠିକ୍ ଭାବେ ଯୋଡ଼ି ହୋଇସାରିଥିବା ଜଣାପଡ଼ିଛି।

# ଦିନରେ ଶୋଇଲେ କମେ ମେଦବହୁଳତା



**ହାଓ୍ବାର୍ଡ:** ଦିନରେ ଶୋଇଲେ ମେଦବହୁଳତା କମ୍ ହୋଇଥାଏ। ଏନେଇ ହାଓ୍ବାର୍ଡ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ ହୋଇଛି। ଦିନରେ ଶୋଇଲେ ଶରୀର ୧୦ ପ୍ରତିଶତ ଚର୍ବି କମିଯାଇଥାଏ। ଫଳରେ ମେଦବହୁଳତା ଦୂରେଇ ରହିଥାଏ। ନିୟମିତ ଦିନବେଳେ ଘଣ୍ଟାଏ ଶୋଉଥିବା ଲୋକଙ୍କ ସ୍ୱାସ୍ଥ୍ୟ ଅନ୍ୟ ଲୋକଙ୍କ ତୁଳନାରେ ସୁସ୍ଥ ରହିଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ତେବେ ପୂର୍ବରୁ କୁହାଯାଉଥିଲା ଯେ, ଦିନ ବେଳେ ଶୋଇଲେ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ। ମାତ୍ର ଏହି ରିପୋର୍ଟରେ ଏହାକୁ ଖଣ୍ଡନ କରାଯାଇଛି। ଦିନରେ କିଛି ସମୟ ଶୋଇଲେ ମାନସିକ ଅବସାଦ ଦୂର ହୋଇଥାଏ ବୋଲି ଗବେଷକ କହିଛନ୍ତି।

# ହଳଦୀ ପାଣିର ଔଷଧୀୟ ଗୁଣ



**ନୂଆଦିଲ୍ଲୀ:** ପ୍ରତିଦିନ ସକାଳେ ହଳଦି ପାଣି ପିଇଲେ ବହୁ ଫାଇଦା ମିଳିଥାଏ । ହଳଦି ପାଣିରେ କରକ୍ୟୁମିନ୍ ଅଧିକ ଥିବାରୁ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଉପଶମ କରିବାରେ ଏହା ସହାୟକ ହୁଏ। ରକ୍ତ ଶର୍କରାସ୍ତରକୁ ଏହା ସ୍ୱାଭାବିକ କରିଥାଏ। ଫଳରେ ଡାଇବେଟିସ୍ ରୋଗରୁ ମୁକ୍ତି ମିଳିଥାଏ। ହଳଦି ପାଣି ପିଇବା ଦ୍ୱାରା କିଡ୍‌ନୀ ଏବଂ ଲିଭରଜନିତ ରୋଗ ଆଶଙ୍କା କମ୍ ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଏହାଦ୍ୱାରା ପେଟ ସମସ୍ୟାରୁ ମୁକ୍ତି ମିଳେ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ଶରୀରକୁ ସତେଜ ରଖିବାରେ ସହାୟକ ହୋଇଥାଏ। ଅଧଗ୍ଲାସ ହଳଦି ପାଣି ନିୟମିତ ପିଇଲେ ରକ୍ତ ପରିଷ୍କାର ହୋଇଥାଏ। ଫଳରେ ମୁହଁରେ ବ୍ରଣ ଉଠି ନ ଥାଏ।

# କୁକୁର ଦୂରକରେ ମାନସିକ ଅବସାଦ



**ବେଜିଂ:** କୁକୁରଙ୍କ ସହିତ କିଛି ସମୟ କାଟିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ସୁପ୍ରଭାବ ପଡ଼ିଥାଏ। ଏନେଇ ଚାଇନାର ବେଜିଂ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଏକ ଗବେଷଣା ରିପୋର୍ଟରେ ଏହା ଉଲ୍ଲେଖ ରହିଛି। ଘରେ ପୋଷା କୁକୁର ସହିତ କିଛି ସମୟ ଖେଳିଲେ ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭପ୍ରଦ ହୋଇଥାଏ। ଚାଇନାରେ ତାଲିମ୍ ପ୍ରାପ୍ତ କିଛି କୁକୁରଙ୍କ ସହାୟତାରେ ମାନସିକ ଅବସାଦ ଭୋଗୁଥିବା ରୋଗୀଙ୍କ ଚିକିତ୍ସା ସହଜରେ କରାଯାଇପାରୁଛି। ଏପରି କୁକୁରଙ୍କୁ ଲୋକେ କିଣି ଘରେ ପୋଷା ଭାବେ ରଖି ମନକୁ ଶାନ୍ତ କରି ପାରୁଛନ୍ତି। ଅଧ୍ୟୟନରୁ ମିଳିଥିବା ଜ୍ଞାନ ଆଧାରରେ ଏବେ ପୃଥିବୀର ଅନେକ ସ୍ଥାନରେ ଏଭଳି ତାଲିମପ୍ରାପ୍ତ କୁକୁରଙ୍କ ଦ୍ୱାରା ମାନସିକ ରୋଗୀଙ୍କ ଚିକିତ୍ସାର ପ୍ରୟାସ କରାଯାଉଛି।

# ୧୦୦ କୋଟି କ୍ଲବ୍‌ରେ 'ହାଉସ୍‌ଫୁଲ୍-୪'

**ମୁମ୍ବାଇ:** ଅକ୍ଟୋବର ୨୫ରେ ରିଲିଜ୍ ହୋଇଥିବା ମଲ୍‌ଟି ଷ୍ଟାରର କମେଡ଼ି ଫିଲ୍ମ 'ହାଉସ୍‌ଫୁଲ୍-୪' ୧୦୦ କୋଟି କ୍ଲବ୍‌ରେ ସାମିଲ ହୋଇଯାଇଛି। ଫିଲ୍ମ ରିଲିଜ୍ ହେବାର ଦୁଇଦିନ ପର୍ଯ୍ୟନ୍ତ ଭଲ ବ୍ୟବସାୟ କରି ନ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହା ଦର୍ଶକଙ୍କୁ ମନୋରଞ୍ଜନ କରି ଭଲ ବ୍ୟବସାୟ କରିବାରେ ସଫଳ ହୋଇପାରିଛି। ଏହି ସଫଳତାରେ ଫିଲ୍ମର ପୂରା ଟିମ୍ ସେଲିବ୍ରେଶନ କରୁଛି। ଫିଲ୍ମରେ ନେଗେଟିଭ୍ କ୍ୟାରେକ୍ଟରରେ ନଜରକୁ ଆସିଥିବା ଶରଦ କେଲକର ଏନେଇ ଖୁବ୍ ଉତ୍ସାହିତ ଅଛନ୍ତି। ସେ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ଏକ ସୁନ୍ଦର ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ଫିଲ୍ମର ସଫଳତା ପରେ ସେଲିବ୍ରେଶନ କରୁଥିବା ଦେଖିବାକୁ ମିଳିଛି। ଭିଡିଓରେ ସେ କୁନି କୁନି ପିଲାଙ୍କ ସହ ଫିଲ୍ମର 'ବାଲା' ଗୀତରେ ନାଚି ସେଲିବ୍ରେଶନ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଫିଲ୍ମକୁ ସମୀକ୍ଷକମାନେ ଭଲ ରିଭ୍ୟୁ ଦେଇ ନ ଥିଲେ ମଧ୍ୟ ଏହା ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରିଛି।



ଶରଦ କେଲକର

# ଖୋଲିଲା ଜିରୋ ୱେଷ୍ଟ୍ ଇକୋ ଷ୍ଟୋର୍

**ହାଇଦ୍ରାବାଦ:** ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍ ଆମ ପରିବେଶକୁ ସବୁଠାରୁ ଅଧିକ ନଷ୍ଟ କରିବା ସହ ବିଭିନ୍ନ ମାରାତ୍ମକ ରୋଗ ସୃଷ୍ଟି କରୁଛି। ବିଶ୍ୱକୁ ପଲିଥିନ୍ ମୁକ୍ତ କରିବା ପାଇଁ ଚାରିଆଡ଼େ ଉଦ୍ୟମ ଆରମ୍ଭ ହୋଇଛି। ତଥାପି ଏହା ସମ୍ପୂର୍ଣ୍ଣ ସଫଳ ହୋଇପାରିନାହିଁ। ହେଲେ ହାଇଦ୍ରାବାଦର ଦମ୍ପତି ଜ୍ୟୋତି ଏବଂ ପଙ୍କଜ ପଲିଥିନ୍‌ର ବ୍ୟବହାରକୁ ବନ୍ଦ କରିବା ପାଇଁ ଏକ ସୁନ୍ଦର ପ୍ରୟାସ ଆରମ୍ଭ କରିଛନ୍ତି। ଲୋକଙ୍କ ଅଭ୍ୟାସକୁ ବଦଳାଇ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଗଢ଼ିବା ପାଇଁ ଦୁହେଁ ଖୋଲିଛନ୍ତି 'ଜିରୋ ୱେଷ୍ଟ ଇକୋ ଷ୍ଟୋର୍'। ଏହି ଷ୍ଟୋର୍‌ରେ ୧୫୦ ପ୍ରକାର ଦୈନନ୍ଦିନ ବ୍ୟବହୃତ ଜିନିଷ ବିକ୍ରି ହେଉଛି। ଏଠାରେ ରହିଥିବା ସମସ୍ତ ସାମଗ୍ରୀ ଅର୍‌ଗାନିକ୍ ଏବଂ ଏହି ଜିନିଷଗୁଡ଼ିକୁ ରଖିବା ପାଇଁ କାଚ ଏବଂ ଧାତୁ ବାକ୍ସ ବ୍ୟବହାର କରାଯାଉଛି। ସେପ୍ଟେମ୍ବରରେ ଖୋଲିଥିବା ଏହି ଷ୍ଟୋର୍‌ରେ ଚାଉଳ, ବିଭିନ୍ନ ଶସ୍ୟ, ଘର ତିଆରି ଆଚାର, ସ୍ନାକ୍ସ, କଫି ସ୍କ୍ରବ୍, ହର୍ବାଲ୍ ସାବୁନ୍ ସମେତ ମାଟି ପାତ୍ର, ପରିବେଶ ଉପଯୋଗୀ ବାସନକୁସନ ଓ କପଡ଼ା ବ୍ୟାଗ୍ ଆଦି ବିକ୍ରି ହେଉଛି। ଏଠାରେ ଜିନିଷ ରହୁଥିବା ସ୍ଥାନ(ଶେଲ୍‌ଭ୍) ଗୁଡ଼ିକ ମଧ୍ୟ ସ୍ୱତନ୍ତ୍ର ଏବଂ ସଫାସୁତରା। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବିକ୍ରି ହେଉଥିବା ଅନେକ ଜିନିଷ ବିଶେଷ କରି ଆଚାର ଏବଂ ବ୍ୟାଗ୍‌ଗୁଡ଼ିକ ମହିଳାଙ୍କ ଦ୍ୱାରା ଘରେ ତିଆରି ହେଉଛି। ଷ୍ଟୋର୍‌ର ଅନ୍ୟ ଏକ ବିଶେଷତ୍ୱ ହେଲା ଗ୍ରାହକ ଏଠାରୁ ଜିନିଷ କିଣିବାକୁ ହେଲେ ସାଥିରେ କପଡ଼ା ବ୍ୟାଗ୍ ନେଇ ଆସିବାକୁ ପଡ଼ିବ। କାରଣ ଏଠାରେ ପ୍ଲାଷ୍ଟିକ୍ ବ୍ୟାଗ୍(ପଲିଥିନ୍) ସମ୍ପୂର୍ଣ୍ଣ ନିଷେଧ। ଦମ୍ପତି ପେସାରେ ଚାର୍ଟାଡ ଆକାଉଣ୍ଟାଣ୍ଟ ହୋଇଥିବାବେଳେ ନିଜେ ପ୍ରଥମେ ଚେନ୍ନାଇସ୍ଥିତ 'ଇକୋ ଇଣ୍ଡିଆନ୍' ନାମକ ଏକ ଷ୍ଟୋର୍‌ରୁ ସମସ୍ତ ଜିନିଷ କିଣୁଥିଲେ। ହେଲେ ସେମାନେ ହାଇଦ୍ରାବାଦ ଫେରିବା ପରେ ସେଠାରେ ଏଭଳି ଏକ ଷ୍ଟୋର୍ ନ ଥିବା ଯୋଗୁ ନିରାଶ ହୋଇଥିଲେ। ତେଣୁ ଚେନ୍ନାଇ, ବାଙ୍ଗାଲୁରୁ, ଗୋଆ ଭଳି ହାଇଦ୍ରାବାଦରେ ମଧ୍ୟ ଏକ ପରିବେଶ ଉପଯୋଗୀ ଷ୍ଟୋର୍ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ।




# ରଣବୀରଙ୍କ ସହ ପୁଣି ରୋମାନ୍ସ କରିବେ ପ୍ରିୟଙ୍କା

**ମୁମ୍ବାଇ:** ଫିଲ୍ମ ନିର୍ମାତା ସଞ୍ଜୟ ଲୀଲା ଭନ୍‌ସାଲୀ ଗୋଟିଏ ପରେ ଗୋଟିଏ ଫିଲ୍ମର ଘୋଷଣା କରି ଚାଲିଛନ୍ତି। କିଛି ଦିନ ତଳେ ସଞ୍ଜୟ 'ଗଙ୍ଗୁବାଇ' ଫିଲ୍ମର ଘୋଷଣା କରିଥିଲେ। ସେହିପରି ଏଇ ନିକଟରେ ତାଙ୍କର ଆଗାମୀ ପ୍ରୋଜେକ୍ଟର ନାମକୁ ମଧ୍ୟ ସେ ଘୋଷଣା କରିଛନ୍ତି। ଏହି ଫିଲ୍ମର ନାମ ହେଉଛି 'ବେଜୁ ବାଓ୍ବରା'। ଜଣେ କଳାକାରର ପ୍ରତିଶୋଧକୁ ନେଇ ଫିଲ୍ମର କାହାଣୀଟି ଆଧାରିତ। ଭନସାଲୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମଟି ୨୦୨୧ ମସିହା ଦୀପାବଳି ଅବସରରେ ମୁକ୍ତିଲାଭ କରିବ ବୋଲି ଶୁଣିବାକୁ ମିଳିଛି। ଏପର୍ଯ୍ୟନ୍ତ ଫିଲ୍ମର କାଷ୍ଟିଂକୁ ନେଇ କୌଣସି ଘୋଷଣା କରାଯାଇ ନ ଥିଲେ ହେଁ, ଏଥିରେ ରଣବୀର ସିଂଙ୍କୁ ମୁଖ୍ୟ ଭୂମିକାରେ ସାଇନ କରାଯିବ ବୋଲି ଜଣାପଡ଼ିଛି। ଏଥିସହିତ ତାଙ୍କ ଅପୋଜିଟ୍‌ରେ ପ୍ରିୟଙ୍କାଙ୍କୁ ସାଇନ କରାଯିବ ବୋଲି ଚର୍ଚ୍ଚା ହେଉଛି। ଯଦି ଏପରି ହୁଏ ତେବେ ପ୍ରିୟଙ୍କା ଓ ରଣବୀରଙ୍କ ଯୋଡ଼ିକୁ ଦର୍ଶକେ ଚତୁର୍ଥ ଥର ଲାଗି ପରଦାରେ ଏକାଠି ଦେଖିବାକୁ ପାଇବେ। ଏହାପୂର୍ବରୁ ଉଭୟେ 'ବାଜିରାଓ ମସ୍ତାନୀ', 'ଗୁଣ୍ଡେ', ଦିଲ ଧଡ଼କନେ ଦୋ' ଫିଲ୍ମରେ ଏକାଠି କାମ କରିସାରିଛନ୍ତି। ଏହାବ୍ୟତୀତ ପ୍ରିୟଙ୍କା ରଣବୀରଙ୍କ ଫିଲ୍ମ 'ଗୋଲିୟୋଁ କି ରାସଲୀଲାର ରାମଲୀଲା'ର ଏକ ଆଇଟମ୍ ନମ୍ବର ପରିବେଷଣ କରିଥିଲେ। ସେହିପରି ଭନ୍‌ସାଲୀଙ୍କ ସହ ମଧ୍ୟ ରଣବୀର ଚତୁର୍ଥ ଥର ଲାଗି କାମ କରିବାକୁ ଯାଉଛନ୍ତି। ଏହାପୂର୍ବରୁ ରଣବୀର ଭନ୍‌ସାଲୀଙ୍କ ଫିଲ୍ମ 'ରାମଲୀଲା', 'ବାଜିରାଓ ମସ୍ତାନୀ' ଏବଂ 'ପଦ୍ମାବତ୍'ରେ କାମ କରିସାରିଛନ୍ତି।



ସନ୍ଦୀପ ନନ୍ଦ ହତ୍ୟା ମାମଲା

# ୧୦ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)**

ବହୁ ଚର୍ଚ୍ଚିତ ସନ୍ଦୀପ ନନ୍ଦ ହତ୍ୟା ମାମଲାରେ ଶୁଣାଣି କରି ଭୁବନେଶ୍ୱର ଚତୁର୍ଥ ଅତିରିକ୍ତ ଜିଲା ଦୌରାଜଜ୍ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୧୦ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି ସତ୍ୟ ରଞ୍ଜନ ପ୍ରଧାନ। ଜରିମାନା ଅନାଦାୟ ହେଲେ ଆହୁରି ୬ମାସ ଜେଲ୍ ଭୋଗିବାକୁ ପଡିବ। ୧୯ ଜଣଙ୍କ ସାକ୍ଷ୍ୟ ଓ ୨୪ଟି କାଗଜପତ୍ରକୁ ଆଧାର କରି ବିଚାରପତି ପ୍ରଧାନ ଏହି ରାୟ ଶୁଣାଇଛନ୍ତି। ଆଜୀବନ କାରାଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ଆଶିଷ କୁମାର ବେହେରା (୨୬), ଶୈଳେନ୍ଦ୍ର ସାମନ୍ତରାୟ (୪୧), ସୁନୀଲ କୁମାର ସାମନ୍ତରାୟ (୩୬), ଘନଶ୍ୟାମ ବାଉତ (୩୮), ପ୍ରଭାତ ରଞ୍ଜନ ବେହେରା (୪୪), ତ୍ରିଲୋଚନ ବେହେରା (୩୪), ଛବୀନ୍ଦ୍ର ବେହେରା (୩୭), ପ୍ରକାଶଚନ୍ଦ୍ର ବେହେରା (୩୪), ଅଶୋକ କୁମାର ବାଉତ (୩୫) ଓ ବିଷ୍ଣୁପ୍ରସାଦ ବେହେରା (୪୨)। ସମସ୍ତ ଅଭିଯୁକ୍ତଙ୍କ ଘର ଘାଟିକିଆ ଅଞ୍ଚଳରେ। ସରକାରୀ ପିପି ଭାବେ ମାମଲା ପରିଚାଳନା କରୁଥିଲେ ଡା. ସୁରେଶ କୁମାର ବାରି। ସହଯୋଗ କରିଥିଲେ ରଞ୍ଜିତ ମହାପାତ୍ର ଓ ସୁଧାଂଶୁ ଶେଖର ପଣ୍ଡା।



ସନ୍ଦୀପ ନନ୍ଦ।

୨୦୧୨ ଏପ୍ରିଲ ୧ରେ ଖଣ୍ଡଗିରି କଳିଙ୍ଗନଗର ଛକରେ ଘଟିଥିଲା ଏହି ହତ୍ୟାକାଣ୍ଡ। ଘାଟିକିଆ ଅଞ୍ଚଳର ସନ୍ଦୀପଙ୍କ ଗୋଷ୍ଠୀ ସହ ଅନ୍ୟ ଏକ ଗୋଷ୍ଠୀ ମଧ୍ୟରେ ବହୁଦିନ ହେବ ଶତ୍ରୁତା ଲାଗି ରହିଥିଲା। ଘଟଣାଦିନ ସନ୍ଦୀପ ତା'ର ଦୁଇ ବନ୍ଧୁ ଦେବାଶିଷ କର ଓ ଲୋକନାଥ ମହାପାତ୍ରଙ୍କ ସହ ଘାଟିକିଆ ଛକସ୍ଥିତ ଏକ ଦୋକାନରୁ ଚା' ପିଇ ବାଇକଯୋଗେ କଳିଙ୍ଗ ନଗର ଛକରେ ପହଞ୍ଚିଥିଲେ। ପୂର୍ବରୁ ସେଠାରେ ଯୋଜନାବଦ୍ଧଭାବେ ଜଗି ରହିଥିବା ୧୦ଜଣ ଅଭିଯୁକ୍ତ ଲୁହାରଡ୍, ହକି ଷ୍ଟିକ ଓ ବିଭିନ୍ନ ମାରଣାସ୍ତ୍ରରେ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ପୋଲିସ ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଉଦ୍ଧାର କରି ଖଣ୍ଡଗିରି ଥାନାଞ୍ଚଳରେ ଥିବା ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସନ୍ଦୀପଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଦୀପଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ଏନେଇ ଖଣ୍ଡଗିରି ଥାନା ପୋଲିସ ଆଇପିସି ଦଫା ୨୯୪, ୩୪୧, ୩୦୨ ଓ ୩୪ରେ ମାମଲା ନଂ.୧୨୬/୧୨ ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

ପ୍ରଧାନମନ୍ତ୍ରୀ ଆବାସରେ ଦୁର୍ନୀତି ପ୍ରସଙ୍ଗ

# ଦୁର୍ନୀତି କଲେ ଅଭିଶାପ ପଡ଼ିବ: ଧର୍ମେନ୍ଦ୍ର

**ପୁରୀ ଅଫିସ, ୩୧।୧୦**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ନେଇ ବିଭିନ୍ନ ସମୟରେ ଅଭିଯୋଗ ଉଠୁଛି। ଫଳରେ ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ସମାଲୋଚନାର ଶିକାର ହେବାକୁ ପଡୁଛି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଦୁର୍ନୀତି କଲେ ଅଭିଶାପ ପଡ଼ିବ। ଗୁରୁବାର ପୁରୀ ଗସ୍ତ ଅବସରରେ ଗଣମାଧ୍ୟମକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉଛି ମୋଦି ସରକାରଙ୍କର ଏକ ମହତ୍ୱାକାଂକ୍ଷୀ ଯୋଜନା। ଏଥିରେ ରାଜ୍ୟ ସରକାରଙ୍କ ସହଯୋଗର ଆବଶ୍ୟକତା ରହିଛି। ଛୋଟ ମନ କଲେ କାମ ହେବ ନାହିଁ। ଏହି ଯୋଜନା ପାଇଁ କେନ୍ଦ୍ର ସରକାର ୬୦ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ଦେଉଛନ୍ତି। ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ଦରକାର। ଯେଉଁମାନେ ପ୍ରକୃତରେ ଘର ପାଇବାକୁ ଯୋଗ୍ୟ ତାହାର ଠିକ୍ ତାଲିକା କରାଯାଇ ସେହିମାନଙ୍କୁ ଏଥିରେ ସାମିଲ କରାଯାଉ। ସେହିପରି ଫନୀ ଘରଭଙ୍ଗା ସହାୟତା ପ୍ରଦାନରେ ଅନିୟମିତତା ହୋଇଥିବା ଶୁଣିଲି। ବହୁ ଥିଲାବାଲା ଲୋକ ଅର୍ଥାତ ଯେଉଁମାନଙ୍କର କୋଠାଘର ଅଛି, ବାତ୍ୟାରେ ଆଂଶିକ କିମ୍ବା ଆଦୌ ଘର କ୍ଷତି ହୋଇନି ସେମାନଙ୍କୁ ଘରଭଙ୍ଗା ସହାୟତା ଦିଆଯାଇଛି। ଏଥିରେ ଭୁଲ୍‌ଭଟକା ହୋଇଥାଇପାରେ, କିନ୍ତୁ ଏହାକୁ ସୁଧାରିବା ଆବଶ୍ୟକ। ଜଣେ ଯୋଗ୍ୟ ବ୍ୟକ୍ତି ଆବାସ ସହାୟତାରୁ ବଞ୍ଚିତ ନ ହେବା ପ୍ରତି ପ୍ରଶାସନ ଧ୍ୟାନ ଦେବା ଉଚିତ।

# ବେଆଇନ ଟିକେଟ ବୁକିଂ କରି ଯୁବକ ଗିରଫ

**ଖଇରା, ୩୧।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୋଟିଆକୋଇଲି ଗ୍ରାମର ରାଜେଶ ବାରିକ ସରକାରୀ ଆଇଡି ହ୍ୟାକ୍ କରି ରେଲୱେ ଟିକେଟ କାଟିବା ଅଭିଯୋଗରେ ଖଡଗପୁର ରେଲୱେ ପୋଲିସ ଗୁରୁବାର ପୂର୍ବାହ୍ନରେ ତାଙ୍କୁ ଗିରଫ କରିଛନ୍ତି। ରାଜେଶ 'ବାରିକ କମ୍ୟୁନିକେଶନ' ନାମରେ ଏକ ଦୋକାନ ଖୋଲି ରେଲୱେ ଟିକେଟ ବୁକିଂ କରୁଥିଲେ। ଖଡ଼୍‌ଗପୁର ରେଲୱେ ପୋଲିସ ଖବରପାଇ ବାଲେଶ୍ୱର ରେଲୱେ ପୋଲିସ ସହାୟତାରେ କୋଟିଆକୋଇଲି ଗ୍ରାମକୁ ଯାଇ ଉକ୍ତ ଦୋକାନ ଉପରେ ଚଢାଉ କରିଥିଲେ। ତାଙ୍କୁ ଗିରଫ କରାଯିବା ସହ ଏକ କମ୍ପ୍ୟୁଟର, ପ୍ରିଣ୍ଟର ମେଶିନ, ମୋବାଇଲ ଫୋନ, ନଗଦ ୧ହଜାର ୫୦ଟଙ୍କା ଓ ତତ୍କାଳ ଟିକେଟ ଜବତ କରିଥିଲେ। ତାଙ୍କ ନାମରେ ମାମଲା (ନଂ.୮୮୪/୧୯) ରୁଜୁ ହୋଇଛି।

# 'ନବଜାଗରଣ ଆଣିବାରେ ରାମକୃଷ୍ଣ ମଠ କେନ୍ଦ୍ରବିନ୍ଦୁ ହେଉ'

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ଓଡିଶାକୁ ନବଜାଗରଣ କରିବାରେ ରାମକୃଷ୍ଣ ମଠ ଓ ମିଶନ କେନ୍ଦ୍ରବିନ୍ଦୁ ହେଉ ବୋଲି ଗୁରୁବାର ଏହାର ଶତବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସମାଜକୁ ସ୍ୱାଭିମାନୀ କରିବା ଏବଂ ଦୈନନ୍ଦିନ ଜୀବନର ଜଞ୍ଜାଳରୁ ମୁକ୍ତ କରି ସମାଧାନର ରାସ୍ତା ବାହାର କରିବା, ସମାଜକୁ ଜାଗରଣ କରିବା ଭଳି ସ୍ୱାମୀ ବିବେକାନନ୍ଦଙ୍କ ବିଚାରକୁ ଓଡିଶାର ନୂଆପିଢି ପାଖରେ ଆଧୁନିକ ଢଙ୍ଗରେ ପହଞ୍ଚାଇପାରିଲେ ହିଁ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତି ଏହା ଠିକ୍ ଶ୍ରଦ୍ଧାଞ୍ଜଳି ହେବ। ଓଡିଶା ଶାଖାର ଏହି ମଠକୁ ପୂଜ୍ୟ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ବ୍ରହ୍ମାନନ୍ଦଜୀ ମହାରାଜ ୧୯୧୯ ଅକ୍ଟୋବରରେ ସ୍ଥାପନା କରିଥିଲେ। ରାଜଧାନୀ ଭୁବନେଶ୍ୱରସ୍ଥିତ ରାମକୃଷ୍ଣ ମଠ ସ୍ଥାପନା ଦିନଠାରୁ ତା'ର ଧ୍ୟେୟ ଓ ଉଦ୍ଦେଶ୍ୟ ପାଇଁ କାମ କରି ଆସୁଛି। ଓଡିଶାର ରାମକୃଷ୍ଣ ମିଶନ ଓ ମଠର ସ୍ଥାପନାକୁ ଶହେବର୍ଷ ପୂରଣ ହୋଇଥିବାରୁ ଏହା ସହ ଜଡିତ ସମସ୍ତ ସାଧୁସନ୍ଥ ଓ ପଦାଧିକାରୀମାନଙ୍କୁ ଧର୍ମେନ୍ଦ୍ର ଅଭିନନ୍ଦନ ଜଣାଇଛନ୍ତି। ବଲାଙ୍ଗୀର ରାଜ ପରିବାରର ପ୍ରତ୍ୟକ୍ଷ ସହଯୋଗୀ ଫଳରେ ଏଠାରେ ଭବ୍ୟ ଅନୁଷ୍ଠାନ ପ୍ରତିଷ୍ଠିତ ହୋଇପାରିଛି। ସେହିପରି ମନୁଷ୍ୟ ମନରେ କ୍ଷଣକ୍ଷଣରେ ଉତ୍ସାହ ଓ ନିରୁତ୍ସାହ ଆସେ। ଏହି ଉତ୍ସାହକୁ ନିରନ୍ତର ବନାଇ ରଖିବା ନିରୁତ୍ସାହକୁ କାଟି ତାକୁ ଉତ୍ସାହରେ ପରିଣତ କରିବା ଭଳି ସ୍ୱାମିଜୀଙ୍କ ଦୁଇଶବ୍ଦ ବାରମ୍ବାର ପଢିଲେ ହିଁ ସମାଧାନର ରାସ୍ତା ବାହାରିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଏଚ୍‌ଆଇଭି ସଂକ୍ରମିତ ଉପକରଣରେ ଅସ୍ତ୍ରୋପ୍ରଚାର ଘଟଣା

## ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ):** ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ୍ ରିସର୍ଚ୍ଚ (ଭିମ୍‌ସାର) ଦନ୍ତ ବିଭାଗରେ ଏଚ୍‌ଆଇଭି ସଂକ୍ରମିତ ଉପରକରଣରେ ୧୨ଜଣ ରୋଗୀଙ୍କୁ ଅସ୍ତ୍ରୋପ୍ରଚାର କରିବା ଘଟଣା ଏବେ ଜାତୀୟ ମାନବାଧିକା କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ଉକ୍ତ ରୋଗୀଙ୍କୁ ୪ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ ସହ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ପାଇଁ କମିଶନଙ୍କ ନିକଟର ପିଟିଶନ ହୋଇଛି। ମାନବିକ ଅଧିକାର କର୍ମୀ ହିମାଂଶୁ ଶେଖର ନାୟକ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି, ଡାକ୍ତର ଜାଣିଶୁଣି ରୋଗୀଙ୍କ ଜୀବନ ସହ ଖେଳ ଖେଳିଛନ୍ତି। ତେଣୁ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟନୁଷ୍ଠାନ ପାଇଁ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ଅସ୍ତ୍ରୋପ୍ରଚାର କରାଯାଇଥିବା ବ୍ୟକ୍ତିଙ୍କୁ ୪ ସପ୍ତାହ ମଧ୍ୟରେ କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ହିମାଂଶୁ ତାଙ୍କ ପିଟିଶନ ମାଧ୍ୟମରେ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ ଅନୁଗୋଳ ଜିଲା ଆଠମଲ୍ଲିକର ଜଣେ ଏଚ୍‌ଆଇଭି ସଂକ୍ରମିତ ରୋଗୀ ଦୁର୍ଘଟଣାର ଶିକାର ହୋଇ ବୁର୍ଲା ମେଡିକାଲର ସର୍ଜରୀ ୱାର୍ଡରେ ଭର୍ତ୍ତି ହୋଇଥିଲେ। ୨୮ ତାରିଖରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ବ୍ୟବହୃତ ଉପକରଣକୁ ଆବଶ୍ୟକ ବିଶୋଧନ କରା ନ ଯାଇ ଅନ୍ୟ ୧୨ଜଣଙ୍କୁ ଅସ୍ତ୍ରୋପ୍ରଚାର କରାଯାଇଥିଲା।


## ସରକାରୀ ପଲିଟେକ୍ନିକ୍, ଢେଙ୍କାନାଳ
### (C.D.T.P., ଦୂରଭାଷ ନମ୍ବର: ୨୨୬୫୪୧)

No.: KK-78: ଏତଦ୍ୱାରା ଢେଙ୍କାନାଳ ଜିଲ୍ଲାର ଅଣକୁଶଳୀ ଯୁବକ ଯୁବତୀମାନଙ୍କୁ ଜଣାଇ ଦିଆଯାଉଛି ଯେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ସି.ଡି.ଟି.ପି. (CDTP) ମାଧ୍ୟମରେ କର୍ମକୁଶଳତା ବୃଦ୍ଧି କରି ଆତ୍ମ ନିର୍ଭରଶୀଳ କରାଇବା ନିମନ୍ତେ ଏହି ଜିଲ୍ଲାରେ ନିମ୍ନଲିଖିତ ଟ୍ରେଡଗୁଡ଼ିକରେ ତାଲିମ କାର୍ଯ୍ୟକ୍ରମ ବିଭିନ୍ନ ଶିକ୍ଷାକେନ୍ଦ୍ର ତଥା ଅନୁମୋଦିତ ଶାଖା ଶିକ୍ଷାକେନ୍ଦ୍ର ମାନଙ୍କରେ ଚାଲୁହେବ। ଇଚ୍ଛୁକଥିବା ଅଣକୁଶଳୀ ଶିକ୍ଷିତ ଯୁବକ ଯୁବତୀ ସରକାରୀ ପଲିଟେକ୍ନିକ୍, ଢେଙ୍କାନାଳରୁ ବିନାମୂଲ୍ୟରେ ଆବେଦନ ଫର୍ମ ନେଇ ଏବଂ ଉପଯୁକ୍ତ ଭାବେ ପୂରଣ କରି ଆସନ୍ତା ୧୩।୧୧।୨୦୧୯ ତାରିଖ ସୁଦ୍ଧା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଦାଖଲ କରିବା ଆବଶ୍ୟକ। ନିମ୍ନଲିଖିତ ଟ୍ରେନିଂ ଗୁଡ଼ିକରେ ତାଲିମ ନିମନ୍ତେ ପ୍ରାର୍ଥୀମାନଙ୍କୁ କୌଣସି ପ୍ରକାର ଦେୟ ଦେବାକୁ ହେବ ନାହିଁ କିମ୍ବା ଷ୍ଟାଇପେଣ୍ଟ (Stipend) ପାଇବା ବ୍ୟବସ୍ଥା ନାହିଁ।

| କ୍ର.ନଂ. | ତାଲିମ ବିଭାଗ | ତାଲିମ ଅବଧି (ଘଣ୍ଟାରେ) | ତାଲିମ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା | ଶିକ୍ଷାକେନ୍ଦ୍ର ଅଞ୍ଚଳର ନାମ |
|---|---|---|---|---|
| ୦୧ | କମ୍ପ୍ୟୁଟର ଫଣ୍ଡାମେଣ୍ଟାଲ ଏମ୍.ଏସ୍. ଅଫିସ୍ ଓ ଇଣ୍ଟରନେଟ | ୧୨୦ଘ. | ଅଷ୍ଟମ | ସଦର ବ୍ଲକ |
| ୦୨ | ରିପେୟାର ଏଣ୍ଡ ମେଣ୍ଟେନାନ୍ସ ଅଫ୍ ସେଲ୍ୟୁଲାର ଫୋନ | ୨୧୦ଘ. | ଅଷ୍ଟମ | ସଦର ମହକୁମା |
| ୦୩ | ବେସିକ ସିଉଇଂ ଅପରେଟର | ୨୭୦ଘ. | ଅଷ୍ଟମ | ଓଡ଼ାପଡ଼ା ବ୍ଲକ ଓ ସଦର ବ୍ଲକ |
| ୦୪ | ମେସିନ ଏମ୍ବ୍ରଏଡେରି ଅପରେଟର | ୨୧୦ଘ. | ପଞ୍ଚମ | ଓଡ଼ାପଡ଼ା ବ୍ଲକ |

ବି.ଦ୍ର.: କୌଣସି ଟ୍ରେଡ଼ରେ ଆବଶ୍ୟକ ସଂଖ୍ୟକ ଆବେଦନକାରୀ ନ ମିଳିଲେ ସେହି ଟ୍ରେଡ଼ରେ ତାଲିମ ହେବ ନାହିଁ।

14024/11/0006/1920 ଅଧ୍ୟକ୍ଷ, ସରକାରୀ ପଲିଟେକ୍ନିକ୍, ମହିଷାପାଟ, ଢେଙ୍କାନାଳ



No. I-31

## ଓଡ଼ିଶା ସରକାର
## କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No. LA-5/19-CTC-2993/RRCS Dtd. 13.08.2019 ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛିକି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲ୍ଲା ରେ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପର ଦର୍ପଣୀ ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର (appropriate Government) ସରକାରୀ ବୟରେ ମୌଜା - **ମାଛପଙ୍ଗି (ଅତିରିକ୍ତ)** , **ଥାନା- ଚୌଦ୍ୱାର-୭, ତହସିଲ ନଂ- ୧୫**, ଜିଲ୍ଲା- **କଟକରେ** ନିମ୍ନ ତଫସିଲ ମତେ ପ୍ରାୟ ଏ. **୯.୬୪୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ -୨୦୧୩ (RFCTLAR & R Act. 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (appropriate Government) ଏତଦ୍ୱାରା ନିମ୍ନ ଅନୁସୁଚି ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ -୨୦୧୩ (RFCTLAR &r Act. 2013) ୧୧(୧) ଧାରା ଅନୁଜ୍ଞା ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଠି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗୀତା , ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ ବିଷୟରେ କୌଣସି ଆପତ୍ତି ଥାଏ , ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ :-**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ରେଙ୍ଗାଲି କେଣାଲ, ଡିଭିଜନ ନଂ -VII , ଜଗତପୁର ,**କଟକ**
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଅବଶ୍ୟକତାର କାରଣ -ସର୍ବ ଜାଣିନ ଉଦେଶ୍ୟରେ କାର୍ଯ୍ୟକାରୀ କରିବା
୪. ସାମାଜିକ ପ୍ରଭାବ ମୂଲ୍ୟାୟାନର ସାରାଂଶ ..............................ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ
୫.ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ- ଉପଜିଲ୍ଲାପାଳ, କଟକ
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| **କଟକ** | **ଚୌଦ୍ୱାର** | **ମାଛପଙ୍ଗି (ଅତିରିକ୍ତ)** | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ .1.220...ଶରଙ୍ଗିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ -ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ , ହସ୍ତାନ୍ତର ( ଦେଣ ନେଣ ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ମୌଜା- ମାଛପଙ୍ଗି (ଅତିରିକ୍ତ)**
**ତହସିଲ- ଟାଙ୍ଗି, ଚୌଦ୍ୱାର, ଥାନା- ଚୌଦ୍ୱାର-୭, ତହସିଲ ନଂ- ୧୫, କଟକ**
**ଦର୍ପଣୀ ଶାଖା କେନାଲ, ଦୂରତା- ୫୬.୯୨୪ କିମି ଠାରୁ ୫୯.୮୮୦**

**Additional Proposal**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ପୂର୍ବ ଅଧିଗ୍ରହଣ ରକବା | ଅତିରିକ୍ତ ଅଧିଗ୍ରହଣ ରକବା | ପ୍ରଜାର ନାମ ପିତା ର ନାମ ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୦ | ୧୩୬ | ୦.୧୯୦ | ୦.୧୦୦ | ୦.୦୯୦ | କହ୍ନେଇ ଦେହୁରୀ, ପି- ଗଦେଇ ଦେହୁରୀ ଓଗେର, ଜା- ସଅର, ବା- ନିଜଗା |
| ୨ | ୨୮ | ୧୩୮ | ୦.୫୯୦ | ୦.୨୦୦ | ୦.୨୯୦ | କହ୍ନେଇ ଦେହୁରୀ, ପି- ଗଦେଇ ଦେହୁରୀ ଓଗେର, ଜା- ସଅର, ବା- ନିଜଗା |
| ୩ | ୧୦୦ | ୧୦୦୪/ ୫୬ | ୦.୯୮୦ | - | ୦.୯୮୦ | ଗୋପୀନାଥ ନାୟକ, ପି- ଘନ ନାୟକ , ଜା- ଗୋପାଳ,ବା- ବ୍ରହ୍ମପୁର |
| ୪ | ୧୦୬ | ୧୫୨ | ୧.୫୦୦ | - | ୧.୫୦୦ | ଶ୍ରୀ ଗୋପାଳ ଜିଉ ଠାକୁର, ଶ୍ରୀ ଦଧିବାମାନ ଜିଉ ବିଜେ କହ୍ନେଇ ପୁର, ମାର୍ଫତ, ଗୋବିନ୍ଦ ଚନ୍ଦ୍ର ମଣ୍ଡଳ, ଗିରିନ୍ଦ୍ରନାଥ ମଣ୍ଡଳ, ପିତା- ରମେଶ ଚନ୍ଦ୍ର ମଣ୍ଡଳ, ଧିରେନ୍ଦ୍ର ନାଥ ମଣ୍ଡଳ, ହିରେନ୍ଦ୍ର ନାଥ ମଣ୍ଡଳ, ମନିନ୍ଦ୍ରନାଥ ମଣ୍ଡଳ, କର୍ତ୍ତିକ ଚନ୍ଦ୍ର ମଣ୍ଡଳ, ପି- ସୁରେନ୍ଦ୍ର ନାଥ , ଶଚିନ୍ଦ୍ର ନାଥମଣ୍ଡଳ, ଶୈଳେନ୍ଦ୍ର ନାଥମଣ୍ଡଳ, ପି- ଜତିନ୍ଦ୍ର ନାଥମଣ୍ଡଳ, ଜା- ସଦର୍ଗୋ ବଣୀକ, ବା- କହ୍ନେଇ ପୁର |
| ୫ | ୧୩୨ | ୧୫୮ | ୧.୮୨୦ | ୦.୧୦୦ | ୦.୮୫୦ | ଗଣେଶ ଚନ୍ଦ୍ର ପ୍ରଧାନ , ପି-ହରେକୃଷ୍ଣ ପ୍ରଧାନ ଜା- ମଲ୍ଲା, ବା- ମଙ୍ଗଳାବାଗ ମଲ୍ଲା ସାହି , କଟକ |
| ୬ | ୧୩୯ | ୧୪୧ | ୧.୨୨୦ | ୦.୦୩୦ | ୦.୨୦୦ | ଦିଜ ଦେହୁରୀ, ପି- ବୈଷ୍ଣବ ଦେହୁରୀ ଓଗେର , ଜା- ସଅର, ବା- ନିଜଗା |
| ୭ | ୧୪୧ | ୧୫୮ | ୦.୧୨୦ | - | ୦.୧୨୦ | ଦୁର୍ଯ୍ୟୋଧନ ନାୟକ, ପି- ଦିନବନ୍ଧୁ ନାୟକ ଓଗେର ,ଜା-ଖଣ୍ଡାୟତ, ବା- ଚୌଦ୍ୱାର |
| ୮ | ୧୪୩ | ୧୫୯ | ୦.୧୬୦ | - | ୦.୧୬୦ | ଦୁର୍ଯ୍ୟୋଧନ ମଳିକ, ପି- ସତ୍ୟପୀର ମଳିକ ଓଗେର ,ଜା-ଖଣ୍ଡାୟତ, ବା- ବ୍ରହ୍ମପୁର |
| ୯ | ୧୬୦ | ୧୪୩ | ୦.୫୬୦ | - | ୦.୫୬୦ | ନନ୍ଦ ସେଠୀ, ପି- ଉଗି ସେଠୀ, ଜା- ଧୋବା, ପୂନା ବେହେରା, ଚୂନା ବେହେରା, ପି- ହରି ବେହେରା, ଗନ୍ଧର୍ବ ବେହେରା, ଚକ୍ରଧର ବେହେରା, ପି- ଅର୍ଜୁନ ବେହେରା, ଭୀମ ବେହେରା, ପି- ବିଶ୍ୱନି ବେହେରା, କୃଷ୍ଣ ଚନ୍ଦ୍ର ବେହେରା, ପି-କେଳୁ ବେହେରା, ଦଧି ବେହେରା, ପି- ଦିନେଇ ବେହେରା, ହୃଦାନନ୍ଦ ଦେହୁରୀ, କାଳନ୍ଦୀ ଦେହୁରୀ, ପି- ବିଶ୍ୱନ ଦେହୁରୀ, , ବା- ଜେମାଦେଇପୁର |
| ୧୦ | ୧୬୨ | ୧୩୧ | ୦.୩୬୦ | ୦.୦୬୦ | ୦.୨୦୦ | ନନ୍ଦ ସେଠୀ, ପି- ଉଗି ସେଠୀ, ଜା- ଧୋବା, ପୂନା ବେହେରା, ଗୁନା ବେହେରା, ପି- ହରି ବେହେରା, ଜା-ଗୋପାଳ ହୃଦାନନ୍ଦ ଦେହୁରୀ, କାଳନ୍ଦୀ ଦେହୁରୀ, ପି- ବିଶ୍ୱନ ଦେହୁରୀ, ଦଧି ବେହେରା, ପି- ଦିନେଇ ବେହେରା, ବାଇଧର ବେହେରା, ପି- ଘନ ବେହେରା, କୃଷ୍ଣ ବେହେରା, ପି- କେଳୁ ବେହେରା, ଜା- ସଅର, ବା- ଜେମାଦେଇପୁର |
| ୧୧ | ୧୮୦ | ୧୪୬ | ୧.୦୬୦ | - | ୦.୧୮୦ | ପାଳୁଣୀ ଦେଇ, ସ୍ୱ-ରାମ ଚନ୍ଦ୍ର ପଲେଇ, ଜା- ଗୋପାଳ ବା- ଗୋଡିପାଟଣା |
| ୧୨ | ୨୦୮ | ୧୫୪ | ୦.୬୪୦ | - | ୦.୧୪୦ | ବିକଳ ନାୟକ, ପି- ଧୋବେଇ ନାୟକ ଓଗେର ଜା-ଖଣ୍ଡାୟତ, ବା- ବ୍ରହ୍ମପୁର |
| ୧୩ | ୨୩୨ | ୧୬୦ | ୦.୬୮୦ | - | ୦.୨୦୦ | ମାନୁ ଦେହୁରୀ, ପି- ଭୀମ ଦେହୁରୀ, ଓଗେର ଜା- ସଅର, ବା- ନିଜଗା |
| ୧୪ | ୨୩୬ | ୧୪୫ | ୦.୦୬୦ | - | ୦.୦୬୦ | ମାଗୁଣି ଦେହୁରୀ, ପି- ସିଧିଆ ଦେହୁରୀ, ଜା- ସଅର, ବା- ନିଜଗା |
| ୧୫ | ୨୪୨ | ୧୪୬ | ୧.୨୮୦ | - | ୦.୨୬୦ | ଅଶୋକ କୁମାର ରାୟ ମହାପାତ୍ର, ପିତା- ଉମେଶ ଚନ୍ଦ୍ର ମହାପାତ୍ର, କ୍ଷତ୍ରୀୟ, ବା- ଅପର୍ଣ୍ଣା ନଗର, ଥା- ଚାଉଳିଆଗଞ୍ଜ, କଟକ |
| ୧୬ | ୨୫୧ | ୧୩୦/୮୨୯ | ୦.୩୦୦ | ୦.୨୮୦ | ୦.୦୨୦ | ବାବାଜୀ ପ୍ରଧାନ ପି- ହରି ପ୍ରଧାନ , ଜା- ଓଡ ପ୍ରଧାନ , ବା- ମହିଷାଲଣ୍ଡା , କଟକ |
| ୧୭ | ୨୫୮ | ୧୪୨ | ୨.୧୩୦ | | ୦.୩୨୦ | କୃଷ୍ଣ ଚନ୍ଦ୍ର ହାଇବୁରୁ , ପି- ମାର୍କଣ୍ଡ ହାଇବୁରୁ , ଜା- ମୁଣ୍ଡା, ବା- ଗୋବରଘାଟି |
| ୧୮ | ୨୨୧ | ୧୩୬ | ୦.୫୪୦ | ୦.୧୨୦ | ୦.୨୩୦ | ଶଙ୍କର ଦେହୁରୀ, ପି-ଘନ ଦେହୁରୀ ଓଗେର, ଜା- ସଅର, ବା- ନିଜଗା |
| ୧୯ | ୨୮୮ | ୧୫୮/୮୪୧ | ୦.୬୯୦ | - | ୦.୬୯୦ | ଶୁକ ଦେଇ , ସ୍ୱ- ଧୋବେଇ ରାଉତ , ଜା- ଖଣ୍ଡାୟତ, ବା- ଚଷାପଡା |
| ୨୦ | ୩୦୮/୨୧ | ୧୬୧<br>୧୫୮/୯୫୨ | ୦.୬୨୦<br>୧.୬୨୦ | - | ୦.୧୦୦<br>୦.୨୫୦ | କୁଳମଣି ବାରିକ, ପି- ଭ୍ରମର ବାରିକ, ,ଜା-ଖଣ୍ଡାୟତ , ବା-ଡ଼ାଲି କୋଡ, ବ୍ରହ୍ମପୁର |
| ୨୧ | ୩୦୮/୧୯୨ | ୧୫୨/୮୩୮ | ୦.୨୪୦ | - | ୦.୨୪୦ | ଅଶୋକ କୁମାର ରାୟ ମହାପାତ୍ର, ପିତା- ଉମେଶ ଚନ୍ଦ୍ର ମହାପାତ୍ର, କ୍ଷତ୍ରୀୟ, ବା- ଅପର୍ଣ୍ଣା ନଗର, ଥା- ଚାଉଳିଆଗଞ୍ଜ, କଟକ |
| ୨୨ | ୩୦୮/୩୬୧ | ୫୩୫ | ୧.୫୦୦ | ୦.୪୦୦ | ୧.୧୦୦ | ଅଶୋକ କୁମାର ରାୟ ମହାପାତ୍ର, ପିତା- ଉମେଶ ଚନ୍ଦ୍ର ମହାପାତ୍ର, କ୍ଷତ୍ରୀୟ, ବା- ଅପର୍ଣ୍ଣା ନଗର, ଥା- ଚାଉଳିଆଗଞ୍ଜ, କଟକ |
| | ମୋଟ | ୨୩ | ୧୭.୩୧୦ | ୧.୩୪ | ୮.୪୨ | |

ଗୋଚର ବଦଳି

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ପୂର୍ବ ଅଧିଗ୍ରହଣ ରକବା | ଅତିରିକ୍ତ ଅଧିଗ୍ରହଣ ରକବା | ପ୍ରଜାର ନାମ ପିତା ର ନାମ ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨୫୮ | ୧୪୨ | ୨.୧୩୦ | - | ୧.୨୨୦ | କୃଷ୍ଣ ଚନ୍ଦ୍ର ହାଇବୁରୁ , ପି- ମାର୍କଣ୍ଡ ହାଇବୁରୁ , ଜା- ମୁଣ୍ଡା, ବା- ଗୋବରଘାଟି |

24178/14/0018/1920 ମୌଜାର ମୋଟ ରୟତି - ୨୩ ପ୍ଲଟ କୁ ଅତିରିକ୍ତ ଅଧିଗ୍ରହଣ ରକବା - ଏ ୯.୬୪୦ ଡି



## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର-୭୫୧୦୧୩
### ବିଜ୍ଞପ୍ତି

No.N-61 :-

ସଂଖ୍ୟା–ପରୀକ୍ଷା ସାଧାରଣ ପ୍ରଭାଗ–୧–/୮୦୬/୧୯/୬୬୨୫/ଉମାଶିପ/୨୪।୧୦।୨୦୨୦/ ଏତଦ୍ୱାରା ସମସ୍ତ ମହାବିଦ୍ୟାଳୟ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା ତଥା ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଆସନ୍ତା ୨୦୨୦ମାର୍ଚ୍ଚ ମାସରେ ହେବାକୁଥିବା ଉଚ୍ଚ ମାଧ୍ୟମିକ (+୨) ବାର୍ଷିକ ପରୀକ୍ଷା ନିମନ୍ତେ ନିୟମିତ (Regular) ପରୀକ୍ଷାର୍ଥୀମାନେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ସ୍ରୋତରେ ଫର୍ମ ପୂରଣ ନିମନ୍ତେ ନିମ୍ନ ତାରିଖଗୁଡ଼ିକ ଧାର୍ଯ୍ୟ କରାଯାଇଛି।

୧. ବିନା ଜୋରିମାନା – ତା.୦୧।୧୧।୨୦୧୯ ରୁ ତା.୦୯।୧୧।୨୦୧୯ ପର୍ଯ୍ୟନ୍ତ।
୨. ୫୦ଟଙ୍କା ଜୋରିମାନା – ତା.୧୧।୧୧।୨୦୧୯ ରୁ ତା.୧୬।୧୧।୨୦୧୯ ପର୍ଯ୍ୟନ୍ତ।
୩. ୩୫୦ଟଙ୍କା ଜୋରିମାନା – ତା.୧୮।୧୧।୨୦୧୯ ରୁ ତା.୨୦।୧୧।୨୦୧୯ ପର୍ଯ୍ୟନ୍ତ।

ଏହାର ସବିଶେଷ ବିବରଣୀ **www.chseodisha.nic.in** ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି।

**ଅଧ୍ୟକ୍ଷଙ୍କ ଆଦେଶକ୍ରମେ**
**ସ୍ୱା./- ବିଜୟ କୁମାର ସାହୁ**
**11003/11/0010/1920 ପରୀକ୍ଷା ନିୟନ୍ତ୍ରକ**



## ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନାରାୟଣ ନାୟକ, ହରିହର ନାୟକ ଏବଂ ଅର୍ଜୁନ ନାୟକ ସର୍ବପିତା ସ୍ୱର୍ଗତ୰ ପ୍ରହଲ୍ଲାଦ ନାୟକ, ସାକିନ ଖଜାପଟି ରାସ୍ତା, ମଣିକର୍ଣ୍ଣିକାସାହି, ପୁରୀ, ଥାନା–ପୁରୀ ସଦର, ପୁରୀ ନିମ୍ନ ପ୍ରଦତ୍ତ ବୃତ୍ତି ଜମି ଓଡ଼ିଶା ସରକାରଙ୍କୁ "ଶ୍ରୀ ମନ୍ଦିର ଜଗନ୍ନାଥ ସୁରକ୍ଷା ବଳୟରେ ଉନ୍ନତୀକରଣ" ପ୍ରକଳ୍ପ ନିମନ୍ତେ ପ୍ରତ୍ୟକ୍ଷ ବିକ୍ରୟ ପାଇଁ ଆଗ୍ରହ ପ୍ରକାଶ କରିଅଛନ୍ତି, ଯଦି ଏ ସମ୍ବନ୍ଧରେ କୌଣସି ବ୍ୟକ୍ତି ବା ଅନୁଷ୍ଠାନମାନଙ୍କର ଆପତ୍ତି ଅଭିଯୋଗ ଥାଏ, ତାହା ଆସନ୍ତା ୭(ସାତ ଦିନ) ମଧ୍ୟରେ ଲିଖିତ ଆକାରରେ ଭୂ–ଅର୍ଜନ ଅଧିକାରୀ, ଶ୍ରୀ ମନ୍ଦିର ଜଗନ୍ନାଥ ସୁରକ୍ଷା ବଳୟଙ୍କ, ପୂର୍ବତନ ପୂର୍ତ୍ତ ଡାକବଙ୍ଗଳା ଭି.ଆଇ.ପି. ରୋଡ ପୁରୀ ସ୍ଥିତ କାର୍ଯ୍ୟାଳୟରେ ଦିବା ୧୦.୦୦ଘଟିକାରୁ ସନ୍ଧ୍ୟା ୫.୩୦ଘଟିକା ମଧ୍ୟରେ ଦାଖଲ କରିପାରିବେ, ଧାର୍ଯ୍ୟ ସମୟ ମିଆଦି ଗତେ ଏସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

**ଜମି ତଫସିଲର ବିବରଣୀ :-**

**ମୌଜା:ପୁରୀ, ମଣିକର୍ଣ୍ଣିକାସାହି, ପୁରୀ, ତହସିଲ, ପୁରୀ, ଜିଲ୍ଲା–ପୁରୀ।**
**ପ୍ରଜା ନାମ:– ପ୍ରହଲ୍ଲାଦ ନାୟକ, ପିତା–ଗୋବିନ୍ଦ ନାୟକ, ଜାତି–ଗୋଲା, ବା–ନିଜିଗାଁ, ଖତିଆନ ନମ୍ବର–୭୦୦, ପ୍ଲଟ ନମ୍ବର–୧୦୦୪, କିସମ–ଘରବାରି, ଏକ ରକବା–୦.୦୧୮।**

**ଜିଲ୍ଲାପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଭୂ-ଅର୍ଜନ ଅଧିକାରୀ**
**ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ, ପୁରୀ**



## OFFICE OF THE DEAN & PRINCIPAL, BHIMA BHOI MEDICAL COLLEGE & HOSPITAL, BALANGIR

**At/Po/Dist.- Balangir, Pin-767001 (Odisha)**
**E-mail : gmchospitalbalangir@gmail.com**

**No. 2162** **Date: 24.10.2019**

**CORRIGENDUM TO THE TENDER CALL NOTICE 2064, DATED: 16.10.2019**

No.E-452 :- The following decisions were taken in the Pre-bid meeting for the Tender No. 2064 dated 16.10.2019 held in the Bhima Bhoi Medical College & Hospital, Balangir on 24.10.2019 that:

1. The Manufacturers, if providing authorization to one bidder for the tender [especially for close ended, proprietory items], has to give Authorization Certificate clearly mentioning that, [i] This is a close-ended system and this is the proprictory item, [ii] The Company will certfy that, the price quoted by the authorized bidder is the lowest price and [iii] The Company does not provide Authorization Certificate to more than one distributor for a particular bid.
2. The time period for delivery of the items in the purchase order has been increased to 30 days instead of 20 days as mentioned in the Clause 27 of the bid document.

**Sd./-**
**Administrative Officer-cum-Member Convenor**
**Bhima Bhoi Medical College Hospital, Balangir**

10141/11/0009/1920



## ODISHA TOURISM DEVELOPMENT CORPORATION LIMITED

**(A Government of Odisha Undertaking)**
**Panthanivas[Old Block],Lewis Road,Bhubaneswar-751014**

**Tender Call Notice No – BP-I/14/2019-20 Dtd. 30.10.2019 for Organization of different festivals - 2019-20**

No.6449 Date : 30.10.2019

No.: CAD-519: Odisha Tourism Development Corporation Limited on behalf of Department of Tourism, Govt. of Odisha going to organize **Konark Festival – 2019 & International Sand Art Festival - 2019.** Offers are invited from reputed firms/ agencies and Event Managers for different arrangements having past experience and expertise in relevant field. The tenderer shall submit the bid in the prescribed format separately for both the events. Details can be downloaded from our website **www. panthanivas.com.** The bid should reach the office of the undersigned up to 1**1.00 A.M of 11.11.2019** & will be opened on the same day at 12.00 Noon.

**Sd./- Superintending Engineer**
**OTDC Ltd.**

37002/11/0012/1920



**GOVERNMENT OF ODISHA** No.: A-341

## OFFICE OF THE EXECUTIVE ENGINEER MINOR IRRIGATION DIVISION, DHENKANAL

**(E-mail ID: eemidkl@yahoo.co.in), Ph. No.: 06762-224461**

**Quotation Call Notice No. - DMID/03/2019-20**

**(As per E-5 document of World Bank for Procurement of goods under National Shopping).**

| | | | |
|---|---|---|---|
| 1 | Number of work | : | 01 (One No.) |
| 2 | Type of work | : | Dam Instrumentation work. |
| 3 | Type of Procurement | : | National Shopping Procedure as per E-5 Document of World Bank. |
| 4 | Estimated Cost | : | Rs. 16.51 Lakh. (Excluding GST) |
| 5 | Cost of Quotation Paper | : | 6000 (Through draft only) |
| 6 | Class of Contractor | : | "C" and above having requisite qualifying Criteria as per DTCN. |
| 7 | Period of Completion | : | 3 (Three) Calendar Months. |
| 8 | Date/Time for Supply Bid Documents | : | From dt. 07.11.2019 at 10.00 A.M. to Dt.18.11.2019 at 3.00 P.M. |
| 9 | Date / Time for receipt of Bid documents. | : | From dt.07.11.2019 at 10.00 A.M. to Dt.18.11.2019 at 4.00 P.M. |
| 10 | Date and Time of Opening of Bid documents. | : | On dt. 19.11.2019 at 11.00 A.M. In the Office of Executive Engineer, M.I. Division, Dhenkanal. |
| 11 | Place of receive & Supply of Bid Documents. | : | 1. Executive Engineer, M.I. Division, Dhenkanal. |

**Executive Engineer**
**M.I. Division, Dhenkanal**

32027/11/0003/1920

କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଆସନ୍ତା ୧ ଓ ୨ ତାରିଖରେ ଖେଳାଯିବ। ଏଥିରେ ଭାରତୀୟ ପୁରୁଷ ଦଳ ରୁଷିଆ ଓ ମହିଳା ଦଳ ଆମେରିକା ବିପକ୍ଷରେ ୨ଟି ଲେଖାଏ ମ୍ୟାଚ୍ ଖେଳିବେ। ଘରୋଇ ପରିବେଶରୁ ଫାଇଦା ଉଠାଇ ଭାରତୀୟ ପୁରୁଷ ଓ ମହିଳା ଦଳ ଭଲ ପ୍ରଦର୍ଶନ କରିବା ଆଶା କରାଯାଉଛି...

# କଳିଙ୍ଗରେ ହକି ଉତ୍ସାହ

ହକି ପାଇଁ କଳିଙ୍ଗ ଷ୍ଟାଡିୟମ୍ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସେଥିପାଇଁ ରାଜ୍ୟ ସରକାର ଓ କ୍ରୀଡ଼ା ବିଭାଗର ଆନ୍ତରିକତା ମୁଖ୍ୟତଃ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ୍ ପାଇଁ ଯାହାକିଛି ସୁବିଧା ସୁଯୋଗ ରହିଛି ତାହା ଏଠାରେ ଉପଲବ୍ଧ। ପୁଣି କଳିଙ୍ଗ ଷ୍ଟାଡିୟମ୍ ଚଳଚଞ୍ଚଳ ହେବାକୁ ଯାଉଛି। ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡା ମହୋତ୍ସବ ଅଲିମ୍ପିକ୍ସ ୨୦୨୦ ଟୋକିଓଠାରେ ଅନୁଷ୍ଠିତ




ହେବାକୁ ଯାଉଛି। କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଅଲିମ୍ପିକ୍ସ କ୍ୱାଲିଫାୟର୍ସ ହକି ମ୍ୟାଚ୍ ଖେଳାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତ ଉଭୟ ପୁରୁଷ ଏବଂ ମହିଳା ହକିରେ ଯୋଗ୍ୟତା ପର୍ଯ୍ୟାୟରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ମୁଖ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ଲକ୍ଷ୍ୟରେ ରହିଛି। ଏଫଆଇଏଚ୍ ହକି ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପାଇଁ ପୁନର୍ବାର କଳିଙ୍ଗ ଷ୍ଟାଡିୟମ୍‌କୁ ମନୋନୀତ କରାଯାଇଛି। ଫଳରେ ରାଜ୍ୟରେ ହକି ନେଇ ଉତ୍ସାହ ପରିଲକ୍ଷିତ ହୋଇଛି।

ଏହି ମେଗା ପ୍ରତିଯୋଗିତା ନଭେମ୍ବର ୧ ଏବଂ ୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ମହିଳା ବିଭାଗରେ ଭାରତ ଏବଂ ଆମେରିକା ଏବଂ ପୁରୁଷ ବିଭାଗରେ ଭାରତ ଏବଂ ରୁଷିଆ ମଧ୍ୟରେ ମୁକାବିଲା ହେବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଦୁଇଟିରେ ଘରୋଇ ପରିବେଶରେ ଭଲ ପ୍ରଦର୍ଶନ ମାଧ୍ୟମରେ ଭାରତୀୟ ମହିଳା ଏବଂ ପୁରୁଷ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛନ୍ତି। ଏଫ୍‌ଆଇଏଚ୍ ହକି ର୍‍ୟାଙ୍କିଙ୍ଗରେ ଭାରତୀୟ ପୁରୁଷ ଦଳ ବର୍ତ୍ତମାନ ୫ମ ସ୍ଥାନରେ ରହିଥିବା ବେଳେ ରୁଷିଆ ୨୨ତମ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୧ମ ସ୍ଥାନରେ ରହିଛି। ସେହିପରି ଭାରତୀୟ ମହିଳା ଦଳ ୯ମ ସ୍ଥାନରେ ରହିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଆମେରିକା ୧୩ତମ ସ୍ଥାନରେ ରହିଛି। ମହିଳା ହକିରେ ନେଦରଲାଣ୍ଡ ୧ମ ସ୍ଥାନରେ ରହିଛି। ଭାରତ ମହିଳା ଏବଂ ପୁରୁଷ ହକି ଦଳ ଖେଳିବାକୁ ଥିବା ୨ଟି ମ୍ୟାଚର ଗୋଲ ସ୍କୋର ଭିତ୍ତିରେ ବିଜେତା ନିର୍ଣ୍ଣୟ କରାଯିବା ସହିତ ସେହିଦଳ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ। ଆମେରିକା ମହିଳା ଦଳ ମ୍ୟାଚର ବହୁ ପୂର୍ବରୁ ଆସି ରାଜ୍ୟ କ୍ରୀଡା ବିଭାଗର ଭୂୟସୀ ପ୍ରଶଂସା କରିଛି। ଆୟୋଜନକୁ ନେଇ ବେଶ୍ ସନ୍ତୋଷ ପ୍ରକାଶ କରିବା ସହ ଆମ ଉତ୍ସାହ ବଢାଇବାରେ ସହାୟକ ହୋଇଛି। ଏପରିକି ୨୦୨୨ ହକି ବିଶ୍ୱକପ ପାଇଁ ବେଲଜିୟମ୍, ମାଲେସିଆ ସହିତ ଭାରତ ଦୃଢ଼ ଦାବିଦାର ରହିଛି। ଆୟୋଜକ ଲିଷ୍ଟରୁ ଜର୍ମାନୀ ଏବଂ ସ୍ପେନ ହଟିଯିବା ପରେ ଭାରତର ନାମ ଏହି ମେଗା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛି। ଯଦି ଭାରତ ମ୍ୟାଚ୍ ଆୟୋଜକ ହୁଏ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ମୁଖ୍ୟ ଭେନ୍ୟୁ ହେବା ଏକପ୍ରକାର ନିଶ୍ଚିତ ମନେ ହେଉଛି।

# ବାଂଲାଦେଶର ଭାରତ ଗସ୍ତ

ଭାରତ ଗସ୍ତରେ ବାଂଲାଦେଶ ୩ ଟି୨୦ ଓ ୨ ଟେଷ୍ଟ ମ୍ୟାଚ୍ ଖେଳିବ। ରବିବାର ପ୍ରଥମ ଟି୨୦ ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଖେଳାଯିବ। ସେହିପରି ଆସନ୍ତା ୨୨ରୁ ୨୬ ତାରିଖ ମଧ୍ୟରେ ଭାରତ ଐତିହାସିକ ଇଡେନଗାର୍ଡେନରେ ବାଂଲାଦେଶ ବିପକ୍ଷରେ ତା'ର ପ୍ରଥମ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ...


ନିର୍ମଳ କୁମାର ମିଶ୍ର





ବାଂଲାଦେଶ କ୍ରିକେଟ ଦଳ ଭାରତ ଗସ୍ତରେ ଆସି ପହଞ୍ଚିଛି। ୩ଟି ଟି୨୦ ଏବଂ ୨ଟି ଟେଷ୍ଟ ମ୍ୟାଚ ଖେଳିବା ପାଇଁ ବାଂଲାଦେଶ ଏକ ୨୪ଦିନିଆ ଟୁରରେ ଭାରତ ଆସିଛି। ଟେଷ୍ଟ ସିରିଜ ନୂତନ ରୂପେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦ୍ୱାରା ଘୋଷିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ୨୦୨୧ କାର୍ଯ୍ୟସୂଚୀ ଅନ୍ତର୍ଗତ ହୋଇଛି। ଫଳରେ ଏହି ଗସ୍ତର ଗୁରୁତ୍ୱ ବଢିଯାଇଛି। ସେହିପରି ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ଏହି ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଭାରତର ପ୍ରସ୍ତୁତିରେ ବେଶ୍ ସହାୟ ହେବ। ଦ୍ୱିତୀୟଥର ପାଇଁ ବାଂଲାଦେଶ ଟିମ୍ ଟେଷ୍ଟ ସିରିଜ ଖେଳିବାକୁ ଭାରତ ଗସ୍ତରେ ଆସିଛି। ପ୍ରଥମ ଟ୨୦ ମ୍ୟାଚ ନଭେମ୍ବର ୩ ତାରିଖରେ ଦିଲ୍ଲୀର ଜେଟଲୀ ଷ୍ଟାଡିୟମରେ ଖେଳାଯିବ। ସେହିପରି ୨ୟ ଟି୨୦ ମ୍ୟାଚ ନଭେମ୍ବର ୭ ତାରିଖରେ ରାଜକୋଟରେ ଏବଂ ୩ୟ ଟି୨୦ ମ୍ୟାଚ ୧୦ତାରିଖରେ ନାଗପୁରର ବିଦର୍ଭ ଷ୍ଟାଡିୟମରେ ଖେଳାଯିବ। ଅନ୍ୟପଟେ ୧ମ ଟେଷ୍ଟ ମ୍ୟାଚ ନଭେମ୍ବର ୧୪ରୁ ୧୮ତାରିଖ ପର୍ଯ୍ୟନ୍ତ ଇନ୍ଦୋରରେ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ମ୍ୟାଚ ୨୨ ରୁ ୨୬ ତାରିଖ ପର୍ଯ୍ୟନ୍ତ କୋଲକାତାର ଐତିହାସିକ ଇଡେନଗାର୍ଡେନ ଷ୍ଟାଡିୟମରେ ଖେଳାଯିବ। ଏହି ଟେଷ୍ଟ ଦିବାରାତ୍ରଭିତ୍ତିକ ହେବ। ପ୍ରଥମଥର ପାଇଁ ଭାରତ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ଭେଟିବ।

ତାରକା ଅଲରାଉଣ୍ଡର ଶକିବ ଅଲ ହାସନଙ୍କୁ ଆଇସିସି ବାସନ୍ଦ କରିବା ଦ୍ୱାରା ବାଂଲାଦେଶକୁ ଜବରଦସ୍ତ ଝଟ୍‌କା ଲାଗିଛି। ତାଙ୍କୁ ବିଭିନ୍ନ ସମୟରେ ଦୁର୍ନୀତି କରିବାକୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ସେ ଏହାକୁ ଆଇସିସିକୁ ଜଣାଇ ନାହାନ୍ତି। ଯାହା ଫଳରେ ତାଙ୍କୁ ୨ ବର୍ଷ ବାସନ୍ଦ କରାଯାଇଛି। ସେହିପରି ଟି୨୦ ସିରିଜରୁ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ବାଂଲାଦେଶ ଉଭୟ ଫର୍ମାଟରେ ଭାରତ ଠାରୁ ଢେର ପଛରେ ରହିଛି। ସମସ୍ତ ଫର୍ମାଟରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ବିରାଟ କୋହଲିଙ୍କ ନେତୃତ୍ୱରେ ବେଶ୍ ଉଚ୍ଚକୋଟୀର ରହିଛି। ଘରୋଇ ପରିବେଶରେ ଏହି ସିରିଜ ଖେଳାଯିବାକୁ ଥିବା ବେଳେ ବାଂଲାଦେଶ ପାଇଁ ବେଶ୍ କଠିନ ହେବ। ଟିମ୍ ଇଣ୍ଡିଆ ବ୍ୟାଟିଂ ଓ ବୋଲିଂରେ ବେଶ୍ ଭଲ ପ୍ରଦର୍ଶନ କରିଆସୁଛି। ଅଭିଜ୍ଞ ଏବଂ ଯୁବ ଖେଳାଳିମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିଥିବାରୁ ସମସ୍ତ ବିଦେଶ ଟୁରଗୁଡିକରେ ବେଶ୍ ସଫଳତା ପାଇଛି ଟିମ୍ ଇଣ୍ଡିଆ। ଏହି ଗସ୍ତ ଟି୨୦ ସିରିଜରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଯୁବ ଖେଳାଳିମାନଙ୍କୁ ଅଧିକ ସୁଯୋଗ ଦିଆଯିବା ସମ୍ଭାବନା ରହିଛି। ଘରୋଇ ସିରିଜରେ ଦକ୍ଷିଣ ଆଫ୍ରିକାକୁ ଟିମ୍ ଇଣ୍ଡିଆ ଚକ୍‌ମା ଦେଇଛି। ଉଭୟ ସ୍ପିନ୍ ଏବଂ ପେସ୍ ବୋଲରମାନଙ୍କ ସଫଳ ପ୍ରଦର୍ଶନ ସହିତ ବ୍ୟାଟିଂରେ ଓପନର ହିସାବରେ ରୋହିତ ଶର୍ମା ବେଶ୍ ସଫଳତା ପାଇଛନ୍ତି।

ଫଳରେ ଟେଷ୍ଟ ସିରିଜର ଫଳାଫଳ ଭାରତ ସପକ୍ଷରେ ଯାଇଛି।

ଉଭୟ ଦେଶ ମଧ୍ୟରେ ୨୦୦୦ ମସିହାରୁ ଟେଷ୍ଟ ସିରିଜ ଆରମ୍ଭ ହୋଇଥିବା ବେଳେ ଏପର୍ଯ୍ୟନ୍ତ ମୋଟ ୬ଟି ସିରିଜରେ ୯ଟି ଟେଷ୍ଟ ମ୍ୟାଚ ଖେଳାଯାଇଛି। ଏଥି ମଧ୍ୟରୁ ବାଂଲାଦେଶରେ ୮ଟି ଟେଷ୍ଟ ମ୍ୟାଚ ଖେଳାଯାଇଥିବା ବେଳେ ଭାରତରେ ଗୋଟିଏ ସିରିଜ ୨୦୧୬-୧୭ରେ ଖେଳାଯାଇଛି। ୭ଟି ଟେଷ୍ଟ ମ୍ୟାଚ ଭାରତ ଜିତିଥିବା ବେଳେ ୨ଟି ଟେଷ୍ଟ ମ୍ୟାଚ ବିନା ହାରଜିତ୍‌ରେ ସମାପ୍ତ ହୋଇଛି। ବାଂଲାଦେଶ ସହିତ ଟେଷ୍ଟ ସିରିଜରେ ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୬୮୭/୬ ରହିଛି। ଭାରତ ହାଇଦ୍ରାବାଦରେ ଏହି ସ୍କୋର ହାସଲ କରିଥିଲା। ସେହିପରି ବାଂଲାଦେଶ ଢାକାଠାରେ ସର୍ବାଧିକ ୪୦୦ ରନ୍ ହାସଲ କରି ଟେଷ୍ଟ ମ୍ୟାଚରେ ଟିମ୍ ଇଣ୍ଡିଆ ସର୍ବାଧିକ ୫ଥର ୫ଶହ ରନ୍‌ରୁ ଊର୍ଦ୍ଧ୍ୱ ସଂଗ୍ରହ କରିଛି। ବାଂଲାଦେଶର ସର୍ବନିମ୍ନ ସ୍କୋର ୯୧ ରନ୍ ୨୦୦୦ ମସିହାରେ ଢାକାଠାରେ ରହିଥିବା ବେଳେ ଟିମ୍ ଇଣ୍ଡିଆର ୨୪୩ ରନ୍ ରହିଛି। ଅଧିନାୟକ ବିରାଟ କୋହଲି ଏବଂ ଉଇକେଟକିପର ଋଦ୍ଧିମାନ ଶାହା ୨ଟି ଲେଖାଏଁ ଟେଷ୍ଟ ମ୍ୟାଚ ଖେଳିଛନ୍ତି। କୋହଲି ୨୫୬ ରନ୍ କରିଛନ୍ତି। ଅନ୍ୟପଟେ ବାଂଲାଦେଶ ପକ୍ଷରୁ ମୁଶଫିକର ରହେମନ୍ ଏବଂ ତମିମ ଇକ୍‌ବାଲ ଉଭୟ ଖେଳାଳି ସର୍ବାଧିକ ୪ଟି ଲେଖାଏଁ ଟେଷ୍ଟ ମ୍ୟାଚ ଖେଳି ଯଥାକ୍ରମେ ସର୍ବାଧିକ ୩୩୭ ଏବଂ ୨୯୬ ରନ୍ କରିଛନ୍ତି। ବୋଲିଂ ରେକର୍ଡ ଦୃଷ୍ଟିରୁ ଭାରତ ପକ୍ଷରୁ ବର୍ତ୍ତମାନର ଟିମ୍‌ରେ ଥିବା ସଫଳ ବୋଲରମାନେ ହେଲେ ଇଶାନ୍ତ ଶର୍ମା (୫ଟି ଟେଷ୍ଟ ୧୩ଟି ଉଇକେଟ), ରବିଚନ୍ଦ୍ରନ ଅଶ୍ୱିନୀ (୨ଟି ଟେଷ୍ଟ ୧୧ଟି ଉଇକେଟ୍), ରବୀନ୍ଦ୍ର ଜାଡ଼େଜା (୧ଟି ଟେଷ୍ଟ ୬ ଉଇକେଟ୍) ଏବଂ ଉମେଶ ଯାଦବ (୨ଟି ଟେଷ୍ଟ ୩ଟି ଉଇକେଟ)।

ସେହିପରି ଟି୨୦ ଫର୍ମାଟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଟିମ୍ ଇଣ୍ଡିଆ ଅପେକ୍ଷାକୃତ ଶକ୍ତିଶାଳୀ ମନେହେଉଛି। ଉଭୟ ଦେଶ ମଧ୍ୟରେ ମୁକାବିଲା ଦକ୍ଷିଣ ଆଫ୍ରିକା ଠାରେ ୨୦୦୭-୦୮ ୱାର୍ଲ୍ଡ ଆଇସିସି ଟି୨୦ ମ୍ୟାଚରୁ ଆରମ୍ଭ ହୋଇଥିଲା। ସମସ୍ତ ୮ଟି ମ୍ୟାଚ ଆଇସିସି ବିଶ୍ୱକପ୍, ୱାର୍ଲ୍ଡଟି୨୦, ଏସିଆ କପ୍ ଏବଂ ଶ୍ରୀଲଙ୍କାରେ ଖେଳାଯାଇଥିବା ନିଦହାସ ଟ୍ରାଇ ସିରିଜରେ ଖେଳାଯାଇଥିଲା ଓ ସମସ୍ତ ମ୍ୟାଚରେ ଭାରତ ବିଜୟୀ ହୋଇଛି। ପ୍ରଥମ ଥର ପାଇଁ ଉଭୟ ଦେଶ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦ୍ୱିପାକ୍ଷିକ ଟି୨୦ ସିରିଜ ଖେଳାଯାଉଛି। ଘରୋଇ ମାଟିରେ ଖେଳାଯାଉଥିବାରୁ ଟିମ୍ ଇଣ୍ଡିଆ ବେଶ୍ ଶକ୍ତିଶାଳୀ ମନେ ହେଉଛି। ମାତ୍ର ଟି୨୦ରେ ବାଂଲାଦେଶ ବିଶ୍ୱର ଯେକୌଣସି ଦଳକୁ ହରାଇବାର କ୍ଷମତା ରଖିଛି। ଯେହେତୁ ଟି୨୦ ସିରିଜରୁ ବାଂଲାଦେଶର ଏହି ଟୁର ଆରମ୍ଭ ହେଉଛି ଟିମ୍ ଇଣ୍ଡିଆ ଏହାକୁ ବେଶ୍ ଗୁରୁତ୍ୱ ଦେଇ ସିରିଜ ବିଜୟୀ ହେବାକୁ ଚାହିଁବ।

ଉଭୟ ଦେଶ ମଧ୍ୟରେ ଖେଳାଯାଇ ଥିବା ୮ଟି ଟି୨୦ ମ୍ୟାଚ ମଧ୍ୟରୁ ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୧୮୦/୫ ରହିଛି। ଭାରତ ଏହା ଇଂଲଣ୍ଡର ନଟିଂହାମଠାରେ ସ୍କୋର କରିଥିଲା। କଲମ୍ବୋରେ ବାଂଲାଦେଶର ସର୍ବାଧିକ ସ୍କୋର ୧୬୬/୬ ଉଇକେଟ୍ ରହିଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିବାକୁ ଗଲେ ଯଦିଓ ଟିମ୍ ଇଣ୍ଡିଆ ସମସ୍ତ ମ୍ୟାଚ ଜିତିଛି ତଥାପି ତେବେ କେତେଗୁଡିକ ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷର ସମ୍ମୁଖୀନ ହୋଇଛି।

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୩ ନଭେମ୍ବର | ୧ମ ଟି୨୦ | ନୂଆଦିଲ୍ଲୀ |
| ୭ ନଭେମ୍ବର | ୨ୟ ଟି୨୦ | ରାଜକୋଟ |
| ୧୦ ନଭେମ୍ବର | ୩ୟ ଟି୨୦ | ନାଗପୁର |
| ୧୪-୧୮ ନଭେମ୍ବର | ପ୍ରଥମ ଟେଷ୍ଟ | ଇନ୍ଦୋର |
| ୨୨- ୨୬ ନଭେମ୍ବର | ଦ୍ୱିତୀୟ ଟେଷ୍ଟ | କୋଲକାତା |

# ଅଲ୍‌ବିଦା ଲି

ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ ତଥା ଚାଇନା ମହିଳା ବ୍ୟାଡ୍‌ମିଣ୍ଟନ ତାରକା ଲି ଜୁଇରୁଇ ମାତ୍ର ୨୮ ବର୍ଷ ବୟସରେ ଅବସର ଘୋଷଣା କରିଛନ୍ତି। ସଫଳତାର ଶୀର୍ଷକୁ ଛୁଇଁଥିବା ଲି ଇଞ୍ଜୁରି କାରଣରୁ ଏହି ନିଷ୍ପତ୍ତି ନେଇଛନ୍ତି। ବିଶ୍ୱର ପ୍ରାୟ ସବୁ ଟପ୍ ଟାୟାର ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିବା ଲିଙ୍କ ପାଇଁ ଅବସର ନିଷ୍ପତ୍ତି ବେଶ୍ କଷ୍ଟକର ଥିଲା...




ଆଉ ଜଣେ ମହିଳା ବ୍ୟାଡମିଣ୍ଟନ ଖେଳାଳି ଅବସର ନେଇଛନ୍ତି। ସେ ହେଉଛନ୍ତି ଚାଇନାର ପୂର୍ବତନ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜୟିନୀ ଲି ଜୁଇରୁଇ। ମାତ୍ର ୨୮ ବର୍ଷ ବୟସରେ ଏହି ମହାନ୍ ଆକ୍ରମଣାତ୍ମକ ଖେଳାଳି ଜଣକ ବ୍ୟାଡ୍‌ମିଣ୍ଟନକୁ ଅଲବିଦା କରିଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଏହି ମହିଳା ତାରକା ତାଙ୍କ ପେସାଦାର କ୍ୟାରିୟରରେ ସବୁ ପ୍ରକାର ସଫଳତା ଅର୍ଜନ କରିଛନ୍ତି। ନିଜ ସମୟରେ ସେ ଆଧିପତ୍ୟ ବିସ୍ତାର କରି ବେଶ୍ ସଫଳତା ହାସଲ କରିଛନ୍ତି। ରିଓ ଅଲିମ୍ପିକ୍ସରେ ଆହତ ହେବା ପରେ ଅବଶ୍ୟ ତାଙ୍କ କ୍ୟାରିୟର ଭିନ୍ନ ମୋଡ଼ ନେଇଥିଲା। ୨୦୧୦ ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ମାତ୍ର ୧୯ ବର୍ଷରେ ନିଜର ଉପସ୍ଥିତି ଜାହିର କରିଥିଲେ। ଏହି ଟୁର୍ନାମେଣ୍ଟରେ ସେ ସାଇନା ନେହ୍ୱାଲ ଓ ନିଜ ଦେଶର ଲିଓ ଜିନଙ୍କୁ ହରାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶ୍ୱ ଶ୍ରେଷ୍ଠ ଇଭେଣ୍ଟଗୁଡିକରେ ଲିଙ୍କର ଆଧିପତ୍ୟ ଦେଖିବାକୁ ମିଳିଥିଲା। ତାଙ୍କୁ ହରାଇବା ନିହାତି କଷ୍ଟକର ଥିଲା। ଲଣ୍ଡନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପୂର୍ବରୁ ସେ ୨୦୧୨ ଅଲ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ମଧ୍ୟ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ଏହାପରେ ସେ ୨୦୧୩ ଓ ୨୦୧୪ରେ ବିଶ୍ୱଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ରିଓ ଅଲିମ୍ପିକ୍ସରେ ସେ ଫେଭରାଇଟ ବିବେଚିତ ହେଉଥିଲେ। ତେବେ ଇଞ୍ଜୁରି କାରଣରୁ ସେ ସେମିରେ ସ୍ପେନର କାରୋଲିନା ମାରିନ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ସେ ଗୋଟିଏ ବର୍ଷ ବ୍ୟାଡମିଣ୍ଟନରୁ ଦୂରେଇ ରହିଥିଲେ। ଏହାପରେ ଅବଶ୍ୟ ସେ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଥିଲେ। ବ୍ୟାଡମିଣ୍ଟନକୁ ଫେରିବା ପରେ ଲିଙ୍ଗସୁଇ ଚାଇନା ମାଷ୍ଟର୍ସ, ୟୁଏସ୍ ଓପନ୍ ଓ କାନାଡ଼ା ଓପନ ଟାଇଟଲ ହାସଲ କରିଥିଲେ। ତେବେ ସେ ତାଙ୍କ ପୂର୍ବ ଚମକ ହରାଇଥିଲେ। ଟପ୍ ଟାୟାର ଇଭେଣ୍ଟରେ ତାଙ୍କର ଚମକ ଦେଖିବାକୁ ମିଳି ନ ଥିଲା। ଗତମାସରେ ସେ କୋରିଆ ଓପନ ଖେଳିଥିଲେ। ତେବେ ପ୍ରଥମ ରାଉଣ୍ଡରେ ହିଁ ତାଙ୍କୁ ରିଟାୟାର୍ଡ ହେବାକୁ ପଡିଥିଲା। ସ୍ୱଳ୍ପ ସମୟର ଜାଜ୍ୱଲ୍ୟମାନ କ୍ୟାରିୟରରେ ସେ ୧୪ଟି ସୁପର ସିରିଜ ଟାଇଟଲ ଜିତିଥିଲେ। ୨୦୧୩ରେ ସେ ବିଡବ୍ଲ୍ୟୁଏଫ୍ ଫିମେଲ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଥିଲେ।

ମାତ୍ର ୭ ବର୍ଷ ବୟସରୁ ସେ ବ୍ୟାଡମିଣ୍ଟନ ଖେଳିବା ଆରମ୍ଭ କରିଥିଲେ। ନିଜ ହୋମଟାଉନ ଚୋନଗିଙ୍ଗ୍‌ରେ ସେ ସ୍ଥାନୀୟ କ୍ଲବ୍‌ରେ ଟ୍ରେନିଂ ଓ ଖେଳ ଆରମ୍ଭ କରିଥିଲେ। ସେ ମୋଟ ଉପରେ ମହିଳା ସିଙ୍ଗଲ୍ସରେ ୨୭ଟି ଟାଇଟଲ ଜିତିଛନ୍ତି। ୨୦୧୨ ଡିସେମ୍ବରରେ ସେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। କ୍ୟାରିୟରରେ ସେ ୩୩୦ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ୭୯ଟି ପରାଜୟ ବରଣ କରିଛନ୍ତି। ତାଙ୍କ ସଫଳତା ଆଗାମୀ ପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି କୁହାଯାଇପାରେ।

## ପ୍ରମୋଟେଡ୍

କରପଶନ ପାଇଁ ପ୍ରଲୋଭିତ ପରେ
ନ ଜଣାଇବା ହିଁ ଦୋଷ
ବାଂଲାଦେଶ ଅଧିନାୟକ ଶକିବ
ସସ୍‌ପେଣ୍ଡ ଦୁଇ ବର୍ଷ
ଆଇସିସିର ନିର୍ଦ୍ଦେଶ
ପି.ସି. କାରବାର ଦୁର୍ନୀତି ବଢ଼ଇ
ଚାଲେ ଫାଇଭ୍‌ଟି ଚାଷ ।।୧

ଇଟାଲୀର ହୋଣ୍ଡା ରାଇଡର ବୋର୍ଖା
ମୋଟୋ ତିନି ଚାମ୍ପିୟନ
ଦୁର୍ଘଟଣା ପାଇଁ ହାରିଲା ଆରୋନ
ଲରୋଞ୍ଜ୍ ନମ୍ବର ୱାନ
ବିଶ୍ୱ ଟାଇଟଲ ମାନ
ଯୋଗ ଥିଲେ ଭୋଗ ପୋର୍ଖାପରି ଲୋକ
କୀର୍ତ୍ତି ସହ ପାଏ ଧନ ।।୨



ରାଇଜର ଆଥଲେଟ ଜଉନାଙ୍କୁ
ମିଳୁ ପ୍ରୋତ୍ସାହନ ରାଶି
ସହାୟତା ଲୋଡି ଅନୁରୋଧ କଲେ
ଜିଲାପାଳ ପାଖେ ଆସି
ମଦ ବିକ୍ରି ପାଇଁ ବିଶି
ପ୍ରୋତ୍ସାହନ ଦିଏ ସରକାର ଏଠି
ଆତ୍ମହତ୍ୟା ପରେ ଚାଷୀ ।।୩

-ସୁବାସ ଚନ୍ଦ୍ର ପ୍ରଧାନ

“ ସଚ୍ଚୋଟ ଧର୍ମ ଗୁରୁଙ୍କ ସହଯୋଗରେ ଗଢି ଉଠୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କଗୁଡିକ ଋଣ ପ୍ରଦାନ ନେଇ କୌଣସି ଅସୁବିଧା ନ ରଖିବା ଉଚିତ।

– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ



“ ରିଜର୍ଭ ବ୍ୟାଙ୍କ ଗଭର୍ନର ଭାବେ ମୋଟ କାର୍ଯ୍ୟକାଳର ଦୁଇ ତୃତୀୟାଂଶ ଏନ୍‌ଡିଏ ସରକାର ଏବଂ ୟୁପିଏ ସମୟରେ ୮ ମାସ ସାମିଲ ରହିଛି।

– ରଘୁରାମ ରାଜନ, ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ନର



## ସଂକ୍ଷେପରେ

### ପ୍ରମୁଖ ଶିଳ୍ପ କ୍ଷେତ୍ର ଅଭିବୃଦ୍ଧି ୫.୨% ହ୍ରାସ

ନୂଆଦିଲ୍ଲୀ,୩୧-୧୦: ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବରରେ ପ୍ରମୁଖ ଶିଳ୍ପ କ୍ଷେତ୍ର ଅଭିବୃଦ୍ଧି ହାର ୫.୨% ହ୍ରାସ ଘଟିଛି। ଗତ ବର୍ଷ ସମାନ ସମୟରେ ଶିଳ୍ପ କ୍ଷେତ୍ରରେ ୪.୩% ଅଭିବୃଦ୍ଧି ଘଟିଥିଲା। କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରି ପ୍ରଡକ୍ଟ, ସିମେଣ୍ଟ, ଷ୍ଟିଲ ଏବଂ ବିଦ୍ୟୁତ ଭଳି କ୍ଷେତ୍ରଗୁଡିକର ଉତ୍ପାଦନ ନକାରାତ୍ମକ ସ୍ଥିତିରେ ରହିଛି। ଏହି ସମୟରେ ସାର ଉତ୍ପାଦନ ଉନ୍ନତ ରହିଛି। ଗତ ସମାନ ମାସ ତୁଳନାରେ ଚଳିତ ବର୍ଷ ଏଥିରେ ୫.୪% ଅଭିବୃଦ୍ଧି ରହିଛି। ଚଳିତ ବର୍ଷ ଏପ୍ରିଲ-ସେପ୍ଟେମ୍ବର ସମୟରେ ପ୍ରମୁଖ ଶିଳ୍ପ କ୍ଷେତ୍ରଗୁଡିକର ଅଭିବୃଦ୍ଧି ୧.୩%କୁ ଖସିଛି। ଏହା ଗତ ସମାନ ସମୟରେ ୫.୫% ରହିଥିବା ସରକାରଙ୍କ ତଥ୍ୟରୁ ସାମ୍ନାକୁ ଆସିଛି।

### ଗୋଲ୍ଡ ଆମ୍‌ନେଷ୍ଟି ସ୍କିମ୍ ନେଇ ସରକାରଙ୍କ ପ୍ରସ୍ତାବ ନାହିଁ

ନୂଆଦିଲ୍ଲୀ,୩୧-୧୦: ଚୋରା ସୁନା ଉପରେ କାର୍ଯ୍ୟାନୁଷ୍ଠାନ ଅନ୍ତର୍ଗତ ଗୋଲ୍ଡ ଆମ୍‌ନେଷ୍ଟି ସ୍କିମ୍ ଆଣିବା ଲାଗି ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ। ଏଭଳି ଏକ ସ୍କିମଖ ଆସିବ ବୋଲି ବୁଧବାର ଗଣମାଧ୍ୟମରେ ଏକ ରିପୋର୍ଟ ଆସିବା ପରେ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ଏନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ଲୋକମାନେ ସେମାନଙ୍କ ଚୋରା ସୁନାକୁ ଏହି ସ୍କିମରେ ଘୋଷଣା କରିବା ସହ କିଛି ଟିକସ ଦେଇ ଏହାକୁ ଧଳା କରିପାରିବେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଆୟକର ବିଭାଗ ପକ୍ଷରୁ ଏଭଳି କୌଣସି ସ୍କିମ ଆଣିବାକୁ ପ୍ରସ୍ତାବ ନ ଥିବା କୁହାଯାଇଛି।

### ରେକର୍ଡ ଉଚ୍ଚ ସ୍ତରରେ ସେନ୍‌ସେକ୍ସ

ମୁମ୍ବାଇ,୩୧-୧୦: ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ଗୁରୁବାର କାରବାର ବେଳେ ୨୯୩ ପଏଣ୍ଟ ବୃଦ୍ଧି ଘଟିବା ସହ ନୂଆ ରେକର୍ଡ ସ୍ତର ୪୦,୩୪୪.୯୯ ପଏଣ୍ଟ ଛୁଇଁବାକୁ ସକ୍ଷମ ହୋଇଥିଲା। ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ କାରବାର ଆରମ୍ଭ ସମୟରୁ ବେଶ୍ ଦୃଢ ସ୍ଥିତିରେ ରହିଥିଲା। ପୂର୍ବାହ୍ନରେ ଏହା ୨୬୩.୬୯ ବା ୦.୬୬% ଉଚ୍ଚରେ ରହି ୪୦,୩୧୫.୫୬ ସ୍ତର ଛୁଇଁଥିଲା। ଏହାବାଦ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି୭୧.୮୫ ବା ୦.୬୧% ଉଚ୍ଚରେ ରହି ୧୧,୯୧୫.୯୫ ସ୍ତରରେ ରହିଥିଲା।

# ୧୨ ହଜାର କର୍ମଚାରୀ ଛଟେଇ କରିବ କଗ୍‌ନିଜାଣ୍ଟ

ନୂଆଦିଲ୍ଲୀ,୩୧-୧୦

ପ୍ରମୁଖ ଆଇଟି କମ୍ପାନୀ କଗ୍‌ନିଜାଣ୍ଟ ଆଗାମୀ ତ୍ରୈମାସଗୁଡିକରେ ଏହାର ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିବ। ଖର୍ଚ୍ଚ କାଟ ଯୋଜନାରେ କମ୍ପାନୀ ଏଭଳି ପଦକ୍ଷେପ ନେବ ବୋଲି ଗୁରୁବାର ସୂଚନା ଦେଇଛି। ଆମେରିକା ଭିତ୍ତିକ ଏହି ଟେକ୍ନୋଲୋଜି କମ୍ପାନୀ ଏହାର ମୋଟ ଶ୍ରମଶକ୍ତି ମଧ୍ୟରୁ ଅଧିକାଂଶ ଅଂଶ ଭାରତରେ କାର୍ଯ୍ୟ କରୁଛି। ଗତ କିଛି ମାସ ଧରି ବିଭିନ୍ନ କୌଶଳରେ ପରିବର୍ତ୍ତନ କରାଯାଉଥିବା କମ୍ପାନୀର ସିଇଓ ବ୍ରାଏନ ହମ୍ଫ୍ରିଏସ୍ କହିଛନ୍ତି। ପ୍ରତିଦ୍ୱନ୍ଦ୍ୱିତାତ୍ମକ ଉପସ୍ଥିତିକୁ ଆହୁରି ଉନ୍ନତ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି। କମ୍ପାନୀର ପରିଚାଳନା ମଡେଲକୁ ସରଳୀକରଣ, ଖର୍ଚ୍ଚକାଟ କାର୍ଯ୍ୟକ୍ରମ ଏବଂ ଅଭିବୃଦ୍ଧିକୁ ଧ୍ୟାନରେ ରଖି ପୁଞ୍ଜି ଖର୍ଚ୍ଚ ଯୋଜନା ରହିଛି। ଏହି ଆଧାରରେ ସାରା ବିଶ୍ୱରେ କମ୍ପାନୀର ୧୦ରୁ ୧୨ ହଜାର ମଧ୍ୟମରୁ ବରିଷ୍ଠ ସ୍ତରର ଆସୋସିଏଟଙ୍କୁ ଛଟେଇ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

କମ୍ପାନୀ ଏହାର ମୋଟ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୨% ବା ୫ରୁ ୭ ହଜାର କର୍ମଚାରୀଙ୍କୁ ତୁରନ୍ତ ଭିତ୍ତିରେ ଛଟେଇ କରିବ। ସେହିଭଳି ପୁନଃ କୁଶଳୀ ଏବଂ ନିଯୁକ୍ତି ବର୍ଗରେ ଆଉ ୫ ହଜାର କର୍ମଚାରୀ ପ୍ରଭାବିତ ହେବେ ବୋଲି ଜଣାପଡିଛି। କେଉଁ ଦେଶରୁ କେତେ କର୍ମଚାରୀ ଛଟେଇ ହେବେ ସେ ନେଇ କଗ୍‌ନିଜାଣ୍ଟ ପକ୍ଷରୁ କୌଣସି ବିସ୍ତୃତ ସୂଚନା ଦିଆଯାଇ ନାହିଁ। ମାତ୍ର ଭାରତରେ କମ୍ପାନୀର ମୋଟ ଶ୍ରମଶକ୍ତିର ଏକ ଆଖିଦୃଶିଆ ଅଂଶ କାର୍ଯ୍ୟ କରୁଥିବାରୁ ଏଠାରେ ଛଟେଇର ପ୍ରଭାବ କର୍ମଚାରୀଙ୍କ ଉପରେ ଅଧିକ ମାତ୍ରାରେ ପଡିବ ବୋଲି ଆଶଙ୍କା କରାଯାଉଛି। ସେପ୍ଟେମ୍ବର ୨୦୧୯ ସୁଦ୍ଧା କଗ୍‌ନିଜାଣ୍ଟରେ ମୋଟ ୨.୮୯ ଲକ୍ଷ କର୍ମଚାରୀ କାର୍ଯ୍ୟ କରୁଛନ୍ତି। କେବଳ ଭାରତରେ କମ୍ପାନୀର ୨ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ରହିଛନ୍ତି। ଏଭଳି ସ୍ଥିତିରେ କମ୍ପାନୀର ସିଇଓ କହିଛନ୍ତି ଯେ, ଅନୁଷ୍ଠାନର ପୂର୍ଣ୍ଣ ଅଭିବୃଦ୍ଧି କ୍ଷମତା ହାସଲ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଆଇଟି ସେବା କ୍ଷେତ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିବା ବେଳେ ଏହାକୁ ଧ୍ୟାନରେ ରଖି କଗ୍‌ନିଜାଣ୍ଟକୁ ଏକ ଉନ୍ନତସ୍ଥାନରେ ପହଞ୍ଚାଇବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ସେ ମତ ଦେଇଛନ୍ତି।




■ ଖର୍ଚ୍ଚକାଟ ଯୋଜନା ହାତକୁ ନେଇଛି

■ ବେଶି ପ୍ରଭାବିତ ହେବେ ଭାରତୀୟ କର୍ମଚାରୀ

# ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ମହଙ୍ଗା ଭତ୍ତା ୭୧.୮%

ଭୁବନେଶ୍ୱର,୩୧-୧୦(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ଅଗଷ୍ଟରେ ୩୨୦ ପଏଣ୍ଟ ଥିଲା। ଏହା ସେପ୍ଟେମ୍ବରରେ ୨ ପଏଣ୍ଟ ବଢି ୩୨୨ ପଏଣ୍ଟ ହୋଇଛି। ତାଳଚେର ଅନୁଗୋଳରେ ଏହା ୩୩୬ ପଏଣ୍ଟ ଥିଲା ଯାହା ୨ ପଏଣ୍ଟ ବଢି ୩୩୮ ପଏଣ୍ଟ ଛୁଇଁଛି। ରାଉରକେଲାର ଏହା ୩୧୯ ପଏଣ୍ଟରୁ ବଢି ୩୨୦ ପଏଣ୍ଟ ହୋଇଛି।

ସେପ୍ଟେମ୍ବର ୨୬ ଏବଂ ୨୭ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ ଡାକରା ଦେଇଥିଲେ ସେମାନେ ଏବେ ୬୮.୧% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଏଥିରେ ୩.୭% ବୃଦ୍ଧି ଘଟି ୭୧.୮% ହୋଇଛି। ନଭେମ୍ବର ପହିଲାରୁ ଏହା ଲାଗୁ ହେବ। ଏହି କର୍ମଚାରୀଙ୍କ ମଧ୍ୟରୁ ୩ ଲକ୍ଷ କର୍ମଚାରୀ ଅକ୍ଟୋବର ୨୨ରେ ଧର୍ମଘଟ କରିଥିଲେ। ଗୁରୁବାର ଅନେକ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ନେଇଛନ୍ତି। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନ୍‌ସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ ୨୧ରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ବୀମା କର୍ମଚାରୀମାନେ ବର୍ତ୍ତମାନ ୬୧.୪ % ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୩.୭% ବୃଦ୍ଧି ଘଟି ୬୫.୧% ହୋଇଛି। ଏହି ବର୍ଦ୍ଧିତ ଡିଏ ନଭେମ୍ବର ପହିଲାରୁ ସେମାନେ ପାଇବେ। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୫୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବଢି ୧୫୫% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଜାନୁୟାରୀ ପହିଲାରୁ ପାଇବେ। ଓଡ଼ିଶା ବ୍ୟତୀତ ଅବସରପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ୨୦% ହୋଇଛି। ଏହା ୨୦୨୦ ଜାନୁୟାରୀ ପହିଲାରୁ ଲାଗୁ ହେବ। କେବଳ ଓଡ଼ିଶାର ଅବସରପ୍ରାପ୍ତ ଏବଂ କାର୍ଯ୍ୟରତ ୮ ଲକ୍ଷ କର୍ମଚାରୀ ବର୍ତ୍ତମାନ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଡିଏରେ ୮% ବୃଦ୍ଧି ହୋଇଛି। ଯାହାର ୫% ପିଛିଲା ଭାବେ ଚଳିତ ବର୍ଷ ଜୁଲାଇ ଏବଂ ଅବଶିଷ୍ଟ ୩% ଜାନୁୟାରୀ ପହିଲାରୁ ଲାଗୁ ହେବ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଲବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୨୦% ମହଙ୍ଗା ଭତ୍ତା ପାଇବେ। ଏହା ଜାନୁୟାରୀ ପହିଲାରୁ ଲାଗୁ ହେବ। ଗତ ବର୍ଷ ସେପ୍ଟେମ୍ବର ୪ ଏବଂ ୫ ଦୁଇଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନ ଏବଂ ପେନ୍‌ସନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନ୍‌ସନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନକୁ ଅପେକ୍ଷା କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ।

# ଧାର୍ଯ୍ୟ ଲକ୍ଷ୍ୟର ୯୩% ଛୁଇଁଲା ବିତ୍ତୀୟ ନିଅଣ୍ଟ

ନୂଆଦିଲ୍ଲୀ,୩୧-୧୦

ଦେଶର ବିତ୍ତୀୟ ନିଅଣ୍ଟ ବଜେଟ ହୋଇଥିବା ଧାର୍ଯ୍ୟ ଲକ୍ଷ୍ୟର ୯୩% ଛୁଇଁଛି। ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଏହା ୬.୫୨ ଲକ୍ଷ କୋଟି ଟଙ୍କା ଛୁଇଁଥିବା ସରକାର ଦେଇଥିବା ତଥ୍ୟରୁ ଏହା ଜଣାପଡିଛି। ସାଧାରଣତଃ ସରକାରଙ୍କ ଖର୍ଚ୍ଚ ଏବଂ ରାଜସ୍ୱ ମଧ୍ୟରେ ରହିଥିବା ଅନ୍ତରକୁ ବିତ୍ତୀୟ ନିଅଣ୍ଟ କୁହାଯାଉଥିବା ବେଳେ ଏହା ସେପ୍ଟେମ୍ବର ୩୦ ସୁଦ୍ଧା ୬,୫୧,୫୫୪ କୋଟି ଟଙ୍କା ରହିଥିବା କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟ (ସିଜିଏ) ଦେଇଥିବା ସୂଚନାରୁ ଜଣାପଡିଛି। ଗତ ବର୍ଷ ସମାନ ସମୟରେ ଏହା ୯୫.୩% ରହିଥିଲା। ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟକୁ ୭.୦୩ ଲକ୍ଷ କୋଟି ଟଙ୍କାରେ ସୀମିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିଭଳି ବିତ୍ତୀୟ ନିଅଣ୍ଟକୁ ମୋଟ ଜିଡିପିର ୩.୩%ରେ ସୀମିତ ରଖିବାକୁ ଯୋଜନା ରହିଛି। ମାନ୍ଦାବସ୍ଥା ଯୋଗୁ ସରକାର କର୍ପୋରେଟ ଟିକସ ହ୍ରାସ କରିଛନ୍ତି। ଏହା ଦ୍ୱାରା ରାଜକୋଷକୁ ୧.୪୫ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିବ। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ସେପ୍ଟେମ୍ବରରେ ବଜେଟରେ ଧାର୍ଯ୍ୟ ହୋଇଥିବା ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ତୁଳନାରେ ୪୧.୬% ବଢିଛି। ଏହା ଗତ ବର୍ଷ ସମାନ ସମୟରେ ୪୦.୧% ରହିଥିଲା। ସେପ୍ଟେମ୍ବର ଶେଷ ସୁଦ୍ଧା ସରକାର ୮.୧୬ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛନ୍ତି। ୨୦୧୯-୨୯ ଆର୍ଥିକ ବର୍ଷ ଲାଗି ଟିକସ ସଂଗ୍ରହ ଲକ୍ଷ୍ୟ ୧୯.୬୨ ଲକ୍ଷ କୋଟି ଟଙ୍କା ରଖାଯାଇଛି। ସିଜିଏ ତଥ୍ୟ ମୁତାବକ ବର୍ତ୍ତମାନ ସମୟ ସୁଦ୍ଧା ବଜେଟ ଲକ୍ଷ୍ୟର ୫୫.୫% ପୁଞ୍ଜି ସରକାର ଖର୍ଚ୍ଚ କରିଛନ୍ତି।

# ଡିଡିଟି, କ୍ୟାପିଟାଲ ଗେନ୍ସ ଟାକ୍ସ କମିବନି

ନୂଆଦିଲ୍ଲୀ,୩୧-୧୦

ସରକାର ପୁଞ୍ଜିବଜାର ନିବେଶକଙ୍କୁ ଖୁସି କରାଇବା ଲାଗି ଲଙ୍ଗଟର୍ମ କ୍ୟାପିଟାଲ ଗେନ୍ସ ଏବଂ ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ ଟାକ୍ସ(ଡିଡିଟି)ରେ କିଛିଟା କୋହଳ ବ୍ୟବସ୍ଥା କରିବା ନେଇ ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ମାତ୍ର ଏଭଳି କିଛି ବ୍ୟବସ୍ଥା ସରକାର ଆଣିବେ ନାହିଁ। ଏଭଳି ଘୋଷଣା ଦ୍ୱାରା ରାଜକୋଷକୁ ହେଉଥିବା କ୍ଷତିର ଭରଣା ତଥା ସରକାରଙ୍କ ବିତ୍ତୀୟ ସ୍ଥିତି ଏବେ ଏତେଟା ଉନ୍ନତ ନାହିଁ। ନୂଆ ପଦକ୍ଷେପ ଦ୍ୱାରା ସରକାର ରାଜକୋଷ ତଥା ବିତ୍ତୀୟ ଶୃଙ୍ଖଳାକୁ ପ୍ରଭାବିତ କରିବାକୁ ଚାହୁଁ ନ ଥିବା ଜଣେ ଅଧିକାରୀ ଯୁକ୍ତି ବାଢିଛନ୍ତି।


**PARADIP PORT TRUST**

e-TENDER CALL NOTICE NO : EM/PED-54/2019

No. EM/PED/TECH-13/2019/983, dt. : 30.10.2019. Name of the work : "Revamping of 11KV HT electrical distribution systems at different locations of Paradip Port." Estimated Cost : Rs. 4,03,08,400/-. Last Date & Time of submission of bid : 09.12.2019 up to 17.15 hrs. Refer our website for details https://eprocure.gov.in/eprocure/app

Executive Engineer (PED-II)

PPT/PR/426/19-20 Dt : 31.10.19

**OFFICE OF THE PURI MUNICIPALITY, PURI**

No.8618 Dt.31.10.19

TENDER CALL NOTICE

Sealed tenders are invited in plain paper from the intending manufactures / Firms / Suppliers having valid Licence / Registration / TIN / PAN number for supply of materials (Cotton Saree and Fabrics) to be submitted to the office of the Executive Officer, Puri Municipality, Puri on or before 07.11.2019 at 2 P.M. through Speed Post / Regd. Post only which will be opened on 08.11.2019 at 4 P.M. The authority reserves the right either to reject or accept the tender without assigning any reason thereof. The tender paper alongwith terms and conditions will be available in the website www.purimunicipality.nic.in.

Sd./-
Executive Officer,
Puri Municipality, Puri

**OCAC** ODISHA COMPUTER APPLICATION CENTRE

**REQUEST FOR PROPOSAL**

Enq. No. : OCAC-SEGP-RES-0001-2019-19042

OCAC invites Request for Proposal (RFP) for selection of System Integrator for Deployment of UIDAI Certified Operators for Aadhaar Enrollment and other Aadhaar services at different parts of the State.

The interested firms may download the RFP document from www.ocac.in & www.odisha.gov.in. Last date for submission of proposal is 25.11.2019, 12:00 Noon.

General Manager (Admin), OCAC, Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295

**OFFICE OF THE COLLECTOR AND DISTRICT MAGISTRATE, KALAHANDI**

(Sports Section)

No.430 /Sports Dated: 30.10.2019

TENDER CALL NOTICE

Sealed tenders are invited from registered firms / Co-operative Agencies / authorized suppliers of Sports equipments for Sports Hostel, Bhawanipatna.

The details of tender document alongwith terms and condition can be obtained from the District web portal http://www.kalahandi.nic.in. The last day of receipt of tender paper is dt.13.11.2019 upto 5.30 P.M. Tender will be opened on dt.14.11.2019.

Sd./-
Additional District Magistrate
Kalahandi

**ତହସିଲ କାର୍ଯ୍ୟାଳୟ, ସୋନପୁର**

ପତ୍ର ସଂଖ୍ୟା.4693 ତା-31.10.19

ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ଫ୍ଲୋରିଶ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ଆଦର୍ଶ ଷ୍ଟଲଫେଡ ଫାର୍ମ୍ସ ପ୍ରାଇଭେଟ ଲିମିଟେଡ ଏବଂ ଆଦର୍ଶ ୱେଲ୍‌ଥ ଭେନଚୁରେ ପ୍ରାଇଭେଟ ସଂସ୍ଥାରେ ସଞ୍ଚୟ କରିଥିବା କ୍ଷୁଦ୍ର ଜମାକାରୀଙ୍କର (୧୦୦୦୦ ଟଙ୍କା ପର୍ଯ୍ୟନ୍ତ) ଟଙ୍କାର ତଦନ୍ତ ପାଇଁ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆପଣମାନେ ନିମ୍ନରେ ଦିଆଯାଇଥିବା କାଗଜପତ୍ର ଯାଞ୍ଚ ନିମନ୍ତେ ଉପସ୍ଥିତ ହେବେ, ନଚେତ ଆପଣମାନଙ୍କର ସଞ୍ଚୟ କରିଥିବା ଟଙ୍କାକୁ ଖାରଜ କରାଯିବ। ନିର୍ଦ୍ଧାରିତ ସମୟ ପରେ ଆପଣମାନଙ୍କର କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

୧. ବ୍ୟାଙ୍କ ପାସ୍ ବହି
୨. ଆଧାର କାର୍ଡ
୩. ସଞ୍ଚୟ କରିଥିବା ଟଙ୍କାର କାଗଜପତ୍ର ଏବଂ ରସିଦ

କାର୍ଯ୍ୟସୂଚୀ

୧. ରାଜସ୍ୱ ନିରୀକ୍ଷକ, ସୋନପୁର – ତା: ୦୫।୧୧।୨୦୧୯
୨. ରାଜସ୍ୱ ନିରୀକ୍ଷକ, ବିଶିମୁଣ୍ଡା – ତା: ୦୬।୧୧।୨୦୧୯
୩. ରାଜସ୍ୱ ନିରୀକ୍ଷକ, ଲଛିପୁର – ତା: ୦୬।୧୧।୨୦୧୯
୪. ରାଜସ୍ୱ ନିରୀକ୍ଷକ, ଖଲିଆପାଲି – ତା: ୦୬।୧୧।୨୦୧୯
୫. ରାଜସ୍ୱ ନିରୀକ୍ଷକ, ଖାରୀ – ତା: ୦୫।୧୧।୨୦୧୯

ସ୍ୱା./- ତହସିଲଦାର, ସୋନପୁର

**CUTTACK DEVELOPMENT AUTHORITY**

C.D.A. Arunodaya Bhawan, Link Road, Cuttack - 12

TENDER CALL NOTICE

The detail sealed tenders in prescribed format are invited for providing service of data entry operators, tally accountant, computer programmer by Manpower Service Provider in the office of the Cuttack Development Authority, Cuttack. The details are available in the website of CDA i.e. cdacuttack.nic.in. The last date of the submission of tender documents is dt.14.11.2019 upto 5.30 P.M.

The opening of tender is dt.15.11.2019 at 11.30 A.M in the Conference Hall of CDA, Cuttack.

Secretary
Cuttack Development Authority

**ତହସିଲ କାର୍ଯ୍ୟାଳୟ, ସୋନପୁର**

ପତ୍ର ସଂଖ୍ୟା.4692 ତା-31.10.19

ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ତହସିଲ କାର୍ଯ୍ୟାଳୟରେ ଯେଉଁ କ୍ଷୁଦ୍ର ଜମାକାରୀମାନଙ୍କର ରୋଜଭେଲି ଓ ଫ୍ଲୋରିଶ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ ସଂସ୍ଥାରେ ସଞ୍ଚୟ କରିଥିବା (୧୦୦୦୦ ଟଙ୍କା ପର୍ଯ୍ୟନ୍ତ) ଟଙ୍କାର ତଦନ୍ତ କରାଯାଇନାହିଁ ସେମାନଙ୍କ ଟଙ୍କାର ଆହରଣ ପାଇଁ ୭ଦିନ (ତା-୦୨।୧୧।୨୦୧୯ ରୁ ୦୮।୧୧।୨୦୧୯ ପର୍ଯ୍ୟନ୍ତ) ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସଗୁଡିକରେ ନିମ୍ନରେ ଦିଆଯାଇଥିବା କାଗଜପତ୍ର ଯାଞ୍ଚ ନିମନ୍ତେ ଉପସ୍ଥିତ ହେବେ, ନଚେତ ଆପଣମାନଙ୍କର ସଞ୍ଚୟ କରିଥିବା ଟଙ୍କାକୁ ଖାରଜ କରାଯିବ। ନିର୍ଦ୍ଧାରିତ ସମୟ ପରେ ଆପଣମାନଙ୍କର କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

୧. ଜମାକାରୀଙ୍କ ନାମରେ ଥିବା ବ୍ୟାଙ୍କ ପାସ୍ ବହିର ଜେରକ୍ସ
୨. ଜମା କରାଯାଇଥିବା ଟଙ୍କାର ରସିଦ

ସ୍ୱା./-
ତହସିଲଦାର, ସୋନପୁର

**ଗୋ ପ୍ରଜନନ ଅନୁସନ୍ଧାନ ଓ ବୃଷଭଜନନୀ ଫାର୍ମ, ଚିପିଲିମା**

ମାର୍ଫତ-ରାଜ୍ୟ ପ୍ରାଣୀ ପ୍ରଜନନ ଫାର୍ମ, ଗୋଶାଳା
ପୋ:ଅ: କଳାମାଟି, ଜିଲ୍ଲା-ସମ୍ବଲପୁର

ଗୋ ବିକ୍ରୟ ନିମନ୍ତେ ନିଲାମ ବିଜ୍ଞପ୍ତି

ଗୋଶାଳାସ୍ଥିତ ଗୋ ପ୍ରଜନନ ଅନୁସନ୍ଧାନ ଓ ବୃଷଭଜନନୀ ଫାର୍ମ, ଚିପିଲିମାରୁ ଆସନ୍ତା ତା୨୬।୧୧।୨୦୧୯ରିଖ ଦିନ ଗାଈଗୋରୁ ନିଲାମରେ ବିକ୍ରୟ ହେବ। ଇଚ୍ଛୁକ ବ୍ୟକ୍ତିଙ୍କଠାରୁ ଜଉମୁଦ ଦିଆ ଲଫାପାରେ ଟେଣ୍ଡର ରେଜେଷ୍ଟ୍ରି/ସ୍ପିଡ୍ ପୋଷ୍ଟ କିମ୍ବା କାର୍ଯ୍ୟାଳୟସ୍ଥିତ ଟେଣ୍ଡର ବକ୍ସ ମାଧ୍ୟମରେ ତା୨୫।୧୧।୨୦୧୯ରିଖ ସୁଦ୍ଧା ଗ୍ରହଣ କରାଯିବ।

ଅଧିକ ବିବରଣୀ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

ସ୍ୱା./- ପରିଚାଳକ
ଗୋ-ପ୍ରଜନନ ଅନୁସନ୍ଧାନ ଓ ବୃଷଭଜନନୀ ଫାର୍ମ
ଚିପିଲିମା, ସମ୍ବଲପୁର

See Career Appointment on every Wednesday & Saturday

**OFFICE OF THE MUNICIPAL COUNCIL, RAIRANGPUR**

No. 35/ Dt. 30.10.19

2nd CORRIGENDUM TO TENDER CALL NOTICE

Tender Call Notice 26/Dt.17.10.2019

The tender call notice 26/Dt.17.10.2019 Executive Officer, Rairangpur Municipality, Rairangpur has been modified as per table below.

| The Bid documents will be available from | | |
|---|---|---|
| i. | Period of availability of tenders online | From 11.00 Hrs of 18.10.2019 to 17.00 Hrs of 02.11.2019 |
| ii. | Last date & time of seeking clarification as per Schedule-J | 17.00 Hrs of 26.10.2019 |
| iii. | Last date & time of bidding online | 17.00 Hrs of 02.11.2019 |
| iv. | End Date for Submission of Bid documents, EMD, Tender Paper Cost etc. as per DTCN dropping on the Office Tender Box otherwise tender will be rejected | 17.00 Hrs of 04.11.2019 |
| v. | Date & time of opening of Technical Bid | 11.00 Hrs of 05.11.2019 |

| Modification in 2nd Corrigendum the Bid documents will be available in the website www.tendersorissa.gov.in | | |
|---|---|---|
| i. | Period of availability of tenders online | From 11.00 Hrs of 18.10.2019 to 17.00 Hrs of 14.11.2019 |
| ii. | Last date & time of seeking clarification as per Schedule-J | 17.00 Hrs of 12.11.2019 |
| iii. | Last date & time of bidding online | 17.00 Hrs of 14.11.2019 |
| iv. | End Date for Submission of Bid documents, EMD, Tender Paper Cost etc. as per DTCN dropping on the Office Tender Box otherwise tender will be rejected | 17.00 Hrs upto 16.11.2019 |
| v. | Date & time of opening of Technical Bid | 11.00 Hrs of 18.11.2019 |

2. If the tender work will be not completed within fixed period mention in the tender schedule the work agreement and work order automatically cancelled.
3. The authority reserves the right to reject any or all tender without assigning any reason thereof.
4. Further the details can be seen from the procurement portal: www.tendersorissa.gov.in

*Sd./- Executive Officer, Rairangpur Municipality*

**OFFICE OF THE MUNICIPAL COUNCIL, BHAWANIPATNA**

Letter No. 2891/ BPM Date: 28.10.2019

QUOTATION CALL NOTICE

SELECTION OF AGENCY FOR OPERATION AND MANAGEMENT OF SHELTER FOR URBAN HOMELESS UNDER BHAWANIPATNA MUNICIPALITY

The Executive Officer, Bhawanipatna Municipality on behalf of Municipal Council invites Quotation from reputed and experience agencies / NGO or CSO with appropriate legal entity / Federation of WSSGs/ Public and private Sector companies / Resident Welfare Association for Operation and management of Shelter for Urban Homeless in Bhawanipatna Town. The Quotationer should quote in India Rupees only. The Quotation paper can be available in the office of the undersigned on working day between 11 AM to 3 PM on payment of Rs. 20000.00 + VAT Rs. 100.00 (5%) (non-refundable) in shape of Demand Draft in favour of "Executive Officer, Bhawanipatna Municipality" payable at Bhawanipatna from 28.10.2019 to 11.11.2019. The quotation should reach this office on or before 11.11.2019 at 5.30 PM along with Earnest Money Deposit (EMD) of Rs. 10,000.00/- (Ten Thousand Rupees only) in shape of Demand Draft in favour of "Executive Officer, Bhawanipatna Municipality" payable at Bhawanipatna, by Speed Post / Registered Post and the same will be opened on 13.11.2019 at 11.30 PM. in the presence of quotationers or their authorised representatives. The quotationers representative who is present shall sign an attendance register evidencing their attendance at the time of opening of both the bids i.e. Technical Bid and Financial Bid. In the event of the specified date of Bid opening being declared holiday for the tendering Authority, the Quotation shall be opened at the appointed time and location on the next working day. The Municipality will not be held any responsible for postal delay. Quotation submitted beyond the aforesaid date & time shall not be entertained. The authority reserves to right to accept or cancel any or all the quotations without assigning any reason thereof.

**Details available on www.kalahandi.nic.in**

Further details terms & condition can be available from the Bhawanipatna Municipality Office on the working days.

| Sl. No. | Description | Cost of Tender Paper | Cost of 5% VAT | EMD Rs. | Eligible of Quotationer |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Operation and Management of Shelter for Urban Homeless under Bhawanipatna Municipality | Rs. 2000.00 | Rs. 100.00 | Rs. 10,000.00 | Registered Organization |

N.B.: Kindly submit the information as per the Annexure and page no. otherwise it will be rejected.

*Sd./- Executive Officer, Bhawanipatna Municipality*

**OFFICE OF THE MUNICIPAL COUNCIL, SONEPUR**

"e" Procurement Notice

BID Identification No: SNP-MUN-05/2019-20

TENDER ID: 2019_ORULB_57004

TENDER CALL NOTICE

No.2495 Date: 30.10.19

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

| | | | |
|---|---|---|---|
| 1. | Name of the Work | : | As per DTCN |
| 2. | No. of works | : | 7 Nos. |
| 3. | Amount put to Tender | : | As per DTCN |
| 4. | Period of Completion | : | As per DTCN |
| 5. | Starting Date &Time of Bidding: | | From Dt. 31.10.2019 from 11.00 A.M. |
| 6. | Last Date & Time for Receipt of tenders through online | : | Up to Dt. 11.11.2019 up to 05.00 PM |
| 7. | Bids received online shall be opened on | : | On Dt. 13.11.2019 at 11.00 AM |
| 8. | Name and address of the Officer inviting Bid | : | Executive Officer, Sonepur Municipality |

Further details can be seen from the procurement portal i.e. www.tendersodisha.gov.in

Sd./-
Executive Officer
Sonepur Municipality

## ସଂକ୍ଷେପରେ

### ଏଫ୍‌ଆଇଏଚ୍ ହକି ଇଣ୍ଡିଆ କୋଚିଂ କୋର୍ସ

ଭୁବନେଶ୍ୱର, ୩୧।୧୦(ସ୍ପୋର୍ଟ୍ସ ବ୍ୟୁରୋ)- ଚଳିତ ବର୍ଷ କେତୋଟି ହକି ଇଣ୍ଡିଆ କୋଚିଂ ଏଜୁକେଶନ ପାଥ୍‌ୱେ କୋର୍ସ ସଫଳତାର ସହ ଆୟୋଜନ ହେବାପରେ ଏଠାରେ ଆଉ ଏକ ବିଶ୍ୱସ୍ତରୀୟ କୋଚିଂ କୋର୍ସ ଆୟୋଜନ ହେବାକୁ ଯାଉଛି। ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍) ଏକାଡେମୀ ହକି ଇଣ୍ଡିଆନ କୋଚିଂ ଏଜୁକେଶନ ପାଥ୍‌ୱେ ଲେଭଲ ୧ ଓ ଲେଭଲ ୨ କୋଚିଂ କୋର୍ସ ଆୟୋଜନ କରାଯିବ। ଏହି କୋର୍ସ ପାଇଁ ଏଫ୍‌ଆଇଏଚ୍ ଏକାଡେମୀ ଏଜୁକେଟର ହିସାବରେ ନେଦରଲାଣ୍ଡର ଏସ୍‌ଭେନ ଭାନଡର ମୋଷ୍ଟ, ବ୍ରିଟେନ୍‌ର ଏଫ୍‌ଆଇଏଚ୍ ଏକାଡେମୀ ଏଜୁକେଟର୍ସ ମାଇକ ଇରଭିଙ୍ଗ୍ ଓ ଏଫ୍‌ଆଇଏଚ୍ ଏକାଡେମୀ ଏଜୁକେଟର୍ସ ଦକ୍ଷିଣ ଆଫ୍ରିକାର ସୋଆନେଲୋ ଫୋଲୋଙ୍କୁ ସାମିଲ କରାଯାଇଛି। ଲେଭଲ-୧ କୋଚିଂ କୋର୍ସରେ ଯୋଗଦେବା ପାଇଁ ପାଖାପାଖି ୩୦ ଜଣ ପ୍ରାର୍ଥୀଙ୍କୁ ସାମିଲ କରାଯାଇଛି। ଏହି କୋର୍ସ ଆସନ୍ତା ୩ ତାରିଖରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଲେଭଲ-୨ କୋର୍ସ ପାଇଁ ୫୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ମନୋନୀତ ହୋଇଛନ୍ତି। ଏହା ବୁଧବାରଠାରୁ ଆରମ୍ଭ ହୋଇଛି ଏବଂ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କୋର୍ସ ଦ୍ୱାରା ପ୍ରାର୍ଥୀମାନଙ୍କର କୋଚିଂ ସମ୍ପର୍କରେ ଜ୍ଞାନ ଓ ଦକ୍ଷତା ବୃଦ୍ଧି ହେବ ବୋଲି କୁହାଯାଉଛି। ହକିରେ ଅମ୍ପାୟର ଓ କୋଚ୍‌ମାନଙ୍କ ବ୍ୟବହାରିକ ଜ୍ଞାନ ଏବଂ ଦକ୍ଷତା ବୃଦ୍ଧି ଉପରେ ହକି ଇଣ୍ଡିଆ ବହୁ ପୂର୍ବରୁ ଗୁରୁତ୍ୱ ଦେଇଆସୁଛି। ଆଧୁନିକ ହକି ସହିତ ତାଳ ଦେଇ କିପରି ଚାଲିବାକୁ ହେବ, ତା'ଉପରେ ହକି ଇଣ୍ଡିଆ ଗୁରୁତ୍ୱ ଦେଇଆସୁଛି। ଏଫ୍‌ଆଇଏଚ୍ ଏକାଡେମୀ ହକି ଇଣ୍ଡିଆ ସହ ମିଳିତ ଭାବେ କାର୍ଯ୍ୟ କରି ବେଶ୍ ସନ୍ତୋଷ ଲାଭ କରିଛି ଓ କୋଚିଂ ଏବଂ ଅମ୍ପାୟରିଂରେ ଉନ୍ନତି ଆଣିବାକୁ ପ୍ରୟାସ ଜାରି ରଖିବ ବୋଲି ହକି ଇଣ୍ଡିଆ ଫାଉଣ୍ଡେଶନ ଓ ଏଫ୍‌ଆଇଏଚ୍ ଡେଭଲପମେଣ୍ଟ ଡାଇରେକ୍ଟର ମାଇକ୍ ଜୋଏସ କହିଛନ୍ତି।

### ପ୍ରି-କ୍ୱାର୍ଟରରେ ଜୋକୋଭିଚ୍, ନାଡାଲ

ପ୍ୟାରିସ, ୩୧।୧୦ (ଏଏଫ୍‌ପି)- ଦୁଇ କିମ୍ବଦନ୍ତୀ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ଓ ରାଫାଲ ନାଡାଲ ଏଠାରେ ଚାଲିଥିବା ପ୍ୟାରିସ ମାଷ୍ଟର୍ସର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୩୨ର ଏକ ମ୍ୟାଚ୍‌ରେ ଟପ୍‌ସିଡ୍ ସର୍ବିୟାର ଜୋକୋଭିଚ୍ ୭-୬ (୭/୨), ୬-୪ ସେଟ୍‌ରେ ଫ୍ରାନ୍ସର କୋରେଣ୍ଟିନ ମାଉଟେଙ୍କୁ ପରାସ୍ତ କରିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ବ୍ରିଟେନର କାଏଲ୍ ଏଡ୍‌ମଣ୍ଡଙ୍କ ସହ ହେବ। ଯଦି ଏଠାରେ ଜୋକୋଭିଚ୍ ଚାମ୍ପିୟନ ହୁଅନ୍ତି ତେବେ ରେକର୍ଡ ୫ମ ଥର ପାଇଁ ଏଠାରେ ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିବେ। ଅପରପକ୍ଷରେ ରାଉଣ୍ଡ-୩୨'ର ଅନ୍ୟ ଏକ ମ୍ୟାଚ୍‌ରେ ସ୍ପାନିଶ ଟେନିସ ତାରକା ନାଡାଲ ୭-୫, ୬-୪ ସେଟ୍‌ରେ ଘରୋଇ ଖେଳାଳି ଆଡ୍ରିଆନ ମାନାରିନୋଙ୍କୁ ହରାଇଛନ୍ତି।

“ ଜଣେ ବୁକି ତାଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରିଥିବା ବିଷୟ ସ୍ୱୀକାର କରି ଶକିବ ଅଲ ହସନ ଯେପରି ଦଣ୍ଡିତ ହେଲେ ଦୁଃଖର ବିଷୟ ।

–ମହମ୍ମଦ ଅଶ୍ରଫୁଲ, ପୂର୍ବତନ ବାଂଲାଦେଶ ଅଧିନାୟକ



“ ଯଦି କାକର ସମସ୍ୟା ସୃଷ୍ଟି ନ କରେ ତେବେ ଇଡେନଗାର୍ଡେନଠାରେ ଦିବାରାତ୍ର ଟେଷ୍ଟ ଆୟୋଜନ ଯୋଜନା ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ ।

–ସଚିନ ତେନ୍ଦୁଲକର, ବ୍ୟାଟିଂ ଆଇକନ୍








କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଆମେରିକା ମହିଳା ଓ ଭାରତୀୟ ପୁରୁଷ ହକି ଦଳର ଅଭ୍ୟାସ।

# ରୁଷିଆ ବିପକ୍ଷରେ ଭାରତ ଫେଭରାଇଟ

**ମହିଳା ବିଭାଗରେ ଭାରତ-ଆମେରିକା କଡ଼ା ଟକ୍କର**

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମ ପୁଣି ଚଳଚଞ୍ଚଳ। ଏଠାରେ ହେବାକୁ ଯାଉଛି ଅନ୍ତର୍ଜାତୀୟ ହକିର ଆଉ ଏକ ମେଗା ଇଭେଣ୍ଟ। ଶୁକ୍ରବାର ଓ ଶନିବାର ଏଫଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସର ମହିଳା ବିଭାଗରେ ଭାରତ-ଆମେରିକା ଏବଂ ପୁରୁଷ ବିଭାଗରେ ଭାରତ-ରୁଷିଆ ମହା ମୁକାବିଲା ହେବ। ୨ ମ୍ୟାଚରେ ବିଜୟ କିମ୍ବା ଆବଶ୍ୟକସ୍ଥଳେ ଗୋଲ ବ୍ୟବଧାନ ଭିତ୍ତିରେ କେଉଁ ଦଳ ୨୦୨୦ ଅଲିମ୍ପିକ୍ସ ପାଇଁ ଟିକେଟ ପାଇବ ତାହା ସ୍ଥିର ହେବ। ଯଦି ବିଜୟ ଏବଂ ଗୋଲ ବ୍ୟବଧାନ ସମାନ ରହେ ତେବେ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ବିଜେତା ନିର୍ଣ୍ଣୟ ହେବ। ଏଥିପାଇଁ ୨ ସପ୍ତାହରୁ ଊର୍ଦ୍ଧ୍ୱ ଭାରତୀୟ ମହିଳା ଓ ପୁରୁଷ ଦଳର କ୍ୟାମ୍ପ ଏଠାରେ ଚାଲିଥିବାବେଳେ ଆମେରକା ଓ ରୁଷିଆ ଦଳ ପାଖାପାଖି ଏକ ସପ୍ତାହ ଧରି ଏଠାରେ ନିଜର ପ୍ରସ୍ତୁତିକୁ ଅନ୍ତିମ ରୂପ ଦେଇଛନ୍ତି। ୪ଟି ଯାକ ଦଳ ନିଜ ନିଜ କୋଚ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ଶେଷଥରପାଇଁ କଳିଙ୍ଗ ଷ୍ଟାଡିୟମର ଅଭ୍ୟାସ ଗ୍ରାଉଣ୍ଡରେ ଝାଳ ବୁହାଇଛନ୍ତି। ବିଭିନ୍ନ ରଣନୀତି ଅନୁସାରେ ପ୍ରାକ୍ଟିସ କରିବା ସହ ଆଗାମୀ ମୁକାବିଲା ପାଇଁ ନିଜକୁ ପ୍ରସ୍ତୁତ କରିଛନ୍ତି। ଅଲିମ୍ପିକ୍ସ ଟିକେଟ ପାଇଁ ପ୍ରତି ଦଳ ସମ୍ମୁଖରେ ମାତ୍ର ୨ଟି ମ୍ୟାଚର ବ୍ୟବଧାନ। ଏହି ଦୁଇ ମ୍ୟାଚରେ ଯିଏ ଶ୍ରେଷ୍ଠ ପ୍ରଦର୍ଶନ କରିବ ସିଏ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ।

ପୁରୁଷ ବିଭାଗରେ ରୁଷିଆ ବିପକ୍ଷରେ ଭାରତ ଫେଭରାଇଟ ବିବେଚିତ ହେଉଛି। ପୂର୍ବରୁ ଗତ ଜୁନ୍ ୬ରୁ ୧୬ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଭାରତ ୧୦-୦ ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ର୍‍ୟାଙ୍କିଙ୍ଗ୍ ଏବଂ ପ୍ରଦର୍ଶନ ଦୃଷ୍ଟିରୁ ଭାରତ ଆଗରେ ରହିଛି। ତେଣୁ ଏଥର ମଧ୍ୟ ଘରୋଇ ଦଳପାଇଁ ସହଜ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଗତ ଜୁନ୍‌ରେ ଭୀଷଣ ଗରମ ଅନୁଭବ ହେଉଥିବାରୁ ପରିବେଶ ସହିତ ଦଳ ଠିକ୍‌ଭାବେ ଖାପଖୁଆଇବାରେ ଅସୁବିଧା ହୋଇଥିଲା। ମାତ୍ର ଏଥର ପରିବେଶ ଅପେକ୍ଷାକୃତ ଥଣ୍ଡା ରହିବ ଏବଂ ଭିନ୍ନ ଖେଳ ଦେଖିବାକୁ ମିଳିବ ବୋଲି ରୁଷିଆ ଅଧିନାୟକ ଡେନିସ ସ୍କିପାଚେଭ ଆଶାପ୍ରକାଶ କରିଛନ୍ତି। ମ୍ୟାଚ ଖେଳିବା ପାଇଁ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବାରୁ ସେ ଖୁସି ପ୍ରକଟ କରିବା ସହ ଷ୍ଟାଡିୟମ ଭରପୂର ହକିଦର୍ଶକଙ୍କ ଗହଣରେ ମ୍ୟାଚକୁ ପୂରା ଉପଭୋଗ କରବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳଠାରୁ ଏଥର ମଧ୍ୟ ଉନ୍ନତ ପ୍ରଦର୍ଶନ ମିଳିବ ବୋଲି ହକିପ୍ରେମୀ ଆଶା ରଖିଛନ୍ତି। କୌଣସି ପରିସ୍ଥିତିରେ ରୁଷିଆକୁ ହାଲ୍‌କାଭାବେ ନ ନେବାପାଇଁ କୋଚ୍ ଗ୍ରାହାମ୍ ରିଡ୍ ଖେଳାଳିମାନଙ୍କୁ ସତର୍କ କରାଇ ଦେଇଛନ୍ତି। ଗୋଟିଏ ଖରାପ ଦିନ ଭାରତର ଅଲିମ୍ପିକ୍ସ ସ୍ୱପ୍ନକୁ ଧୂଳିସାତ କରିଦେଇପାରେ। ତେଣୁ ଆଗାମୀ ୨ଟି ଯାକ ମ୍ୟାଚକୁ ଗୁରୁତ୍ୱର ସହ ନେବାକୁ ସେ ଖେଳାଳିଙ୍କୁ ପରାମର୍ଶ ଦେଇଛନ୍ତି। ରିଡ୍ ଦାୟିତ୍ୱ ନେବାପରେ ଭାରତୀୟ ରକ୍ଷଣଭାଗରେ ଉନ୍ନତି ପରିଲକ୍ଷିତ ହୋଇଛି। ସୁରେନ୍ଦର କୁମାର ଓ ଜୁନିୟର ବିଶ୍ୱକପ ବିଜୟୀ ଦଳ ସଦସ୍ୟ ହରମନପ୍ରୀତ ସିଂଙ୍କ ଉପସ୍ଥିତିରେ ଦଳର ଡିଫେନ୍ସ ବିଭାଗ ବେଶ୍ ଦୃଢ଼ ହୋଇଛି। ଓଡ଼ିଆ ଖେଳାଳି ଅମିତ ରୋହିଦାସଙ୍କ ପ୍ରଦର୍ଶନ ଭଲ ରହିଥିବାବେଳେ ବୀରେନ୍ଦ୍ର ଲାକ୍ରା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଦୁଇ ଖେଳାଳି ଘରୋଇ ଦର୍ଶକଙ୍କଠାରୁ ଅଧିକ ସମର୍ଥନ ପାଇବା ସ୍ୱାଭାବିକ। ବୀରେନ୍ଦ୍ର ଏବଂ ରୂପିନ୍ଦର ପାଲ୍‌ସିଂଙ୍କ ଉପସ୍ଥିତିରେ ଦଳର ବ୍ୟାକ୍ ଲାଇନ୍ ଶକ୍ତିଶାଳୀ ହୋଇଛି। ୨୦୧୮ ଏସିଆନ ଗେମ୍ସରେ ଭାରତୀୟ ଦଳର ଖରାପ ପ୍ରଦର୍ଶନ ପାଇଁ ରୂପିନ୍ଦରଙ୍କୁ ବାଦ୍ ଦିଆ ଯାଇଥିଲା। ମାତ୍ର ପରେ ସେ ପ୍ରଭାବୀ ପ୍ରଦର୍ଶନ କରି ପୁଣି ଦଳରେ ସ୍ଥାନ ପାଇବାକୁ ସକ୍ଷମ ହୋଇଛନ୍ତି। ସେହିପରି କ୍ୱାଲିଫାୟର୍ସ ପାଇଁ ଘୋଷିତ ୧୮ ଜଣିଆ ଦଳରେ ବୀରେନ୍ଦ୍ର ନ ଥିଲେ ହେଁ ବରୁଣ କୁମାର ଆହତ ହେବାରୁ ସେ ନିଜ ଦକ୍ଷତା ଦେଖାଇବାର ଆଉ ଏକ ସୁଯୋଗ ପାଇଛନ୍ତି। ଅଧିନାୟକ ମନପ୍ରୀତଙ୍କ ସମେତ ହାର୍ଦ୍ଦିକ ସିଂ, ନୀଳକାନ୍ତ ଶର୍ମା ଓ ବିବେକ ସାଗର ପ୍ରସାଦଙ୍କ ଉପରେ ଦଳର ମିଡ୍‌ଫିଲ୍ଡ ଭାରତ ରହିବ। ଅଗ୍ରଭାଗରେ ରହିବେ ମନଦୀପ ସିଂ, ଆକାଶଦୀପ ସିଂ, ଏସଭି ସୁନୀଲ, ରମଣଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ସିମରନଜିତ ସିଂ।




ରାଣୀ ରାମପାଲଙ୍କ ସହ କରମର୍ଦ୍ଦନ କରୁଛନ୍ତି ଆମେରିକା ଅଧିନାୟିକା କାଥଲିନ୍ ଶାର୍କି।

**କଳିଙ୍ଗରେ ଆଜିଠାରୁ ଅଲିମ୍ପିକ୍ କ୍ୱାଲିଫାୟର୍ସ**

## ଅଲିମ୍ପିକ୍ସ ଯୋଗ୍ୟତା ଏକମାତ୍ର ଲକ୍ଷ୍ୟ: ରାଣୀ

ଭାରତୀୟ ପୁରୁଷ ଦଳ ଅପେକ୍ଷା ମହିଳା ଦଳକୁ କଷ୍ଟକର ପରିସ୍ଥିତି ଦେଇ ଗତିକରିବାକୁ ପଡ଼ିବ। ଆମେରିକା ର୍‍ୟାଙ୍କିଙ୍ଗ୍‌ରେ ନିମ୍ନରେ ରହିଥିଲେ ହେଁ ନିକଟ ଅତୀତରେ ବହୁତ ଭଲ ପ୍ରଦର୍ଶନ କରିଛି। ଗତ ମହିଳା ହକି ବିଶ୍ୱକପରେ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଆମେରିକା। ଏହି ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିଲା। ଭାରତ ବିପକ୍ଷ ହେଡ୍ ଟୁ ହେଡ୍ ରେକର୍ଡରେ ମଧ୍ୟ ଆମେରିକା ବହୁ ଉପରେ ରହିଛି। ରାଣୀ ରାମପାଲଙ୍କ ନେତୃତ୍ୱରେ ଭାରତୀୟ ଦଳ ପ୍ରଭାବୀ ପ୍ରଦର୍ଶନ କରିଛି। ତେଣୁ ଆମେରିକାକୁ ଏଠାରେ କଡ଼ା ଟକ୍କର ଦେବା ଆଶା ରହିଛି। ରାଣୀଙ୍କ ବ୍ୟତୀତ ଡ୍ରାଗ୍‌ଫ୍ଲିକର ଗୁରଜିତ କୌର, ଯୁବ ଫରୱାର୍ଡ ଲାଲରେମସିଆମି ଏବଂ ଗୋଲକିପର ସବିତାଙ୍କ ଉପରେ ଦଳର ଭାଗ୍ୟ ଅନେକ ପରିମାଣରେ ନିର୍ଭର କରିବ। ଦଳରେ ସ୍ଥାନ ପାଇଥିବା ୩ ଓଡ଼ିଆ ଖେଳାଳି ଲିଲିମା ମିଞ୍ଜ, ଦୀପ୍ ଗ୍ରେସ୍ ଏକ୍କା ଓ ନମିତା ଟପ୍ପୋଙ୍କ ଉପରେ ମଧ୍ୟ ଦଳ ଅନେକ ନିର୍ଭର କରିବ। କଳିଙ୍ଗ ଷ୍ଟାଡିୟମର ୧୬,୦୦୦ ଦର୍ଶକଙ୍କ ସମ୍ମୁଖରେ ଭାରତୀୟ ମହିଳା ଦଳ ପ୍ରଥମଥରପାଇଁ ମ୍ୟାଚ ଖେଳିବ। ତେବେ ଘରୋଇ ପରିବେଶରୁ ଦଳକୁ ଫାଇଦା ମିଳିବ ଏବଂ ନିଜ ଦକ୍ଷତା ଉପରେ ନିର୍ଭର କରି ଭାରତ ଅଲିମ୍ପିକ୍ସ ଯୋଗ୍ୟତା ପାଇବାକୁ ଚେଷ୍ଟା କରିବ ବୋଲି ରାଣୀ ଆଶାପ୍ରକାଶ କରିଛନ୍ତି। ''ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଆମେ ଏସିଆନ ଗେମ୍ସକୁ ଟାର୍ଗେଟ କରିଥିଲୁ। ମାତ୍ର ଦୁର୍ଭାଗ୍ୟବଶତଃ ତାହା ହୋଇ ନ ପାରିବାରୁ ଆମେ ଏହି ଦୁଇ ମ୍ୟାଚ ଉପରେ ଏକାଗ୍ର ରହିଛୁ। କ୍ୱାଲିଫାୟର୍ସ ପାଇଁ ଆମେ ଭଲଭାବେ ନିଜକୁ ପ୍ରସ୍ତୁତ କରିଛୁ। ଷ୍ଟାଡିୟମଭରା ଘରୋଇ ଦର୍ଶକଙ୍କ ଗହଣରେ ଖେଳିବାକୁ ଯାଉଥିଲେ ହେଁ ଆମ ଉପରେ ଚାପ ନାହିଁ। ମ୍ୟାଚ ଆରମ୍ଭ ହ୍ୱିସିଲ ବାଜିବାକ୍ଷଣି ଆମେ ଆମ ରଣନୀତିକୁ ସଫଳ ରୂପ ଦେବାକୁ ଚାହିଁବୁ। କଳିଙ୍ଗ ଷ୍ଟାଡିୟମରେ ଖେଳିବାପାଇଁ ଆମେ ବ୍ୟଗ୍ର'' ବୋଲି ରାଣୀ ପ୍ରକାଶ କରିଛନ୍ତି। ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ମଧ୍ୟ ସମାନ ମତ ଦେଇଛନ୍ତି। ''ଏହି ୨ଟି ମ୍ୟାଚକୁ ଆମେ ପୂରା ବର୍ଷ ଅପେକ୍ଷା କରି ରହିଛୁ। ଆମେ ଏହି ମ୍ୟାଚ ଖେଳିବୁ ବୋଲି ନିଶ୍ଚିତ ଥିଲେ ହେଁ କେଉଁ ଦଳ ବିପକ୍ଷରେ ଏବଂ କେଉଁ ଗ୍ରାଉଣ୍ଡରେ ଖେଳିବୁ ପ୍ରଥମେ ଜାଣି ନ ଥିଲୁ। କେବଳ ନିଜକୁ ଭଲଭାବେ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇଥିଲୁ। ଏବେ ସେ କ୍ଷଣ ଆସିଯାଇଛି ଏବଂ ଆମେ ପ୍ରସ୍ତୁତ'' ବୋଲି ମାରିଜନେ କହିଛନ୍ତି।

ଅନ୍ୟପକ୍ଷରେ ଆମେରିକା ମହିଳା ହକି ଦଳର ଅଧିନାୟିକା କାଥଲିନ୍ ଶାର୍କି କହିଛନ୍ତି ଯେ ଭାରତୀୟ ଦଳର ପ୍ରଦର୍ଶନରେ ନିକଟ ଅତୀତରେ ବହୁତ ଉନ୍ନତି ପରିଲକ୍ଷିତ ହୋଇଛି। ଆମେ ଏହି ଦଳକୁ ଯେତେଥର ଭେଟିଛୁ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଛି। ତେଣୁ ଆଗାମୀ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବା ଆଶା। ଗତ କିଛିଦିନ ଧରି ଆମେ ଏଠାରେ ପରିବେଶ ସହିତ ନିଜକୁ ଖାପ୍ ଖୁଆଇବାକୁ ଚେଷ୍ଟା କରୁଛୁ।

# ପ୍ରଥମଥର ପାଇଁ ଆନ୍ତଃସ୍କୁଲ ଗେଟ୍‌ବଲ



ଆନ୍ତଃସ୍କୁଲ ଗେଟ୍‌ବଲ ଚାମ୍ପିୟନଶିପ୍ ସମ୍ପର୍କରେ ସୂଚନା ଦେବା ଅବସରରେ କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ଗେଟ୍‌ବଲ୍ ୟୁନିୟନ(ଆଇଜିୟୁ) ଆନୁକୂଲ୍ୟରେ ଭୁବନେଶ୍ୱରରେ ପ୍ରଥମଥର ପାଇଁ ଆନ୍ତଃ ସ୍କୁଲ ଗେଟ୍‌ବଲ ଚାମ୍ପିୟନଶିପ୍ ଚଳିତ ମାସ ୩ ତାରିଖରେ ଅନୁଷ୍ଠିତ ହେବ। ୟୁନିଟ୍-୯ ବାଳିକା ବିଦ୍ୟାଳୟ ଗ୍ରାଉଣ୍ଡରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୪ଟି ଦଳ ଅଂଶଗ୍ରହଣ କରିବେ ବୋଲି ଗୁରୁବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ପ୍ରକାଶ କରିଛନ୍ତି। ଅଂଶଗ୍ରହଣ କରିବାକୁ ଯାଉଥିବା ଦଳଗୁଡ଼ିକ ହେଲା ୟୁନିଟ୍-୧ ବାଳକ, ୟୁନିଟ୍-୧ ବାଳିକା, ୟୁନିଟ୍-୨ ବାଳିକା, କ୍ୟାପିଟାଲ ହାଇସ୍କୁଲ, ବନବାସୀ କଲ୍ୟାଣ ଆଶ୍ରମ, ସତ୍ୟସାଇ ବାଳିକା ବିଦ୍ୟାଳୟ, ୟୁନିଟ୍-୪ ବାଳିକା ଉଚ୍ଚ ବିଦ୍ୟାଳୟ, ରାମକୃଷ୍ଣ ବିଦ୍ୟାପୀଠ ବାଳିକା ଓ ବାଳକ, ଆଇଆର୍‌ସି ଭିଲେଜ, କିସ୍ ସ୍କୁଲ ବାଳିକା ଓ ବାଳକ, ଓଡିଏମ୍ ସ୍କୁଲ ବାଳକ ଏ', ବାଳକ ବି' ଏବଂ ବାଳିକା, ପଳାଶୁଣୀ ହାଇସ୍କୁଲ, ୟୁବିଏସ୍‌ଏସ୍ ଟିମ୍, ଜାଭିୟର କେଦାରଗୌରୀ, ଡିଏଭି ପୋଖରୀପୁଟ, ୟୁନିଟ୍-୯ ବାଳିକା ବିଦ୍ୟାଳୟ, ଫ୍ୟୁଚର ଭୁବନେଶ୍ୱର ସ୍କୁଲ, ଡିଏମ୍ ସ୍କୁଲ, ଭିଇଏମ୍ ସ୍କୁଲ ଚନ୍ଦ୍ରଶେଖରପୁର ଓ ରସୁଲଗଡ଼।

ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଲିଗ୍ ମ୍ୟାଚ୍ ପରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ଏବଂ ସର୍ବାଧିକ ସ୍କୋର କରିଥିବା ପରବର୍ତ୍ତୀ ୨ଟି ଲେଖାଏ ଦଳକୁ ନେଇ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଅତିକ୍ରମ୍‌ରେ ସେମିଫାଇନାଲରେ ପ୍ରବେଶ କରିଥିବା ଦଳଗୁଡ଼ିକୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ। ତେବେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ପ୍ରକାଶ କରାଯାଇଛି। ୩ ତାରିଖ ସକାଳ ୮ଟାରେ ଉଦ୍‌ଘାଟନୀ ସମାରୋହ ପରେ ଲିଗ୍ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଅପରାହ୍ନରେ କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହୋଇ ୫ଟା ୩୦ରେ ଉଦ୍‌ଯାପନୀ ସମାରୋହ ଆୟୋଜନ ହେବ। ସ୍କୁଲ ପିଲାଙ୍କୁ ନେଇ ପ୍ରଥମଥର ପାଇଁ ଏପରି ଏକ ପ୍ରତିଯୋଗିତା କରିବାକୁ ଯାଉଥିବା ଆସୋସିଏଶନର ସଦସ୍ୟମାନେ ଏହାକୁ ସଫଳ କରାଇବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ଅନ୍ତର୍ଜାତୀୟ ଗେଟ୍‌ବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ବିଦେଶର ବହୁ ଦଳ ଅଂଶଗ୍ରହଣ କରିବେ ବୋଲି କୁହା ଯାଇଛି। ଖବରଦାତା ସମ୍ମିଳନୀରେ ଟ୍ରଷ୍ଟି ସଞ୍ଜୟ ପଟ୍ଟନାୟକ, ଇଣ୍ଡିଆନ ଗେଟ୍‌ବଲ୍ ୟୁନିୟନ ସଭାପତି ଦୈପାୟନ ପଟ୍ଟନାୟକ, ସମ୍ପାଦକ ଦିଲୀପ ଦାସ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର, ୟୁନିଟ୍-୯ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଶ୍ ଚନ୍ଦ୍ର ମହାପାତ୍ର, ଖେଳ ଶିକ୍ଷୟିତ୍ରୀ ଉର୍ମିଳା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମତୃପ୍ତିର ସ୍ଥାନ ନାହିଁ: ରିଡ୍

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି)

ପେସାଦାର ଖେଳରେ ଆତ୍ମତୃପ୍ତିର ସ୍ଥାନ ନାହିଁ। ର୍‍ୟାଙ୍କିଙ୍ଗ୍‌ରେ ଉଚ୍ଚ ହୋଇଥାଉ ବା ନୀଚ, ପ୍ରତି ଦଳକୁ ସମ୍ମାନ ଦେଇ ଖେଳିବାକୁ ରୁଷିଆ ବିପକ୍ଷ ଅଲିମ୍ପିକ୍ କ୍ୱାଲିଫାୟର୍ସ ମ୍ୟାଚ୍ ପୂର୍ବରୁ ଭାରତୀୟ ପୁରୁଷ ହକି ଖେଳାଳିଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟ କୋଚ୍ ଗ୍ରାହମ ରିଡ୍। ଗତ ସପ୍ତାହରେ ହୋଇଯାଇଥିବା ଅଲିମ୍ପିକ୍ କ୍ୱାଲିଫାୟର୍ସ ମ୍ୟାଚ୍‌ରୁ ଆମକୁ ଶିଖିବାକୁ ପଡ଼ିବ। ପ୍ରତିପକ୍ଷକୁ ସମ୍ମାନ ଦେଇ ସବୁବେଳେ ନିଜେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ। ଆମେ ଭଲଭାବେ ପ୍ରସ୍ତୁତି କରିଥିବାରୁ ଆଗାମୀ ଚ୍ୟାଲେଞ୍ଜ ପାଇ ପ୍ରସ୍ତୁତ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରିଡ୍ ପ୍ରକାଶ କରିଛନ୍ତି। ୨ଟି ମ୍ୟାଚ୍ ପରେ ଯଦି ଉଭୟ ଦଳର ବିଜୟ ଏବଂ ଗୋଲ ସଂଖ୍ୟା ସମାନ ହୁଏ ତେବେ ପେନାଲ୍ଟି ଶୁଟ୍‌ଆଉଟରେ ବିଜେତା ନିର୍ଣ୍ଣୟ ହେବ। ଏହା ଉପରେ ପ୍ରସ୍ତୁତି ସମ୍ପର୍କରେ ରିଡ୍ କହିଲେ ଯେ, ଆମେ ଟ୍ରେନିଂ ସେସନରେ ଶୁଟ୍‌ଆଉଟ ଉପରେ ମଧ୍ୟ ଗୁରୁତ୍ୱ ଦେଇଛୁ। ଆମେ ମୋଟ୍ ୬ ସେସନ ଅଭ୍ୟାସ କରିଛୁ। ଏହା ମଧ୍ୟରୁ ୫ ଟ୍ରେନିଂ ସେସନରେ ଶୁଟ୍‌ଆଉଟକୁ ଗୁରୁତ୍ୱ ଦେଇଛୁ। ସବୁ ପିଲା ଏଥିପାଇଁ ପ୍ରସ୍ତୁତ ଅଛନ୍ତି। ପରିସ୍ଥିତି ଆସିଲେ କେଉଁ ଖେଳାଳି ଶୁଟ୍ କରିବାକୁ ଯିବେ ତାହା ସ୍ଥିର କରାଯିବ।




ଅଧିନାୟକ ମନପ୍ରୀତ ସିଂଙ୍କ ସହ କୋଚ୍ ଗ୍ରାହାମ୍ ରିଡ୍।

### ସିନିୟରଙ୍କୁ ଦାୟିତ୍ୱ ନେବାକୁ ହେବ: ମନପ୍ରୀତ

ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ ମଧ୍ୟ କୋଚ୍‌ଙ୍କ ସହ ଏକମତ ହୋଇଛନ୍ତି। ସିନିୟର ଖେଳାଳିମାନେ ଦାୟିତ୍ୱ ନେଇ ଖେଳିଲେ ଜୁନିୟର ଖେଳାଳିମାନେ ଆତ୍ମତୃପ୍ତିରୁ ଦୂରେଇ ରହିପାରିବେ। ଆମେ ଏଠାକୁ ଆସିବା ପରଠାରୁ କେବେହେଲେ ପ୍ରତିପକ୍ଷ ଦଳକୁ ହେୟ ମନେ କରିନାହୁଁ। କ୍ୱାଲିଫାୟର୍ସ ଜିତିବା ଆମର ଏକମାତ୍ର ଲକ୍ଷ୍ୟ। ରୂପିନ୍ଦରପାଲ ସିଂ ଏବଂ ପିଆର ଶ୍ରୀଜେଶଙ୍କ ପରି ସିନିୟର ଖେଳାଳିମାନେ ଜୁନିୟର ଖେଳାଳିଙ୍କ ସହିତ ଆଲୋଚନା ବେଳେ ଆଗାମୀ ମୁକାବିଲା କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ଅବଗତ କରାଇଛନ୍ତି। ରୁଷିଆ ଲୋ ର୍‍ୟାଙ୍କ୍‌ପ୍ରାପ୍ତ ଦଳ ହୋଇଥିଲେ ହେଁ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି। ଭାରତୀୟ ଦଳ ବେଶ୍ ସନ୍ତୁଳିତ ବୋଲି ଅନୁଭବ କରୁଛନ୍ତି ମନପ୍ରୀତ। ଏସ୍‌ଭି ସୁନୀଲ, ଲଳିତ ଉପାଧ୍ୟାୟ, ରୂପିନ୍ଦରପାଲ ସିଂ, ବୀରେନ୍ଦ୍ର ଲାକ୍ରାଙ୍କ ଅଭିଜ୍ଞତା ମ୍ୟାଚ୍‌ରେ ଫରକ ଆଣିବ। ଯୁବ ଖେଳାଳିଙ୍କ ମଧ୍ୟରେ ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା ଓ ହାର୍ଦ୍ଦିକ ସିଂ ଭଲ ଫର୍ମରେ ଅଛନ୍ତି। ଆମେ ବେଲ୍‌ଜିୟମ ଟୁର୍‌ରୁ ଅନେକ କିଛି ଶିଖିଛୁ। ଖେଳାଳିଙ୍କ ଫିଟ୍‌ନେସ୍ ସ୍ତର ମଧ୍ୟ ବେଶ୍ ଭଲ ଅଛି। ତେଣୁ ଆମେ ପ୍ରତିପକ୍ଷ ଦଳର ଶକ୍ତି କିମ୍ବା ଦୁର୍ବଳତାକୁ ନ ଦେଖି ନିଜର ଶ୍ରେଷ୍ଠ ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେଉଛୁ। କ୍ୟାମ୍ପରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ଭଲ ଖେଳୁଥିବାରୁ କୋଚ୍‌ଙ୍କୁ ଚୂଡ଼ାନ୍ତ ୧୮ ଜଣିଆ ଦଳ ବାଛିବା କଷ୍ଟକର ହୋଇପଡ଼ିଛି ବୋଲି ମନପ୍ରୀତ ସ୍ୱୀକାର କରିଛନ୍ତି।

## ସଂକ୍ଷେପରେ

### ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ଶିବ ଥାପ୍ପା, ପୂଜାଙ୍କୁ ସ୍ୱର୍ଣ୍ଣ

ଟୋକିଓ, ୩୧।୧୦ (ପି.ଟି.)- ଦୁଇ ଭାରତୀୟ ବକ୍ସର ଶିବ ଥାପ୍ପା ଓ ପୂଜାରାଣୀ ଏଠାରେ ଚାଲିଥିବା ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନ୍ୟତମ ବକ୍ସର ଆଶିଷଙ୍କୁ କିନ୍ତୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପୁରୁଷ ୬୩ କିଗ୍ରା ଫାଇନାଲରେ ଚାରିଥର ଏସିଆନ ପଦକ ବିଜେତା ଶିବ ୫-୦ରେ କାଜାଖସ୍ତାନର ଜାତୀୟ ଚାମ୍ପିୟନ ସନତାଲି ତୋଲତାୟେଭଙ୍କୁ ପରାସ୍ତ କରିଛନ୍ତି। ଥାପ୍ପା ମଧ ବର୍ତ୍ତମାନ ଜାତୀୟ ଚାମ୍ପିୟନ ରହିଥିବାବେଳେ ପୂର୍ବରୁ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ମଧ ଜିତି ସାରିଛନ୍ତି। ସେହିଭଳି ମହିଳା ୭୩ କିଗ୍ରା ବିଭାଗରେ ପୂଜା ଅଷ୍ଟ୍ରେଲିଆର କାଟଲିନ ପାର୍କରଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଷ ୬୯ କିଗ୍ରାରେ କିନ୍ତୁ ଆଶିଷ ନିରାଶ କରିଥିଲେ। ଫାଇନାଲରେ ସେ ଜାପାନର ସିଓ୍ୱନ ଓକାଭାଓ୍ୱାଙ୍କ ନିକଟରୁ ହାରି ରୌପ୍ୟ ପଦକ ପାଇଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାରେ ନିଖାତ୍ ଜରିନ (୫୧ କିଗ୍ରା), ସିମରନଜିତ୍ କୌର (୬୦ କିଗ୍ରା), ସୁମିତ୍ ସାଙ୍ଗଓ୍ୱାନ (୯୧ କିଗ୍ରା) ଓ ଭାଲିମ୍ପୁଇ (୭୫ କିଗ୍ରା) ସେମିଫାଇନାଲରେ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଥିଲେ।

### ବକ୍ସିଂ ଆଥ୍‌ଲେଟ୍ ଆମ୍ବାସାଡର ଗ୍ରୁପ୍‌ରେ ମେରୀକମ୍



ନୂଆଦିଲ୍ଲୀ, ୩୧।୧୦ (ପି.ଟି.)- ଆସନ୍ତା ବର୍ଷ ଟୋକିଓରେ ହେବାକୁ ଥିବା ଅଲିମ୍ପିକ୍ସରେ ବକ୍ସିଂରୁ ପ୍ରତିନିଧିତ୍ୱ ପାଇଁ ଆଇଓସି ପକ୍ଷରୁ ଗଠିତ ୧୦ ଜଣିଆ ଆଥ୍‌ଲେଟ୍ ଆମ୍ବାସାଡର ଗ୍ରୁପ୍‌ରେ ଛ'ଥର ବିଶ୍ୱ ବିଜୟିନୀ ଷ୍ଟାର୍ ଭାରତୀୟ ବକ୍ସର ଏମ୍.ସି. ମେରୀକମ୍‌ଙ୍କୁ ସାମିଲ କରାଯାଇଛି। ଏହି ଗ୍ରୁପ୍‌ରେ ମେରୀକମ୍ ଏସିଆରୁ ପ୍ରତିନିଧିତ୍ୱ କରିବେ, ଯେଉଁଥିରେ ଦୁଇଥର ଅଲିମ୍ପିକ ଓ ବିଶ୍ୱ ସ୍ୱର୍ଣ୍ଣ ପଦକ ବିଜେତା ୟୁକ୍ରେନର କିମ୍ବଦନ୍ତୀ ଭାସେଲ ଲାମାଚେଙ୍କୋ (ୟୁରୋପ୍) ଏବଂ ପାଞ୍ଚଥର ବିଶ୍ୱ ବିଜେତା କ୍ୟୁବାର ଜୁଲିଓ କେସାର ଲା କ୍ରୁଜ (ଆମେରିକା) ପ୍ରମୁଖ ରହିଛନ୍ତି। ୩୬ ବର୍ଷୀୟା ମେରୀକମ୍ ରୁଷିଆରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଚାମ୍ପିୟନଶିପ୍‌ର ସଦ୍ୟତମ ସଂସ୍କରଣରେ ୫୧ କିଗ୍ରା ବିଭାଗରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ତାଙ୍କର ଏହା ୮ମ ପଦକ ଥିଲା। ଏଥିସହ ଏହି ମଣିପୁର ଷ୍ଟାର୍ ବିଶ୍ୱ ଚାମ୍ପିୟନଶିପ୍ ଇତିହାସରେ ସବୁଠାରୁ ସଫଳତମ ବକ୍ସର ହେବାର କୃତିତ୍ୱ ଅର୍ଜନ କରିଥିଲେ। ମେରୀକମ୍ ଏହା ବ୍ୟତୀତ ୫ଥର ଏସିଆ ଚାମ୍ପିୟନ ହୋଇଥିବାବେଳେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ମଧ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ଭାରତ ବି'ର ବୃହତ୍ ବିଜୟ

**ରାଞ୍ଚି, ୩୧।୧୦ (ପି.ଟି.)**

ଓପନର ରୁତୁରାଜ ଗାଏକ୍ୱାଡ ଓ ବାବା ଅପରାଜିତଙ୍କ ଦମ୍‌ଦାର ଶତକ ସହାୟତାରେ ଭାରତ ବି' ଏଠାରେ ଖେଳାଯାଇଥିବା ଦେଓଧର ଟ୍ରଫିର ପ୍ରାରମ୍ଭିକ ଦିନିକିଆ ମ୍ୟାଚ୍‌ରେ ଭାରତ ଏ'କୁ ବୃହତ୍ ୧୦୮ ରନ୍‌ରେ ପରାସ୍ତ କରିଛି। ସ୍ଥାନୀୟ ଝାଡ଼ଖଣ୍ଡ ଷ୍ଟେଟ୍ କ୍ରିକେଟ ଆସୋସିଏଶନ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଗୁରୁବାର ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ବି' ୫୦ ଓଭରରେ ୬ ଉଇକେଟ ହରାଇ ୩୦୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତ ଏ' ୪୭.୨ ଓଭରରେ ୧୯୪ ରନ୍ କରି ଅଲ୍‌ଆଉଟ ହେବା ସହ ପରାସ୍ତ ହୋଇଛି। ଏହି ବିଜୟ ସହ ଭାରତ ବି' ୪ ପଏଣ୍ଟ ହାସଲ କରିଛି।

୩୦୩ ରନ୍ ଟାର୍ଗେଟ୍‌ର ପିଛାକରି ଭାରତ ଏ' ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ନିୟମିତ ଭାବେ ଉଇକେଟ ହରାଇଥିଲା। ଅଧିନାୟକ ହନୁମା ବିହାରୀ ସର୍ବାଧିକ ୫୯ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଦଳ ତରଫରୁ ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଷନ ୨୬, ଅମନଦୀପ ଖାରେ ୨୫, ଓପ୍‌ନର ଅଭିମନ୍ୟୁ ଇଶ୍ୱରନ ୨୦, ଶାହବାଜ ଅହମ୍ମଦ ୧୮, ବିଷ୍ଣୁ ବିନୋଦ ୧୧, ଦେବଦୂତ ପଡିକାଲ ୧୦ ରନ୍ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ବି' ତରଫରୁ ରୁଷ୍ କାଲାରିଆ ୩, ମହମ୍ମଦ ସିରାଜ ୨, କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଶତକ ହାସଲ ଅବସରରେ ରୁତୁରାଜ ଗାଏକ୍ୱାଡ।

### ଦେଓଧର ଟ୍ରଫି

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ବି' ତରଫରୁ ରୁତୁରାଜ ଗାଏକ୍ୱାଡ ୮ ଚୌକା ଓ ୪ ଛକା ସହ ୧୨୨ ବଲରୁ ୧୧୩ ରନ୍‌ର ଶତକୀୟ ପାଳି ଖେଳିଥିଲେ। ସେହିପରି ବାବା ଅପରାଜିତ ୬ ଚୌକା ଓ ୨ ଛକା ସହ ୧୦୧ ବଲ୍‌ର ସମ୍ମୁଖୀନ ହୋଇ ୧୦୧ ରନ୍ କରି ରନ୍‌ଆଉଟ ହୋଇଥିଲେ। ବିଜୟ ଶଙ୍କର ୨୬ ରନ୍ କରି ଆଉଟ ହୋଇଥିବା ବେଳେ ଗୋଥାମ ୧୯ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ଏ' ପକ୍ଷରୁ ଜୟଦେବ ଉନାଡକଟ ଓ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଲେଖାଏ, ସିଦ୍ଧାର୍ଥ କାଉଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଭାରତ ବି'– ୫୦ ଓଭରରେ ୩୦୨/୬ (ଗାଏକ୍ୱାଡ– ୧୧୩, ଅପରାଜିତ– ୧୦୧, ଅଶ୍ୱିନ– ୨/୪୦, ଉନାଡକଟ– ୨/୪୭)।

ଭାରତ ଏ'– ୪୭.୨ ଓଭରରେ ୧୯୪ ଅଲ୍‌ଆଉଟ (ବିହାରୀ– ୫୯, କାଲାରିଆ– ୩/୨୦, ସିରାଜ– ୨/୩୦)।




ପ୍ରଥମ ବର୍ଷ ଜନ୍ମଦିନ ଶୁଭେଚ୍ଛା

ସାଇ (ଦିବ୍ୟାଂଶ)
ଏ/ଏଲ–୩୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ଆଜି ତୋର ପ୍ରଥମ ଜନ୍ମଦିନରେ ଶ୍ରୀଜଗନ୍ନାଥ ଓ ମା' ତାରିଣୀଙ୍କ କୃପାରୁ ତୋ'ର ଜୀବନ ସୁଖମୟ ହେଉ। ଏହାହିଁ ଆମର ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ:
ଜେଜେ, ଜେଜେମା', ଅଜା, ଆଇ, ପିଉସା, ପିଉସୀମା', ମାମୁ, ଦିଦି, ମଉସା, ମାଉସୀ, ବାପା, ମା', ଓ ବନ୍ଧୁବର୍ଗ।
ଧ–୧୪୯୨୬



ଜନ୍ମଦିନ ଶୁଭେଚ୍ଛା

ଓଁ ମା' ଶାରଳା ସହାୟ
ଶାଶ୍ୱତ ଚନ୍ଦ୍ର ନାଥ (ବାପୁନି)
ଅଁଳୋ, କଟକ
ଆଜି ତୋର ୧୩ତମ ଜନ୍ମବାର୍ଷିକ ଉପଲକ୍ଷେ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
ଶୁଭେଚ୍ଛା ସହ:
ଜେଜେମା', ଜେଜେବାପା, ଆଈ, ପିଉସୀ, ପିଉସା, ବାବା, ମାମା, ମାମୁ, ମାଇଁ, ଚୁଇଁଦିଦି, ଗୁଡୁଭାଇ ଏବଂ ସମସ୍ତ ନାଥ ପରିବାରବର୍ଗ।
ଧ–୧୫୦୦୫


## ୨ରେ ଉନ୍ମୋଚିତ ହେବ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପ୍ରତୀକ

**ମୁମ୍ବାଇ,୩୧।୧୦(ପି.ଟି.)**

ଆସନ୍ତା ବର୍ଷ ଭାରତରେ ହେବାକୁ ଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ପ୍ରତୀକ ଆସନ୍ତା ଶନିବାର ତଥା ନଭେମ୍ବର ୨ ତାରିଖରେ ଏଠାରେ ଏକ ଉତ୍ସବରେ ଉନ୍ମୋଚିତ ହେବ। ଇଭେଣ୍ଟ ଆୟୋଜନ ହେବାର ଠିକ୍ ଏକ ବର୍ଷ ପୂର୍ବରୁ ଏହି ଉନ୍ମୋଚନ କାର୍ଯ୍ୟକ୍ରମ କରାଯିବ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ, ଫିଫାର ମହିଳା ଫୁଟ୍‌ବଲ ମୁଖ୍ୟ ଅଫିସର ସରାଇ ବରେମାନ, ଏଲ୍‌ଓସି ଚେୟାରମ୍ୟାନ ପ୍ରଫୁଲ୍ଲ ପଟେଲଙ୍କ ସମେତ ଦୁଇଥର ବିଶ୍ୱକପ୍ ଚାମ୍ପିୟନ କ୍ରିଷ୍ଟିନ ଲିଲି ଏହି ଅବସରରେ ଉପସ୍ଥିତ ରହିବେ ବୋଲି ଏକ ବିବୃତିରେ କୁହାଯାଇଛି। ଏହା ଭାରତରେ ହେବାକୁ ଥିବା ଦ୍ୱିତୀୟ ଫିଫା ଇଭେଣ୍ଟ। ସୂଚନାଯୋଗ୍ୟ, ୨୦୧୭ରେ ଭାରତ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ୍‌ର ସଫଳ ଆୟୋଜନ କରିଥିଲା। ଉକ୍ତ ଇଭେଣ୍ଟରେ ଇଂଲଣ୍ଡ ଚାମ୍ପିୟନ ହୋଇଥିଲା।

# ଛତିଶଗଡ଼ଠାରୁ ହାରିଲା ଓଡ଼ିଶା

**କଟକ ଅଫିସ,୩୧।୧୦**

ଡେରାଡୁନସ୍ଥିତ ଅଭିମନ୍ୟୁ କ୍ରିକେଟ ଏକାଡେମୀରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୬ଉଇକେଟରେ ଛତିଶଗଡ଼ଠାରୁ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୯ ଉଇକେଟ ବିନିମୟରେ ୨୦୯ରନ କରିଥିଲା। ୪ ଉଇକେଟ ହରାଇ ଛତିଶଗଡ଼ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ପ୍ରତିଯୋଗିତାରେ ଓଡ଼ିଶା ଏଲିଟ୍ ଗ୍ରୁପ–ସି'ରେ ସ୍ଥାନ ପାଇଛି।

ଛତିଶଗଡ଼ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ପ୍ରଥମ ଓଭରର ଶେଷ ବଲରେ ଅଧିନାୟକ ସନ୍ଦୀପ ପଟ୍ଟନାୟକ ଖାତା ଖୋଲିବା ପୂର୍ବରୁ ସିଦ୍ଧାର୍ଥ ଶିବ ଅଗ୍ରୱାଲଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ପରେ ସ୍ୱସ୍ତିକ ସାମଲ ଓ ଦେବାଶିଷ ସାମନ୍ତରାୟ ୨ୟ ଉଇକେଟ ଯୋଡ଼ିରେ ୪୩ରନ ସଂଗ୍ରହ କରିଥିଲେ। ସ୍ୱସ୍ତିକ ୧୫ରନରେ ଆଉଟ ହେବା ପରେ ଓଡ଼ିଶାର ମଧ୍ୟକ୍ରମ ବିଫଳ ହୋଇଥିଲା। ସୌଭାଗ୍ୟ ରଞ୍ଜନ ମିଶ୍ର ୮, କ୍ଷମାସାଗର ବଳ ୩, ସୋମେନ ଚାନ୍ଦ ୧୧ରନରେ ଆଉଟ ହୋଇଥିଲେ। ସ୍ପିନର ରାଜକିଶନ ପଟେଲ ୨୫ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ୧୪୦ବଲରୁ ୮୬ରନ ସଂଗ୍ରହ କରି ଦେବାଶିଷ ଅନ୍ତିମ ପର୍ଯ୍ୟନ୍ତ ଅପରାଜିତ ଥିଲେ। ଜାମେଲା ଭଞ୍ଜନ ମହାପାତ୍ର ୦, ତାରିଣୀ ଶ' ୧୩ ରନ, ରାହୁଲ ଚୌଧୁରୀ ୨ରନ ଓ ପ୍ରୀତ କନୱର ସିଂ ଚୌହାନ ୧ରନରେ ଆଉଟ ହୋଇଥିଲେ। ଛତିଶଗଡ଼ ପକ୍ଷରୁ ଆକାଶ ସାକ୍ସେନା, ଏମ୍. ସାମୁଏଲ ଓ ଆଶିଷ ପାଣ୍ଡେ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ୨୧୦ ରନର ବିଜୟଲକ୍ଷ୍ୟକୁ ସହଜରେ ସଂଗ୍ରହ କରିଥିଲା ଛତିଶଗଡ଼। ଓପନର ସାନିଧ ହୁରକତ ଓ ଆଶିଷ ପାଣ୍ଡେ ଓପନିଂ ଯୋଡ଼ିରେ ୧୧୦ରନ ଯୋଗ କରିଥିଲେ। ଆଶିଷ ୫୧ରନର ଧୁଆଁଧାର ଇନିଂସ ଖେଳିଛନ୍ତି। ସାନିଧ ୩୬ରନ, ପ୍ରତୀକ ଯାଦବ ୮ରନ, ସଞ୍ଜିତ ଜିତେନ୍ଦ୍ର ୩୯ରନରେ ଆଉଟ ହୋଇଥିଲେ। ସଞ୍ଜିତ ଦେଶାଇ ୩୫ରନ ଓ ଅଧିନାୟକ ମହମ୍ମଦ ହୁସେନ ୭ରନରେ ଅପରାଜିତ ଥିଲେ। ଓଡ଼ିଶା ପକ୍ଷରୁ ଜାମେଲା ଭଞ୍ଜନ ୩ଟି ଉଇକେଟ ଅକ୍ତିଆର କରିଥିଲେ।



ଇଣ୍ଡିଆନ୍ ସୁପରଲିଗ୍‌ରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଦୃଢ଼ ସ୍ଥିତିରେ ଓଡ଼ିଶା

**କଟକ ଅଫିସ,୩୧।୧୦**

ଗୁଆହାଟୀର ଏସିଏ ଷ୍ଟାଡିୟମରେ ବୁଧବାରଠାରୁ ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା–ଆସାମ ବିପକ୍ଷ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୯୩ ରନରେ ଅଲଆଉଟ ହୋଇଥିବା ବେଳେ ଓଡ଼ିଶା ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୩ ଉଇକେଟ ବିନିମୟରେ ୧୦୧ରନ କରିବା ସହ ୮ରନର ଅଗ୍ରଣୀ ହାସଲ କରିଛି। ଚଳିତ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ଏଯାବତ ଉଚ୍ଚକୋଟୀର ରହିଛି। ୩ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶା ଏପର୍ଯ୍ୟନ୍ତ ପରାସ୍ତ ହୋଇନାହିଁ। ପ୍ରଥମ ଦୁଇ ମ୍ୟାଚରେ ଯଥାକ୍ରମେ ତ୍ରିପୁରାକୁ ୭୯ରନରେ ଓ ବିହାରକୁ ୪୫ରନରେ ପରାସ୍ତ କରିଥିବା ବେଳେ ଝାଡ଼ଖଣ୍ଡ ବିପକ୍ଷ ୩ୟ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଉଭୟ ଦଳ ପଏଣ୍ଟ ବାଣ୍ଟି ନେଇଥିଲେ। ଆସାମ ବିପକ୍ଷ ମ୍ୟାଚ୍‌ରେ ମଧ ଓଡ଼ିଶା ବିଜୟୀ ହେବ ବୋଲି ଆଶା ରହିଛି।

ଆସାମ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଏହି ମ୍ୟାଚ୍‌ରେ ଓଡ଼ିଶାର ତାରିଣୀ ପ୍ରସାଦ ନାୟକ ୫ଟି ଓ ଓମ୍‌ପ୍ରକାଶ ସାହୁ ୪ଟି ଉଇକେଟ ଦଖଲ କରି ଆସାମର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଆସାମ ଉଇକେଟ କିପର ଇର୍ଫାନ ଅନସାରୀ ସର୍ବାଧିକ ୨୬ରନ କରିଥିଲେ। ଓଡ଼ିଶାର ଦୁଇ ଓପନର ତନୟ କୁମାର ବିଶ୍ୱାଳ ୧୯ରନରେ ଓ ଆଶୀର୍ବାଦ ସ୍ୱାଇଁ ୩୪ରନରେ, ବ୍ୟାଟିଂ କ୍ରମ ୪ ନମ୍ବରରେ ଆସିଥିବା ସୁଦର୍ଶନ ସ୍ୱାଇଁ ୯ରନରେ ଆଉଟ ହୋଇଛନ୍ତି। ସାଇଦୀପ ମହାପାତ୍ର ୨୩ ଓ ଶୁଭମ ନାୟକ ୨ରନ କରି ଅପରାଜିତ ଅଛନ୍ତି। ଆସାମର ଅଙ୍କୁର ଗୋଗେଇ ୨ଟି ଉଇକେଟ ଦଖଲ କରିଥିଲେ। ଓଡ଼ିଶା ଅବଶିଷ୍ଟ ୭ ଉଇକେଟରେ ବିଶାଳ ଅଗ୍ରଣୀ ହାସଲର ସୁଯୋଗ ସୃଷ୍ଟି କରିଛି।

# 'କୋଟ୍‌ଲା ଟି୨୦ ବାତିଲ ହେବନାହିଁ'

**କୋଲକାତା, ୩୧।୧୦ (ପି.ଟି.)**

ରାଜଧାନୀ ଦିଲ୍ଲୀ ବାୟୁମଣ୍ଡଳର ମାନ ଖରାପ ଆଡକୁ ଗତି କରୁଥିଲେହେଁ ବାଂଲାଦେଶ ବିପକ୍ଷ ଓପନିଂ ଟି୨୦ ମ୍ୟାଚ ଶେଷ ମୁହୂର୍ତ୍ତରେ ବାତିଲ ହେବ ନାହିଁ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଭବିଷ୍ୟତରେ ଦୀପାବଳି ପରେ ପରେ ଉତ୍ତର ଭାରତର କୌଣସି ଭେନ୍ୟୁରେ ମ୍ୟାଚ ଖେଳା ନ ଯାଇ ପାରେ ବୋଲି ସେ କହିଛନ୍ତି। ହରିୟାଣା ଓ ପଞ୍ଜାବର ଶସ୍ୟକ୍ଷେତ୍ରରେ ନିଆଁ ଲଗାଯିବା ସହ ଦୀପାବଳି ପାଳନ ବେଳେ ବାଣ ଫୁଟା ଦ୍ୱାରା ଜାତୀୟ ରାଜଧାନୀ ଅଞ୍ଚଳ (ଏନସିଆର୍)ରେ ପ୍ରତ୍ୟେକ ବର୍ଷ ବାୟୁମଣ୍ଡଳର ମାନ ହ୍ରାସ ପାଇଥାଏ। ଏ ନେଇ ହୁଏତ ପୂର୍ବରୁ ନିଷ୍ପତ୍ତି ନିଆଯାଇ ପାରିଥାନ୍ତା। ବର୍ତ୍ତମାନ ସମ୍ଭବ ନୁହେଁ। ମ୍ୟାଚ ଦେଖିବା ଲାଗି ଲୋକେ ଆଗ୍ରହର ସହିତ ଟିକେଟ କ୍ରୟ କରି ସାରିଲେଣି ବୋଲି ଗାଙ୍ଗୁଲି କହିଛନ୍ତି। ରବିବାର ବାଂଲାଦେଶ ବ୍ୟାଟ୍ସମ୍ୟାନ ଲିଟନ ଦାସ ସେମାନଙ୍କ ଦଳର ପ୍ରଥମ ଅଭ୍ୟାସ ସେସନ ବେଳେ ମୁହଁରେ ମାସ୍କ ଲଗାଇଥିବା ଦେଖିବାକୁ ମିଳିଥିଲା। ମାତ୍ର ପରେ ଜଣାପଡ଼ିଥିଲା ଯେ, ସେ ବାୟୁ ପ୍ରଦୂଷଣ ପାଇଁ ମାସ୍କ ବ୍ୟବହାର କରି ନ ଥିଲେ। ପୂର୍ବରୁ ୨୦୧୭ ଡିସେମ୍ବରରେ ଏକ ଟେଷ୍ଟ ମ୍ୟାଚ ଖେଳାଯାଉଥିବାବେଳେ ଶ୍ରୀଲଙ୍କା ଖେଳାଳିମାନେ ଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରିଥିଲେ। ଦଳର ଅଧିକାଂଶ ଖେଳାଳି ସୁରକ୍ଷା ମାସ୍କ ପରିଧାନ କରିଥିଲେ। କିନ୍ତୁ ଏଣିକି ଆମକୁ ବାସ୍ତବିକତା ଉପରେ ଧ୍ୟାନ ଦେବାକୁ ପଡ଼ିବ ବୋଲି ବିସିସିଆଇର ନବ ନିର୍ବାଚିତ ମୁଖ୍ୟ କହିଛନ୍ତି। ସେ କହିଛନ୍ତି, ବିସିସିଆଇର ନୂଆ କର୍ମକର୍ତ୍ତାମାନେ ଗତ ଅକ୍ଟୋବର ୨୩ରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ମ୍ୟାଚ ସମ୍ପର୍କରେ ଯଥେଷ୍ଟ ପୂର୍ବରୁ ନିଷ୍ପତ୍ତି ନିଆଯାଇ ସାରିଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ କୌଣସି ନିଷ୍ପତ୍ତି ନେଇ ହେବନାହିଁ। କିନ୍ତୁ ସ୍ୱଳ୍ପ ସମୟ ମଧ୍ୟରେ ବାୟୁମଣ୍ଡଳ ଅବସ୍ଥାରେ ଯାହାକିଛି ସୁଧାର ଅଣାଯାଇ ପାରିବ ସେ ଦିଗରେ ଆବଶ୍ୟକ ପଦକ୍ଷେପ ପାଇଁ ଦିଲ୍ଲୀ ସରକାରଙ୍କୁ ଅନୁରୋଧ କରାଯାଇଥିବା ଗାଙ୍ଗୁଲି ସୂଚନା ଦେଇଛନ୍ତି।

## ରବି ଶାସ୍ତ୍ରୀ ଏନ୍‌ସିଏ ସହିତ ସମ୍ପୃକ୍ତ ରହିବେ

**କୋଲକାତା, ୩୧।୧୦ (ପି.ଟି.)**

ରବି ଶାସ୍ତ୍ରୀଙ୍କୁ ସିନିୟର ଦଳର କୋଚ ଦାୟିତ୍ୱ ତୁଲାଇବା ବ୍ୟତୀତ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନସିଏ) ସହିତ ସମ୍ପୃକ୍ତ ହେବାକୁ ପଡ଼ିବ ବୋଲି ଜାତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ଶାସ୍ତ୍ରୀଙ୍କ ଦ୍ୱୈତ ଭୂମିକା ଦ୍ୱାରା ସିନିୟର ଦଳ ଏବଂ ଏନସିଏ ମଧ୍ୟରେ ସମନ୍ୱୟ ରହିବ। ବେତନ ବାବଦରେ ବାର୍ଷିକ ୧୦ କୋଟି ଟଙ୍କା ପାଉଥିବା ଶାସ୍ତ୍ରୀଙ୍କ ସହିତ ହୋଇଥିବା ନୂଆ ଚୁକ୍ତି ଅନୁସାରେ ସେ ଟି୨୦ ବିଶ୍ୱକପ୍ ୨୦୨୧ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହିବେ। ଗାଙ୍ଗୁଲି କହିଛନ୍ତି ଏନ୍‌ସିଏକୁ ଏକ ଉନ୍ନତ 'ସେଣ୍ଟର ଅଫ୍ ଏକ୍ସଲେନ୍ସ'ରେ ପରିଣତ କରାଯିବ। ଏଭଳି ଏକ ବ୍ୟବସ୍ଥା କରାଯିବ, ଯଦ୍ଵାରା ଏନ୍‌ସିଏରେ ଶାସ୍ତ୍ରୀଙ୍କ ଅଧିକ ସମ୍ପୃକ୍ତି ରହିବ। ଜାତୀୟ କ୍ରିକେଟ ଏକାଡେମୀଠାରେ ରାହୁଲ ଦ୍ରାବିଡଙ୍କ ବ୍ୟତୀତ ପାରସ ମାହାମ୍ବ୍ରେ ରହିଛନ୍ତି। ଭରତ ଅରୁଣ ମଧ ସେଠାକୁ ଯିବେ। ସୂଚନାଯୋଗ୍ୟ, ଏନସିଏକୁ ଏକଦା ଭାରତୀୟ କ୍ରିକେଟର ଏକ ଫିନିସିଂ ସ୍କୁଲ ରୂପେ ବିବେଚନା କରାଯାଉଥିଲା। ମାତ୍ର ଗତ ଦଶନ୍ଧି ହେଲା ଏହା ଏକ ରିହାବିଲିଟେଶନ ସେଣ୍ଟର ଭଳି କାର୍ଯ୍ୟ କରୁଛି। ନିକଟରେ ଗାଙ୍ଗୁଲି ରାହୁଲ ଦ୍ରାବିଡ ଏବଂ ସିଓଓ ତୁଫାନ ଘୋଷଙ୍କ ସମେତ ଏନ୍‌ସିଏର ଅନ୍ୟ ଷ୍ଟାଫ୍‌ଙ୍କ ସହିତ ଏକ ବୈଠକ କରିଥିଲେ।

# ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ଦଳ ଘୋଷିତ

**ଭୁବନେଶ୍ୱର,୩୧।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ୨୦୧୯–୨୦ ସିଜନରେ ହେବାକୁ ଥିବା ନାଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟର ୩ ଲିଗ୍ ମ୍ୟାଚ୍ ପାଇଁ ଗୁରୁବାର ୧୪ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଯାଇଛି। ଗତ ସିଜନ ଚାମ୍ପିୟନ ଓଡ଼ିଶା ସମେତ ଏହି ଟୁର୍ନାମେଣ୍ଟରେ ମୋଟ ୨୪ଟି ରାଜ୍ୟର ଦଳ ଅଂଶଗ୍ରହଣ କରିବେ। ସମସ୍ତ ଦଳକୁ ଏ, ବି, ସି, ଡି ଆଦି ୪ ଗ୍ରୁପ୍‌ରେ ଭାଗ କରାଯାଇଛି। ଏ ଓ ବି ଗ୍ରୁପ୍‌ରୁ ୩ ଲେଖାଏ ଏବଂ ସି ଓ ଡିରୁ କେବଳ ଗୋଟିଏ ଲେଖାଏ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ। ଓଡ଼ିଶା ଦଳ ଏଲିଟ୍ ଗ୍ରୁପ୍ ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଉତ୍ତରପ୍ରଦେଶ, ଦିଲ୍ଲୀ, କର୍ଣ୍ଣାଟକ, ହରିୟାଣା ଓ ଗୋଆ ଭଳି ଦଳଗୁଡ଼ିକୁ ସ୍ଥାନିତ କରାଯାଇଛି। ପ୍ରତ୍ୟେକ ଦଳ ୫ଟି ଲିଗ୍ ମ୍ୟାଚ୍ ଖେଳିବେ। ଓଡ଼ିଶା ଦଳ ତା'ର ପ୍ରଥମ ଦୁଇ ମ୍ୟାଚ୍ ନଭେମ୍ବର ୯ ଓ ୧୦ ତାରିଖରେ ଲକ୍ଷ୍ନୌଠାରେ ଖେଳିବ। ସେହିଭଳି ହରିୟାଣାର ଫରିଦାବାଦଠାରେ ଡିସେମ୍ବର ୧ ଓ ୩ ତାରିଖରେ ଅନ୍ତିମ ଦୁଇ ମ୍ୟାଚ୍ ଖେଳାଯିବାର ଅଛି। ଓଡ଼ିଶା ଦଳ ପାରାମାଉଣ୍ଟ କ୍ରିକେଟ କ୍ଲବର ଟର୍ଫ ଗ୍ରାଉଣ୍ଡରେ ଅଭ୍ୟାସ କରିବ। ମାଗଣାରେ ଅଭ୍ୟାସ ଗ୍ରାଉଣ୍ଡ ଯୋଗାଇଥିବାରୁ କ୍ଲବର ଚେୟାରମ୍ୟାନ ପ୍ରତାପ କୁମାର ଜେନାଙ୍କୁ ଦୃଷ୍ଟିହୀନଙ୍କ ଲାଗି ଉଦ୍ଦିଷ୍ଟ କ୍ରିକେଟ ଆସୋସିଏଶନ (କାଭି) ପକ୍ଷରୁ ଧନ୍ୟବାଦ୍ ଦିଆଯାଇଛି।

**ଦୃଷ୍ଟିହୀନ ଓଡ଼ିଶା ଦଳ:** ମହମ୍ମଦ ଜାଫର ଇକ୍‌ବାଲ (ଅଧିନାୟକ), କାଳିଆ ପ୍ରଧାନ, ତପନ କୁମାର ଗୌଡ଼, ଦେବରାଜ ବେହେରା, ଅନିଲ ମଲ୍ଲିକ, ନକୁଳ ବଡ଼ନାୟକ, ପଙ୍କଜ ଭୁଇ, ଲିଙ୍ଗରାଜ ରାଉତ୍ରା, ସୁଖରାମ ମାଝି, ସିଙ୍ଗରାଇ ମାଝି, ଧନପତି ଗୌଡ଼, ଜୁଝାର ବାରି, ଶୁକଦେବ ସୋରେନ ଓ ଲାଲ୍‌ପ୍ରସାଦ ସୋରେନ। କୋଚ୍: ଚନ୍ଦ୍ରଶେଖର ପଟ୍ଟନାୟକ, ମ୍ୟାନେଜର: ବିରଞ୍ଚିନାରାୟଣ।



ନାଗେଶ ଟ୍ରଫି ପାଇଁ ମନୋନୀତ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ଦଳ।

## ରବୀନ୍ଦରଙ୍କୁ ରୌପ୍ୟ ପଦକ

**ବୁଦାପେଷ୍ଟ, ୩୧।୧୦ (ପି.ଟି.)**

ଭାରତୀୟ କୁସ୍ତିଯୋଦ୍ଧା ରବୀନ୍ଦର ଏଠାରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ୬୩ କିଗ୍ରା ବିଭାଗ ଫାଇନାଲରେ ରବୀନ୍ଦର ୩–୫ରେ ଏସିଆନ ଚାମ୍ପିୟନ କିର୍ଗିଜସ୍ତାନର ଉଲୁକବେକ ଝୋଲଡୋଶବେକୋଭଙ୍କ ନିକଟରୁ ହାରିଯାଇଛନ୍ତି। ୨୨ ବର୍ଷୀୟ ରବୀନ୍ଦର ଏଥିପୂର୍ବରୁ ୨୦୧୬ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଏବଂ ୨୦୧୪ କ୍ୟାଡେଟ୍ ଏସିଆନ ଚାମ୍ପିୟନଶିପରେ ବ୍ରୋଞ୍ଜ ପଦକ ଜିତିଥିଲେ। ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ର ଚଳିତ ସଂସ୍କରଣରେ ଭାରତର ଏହା ପ୍ରଥମ ପଦକ ଥିଲା। ବିଶ୍ୱ ରେସଲିଂ ପ୍ରତିଯୋଗିତାରେ କିନ୍ତୁ ଭାରତର ଏହା ମୋଟ୍ ଉପରେ ୫ମ ରୌପ୍ୟ ପଦକ। ପୂର୍ବରୁ ବଜରଙ୍ଗ ପୁନିଆ (୬୫ କିଗ୍ରା), ବିନୋଦ କୁମାର (୭୦ କିଗ୍ରା) ଓ ରିତୁ ଫୋଗଟ୍ (୪୮ କିଗ୍ରା) ଏହି ସମ୍ମାନଜନକ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ରୌପ୍ୟ ପଦକ ହାସଲ କରିଥିଲେ। ଗତ ବର୍ଷ ରବି ଦାହିୟା (୫୭ କିଗ୍ରା) ଏକମାତ୍ର ଭାରତୀୟ ରେସଲର୍ ଭାବେ ପଦକ (ରୌପ୍ୟ) ଜିତିଥିଲେ।


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବଟକୃଷ୍ଣ ଲେଙ୍କା
କରଡ଼ାବଣୀ, ନିହଲପ୍ରସାଦ, ଗଁଦିଆ, ଢେଙ୍କାନାଳ
ଆବିର୍ଭାବ: ୦୯।୧୨।୧୯୪୫ (ମାର୍ଗଶିର ଶୁକ୍ଳ ପଞ୍ଚମୀ)
ତିରୋଧାନ: ୨୨।୧୦।୨୦୧୯ (କାର୍ତ୍ତିକ କୃଷ୍ଣ ନବମୀ)
ଦୂର ଆକାଶର ତାରା ହୋଇ ତୁମେ ଏମିତି ଝଟକୁଥାଅ, ଶ୍ରୀଜଗନ୍ନାଥଙ୍କ ଆଶ୍ରିତ ହୋଇ କଲ୍ୟାଣ ଢାଳୁଥାଅ। ଅମରାତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ବିନମ୍ର ନିବେଦନ କରୁଛୁ। ହତଭାଗ୍ୟ ସନ୍ତାନସନ୍ତତି, ଆତ୍ମୀୟସ୍ୱଜନ ଓ ଲେଙ୍କା ପରିବାର।
ଧ–୬୬୮୨୯

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କୁମାରେଶ ସାମଲ
୧୩୨– ବାପୁଜୀ ନଗର, ଭୁବନେଶ୍ୱର
ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ–୧୫୦୦୩

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୧/୨୦୧୯ Sambalpur, Friday, November 1 / 2019

## ସଂକ୍ଷେପରେ

### କୁଚିଣ୍ଡା ପୌରାଞ୍ଚଳରେ ୨ ଜଣଙ୍କ ଆତ୍ମହତ୍ୟା

**କୁଚିଣ୍ଡା,୩୧।୧୦ (ଡି.ଏନ.ଏ)**-କୁଚିଣ୍ଡା ଏନଏସି ଅଞ୍ଚଳରେ ୨ଟି ଅପମୃତ୍ୟୁ ଘଟଣା ଘଟିଛି। ସ୍ଥାନୀୟ ୱାର୍ଡ ନଂ. ୬ର ଝୁଲେନପୋଲ ଶିବ ମନ୍ଦିର ନିକଟସ୍ଥ ଯାଦବ ଭବନ ସମ୍ମୁଖରେ ଥିବା ଏକ ଘରେ ଜଣେ ଯୁବତୀ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ନକୁଳ ବରିହାଙ୍କ ଝିଅ ଛବି (୨୩)। ଛବି ଜଣେ ଶ୍ରମିକ ଭାବେ ବିଭିନ୍ନ ନିର୍ମାଣ କାମ କରୁଥିଲେ। ସେ ଗତ ଅଗଷ୍ଟରେ ଏସକେଏସ ମାଇକ୍ରୋ ଫାଇନାନ୍ସ ସଂସ୍ଥାରୁ ୩୫ ହଜାର ଟଙ୍କା ରଣ ଆଣିଥିଲେ। ଗୁରୁବାର ସକାଳୁ ସେ ବଡ ଭଉଣୀର ଝିଅକୁ ସ୍କୁଲରେ ଛାଡି ଘରକୁ ଆସିଥିଲେ। ଏହାର କିଛି ସମୟ ପରେ ବନ୍ଦ ଘରୁ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ସେହିପରି କୁଚିଣ୍ଡା ଥାନା ଅନ୍ତର୍ଗତ ପାରୁଆଭାଡି ଗ୍ରାମର କଳାକାର ମହାପାତ୍ରଙ୍କ ଜ୍ୱାଇଁ କୁଶ ବଡମାଳି (୩୪) ଶ୍ୱଶୁର ଘର ଅଗଣାରେ ଥିବା ନିମ୍ବ ଗଛରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। କୁଶଙ୍କ ଘର ବୌଦ୍ଧ ଜିଲା ଚାରିଛକ ଥାନା ଅନ୍ତର୍ଗତ ଟାଙ୍କୁର ଗ୍ରାମରେ। ସେ କଳାକାରଙ୍କ ଝିଅ ରୋଜି ମହାପାତ୍ରଙ୍କୁ ୬ ମାସ ତଳେ ପ୍ରେମ ବିବାହ କରିଥିଲେ। ଗତ ୨ମାସ ତଳେ କୁଶ ରୋଜିଙ୍କୁ ମାରପିଟ୍ କରିବାରୁ ସେ ବାପ ଘରକୁ ଚାଲି ଆସି ରହୁଥିଲେ। ବୁଧବାର କୁଶ ସ୍ତ୍ରୀଙ୍କୁ ନେବା ପାଇଁ ଶ୍ୱଶୁର ଘରକୁ ଆସିଥିଲେ। ଏ ନେଇ ଗାଁର ପଞ୍ଚଭଦ୍ରଙ୍କୁ ନେଇ ଆଲୋଚନା ହୋଇଥିଲା। ସକାଳୁ ଥାନାକୁ ଯାଇ ଏ ବିବାଦ ସମାଧାନ କରିବାକୁ ସ୍ଥିର ହୋଇଥିଲା। ହେଲେ ଗୁରୁବାର ପୂର୍ବାହ୍ନ ୧୦ଟାରେ କୁଶ ନିମ୍ବ ଗଛରେ ଚଢ଼ି ଆତ୍ମହତ୍ୟା କରିଥିଲେ। କୁଚିଣ୍ଡା ପୋଲିସ ଉପରୋକ୍ତ ୨ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

- ବେକରେ ରଶି ବାନ୍ଧି ଯୁବତୀ ଜୀବନ ହାରିଲେ
- ଶ୍ୱଶୁର ଘର ନିମ୍ବ ଗଛରେ ଝୁଲି ପଡିଲେ ଜ୍ୱାଇଁ

■ ମନ୍ଦିର ନିକଟ କୂଅରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ଘଟଣା

# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

**କଣ୍ଟାବାଞ୍ଜି, ୩୧।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ସାଲେପଡା ଗାଁର ପେଣ୍ଡ୍ରାଗଡେନ ହରଗୌରୀ ମନ୍ଦିର ନିକଟରେ ଥିବା ଏକ କୂଅରୁ ବୁଧବାର ଅପରାହ୍ନରେ ଭୁଜବଳ ପରାଭୁଏ(୬୫)ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଥାନା ଅଧୀନ ମାନ୍ଦଲା ଗାଁର ମୃତକଙ୍କ ପୁଅ ଗିରିଧାରୀ ତାଙ୍କ ବାପାଙ୍କୁ ହତ୍ୟା କରାଯାଇ କୂଅରେ ଫିଙ୍ଗି ଦିଆଯାଇଥିବା କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଛନ୍ତି। ଗୁରୁବାର କଣ୍ଟାବାଞ୍ଜି ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ତେବେ ଅଭିଯୋଗର ୨୪ଘଣ୍ଟା ପରେ ବି ହତ୍ୟାକାରୀଙ୍କୁ ଗିରଫ କରାଯାଇ ନ ଥିବାରୁ ସେମାନେ ମୃତଦେହ ଗ୍ରହଣ କରିବେ ନାହିଁ ବୋଲି ଜିଦ୍ କରି ମଧ୍ୟାହ୍ନ ୧୨ଟା ଯାଏ କଣ୍ଟାବାଞ୍ଜି ଥାନାରେ ବସି ରହିଥିଲେ। ଅଭିଯୋଗ ମୁତାବକ ମନ୍ଦିର ମୁଖ୍ୟ ପୂଜକ ଚୌବନ କିଶୋର ମାଝିଙ୍କୁ ତୁରେକେଲା ପୋଲିସ ଓ ଅନ୍ୟ ଜଣେ ପୂଜକଙ୍କୁ କଣ୍ଟାବାଞ୍ଜି ଥାନା ପୋଲିସ ଅଟକ ରଖି ଅଧିକ ଅନୁସନ୍ଧାନ ଜାରି ରଖିଥିବା କହିବା ପରେ ପରିବାର ଲୋକେ ମୃତଦେହକୁ ଗ୍ରହଣ କରିଥିଲେ। ପରେ ବଲାଙ୍ଗୀରରୁ ଆସିଥିବା ଅନୁସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ସାଲେପଡାକୁ ଯାଇଥିଲେ। ଅନୁସନ୍ଧାନୀ କୁକୁର ମୃତଦେହ ପଡିଥିବା ସ୍ଥାନକୁ ଯାଇ ଫେରି ଆସିଥିଲା। ତେଣୁ ହତ୍ୟା ସମ୍ପର୍କରେ କୌଣସି ସୁରାକ ମିଳିପାରିନାହିଁ। ତେବେ ପୋଲିସ ମୃତକ ଭୁଜବଳଙ୍କ ନିତ୍ୟ ବ୍ୟବହୃତ କପଡା ଥିବା ବ୍ୟାଗକୁ ମନ୍ଦିର ମୁଖ୍ୟ ଫାଟକ ନିକଟରୁ ଉଦ୍ଧାର କରିଛି। କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, କଣ୍ଟାବାଞ୍ଜି ଥାନା ଆଇଆଇସି ବିଜୟାନନ୍ଦ କରକରା, ତୁରେକେଲା ଥାନା ଆଇଆଇସି ସତ୍ୟଜିତ କୋଣ୍ଡାଙ୍କେଲ, ସବ୍‌ଇନ୍ସପେକ୍ଟର ପ୍ରଣୟ ମୁର୍ମୁ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ବେଳେ ଉପସ୍ଥିତ ଥିଲେ।


ସାଲେପଡାରେ ସାଇଣ୍ଟିଫିକ ଅଧିକାରୀମାନେ ତଦନ୍ତ କରୁଛନ୍ତି।

- ମନ୍ଦିରର ମୁଖ୍ୟ ପୂଜକ ଅଟକ
- ଅନ୍ୟ ପୂଜକଙ୍କୁ ପୋଲିସର ପଚରାଉଚରା

### ବଳି ନୁହେଁ: ଏସ୍‌ପି

**କଣ୍ଟାବାଞ୍ଜି, ୩୧।୧୦(ଡି.ଏନ୍.ଏ.):** ଭୁଜବଳଙ୍କ ପୁଅ ଗିରିଧାରୀ ତାଙ୍କ ପିତାଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିବା ପରେ ଏହି ଘଟଣାକୁ ନେଇ ନାନା କଥା ସାମ୍ନାକୁ ଆସିଥିଲା। ଏହା ଏକ ବଳି ଘଟଣା ବୋଲି ସନ୍ଦେହ ପ୍ରକାଶ ପାଇଥିଲା। ମାତ୍ର ବଳି ସନ୍ଦେହକୁ ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର ଅସ୍ୱୀକାର କରିଛନ୍ତି। କଣ୍ଟାବାଞ୍ଜି ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଗୁରୁବାର ସନ୍ଧ୍ୟାରେ ଏନେଇ ସୂଚନା ଦେବା ସହ ପ୍ରାଥମିକ ଅନୁସନ୍ଧାନରୁ ଏହା ବଳି ଘଟଣା ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ପରିବାର ଲୋକେ ହତ୍ୟା ଅଭିଯୋଗ କରିଥିବାରୁ କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଦିନେ ଦୁଇ ଦିନ ଭିତରେ ଏହି ଘଟଣାର ପର୍ଦ୍ଦାଫାଶ ହୋଇଯିବ ବୋଲି ସେ କହିଛନ୍ତି। ସନ୍ଦେହରେ ଦୁଇ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି ବୋଲି ପୋଲିସ କହିଛି।

### କବାଟ ଭାଙ୍ଗି ଦୋକାନରୁ ଚୋରି

**କୁଚିଣ୍ଡା, ୩୧।୧୦ (ଡି.ଏନ.ଏ)**

କୁଚିଣ୍ଡାରେ ଦିନକୁ ଦିନ ଚୋରି ଘଟଣା ବଢ଼ିବାରେ ଲାଗିଛି। ଗତ କିଛି ଦିନ ତଳେ କୁଚିଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ମହିଳା କର୍ମଚାରୀଙ୍କ ଘରୁ ଗ୍ରୀଲ ଭାଙ୍ଗି ଟଙ୍କା, ସୁନା ଗହଣା ସହ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିଲା। ଏ ପର୍ଯ୍ୟନ୍ତ ଉପରୋକ୍ତ ଘଟଣାର କୌଣସି ସୁରାକ ପୋଲିସ ପାଇ ନ ଥିବା ବେଳେ ବୁଧବାର ରାତିରେ ଜନଗହଳି ପୂର୍ଣ୍ଣ ୪୯ ନମ୍ବର ଜାତୀୟ ରାଜପଥ ମାଉସୀ ମା'ମନ୍ଦିର ପାଖ ବାବୁଲୁ ଦୋକାନରୁ ଚୋରି ହୋଇଛି। କେହି ଦୋକାନର ଝରକା କବାଟ ଭାଙ୍ଗି ନଗଦ ୨୦ ହଜାର ଟଙ୍କା ସହ କିଛି ଖାଦ୍ୟ ସାମଗ୍ରୀ ନେଇଯାଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମୁହଁରେ ବାନ୍ଧି ଥିବା କପଡା ଦୋକାନରେ ଛାଡ଼ି ପଳାଇଛନ୍ତି। ପୋଲିସ ଏ ନେଇ ତନାଘନା ଆରମ୍ଭ କରିଛି।

## ଫଟୋରେ ଖବର






ଗୁରୁବାର ସମ୍ବଲପୁର ଜିଲା ସ୍କୁଲ ଛକରେ ଆୟୋଜିତ ୱାକାଥନ୍ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।।

# ଲଖନପୁର ବ୍ଲକରେ ଝାଡ଼ାବାନ୍ତି ବ୍ୟାପିଲା


ଡାକ୍ତରୀଦଳ ଦ୍ୱାରା ଚିକିତ୍ସିତ ହେଉଥିବା ରୋଗୀମାନେ।

**ଲଖନପୁର,୩୧।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ୧୯ଖଣ୍ଡ ମୌଜା କନକତୋରା ପଞ୍ଚାୟତର କୁହାକୁଣ୍ଡା ଓ ପିଥିଣ୍ଡା ପଞ୍ଚାୟତର ଭଦ୍ରାପାଲି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ କୁହାକୁଣ୍ଡା ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବହୁ ରୋଗୀ ପଡ଼ୋଶୀ ଛତିଶଗଡ଼ର ରାୟଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଉ କେତେଜଣ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ରାୟଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ କୁହାକୁଣ୍ଡା ଗ୍ରାମର ଭୋଜରାମ ବାରିକଙ୍କ ସ୍ତ୍ରୀ ବଲ୍ଲଭୀ ବାରିକ(୫୦)ଙ୍କ ମୃତ୍ୟୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ୨ ସପ୍ତାହ ପୂର୍ବେ କୁହାକୁଣ୍ଡା ଗ୍ରାମର ସୁଶୀଳା ବାରିକ(୭୫)ଙ୍କ ସ୍ୱାଭାବିକ ମୃତ୍ୟୁ ହୋଇଥିଲା। ବୃଦ୍ଧାଙ୍କ ଅସ୍ଥି ବିସର୍ଜନ ପାଇଁ ପରିବାର ଲୋକେ ଆଲ୍ଲାହାବାଦ ଯାଇଥିଲେ। ସେଠାରୁ ଫେରିବାପରେ ମୃତ ବୃଦ୍ଧାଙ୍କ ପରିବାରର ସଦସ୍ୟମାନେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିଲେ। ଏଥିରେ ସମ୍ପୃକ୍ତ ପରିବାରର ଭୋଜରାଜ ବାରିକଙ୍କ ସ୍ତ୍ରୀ ବଲ୍ଲଭୀ(୫୦) ଗୁରୁତର ହୋଇଥିଲେ। ତାଙ୍କୁ ଛତିଶଗଡ଼ ରାୟଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୁହାକୁଣ୍ଡା ଗ୍ରାମର ଶେଷବତୀ ପ୍ରଧାନ(୭୦), କୁନ୍ତଳା ହରିଜନ(୬୦), ଅହଲ୍ୟା ପ୍ରଧାନ(୮୦), ଅଷାଢୁ ଦୀପ୍(୪୦), ସବିତା ଭୋଇ(୩୦), ନଳିନୀ ପ୍ରଧାନ(୩୬), ସଂକୀର୍ତ୍ତନ ହରିଜନ(୨୮), ଶର୍ଯ୍ୟା ପ୍ରଧାନ(୫୩), କୁମାରୀ କିଷାନ(୨୦) ପ୍ରମୁଖ ଚିକିତ୍ସିତ ହେଉଛନ୍ତି। ସେହିପରି ଭଦ୍ରାପାଲି ଗ୍ରାମର ଜଗଦୀଶ ପ୍ରଧାନ, ସାଧବୀ ଧୁରୁଆ, ଲତା ପ୍ରଧାନ, ଅର୍ଜୁନ କାଲୋ, କିଶୋରୀ ପ୍ରଧାନ, ବନିତା ପ୍ରଧାନ ଓ ପିଙ୍କୁ ପ୍ରଧାନ ପ୍ରମୁଖ ଚିକିତ୍ସାଧୀନ ରହିଛନ୍ତି। ଉଭୟ ଗ୍ରାମରେ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଖବର ପାଇ ଝାରସୁଗୁଡ଼ା ଜିଲା ସଦର ମହକୁମା ଓ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨ ଡାକ୍ତରୀ ଦଳ ଗ୍ରାମରେ ପହଞ୍ଚି ରୋଗୀଙ୍କୁ ଔଷଧ ବଣ୍ଟନ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉଭୟ ଗ୍ରାମରୁ ଜଳ ନମୁନା ସଂଗ୍ରହକରି ପରୀକ୍ଷା ପାଇଁ ପଠାଯାଇଛି। ପରିସ୍ଥିତି ଉପରେ ଡାକ୍ତରୀ ଦଳ ଓ ସ୍ୱାସ୍ଥ୍ୟକର୍ମୀମାନେ ନଜର ରଖିଛନ୍ତି।

- ଜଣେ ମହିଳା ମୃତ, ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆକ୍ରାନ୍ତ
- ୯ ରୋଗୀ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି
- ୩ ଜଣ ଚାଣ୍ଟିପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ
- ଗ୍ରାମରେ ପହଞ୍ଚିଲା ଡାକ୍ତରୀ ଟିମ୍

# ବଜ୍ରକାପ୍ତା ଚାଲାଣ ଅଭିଯୋଗ, ୩ ଗିରଫ

**ନୂଆପଡ଼ା ଅଫିସ/ ଖରିଆରରୋଡ, ୩୧।୧୦(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖରିଆରରୋଡ ସହର ଦେଇ ରାଜ୍ୟ ବାହାରକୁ ବଜ୍ରକାପ୍ତା ଚାଲାଣ କରୁଥିବା ଘଟଣାରେ ଖରିଆରରୋଡ ଜୋଙ୍କ ଥାନା ପୋଲିସ ୩ଜଣ ଯୁବକଙ୍କୁ ଗିରଫ କରି ବନ ବିଭାଗକୁ ହସ୍ତାନ୍ତର କରିଛି। ବନ ବିଭାଗ ଗୁରୁବାର ସନ୍ଧ୍ୟାରେ ସେମାନଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଡୋଶୀ ବରଗଡ ଜିଲା ଝାରବନ୍ଧ ଗାଁର ପରମାନନ୍ଦ ବେହେରା (୪୫), ହରେକୃଷ୍ଣ ପ୍ରଧାନ (୪୧) ଏବଂ ସ୍ଥାନୀୟ ପଞ୍ଚମପୁରର ଭରତ ଦାସ (୪୮)। ଏମାନଙ୍କ ବିରୋଧରେ ଦଫା ୪୨, ୪୪, ୪୮ରେ ଏକ ମାମଲା (ନଂ.୯୫/୧୯) ରୁଜୁ ହୋଇଛି। ଖରିଆରରୋଡ ରେଞ୍ଜର ନିରଞ୍ଜନ ମାଝିଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଖରିଆରୋଡ ପୋଲିସ ବୁଧବାର ରାତିରେ ଗୌତମା ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ସେମାନଙ୍କୁ ଧରିଥିଲା। ଅଭିଯୁକ୍ତମାନଙ୍କଠାରୁ ୪ ଇଞ୍ଚ ଲମ୍ବର ଏକ ବଜ୍ରକାପ୍ତା (ସଲକାତି) ଉଦ୍ଧାର କରିଥିଲା। ଅନ୍ୟପକ୍ଷେ ଆଜକୁ ଚାରି ପାଞ୍ଚ ଦିନ ତଳେ ଅଭିଯୁକ୍ତମାନଙ୍କୁ ପୋଲିସ ଧରି ଥାନାରେ ଅଟକ ରଖିଥିଲା। ଗୁରୁବାର ସକାଳେ ବନବିଭାଗକୁ ହସ୍ତାନ୍ତର କରିଛି। ପୋଲିସ କେଉଁ ପରିସ୍ଥିତିରେ ଏତେ ଦିନ ପରେ ଅଭିଯୁକ୍ତମାନଙ୍କୁ ହସ୍ତାନ୍ତର କଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ପୋଲିସକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ।


ବନବିଭାଗ ଅଧିକାରୀମାନଙ୍କ ସହ ଗିରଫ ଅଭିଯୁକ୍ତମାନେ।

# ୧୦ରୁ ଖରିଫ ଧାନ ସଂଗ୍ରହ ଆରମ୍ଭ

**ବରଗଡ଼ ଅଫିସ,୩୧।୧୦**

ବରଗଡ଼ ଜିଲାରେ ଆସନ୍ତା ୧୦ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଟୋକନ ମାଧ୍ୟମରେ ଏଥର ଧାନ କିଣାଯିବ ଏବଂ ଚାଷୀମାନେ ଦୈନିକ ସର୍ବାଧିକ ୭୫ କୁଇଣ୍ଟାଲ ଧାନ ଆଣି ପାରିବେ। ସପ୍ତାହକୁ ୬ ଦିନ ମଣ୍ଡିରେ ଧାନ ସଂଗୃହୀତ ହେବ ଏବଂ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଧାନ ଗ୍ରହଣ କରାଯାଇ ଅପରାହ୍ନ ୧ଟାରୁ ଧାନ ଉଠାଣ ପ୍ରକ୍ରିୟା ଚାଲିବ। ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଜରିଆରେ ଯୋଗାଣ ନିଗମ ଧାନ କିଣିବ। ସେହିପରି ଏଥର ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୮୧୫ ଟଙ୍କା ଏବଂ ଗ୍ରେଡ୍-ଏ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୮୩୫ ଟଙ୍କା ରହିଥିବାବେଳେ ଧାନକ୍ରୟର ୨୪ରୁ ୪୮ଘଣ୍ଟା ମଧ୍ୟରେ ବିକ୍ରିଧାନର ପ୍ରାପ୍ୟରାଶି ସମ୍ପୃକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ। ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ, ତାହା ଚୂଡ଼ାନ୍ତ ହୋଇପାରି ନ ଥିବାବେଳେ ନିକଟ ଭବିଷ୍ୟତରେ ସରକାର ସେ ନେଇ ନିଷ୍ପତ୍ତି ନେବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) ଶ୍ରୀକର ମାଝି କହିଥିଲେ, ଖରିଫ ଧାନ ସଂଗ୍ରହ ପାଇଁ ଜିଲାରେ ୧୬୯ଟି ମଣ୍ଡି ଖୋଲାଯିବାର ନିଷ୍ପତ୍ତି ହୋଇଛି। ସେଥିମଧ୍ୟରେ ବରଗଡ଼ ଆରଏମ୍‌ସି ଅଧୀନରେ ୫୮, ଅତାବିରା ଆରଏମ୍‌ସି ଅଧୀନରେ ୫୧ ଏବଂ ପଦ୍ମପୁର ଆରଏମ୍‌ସି ଅଧୀନରେ ୬୦ଟି ରହିଛି। ସେହିପରି ୫୮ଟି ପ୍ୟାକ୍ସ ମଧ୍ୟ ଏଥର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବେ। ଜିଲାରେ ୧୧୪ଟି ରାଇସ୍ ମିଲ ରହିଛି। ଯେଉଁ ମିଲ୍ ଗୁଡ଼ିକ ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ ଯୋଗ୍ୟ ବିବେଚିତ ହେବେ, ସେହି ମିଲ ଗୁଡ଼ିକୁ ଧାନ ସଂଗ୍ରହ ପ୍ରକ୍ରିୟାରେ କଷ୍ଟମ ମିଲିଂ ପାଇଁ ସାମିଲ କରାଯିବ ବୋଲି ସିଏସ୍‌ଓ କହିଥିଲେ। ସେହିପରି ପ୍ରାରମ୍ଭିକ ପର୍ଯ୍ୟାୟରେ ଜିଲାକୁ ୩୨ଲକ୍ଷ ୩୦ହଜାର କୁଇଣ୍ଟାଲ ଧାନକ୍ରୟର ଆଲଟମେଣ୍ଟ ମିଳିଥିବା ସିଏସ୍‌ଓ ମାଝି ସୂଚନା ଦେଇଥିଲେ।

ଅନ୍ୟପଟେ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବାବେଳେ ଗୁଣମାନ ନିର୍ଦ୍ଧାରଣ, ଓଜନ, ବସ୍ତା (ଗନିବ୍ୟାଗ୍)କୁ ନେଇ ପ୍ରତିବର୍ଷ ବିବାଦୀୟ ପରିସ୍ଥିତି ଉପୁଜି ଆସୁଥିବା ସତ୍ତ୍ୱେ ତା'ର ସ୍ଥାୟୀ ସମାଧାନ କରାଯାଉ ନ ଥିବା ଯୋଗୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିପାଇଁ କିଛି ସମୟ ଧରି ହଟ୍ଟଗୋଳ ଉପୁଜି ଥିବାବେଳେ ଚାଷୀ-ମିଲର୍ସ ମୁହାଁମୁହିଁ ହେବା ସ୍ଥିତି ପରିଲକ୍ଷିତ ହୋଇଥିଲା। ତେବେ ଜିଲାପାଳଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସେହିପରି କୃଷି ବିଭାଗ ଓ ଯୋଗାଣ ବିଭାଗର ତଥ୍ୟରେ ତାଳମେଳ ରହୁ ନ ଥିବା ଯୋଗୁ ଧାନ ସଂଗ୍ରହ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ସନ୍ଦେହ ଉପୁଜି ଥିବାବେଳେ ଠୋସ୍ ତଥ୍ୟ ଉପସ୍ଥାପନ କରି ନ ପାରି ଜିଲା ଯୋଗାଣ ଅଧିକାରୀଙ୍କୁ ବୈଠକରେ ଚାଷୀଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେପୁର ବିଧାୟିକା ରୀତା ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ସମେତ କୃଷି, ଯୋଗାଣ, ସମବାୟ, ଆରଏମସିର ବିଭାଗୀୟ ଅଧିକାରୀ, ଚାଷୀ ଏବଂ ମିଲର୍ସ ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ, ଉପସ୍ଥିତ ଜନପ୍ରତିନିଧିବୃନ୍ଦ।

- ଏଥର ଟୋକନ ମାଧ୍ୟମରେ ଧାନକ୍ରୟ
- ୪୮ଘଣ୍ଟା ମଧ୍ୟରେ ପ୍ରାପ୍ୟରାଶି ପ୍ରଦାନ
- ହଟ୍ଟଗୋଳ ମଧ୍ୟରେ ସରିଲା ବୈଠକ


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ।
- ଆରିଷ୍ଟଟଲ୍



## ସଂକ୍ଷେପରେ

### ଅନ୍ନପ୍ରସାଦ ଭଣ୍ଡାର ଉଦ୍‌ଘାଟିତ

**ବିନିକା,୩୧।୧୦(ଡି.ଏନ୍.ଏ.):** ବିନିକା ବ୍ଲକ ଚରଦା ବାବା କପିଳେଶ୍ୱରଙ୍କ ମନ୍ଦିରରେ ନିଃଶୁଳ୍କ ଅନ୍ନପ୍ରସାଦ ଭଣ୍ଡାର ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚରଦା ସରପଞ୍ଚ ସଦାନନ୍ଦ ସେନାପତ, ସମ୍ମାନିତ ଅତିଥି କପିଳେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ଅଶୋକ ପୃଷ୍ଟି, ସମ୍ପାଦକ ସୋମନାଥ ମିଶ୍ର, ସାମାଜିକ କର୍ମୀ ଅଶୋକ ପଣ୍ଡା, ଅଶ୍ୱିନୀ ପାଣ୍ଡେ ଯୋଗଦେଇଥିଲେ।

### ଉଲୁଣ୍ଡା ଧନୁଯାତ୍ରାର ସୁପରିଚାଳନା ପାଇଁ ବୈଠକ

**ଉଲୁଣ୍ଡା, ୩୧।୧୦ (ଡି.ଏନ.ଏ.):** ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ବିରାଟ ଧନୁଯାତ୍ରାର ସୁପରିଚାଳନା ପାଇଁ ପ୍ରଶାସନ ଓ ଆୟୋଜକ କମିଟିର ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ଉଲୁଣ୍ଡା ଆଇଆଇସି ବିଧୁଭୂଷଣ ପୁଟାଙ୍କ ଆବାହକତ୍ୱ ଏବଂ ଆୟୋଜକ ଅନୁଷ୍ଠାନ ସଭାପତି ହିମାଂଶୁ ଶେଖର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଯାତ୍ରା ସୁପରିଚାଳନା ପାଇଁ ବିଭିନ୍ନ ଆଲୋଚନା କରାଯାଇଥିଲା। ସଦର ରାସ୍ତାରେ ବିଦ୍ୟୁତୀକରଣ, ପାନୀୟ ଜଳଯୋଗାଣ, ବାଇପାସ୍ ରାସ୍ତାର ମରାମତି, ଅସ୍ଥାୟୀ ଶୌଚାଳୟ ନିର୍ମାଣ, ଟ୍ରାଫିକ ନିୟନ୍ତ୍ରଣ, ଉଲୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପ୍ରଭୃତି ପ୍ରସ୍ତାବ ଗୃହୀତ ହୋଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଜଣାଇବା ପାଇଁ କୁହାଯାଇଥିଲା। ଆଇନଶୃଙ୍ଖଳା ପାଇଁ ସ୍ଥାନୀୟ ଯୁବ ମହାସଂଘର ୪୦ଜଣ ସଦସ୍ୟଙ୍କୁ ଏସ୍‌ପିଓ ନିଯୁକ୍ତି ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଆସନ୍ତା ମାସ ୧୭ତାରିଖ ପୁନଃ ଏକ ମିଳିତ ବୈଠକ କରାଯିବା ସହ ପ୍ରସ୍ତାବିତ ଯୋଜନା ସବୁର ତଦାରଖ କରାଯିବ ବୋଲି କୁହାଯାଇଥିଲା। ବୀରମହାରାଜପୁର ଏସ୍‌ଡିପିଓ ଧିରୋଜ କୁମାର ଚୋପଦାରଙ୍କ ସଂଯୋଜନାରେ ହୋଇଥିବା ଏହି ବୈଠକରେ ଉଲୁଣ୍ଡା ତହସିଲଦାର ନୀଳାମ୍ବର ମହାନନ୍ଦ, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ମାନସ ମହାପାତ୍ରଙ୍କ ସମେତ ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ, ସାମ୍ବାଦିକ ସଂଘ, ଉଲୁଣ୍ଡା ଯୁବ ମହାସଂଘ ପ୍ରଭୃତି ଅନୁଷ୍ଠାନ ବୈଠକରେ ଅଂଶଗ୍ରହଣ କରିଥିଲେ।

### ଗ୍ରାମ ପଞ୍ଚାୟତସ୍ତରୀୟ ମାସିକ ବୈଠକ

**ବିନିକା,୩୧।୧୦(ଡି.ଏନ୍.ଏ):** ବିନିକା ବ୍ଲକ ବାବୁପାଲି ପଞ୍ଚାୟତରେ ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ରଙ୍କ ଅଧକ୍ଷତାରେ ପଞ୍ଚାୟତସ୍ତରୀୟ ମାସିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଖଲିଆପାଲିରେ ଅନୁଷ୍ଠିତ ବୈଠକରେ ୩ ଜଣଙ୍କୁ ଅନ୍ନପୂର୍ଣ୍ଣା ଓ ୯ଜଣଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଦେବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା । ତାଲମୁଣ୍ଡା ସ୍କୁଲ ପାଚେରି ନିର୍ମାଣ, ପଲସାପାଲିରେ ଶ୍ମଶାନ ଗୃହ ନିର୍ମାଣ କାର୍ଯ୍ୟକୁ ଅଗ୍ରାଧିକାର ଦେବାକୁ ୱାର୍ଡସଭ୍ୟ ଦିଲ୍ଲୀପ କଳିତା ଦାବି କରିଥିଲେ । ପିଇଓ ବିଶ୍ୱମ୍ବର ଶତପଥୀ ପ୍ରସ୍ତାବିତ,ଗୃହୀତ କାର୍ଯ୍ୟଗୁଡିକୁ ରେକର୍ଡଭୁକ୍ତ କରିଥିଲେ ।

# ରବିରେ ୮୬,୧୩୫ ହେକ୍ଟର ଜମିରେ ଚାଷ ଲକ୍ଷ୍ୟ

**ସୋନପୁର,୩୧।୧୦(ନି.ପ୍ର.)**



ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ ।

୨୦୧୯-୨୦ ରବି ଋତୁରେ କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲାରେ ୮୬,୧୩୫ ହେକ୍ଟର ଜମିରେ ବିଭିନ୍ନ ପ୍ରକାଶ ଖରିଫ ଫସଲ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଯାହା ଗତବର୍ଷର ଲକ୍ଷ୍ୟ ହାସଲଠାରୁ ୨,୭୫୮ହେକ୍ଟର ଅଧିକ। ଗୁରୁବାର ଜିଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ଏ ବିଷୟରେ ସୂଚନା ଦେଇଛନ୍ତି ଜିଲା କୃଷି ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ବୈଠକରେ ଅଧକ୍ଷତା କରିଥିଲେ। ପଣ୍ଡା ଜିଲାରେ ଥିବା ଭିତ୍ତିଭୂମି ଓ ସମସ୍ତ ବୈଷୟିକ ଜ୍ଞାନ କୌଶଳ ଉପଯୋଗରେ ରବି ଚାଷ ଲକ୍ଷ୍ୟକୁ ସଫଳତାର ସହ ହାସଲ କରିବା ପାଇଁ କୃଷି ଅଧିକାରୀମାନେ ବଦ୍ଧପରିକର ହେବା ପାଇଁ ପରାମର୍ଶ ଦେଇଥିଲେ। ୨୦୧୮ ରବିଋତୁରେ ୩୪,୭୯୦ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ କରାଯାଇଥିବା ବେଳେ ଚଳିତ ବର୍ଷ ୩୫ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ୨୦୧୮ରବିରେ ୩୨,୧୦୪ହେକ୍ଟର ଜମିରେ ଡାଲି ଫସଲ, ୬,୭୫୯ହେକ୍ଟର ଜମିରେ ତୈଳବୀଜ, ୭, ୪୨୧ହେକ୍ଟର ଜମିରେ ପନିପରିବା, ୧,୮୨୬ ହେକ୍ଟର ଜମିରେ ମସଲା ଜାତୀୟ ଓ ୫୫ ହେକ୍ଟର ଜମିରେ ଆଖୁଚାଷ ହୋଇଥିଲା। ଚଳିତ ରବିରେ ୩୪ ହଜାର ୫୦ହେକ୍ଟର ଜମିରେ ଡାଲି ଜାତୀୟ, ୮ହଜାର ହେକ୍ଟର ଜମିରେ ତୈଳବୀଜ, ୬,୯୦୦ ହେକ୍ଟର ଜମିରେ ପନିପରିବା, ୧,୫୮୦ହେକ୍ଟର ଜମିରେ ମସଲା ଜାତୀୟ ଓ ୫୫ହେକ୍ଟର ଜମିରେ ଆଖୁ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି । ଚଳିତ ରବିରେ ୬୨,୮୩୫ ହେକ୍ଟର ଜମିକୁ ବୃହତ, କ୍ଷୁଦ୍ର, ମଧ୍ୟମ, ବୃହତ ଉଠାଜଳସେଚନ, ଉଠାଜଳସେଚନ, ଡଗ୍ ୱେଲ ଓ ଅନ୍ୟାନ୍ୟ ଉତ୍ସରୁ ଜଳଯୋଗାଣ କରାଯିବା ବୋଲି ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଅଣଜଳସେଚିତ ଜମିରେ ଆଦ୍ରତାରେ ମୁଗ, ବିରି ଓ କୋଳଥ ଚାଷ କରାଯିବ। ଚଳିତ ଋତୁରେ ପ୍ୟାକ୍ସ ଓ ପ୍ରାଇଭେଟ୍ ଡିଲରଙ୍କ ମାଧ୍ୟମରେ ୧୬,୧୫୦ କୁଇଣ୍ଟାଲ ଧାନ, ୨୬୪ କୁଇଣ୍ଟାଲ ମୁଗ ଓ ୪୨୪କୁଇଣ୍ଟାଲ ବାଦାମ ବିହନ ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ରବିରେ ହେକ୍ଟର ପ୍ରତି ୪୬.୬୨ କିଲୋଗ୍ରାମ ହିସାବରେ ମୋଟ ୪୦୧୬ ମେଟ୍ରିକ୍ ଟନ୍ ଏନପିକେ ସାର ବ୍ୟବହାର କରିବାକୁ ଲକ୍ଷ୍ୟ ରହିଛି । ସମବାୟ ବ୍ୟାଙ୍କ, ଷ୍ଟେଟବ୍ୟାଙ୍କ, ୟୁଜିବି ଓ ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କ ଜରିଆରେ କୃଷିଋଣ ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଜୈବିକ ସାର, ରୋଗପୋକ ନିୟନ୍ତ୍ରଣ, ଅଧିକ ଅମଳକ୍ଷମ ଓ ଶଙ୍କରଜାତୀୟ ବିହନ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାରେ ସମ୍ପ୍ରସାରଣ ସଂସ୍କାର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ଓ ରାଷ୍ଟ୍ରୀୟ ଖାଦ୍ୟ ନିରାପତ୍ତା ମିଶନରେ ସମସ୍ତ କାର୍ଯ୍ୟକ୍ରମ ହାତକୁ

**ସୁବର୍ଣ୍ଣପୁର ଜିଲା**

ନିଆଯିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ବୈଠକରେ ଡିଡିଏମ ନାବାର୍ଡ ତାପସ ଶଙ୍କର ରାଉତ, ଏଲଡିଏମ ସରୋଜ କୁମାର ଦାଶ, ତେଲ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ଦିଲୀପ କୁମାର ପାତ୍ର, ବରପାଲି କେନାଲ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଭାସ କୁମାର ରଥ, ଉଠା ଜଳସେଚନ ବିଭାଗ ସହକାର ଯନ୍ତ୍ରୀ ଇଂ ଶିରିଶ ଚନ୍ଦ୍ର ମୁଣ୍ଡା, ହରିହରଯୋର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଇଂ.ପୁନେନ୍ଦ୍ର ମାଝୀ, ଡେପୁଟି ପ୍ରୋଜେକ୍ଟ ଡାଇରେକ୍ଟର ଆତ୍ମା ତୁଷାର ରଞ୍ଜନ ମିଶ୍ର, ବୀରମହାରାଜପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, ଡୁଙ୍ଗୁରିପାଲିର ଶ୍ରୀନିବାସ ମଲ୍ଲିକ, ମୃତ୍ତିକା ରସାୟନବିତ୍ ଅନିଲ ପ୍ରହରାଜ, ପରିସଂଖ୍ୟାନ ନିରୀକ୍ଷକ ସୁନିଲ କୁମାର ଠାକୁର, ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ, ଏଆରସିଏସ ଭୀମସେନ ସାହୁ, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ନରେନ୍ଦ୍ର ସାହୁ ଓ କୃଷି ବିଭାଗର ସମସ୍ତ ଜିଲାସ୍ତରୀୟ ଅଧିକାର ଯୋଗ ଦେଇଥିଲେ ।

### ଜିଲାସ୍ତରୀୟ ସୁରଭି ପାଇଁ ବୀରମହାରାଜପୁରରୁ ୩୮ ପ୍ରତିଯୋଗୀ

**ଅମରପାଲି, ୩୧।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପାଇଁ ବୀରମହାରାଜପୁର ବ୍ଲକରୁ ୩୮ ଜଣ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ଏ ନେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ସୂଚନା ଦେଇଛନ୍ତି । ଜୁନିୟର ଓ ସିନିୟର ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଥମେ ବ୍ଲକର ୧୬ଟି କ୍ଲଷ୍ଟରରେ ବିଭିନ୍ନ ପ୍ରତିଯୋଗୀତା କରାଯାଇଥିଲା । କ୍ଲଷ୍ଟରସ୍ତରରେ ବିଭିନ୍ନ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିଥିଲେ । ସୋମବାର ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା ବ୍ଲକସ୍ତରୀୟ ସୁରଭି। ଏଥିରେ ପ୍ରତ୍ୟେକ ପ୍ରତିଯୋଗୀରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ୩୨ଜଣ କୃତୀ ଛାତ୍ରୀଛାତ୍ରଙ୍କ ସହିତ ଦଳଗତ ନୃତ୍ୟରେ ଅଂଶଗ୍ରହଣ କରିଥିବା ୬ଜଣ ଛାତ୍ରୀ ଜିଲାସ୍ତରୀୟ ସୁରଭି ପାଇଁ ଚୟନ ହୋଇଛନ୍ତି ।

## ଠିକାଦାର ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର

### ଆଜିଠାରୁ ସରକାରଙ୍କ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ

**ସୋନପୁର,୩୧।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଠିକାଦାର ସଂଘ ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ବିଲ୍‌ରୁ ରାଜସ୍ୱ ଓ ଲଘୁ ଖଣିଜ ସମ୍ପଦ ମୂଲ୍ୟ କାଟିବା ସମ୍ପର୍କିତ ରାଜସ୍ୱ ବିଭାଗର ଅତିରିକ୍ତ ସଚିବଙ୍କ ନିର୍ଦ୍ଦେଶକୁ ପ୍ରତ୍ୟାହାର ପାଇଁ ସଂଘ ଅନୁରୋଧ କରିଛି। ବାଲି, ପଥର ଓ ମୋରମ ଖାଦାନ ନିଲାମ କରି ତହସିଲ ରାଜସ୍ୱ ଆଦାୟ କରୁଥିବା ବେଳେ ଠିକାଦାର କାମ କରିବା ସମୟରେ ବ୍ୟାବାହାର କରୁଥିବା ଲଘୁଖଣିଜ ପଦାର୍ଥର ରାଜସ୍ୱ ସରକାରଙ୍କୁ ପ୍ରଦାନ କରୁଛି। ମାତ୍ର ସରକାରଙ୍କ ଏହି ନୂତନ ନିର୍ଦ୍ଦେଶନାମା ଠିକାଦାରଙ୍କୁ କ୍ଷତି ପହଞ୍ଚାଇବ। ତେଣୁ ଏହି ନିଷ୍ପତ୍ତି ପ୍ରତ୍ୟାହାର ନକଲେ ନଭେମ୍ବର ୧ତାରିଖ ଶୁକ୍ରବାରଠାରୁ ସମସ୍ତ ଠିକାଦାର ଟେଣ୍ଡର ପାଇଥିବା ସରକାରୀ କାର୍ଯ୍ୟ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ଜିଲା ସଂଘ ସଭାପତି ଜୟମାଧବ ମିଶ୍ର, ସାଧାରଣ ସମ୍ପାଦକ ଅରୁଣ ମେହେର, କୋଷାଧ୍ୟକ୍ଷ ରାମ ନାରାୟଣ ମିଶ୍ର, କାର୍ଯ୍ୟକାରିଣୀ ସଭ୍ୟ ନନ୍ଦୁଲାଲ ପୁରୋହିତ, ଜୟରାମ ପୂଜାହାରୀ, ଦେବଦତ୍ତ ମିଶ୍ର, କୁଶ କୁମାର ସାହୁ, ଅଶୋକ ମେହେର, ଶରତ ପଣ୍ଡା, ସନ୍ତୋଷ ମିଶ୍ର, ରାମ ଶଙ୍କର ମିଶ୍ର, କୃତ୍ତିବାସ ମିଶ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।



ସୁବର୍ଣ୍ଣପୁର ଜିଲା ଠିକାଦାର ସଂଘର କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟିବାକୁ ଯାଉଛନ୍ତି ।

### ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ପାଇ ପ୍ରସ୍ତୁତି

**ଅମରପାଲି, ୩୧।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ହେବାକୁ ଥିବା ଚତୁର୍ଥ ରାଜ୍ୟସ୍ତରୀୟ ବୀରମହାରାଜପୁର କପ ଫୁଟବଲ ଟୁର୍ନାମେଣ୍ଟ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଥିବା ମାଳେଶ୍ରୀ ମଣ୍ଡପରେ ଅନୁଷ୍ଠିତ ବୈଠକରେ କ୍ଲବର ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ପରିଚାଳନା ପାଇଁ ସର୍ବସମ୍ମତିକ୍ରମେ ଏକ କମିଟି ଗଠନ କରାଯାଇଛି। ଏଥିରେ ପର୍ଶୁରାମ ଦେହୁରୀଙ୍କୁ ସଭାପତି, ସତ୍ୟନାରାୟଣ ମହାକୁର ସମ୍ପାଦକ, ଅଜିତ କୁମାର ନାୟକ କୋଷାଧକ୍ଷ, ସିଦ୍ଧାର୍ଥ ପାତ୍ର (ଗୁନା)ଙ୍କୁ ଉପସଭାପତି ଭାବେ ଚୟନ କରାଯାଇଛି। ଟୁର୍ନାମେଣ୍ଟ ନଭେମ୍ବର ୩୦ ଓ ଡିସେମ୍ବର ୧ ତାରିଖରେ ଦୁଇ ଦିନ ଧରି ହେବ। ଏଥିରେ ସୁନ୍ଦରଗଡ, ଖୋର୍ଦ୍ଧା, ଭୁବନେଶ୍ୱର, ବୀରମହାରାଜପୁର, ବରଗଡ, ସମ୍ବଲପୁର ସ୍ପୋର୍ଟସ ହଷ୍ଟେଲ ଓ ଝାରସୁଗୁଡା ଦଳ ଅଂଶଗ୍ରହଣ କରିବାର ସ୍ଥିରୀକୃତ ହୋଇଛି। ଟୁର୍ନାମେଣ୍ଟ ପରିଚାଳନା ପାଇଁ ଅରବିନ୍ଦ ଦେହୁରୀ, ପ୍ରାଣବନ୍ଧୁ କାଣ୍ଡ, ଚନ୍ଦ୍ରମଣି ବଗର୍ତ୍ତି, ଅମିତ ପଧାନ, ପ୍ରଶାନ୍ତ ଷାଣ୍ଢ, ଅଇଁଠୁ ନାଏକ, କ୍ଷୀରୋଦ ପାଣ୍ଡେ, ଅଭିମନ୍ୟୁ ବଗର୍ତ୍ତି, କିଶୋର ନାଏକ, ଚୈତନ୍ୟ ସେଠୀ, ଚିତ୍ତରଞ୍ଜନ ଜଗଦଲା, ଅନ୍ତରାମ ପାତ୍ର, ବାସୁଦେବ ରାଜହଂସ, କାର୍ତ୍ତିକ ମହାକୁର, ମୁନା ପାତ୍ର, ଅଶ୍ୱିନୀ ବାଦୀ ଓ ଗୁରୁ ଡାଙ୍ଗଙ୍କୁ ପରିଚାଳନା କମିଟିରେ ସଦସ୍ୟ ଭାବେ ଚୟନ କରାଯାଇଛି ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ତରଭା, ୩୧।୧୦(ଡି.ଏନ.ଏ.)**




ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସୁବର୍ଣ୍ଣପୁର ଜିଲା ତରଭା ସରକାରୀ ବାଳକ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସରକାରୀ ବାଳକ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରବୀର କୁମାର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଅଞ୍ଜନ କୁମାର ଚୌଧୁରୀ ଓ ମୁଖ୍ୟବକ୍ତାଭାବେ ଜାମକାନୀ ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ପଧାନ ଯୋଗ ଦେଇଥିଲେ । ଶିକ୍ଷକ ସଞ୍ଜିବ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୌଧୁରୀ ସ୍ୱାଗତ ଭାଷଣ ପୂର୍ବକ ସୁରଭିର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅତିଥି ମାନେ ତାଙ୍କର ବକ୍ତବ୍ୟରେ ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହି ସୁରଭି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ବୋଲି ପ୍ରକାଶ କରିଥିଲେ । ଏଥିରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମର ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ବିଇଓ କେଶବ ମେହେର ପ୍ରକାଶ କରିଥିଲେ। ଶିବତୁଳା ସିଆରସିସି ସୁଶାନ୍ତ କୁମାର ମେହେର ସୂଚନା ପ୍ରଦାନ କରିଥିବା ବେଳେ ଶିକ୍ଷକ ନୀଳକଣ୍ଠ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିଲେ ।

## ଝାରବାହାଲି ଓଏଭିରେ ରାଷ୍ଟ୍ରୀୟ ଏକତା ଦିବସ

**ଉଲୁଣ୍ଡା, ୩୧।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଝାରବାହାଲି ଓଡିଶା ଆଦର୍ଶ ବିଦ୍ୟାଳୟରେ ଗୁରୁବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିବସ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଉପାଧ୍ୟକ୍ଷ ରାଧାମୋହନ ପୂଜାହାରୀଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଅଭିଭାବକ ସଂଘ ସଭାପତି ରାମଗୋପାଳ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ସଂସ୍କୃତ ଶିକ୍ଷକ ପୃଥ୍ୱୀରାଜ ପଧାନଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରତୀକ୍ଷା ତ୍ରିପାଠୀ, ଅଶ୍ଳେଷା ବଡପଣ୍ଡା ଓ ଅଙ୍କିତ ଭୋଇ ପ୍ରମୁଖ ଛାତ୍ରୀଛାତ୍ର ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଶିକ୍ଷକ ନାରାୟଣ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଅନ୍ୱେଶ ବଡପଣ୍ଡା, ବିଶ୍ୱମୋହନ ଗାଇଗରିଆ, ଅର୍ପିତା ମେହେର ଏବଂ ତର୍କ ପ୍ରତିଯୋଗୀତାରେ ସୋମରାଜ ମିଶ୍ର, ସଂସ୍କୃତି ସଞ୍ଜଳିକା ପାଣିଗ୍ରାହୀ, ସ୍ୱରୂପ କୁମାର ବଡ଼ିଆ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟର ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଝାରବାହାଲି ଗ୍ରାମ ପର୍ଯ୍ୟନ୍ତ ପ୍ରଭାତ ଫେରିରେ ଯାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସହଯୋଗ କରିଥିଲେ। ଉପାଧ୍ୟକ୍ଷ ରାଧାମୋହନ ପୂଜାହାରୀଙ୍କ ତତ୍ତ୍ୱାବଧାନରେ ଏକତା ଶପଥ ପାଠ କରାଯାଇଥିଲା।

## ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ଡୁଙ୍ଗୁରିପାଲି, ୩୧।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ସାମନ୍ତ ଚନ୍ଦ୍ର ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ସିନିୟର ଟେକ୍‌ନିସିଏନ୍ ବିଜୟ କୁମାର ଖଟେଇ ଯୋଗଦେଇ ରକ୍ତଦାନର ମହତ୍ୱ ଉପରେ ମତ ରଖିଥିଲେ । ରକ୍ତ ଭଣ୍ଡାରର କାଉନସିଲର ଅମରଜିତ୍ ମହାନ୍ତି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ବାଳକୃଷ୍ଣ ପୁଟେଲ ସ୍ୱାଗତ ଭାଷଣ ଓ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଶିବିରରେ ୬୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସଂଗୃହୀତ ରକ୍ତ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରକୁ ପ୍ରେରଣ କରାଯାଇଥିବା କଲେଜ ଅଧ୍ୟକ୍ଷ ପ୍ରକାଶ କରିଥିଲେ।




ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

### ରାମ ମନ୍ଦିର ପୂଜକଙ୍କ ପରଲୋକ



**ଅମରପାଲି, ୩୧।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଚମ୍ପାମାଳ ଗ୍ରାମର ରାମ ମନ୍ଦିରର ପୂଜକ କୁମାର ପଣ୍ଡାଙ୍କ ୯୪ ବର୍ଷରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପଣ୍ଡା ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀ । ଚାକିରୀରୁ ଅବସର ପରେ ସେ ସ୍ଥାନୀୟ ଚମ୍ପାମାଳ ରାମ ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ ସମ୍ପାଦନା କରୁଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମରଶରୀରକୁ ସ୍ଥାନୀୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ବଡପୁଅ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ମୁଖାଗ୍ନି ଦେଇଥିଲେ ।

### ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

## ମାନସିକତାରେ ପରିବର୍ତ୍ତନ ହେଲେ ଦୁର୍ନୀତି ହଟିବ

**ସୋନପୁର,୩୧।୧୦(ନି.ପ୍ର.)**



ଜିଲାପାଳ, ଏସ୍‌ପିଙ୍କ ସମେତ ସମସ୍ତ ଅଧିକାରୀ ଓ ଜନସାଧାରଣ ଦୁର୍ନୀତି ବିରୋଧରେ ଶପଥ ନେଉଛନ୍ତି ।

ସୁବର୍ଣ୍ଣପୁର ଦୁର୍ନୀତି ନିବାରଣ ଶାଖା ପକ୍ଷରୁ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡିଆରଡିଏ ସମ୍ମିଳନୀ କକ୍ଷରେ ସଚ୍ଚୋଟତା-ଏକ ଜୀବନ ଶୈଳୀ ଶୀର୍ଷକ ଆଲୋଚନାଚକ୍ରରେ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୁର୍ନୀତି ଏକ ସାମାଜିକ ବ୍ୟାଧିରେ ପରିଣତ ହେଲାଣି। ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିଲେ ଯାଇ ଦୁର୍ନୀତି ହଟିବ ବୋଲି କହିଥିଲେ। ଦେଶର ଆର୍ଥିକ ପ୍ରଗତି ତଥା ବିକାଶ ଧାରାର ଏହା ଏକ ମୁଖ୍ୟ ପ୍ରତିବନ୍ଧକ। ତେଣୁ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ହେଲେ ପ୍ରଶାସନିକ ଅଧିକାରୀଙ୍କ ନିଷ୍ଠା, ସଚ୍ଚୋଟତା ସହିତ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଜିଲାପାଳ ବାନାର୍ଜୀ ମତପ୍ରକାଶ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦୁର୍ନୀତିର କାୟା କିଭଳି ସମାଜର ସବୁସ୍ତରରେ ବୃଦ୍ଧି ପାଇବାରେ ଲାଗିଛି ସେ ସମ୍ପର୍କରେ ମତ ରଖିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ଜନସାଧାରଣ ସଚେତନ ହେବା ସହ ସରକାରୀ ଯୋଜନା ସମ୍ପର୍କରେ ଅବଗତ ହେଲେ ଦୁର୍ନୀତି କେତେକାଂଶରେ ହ୍ରାସ ପାଇବା ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର ମୁଖ୍ୟବକ୍ତାଭାବେ ଯୋଗଦାନ କରି ଆମ ଦେଶରେ ଦୁର୍ନୀତି କାୟା ବିସ୍ତାର କରିଛି। ତଳସ୍ତରରୁ ଉପରିସ୍ଥ ଅଧିକାରୀଙ୍କ ପର୍ଯ୍ୟନ୍ତ ଏହା ଚାଲିଛି । ବ୍ୟାପକ ସଚେତନତା ଓ ସମ୍ମିଳିତ ଉଦ୍ୟମ ଫଳରେ ସମାଜକୁ ଦୁର୍ନୀତି ମୁକ୍ତ କରାଯାଇପାରିବ ବୋଲି ଡ. ବହିଦାର ମତପ୍ରକାଶ କରିଥିଲେ । ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସପି କାଦମ୍ବିନୀ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପକୃଷି ନିର୍ଦ୍ଦେଶକ ସନ୍ତୋଷ ଜେନା, ଗୋରେଖନାଥ ସାହୁ ଓ ଜିଲାର ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ଦୁର୍ନୀତି ବିରୋଧରେ ସମସ୍ତେ ଶପଥ ପାଠ କରିଥିଲେ । ଡିଆଇପିଆରଓ ହରିଚରଣ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସଚେତନତା ସପ୍ତାହ ଉପଲକ୍ଷେ ପୂର୍ବରୁ ହାଇସ୍କୁଲ ଓ କଲେଜ ସ୍ତରରେ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ଓଡିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ଟାଉନ ହଲ ଠାରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ସଭା କକ୍ଷରେ ପହଞ୍ଚି ଥିଲେ ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### ହତ୍ୟା ଅଭିଯୋଗ, ଏସ୍‌ପିଙ୍କୁ ଫେରାଦ

ବରଗଡ଼ ଅଫିସ୍,୩୧।୧୦: ପାଇକମାଳ ଥାନା ଅନ୍ତର୍ଗତ ସାଲେପାଲି(ଆମପଡ଼ା)ର ନିରାକାର ସାହୁଙ୍କ ମୃତ୍ୟୁ ଘଟଣା ଏବେ ମଧ୍ୟ ରହସ୍ୟାବୃତ୍ତ ହୋଇ ରହିଛି । ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମାତ୍ର ନିରାକାରଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ନିରାକାରଙ୍କ ମା’ ଶାନ୍ତି, ଭଉଣୀ ସଞ୍ଜନା ବୁଧବାର ବରଗଡ଼ ଏସ୍‌ପିଙ୍କୁ ଫେରାଦ ହୋଇଥିଲେ। ଏସ୍‌ପି ପଦ୍ମିନୀ ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏହାର ବିଧିବଦ୍ଧ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ନିବେଦନ କରିଛନ୍ତି । ପ୍ରକାଶଥାଉକି, ଗତ କିଛିଦିନ ତଳେ ନିରାକାରଙ୍କ ଶବକୁ ଏକ ଗଛରୁ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ନିରାକାରଙ୍କୁ ସୁଚିନ୍ତିତ ଭାବେ ହତ୍ୟା କରିବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ ହତ୍ୟାକାରୀମାନେ ଶବକୁ ଗଛରେ ଝୁଲାଇ ଦେଇଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ।

### ଓଡ଼ିଶା ଦଳରେ ବରଗଡ଼ର ୨ ଖେଳାଳି

ବରଗଡ଼ ଅଫିସ୍,୩୧।୧୦: ବରଗଡ଼ ଜିଲାର ଦୁଇ ଉଦୀୟମାନ ଖେଳାଳି ଓଡ଼ିଶା କ୍ରିକେଟ ଟିମ୍‌ରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ରବୀଣ ଲୁହା ଏବଂ ରାହୁଲ ଚୌଧୁରୀ । ପ୍ରବୀଣ ଓଡ଼ିଶା ସିନିୟର ଟି-୨୦ ଏବଂ ରାହୁଲ (୨୩ବର୍ଷରୁ କମ୍) ରାଜ୍ୟ ଦଳରେ ସ୍ଥାନ ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ଦୁଇ ଯୁବ କ୍ରିକେଟରଙ୍କୁ ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା, ଉପସଭାପତି ଶୁଭ୍ରାଂଶୁ ମହାପାତ୍ର, କୋଷାଧ୍ୟକ୍ଷ ଗୁରୁଦତ୍ତ ଦାଶ, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

### ସର୍ବନିମ୍ନ ସୁବିଧା ପାଇଁ ସ୍ମାରକପତ୍ର

ବରଗଡ଼ ଅଫିସ୍,୩୧।୧୦: ବରଗଡ଼ ସହରର ପୁରାତନ ହାଟପଦାର ପରିବା ଦୋକାନୀମାନେ ବୁଧବାର ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ହାଟପଦାରେ ୫୦୦ରୁ ଅଧିକ ପରିବା ଦୋକାନୀ ଥିବାବେଳେ ନିୟମିତ ଏକ ହଜାରରୁ ଅଧିକ ଗ୍ରାହକ ଆସିଥାନ୍ତି। ପ୍ରତିଦିନ ମାର୍କେଟ ଫି ବାବଦକୁ ପୌର ପରିଷଦ ପକ୍ଷରୁ ଦୋକାନୀ ପ୍ରତି ୫ ଟଙ୍କା ଲେଖାଏଁ ଅସୁଲ କରାଯାଉଥିଲେ ସୁଦ୍ଧା ପାନୀୟଜଳ, ଶୌଚାଳୟ ଭଳି ସୁବିଧା ମିଳୁନାହିଁ । ଏପରିକି ବର୍ଷାଦିନେ ହାଟପଦା କାଦୁଅ ହେଉଥିବାବେଳେ ତାର ପ୍ରତିକାର କରାଯାଉନାହିଁ। ସେହିପରି ମଇଳା ଆବର୍ଜନା ନିୟମିତ ଉଠାଯାଉ ନ ଥିବା ଦୋକାନୀମାନେ ଅଭିଯୋଗ କରିଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ପୌର ନିର୍ବାହୀ ଅଧିକାରୀଙ୍କୁ ନିବେଦନ କରିଛନ୍ତି ।

# ଏସ୍‌ଏଚ୍‌ଜି ଡିଜିଟାଇଜେଶନ ଆରମ୍ଭ

ବରଗଡ଼ ଅଫିସ୍,୩୧।୧୦

ବରଗଡ଼ ଜିଲାରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଡିଜିଟାଇଜେଶନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ଗୁରୁବାର ନାବାର୍ଡ଼ ପକ୍ଷରୁ ବରଗଡ଼ ଡିଆରଡିଏ ସମ୍ମିଳନୀ କକ୍ଷରେ ଇ-ଶକ୍ତି ପ୍ରକଳ୍ପ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ନାବାର୍ଡ଼ର ଡିଜିଏମ ପ୍ରତିମା ମିଶ୍ର, ଏଜିଏମ ସରୋଜ କୁମାର ଜେନା, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରବନ୍ଧକ ଶଙ୍କର ଚଲାନ, ଉତ୍କଳ ଗ୍ରାମ୍ୟବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସଦାନନ୍ଦ ପଣ୍ଡା, ଲିଡ୍‌ବ୍ୟାଙ୍କ ମ୍ୟାନେଜର ସୀତାରାମ ମେହେର, ଭାରତୀୟ ଷ୍ଟେଟବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଚନ୍ଦ୍ରଶେଖର ବାରିକ, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କର ଡେପୁଟୀ ଜେନେରାଲ ମ୍ୟାନେଜର ଆର.ସି ଆଚାର୍ଯ୍ୟ, ଆଇସିଡିଏସର ସ୍ନେହାସି ସାହୁ ପ୍ରମୁଖ କର୍ମଶାଳାରେ ମଞ୍ଚାସୀନ ଥିଲେ।



କର୍ମଶାଳାରେ ମଞ୍ଚାସୀନ ଅଧିକାରୀବୃନ୍ଦ ।

ଉକ୍ତ ପ୍ରକ୍ରିୟାରେ ବରଗଡ଼ ଜିଲାର ୮୫୦୦ ସ୍ୱୟଂ ସହାୟକ ଗୋଷ୍ଠୀକୁ ଡିଜିଟାଇଜେଶନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସମ୍ପୃକ୍ତ ଗୋଷ୍ଠୀ ଗୁଡ଼ିକର ସମସ୍ତ ତଥ୍ୟ ଇ-ଶକ୍ତି ପୋର୍ଟାଲରେ ସ୍ଥାନୀତ କରାଯିବ। ନଭେମ୍ବର ମାସରୁ ଏହି ପ୍ରକଳ୍ପ ଆରମ୍ଭ ହେବ ଏବଂ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଲକ୍ଷ୍ୟ ହାସଲ ଯୋଜନା ରହିଛି ବୋଲି କର୍ମଶାଳାରେ ସୂଚନା ଦିଆଯାଇଥିଲା । ସେହିପରି ଫେବୃୟାରୀ ପହିଲାରୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଦେବଦତ୍ତ କ୍ଲବ ଏବଂ ନିଉ ଲାଇଫ ଫାଉଣ୍ଡେଶନକୁ ଦାୟିତ୍ୱ ଦିଆଯାଇଥିବା ସୂଚନା ଦିଆଯାଇଥିଲା । ଜିଲାରେ ମୋଟ୍ ୨୮୪ଜଣ ଏନିମେଟର ଏହି କାର୍ଯ୍ୟରେ ନିଯୁକ୍ତି ହୋଇଛନ୍ତି ଏବଂ ଜଣେ ଏନିମେଟର ୩୦ଟି ଲେଖାଏଁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏ ଦିଗରେ ସହଯୋଗ କରିବେ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ। ଜିଲାର ମୋଟ୍ ୧୫୨ଟି ବ୍ୟାଙ୍କକୁ ଏହି ଇ-ଶକ୍ତି ପୋର୍ଟାଲ ସହିତ ସଂଯୋଗ କରାଯିବ ଏବଂ ସେମାନଙ୍କ ପାସୱାର୍ଡ଼, ଆଇଡ଼ି ଦିଆଯିବ । ଉକ୍ତ ପୋର୍ଟାଲ ଜରିଆରେ ସମ୍ପୃକ୍ତ ବ୍ୟାଙ୍କ ଗୁଡ଼ିକର ସମସ୍ତ ତଥ୍ୟ ମିଳି ପାରିବ ଏବଂ ଋଣ ସହାୟତା ତଥା ଅନ୍ୟ ସହାୟତା ତୁରନ୍ତ ପ୍ରଦାନ କରି ପାରିବେ ବୋଲି ସୂଚନା ଦିଆଯାଇଥିଲା । ତାଲିମଦାତା ସୁବ୍ରତ ସାହୁ ଏନିମେଟରମାନଙ୍କୁ ତାଲିମ ପ୍ରଦାନ କରିବେ ବୋଲି ସୂଚନା ଦିଆଯାଇ ଥିବାବେଳେ କର୍ମଶାଳାରେ ଦେବଦତ୍ତ କ୍ଲବର କାହ୍ନୁଚରଣ ମାଝି, ନିଉ ଲାଇଫ ଫାଉଣ୍ଡେଶନର କଳାକାହ୍ନୁ ଦୀପଙ୍କ ସମେତ ବିଭିନ୍ନ ବ୍ୟାଙ୍କର ପ୍ରତିନିଧି, ଓଡ଼ିଶା ଜୀବିକା ମିଶନର ବିପିଏମ, ମିଶନ ଶକ୍ତିର ସୁପରଭାଇଜରମାନେ ଉପସ୍ଥିତ ଥିଲେ ।

## ଘେଁସରେ ଲାଲ ଯୋଗେନ୍ଦ୍ର ନାଥ ସିଂହ ଜୟନ୍ତୀ

ଘେଁସ,୩୧।୧୦(ଡି.ଏନ.ଏ)

ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ ହାଇସ୍କୁଲ ପରିସରରେ ବୁଧବାର ଘେଁସ ଜମିଦାର ଲାଲ ଯୋଗେନ୍ଦ୍ରନାଥ ସିଂହଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଘେଁସ ଅବସରପ୍ରାପ୍ତ କର୍ମଚାରୀ ସଂଘ ଏବଂ ଗ୍ରାମ୍ୟ ଉନ୍ନୟନ କମିଟି ମିଳିତ ଆନୁକୂଲ୍ୟରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ଶିକ୍ଷକ ହରିହର ପଣ୍ଡାଙ୍କ ପୌରୋହିତ୍ୟରେ ହୋଇଥିବା ଏହି ସଭାରେ ଘେଁସ ସରପଞ୍ଚ ମମତାସିଂହ ବରିହା ମୁଖ୍ୟଅତିଥି, ଜଗଦୀଶ ପଧାନ ମୁଖ୍ୟବକ୍ତା ଏବଂ ଜିଲା ପରିଷଦ ସଭ୍ୟ ଦୟାନିଧି ପଟେଲ ଓ ପ୍ରଧାନ ଶିକ୍ଷକ କେଶବଲାଲ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଘେଁସ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନର ବିକାଶ ପାଇଁ ଜମିଦାରଙ୍କ ନିଷ୍ଠାପର ପ୍ରଚେଷ୍ଟା, ସରଳ ବ୍ୟକ୍ତିତ୍ୱ, ଅମାୟିକ ବ୍ୟବହାର, ଉଦାର ହୃଦୟ ଓ ବଦାନ୍ୟତା ସମ୍ବନ୍ଧରେ ବକ୍ତାମାନେ ଆଲୋକପାତ କରିଥିଲେ । ସାହିତ୍ୟିକ ଡ. ସୁବାସ ମେହେର ସଭା ପରିଚାଳନା କରିଥିବାବେଳେ ଶିକ୍ଷକ ଦେବରାଜ ସାହୁ ଧନ୍ୟବାଦ ଅର୍ପଣ କରଥିଲେ । ଏନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।



ଲାଲ ଯୋଗେନ୍ଦ୍ର ନାଥ ସିଂହ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଜାତୀୟ ଏକତା ଦିବସରେ ନାଟକ, ପଦଯାତ୍ରା

ବରଗଡ଼ ଅଫିସ୍,୩୧।୧୦

ବରଗଡ଼ ସିମେଣ୍ଟନଗରସ୍ଥିତ ବିକାଶ ଇଂଲିସ ମିଡ଼ିୟମ ସ୍କୁଲରେ ଗୁରୁବାର ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ସେହିପରି ଅଧ୍ୟକ୍ଷ ସନାତନ ମହାପାତ୍ର, ଛାତ୍ରୀ ସୁସ୍ମିତା କୁମ୍ଭକାର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଛାତ୍ରୀ ଜାରୀନ ଆଫସା ହୁସେନ, ଖୁସି କୁମାରୀ ଦାଶ କବିତା ଆବୃତ୍ତି କରିଥିଲେ। ଶିକ୍ଷୟିତ୍ରୀ ଅନିତା ପୂଝାରୀଙ୍କ ତତ୍ତ୍ୱାବଧାନରେ ଏକତା ଉପରେ କ୍ଷୁଦ୍ର ନାଟକ ପରିବେଷିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକତା ଦୌଡ଼ର ଆୟୋଜନ କରାଯାଇଥିଲା। ଛାତ୍ର ଦିବ୍ୟଜ୍ୟୋତି ସାହୁ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

**ଭଟଲି,(ଡି.ଏନ.ଏ.):** ଭଟଲି ବ୍ଲକ ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ଜନ୍ମ ବାର୍ଷିକ ପାଳନ ଅବସରରେ ଶପଥପାଠ ଉତ୍ସବ ଓ ପରେ ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଏବଂ କୁଇଜ ପ୍ରତିଯୋଗିତା ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ପଧାନ, ରୀତାରାଣୀ ବେହେରା, ସୌଦାମିନୀ ପଧାନ, ଜ୍ୟୋତ୍ସ୍ନାମୟୀ ପଧାନ ପ୍ରମୁଖ ସର୍ଦ୍ଦାର ପଟେଲଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ । ସେହିପରି କୁଶନପୁରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ, ନୂଆଗଡ଼ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟ, ଦଧିବାମନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଞ୍ଜିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋପାଳପୁର ସେବାଶ୍ରମ ଓ ଏମ୍‌ଇ ବିଦ୍ୟାଳୟ ଏବଂ ତେଜାଗୋଲା ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା ।

**ପାଇକମାଳ, (ଡି.ଏନ.ଏ):** ପାଇକମାଳ ଜବାହାର ନବୋଦୟ ବିଦ୍ୟାଳୟରେ ଗୁରୁବାର ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ସରୋଜ କୁମାର ତ୍ରିପାଠୀ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇବା ପରେ ଏକତା ଦୌଡ ହୋଇଥିଲା। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି । ତ୍ରିଲୋଚନ ନାଏକ ସର୍ଦ୍ଦାର ପଟେଲଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ଏକ ରାଲିରେ ବାହାରି ପାଇକମାଳ ପରିକ୍ରମା କରିଥିଲେ। ହେମସାଗର ସାହୁ, ସୁଦାମ ପାଣ୍ଡେ, ଜ୍ୟୋତିର୍ମୟୀ ପଟ୍ଟନାୟକ, ବବିତା ବେହେରା, ବିଶ୍ୱନାଥ ସାହୁ ସହଯୋଗ କରିଥିଲେ ।

**ପଦ୍ମପୁର, (ଡି.ଏନ.ଏ):** ପଦ୍ମପୁର ନିକଟସ୍ଥ କନସିଂହା କ୍ଲଷ୍ଟରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସକୁ ଏକତା ଦିବସ ଭାବେ ପାଳନ କରାଯାଇଛି। ଏଥିରେ କନସିଂହା, ଗୌଡପାଲି, ଖୁଜେନ, ନୂଆପାଲି, ବରିହାପାଲି, ଚକାଖଲିଆ, ପତ୍ରାପାଲି, ଆମ୍ୱମୁଡା ସମେତ କ୍ଲଷ୍ଟର ଅଧୀନ ଅନ୍ୟ ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଥିଲେ। ଏକତା ଦିବସ ପାଳନ ଯୋଗୁ ଛାତ୍ରୀଛାତ୍ରମାନେ ମହାପୁରୁଷଙ୍କ ଜୀବନୀ ଉପରେ ଜାଣିପାରିବେ ବୋଲି ମତପ୍ରକାଶ ପାଇଥିଲା ।



ସିମେଣ୍ଟନଗର ବିକାଶ ସ୍କୁଲରେ ଜାତୀୟ ଏକତା ଦିବସ ପାଳନ କରାଯାଉଛି ।

## ମାମଲା ପ୍ରତ୍ୟାହାର ଦାବିରେ ସ୍ମାରକପତ୍ର ପ୍ରଦାନ

ବରଗଡ଼ ଅଫିସ୍,୩୧।୧୦

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଗଣବଳାତ୍କାର ଓ ହତ୍ୟା ମାମଲାକୁ ମିଥ୍ୟା ବୋଲି ଅଭିହିତ କରି ରୂପାପାଲି ଗ୍ରାମର ଅନେକ ମହିଳା ଗୁରୁବାର ଜିଲାପାଳ ଅଫିସକୁ ଆସି ଧାରଣାରେ ବସିବା ସହିତ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସେହି ମାମଲାକୁ ପ୍ରତ୍ୟାହାର କରିବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ପ୍ରକାଶ ଯେ, ଭେଡ଼େନ ଅଞ୍ଚଳର ଏକ ଗ୍ରାମରେ ଗଣବଳାତ୍କାର, ହତ୍ୟା ଅଭିଯୋଗ ନେଇ ହାଇକୋର୍ଟରେ ଫେରାଦ ହେବା ସହିତ ରାଜ୍ୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶକ୍ରମେ ଭେଡ଼େନ ଥାନାରେ ଏକ ମାମଲା(୧୬୫/୧୯) ରୁଜୁ ହୋଇଛି। ଏଥିରେ କିଛି ପୋଲିସ ଅଧିକାରୀଙ୍କ ସମେତ କେତେକ ଗ୍ରାମବାସୀଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଛି । ତେବେ ଏହି ମାମଲା ମିଥ୍ୟା ଏବଂ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଅତାବିରା ଥାନା ଅଞ୍ଚଳର ଜଣେ ଯୁବକଙ୍କ ପ୍ରରୋଚନାରେ ସେଭଳି ଅଭିଯୋଗ ଅଣାଯାଇଛି ବୋଲି ରୂପାପାଲି ଗ୍ରାମର ଅନେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବରଗଡ଼ ଏସପି ପଦ୍ମିନୀ ସାହୁଙ୍କୁ ଭେଟି ଗ୍ରାମବାସୀ ପୂର୍ବରୁ ଏକ ସ୍ମାରକପତ୍ର ପ୍ରଦାନ ସହିତ ସେହି ମାମଲା ପ୍ରତ୍ୟାହାର କରି ନେବାକୁ ନିବେଦନ କରିଥିଲେ । ଏହାର କିଛିଦିନ ପରେ ଅନ୍ୟ କେତେକ ମହିଳା ଜିଲାପାଳ ଅଫିସରେ ଧାରଣା ଦେବା ସହିତ ଉକ୍ତ ମାମଲାର ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଥିଲେ । ଅନ୍ୟପଟେ ଗୁରୁବାର ପୁଣି ରୂପାପାଲିର କିଛି ଗ୍ରାମବାସୀ ଜିଲାପାଳଙ୍କୁ ଫେରାଦ ହୋଇ ମାମଲାକୁ ମିଥ୍ୟା ବୋଲି ଦର୍ଶାଇ ତାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।

## ଫୁଟବଲ: ଜମୁର୍ଡ଼ା, ବିକାଶ ବିଜୟୀ

ବରଗଡ଼ ଅଫିସ୍,୩୧।୧୦

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଗୁରୁବାର ମ୍ୟାଚ ଗୁଡ଼ିକରେ ଜମୁର୍ଡ଼ା ଏବଂ ବିକାଶ ରେସିଡେନ୍ସିଆଲ ସ୍କୁଲ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଜମୁର୍ଡ଼ା ଓ କଟକିଆ ପଡ଼ା ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା । ଏଥିରେ ଜମୁର୍ଡ଼ା ଦଳ ୫-୦ ଗୋଲରେ କଟକିଆପଡ଼ାକୁ ହରାଇ ବୃହତ ବିଜୟ ହାସଲ କରିଥିଲା । ସେହିପରି ବିକାଶ ରେସିଡେନ୍ସିଆଲ ସ୍କୁଲ ଏବଂ ବରଗଡ଼ର ନେହେରୁ ଆସୋସିଏଶନ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା । ଏଥିରେ ବିକାଶ ୨-୧ ଗୋଲରେ ବିଜୟୀ ହୋଇଥିଲା । ବିକାଶ ପକ୍ଷରୁ ସୁରଜ ମର୍ଦ୍ଦି ଓ ରିକି ବୁଡ଼େକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବାବେଳେ ନେହେରୁ ଆସୋସିଏଶନର ପ୍ରଦୀପ ନନ୍ଦ ଗୋଟିଏ ଗୋଲ ସ୍କୋର କରିଥିଲେ ।

## ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଉପରେ ଦକ୍ଷତା କର୍ମଶାଳା

ବରଗଡ଼ ଅଫିସ୍,୩୧।୧୦

ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ଉପରେ ବରଗଡ଼ରେ ଚାଲୁଥିବା ଦୁଇଦିନିଆ ଦକ୍ଷତା କର୍ମଶାଳା ଗୁରୁବାର ଉଦଯାପିତ ହୋଇଛି। ଆନ୍ତର୍ଜାତୀୟ ଫସଲ ଗବେଷଣା ସଂସ୍ଥା ଇ-କ୍ରିସେଟ୍ ପକ୍ଷରୁ ଅନୁଷ୍ଠିତ ଏହି କର୍ମଶାଳାକୁ ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ ଉଦଘାଟନ କରିଥିଲେ। ବୈଜ୍ଞାନିକ ଡଃ ଏମ. ଥୋମାସ, ତାପସ କୁମାର ପାଣିଗ୍ରାହୀ ପ୍ରମୁଖ କର୍ମଶାଳାରେ ଯୋଗ ଦେଇଥିଲେ। ସେହିପରି ଡଃ ବିଭୂତି ଭୂଷଣ ମିଶ୍ର, ଲମ୍ବୋଦର ପଟେଲ, ବିନୋଦ ଲାକ୍ରା, ରାଜୀବ ଲୋଚନ ମିଶ୍ର, ଯଯାତି କେଶରୀ ଜେନା ତାଲିମ ପ୍ରଦାନ କରିଥିଲେ। ତ୍ରିରଙ୍ଗା ଯୁବକ ସଂଘର ସମ୍ପାଦକ ବ୍ୟାସଦେବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲାର ସମସ୍ତ ବ୍ଲକର ଭିଏଲଡବ୍ଲ୍ୟୁ, କୃଷି ଅଧିକାରୀମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ ।

# ପ୍ରତିଭା ବିକାଶର ପ୍ରକୃଷ୍ଟ ମାଧ୍ୟମ ସୁରଭି

ବରଗଡ଼ ଅଫିସ୍,୩୧।୧୦

ବରଗଡ଼ ସହରର ଖଜୁରଟିକ୍ରା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟଠାରେ ଗୁରୁବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲ ପିଲାମାନଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ଗୁଣାବଳୀ, ପ୍ରତିଭା ଅନ୍ୱେଷଣର ପ୍ରକୃଷ୍ଟ ମାଧ୍ୟମ ସୁରଭି କାର୍ଯ୍ୟକ୍ରମ ବୋଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାର ସୁଧାଂଶୁ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଶିକ୍ଷକ ଅରବିନ୍ଦ ଗୁପ୍ତାଙ୍କ ସଂଯୋଜନାରେ ଏବିଇଓ ସବିତା ପ୍ରଧାନ, ପ୍ରମୋଦ କୁମାର ହୋତା, ସୂର୍ଯ୍ୟ ହୋତା, ପ୍ରଧାନଶିକ୍ଷକ ମୁହୁରିଆ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ୧୬ଟି କ୍ଲଷ୍ଟରରୁ ଆସିଥିବା ପ୍ରତିଯୋଗୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଲୋକନୃତ୍ୟ ପ୍ରତିଯୋଗିତାରେ ରାଣାପ୍ରତାପ ହାଇସ୍କୁଲ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନିତ ହୋଇଥିଲା । ସେହିପରି ତର୍କ, ସଙ୍ଗୀତ, ପ୍ରବନ୍ଧ, ଚିତ୍ରାଙ୍କନ ଏବଂ ଅନ୍ୟ ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ହୋଇଥିବା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ, ପୁରସ୍କାର ବିତରଣୀ ସମାରୋହରେ ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଅମୂଲ୍ୟ ଭୋଇ, ରକ୍ଷପାଳ ସାହୁ, ଅରବିନ୍ଦ ଗୁପ୍ତା, ଅଶୋକ କୁମାର ଦାଶ, ଅଭୟ କୁମାର ବେହେରା, ନମିତା ପଟ୍ଟନାୟକ, ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ଶିବ ବାଗ, ସ୍ୱର୍ଣ୍ଣଲତା ହୋତା, ସୁପ୍ରଭା ସାମଲଙ୍କ ସମେତ ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏବିଇଓ ପ୍ରମୋଦ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।


ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ବରଗଡ଼ ଅଫିସ୍,୩୧।୧୦

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଏବଂ ବରିଷ୍ଠ ଆଡ଼ଭୋକେଟ୍ ଶଙ୍କର୍ଷଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସେହିପରି ବରଗଡ଼ ଏସପି ପଦ୍ମିନୀ ସାହୁ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିବା ବେଳେ ଭିଜିଲାନ୍ସ ଡିଏସପି ବିରେନ୍ଦ୍ର କୁମାର ନାୟକଙ୍କ ସମେତ ବହୁ ପଦାଧିକାରୀ, କର୍ମଚାରୀ, ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେମାନେ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରିଥିବାବେଳେ ସଚ୍ଚୋଟତା ଏକ ଜୀବନଶୈଳୀ ଉପରେ ଅତିଥି ଏବଂ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ବକ୍ତବ୍ୟ ରଖିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ସଂକ୍ଷେପରେ

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ବାଉଁଶୁଣୀ, ୩୧।୧୦ (ଡି.ଏନ.ଏ) ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦଘାଟିତ ହୋଇଯାଇଛି। ଅଧ୍ୟାପକ ଶଶିକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଳ, ଡିପିଓ ଏନଏସଏସ ଡ. ମନୋରଞ୍ଜନ ଘଡେଇ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ନିମିତ୍ତ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଟ୍ରେନର ମାଷ୍ଟର ସୁଶ୍ରୀ ମଧୁସ୍ମିତା ଜଗଦଲା ଓ ସୁଶ୍ରୀ ସୋନାଲି ମହାକୁଳ ତାଲିମ ଦେଉଛନ୍ତି । ଶିବିରରେ ୬୦ଜଣ ଛାତ୍ରୀ ୧୨ ଦିନ ଧରି ତାଲିମ ନେବେ ।

### କନ୍ଧମାଳରେ ନିଯୁକ୍ତିମେଳା

ଘଣ୍ଟାପଡା,୩୧।୧୦(ଡି.ଏନ.ଏ.) କନ୍ଧମାଳ ପଞ୍ଚାୟତ ସମିତି ପରିସରରେ ଗୁରୁବାର ଶିକ୍ଷିତ ଯୁବତୀ ଯୁବକମାନଙ୍କ ପାଇଁ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ୧୮ରୁ ୩୫ ବର୍ଷ ମଧ୍ୟରେ ପଞ୍ଚମ ଶିକ୍ଷାଗତ ଯୋଗ୍ୟତା ଥିବା ଗରିବ, ବେକାର ଯୁବତୀ ଯୁବକମାନଙ୍କୁ ଦକ୍ଷତା ତାଲିମ ବିକାଶ ଦ୍ୱାରା ଆତ୍ମନିର୍ଭରଶୀଳ ହେବା ସହିତ ଅଧିକ ରୋଜଗାରକ୍ଷମ କରାଇବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ୧୨ଟି କମ୍ପାନୀ ନିଜ ନିଜ ପାଇଁ ପ୍ରାର୍ଥୀ ଚୟନ କରିଥିଲେ । ବିଡିଓ ରବିନ୍ଦ୍ର ନାଥ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ବ୍ଲକ ଉପାଧକ୍ଷା ମମତା ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଦିବ୍ୟଶଙ୍କର ରାଉତ, ଏ.ଇ ମଧୁସ୍ମିତା ବାସ୍କେ, ପି.ଏ ପ୍ରମୋଦ କୁମାର ପାଢ଼ୀ ଏବଂ ବିପିଏମ ଶାନ୍ତନୁ କୁମାର ମେହେର ଉପସ୍ଥିତ ଥିଲେ ।

### ଉଦ୍ଧାର ମୃତଦେହର ପରିଚୟ ମିଳିନି

ଭେଡ଼େନ,୩୧।୧୦(ଡ଼ି.ଏନ.ଏ) ଭେଡ଼େନ ଥାନା ଅନ୍ତର୍ଗତ ଅଛାଣ୍ଡପାଲି ଗ୍ରାମ ନିକଟବର୍ତ୍ତୀ ଜିରା ନଦୀ ପଠାରୁ ବୁଧବାର ଭେଡ଼େନ ପୋଲିସ ଜଣେ ଅଜଣା ବ୍ୟକ୍ତିର ଗଳିତ ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୪୦ରୁ ୪୫ ବର୍ଷ ହେବ । ସେ କଳା ରଙ୍ଗର ଫୁଲପ୍ୟାଣ୍ଟ ପିନ୍ଧିଥିବା ବେଳେ ସିମେଣ୍ଟ ରଙ୍ଗର ଟି ସାର୍ଟ ପିନ୍ଧିଥିବା ଦେଖାଯାଇଛି। ନଦୀ ପାଣିରେ ଏହି ମୃତଦେହ ଭାସିଆସିଥିବା ସନ୍ଦେହ କରାଯାଉଛି। ତେବେ ମୃତକଙ୍କ ପରିଚୟ ଜଣାପଡ଼ିନାହିଁ। ଭେଡ଼େନ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି ।



### ମହିଷାସୁର ଦରବାର ରକ୍ତବୀର୍ଯ୍ୟ, ବିଡ଼ଲାକ୍ଷ ନିହତ

ଭେଡ଼େନ,୩୧।୧୦(ଡ଼ି.ଏନ.ଏ) ଭେଡ଼େନ ବ୍ଲକ ଜାଣ୍ଡୋଲଠାରେ ଚାଲିଥିବା ମୁକ୍ତମଞ୍ଚ ମହିଷାସୁର ରାଜ କାର୍ଯ୍ୟକ୍ରମର ବୁଧବାର ଥିଲା ତୃତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ମୁକ୍ତମଞ୍ଚ ରାଜ ଦରବାରରେ ହୋଇଥିବା ନାଟ୍ୟାଭିନୟରେ ସମରରେ ପରାଜିତ ଦେବଗଣ ବ୍ରହ୍ମା ଏବଂ ବିଷ୍ଣୁଙ୍କ ଶରଣାପନ୍ନ ହୋଇ କରିଛନ୍ତି ଦୈତ୍ୟ ନିପାତ ପାଇଁ ପରାମର୍ଶ। ସମସ୍ତ ଦେବଗଣଙ୍କ ଶକ୍ତିକୁ ନେଇ ଆବିର୍ଭୂତା ହୋଇଛନ୍ତି ମାତା ଦୁର୍ଗା। ଅସୁର ନିଧନ ପାଇଁ ମର୍ତ୍ତ୍ୟରେ ପଦାର୍ପଣ କରିଛନ୍ତି ମାତା। ମହିଷାସୁର ପ୍ରେରିତ ରକ୍ତବୀର୍ଯ୍ୟ ଏବଂ ବିଡ଼ଲାକ୍ଷ ରାକ୍ଷସଙ୍କୁ ବଧ କରିଛନ୍ତି ମାତା।

■ ହରଭଙ୍ଗା ବ୍ଲକରେ ବିଶେଷଜ୍ଞ ଦଳ

# କିଡ୍‌ନୀ ରୋଗର କାରଣ ଅନୁଧାନ

**ବୌଦ୍ଧ/ପୁରୁଣାକଟକ, ୩୧।୧୦(ସ୍ୱ.ପ୍ର/ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିଭିନ୍ନ ଗ୍ରାମରେ କିଡ୍‌ନୀ ରୋଗ ମହାମାରୀ ରୂପ ନେଲାଣି । ବହୁ ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ ମୃତ୍ୟୁବରଣ କରିଛନ୍ତି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କିଡ୍‌ନୀ ରୋଗର କାରଣ ଯାଞ୍ଚ କରି ଉପଯୁକ୍ତ ନିରାକରଣ ବ୍ୟବସ୍ଥା ଗ୍ରହଣ କରିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ଏଥିପାଇଁ ବିଭିନ୍ନ ଗ୍ରାମର ସଚେତନ ବ୍ୟକ୍ତି ବିଶେଷଙ୍କୁ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବା ସହିତ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଧାରଣା ମଧ୍ୟ ଦିଆଯାଇଥିଲା । କିଛି ଦିନ ତଳେ ୫-ଟି କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ବୌଦ୍ଧ ଗସ୍ତକରି ସ୍ୱାସ୍ଥ୍ୟସେବାର ସମୀକ୍ଷା କରିବାବେଳେ ଜିଲାରେ ଅନେକ ଲୋକଙ୍କ କିଡ୍‌ନୀ ଜନିତ ରୋଗରେ ମୃତ୍ୟୁ ହୋଇଥିବା ଅଭିଯୋଗ କରାଯାଇଥିଲା। ତେଣୁ ଖୁବଶୀଘ୍ର ଏକ ବିଶେଷଜ୍ଞ ଡାକ୍ତରୀଦଳ ଜିଲା ଗସ୍ତ କରି ଏ ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ଉଚ୍ଚସ୍ତରୀୟ କମିଟି ପ୍ରତିଶ୍ରୁତି ଦେଇଥିଲା । ବୁଧବାର ବ୍ରହ୍ମପୁର ମେଡିକାଲ କଲେଜରୁ ଏକ ୬ ଜଣିଆ ବିଶେଷଜ୍ଞ ଡାକ୍ତରୀଦଳ ବୌଦ୍ଧ ଜିଲାରେ ପହଞ୍ଚି ପ୍ରଭାବିତ ହରଭଙ୍ଗା ବ୍ଲକର ଚାରିଛକ, କରଞ୍ଜିକଟା, ସଙ୍କୁଲୋଇ, ଛତରଙ୍ଗ, ହରଭଙ୍ଗା, ଧଳପୁର, ଜବଲପୁର ଓ ଭବାନୀପୁର ଗ୍ରାମ ପରିଦର୍ଶନ କରିଥିଲେ। ସେମାନେ ୧୨୦ ଜଣଙ୍କୁ ସାକ୍ଷାତ କରି କିଡ୍‌ନୀ ରୋଗର କାରଣ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ଟିମ୍ ଅନୁଧ୍ୟାନ ସାରି ଫେରିବା ପରେ ସନ୍ଧ୍ୟାରେ ବୌଦ୍ଧ ଜିଲାପାଳଙ୍କୁ ଭେଟି ରିପୋର୍ଟ ପ୍ରଦାନ କରି ବ୍ରହ୍ମପୁର ଫେରିଯାଇଥିବା ଜଣାପଡିଛି। ବ୍ରହ୍ମପୁର ମେଡିକାଲ କଲେଜର ନେଫ୍ରୋଲୋଜି ବିଭାଗର ପ୍ରଫେସର ଡ. ବିବେକାନନ୍ଦ କରଙ୍କ ନେତୃତ୍ୱରେ ଆସିଥିବା ଏହି ଅନୁଧ୍ୟାନକାରୀ ବିଶେଷଜ୍ଞ ଦଳରେ କମ୍ୟୁନିଟି ମେଡିସିନ ସହକାରୀ ପ୍ରଫେସର ଡ. ଚନ୍ଦନ ସାମନ୍ତରା, ମାଇକ୍ରୋ ବାୟୋଲୋଜି ସହକାରୀ ପ୍ରଫେସର ଡ. ଭନପାରଥୀ ନାଗରାଜୁ, ଜେନେରାଲ ମେଡିସିନ ସହକାରୀ ପ୍ରଫେସର ଡ. ପ୍ରତାପ ଚନ୍ଦ୍ର ବିଶ୍ୱାଳ ଓ ଟେକନିସିଆନ ସୁଶାଂ କୁମାର ବେହେରା ସାମିଲ ହୋଇଥିଲେ ।



ବିଶେଷଜ୍ଞ ଦଳ କିଡ୍‌ନୀ ରୋଗର କାରଣ ଅନୁଧାନ କରୁଛନ୍ତି ।

# ବୌଦ୍ଧ ପୁସ୍ତକମେଳା ପ୍ରସ୍ତୁତି

**ବୌଦ୍ଧ,୩୧।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା ଜର୍ଣ୍ଣାଲିଷ୍ଟ ଫୋରମ୍‌ର ବାର୍ଷିକ ସାଧାରଣ ବୈଠକ ବୁଧବାର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଫୋରମ୍‌ର ସଭାପତି ଦିବ୍ୟଶଙ୍କର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିବରଣୀ ଉପସ୍ଥାପନ କରିଥିଲେ । ଗତବର୍ଷର ଆୟବ୍ୟୟ ଓ ଆଗାମୀବର୍ଷର ବଜେଟ ବୈଠକରେ ଗୃହୀତ ହୋଇଥିଲା । ଏଥିସହିତ ପଞ୍ଚଦଶ ବୌଦ୍ଧ ପୁସ୍ତକମେଳା-୨୦୧୯ ପାଇଁ ବିଭିନ୍ନ ନିଷ୍ପତ୍ତିସବୁ ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ଏହି ମେଳାରେ ସାମ୍ବାଦିକତା, ସାହିତ୍ୟ, କଳା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁସ୍ତକମେଳା ସମ୍ମାନ ଓ ରାଜ୍ୟସ୍ତରୀୟ ସାମ୍ବାଦିକତା ପାଇଁ ବାର୍ତ୍ତାବହ ସମ୍ମାନ ପ୍ରଦାନ କରାଯିବ । ଏହି ସାଧାରଣ ବାର୍ଷିକ ବୈଠକରେ ଜିଲା ଜର୍ଣ୍ଣାଲିଷ୍ଟ ଫୋରମର ନୂତନ କର୍ମକର୍ତ୍ତା ମନୋନୀତ ହୋଇଥିଲେ। ଦିବ୍ୟଶଙ୍କର ରାଉତ ସଭାପତି, ସତ୍ୟନାରାୟଣ ପାଣି ଉପସଭାପତି, ଯୁଗଳ କିଶୋର ସାମଲ ସାଧାରଣ ସମ୍ପାଦକ, ସୁଧାଂଶୁ ଶେଖର ମିଶ୍ର ଯୁଗ୍ମ ସମ୍ପାଦକ, ଦେବାନନ୍ଦ ସାହୁ କୋଷାଧ୍ୟକ୍ଷ ମନୋନିତ ହୋଇଥିଲେ। ଚିତ୍ତ ରଞ୍ଜନ ସିଂ, ପ୍ରୀତିରଞ୍ଜନ ଦାସ, ବାସୁଦେବ ସାହୁ, ସତ୍ୟଜିତ କୁମାର ପଣ୍ଡା, ସିବ ମହାକୁଳ କାର୍ଯ୍ୟକାରୀ କମିଟି ସଦସ୍ୟ ଏବଂ ସୁକାନ୍ତ କୁମାର ପଟ୍ଟନାୟକ, ଜନାର୍ଦ୍ଦନ ନେପାକ, ବବଲୁ ପାଢୀ ଉପଦେଷ୍ଟା ମନୋନିତ ହୋଇଥିଲେ। ପଞ୍ଚଦଶ ବୌଦ୍ଧ ପୁସ୍ତକମେଳାର ଆବାହକ ଭାବେ ପ୍ରକାଶ ଚନ୍ଦ୍ର ମେହେର ସର୍ବସମ୍ମତିକ୍ରମେ ମନୋନିତ ହୋଇଥିଲେ ।

# ଜନତା ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ

**ମନମୁଣ୍ଡା, ୩୧।୧୦ (ଡି.ଏନ.ଏ)**

ବୌଦ୍ଧ ଜିଲା ବିଳାସପୁର ସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ବୌଦ୍ଧ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାପକ ଡ. ଜ୍ୟୋତିରଞ୍ଜନ ବହିଦାର ମୁଖ୍ୟବକ୍ତା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, କନ୍ଧମାଳ ବିଇଓ ଦଶରଥ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଳାସପୁର ଉଚ୍ଚ ବିଦ୍ୟାଳୟ ମୋ ସ୍କୁଲ ଅଭିଯାନର ସଭାପତି ଅବସରପ୍ରାପ୍ତ ସୁବେଦାର ଲଳିତ ସାହୁ ସଭାପତିତ୍ୱ କରିଥିଲେ । ପୁରାତନ ଛାତ୍ର ସଂସଦର ସମ୍ପାଦକ ରାଜୀବ ନାୟକ ସ୍ୱାଗତ ଭାଷଣ ଓ ସଭାପତି ସୁରଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ସ୍କୁଲ ପ୍ରଧାନଶିକ୍ଷକ ସୁକଦେବ ପଣ୍ଡା ମୋ ସ୍କୁଲ ଅଭିଯାନର ରୂପରେଖ ବର୍ଣ୍ଣନା କରିଥିଲେ । ଏଥିରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଶୁଭମ ପ୍ରସାଦ ମିଶ୍ର, ଗଣିତ, ବିଜ୍ଞାନ ଓ ଇଂରାଜୀ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ହିତେନ୍ଦ୍ର ଭୂଷଣ ମେଣ୍ଡିଲି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ପୁରାତନ ଛାତ୍ରୀଛାତ୍ର, ଶିକ୍ଷାପ୍ରେମୀ, ଅଭିଭାବକ ଏବଂ ସ୍କୁଲ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

■ ଜାତୀୟ ରାଜପଥ ଡିଭାଇଡର ଘାସମୟ

# ଗାଡ଼ି ଚାଳକଙ୍କ ପାଇଁ ସାଜିଛି କାଳ

**ବୌଦ୍ଧ,୩୧।୧୦(ସ୍ୱ.ପ୍ର)**

ସରକାର ଗାଡି ଚଳାଚଳ ଠିକ୍ ଭାବେ କରିପାରିବା ନେଇ ରାସ୍ତା ଗୁଡିକର ପ୍ରଶସ୍ତୀକରଣ ସାଙ୍ଗକୁ ଦୁର୍ଘଟଣା ରୋକିବା ପାଇଁ ରାସ୍ତା ଉପରେ ଡିଭାଇଡର ମାନ ସ୍ଥାପନ କରିଛନ୍ତି । କିନ୍ତୁ କର୍ମଚାରୀଙ୍କ ବେପରୱା ମନବୃତ୍ତି ଯୋଗୁ ଏହି ଡିଭାଇଡର ଗାଡି ଚାଳକଙ୍କ ପାଇଁ କାଳ ସାଜୁଛି । ଏମିତି ଏକ ଅବସ୍ଥା ଦେଖିବାକୁ ମିଳିଛି ବୌଦ୍ଧ ଜାତୀୟ ରାଜପଥ ବିଭାଗର କାର୍ଯ୍ୟାଳୟ ସମ୍ମୁଖରେ। ବୌଦ୍ଧ ସହର ଦେଇ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଯାଇଥିବା ବେଳେ ଏହି ରାସ୍ତାର ରକ୍ଷଣାବେକ୍ଷଣା ପାଇଁ ବୌଦ୍ଧ ବ୍ରିଜ ଛକରେ ଏକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି। ବୌଦ୍ଧ ସହରର ବ୍ରିଜ ଛକ ଏକ ଜନଗହଳି ସ୍ଥାନ । ଏହାସହ ଏହି ଛକ ଦେଇ ଯାତ୍ରୀମାନେ ସମ୍ବଲପୁର, ଅନୁଗୋଳ, ବଲାଙ୍ଗୀର ଓ ଭୁବନେଶ୍ୱର ଆଦି ସ୍ଥାନକୁ ଯିବା ଆସିବା କରିଥାନ୍ତି । ଏହି ବ୍ରିଜ ଛକର ରାସ୍ତା ମଝିରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ସିମେଣ୍ଟ ଡିଭାଇଡର ନିର୍ମାଣ କରାଯାଇଛି । କିନ୍ତୁ ବର୍ତ୍ତମାନ ଏହି ଡିଭାଇଡର ଉପରେ ଘାସ ଓ ବିଭିନ୍ନ ଗଛ ଥିବାରୁ ଡିଭାଇଡର କେତେ ପରିମାଣରେ ଓ କିଭଳି ଅଛି ଗାଡି ଚାଳକ ଜାଣି ପାରୁ ନ ଥିବାରୁ ଦୁର୍ଘଟଣା ଘଟୁଛି। ଏହି ଡିଭାଇଡର ଜାତୀୟ ରାଜପଥ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବେଳେ କିପରି ବିଭାଗର ଦୃଷ୍ଟି ପଡୁନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ତେବେ ଏ ସମ୍ପର୍କରେ ରାଜପଥ ବିଭାଗ ଅଧିକାରୀଙ୍କ ମତାମତ ମିଳିପାରିନାହିଁ ।


ରାଜପଥ ଡିଭାଇଡର ଘାସଲଟାରେ ପୂର୍ଣ୍ଣ ହୋଇ ରହିଛି ।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ମନମୁଣ୍ଡା, ୩୧।୧୦ (ଡି.ଏନ.ଏ)**

ବୌଦ୍ଧ ଜିଲା ଶଗଡା ମନମୁଣ୍ଡା ସ୍ଥିତ ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ଏହି ସଭାରେ ରାଜନୀତି ବିଜ୍ଞାନ ଅଧ୍ୟାପକ ସୁଶୀଲ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସ୍କୃତ ଅଧ୍ୟାପକ ବିଭିଷଣ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ରଚନା, ଚିତ୍ରାଙ୍କନ ଓ ବକ୍ତୃତା ଆଦି ପ୍ରତିଯୋଗତା କରାଯାଇ କୃତୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ରାଷ୍ଟ୍ରର ଏକତାକୁ ବଜାୟ ରଖିବା ନିମନ୍ତେ ସାମୂହିକ ଶପଥ ଗ୍ରହଣ କରାଯାଇଥିଲା। ସେହିପରି ଦମାମୁଣ୍ଡା ଜୟକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି । ସ୍କୁଲ ଅଧକ୍ଷା ପ୍ରିୟମ୍ବଦା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ, ଛାତ୍ରୀଛାତ୍ରମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ପଟେଲଙ୍କ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ପରେ ଏକତାର ଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା

**ମନମୁଣ୍ଡା, ୩୧।୧୦ (ଡି.ଏନ.ଏ)**

ମନମୁଣ୍ଡାରେ ଭାଜପା ତରଫରୁ ଗୁରୁବାର ୧୫୦ତମ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଛି । ଏହା ସ୍ଥାନୀୟ ଡାକବଙ୍ଗଳାରୁ ଆରମ୍ଭ ହୋଇ ଦେଉଳି ପର୍ଯ୍ୟନ୍ତ ଯାଇଥିଲା । ଏହି ଯାତ୍ରାରେ ବରିଷ୍ଠ ଭାଜପା ନେତା ଖାରବେଳ ସ୍ୱାଇଁ, କହ୍ନେଇ ଚରଣ ଡାଙ୍ଗ, ବିପ୍ରଚରଣ ମହାନ୍ତି, ଚିତ୍ତ ପାତ୍ର, ସଂଗ୍ରାମ ବେହେରା ପ୍ରମୁଖ ସାମିଲ ହୋଇ ପଥପ୍ରାନ୍ତ ସଭାରେ ଗାନ୍ଧୀ ବିଚାର ଉପରେ ଆଲୋକପାତ କରିଥିଲେ। ପରେ ଦେଉଳି ଠାରୁ ପଦଯାତ୍ରା ଯୋଗୀନ୍ଦ୍ରପୁର, ଗୁଡଭେଲିପଦର ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ଯାଇଥିଲା ।


ଭାଜପା କର୍ମୀ ଓ ନେତାମାନେ ପଦଯାତ୍ରାରେ ବାହାରିଛନ୍ତି ।

# ଅସହାୟ ମହିଳା ଉଦ୍ଧାର

**ଭେଡ଼େନ,୩୧।୧୦(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ପପଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡ଼ପିପିଲିପାଲି ଗ୍ରାମରେ ଗୁରୁବାର ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରାଯାଇଛି । ସେହି ମହିଳା ଜଣକ ମାନସିକ ଭିନ୍ନକ୍ଷମ ଥିବା ସନ୍ଦେହ କରାଯାଉଛି । ସେ ନିଜକୁ ଆସାମ ରାଜ୍ୟ ମରିଗାଓ ଜିଲାର ନୀଳିମା ବିଶ୍ୱାସ ବୋଲି ପରିଚୟ ଦେଉଛନ୍ତି। ତାଙ୍କୁ ପପଙ୍ଗା ସରପଞ୍ଚ ପୁରୁଷୋତ୍ତମ ସାହୁ ଭେଡ଼େନ ପୋଲିସ ସହାୟତାରେ ଉଦ୍ଧାର କରି ବ୍ଲକ ଅଫିସକୁ ଆଣିଥିଲେ। ସେଠାରେ ବିଡ଼ିଓ ମୁରଲୀଧର ନାୟକ, ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତିଙ୍କ ସହ ଆଲୋଚନା କରିବା ପରେ ସିଡ଼ିପିଓ ଝୁନୁ କୁମାରୀ ପାତ୍ରଙ୍କ ସହିତ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କ ଜିମା ଦେଇଥିଲେ । ସେହି ମହିଳାଙ୍କ ପ୍ରକୃତ ପରିଚୟ ଜାଣିବା ପାଇଁ ଉଦ୍ୟମ କରାଯାଇ ତାଙ୍କ ନିଜ ରାଜ୍ୟକୁ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।


ଭେଡ଼େନ ବ୍ଲକ ଅଫିସରେ ଉଦ୍ଧାର ଅସହାୟ ମହିଳା ।

■ ମଉଳିକ୍ ସୁବିଧାରୁ ବଁଚିତ୍ ୨୨ ଆଦିବାସୀ ପରିବାର

# ଜିଲାପାଳଙ୍କୁଁ ଫେରାଦ ହେଲେ ଗାଁବାସୀ

**ତଳଗାଁ, ୩୧।୧୦(ଡି.ଏନ୍.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡ଼େଣୀଗଡ଼ ପଁଚେତ୍ ଗୋଛାବାରି ନୂଆଁଗାଁରେ ୨୨ ଆଦିବାସୀ ମଲ୍ଲାର କୋହ୍ଲ ପରିବାର ବାସ କରୁଛନ୍। ହେଲେ ଇ ପରିବାରମାନେ ମଉଳିକ ସୁବିଧା ସୁଯୋଗରୁ ବଁଚିତ୍ ଥିବାର ୨୮ ତାରିଖ୍ ହରଭଙ୍ଗା ବ୍ଲରେ ଅନୁଷ୍ଠିତ ଜନଶୁନାନି ଶିବିରେ ଜିଲାପାଳଙ୍କୁଁ ଅଭିଯୋଗ କରିଥିଲେ।

ସୂଚନା ଅନ୍‌ସାରେ ଆଏଜ୍‌କେ ୧୨ ବଛର ହେଲା ଗୋଛାବାରି ନୂଆଁଗାଁରେ ୨୨ ଆଦିବାସୀ ପରିବାର ବାସ୍ କରୁଛନ୍। ଇ ପରିବାରମାନେ ଜଂଗଲଜାତ୍ ଦରବ୍ ଠୁଲେଇ ବିକାଭଂଗା କରି କୁଟୁମ ପୁଷୁଛନ୍। ଜଂଗଲଟା ଇ ୨୨ ଆଦିବାସୀ ପରିବାରର ପେଟ୍ ପୁଷ୍‌ବାର ଜରିଆ ପାଲଟିଛେ। ହେଲେ ଦୁଖର କଥା ଇ ନିରିହ ଆଦିବାସୀ ପରିବାରମାନେ ସରକାରକଁର ସବୁ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଆଏଜ୍‌ବି ଇ ଗାଁରେ ଅନେକ୍ ବୁଢ଼ାବୁଢ଼ି ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ଗାଁରେ କେହେନ୍‌ସି ପରିବାରକେ ବିଜୁ ପକାଘର କି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ନାଇଁ କରାଯାଇ। ଜନନୀ ସୁରକ୍ଷା, ଶିକ୍ଷା, ସୁଆସ୍‌ତିଅ ଲେଖେଁ ସେବା ଆଏଜ୍‌ବି ଇମାନକର ଲାଗି ସାତ୍‌ସପନ ହେଇ ରହିଛେ। ଇଆଡ଼େ ସରକାର ରାଏଜେ କେହେନ୍‌ସି ଗରିବ୍ ହିତାଧିକାରୀ ଖାଏଦ୍ ସୁରକ୍ଷା ଯୋଜନାରୁ ବାଦ୍ ନାଇଁପଡ଼ନ ବଲି ଡିଂଗ୍‌ରା ପିଟୁଛନ୍। ଏନ୍‌ତାଥି ଇ ପରିବାରମାନେ ପୂରବର ବୌଦ୍ଧ ଜିଲାପାଳଙ୍କୁଁ ଭେଟି ନିଜର ଦୁଖ୍ ବଖାନିବାର ସଂଗେ ପରିଚଏ ପତର ଯୁଗେଇ ଦେବାକେ ଅନୁରୋଧ କରିଥିଲେ। ଇତାକେ ଆଧାର କରି ଗଲା ଫେବୃୟାରୀ ମାସୁ ଖାଏଦ୍ ସୁରକ୍ଷା ଆଇନ୍ ଜରିଆରେ ୩ ମାସ୍ ତକ୍ ଇ ପାରିବାରମାନ୍‌କୁ ଚାଉଳ ଯୁଗେଇ ଦିଆଯାଇଥିଲା। ହେଲେ ୩ ମାସ୍ ଉତାରୁ ଚାଉଳ ଦେବାର ବଁଦ୍ କରି ଦିଆଯାଇଛେ। ଯେନ୍‌ଥିରଲାଗି ଇ ଗରିବ୍ ଆଦିବାସୀ ପରିବାରମାନେ ୨୮ ତାରିଖ ହରଭଙ୍ଗା ବ୍ଲକରେ ହେଇଥିବାର ଜିଲାପାଳକଁର ଜନଶୁନାନୀ ଶିବିରରେ ମଉଳିକ୍ ସୁବିଧା ସୁଯୋଗ ଯୁଗେଇ ଦେବାକେ ଦାବି କରିଥିଲେ। ଜିଲାପାଳ ଲଳାଟେନ୍ଦୁ ମିଶ୍ର ଇ ପରିବାରମାନଙ୍କୁ ୩ ମାସ ଉତାରୁ ଚାଉଳ ଦିଆଯିବା ବଲି କଥା ଦେଲାରୁ ଆଦିବାସୀମାନେ ବ୍ଲକ ଅଫିସରୁ ଫିରିଥିଲେ।


ଜିଲାପାଳଙ୍କୁଁ ଅଭିଯୋଗ କରବାରକେ ଆସିଥିବାର ଆଦିବାସୀମାନେ ହରଭଙ୍ଗା ବ୍ଲକ ପରିସରରେ ଠୋଲ୍ ହେଇଛନ୍।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।

- ଏଡ୍‌ୱାର୍ଥ



## ସଂକ୍ଷେପରେ

### ଭାଗବତ ପାରାୟଣ, ଜ୍ଞାନଯଜ୍ଞ ଆରମ୍ଭ

ଭେଡ଼େନ,୩୧।୧୦(ଡ଼ି.ଏନ.ଏ): ଭେଡ଼େନ ବ୍ଲକ ଅରେଇଗୁଡ଼ି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାହ୍ଲେପାଲିରେ ବୁଧବାର ଶ୍ରୀମଦ ଭାଗବତ ପାରାୟଣ, ପ୍ରବଚନ ତଥା ଜ୍ଞାନଯଜ୍ଞ ଉଦ୍‌ଘାଟିତ ହୋଇଛି। ଏଥିପାଇଁ ମଙ୍ଗଳବାର କଳସଯାତ୍ରା, ଅଙ୍କୁରାରୋପଣ ଶୁଭାଧିବାସ ହୋଇଥିଲା। ବୁଧବାର ସକାଳେ ଏକାଦଶ ସ୍କନ୍ଧ ଭାଗବତ ପାରାୟଣ, ବାଳଭୋଗ ହୋଇଥିଲା। ବୁଧବାର ଓ ଗୁରୁବାର ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମ ଆସନ୍ତା ୩ ତାରିଖରେ ଉଦ୍‌ଯାପିତ ହେବ।

### ଆୟୁର୍ବେଦିକ ଚିକିତ୍ସାଧିକାରୀ ସଂଘ ବୈଠକ

ବରଗଡ଼ ଅଫିସ୍,୩୧।୧୦-ବରଗଡ଼ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଆରତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କେନ୍ଦ୍ରୀୟ ସଂଘର ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲା ପାଇଁ ସଂଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ଗୌତମ ବିଶ୍ୱାଳ ସଭାପତି, ଡା. ଡୋଲାମଣି ପୁରୋହିତ ଉପସଭାପତି, ଡା. ମୋହନ ଭୋଇ ସମ୍ପାଦକ, ଡା.ଅଜିତ କୁମାର ଦର୍ଜୀ କୋଷାଧ୍ୟକ୍ଷ, ଡା. ଲକ୍ଷ୍ମୀପ୍ରିୟା ବେହେରା ଯୁଗ୍ମ ସମ୍ପାଦକ ମନୋନିତ ହୋଇଥିଲେ । ସେହିପରି ଡା. ସୁସ୍ମିତା ରାଉତ ଓ ଡା. ମନୋରଞ୍ଜନ ଦେବତାଙ୍କୁ ସଂଘର ପ୍ରତିନିଧି ଭାବେ ମନୋନିତ କରାଯାଇଥିଲା । ଡା. ସ୍ୱାଧୀନ କୁମାର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

### ବୁଢ଼ୀପଦରରେ ପ୍ରବଚନ କାର୍ଯ୍ୟକ୍ରମ

ଗୁଡଭେଲା,୩୧।୧୦ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ବୁଢ଼ୀପଦର ଗ୍ରାମରେ ଦିନିକିଆ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରଥୁ ବାବାଙ୍କ ସହଯୋଗରେ ଭଗବାନ ସାହୁ, ମରକଣ୍ଡ ସାହୁ, ହିମାଦ୍ରୀ ପୁଟେଲ, ଦାମୋଦର ପୁଟେଲ ଉକ୍ତଙ୍କୁ ପ୍ରବଚନ ଦେଇଥିଲେ। ରାମେଶ୍ୱର ଭୁଏ, ଗୁରୁ ଭୁଏ, ନଳିତା ପାତ୍ର, କୁନ୍ତି ଭୁଏ, ମୀନକେତନ ରଣା, ରାଜିନ୍ଦ୍ର ଭୋଇ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

ପାଇକବାହାଲ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି

# ପିଡିଙ୍କ ନିକଟରେ ସାକ୍ଷ୍ୟ ପ୍ରଦାନ କଲେ ଅଭିଯୋଗକାରୀ

### ସ୍କୁଲ ଛାତ୍ରଙ୍କୁ ଚାଷୀ ସଜାଇ ଟଙ୍କା ଉଠାଣ ଅଭିଯୋଗ

ସୋନପୁର,୩୧।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପାଇକବାହାଲ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନଆରଇଜିଏସ)ରେ ବ୍ୟାପକ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରି ଆସୁଛନ୍ତି । ୧ ବର୍ଷ ପୂର୍ବରୁ ଏହି ଦୁର୍ନୀତିକୁ ନେଇ ଜିଲାପାଳ ଓ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମବାସୀ ପୁଣି ବର୍ତ୍ତମାନର ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଜିଲାପାଳ ଅଭିଯୋଗର ତଦନ୍ତ କରିବାକୁ ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ପିଡି ଡିଆରଡିଏ ଶରତ ଚନ୍ଦ୍ର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୮ ତାରିଖରେ ପଣ୍ଡା ପାଇକବାହାଲ ଗ୍ରାମକୁ ଯାଇ ଅଭିଯୋଗର ତଦନ୍ତ କରିଥିଲେ। ତେବେ କେତେକ ଅଭିଯୋଗକାରୀ ଘଟଣା ଦିନ ଅନୁପସ୍ଥିତ ଥିଲେ। ଗୁରୁବାର ଅଭିଯୋଗକାରୀ ଚାଷୀ ଓ ଶ୍ରମିକମାନେ ପିଡିଙ୍କ ପ୍ରକୋଷ୍ଠକୁ ଆସି ସାକ୍ଷ୍ୟ କରିଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ ପଞ୍ଚାୟତର ପ୍ରାୟ ୯୯ ଜଣଙ୍କ ନାମରେ ମିଥ୍ୟା ବିଲ କରି ପ୍ରତ୍ୟେକଙ୍କ ନାମରେ ୨୯ହଜାର ଟଙ୍କା ଲେଖାଏଁ ପ୍ରାୟ ୨୮ଲକ୍ଷ ଟଙ୍କା ଉଠାଣ କରାଯାଇଛି । ପୋଖରୀ ପୁନରୁଦ୍ଧାର, ଖେଳପଡିଆ ପାଇଁ ମାଟି ଉଠାଣ ଓ ଚାଷ ଜମିର ଉନ୍ନତି ନାମରେ ଦୁର୍ନୀତି ହୋଇଛି। ଏପରିକି ପାଇକବାହାଲ ଗ୍ରାମର ଦିଲୀପ ସାହୁ ନାମକ ଜଣେ ଭୂମିହୀନ ସହ ତାଙ୍କ ପୁଅ ନିକେଶ (୧୭) ସେତେବେଳେ ନାରାୟଣପୁର ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ନିକେଶଙ୍କୁ ଚାଷୀ ଦର୍ଶାଇ ତାଙ୍କ ଜମିର ଉନ୍ନତିକରଣ ନାରେ ୨୯ ହଜାର ଟଙ୍କା ଉଠାଣ କରାଯାଇଥିବା ଅଭିଯୋଗ ହୋଇଛି। ନିକେଶ ବୁଧବାର ପିଡି ଡିଆରଡିଏଙ୍କ ସମ୍ମୁଖରେ ଏ ସମ୍ପର୍କରେ ସତ୍ୟପାଠ ଦାଖଲ କରିଥିବା ଜଣାପଡିଛି । ସେହିପରି କାଗଜପତ୍ରରେ ଶ୍ରମିକ ଭାବେ ଦର୍ଶାଯାଇଥିବା ବ୍ୟକ୍ତିମାନେ ଏମଜିଏନଆରଇଜିଏସରେ କୌଣସି କାର୍ଯ୍ୟ କରି ନଥିବା ସତ୍ୟପାଠରେ ଦର୍ଶାଇଛନ୍ତି । ଗୁରୁବାର ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକଙ୍କ ନେତୃତ୍ୱରେ ଚାଷୀ ଚକ୍ରଧର ସା, ନିକେଶ ସାହୁ, ସୌକି ଜାଲ, ପ୍ରଦ୍ୟୁମ୍ନ ଗୁରୁ, ରତ୍ନାକର ସା, ଶ୍ରମିକ ସତ୍ୟ ଖମାରୀ, ଭାଗ୍ୟଧର ବଗର୍ତ୍ତି ଓ ଫକୀର ଦୀପ ପ୍ରମୁଖ ତଦନ୍ତକାରୀ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ ।



ପାଇକବାହାଲ ପଞ୍ଚାୟତର ଚାଷୀ ଓ ଶ୍ରମିକମାନେ ପିଡି ଡିଆରଡିଏଙ୍କୁ ଭେଟିବାକୁ ଆସିଛନ୍ତି ।

### ଗୋବିନ୍ଦପାଲିରେ ଧନଲକ୍ଷ୍ମୀ ପୂଜା

ବରଗଡ଼ ଅଫିସ୍, ୩୧।୧୦

ବରଗଡ଼ ଗୋବିନ୍ଦପାଲିରେ ମାଁ ଧନଲକ୍ଷ୍ମୀ ପୂଜାର ରୌପ୍ୟ ଜୟନ୍ତୀ ସମାରୋହ ଚାଲିଛି। ବୁଧବାର ପଣ୍ଡିତ ରୂପେଶ୍ୱର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା। ଜାପାନ ମହାପାତ୍ର, ସ୍ତ୍ରୀ ସରିତା କର୍ତ୍ତା କାର୍ଯ୍ୟ ତୁଲାଇଥିଲେ । ଏହି ଅବସରରେ ମାଁ ଶ୍ୟାମାକାଳୀ ପୀଠରୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ଗୋବିନ୍ଦପାଲିକୁ ପୂଜା ଭାର ସହିତ ପହଞ୍ଚିଥିଲା। କାଳୀ ମନ୍ଦିର କମିଟିର କର୍ମକର୍ତ୍ତାମାନେ ମାଁ ଧନଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ମଞ୍ଜୁଲତା ଖାଡ଼ଙ୍ଗ ଓ ସାଥୀଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ହାସ୍ୟକବି ସମ୍ମିଳନୀରେ ସଚ୍ଚିଦାନନ୍ଦ ପଣ୍ଡା, ରଞ୍ଜିତ ପ୍ରଧାନ, ଦେବେନ୍ଦ୍ର ସାହୁ, ମନିରାମ ଗୁମ୍ଭାର, ନକୁଳ ମେହେର ପ୍ରମୁଖ ଯୋଗ ଦେଇଥିଲେ। ରାତ୍ରିରେ ହିର୍ଲିପାଲି ନାଟ୍ୟାନୁଷ୍ଠାନର କଳାକାରମାନେ ନାଟକ ପରବେଷଣ କରିଥିଲେ ।

## କିଡ୍‌ନୀ ରୋଗ ନେଲା ଆଉ ଏକ ଜୀବନ

ଅମରପାଲି, ୩୧।୧୦ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଓ ଦୁର୍ଜନତୈଲା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏବେ କିଡନୀ ରୋଗ ମହାମାରୀର ରୂପ ନେଲାଣି । କ୍ରମାଗତ ଭାବରେ ଜଣେ ପରେ ଜଣେ କିଡନି ରୋଗରେ ଆକ୍ରାନ୍ତ ହୋଇ ଜୀବନ ହରାଉଛନ୍ତି । ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ । ମଙ୍ଗଳବାର ବ୍ଲକର ବହଳପଦର ଗ୍ରାମରେ ଜଣେ ଯୁବକ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ନାମ ବିଦ୍ୟାଧର ସେଠୀ (୩୩)। ଗତ ୧୧ ମାସ ହେଲା ସେ କିଡନି ଆକ୍ରାନ୍ତ ଥିବା ଜାଣିବାକୁ ପାଇଲେ । ସେହିଦିନ ଠାରୁ ସେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଛନ୍ତି। ଜମି କହିଲେ ପୈତୃକ ଜମିରୁ ମାତ୍ର ଏକ ଏକର ତାଙ୍କର ଭାଗ । ଜମି, ସୁନା ସବୁ ବନ୍ଧକ ରଖି ଚିକିତ୍ସା ହେଉଥିଲେ। ଆର୍ଥିକ ଅଭାବ ଯୋଗୁଁ ଆଉ ଅଧିକ ଚିକିତ୍ସା ମଧ୍ୟ ହୋଇପାରିଲେ ନାହିଁ । ସରକାରଙ୍କ ତରଫରୁ ତାଙ୍କୁ କୌଣସି ଆର୍ଥିକ ସାହାଯ୍ୟ ମଧ୍ୟ ମିଳିନାହିଁ । ତାଙ୍କ ମୃତ୍ୟୁପରେ ଏବେ ତାଙ୍କ ସ୍ତ୍ରୀ କଳ୍ପନା ସେଠୀ ଓ ୯ ବର୍ଷର ପୁଅ ଆଶିଷ ବେସାହାରା ହୋଇପଡିଛନ୍ତି । ସୂଚନାଯୋଗ୍ୟ ଯେ, ଉକ୍ତ ଅଞ୍ଚଳରେ କିଡନି ରୋଗରେ ପ୍ରାୟ ୨୦ ରୁ ୨୫ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଏବେ ପ୍ରାୟ ୪୦ରୁ ୫୦ ଜଣ କିଡନି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ମାତ୍ର ତାଙ୍କୁ କୌଣସି ସରକାରୀ ସହାୟତା ଦିଆଯାଉ ନାହିଁ । ତେଣୁ କିଡନିରେ ମୃତ ବିଦ୍ୟାଧରଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।



ମୃତ ବିଦ୍ୟାଧରଙ୍କ ଫାଇଲ ଫଟୋ ।

### ନୃସିଂହନାଥ ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା

ପାଇକମାଲ, ୩୧।୧୦ (ଡି.ଏନ.ଏ)

ବରଗଡ ଜିଲା ନୃସିଂହନାଥ ସ୍ଥିତ ତୈଳିକ ବୈଶ୍ୟ ସମାଜ ଧର୍ମଶାଳା ପରିସରରେ ଗୁରୁବାର ନୃସିଂହନାଥ (ପାଇକମାଳ) ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଏ ନେଇ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ସଦାନନ୍ଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ରାଜକିଶୋର ସାହୁ ଉଦ୍ଦେଶ୍ୟ ଜ୍ଞାପନ ଓ ରାମରତନ ପୁରୋହିତ ସ୍ୱାଗତ କରିଥିଲେ। ସର୍ବସମ୍ମତିକ୍ରମେ ରାମରତନ ପୁରୋହିତ ସଭାପତି, ରାଜକିଶୋର ସାହୁ ସମ୍ପାଦକ, ଜିତେନ୍ଦ୍ରିୟ ବାରିକ ଉପସଭାପତି, ମନୋଜ ପ୍ରଧାନ ସହସମ୍ପାଦକ, ଜୟନ୍ତ ପଧାନ କୋଷାଧ୍ୟକ୍ଷ ମନୋନିତ ହୋଇଥିଲେ। ଶେଷରେ ପ୍ରମୋଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ଦୁର୍ନୀତି ନିବାରଣ ପାଇଁ ଶପଥ ନେଲେ

ଅମରପାଲି, ୩୧।୧୦ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥର କଲେଜରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଯୋଗଦେଇ ଦୁର୍ନୀତିଗ୍ରସ୍ତ ନ ନେବା ସହିତ ଏହାର ନିରାକରଣରେ ସହଯୋଗ କରିବା ପାଇଁ ଶପଥ ପାଠ କରିଥିଲେ । କିଶୋର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଡିଏମ ସୋନପୁର ତାପସ ଶଙ୍କର ରାଉତ ଓ ଏଫଆଇସି ସୋମନାଥ ପୁରୋହିତ ଯୋଗଦେଇ ଦୁର୍ନୀତି ନିବାରଣ ଉପରେ ଆଲୋଚନା କରିବା ସହିତ ଶପଥ କରାଇଥିଲେ ।




ଦୁର୍ନୀତି ନିବାରଣ ସଚେତନା କାର୍ଯ୍ୟକ୍ରମରେ ଶପଥ ପାଠ କରାଯାଉଛି ।

## ସବ୍‌ସିଡି ହ୍ରାସ ନେଇ ଚାଷୀ ଅସନ୍ତୋଷ

ବରଗଡ଼ ଅଫିସ୍,୩୧।୧୦

ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କୃଷି ଯନ୍ତ୍ରପାତି କ୍ରୟରେ ସବସିଡ଼ି ହ୍ରାସକୁ ନେଇ ବରଗଡ଼ ଜିଲା ଚାଷୀ ମହଲରେ ଉଦବେଗ ପ୍ରକାଶ ପାଇଛି । ଏହି କ୍ରମରେ ଜିଲାର ଏକ ଚାଷୀ ପ୍ରତିନିଧି ଦଳ ଗୁରୁବାର ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀଙ୍କ ଜରିଆରେ କୃଷି ସଚିବଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁସାରେ, ଚାଷୀମାନେ ବିଭିନ୍ନ କାଗଜାତ୍ ସହିତ ଜମିବାଡ଼ି ବ୍ୟାଙ୍କରେ ବନ୍ଧକ ରଖି ହାର୍ଭେଷ୍ଟର ଭଳି କୃଷି ଯନ୍ତ୍ରପାତି କ୍ରୟ ପାଇଁ ବନ୍ଦୋବସ୍ତ କରିଛନ୍ତି । ହାର୍ଭେଷ୍ଟର ଉଠାଇବା ସମୟରେ ଓଡ଼ିଶା ସରକାରଙ୍କ ଚିଠି ନଂ-୨୯୧୬୩ ତା-୨୫/୧୦/୨୦୧୯କ୍ରମେ ହାର୍ଭେଷ୍ଟର ସବସିଡି ବାବଦ ୬ଲକ୍ଷରୁ ୩ଲକ୍ଷ ଟଙ୍କାକୁ ହ୍ରାସ କରି ଦିଆଯାଇଛି। ସେହିପରି ରୋଟାଭେଟରରେ ସବ୍‌ସିଡ଼ି ୮୦ହଜାରରୁ ୩୪ହଜାର ଏବଂ ୪୦ହଜାର ଟଙ୍କାକୁ କମି ଯାଇଛି । ଏହାକୁ ନେଇ ଚାଷୀକୁଳ ଦ୍ୱିଧାରେ ଥିବାବେଳେ ହତାଶ ହୋଇ ପଡ଼ିଥିବା କହିଛନ୍ତି । ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ସ୍ମାରକପତ୍ରରେ ନିବେଦନ କରିଛନ୍ତି । ଗୌରହରି ମିଶ୍ର, ଶିବପ୍ରସାଦ ଖମାରୀ, ଶ୍ରୀବସ୍ତ ଛତର, ସମୀର ସିଂ ପ୍ରମୁଖ ଚାଷୀ ପ୍ରତିନିଧି ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଚାଷୀ ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

### ଅବକାରୀ ଚଢ଼ାଉ: ୪ କୋର୍ଟ ଚାଲାଣ

ଜୁନାଗଡ,୩୧।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲାପାଳ ପରାଗ ହର୍ଷଦ ଗାଭାଲି ଓ ଜିଲା ଅବକାରୀ ଅଧୀକ୍ଷକ ଉମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଜୁନାଗଡ ବ୍ଲକର ବଳଦିଆମାଲ, ପଲାସ ଛକ, ଛୋରିଆଗଡ ଓ ରଣପୁର ଗ୍ରାମରେ ଅତର୍କିତ ଚଢାଉ କରାଯାଇଥିଲା। ଏହି ସମୟରେ ବଳଦିଆମାଲ ଗ୍ରାମର ଦିବ୍ୟ ନାଗ, ପଲାସ ଛକର ସୁତସାଇ ମେହେର, ଛୋରିଆଗଡ ଗ୍ରାମର ଭରତ ମହାଳିକ ଓ ରଣପୁର ଗ୍ରାମର ଚୁଡାମଣି ପ୍ରମୁଖଙ୍କଠାରୁ ୧୬ ଲି. ୬ ଶହ ମିଲି ଭାଟିମଦ, ୧୦ ଲିଟର ଚୋରା ଦେଶୀ ହାତରନ୍ଧା ମଦ ଓ ୨.୭ ଶହ ମିଲି ବିଦେଶୀ ମଦ ଜବତ କରାଯାଇଥିଲା। ପରେ ସେମାନଙ୍କୁ ଗିରଫ କରି ଜୁନାଗଡ ଜେଏମ୍‌ଏଫସି କୋର୍ଟ ଚାଲାଣ କରାଯାଇଥିଲା। ଏହି ଚଢାଉରେ ଅବକାରୀ ସହ ଉପଅଧୀକ୍ଷକ ଉମାଚରଣ ପ୍ରଧାନ, ଧର୍ମଗଡ ଅବକାରୀ ନିରୀକ୍ଷକ ସୁବନ ନାଏକ, ଜୁନାଗଡ ଭାରପ୍ରାପ୍ତ ଅବକାରୀ ଉପନିରୀକ୍ଷକ ଦିଲୀପ କୁମାର ରଥ, ଏଏସ୍‌ଆଇ ବସନ୍ତ ବିଶି, କନଷ୍ଟେବଲ ପ୍ରତୀମା ଗହୀର, ବାଲେଶ୍ୱର ଧଙ୍ଗଡାମାଝି, ମହାଦେବ ମାଝି, ପ୍ରଦ୍ୟୁମ୍ନ ନାଏକ, ଈଶ୍ୱର ଭୋଇ ପ୍ରମୁଖ ସାମିଲ ଥିଲେ।




ମହୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ଶିଶୁ ମହୋତ୍ସବ ମହକ ଉଦ୍‌ଯାପିତ

ସୋନପୁର,୩୧।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶିଶୁମାନଙ୍କ ସୁରକ୍ଷା ଓ ଯତ୍ନ ଉପରେ ଅଧ୍ୟକ୍ଷା ଗୁରୁତ୍ୱାରୋପ କରିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ, ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ହିମାଂଶୁ ଶେଖର ନାୟକ, ସୋନପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷା ରେଣୁକା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସଭାରେ ଅଧ୍ୟକ୍ଷତା କରିଥିଲେ। ବ୍ରତାନନ୍ଦ ଭୋଇ ସଭାକୁ ସଂଯୋଜନା କରିଥିଲେ। ମହୋତ୍ସବରେ ଶିଶୁମାନଙ୍କ ମଧ୍ୟରେ ବ୍ୟକ୍ତିଗତ ସଙ୍ଗୀତ, ବୌଦ୍ଧିକ ଅନ୍ୱେଷଣ, ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅବିନାଶ ହୋତା ଅନଙ୍ଗ ନେଗୀ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ବିଜୟ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ଶୁଭଶ୍ରୀ ପତି, ସରିତା ସୁନା, ପ୍ରଶାନ୍ତ ମହାକୁଡ, ଚୌବନ ସେଠୀ, ବିଶେଶ୍ୱର ହୋତା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଶିଶୁକନ୍ୟାର ଚିକିତ୍ସାରେ ଅର୍ଥ ବାଧକ

ବରଗଡ଼ ଅଫିସ୍,୩୧।୧୦

ବରଗଡ଼ ବ୍ଲକ ଅନ୍ତର୍ଗତ ସରଲା ଗ୍ରାମର ମୀନା ବାଗ । ବୟସ ୧୨ ବର୍ଷ । ସେ ଗାଁ ସେବାଶ୍ରମ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ । ମା ବେଲ ଓ ବାପା ମହେଶଙ୍କ ଝିଅ ମୀନା ବ୍ରେନ ଟ୍ୟୁମରରେ ଆକ୍ରାନ୍ତ ହୋଇଛନ୍ତି । ସେ ବୁର୍ଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିବାବେଳେ ବୁଧବାର ଏହା ଜାଣିପାରି ପରିବାର ଲୋକେ ଚିନ୍ତାରେ ପଡ଼ି ଯାଇଛନ୍ତି । ବୁର୍ଲାର ଡାକ୍ତରମାନେ ମୀନାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପରାମର୍ଶ ଦେଇଛନ୍ତି। ମାତ୍ର ମହେଶ ନିହାତି ଗରୀବ ଏବଂ କୁଲି ମଜୁରୀ କରି ଚଳୁଥିବାରୁ ଚିକିତ୍ସା ପାଇଁ ମୀନାଙ୍କୁ କିଭଳି କଟକ ନେବେ ଏବଂ ଡାକ୍ତରଖାନାରେ ଭର୍ତ୍ତି କରିବେ, ତାହା ତାଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଗ୍ରାମବାସୀ ଏହା ଜାଣିବା ପରେ ମୀନାଙ୍କ ଚିକିତ୍ସା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଗ୍ରାମବାସୀ ଯଥାଶକ୍ତି ସହାୟତା ପ୍ରଦାନ କରିଛନ୍ତି । ତେବେ ମୀନାଙ୍କ ଉଚ୍ଚତର ଚିକିତ୍ସା ପାଇଁ ଅଧିକ ଟଙ୍କା ଆବଶ୍ୟକ ପଡୁଥିବାରୁ ମହେଶ ଗୁରୁବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଭେଟି ସେ ସହାୟତା ପାଇଁ ଗୁହାରୀ କରିଛନ୍ତି। ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ମୀନାଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା କରିଥିବାବେଳେ ମହେଶଙ୍କୁ ଧରି ଜିଲାପାଳଙ୍କ ଅଫିସକୁ ମଧ୍ୟ ଆସିଥିଲେ ।



କଂସ ଅଭିନେତା ସହାୟତା ରାଶି ପ୍ରଦାନ କରୁଛନ୍ତି ।



ନିଜକୁ ଖୋଜିବାର ସବୁଠୁ ସହଜ ଓ ସରଳ କୌଶଳ ହେଉଛି, ନିଜକୁ ଅନ୍ୟମାନଙ୍କ ସେବାରେ ନିୟୋଜନ କରିବା।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି ଶିବିର ବାତିଲ

**ଗୁଡଭେଲା,୩୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆରଏସ୍ ଜଣଶୁଣାଣି ଶିବର ଅନୁଷ୍ଠିତ ହେବା ପାଇଁ ଗୁରୁବାର ଦିନ ଧାର୍ଯ୍ୟ କରାଯାଇଥିଲା। ହେଲେ ଆବଶ୍ୟକ ସଂଖ୍ୟକ ଶ୍ରମିକ ନ ଥିବାରୁ ଶିବିରକୁ ବିଡିଓ ସୂର୍ଯ୍ୟକୁମାର ନାୟକ ବାତଲ କରିଦେଇଥିଲେ । କିପରି ଅଧିକରୁ ଅଧିକ ଶ୍ରମିକ ଆସି ନିଜ ଅଭିଯୋଗଗୁଡିକ ଉପସ୍ଥାପନ କରିବେ ସେ ନେଇ ଧାନ ଦେବାକୁ ବିଭାଗୀୟ କର୍ମଚାରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ । ଏପିଓ ସୁଧାଂଶୁ ମେହେରଙ୍କ ତତ୍ତ୍ୱାଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଚାର ପ୍ରସାର ଅଭାବରୁ ବହୁ ଲୋକ ଶିବିର ସମ୍ପର୍କରେ ଜାଣି ପରି ନ ଥିବା ସାଧାରଣରେ ଅଭିଯୋଗ ହେଉଛି ।

### ବୁଢୀପଦରରେ ପ୍ରବଚନ କାର୍ଯ୍ୟକ୍ରମ

**ଗୁଡଭେଲା,୩୧।୧୦ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ବୁଢିପଦର ଗ୍ରାମରେ ଦିନିକିଆ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରଥୁ ବାବାଙ୍କ ସହଯୋଗରେ ଭଗବାନ ସାହୁ, ମରକଣ୍ଡ ସାହୁ, ହିମାଦ୍ରୀ ପୁଟେଲ, ଦାମୋଦର ପୁଟେଲ ଉକ୍ତଙ୍କୁ ପ୍ରବଚନ ଦେଇଥିଲେ। ରାମେଶ୍ୱର ଭୁଏ, ଗୁରୁ ଭୁଏ, ନଳିତା ପାତ୍ର, କୁନ୍ତି ଭୁଏ, ମୀନକେତନ ରଣା, ରାଜିନ୍ଦ୍ର ଭୋଇ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

### ଶିଶୁ ମହୋତ୍ସବ ମହକ ଉଦ୍‌ଯାପିତ

**ସୋନପୁର,୩୧।୧୦(ନି.ପ୍ର.):** ସୁବର୍ଣ୍ଣପୁର ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶିଶୁମାନଙ୍କ ସୁରକ୍ଷା ଓ ଯତ୍ନ ଉପରେ ଅଧ୍ୟକ୍ଷା ଗୁରୁତ୍ୱାରୋପ କରିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ, ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ହିମାଂଶୁ ଶେଖର ନାୟକ, ସୋନପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷା ରେଣୁକା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସଭାରେ ଅଧ୍ୟକ୍ଷତା କରିଥିଲେ। ବ୍ରତାନନ୍ଦ ଭୋଇ ସଭାକୁ ସଂଯୋଜନା କରିଥିଲେ। ମହୋତ୍ସବରେ ଶିଶୁମାନଙ୍କ ମଧ୍ୟରେ ବ୍ୟକ୍ତିଗତ ସଙ୍ଗୀତ, ବୌଦ୍ଧିକ ଅନ୍ୱେଷଣ, ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅବିନାଶ ହୋତା ଅନଙ୍ଗ ନେଗୀ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ବିଜୟ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ଶୁଭଶ୍ରୀ ପତି, ସରିତା ସୁନା, ପ୍ରଶାନ୍ତ ମହାକୁଡ, ଚୌବନ ସେଠୀ, ବିଶେଶ୍ୱର ହୋତା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ବଲାଙ୍ଗୀର ଗସ୍ତ

# ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବ

**ବଲାଙ୍ଗୀର ଅଫିସ, ୩୧।୧୦**



ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ସହ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ସୁବାସ ଚୌହାନ୍।

- ୫୨ କୋଟି ଅନୁଦାନରୁ ୧୨ କୋଟିର ୟୁସି ମିଳିନାହିଁ
- ୭ ଦିନ ଭିତରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ
- କ୍ଷେତ୍ କେ ମୁଡା, ଘର୍ କେ ବୁଢ଼ା କଥା ମନେ ପକାଇଲେ

ପଶ୍ଚିମ ଓଡିଶା ବିକାଶ ପରିଷଦ (ଡିବ୍ଲ୍ୟୁଓଡିସି) ଅଧ୍ୟକ୍ଷ ସୁବାସ ଚୌହାନ୍ ଗୁରୁବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରଥମେ ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦାନ କରି ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ । ଏହି ବୈଠକରେ ଅଧ୍ୟକ୍ଷ ଚୌହାନ୍‌ଙ୍କ ସହ ଜିଲାପାଳ ଅରିନ୍ଦମ ଡାକୁଆ, ଡବ୍ଲ୍ୟୁଓଡିସି ଯୁଗ୍ମ ନିର୍ଦ୍ଦେଶିକା ମାନସୀ ଶତପଥୀ, ଇକୋନୋମିକ୍ ଏଷ୍ଟିମେଟର ପ୍ରଦୀପ କୁମାର ତିର୍କୀ, ଡିଆରଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ, ଜିଲା ଯୋଜନା ଅଧିକାରୀ ବଟକୃଷ୍ଣ ପରୁଆ, ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ଦାସ, ବିଭିନ୍ନ ବ୍ଲକ୍‌ର ବିଡିଓ, ଜିଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ । ବଲାଙ୍ଗୀର ଜିଲାର ଦାଦନ ଶ୍ରମିକ ସମସ୍ୟା ଉପରେ ଆଲୋଚନା କରି ଏଠାରେ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବ ବୋଲି ଚୌହାନ୍ କହିଥିଲେ। ଗତାନୁଗତିକ ପ୍ରକଳ୍ପ ଉପରେ ଅଧିକ ଜୋର ନଦେଇ ଯେଉଁଳି ଉଦାହରଣ ଭାବେ ନିଆଯାଇପାରିବ ସେ ପ୍ରକଳ୍ପ ଉପରେ ଅଧିକ ଧ୍ୟାନ ଦେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ । ବଲାଙ୍ଗୀର ଜିଲାରେ ୫୨ କୋଟି ଅନୁଦାନରୁ ଏ ପର୍ଯ୍ୟନ୍ତ ୧୨ କୋଟି ଅନୁଦାନର ୟୁସି ମିଳି ନ ଥିବା ସୂଚନା ଦେଇଥିଲେ । ଆଗାମୀ ୭ଦିନ ମଧ୍ୟରେ ଅଧିକାରୀମାନେ ପ୍ରକଳ୍ପ ସମ୍ବନ୍ଧୀୟ ରିପୋର୍ଟ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପରିଷଦ ପକ୍ଷରୁ ଆଗାମୀ ଦିନରେ ତିନୋଟି କ୍ଷେତ୍ରକୁ ଅଧିକ ଧ୍ୟାନ ଦିଆଯିବ ବୋଲି କହିଥିଲେ । ଦାଦନ ଶ୍ରମିକ ସମସ୍ୟା ରୋକିବା ପାଇଁ ରୋଜଗାର ସୃଷ୍ଟି, ଚାଷଜମି ଓ ବନ୍ଧକଟାରେ ଜଳ ସଂରକ୍ଷଣ ଓ ଯୋଗାଯୋଗ ବିହୀନ ଗାଁଗୁଡିକୁ ରାସ୍ତାଘାଟ ନିର୍ମାଣ ଉପରେ ଅଧିକ ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ। ଜଳ ସଂରକ୍ଷଣ କଥା କହିବା ବେଳେ ପୁରୁଣା ଢଗ କ୍ଷେତ୍ କେ ମୁଡା, ଘର୍‌କେ ବୁଢ଼ା ନୀତି ଅବଲମ୍ବନ କରାଯିବ ବୋଲି କହିଥିଲେ । ଗୋଟିଏ ସମୟରେ ଏହି ଅଞ୍ଚଳରେ ପାତଳଘଣ୍ଟା ଅଧିକ ଉତ୍ପାଦନ ହୋଇଥାଏ । ମାତ୍ର ସଂରକ୍ଷଣ ସୁବିଧା ନଥିବାରୁ ଏହା ନଷ୍ଟ ହୋଇଯାଏ । ଏହାକୁ କିଭଳି ଟମାଟୋ ଜୁସ୍ କରାଯିବ ଓ ଅନ୍ୟ ପ୍ରକାରେ ସଂରକ୍ଷିତ କରାଯାଇ ବଜାରକୁ ଛଡାଯାଇପାରିବ ସେ ଉପରେ ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ ।

ସମୀକ୍ଷା ବୈଠକ ପରେ ବଲାଙ୍ଗୀର ସଦର ବ୍ଲକ୍ କାର୍ଯ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ । ସେଠାରେ ବ୍ଲକ୍ ଅଧ୍ୟକ୍ଷ ଗୋଲାପ ବାଗ ତାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଅନ୍ୟ ଅଧିକାରୀ ଓ ପ୍ରତିନିଧି ଉପସ୍ଥିତ ଥିଲେ । ସେଠାରୁ ଶାନ୍ତିପଡାଠାରେ ନିର୍ମିତ କଲ୍ୟାଣ ମଣ୍ଡପ ପରିଦର୍ଶନରେ ଯାଇଥିଲେ । ଏହି ଅବସରରେ ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ଦାସ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ସେଠାରୁ ସେ ପଥରଚେପାସ୍ଥିତ ପାର୍ବତିଗିରି ବାଳ ନିକେତନକୁ ଯାଇ ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ । ଅନ୍ତେବାସୀଙ୍କ ତରଫରୁ ଅନାଥାଶ୍ରମ ପରିଚାଳନା ଦାୟିତ୍ୱରେ ଥିବା ସଦସ୍ୟମାନେ ସେଠାରେ ଏକ ପାଚେରୀ ଓ ଏକ ନୂତନ କୋଠା ନିର୍ମାଣ କରିବା ପାଇଁ ଅଧ୍ୟକ୍ଷ ଚୌହାନ୍‌ଙ୍କୁ ନିବେଦନ କରିଥିଲେ । ଏଦିଗରେ ପଦକ୍ଷେପ ନେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ।

## କିଡ୍‌ନୀ ରୋଗ ନେଲା ଆଉ ଏକ ଜୀବନ

**ଅମରପାଲି, ୩୧।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଓ ଦୁର୍ଜନଟେଲା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏବେ କିଡନୀ ରୋଗ ମହାମାରୀର ରୂପ ନେଲାଣି । କ୍ରମାଗତ ଭାବରେ ଜଣେ ପରେ ଜଣେ କିଡନି ରୋଗରେ ଆକ୍ରାନ୍ତ ହୋଇ ଜୀବନ ହରାଉଛନ୍ତି । ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ । ମଙ୍ଗଳବାର ବ୍ଲକର ବହଳପଦର ଗ୍ରାମରେ ଜଣେ ଯୁବକ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ନାମ ବିଦ୍ୟାଧର ସେଠୀ (୩୩)। ଗତ ୧୧ ମାସ ହେଲା ସେ କିଡନି ଆକ୍ରାନ୍ତ ଥିବା ଜାଣିବାକୁ ପାଇଲେ । ସେହିଦିନ ଠାରୁ ସେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଛନ୍ତି। ଜମି କହିଲେ ପୈତୃକ ଜମିରୁ ମାତ୍ର ଏକ ଏକର ତାଙ୍କର ଭାଗ । ଜମି, ସୁନା ସବୁ ବନ୍ଧକ ରଖି ଚିକିତ୍ସା ହେଉଥିଲେ। ଆର୍ଥିକ ଅଭାବ ଯୋଗୁଁ ଆଉ ଅଧିକ ଚିକିତ୍ସା ମଧ୍ୟ ହୋଇପାରିଲେ ନାହିଁ । ସରକାରଙ୍କ ତରଫରୁ ତାଙ୍କୁ କୌଣସି ଆର୍ଥିକ ସାହାଯ୍ୟ ମଧ୍ୟ ମିଳିନାହିଁ । ତାଙ୍କ ମୃତ୍ୟୁପରେ ଏବେ ତାଙ୍କ ସ୍ତ୍ରୀ କଳ୍ପନା ସେଠୀ ଓ ୯ ବର୍ଷର ପୁଅ ଆଶିଷ ବେସାହାରା ହୋଇପଡିଛନ୍ତି ।

## ବ୍ଲକ, ଚିକିତ୍ସାଳୟ ରାସ୍ତା ଶୋଚନୀୟ

### ଉନ୍ନତୀକରଣ କରା ନ ଗଲେ ଆନ୍ଦୋଳନ

**ଦେଓଗାଁ,୩୧।୧୦(ଡି.ଏନ.ଏ.)**

ଦେଓଗାଁ ବ୍ଲକ କାର୍ଯ୍ୟାଳୟ ଓ ମୁଖ୍ୟ ଚିକିତ୍ସାଳୟ ରାସ୍ତା ଶୋଚନୀୟ ହୋଇପଡିଛି । ଚନ୍ଦ୍ରପୁର ଡକୁଆପଡାଛକରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରେ ମେଟାଲ ବାହାରି ଖାଲଖମା ହୋଇଛି । ବ୍ଲକ କାର୍ଯ୍ୟାଳୟ ସମେତ ତହସିଲ, ମୁଖ୍ୟ ଚିକିତ୍ସାଳୟ, ପ୍ରାଣୀଧନ ଚିକିତ୍ସାଳୟ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟ ଆଦି ରହିଥିବାରୁ ଏହି ରାସ୍ତା ଉପରେ ପ୍ରତ୍ୟେକ ଦିନ ବ୍ଲକର ୨୬ ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ। ଚନ୍ଦ୍ରପୁରରୁ ପ୍ରତ୍ୟକ ଛାତ୍ରୀଛାତ୍ରମାନେ ଏହି ରାସ୍ତାଦେଇ ଅସୁରକ୍ଷିତ ଭାବେ ସ୍କୁଲକୁ ଆସୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ରାସ୍ତାର ଉନ୍ନତିକରଣ କରା ନ ଗଲେ ଆସନ୍ତା ୧୫ତାରିଖରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଜରାସିଂହା ପଞ୍ଚାୟତର ୱାର୍ଡସଭ୍ୟ ନେହେରୁ ଦୀପ, ଲକ୍ଷ୍ମୀ ଭେସ୍ରା, ନିରାକାର ବାଗ, ମୋତିଲାଲ ଦଣ୍ଡସେନା,ମଦନ ଧରୁଆ, ଶ୍ରୀବନ୍ତ ମେହେର, ବିନୋଦିନୀ ମେହେର, ଚଞ୍ଚଳା ଦଣ୍ଡସେନା, ତରୁଲତା ମନହୀରା, ରଜ ମନହୀରା, ସୁକାନ୍ତୀ ମାଝୀ, ଭାଗ୍ୟବତୀ ନନ୍ଦ, ଛେଲିଆ ମେହେର ପ୍ରମୁଖ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ଚନ୍ଦ୍ରପୁର ଡକୁଆପଡା ଛକରୁ ବ୍ଲକ କାର୍ଯ୍ୟାଳୟ ରାସ୍ତା ଶୋଚନୀୟ ହୋଇପଡିଛି ।

## ଟିଟିଲାଗଡ ବିଜେଡିର ଜନସମ୍ପର୍କ ଅଭିଯାନ

**ଟିଟିଲାଗଡ଼, ୩୧।୧୦ (ଡି.ଏନ.ଏ)**

ଟିଟିଲାଗଡ ବିଜେଡି ପକ୍ଷରୁ ଗୁରୁବାର କେନ୍ଦୁମୁଣ୍ଡିଠାରୁ ସିହିନି ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁଙ୍କ ସହ ସହସ୍ରାଧିକ କର୍ମୀ ସାମିଲ ହୋଇଥିଲେ। ସିହିନିରେ ଦଳର ରାଜ୍ୟ ପରିଷଦ ସଦସ୍ୟ ପ୍ରମୋଦ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମନ୍ତ୍ରୀ ସାହୁ ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅଙ୍ଗୀକାରବଦ୍ଧ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ପୂର୍ବତନ ଅଧ୍ୟକ୍ଷା ଗୀତା ବିଶି, ଆଇନଜୀବୀ ଶ୍ୟାମାପ୍ରସାଦ ଗରିଆ, ରଣଜିତ ପୃଷ୍ଟି, ପୂର୍ବତନ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ଅଞ୍ଜନା ବର୍ମା, ସରିତା ବେହେରା, ଭରତ ତାଣ୍ଡି, ଜିଲା ପରିଷଦ ସଭ୍ୟ ଶଙ୍କର ଛୁରା, ସଭ୍ୟା ବିନତି ବେହେରା, ବ୍ଲକ ମହିଳା ସଭାନେତ୍ରୀ ମୈତ୍ରୀ ସାହୁ, ଭକ୍ତ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ରୁଟୁ ବାଗ, ଜଗଦୀଶ ମହାଲିଙ୍ଗ, ଅମରଜିତ ବାଗ, ରାଜେଶ ବେହେରା, କାଳିଚରଣ ପନୁଆ, ପ୍ରମୋଦ ପଟ୍ଟନାୟକ, ସଞ୍ଜୀବ ସାହୁ, ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ସମ୍ପାଦକ ହରିନାରାୟଣ ମିଶ୍ର ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।



ଆମ ପୋଲିସ ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନସାଧାରଣ।

ଆମ ପୋଲିସ ସମିତି ବୈଠକ

## ପୋଲିସ-ଜନସାଧାରଣ ସମନ୍ୱୟ ଉପରେ ଗୁରୁତ୍ୱ

**ଦେଓଗାଁ,୩୧।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନାରେ ଗୁରୁବାର ୪ର୍ଥ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୋଲିସ ଏସଆଇ ବିଚିତ୍ରାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଥାନା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ତଥା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଅଞ୍ଚଳରେ ଶିଶୁ ଶ୍ରମିକ, ଟ୍ରାଫିକ ନିୟନ୍ତ୍ରଣ, ଚୋରି, ଡକାୟତି ଉପରେ ପୋଲିସ ପ୍ରଶାସନ ଓ ସାଧାରଣ ଜନତା ଉଭୟେ ସମନ୍ୱୟ ରକ୍ଷାକରି ମୁକାବିଲା କରିବାକୁ ମତପ୍ରକାଶ ପାଇଥିଲା । ବୈଠକରେ ଉପରଝର ପଞ୍ଚାୟତରୁ ଯୁବସଂଗଠନ ସଭାପତି ରମେଶ କୁମାର ମହାପାତ୍ର, ରଞ୍ଜନ ପଧାନ, କୁହିମୁଣ୍ଡାର ଶମ୍ଭୁ ଭୂଷଣ ସାହୁ ପ୍ରମୁଖ ଯୋଗଦେଇଥଇଲେ। ଉପରଝରରୁ ଆଟଗାଁ ରାସ୍ତାରେ ଥିବା ଘାଟି ପାଖରେ ବାରମ୍ବାର ରାହାଜାନୀ, ଚୋରି, ହତ୍ୟା ଆଦି ଅଭିଯୋଗ ହୋଇ ଆସୁଛି । ଦେଓଗାଁ ଥାନା ଓ ତୁଷୁରାଥାନା ଉଭୟ ୧୦କିମିରୁ ଉର୍ଦ୍ଧ୍ୱ ଦୂରତ୍ୱ ରହୁଥିବାରୁ ପୋଲିସ ଠିକ ସମୟରେ ପହଞ୍ଚି ପାରୁନ ଥିବାରୁ ଅପରାଧୀମାନେ ଖସିଯାଉଛନ୍ତି। ଫଳରେ ଅଞ୍ଚଳବାସୀ ପୋଲିସ ସହାୟତାରୁ ବଞ୍ଚିତ ରହୁଛନ୍ତି। ଏଣୁ ଉପରଝରଠାରେ ଏକ ଫାଣ୍ଡି ସ୍ଥାପନ କରିବା ଆବଶ୍ୟ ହୋଇଛି ବୋଲି ମତପ୍ରକାଶ କରିଥିଲେ । ବୈଠକରେ ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନଶିକ୍ଷକ କୁମାର ଷାଣ୍ଡ, ଜରାସିଂହା ନେତ୍ରଭାନୁ ହାଇସ୍କୁଲର ପ୍ରଧାନଶିକ୍ଷକ ଅଗ୍ନୀ କୁମାର ନାଏକ, ଜରାସିଂହା ସରପଞ୍ଚ କୁଶମଣି ମେହେର, ଦେଓଗାଁ ସରସ୍ୱତୀ ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟ ସୁଶୀଲ କୁମାର ଦାଶ, ସାରସମାଲ ପ୍ୟାକ୍ସର ସଭାପତି ଗୋପୀନାଥ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

ଯୁକ୍ତଦୁଇ କଲେଜ୍‌ରେ ଜାତୀୟ ଏକତା ଦିବସ ପାଳିତ

## ଏକତା ପାଇଁ ଗଣଦୌଡ଼, ଶପଥ ପାଠ

**ଦେଓଗାଁ,୩୧।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଯୁକ୍ତ ଦୁଇ କଲେଜରେ ଗୁରୁବାର ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ବିମଳ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ। ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ଗୋବିନ୍ଦ ମେହେର, ବସନ୍ତ କୁମାର ମନହୀରା, ଅଚ୍ୟୁତରାମ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ଅଧ୍ୟାପକ ଦୁର୍ବାଦଳ ଘିଭେଲା ଛାତ୍ରୀଛାତ୍ର ତଥା କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ । ଅଧ୍ୟାପକ ଧୋବାଇ ଚରଣ ପଟେଲ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏକତାର ଆବଶ୍ୟକତା ରହିଛି ଓ ଏହାକୁ ପାଳନ କଲେ ହିଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏ ଅବସରରେ ଖେଳ ଶିକ୍ଷକ ପ୍ରଶାନ୍ତ କୁମାର ଥନାପତିଙ୍କ ତତ୍ତ୍ୱାବଧାନରେ ଏକତା ପାଇଁ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ଅଧାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ବସୁଦେବ ମେହେର, ବାଳ ଶଙ୍କର ମେହେର ଓ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ ।





ଜରାସିଂହା ଯୁକ୍ତଦୁଇ କଲେଜରେ ଜାତୀୟ ଏକତା ଦିବସ ଅବସରରେ ଶପଥ ପାଠ କରାଯାଉଛି ।

ନିମ୍ନମାନର ମଧ୍ୟାହ୍ନଭୋଜନ, ଉନ୍ନୟନ ଟଙ୍କା ଆତ୍ମସାତ୍ ଅଭିଯୋଗ

## ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

**ସଇଁତଲା, ୩୧।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅନ୍ତର୍ଗତ ନାଗଫେନା ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ଉନ୍ନୀତ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନଭୋଜନ ପିଲାଙ୍କୁ ଦିଆଯାଉଛି। ସ୍କୁଲ ଉନ୍ନୟନ ପାଇଁ ଆସିଥିବା ଟଙ୍କା ହେରଫେର ହେଉଛି। ପ୍ରଧାନଶିକ୍ଷକ ସ୍କୁଲକୁ ନିୟମିତ ଆସୁ ନାହାନ୍ତି। ଏହି ସବୁ ଅଭିଯୋଗକରି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ସ୍କୁଲ ପରିଚାଳନା କମିଟି ସ୍କୁଲରେ ତାଲା ପକାଇ ଦେଇଛନ୍ତି। ପରେ ବିଡ଼ିଓ ଏବଂ ବିଇଓ କାର୍ଯ୍ୟାଳୟରେ ଏ ନେଇ ଲିଖିତ ଅଭିଯୋଗ ଆଣିଛନ୍ତି। ଦୁଇଦିନ ହେଲା ସ୍କୁଲର ତାଲା ଝୁଲୁଥିଲେ ମଧ ପ୍ରଶାସନ ତରଫରୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡିଛି।

ବ୍ଲକ ଶିକ୍ଷାଧୀଶଙ୍କ କାର୍ଯ୍ୟାଳୟଠାରୁ ୩୫ କିମି ଦୂର ନାଗଫେଣା ଗ୍ରାମରେ ୧୯୭୨ରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଉକ୍ତ ବିଦ୍ୟାଳୟ ଏବେ ଆଜି ଉନ୍ନୀତ ହୋଇ ଅଷ୍ଟମ ଶ୍ରେଣୀରେ ପହଞ୍ଚିଛି । ସ୍କୁଲ ପ୍ରତିଷ୍ଠା ସମୟରୁ ନିର୍ମିତ ହୋଇଥିବା ଦୁଇଗୋଟି କୋଠରିରେ ଆଜି ମଧ୍ୟ ଆଠଟି ଶ୍ରେଣୀର ଛାତ୍ରୀଛାତ୍ର ପଢୁଛନ୍ତି। ଜଣେ ଶିକ୍ଷୟିତ୍ରୀ ଏବଂ ତିନିଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ପ୍ରଧାନଶିକ୍ଷକ ବିଜୟ ମଲ୍ଲିକ ନିୟମିତ ଭାବରେ ସ୍କୁଲକୁ ଆସୁ ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ପରିଚାଳନା କମିଟି ସଭାପତି ଲମ୍ବୋଦର ମେସୁଆ କହିଛନ୍ତି। ପୁନଶ୍ଚ ମଲ୍ଲିକ ନିଜ ବାସଭବନରେ ମଧ୍ୟାହ୍ନଭୋଜନ ଚାଉଳ, ଡାଲି, ତେଲ ପ୍ରଭୃତି ସାମଗ୍ରୀ ରଖୁଥିବା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବୁଧବାର ସ୍କୁଲରେ ମଧ୍ୟାହ୍ନ ଭୋଜନରେ ଦିଆଯାଇଥିବା ଭାତ କଳାରଙ୍ଗର ହୋଇଥିବାବେଳେ ଦୁର୍ଗନ୍ଧ ବାହାରୁ ଥିବାରୁ ଛାତ୍ରୀଛାତ୍ର ନ ଖାଇ ଫୋପାଡ଼ି ଦେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଭାବକ, ଏସଏଚଜି ମହିଳା ଏବଂ ପରିଚାଳନା କମିଟି ସଦସ୍ୟମାନେ ସ୍କୁଲରେ ତାଲା ପକାଇଥିଲେ। ସେଥିଯୋଗୁ ଗୁରୁବାର ସ୍କୁଲକୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀଶିକ୍ଷକମାନେ ବାରଣ୍ଡାରେ ପଢ଼ାଇଥିଲେ। ପାଚିକାମାନେ ନିଜ ଘରୁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରି ପିଲାଙ୍କୁ ଦେଇଥିଲେ। ପ୍ରଧାନଶିକ୍ଷକ ବୁଧ ଏବଂ ଗୁରୁବାର ଦୁଇଦିନ କାଳ ସ୍କୁଲରେ ଅନୁପସ୍ଥିତ ଥିବା ଦେଖାଦେଇଥିଲା। ଗୁରୁବାର ସ୍କୁଲ କମିଟି ସଭାପତି ଲମ୍ବୋଦର ମେସୁଆଙ୍କ ନେତୃତ୍ୱରେ ପଦ୍ମଲୋଚନ ମାଝୀ, ଭୀମରାଜ ମହାକୁର, ଶ୍ରୀବତ୍ସ ମେର୍ଲୀ, ଯୁବରାଜ ମହାକୁର ଓ ବିଷ୍ଣୁ ମାଝୀଙ୍କ ସମେତ ଗ୍ରାମବାସୀ ସ୍କୁଲର ରନ୍ଧାଘର ଓ ପାଚେରୀ ନିର୍ମାଣ ନ କରି ମିଥ୍ୟା ବିଲ ମାଧ୍ୟମରେ ଟଙ୍କା ଆତ୍ମସାତ କରିଥିବାର ଲିଖିତ ଅଭିଯୋଗ ବିଡିଓ ଏବଂ ଶିକ୍ଷାଧିକାରୀଙ୍କୁ ଦେଇଛନ୍ତି। ସେହିପରି ପାଚିକାମାନେ ନିଜ ଟଙ୍କାରେ କାଠ କିଣି ଆଣୁଥିବାବେଳେ ତାହା ମଧ୍ୟ ଦିଆ ଯାଉ ନ ଥିବା ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକ ବିଜୟ ମଲ୍ଲିକଙ୍କୁ ଅଭିଯୋଗ ସମ୍ପର୍କରେ ତାଙ୍କ ମୋବାଇଲ ନଂ ୭୦୭୭୮୯୧୯୦୪ରେ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେଉଥିଲେ ମଧ ସେ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ସିଆରସିସି ଯୁଗ ବରର୍ଗୀଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ପ୍ରଧାନଶିକ୍ଷକ ମଲ୍ଲିକ ସ୍କୁଲକୁ ନିୟମିତ ଆସୁ ନ ଥିବା ବିଷୟରେ ଏବିଇଓଙ୍କୁ ଜଣାଇବି ବୋଲି କହିଛନ୍ତି। ଚାଉଳରେ ଅଣ୍ଡା ଫିଟି ମିଶି ଯାଇଥିବା ଓ ଏହାକୁ ରାନ୍ଧିବାରେ ତାହା ଦୁର୍ଗନ୍ଧଯୁକ୍ତ ଥିବା ହୋଇଥିବା ଖବର ସେ ପାଇଥିବା କହିଛନ୍ତି। ଏବିଇଓ ନାରାୟଣ ଭୋଇଙ୍କୁ ଯୋଗାଯୋଗ କରିବାରୁ ଘଟଣା ବିଷୟରେ କିଛି ଜାଣି ନ ଥିବା କହଛନ୍ତି। ସ୍କୁଲରେ ତାଲା ପଡିଥିବାବେଳେ ଶୁକ୍ରବାର ଶିକ୍ଷା ବିଭାଗ ତରଫରୁ ହେବାକୁ ଥିବା ପରୀକ୍ଷା କିଭଳି ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।



ଛାତ୍ରୀଛାତ୍ରମାନେ ସ୍କୁଲ ବାରଣ୍ଡାରେ ବସି ପାଠ ପଢୁଛନ୍ତି।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ

- ରବର୍ଟ ବର୍ଟନ



## ସଂକ୍ଷେପରେ

### ଜାତୀୟ ଏକତା ଦିବସରେ ଗଣଦୌଡ଼ କାର୍ଯ୍ୟକ୍ରମ

**କୋମନା,୩୧।୧୦ (ଡି.ଏନ.ଏ.)**- ନୂଆପଡା ଜିଲା କୋମନା ବ୍ଲକ ତରବୋଡସ୍ଥିତ ନବୋଦୟ ବିଦ୍ୟାଳୟ ପରିସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଗଣଦୌଡ ହୋଇଥିଲା। ଏଥିରେ ନବୋଦୟ ବିଦ୍ୟାଳୟ ଛାତ୍ରୀଛାତ୍ର, ଅଞ୍ଚଳର ଯୁବକଯୁବତୀ ଓ ବୁଦ୍ଧିଜୀବୀମାନେ ନବୋଦୟ ବିଦ୍ୟାଳୟ ଗେଟଠାରୁ ସିହିନାମୁଣ୍ଡା ଛକ ପର୍ଯ୍ୟନ୍ତ ଗଣଦୌଡ କରିଥିଲେ। ବରିଷ୍ଠ ଆଇନଜୀବୀ ପସନ୍ନ ପାଢୀ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଆଦର୍ଶ ନିତୀ ଓ କାର୍ଯ୍ୟଦକ୍ଷତା ଉପରେ ଉଦ୍‌ବୋଧନ ଦେଇଥିଲେ ।

# ୨ କି.ମି. ରାସ୍ତା ତିଆରି କଲେ ଗାଁ ଯୁବକ

**କୋମନା,୩୧।୧୦(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଦର୍ଲିପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିଲେଟପାଣି ଗ୍ରାମର ମୁଖ୍ୟ ରାସ୍ତା ଦୀର୍ଘ ଦିନ ହେଲା ମରାମତି ଓ ନିର୍ମାଣ ହୋଇ ନ ଶୋଚନୀୟ ହୋଇପଡ଼ିଛି। ଲୋକେ ସବୁବେଳେ ଖାଲଖମାରେ ଭରପୁର ଏହି କାଦୁଅ ରାସ୍ତାରେ ଯିବା ଆସିବା କରୁଥିଲେ। ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁ ବିଭିନ୍ନ ସମୟରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଥିଲେ। ଏ ନେଇ ଗ୍ରାମବାସୀ ପଞ୍ଚାୟତଠୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଗୁହାରି କରିଥିଲେ ମଧ୍ୟ ପ୍ରଶାସନ ଶୁଣି ନ ଥିଲେ। ପ୍ରଶାସନର ଏଭଳି ଉଦାସୀନତାକୁ ନିରାଶ ନ ହୋଇ ଗାଁର ୨୦ରୁ ୨୫ ଯୁବକ ଏକତ୍ରିତ ହୋଇ ରାସ୍ତା ନିର୍ମାଣ କରିବା ପାଇଁ ଶପଥ ନେଲେ। ଗାଁରୁ ବିଜୁ ଏକ୍ସପ୍ରେସ ପର୍ଯ୍ୟନ୍ତ ୨ କି.ମି. ଖରାପ ରାସ୍ତା ନିର୍ମାଣ କରି ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛନ୍ତି।



ଯୁବକମାନେ ଖାଲଖମା ରାସ୍ତାକୁ ସମତୁଳ କରୁଛନ୍ତି ।

କୋମନା ବ୍ଲକ କାର୍ଯ୍ୟାଳୟଠାରୁ ୨୦ କି.ମି. ଦୂରରେ ଅବସ୍ଥିତସିଲେଟପାଣି ଗାଁ । ଏଠାରେ ପାଖାପାଖି ୩ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ଲୋକ ବାସ କରୁଛନ୍ତି। ଏହି ଗାଁରେ ଅନେକ ସମସ୍ୟା ରହିଥିଲେ ମଧ୍ୟ ଗାଁକୁ ଯିବାକୁ ଥିବା ମୁଖ୍ୟ ରାସ୍ତା ବହୁ ଦିନ ହେଲା ଖାଲଖମା ଓ ଶୋଚାନୀୟ ହୋଇ ପଡ଼ିରହିଥିଲା। ଫଳରେ ଗାଁକୁ ଚାରିଚକିଆ ଯାନ ଯିବାକୁ ସମସ୍ୟା ହେଉଥିଲା। ଛୋଟ ଛୋଟ ପିଲାମାନେ ବିଭିନ୍ନ ସମୟରେ ପଡି ଖାଣ୍ଡିଆ ଖାବରା ହେଉଥିଲେ। ବୁଢାବୁଢୀ ଲୋକ ପୋଖରୀକୁ ଗାଧୋଇ ବାକୁ ଗଲେ ଖାଲଖମା ରାସ୍ତାରେ ପଡି ଅସୁବିଧା ଭୋଗ କରୁଥିଲେ। ଏସବୁ ହେବା ସତ୍ତ୍ୱେ ସ୍ଥାନୀୟ ସରପଞ୍ଚ କେବେ ମଧ୍ୟ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେଲେ ନାହିଁ। ଫଳରେ ଗାଁର ଯୁବଗୋଷ୍ଠୀ ଏକତ୍ର ହୋଇ ଖାଲଖମା ସ୍ଥାନଗୁଡ଼ିକରେ ଇଟା, ପଥର, ମାଟି ଓ ମୁରୁମ ଦେଇ ରାସ୍ତା ମରାମତି କରଥିଲେ। ମରାମତି ପରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ଲୋକଙ୍କ ଯାତାୟାତ ଯୋଗ୍ୟ ହୋଇ ପାରିଛି। ଏଥିରେ ଯୁବଗୋଷ୍ଠୀର କୁନା ବେହେରା, ଟିଲୁ ଜୟ କୁମାର ଭୋଇ, ଶରତ ପ୍ରଧାନ, ସରୋଜ ପ୍ରଧାନ, କୁଶ ମାଝି, ରୋହିତ ନାୟକ, ମୋହିତରାମ ଅହିର, ଶିବ ପ୍ରସାଦ, ଅର୍ଜୁନ ପୋଡ ପ୍ରମୁଖଙ୍କ ସମେତ ମାଝିପଡା, କେନ୍ଦୁପଡା ଓ ସଦରିଆପଡାର ଯୁବକମାନେ ସାମିଲ ହୋଇଥିଲେ। ଯୁବଗୋଷ୍ଠୀର ଏଭଳି ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ମିତବ୍ୟୟିତା ଦିବସରେ ସଚେତନତା ଶୋଭାଯାତ୍ରା

**ନୂଆପଡା ଅଫିସ,୩୧।୧୦**

ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ବିଶ୍ୱ ମିତବ୍ୟୟତା ଦିବସ ଅବସରରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥଲା। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟଅତିଥି, ଏସପି ବିନୀତ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଞ୍ଚୟ ଉପରେ ବିଶେଷ ଗୁରୁତ୍ୱ ଦେବା ସହ ଅର୍ଥନୀତି ଉପରେ ଧ୍ୟାନ ଦେବାକୁ ଅତିଥିମାନେ କହିଥିଲେ। ପରେ ଜିଲାପାଳ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକ ରଥ ସହର ପରିକ୍ରମା କରିଥିଲା। ପଦାଯାତ୍ରାରେ ଜିଲାପାଳ, ଏସପିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ସାମିଲ ହୋଇ ସଚେତନତାର ବାର୍ତ୍ତା ଦେଇଥିଲେ। ସ୍ୱଳ୍ପ ସଞ୍ଚୟ ବିଭାଗ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।



ପଦଯାତ୍ରାରେ ଜିଲାପାଳ, ଏସ୍‌ପି ସାମିଲ ହୋଇଛନ୍ତି ।

### ଚିକିତ୍ସା ସାହାଯ୍ ଲାଗି ବାପର ଆକୁଳ ନିବେଦନ

# ଶିଁକ୍‌ଲା ବଁଧା ଜୀବନ୍ ବିତଉଛନ୍ ଟୁନୁରାମ

**ସିନାପାଲି, ୩୧।୧୦(ଡି.ଏନ୍.ଏ.)**

ସରକାର ମାନସିକ୍ ରୁଗୀକର ଚିକିଛା ଲାଗି ଅନେକ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଅନେକ୍ ଜାଗାରେ ସଚେତନତା ଅଭାବୁ ଗରିବ୍‌ଦୁଖି ସରକାରକଁର ଇ ସୁବିଧା ସୁଯୋଗ ପାଏବାରୁ ବଁଚିତ୍ ହେଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ସିନାପାଲି ବ୍ଲକ ଖାରବନ୍ଧ ଗାଁର ବୃନ୍ଦାବାହାଲ ପଡ଼ାରେ।ସୂଚନା ଅନ୍‌ସାରେ ଖାରବନ୍ଧ ଗାଁ ବୃନ୍ଦାବାହାଲ ପଡ଼ାର ପୀତାମ୍ବର ମାଝି(୫୨) ଆର ଗୋମତୀ ମାଝି(୫୦)କଁର ୩ ଝିଁରେ ଗୁଟେ ପୁଓ। ପରିବାରଟା ନିହାତି ଗରିବ୍, ପୀତାମ୍ବର ଚାଷ୍‌ବାସ୍, କୁଲିମଜୁରି କରି କୁଟୁମ୍ ପୁଷୁଛନ୍। ହେଲେ ଗୁଟେ ବଲି ପୁଓ ଟୁନୁରାମ(୧୫)କଁର ଚିକିଛା ଚିନ୍ତା ତାହାକୁ ଖାଇଯାଉଛେ। ଟୁନୁରାମ ଛୁଆବେଲେ ଠିକ୍‌ଠାକ୍ ଥିଲେ। ସେ ଗାଁ ସ୍କୁଲରେ ୪ର୍ଥ ଶ୍ରେଣୀ ତକ୍ ପଢ଼ଲା ଉତାରୁ ପଢ଼ା ଛାଡ଼ିଦେଲେ। ମା'ବାପ୍‌କେ କାମ୍‌ବୁତାରେ ସାହାଯ୍ କରୁଥିଲେ। ହେଲେ କେହେନ୍‌ସି କରନ୍‌ରୁ ସେ ତାକର ମାନ୍‌ସିକ ସଁତୁଳନ ହରେଇ ଦେଲେ। ପରିବାର ଲୋକ୍ ଆସର ପାସର ଡାକ୍ତରଖାନାରେ ଚିକିଛା କରାବାର ସଂଗେ ଚେରମୂଳି ଉଷୋକଷା କରି ନିରାଶ ହେଲେ। ଇଆଡ଼େ ଚିକିଛା ଅଭାବୁ ଟୁନୁରାମକଁର ମାନ୍‌ସିକ ଥିତି ଆହୁରି ବିଗିଡ଼ି ଗଲା। ଏନ୍ତାଥି ଘରର ଲୋକ୍ ଉପେ ଶୂଇନ୍ ହେଇ ଆଏଜ୍‌କେ ୫ ବଛର ହେଲା ତାକର ହାତେ ଶିଁକ୍‌ଲା ବାଁଧି ରଖିଛନ୍। ସେ ଖାନାପିନା ବି ଠିକ୍‌ସେ ନାଇଁ କରବାର। ଯାହା ଦେଲେ ବଡ଼ା କଷ୍‌ଟେ ଖାଉଛନ୍। ଇଆଡ଼େ ଅଭାବ ଅନାଟନ ଲାଗି ଟୁନୁରାମର ଉଚ ଚିକିଛା କରାବାର ସମ୍ଭବ ନାଇଁ ହେବାର ବଲି ପୀତାମ୍ବର କହିଛନ୍। ପରିବାରର ସଁପତି କହେଲେ ରାଶନ କାର୍ଡ ଖଁଡ଼େ ଆର ଜମିବାଡ଼ି ଦୁଇ ଟୁକ୍‌ରି। ଯେନ୍‌ଥିରେ କୁଟୁମ ପୁଷ୍‌ବାର ଭିଡ଼ ହେଇଯାଉଛେ ବଲି ପୀତାମ୍ବର କହିଛନ୍। ଏନ୍ତା ପରିସ୍ଥିତିରେ ପୁଓର ଚିନ୍ତା କରି ମା' ବି ମାନ୍‌ସିକ ଥିତି ଠିକ୍ ନାଁଇଁ। ଉପେ ଶୂଇନ୍ ପୀତାମ୍ବର ମା'ପୁଓର ଚିକିଛା ସାହାଯ୍ ଲାଗି ଗଣମାଧ୍ୟମ ଜରିଆରେ ଜିଲା ପରଶାସନ ଆର ଜିଲା ସୁଆସ୍‌ତିଅ ବିଭାଗକେ ଗୁହାରି କରିଛନ୍। ଇ ବାବ୍‌ଦେ ନୂଆପଡ଼ା ଜିଲା ମୁଖିଆ ଚିକିଛା ଅଧିକାରୀ ପ୍ରଭାସିନୀ ବ୍ରହ୍ମାକୁଁ ପଚ୍‌ରାଲାରୁ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଛନ୍।



ମାନ୍‌ସିକ ରୋଗ୍‌ରେ ପୀଡ଼ିତ ଟୁନୁରାମ।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**କର୍ଲାମୁଣ୍ଡା,୩୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲଠାରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଛାତ୍ରୀଛାତ୍ରମାନଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଶ୍ରୀକାନ୍ତ ମଲ୍ଲିକ, ଅବେଲ ସାହୁ, ଜଗଦୀଶ ସାହୁ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନ କାହାଣୀ ଏବଂ ରାଷ୍ଟ୍ରୀୟ ଏକତା ଉପରେ ଆଲୋଚନା କରିଥିଲେ। ସ୍କୁଲ ପରିଚାଳକ ତୁଳାରାମ ଖମାରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହେଶ୍ୱର ଗହୀର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ସେନାପତି, ସୁଶାନ୍ତ ନାଏକ, ଗୀତାଞ୍ଜଳି ମଲ୍ଲିକ ସହଯୋଗ କରିଥିଲେ।

# ସର୍ଦ୍ଦାର ପଟେଲ ଭାରତୀୟ ଏକତାର ପ୍ରତୀକ

## ରନ୍ ଫର୍ ୟୁନିଟିରେ ଦୌଡ଼ିଲେ ଯୁବକ

**ନୂଆପଡ଼ା ଅଫିସ, ୩୧।୧୦**

ବିଦେଶୀ ହାତରୁ ମୁକ୍ତି ମିଳିବା ପରେ ଦେଶ ମଧ୍ୟରେ ବିଭିନ୍ନତା ଏକ ସମସ୍ୟା ହୋଇ ରହିଥିବା ବେଳେ ସାରା ଦେଶକୁ ଏକତାର ସୂତ୍ରରେ ବାନ୍ଧିବାରେ ସଫଳ ହୋଇଥିବା ଲୌହ ମାନବ ଭାରତୀୟ ଏକତାର ପ୍ରତୀକ ଅଟନ୍ତି। ଦେଶରେ ଭାଷା, ଜାତି, ଧର୍ମ ନିର୍ବିଶେଷରେ ଗୋଟିଏ ମାନଚିତ୍ରରେ ଆମକୁ ବାନ୍ଧି ରଖିଥିବା ସର୍ଦ୍ଦାର ପଟେଲ ସର୍ବମାନ୍ୟ ବୋଲି ମତ ପ୍ରକାଶ ପାଇଥିଲା। ଗୁରୁବାର ସ୍ଥାନୀୟ ମିନିଷ୍ଟାଡିୟମରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଚାଲିଥିବା ସର୍ଦ୍ଦାରଙ୍କ ଜୟନ୍ତୀ ଉତ୍ସବ ଉପଲକ୍ଷେ ଆୟୋଜିତ ରନ ଫର ୟୁନିଟି କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ସକାଳ ସାଢେ ୭ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ଆଶୀଷ କୁମାର ଠାକୁର ସଭାପତିତ୍ୱ କରିଥିବାବେଳେ ଉପଜିଲାପାଳ ତରଣୀସେନ ନାଏକ ମୁଖ୍ୟଅତିଥି, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, କଳାହାଣ୍ଡି ଏମପିଙ୍କ ପ୍ରତିନିଧି ହୋମସିଂ ମାଝି, ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ, ନ୍ୟାଶନାଲ ହାଇସ୍କୁଲ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସତପଥୀ, ସୁରେଶ କୁମାର ଅଗ୍ରୱାଲ, ପତଞ୍ଜଳୀ ଯୋଗ ସମିତି ନୂଆପଡା ଶାଖାରୁ ହେମନ୍ତ କୁମାର ଦଣ୍ଡସେନା, ସୁଶାନ୍ତ କୁମାର ପତି, ବିଜୟ ଚନ୍ଦ୍ରପାର, ଅଭିନନ୍ଦନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶପଥପାଠ ହୋଇଥିଲା। ଏହିଅବସରରେ ଅତିଥିମାନେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିବାବେଳେ ସେ ଦେଶ ଗଠନରେ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିଲେ ସେ ଉପରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ରନ ଫର ୟୁନିଟି ନାଁରେ ଗଣ ଦୌଡ ହୋଇଥିଲା। ଏହାକୁ ଉପଜିଲାପାଳ ନାଏକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲ, କେଜିବିଭି, ଏନଏସଏସ ନ୍ୟାଶନାଲ କଲେଜ, ମହାମାୟା କଲେଜର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହା ମିନିଷ୍ଟାଡିୟମରୁ ଆରମ୍ଭ ହୋଇ ଏସପିଙ୍କ କାର୍ଯ୍ୟାଳୟ ଦେଇ ପୋଲିସ ପଡିଆରେ ପହଞ୍ଚିଲା। କାର୍ଯ୍ୟକ୍ରମକୁ ଆଶୀଷ ଠାକୁର ପରିଚାଳନା କରିଥିବାବେଳେ କଳାହାଣ୍ଡି ଏମପିଙ୍କ ପକ୍ଷରୁ ଅଭିନନ୍ଦନ ପଣ୍ଡା, ତୁଳସ ପଟେଲ, ନେହେରୁ ଯୁବ କେନ୍ଦ୍ରର ବିଶ୍ୱଜିତ ପାଣିଗ୍ରାହୀ, ମୁକେଶ କୁମାର ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।




ରନ୍ ଫର୍ ୟୁନିଟି ଗଣଦୌଡ଼କୁ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

### ଜିଲାପାଳଙ୍କ ଅଚାନକ ଖଡ଼ିଆଳ ବ୍ଲକ ଗସ୍ତ

# ଟୁକଲା ହସ୍ପିଟାଲର ସ୍ୱାସ୍ଥ୍ୟସେବା ଦେଖି ଜିଲାପାଳଙ୍କ କ୍ଷୋଭ

**ନୂଆପଡା ଅଫିସ,୩୧।୧୦**

ରାଜ୍ୟର ଉପାନ୍ତ ଜିଲା ଭାବେ ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ବେହାଲ ହୋଇପଡିଥିବାରୁ ଜିଲାପାଳ ମଧୁସ୍ମିତା ସାହୁ ବାରମ୍ବାର ବିଭିନ୍ନ ଅଞ୍ଚଳ ଅଚାନକ ଭାବେ ଗସ୍ତ କରି ଦେଖୁଛନ୍ତି । ଗୁରୁବାର ଖଡିଆଳ ବ୍ଲକ ଗସ୍ତ କରିଥିବାବେଳେ ସେଠିକାର ଟୁକଲା ପ୍ରାଥମିକ ଚିକିତ୍ସାଳୟ ପରିଦର୍ଶନ କରିଥିବା ବେଳେ ସେଠିକାର ଚନୁଟମାଲସ୍ଥିତ ସେବାଶ୍ରମ ବିଦ୍ୟାଳୟ ବୁଲି ସମସ୍ୟା ବୁଝିଛନ୍ତି । ସୂଚନାନୁଯାୟୀ ଜିଲାପାଳ ୧୨ଟାରେ ଖଡିଆଳ ବ୍ଲକରେ ପହଞ୍ଚିଥିବାବେଳେ ୫-ଟି ସମ୍ପର୍କରେ ବୈଠକ କରିଥିଲେ। ଅପରାହ୍ନ ୪ଟାରେ ହଠାତ ଟୁକଲା ପ୍ରାଥମିକ ଚିକିତ୍ସାଳୟରେ ପହଞ୍ଚିଲେ । ସେତେବେଳେ ଜଣେମାତ୍ର ପିଅନଙ୍କୁ ଭେଟିଥିଲେ। ଡାକ୍ତର କି ଜଣେ ହେଲେ ରୋଗୀ ମଧ୍ୟ ନ ଥିଲେ। ଏଭଳିସ୍ଥିତି ଦେଖି ଜିଲାପାଳ କ୍ଷୋଭ ପ୍ରକାଶ କରିଥିଲେ । ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ଯାଏଁ ବହୁ ସମୟରେ ଡାକ୍ତରମାନେ ଆସୁ ନ ଥିବାରୁ ରୋଗୀ ସଂଖ୍ୟା ମଧ୍ୟ କମିବାରେ ଲାଗିଥିବା ଜାଣିବାକୁ ପାଇଥିଲେ । ଏହା ପରେ ଜିଲାପାଳ ବଲାଙ୍ଗୀର ଜିଲା ସୀମାନ୍ତରେ ଥିବା ଚନୁଟମାଲସ୍ଥିତ ସେବାଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ କୁନି ଶିଶୁଙ୍କ ଗହଣରେ କିଛି ସମୟ ରହିଥିବାବେଳେ ବିଭିନ୍ନ ସମସ୍ୟା କଥା ପଚାରି ବୁଝିଥିଲେ। ପିଲାଙ୍କୁ ଠିକ ଭାବେ ପାଠ ପଢାପ୍ରତି ଧ୍ୟାନ ଦେବାକୁ କହିଥିବାବେଳେ ଶିକ୍ଷକମାନଙ୍କୁ ଏମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ସନ୍ଧ୍ୟାରେ ଜିଲାପାଳ ନୂଆପଡା ଫେରି ଆସିଥିଲେ। ଜିଲାପାଳଙ୍କ ଏହି ଗସ୍ତ ପରେ ଖଡିଆଳ ବ୍ଲକରେ ଚହଳ ପଡିଯାଇଛି । ଆଗକୁ କ'ଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



ଚନୁଟମାଲ ସେବାଶ୍ରମରେ ଶିଶୁଙ୍କ ଗହଣରେ ଜିଲାପାଳ ମଧୁସ୍ମିତା ସାହୁ ।

# ଖଡ଼ିଆଳ ଆମ ପୋଲିସ ସମିତି ବୈଠକ

**ଖଡିଆଳ,୩୧।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ପୋଲିସ ପକ୍ଷରୁ ଖଡିଆଳ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମେଜର ଡ. ରାମଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ପ୍ରଥମେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଦେଶର ଅଖଣ୍ଡତା, ବିଶେଶ୍ୱତା ମଧ୍ୟରେ ଏକତା, ଦେଶର ପ୍ରଗତିରେ ସମର୍ପିତ ହେବା ଭାବନା ନେଇ ଶପଥ ପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପୂର୍ବତନ କଲେଜ ଅଧ୍ୟକ୍ଷ ଡ. ଫଣିନ୍ଦ୍ରମ ସିଂଦେଓ ଓ ସମ୍ମାନିତ ଅତିଥି ଭାବେ ଖଡିଆଳ ଯୁବରାଜ ଦେବଦେବ ସିଂଦେଓ ଏବଂ ଖଡିଆଳ ସହର ବରିଷ୍ଠ ନାଗରିକମାନେ ଯୋଗଦାନ କରିଥିଲେ । ଏଥିରେ ଖଡିଆଳ ଥାନା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ଆମ ପୋଲିସ ସମିତିର ଉଦ୍ଦେଶ୍ୟ ତଥା ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ପୋଲିସ ଓ ଜନତା ମଧ୍ୟରେ ଆସ୍ଥା ଭାଜନ ଆଦି ବିଷୟ ଉପରେ ଆଲୋକପାତ କରିଥିଲେ । ବୈଠକରେ ବରିଷ୍ଠ ନାଗରିକ, ଆଇନଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଭ୍ୟ, ବିଭିନ୍ନ ସମସ୍ୟା, ଖଡିଆଳରେ ଟ୍ରାଫିକ ସମସ୍ୟା, ମ ଓ ଜୁଆ ଆଡ୍ଡାର ପ୍ରାର୍ଦୁଭାବ କମାଇବା, ଖଡିଆଳ ସହରକୁ ଆସୁଥିବା ଅଜଣା ବ୍ୟକ୍ତିଙ୍କ ଉପରେ ନଜର ରଖିବା, ଚୋରି ବୃଦ୍ଧିର ହ୍ରାସ କରିବା, ରାତ୍ର କାଳୀନ ପାଟ୍ରୋଲିଂ ଆଦି ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ସବୁ ସମସ୍ୟାକୁ ସହଯୋଗୀତା ଭିତ୍ତିରେ କିପରି ସମାଧାନ କରାଯାଇ ପାରିବ ସେ ବିଷୟରେ ଥାନା ଅଧିକାରୀ ସେଠୀ କହିଥିଲେ । ଖଡିଆଳ ଥାନା ଏଏସଆଇ ଜିତୁ ମୋହନ ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

# କଳାହାଣ୍ଡି ଜିଲା ବିଦ୍ୟାଳୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

**କଲମପୁର,୩୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟରେ ୫୧ତମ ଜିଲା ବିଦ୍ୟାଳୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟି ହୋଇଯାଇଛି । ଏଥିରେ ଜିଲାର ୧୩ଟି ବ୍ଲକରୁ ୨୦୦ରୁ ଅଧିକ ଛାତ୍ରୀଛାତ୍ରମାନେ ଦୌଡ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିଯୋଗିତାରେ ହାଇଜମ୍ପ, ଲଙ୍ଗଜମ୍ପ, ଡିସକସ୍, ସଟପୁଟ୍, ଜେଭେଲିନ ଥ୍ରୋ, ରିଲେରେସ ୪୦୦ ମିଟର, ୧୦୦, ୨୦୦, ୪୦୦, ୬୦୦, ୮୦୦, ୧୫୦୦, ୩୦୦୦ ମିଟର ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷୁଧି ବାଗ, ସମ୍ମାନିତ ଅତିଥି ଭାବେ କଲମପୁର ବ୍ଲକ ଶିକ୍ଷା ଅଧିକାରୀ ନବୀନ କୁମାର ଖମାରୀ, ଆଇପିଇ ମନୋଜ କୁମାର ପଣ୍ଡା, ଦୁର୍ଗା ମାଧବ ହାଇସ୍କୁଲ ପ୍ରଧାନ ଶିକ୍ଷକ ବାଞ୍ଛାନିଧି ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ କୃତକାର୍ଯ୍ୟ ହୋଇ ଯେପରି ଜିଲା ତଥା ରାଜ୍ୟରେ ଏବଂ ଆର୍ନ୍ତଜାତୀୟସ୍ତରରେ ସୁନାମ ଅର୍ଜନ କରିବେ ସେଥିପ୍ରତି ଅଗ୍ରସର ହୁଅନ୍ତୁ ବୋଲି ଅତିଥିମାନେ କହିଥିଲେ। ପ୍ରତିଯୋଗିତାରେ କଲମପୁର ବ୍ଲକରେ ଥିବା ସମସ୍ତ ହାଇସ୍କୁଲ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି । କାର୍ଯ୍ୟକ୍ରମରେ ୩ଜଣ ଅବସର ଶିକ୍ଷକ ଗୋପୀନାଥ ପଣ୍ଡା, ଶିବ ପ୍ରସାଦ ମହାନ୍ତି, ହରେକୃଷ୍ଣ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅଫିସିଆଲ ପିଇଟି ୨୮ ଜଣ, ୧୩ଟି ବ୍ଲକର ୨ ଜଣ ପିଇଟି ମ୍ୟାନେଜର ଏବଂ କଲମପୁର ବ୍ଲକ ସମସ୍ତ ହାଇସ୍କୁଲ ପିଇଟି ଶିକ୍ଷକ ପ୍ରତିଯୋଗିତାରେ ନିୟୋଜିତ ଅଛନ୍ତି।




ଦୌଡକୁଦ ପ୍ରତିଯୋଗିତାରେ ଯୋଗଦେଇଥିବା ଛାତ୍ରୀଛାତ୍ର ।

### ୨୭ତମ ଗନିଆରୀ ଗୋବର୍ଦ୍ଧନା ପୂଜା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

**ନୂଆପଡ଼ା ଅଫିସ,୩୧।୧୦**

ନୂଆପଡା ଜିଲା କୋମନା ବ୍ଲକ ଗନିଆରୀ ଗାଁରେ ଆଜକୁ ୨୭ ବର୍ଷ ଧରି ଚାଲିଥିବା ପ୍ରସିଦ୍ଧ ଗୋସମ୍ବର୍ଦ୍ଧନା ଉତ୍ସବ ବା ଗିରି ଗୋବର୍ଦ୍ଧନା ପୂଜା ସମ୍ପନ୍ନ ହୋଇଛି। ୩ ଦିନ ଧରି ଚାଲିଥିବା ଉତ୍ସବ ବୁଧବାର ବିଳମ୍ବିତ ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକି ଥିବାବେଳେ କଂସ ବଧ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ସାଜିଥିଲା । ପ୍ରଥମ ଦିନ କାର୍ଯ୍ୟକ୍ରମରେ ଗୋପୂଜନ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ପୂଜା କମିଟି ସଭାପତି ଯୋଗେନ୍ଦ୍ର ବାଗ ସଭାପତିତ୍ୱ କରିଥିବାବେଳେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ରାଜ୍ୟ ଉପସଭାପତି ପ୍ରସନ୍ନ କୁମାର ପାଢୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଦିନ ଗନିଆରୀ ସମେତ ଆଖପାଖ ଗାଁରୁ ଶତାଧିକ ଚାଷୀ ସେମାନଙ୍କ ଗୋରୁଙ୍କୁ ଆଣି ପୂଜନ କରିଥିଲେ। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ କଂସ ବଧ କାର୍ଯ୍ୟକ୍ରମ ହୋଇଥିଲା । ପ୍ରଥମେ କଂସଙ୍କ ଗନିଆରୀ ବସ୍ତି ପରିକ୍ରମା କରିଥିଲେ। ଘରକୁ ଘର ବୁଲିଥିବାବେଳେ ମା'ମାନେ ବନ୍ଦାପନା କରିଥିଲେ। ଶେଷରେ କଂସ ବଧ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସହସ୍ରାଧିକ ଲୋକ ଯୋଗଦେଇଥିଲେ। ଏହି ଅବସରରେ କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗୀତା ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ସରୋଜ କୁମାର ସାହୁ, ଜିଲା ଯାଦବ ସମାଜ ସଭାପତି ହରେରାମ କଠାର, ଉପସଭାପତି ଚଞ୍ଚଳ ସଗରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାମାଜିକ ନାଟକ ଛୋଟ ଘର ଝିଅ ବଡ ଘର ବୋହୂ ମଞ୍ଚସ୍ଥ ହୋଇଥିଲା। ଏହା ଦେଖିବାକୁ ୫ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟକ ଦର୍ଶକ ଜମା ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୀତାମ୍ବର ଅଦା, ପୁରୁତମ ହଂସ, ଯଶୋବନ୍ତହଂସ, ଗୁଣବନ୍ତ ରଥ, ହେମନ୍ତ କୁମାର କର, ପରମେଶ୍ୱର ହଂସ, ଟୁଲୁ ବାଗ, ରୁଦ୍ରାକ୍ଷ ହଂସ ପ୍ରମୁଖ ସହଯୋଗ କରିଥିଲେ ।

### କଂସ ବଧ ମୁଖ୍ୟ ଆକର୍ଷଣ



କଂସ ରାଜା ଗନିଆରୀ ବସ୍ତିରେ ଶୋଭାଯାତ୍ରାରେ ପରିକ୍ରମା କରୁଛନ୍ତି ।

## ସଂକ୍ଷେପରେ

### ବଜ୍ରପାତରେ ଶ୍ରମିକଙ୍କ ମୃତ୍ୟୁ

**କେସିଙ୍ଗା,୩୧।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧମୁଣ୍ଡା ଗ୍ରାମପଞ୍ଚାୟତର ଅଧମୁଣ୍ଡା ଗ୍ରାମରେ ବଜ୍ରପାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅମିତ ପ୍ରଧାନ (୩୦) । ଅମିତ ଗ୍ରାମ ନିକଟସ୍ଥ ସାଲଭଟା କପା କ୍ଷେତକୁ ଯାଇଥିଲେ। ସେଠାରେ କପା ତୋଳୁଥିବା ବେଳେ ବଜ୍ରପାତ ହେବାରୁ ଘଟଣାସ୍ଥଳେ ସଂଜ୍ଞାହୀନ ହୋଇ ମୃତ୍ୟୁବରଣ କରିଥିଲା । ଖବର ପାଇ ସ୍ଥାନୀୟ ଲୋକେ ପୋଲିସରେ ସୂଚନା ଦେଇଥିଲେ । ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପାଷ୍ଟିକୁଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ବର୍ଷା ଯୋଗୁ ବ୍ୟବଚ୍ଛେଦ ହୋଇ ନ ଥିବାବେଳେ ଶୁକ୍ରବାର ହେବ ବୋଲି ଜଣାପଡ଼ିଛି।

### ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ

**କୋକସରା,୩୧।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକ ରାଜୀବ ଗାନ୍ଧୀ ଭବନଠାରେ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ ଗୁରୁବାର ପାଳିତ ହୋଇଯାଇଛି। କଂଗ୍ରେସ ବ୍ଲକ ସଭାପତି ରାଜେନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ କଂଗ୍ରେସ ନେତା ନିମାଇ ଚରଣ ଧଙ୍ଗଡାମାଝି, କେଶବ ନାଏକ, ଅଭିମନ୍ୟୁ ପଟ୍ଟନାୟକ, ହେମନ୍ତ ବାଗଙ୍କ ସମେତ ଅନ୍ୟାନ୍ୟ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଦେଇ ସ୍ମୃତି ଚାରଣ କରିଥିଲେ।

### ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

**ପର୍ଲା,୩୧।୧୦(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଠାରେ ଦଣ୍ଡପାଟ କଳା ପରିଷଦ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗୁରବାର ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଭାପତି ଭାବେ ଗ୍ରାମ୍ୟ ପୂଝାରି ଯୁବରାଜ ନାଏକ ଥିବା ବେଳେ ମୁଖ୍ୟଅତିଥି ଭାବେ ବଳରାମ ପୂଝାରୀ ସମ୍ମାନିତ ଅତିଥି ନିର୍ମଳ ଚନ୍ଦ୍ର ନାଏକ, ତପନ ପଣ୍ଡା ଓ ଘନଶ୍ୟାମ ପଟେଲ ଯୋଗଦେଇଥିଲେ । ଏଥିରେ ୧୧ଟି ନୃତ୍ୟ ଦଳ ଯୋଗଦେଇଥିଲେ। ପ୍ରଥମ ଲଦୁଗାଁ, ୨ୟ ଧର୍ମଗଡ, ୩ୟ ସମ୍ବଲପୁର, ୪ର୍ଥ ବୋବରିଆ, ୫ମ କିର୍କାକାନି ଓ ୬ଷ୍ଠ ସ୍ଥାନରେ ଡାଳଗୁମା ପୁରସ୍କୃତ ହୋଇଥିଲେ। ବିଚାରକ ଭାବେ ଅନୁଷ୍ଠାନ ସଭାପତି ବବଲୁ ଅଗ୍ରୱାଲ, ଲଳିତ ନାଏକ, ଦିନବନ୍ଧୁ ବାଗ, ଓ ତପନ ପଣ୍ଡା ଉପସ୍ଥିତ ଥିଲେ। ଏଥିରେ ସୁରେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କମିଟି ସମ୍ପାଦକ ମହନ ରଣା, ଗୋଲାପ ଅଗ୍ରୱାଲ ସହେଯାଗ କରିଥିଲେ।

# ଚାଷୀଙ୍କ ଚିନ୍ତା ବଢ଼ାଉଛି ରୋଗପୋକ

**ଲାଞ୍ଜିଗଡ,୩୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚଳିତବର୍ଷ ଖରିଫ୍ ଋତୁରେ ଧାନ ଓ କପା ଫସଲରେ ବହୁତ ରୋଗପୋକ ବ୍ୟାପିଥିବା ଜଣାପଡିଛି। ଏହି ରୋଗପୋକ ବ୍ୟାପିବା ଦ୍ୱାରା ଧାନ ଓ କପା ଫସଲ ପ୍ରଭାବିତ ହୋଇଛି । କୌଣସି କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁ ନ ଥିବାରୁ ଚାଷୀମାନେ କେଉଁ ଔଷଧ ଦିଆଯିବ ଜାଣିପାରୁ ନାହାନ୍ତି । ବଜାରରୁ କିଣି ଆଣିଥିବା କିଟନାଷକ ପ୍ରୟଗ କରାଯାଉଥିଲେ ମଧ ତାହା କାମ କରୁ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି । ବର୍ତ୍ତମାନ ଅମଳ ସମୟ ପାଖେଇ ଆସିଥିବା ବେଳେ ଚାଷରେ ରୋଗପୋକ ଚାଷୀଙ୍କ ମୁଣ୍ଡବିନ୍ଧା ବଢାଇ ଦେଇଛି । ଚଳିତବର୍ଷ ଖରିଫ ଋତୁରେ ୩୫୦ରୁ ଊର୍ଦ୍ଧ୍ୱ ହେକ୍ଟର ଧାନଚାଷ ହୋଇଥିବା ବେଳେ କୃଷି ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ଫସଲ ସବୁ ନଷ୍ଟ ହେବାକୁ ବସିଲାଣି । ବିଭିନ୍ନ ପଞ୍ଚାୟତର ଶହଶହ ହେକ୍ଟର କାଣ୍ଡବିନ୍ଧା, ପତ୍ରମଡା, ମହିସାରୋଗ ସହ ବିଭିନ୍ନ ରୋଗପୋକରେ ଧାନ ଫସଲ ପ୍ରଭାବିତ ହେବାରେ ଲାଗିଛି। ବ୍ଲକର ତ୍ରୀଲୋଚନପୁର, ବିଜେପୁର, ମାଲିଯୁବାଙ୍ଗ, କାନକୁଟ୍ରୁ, ପାହାଡପଦର, ବନ୍ଧପାରୀ ଓ ବେଡାଗାଁ ଭଳି ଅନେକ ପଞ୍ଚାୟତରେ ଶହ ଶହ ଏକର ଚାଷ ଜମିରେ ରୋଗପୋକ ବ୍ୟାପିଥିଲେ ମଧ କୃଷି ବିଭାଗ ପାଖରେ ଖବର ନାହିଁ । ଚଳିତବର୍ଷ ରିହାତି ଦରରେ କୃଷି ବିଭାଗ ପକ୍ଷରୁ ଘାଟି ଅଞ୍ଚଳର କୌଣସି ଚାଷୀ କିଟନାଶକ ଔଷଧ ପାଇ ନ ଥିବା ଅଭିଯୋଗ କରିଛନ୍ତି । ବିଭିନ୍ନ ବିକ୍ରୟ କେନ୍ଦ୍ରରେ ତାହା କିଣିଲେ ସବସିଡି ମିଳୁନାହିଁ ବୋଲି ଅଭିଯୋଗ ମଧ ହେଉଛି। ଫଳରେ ଚାଷୀମାନେ କ୍ଷତିର ସମ୍ମୁଖିନ ହେଉଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷରୁ ଚାଷୀମାନେ ସିଧାସଳଖ ବଜାରରେ ବିକ୍ରି କରୁଥିବା ଡିଲରଙ୍କଠାରୁ କିଟନାଶକ କିଣିପାରିବେ । ଜାହାକି ଡିଲର ସବସିଡି ଆକାରରେ ଚାଷୀଙ୍କୁ କିଟନାଶକ ଦେବେ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଉଛି । ହେଲେ ଚାଷୀମାନେ ତାହା ଜାଣି ପାରୁ ନ ଥିବାରୁ ନାନା ପ୍ରକାର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏ ଦିଗରେ କୃଷି ବିଭାଗ ପଦକ୍ଷେପ ନେବା ନିହାତି ଜରୁରୀ ହୋଇପଡିଛି । ଏ ସମ୍ପର୍କରେ ଲାଞ୍ଜିଗଡ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ସୁଧାଂଶୁ ମେହେରଙ୍କୁ ପଚାରିବାରୁ ଆମ ୱାରକରମାନେ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଛନ୍ତି ଓ ପରମିଟ୍ କାଟି ଚାଷୀଙ୍କୁ ଦିଆଯାଉଛି । ପରମିଟ୍ ଡିଲରଙ୍କୁ ଦେଖାଇଲେ ସବସିଡ ଆକାରରେ କିଟନାଶକ ପାଇପାରିବେ ବୋଲି କହିଛନ୍ତି । ଯେଉଁ ଜାଗାରେ ଅସୁବିଧା ହୋଇଛି ସେ ଜାଗାକୁ ଆମ ୱାରକରମାନେ ଯିବେ ଓ କ'ଣ କଲେ ଫସଲର ଉନ୍ନତି ଆସିବ ସେ ସମ୍ପର୍କରେ ଚାଷୀଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି ।



ସ୍ଥାନୀୟ ଅଞ୍ଚଳ ରୋପୋକ ଲାଗିବା ପରେ ଚାଷୀମାନେ ଚାଷରୁ ତାହା ବାଛୁଛନ୍ତି ।

- କୃଷି ବିଭାଗ ଦେଉନାହିଁ କୀଟନାଶକ
- ସବ୍‌ସିଡି ଲାଭ ପାଇବାରୁ ଚାଷୀ ବଞ୍ଚିତ

# ରାଜ୍ୟ କୃଷି ନିର୍ଦ୍ଦେଶକଙ୍କୁ ଦାବିପତ୍ର

**ଭବାନୀପାଟଣା,୩୧।୧୦ (ସ୍ୱ.ପ୍ର.)**

**ନୂଆ କୃଷିନୀତିକୁ ବିରୋଧ**

ନୂଆ କୃଷିନିତୀକୁ ବିରୋଧ କରି ଗୁରୁବାର କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଜରିଆରେ ରାଜ୍ୟ କୃଷି ନିର୍ଦ୍ଦେଶକଙ୍କୁ ଦାବିପତ୍ର ଦେଇଛନ୍ତି। ଏଥିରେ ନୂଆକୃଷି ନିତୀ ଯୋଗୁ ପ୍ରୋତ୍ସାହନ ରାଶି କମିଯିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗତ ଏକବର୍ଷ ହେଲା ସରକାର ଚାଷୀମାନଙ୍କୁ କୌଣସି ପ୍ରକାର ପ୍ରୋତ୍ସାହନ ଦେଉ ନ ଥିବାରୁ ଋଣ ଭାର କରି ଚାଷୀମାନେ କୃଷି ଯନ୍ତ୍ର କିଣୁଛନ୍ତି। ତାହାର ମଧ ଆଦେଶ ପତ୍ର ଏଯାଏଁ ପାଇ ପାରିନାହାନ୍ତି। ଫଳରେ ଉକ୍ତ ଚାଷୀମାନଙ୍କ ଋଣ ଭାର ଦିନକୁ ଦିନ ବଢିଚାଲିଛି। ବର୍ତ୍ତମାନ ନୂତନ କୃଷିନିତୀରେ ରିହାତି ଦର କମିଯାଇଥିବାରୁ ଚାଷୀଙ୍କ ମଧରେ ଚିନ୍ତାର କାରଣ ପାଲଟିଛି। କୃଷି ଯନ୍ତ୍ରପାତିର ରିହାତି ପଇସା ପାଇପାରିବୁ ନାହିଁ, କି ଋଣ ମଧ ପରିଶୋଧ କରିପାରିବୁ ନାହିଁ। ଏହା ଯୋଗୁ ଆସ୍ତେ ଆସ୍ତେ ଋଣ ଭାର ବଢିଚାଲିଛି ବୋଲି ଚାଷୀ କ୍ଷୋଭର ସହ କହିଛନ୍ତି। ପୁରୁଣା ରିହାତି ଦରରେ ଆଦେଶ ପତ୍ର ଦିଆଯାଉ ନଚେତ ଋଣ ବୋଝ ସହି ନ ପାରି ଆତ୍ମହୁତି ଦେବାକୁ ବାଧ ହେବୁ ବୋଲି ଚାଷୀମାନେ ଦାବି ପତ୍ରରେ ଦର୍ଶାଇଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ ।



ଅଭିଯୁକ୍ତ ସହ ଅବକାରୀ ବିଭାଗ ।

# ଅବକାରୀ ଚଢ଼ାଉ: ୪ କୋର୍ଟ ଚାଲାଣ

**ଜୁନାଗଡ,୩୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲାପାଳ ପରାଗ ହର୍ଷଦ ଗାଭାଲି ଓ ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଜୁନାଗଡ ବ୍ଲକର ବଳଦିଆମାଲ, ପଲାସ ଛକ, ଛୋରିଆଗଡ ଓ ରଣପୁର ଗ୍ରାମରେ ଅତର୍କିତ ଚଢାଉ କରାଯାଇଥିଲା। ଏହି ସମୟରେ ବଳଦିଆମାଲ ଗ୍ରାମର ଦିବ୍ୟ ନାଗ, ପଲାସ ଛକର ସୁତସାଇ ମେହେର, ଛୋରିଆଗଡ ଗ୍ରାମର ଭରତ ମହାଳିକ ଓ ରଣପୁର ଗ୍ରାମର ଚୁଡାମଣି ପ୍ରମୁଖଙ୍କଠାରୁ ୧୬ ଲି. ୬ ଶହ ମିଳି ଭାଟିମଦ, ୧୦ ଲିଟର ଚୋରା ଦେଶୀ ହାତରନ୍ଧା ମଦ ଓ ୨.୬ ଶହ ମିଲି ବିଦେଶୀ ମଦ ଜବତ କରାଯାଇଥିଲା। ପରେ ସେମାନଙ୍କୁ ଗିରଫ କରି ଜୁନାଗଡ ଜେଏମ୍ଏଫସି କୋର୍ଟ ଚାଲାଣ କରାଯାଇଥିଲା। ଏହି ଚଢାଉରେ ଅବକାରୀ ସହ ଉପଅଧୀକ୍ଷକ ଉମାଚରଣ ପ୍ରଧାନ, ଧର୍ମଗଡ ଅବକାରୀ ନିରୀକ୍ଷକ ସୁବନ ନାଏକ, ଜୁନାଗଡ ଭାରପ୍ରାପ୍ତ ଅବକାରୀ ଉପନିରୀକ୍ଷକ ଦିଲୀପ କୁମାର ରଥ, ଏଏସ୍ଆଇ ବସନ୍ତ ବିଁଶି, କନଷ୍ଟେବଳ ପ୍ରତୀମା ଗହୀର, ବାଲେଶ୍ୱର ଧଙ୍ଗଡାମାଝି, ମହାଦେବ ମାଝି, ପ୍ରଦ୍ୟୁମ୍ନ ନାଏକ, ଈଶ୍ୱର ଭୋଇ ପ୍ରମୁଖ ସାମିଲ ଥିଲେ।

# କଲମପୁର ବ୍ଲକ ବିଧାୟକ ପ୍ରତିନିଧି ଭାବେ ସଦାନନ୍ଦ ଚନ୍ଦନ ମନୋନୀତ

**କଲମପୁର,୩୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ବଡକୁଟ୍ରୁ ପଞ୍ଚାୟତ ଅନ୍ତର୍ଗତ ସାନକୁଟ୍ରୁ ଗ୍ରାମର ସଦାନନ୍ଦ ଚନ୍ଦନଙ୍କୁ ଧର୍ମଗଡ ବିଧାୟକ ମୌସଧି ବାଗ କଲମପୁର ବ୍ଲକ ବିଧାୟକ ପ୍ରତିନିଧି ଭାବେ ମନୋନୀତ କରିଛନ୍ତି । ସଦାନନ୍ଦ ବିଧାୟକ ପ୍ରତିନିଧି ହେବା ପରେ ଦଳୀୟ କର୍ମୀ ଏବଂ ସ୍ଥାନୀୟ ଲୋକଙ୍କ ମନରେ ଖୁସିର ଲହରି ଖେଳି ଯାଇଛି । ତାଙ୍କ ନର୍ମତା ସରଳତା ଏବଂ ସହୃଦୟ ବ୍ୟକ୍ତି ହୋଇଥିବାରୁ ବିଧାୟକ ତାଙ୍କ ଉପରେ ଭରସା ରଖି ପ୍ରତିନିଧି ଦାୟୀତ୍ୱ ଦେଇଛନ୍ତି । ଚନ୍ଦନ ପୂର୍ବରୁ ମଧ ମାର୍କଫେଡ ନିର୍ଦ୍ଦେଶକ ଏବଂ କଲମପୁର ବ୍ଲକ ଜୋନ ନଂ.୧ର ବିଜୁ ଜନତା ଦଳର ସଭାପତି ଦାୟିତ୍ୱ ତୁଲାଉଛନ୍ତି । ତାଙ୍କୁ ବୁଧବାର ବ୍ଲକ କାର୍ଯ୍ୟାଳୟରେ ଥିବା ସମିତି ବୈଠକରେ ସ୍ୱାଗତ କରାଯାଇଥିଲା ।

# ଅନୁଦାନରୁ ବାଦ୍ ପଡ଼ିଥିବା ହାଇସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କ ବୈଠକ

**ଜୁନାଗଡ଼,୩୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଭେଜିପଦର ଝାଡେଶ୍ୱର ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଦାନରୁ ବାଦ୍ ପଡିଥିବା ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ସମେତ ପଡୋଶୀ ନୂଆପଡା ଓ ନବରଙ୍ଗପୁର ଜିଲାର ୧୪ଟି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଯୋଗଦେଇଥିଲେ। ଶିକ୍ଷକ ପଦ୍ମରାମ ପଟେଲଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷକ ପୀତବାସ ହଂସ, ସମ୍ମାନିତ ଅତିଥି ଭାବେ ରାଜ୍ୟ ପର୍ଯ୍ୟବେକ୍ଷକ ଅଭିମନ୍ୟୁ ପଧାନ, ଅର୍ଜୁନ ଜେନା ଓ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଶ୍ୱରଞ୍ଜନ ମେହେର ପ୍ରମୁଖ ଯୋଗଦେଇଥିଲେ। ଅନୁଦାନର ବାଦ୍ ପଡିଥିବା ଉଚ୍ଚ ବିଦ୍ୟାଳୟଗୁଡିକ କିପରି ଅନୁଦାନ ପାଇବେ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଶିଶିର କୁମାର ପଧାନ ମଞ୍ଚ ପରିଚାଳନା କରିଥିଲେ। ପରେ କଳାହାଣ୍ଡି, ନୂଆପଡା ଓ ନବରଙ୍ଗପୁର ଜିଲା ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଆଶିଷ କୁମାର ମେହେର, ସମ୍ପାଦକ ମୁରଲୀଧର ପାତ୍ର ଓ କୋଷାଧକ୍ଷ ଭାବେ ବିଶ୍ୱରଞ୍ଜନ ମେହେର ପ୍ରମୁଖ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମରେ ଭାବଗ୍ରାହୀ ଦାଶ, ଅକ୍ଷୟ କବିର, ପ୍ରଦୀପ ତ୍ରିପାଠୀ, ଆଲୋକ ମେହେର, ଭୂମେନ୍ଦ୍ର ମେହେର, ଅଭିନ୍ନ ରଣା, ହରେକୃଷ୍ଣ ମାଝି, ଶେଷଦେବ ଯୋଷୀ, ଫକୀର ଧରୁଆ, ପ୍ରଶାନ୍ତ ବିଷି, ଜନ୍ମେଜୟ ପୂଝାରୀ ପ୍ରମୁଖ ସହଯୋଗ କରିଥିଲେ।




ବୈଠକରେ ଯୋଗଦେଇଥିବା ଶିକ୍ଷକମାନେ।

### ପିଲାଙ୍କ ବିଜ୍ଞାନ କଂଗ୍ରେସ ପାଇଁ ଜିଲାସ୍ତରୀୟ ଉପସ୍ଥାପନା ପ୍ରତିଯୋଗିତା

**ଭବାନୀପାଟଣା,୧।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଛାତ୍ରୀଛାତ୍ରମାନଙ୍କୁ ନେଇ ୨୭ତମ ପିଲାଙ୍କ ବିଜ୍ଞାନ କଂଗ୍ରେସର ଜିଲାସ୍ତରୀୟ ପ୍ରକଳ୍ପ ଉପସ୍ଥାପନା ପ୍ରତିଯୋଗିତା ବୁଧବାର ସ୍ଥାନୀୟ ହାଇଟେକ ପବ୍ଲିକ୍ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୪୦ଟି ବିଦ୍ୟାଳୟ ପ୍ରକଳ୍ପ ପ୍ରସ୍ତୁତକାରୀ ଏବଂ ସେମାନଙ୍କ ମାର୍ଗଦର୍ଶନ ଶିକ୍ଷକମାନଙ୍କ ସହ ଯୋଗଦେଇ 'ସାଇନ୍ସ ଇନୋଭେସନ୍ ଏଣ୍ଡ ଟେକ୍‌ନୋଲୋଜି ଫର୍ କ୍ଲିନ୍, ଗ୍ରୀନ୍ ଏଣ୍ଡ ହେଲଦି ନେସନ୍' ଶୀର୍ଷକ ବିଷୟ ବସ୍ତୁ ଉପରେ ନିଜର ପ୍ରକଳ୍ପ ଉପସ୍ଥାପନା କରିଥିଲେ। କର୍ମଶାଳାରେ ବିଚାରକ ଭାବେ ସରୋଜ କାନ୍ତ ପଣ୍ଡା, ଡ. ପରମେଶ୍ୱର ମୁଣ୍ଡ ତଥା ଶୁଭେନ୍ଦୁ ଶେଖର ବେହେରା ଯୋଗଦେଇଥିଲେ। ସଭାରେ ସ୍କୁଲ ଅଧକ୍ଷ ଅଳ୍ପନା ପଟ୍ଟନାୟକ ଯୋଗଦେଇଥିବା ବେଳେ ଜିଲା ସଂଯୋଜକ ରବୀନ୍ଦ୍ରନାଥ ପଟ୍ଟନାୟକ ବିଜ୍ଞାନ କଂଗ୍ରେସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରକାଶ ନିଶଙ୍କ, ଅମରେଶ ନେଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଦ୍ୟାଳୟ ନିର୍ଦ୍ଦେଶକ ସତ୍ୟଜିତ କର, ବରିଷ୍ଠ ଶିକ୍ଷକ ଭି. ସୁରେନ୍ଦ୍ର ରାଓ ଓ ପ୍ରଶାନ୍ତ ମିଶ୍ର। ଏଥିରେ ଜିଲାସ୍ତରରୁ ୫ଟି ବିଦ୍ୟାଳୟ ଯୋଗ୍ୟ ବିବେଚିତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗୀତାକୁ ମନୋନୀତ ହୋଇଛନ୍ତି। ସେଗୁଡିକ ହେଉଛି ହାଇଟେକ ପବ୍ଲିକ ସ୍କୁଲ, ପୋଲିସ ହାଇସ୍କୁଲ ଭବାନୀପାଟଣା, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଚାଞ୍ଚେର କେସିଙ୍ଗା, ଡିଏଭି ବେଦାନ୍ତ ପବ୍ଲିକ୍ ସ୍କୁଲ ଲାଞ୍ଜିଗଡ ଏବଂ ମାଣିକେଶ୍ୱରୀ ଉଚ୍ଚ



ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି ।

# ତୁଣ୍ଡଲା ବିଜୁ ଯୁବ ବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

**ତୁଣ୍ଡଲା,୩୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁଣ୍ଡଲା ପଞ୍ଚାୟତ ତୁଣ୍ଡଲା ଛକଠାରେ ବିଜୁଯୁବ ବାହିନୀ ପକ୍ଷରୁ ସଡକ ସୁରକ୍ଷା ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବିଜୁ ଯୁବ ବାହିନୀ ସଭାପତି ସତ୍ୟବାନ ଭୋଇ, ସମ୍ପାଦକ ଲିଙ୍ଗରାଜ ପଧାନ, କୋଷାଧ୍ୟକ୍ଷ ସରିତ ପଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିକୁ ଅଟକାଇ ସରକାରଙ୍କ ନୂଆଁ ନିୟମ ବିଷୟରେ ଲୋକଙ୍କୁ ସଚେତନ କରାଉଥିଲେ। କିଭଳି ଭାବେ ଟ୍ରାଫିକ ନିୟମ ମାନିବା, ହେଲମେଟ ପିନ୍ଧି ଗାଡି ଚଳାଇବା, ଗାଡି ଚାଳନ କରୁଥିବା ବେଳେ ମୋବାଇଲର ବ୍ୟବହାର ନ କରିବା, ମଦ୍ୟପାନ କରି ଗାଡି ଚାଳନ ନ କରିବା ଏଭଳି ବିଷୟରେ ବିଭିନ୍ନ ଉଦହାରଣ ଦେଇ ସଚେତନ କରୁଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ରାଜସ୍ୱ ସର୍କଲ ସ୍ଥାନାନ୍ତର ପ୍ରତିବାଦ

**କୋକସରା,୩୧।୧୦ (ଡି.ଏନ.ଏ.)**

**ଟେମରା ଗ୍ରାମପଞ୍ଚାୟତ**

- ପଞ୍ଚାୟତବାସୀଙ୍କ ମଧରେ ଆନ୍ଦୋଳନ ଦାନା ବାନ୍ଧୁଛି
- ସ୍ୱତନ୍ତ୍ର ଆରଆଇ ସର୍କଲ ଖୋଲିବାକୁ ଦାବି

କଳାହାଣ୍ଡି ଜିଲା କୋକସରା ବ୍ଲକ ତହସିଲ ଟେମରା ଗ୍ରାମପଞ୍ଚାୟତ ଅଧୀନରେ ଥିବା ୭ଟି ଗ୍ରାମର ରାଜସ୍ୱ ସର୍କଲ ପୂର୍ବରୁ କୋକସରାରେ ରହିଥିଲା। ଚଳିତ ରାଜସ୍ୱ ବର୍ଷଠାରୁ ତାହା ନୂତନ ଭାବେ ଗୋଟୋମୁଣ୍ଡା ରାଜସ୍ୱ ସର୍କଲରେ ମିଶିଛି। ଟେମରା ଗ୍ରାମପଞ୍ଚାୟତ ଅଧୀନରେ ଥିବା ଟେମରା, ବୋବରିଆ, କର୍ଲାଗୁଡା, ନୂଆପଡା, ଖୁର୍ସେଲଗୁଡା, ହଂସପଡା, ସିର୍ଲିଗୁଡା ଗ୍ରାମ ରହିଥିବା ବେଳେ ରାସଜସ୍ୱ ନିରିକ୍ଷକ ସର୍କଲ ସ୍ଥାନାନ୍ତରକୁ ବିରୋଧ କରୁଛନ୍ତି । ଗୋଟୋମୁଣ୍ଡା ଏକ ଉପାନ୍ତ ଅଞ୍ଚଳ ତଥା ଗମନାଗମନ ପାଇଁ ସୁବିଧା ନ ଥିବା ବେଳେ ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଅଣଦେଖା କରି ଟେମରା ପଞ୍ଚାୟତର ୭ଟି ଗ୍ରାମକୁ ନୂତନ ଆରଆଇ ସର୍କଲ ଗୋଟୋମୁଣ୍ଡାରେ ସାମିଲ କରଯିବାକୁ ବିରୋଧ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଟେମରା ପଞ୍ଚାୟତର ୭ଟି ଗ୍ରାମର ଚାଷୀ ଏବଂ ବୁଦ୍ଧିଜୀବୀମାନେ ଏକ ବୈଠକରେ ଏକତ୍ରିତ ହୋଇ ଟେମରା ପଞ୍ଚାୟତରେ ସ୍ୱତନ୍ତ୍ର ଆରଆଇ ସର୍କଲ ଖୋଲିବାକୁ ଦାବି କରିଛନ୍ତି। କୋକସରା ତହସିଲରେ ପୂର୍ବରୁ ୪ଟି ରାଜସ୍ୱ ସର୍କଲ କୋକସରା, ଆମପାଣି, କାଶିବାହାଲ ଓ କୁସୁମଖୁଣ୍ଟି ରହିଥିବା ବେଳେ ତହସିଲର ଭୌଗୋଳିକସ୍ଥିତିକୁ ଅନୁଧାନ କରି ରାଜସ୍ୱ ବିଭାଗ ପୁଣି ଦୁଇ ଗୋଟି ରାଜସ୍ୱ ସର୍କଲ ଗୋଟୋମୁଣ୍ଡା ଓ ଲଡୁଗାଁଠାରେ ଖୋଲିବା ପାଇଁ ଅନୁମତି ଦେଇଥିବା ବେଳେ ଟେମରା ପଞ୍ଚାୟତ ଗୋଟୋମୁଣ୍ଡା ଆରଆଇ ସର୍କଲକୁ ସ୍ଥାନାନ୍ତରକୁ ଟେମରା ପଞ୍ଚାୟତବାସୀ ବିରୋଧ କରିଛନ୍ତି। ଏହା ପୂର୍ବରୁ ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାଏକ, ଧର୍ମଗଡ ବିଧାୟକ ମୌଷଧି ବାଗ ଓ କଳାହାଣ୍ଡି ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ ତାଙ୍କ ଦାବିକୁ ପ୍ରଶାସନ ଅଣଦେଖା କରୁଥିବା ନେଇ ବୈଠକରେ ଅସନ୍ତୋଷ ପ୍ରକାଶ କରାଯାଇଛି। ଟେମରା ସରପଞ୍ଚ ଗୌରୀ ଦଳପତି, ସମିତିସଭ୍ୟ ରାଜେନ୍ଦ୍ର ନାଏକ, ସୁଧିର କୁମର ପାତ୍ର, ଚୌଧରୀ ଦୁର୍ଗା, ହେମନ୍ତ ବାଣୁଆ, ଗୋଲାପ ଦଳପତି, ରୋହିତ ମାଝି, କ୍ଷେତିରାମ ପାତ୍ର, ଦେବରାଜ ପଟେଲ, କେଦାର ଦଳପତି, କେଦାର ସତନାମୀ, ଚୌଧୁରୀ ସତନାମୀ, ଯୁଗେଶ୍ୱର ମାଝି, କ୍ଷୀରସିନ୍ଧୁ ହଂସ, ରାମଚନ୍ଦ୍ର ରଣା, ଅଭିରାମ ଲଦୁଆ, ଯଦୁମଣି ବାଗ, ଦୁଷ୍ମନ୍ତ ପାତ୍ର, ରାମଚନ୍ଦ୍ର ରଣା, କ୍ଷେତିରାମ ପଟେଲ, ଗୁପତୀ ରଣା, ରାଜୀବ ପଟେଲ, ଇଶ୍ୱର ପୋଡ, ପିତାମ୍ବର ରଣା ପ୍ରମୁଖ ଚାଷୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଟେମରାଠାରେ ନୂତନ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଖୋଲିବାକୁ ଦାବି କରିଛନ୍ତି। ଆଗାମୀ ଦିନରେ ଦାବିକୁ ପ୍ରଶାସନ ଅଣଦେଖା କଲେ ଟେମରା ପଞ୍ଚାୟତ ଗ୍ରାମବାସୀ ରାଜ ରାସ୍ତାକୁ ଆସି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ନେଇ କୋକସରା ତହସିଲଦାର ମୌଷମୀ ନାୟକଙ୍କୁ ପଚାରିବାରୁ ଗୋଟୋମୁଣ୍ଡା ନୂତନ ଆରଆଇ ସର୍କଲରେ କେଉଁ କେଉଁ ପଞ୍ଚାୟତ ମିଶିବ ତାହା ଚୂଡାନ୍ତ ହୋଇନାହିଁ ବୋଲି କହିଛନ୍ତି ।



ରାଜସ୍ୱ ସର୍କଲ ସ୍ଥାନାନ୍ତର ପ୍ରତିବାଦରେ ଟେମରା ଗ୍ରାମପଞ୍ଚାୟତବାସୀ ଏକତ୍ର ହୋଇଛନ୍ତି ।

# ପୋକ୍ସୋ ଆକ୍ଟ, କିଶୋର ନ୍ୟାୟ ଆଇନ ସମ୍ପର୍କରେ କର୍ମଶାଳା

**ଭବାନୀପାଟଣା,୩୧।୧୦ (ଡି.ଏନ.ଏ.)**

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ସ୍ଥାନୀୟ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୋକ୍ସୋ ଆଇନ୍ ଓ ଜୁଭେନାଇଲ୍ ଜଷ୍ଟିସ୍ (ଯତ୍ନ ଓ ସୁରକ୍ଷା) ଆଇନ୍ ସମ୍ପର୍କରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ୱିଟି ସାମନ୍ତରାୟ ଓ ଅତିରିକ୍ତ ଏସ୍‌ପି ଗୋପୀନାଥ ମଣିପାତ୍ର ଅତିଥି ଭାବରେ ଯୋଗଦେଇଥିଲେ। କଳାହାଣ୍ଡି ଜିଲାରେ ଥିବା ସ୍ପେସିଆଲ୍ ଜୁବେନାଇଲ୍ ପୋଲିସ୍ ୟୁନିଟ୍ ଓ ଜିଲାର ସମସ୍ତ ଥାନାର ଥାନା ଅଧିକାରୀ, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ଓ ସଦସ୍ୟ, ଜିଲା ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ସଦସ୍ୟ ଏଥିରେ ଅଂଶ ଗ୍ରହଣ କରିଥିଲେ। ସମନ୍ୱିତ ଶିଶୁ ସୁରକ୍ଷା ସ୍କିମ୍ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଉପସ୍ଥାପନ କରିଥିଲେ। କୋରାପୁଟ ଜିଲା ଶିଶୁ ମଙ୍ଗଳ କମିଟିରଅଧକ୍ଷା ଡ. ଗାୟତ୍ରି ଦେବୀ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିବା ବେଳେ କଳାହାଣ୍ଡି ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ରାଜେଶ କୁମାର ନାୟକ ଶିଶୁ ମଙ୍ଗଳ ସମିତିର କାର୍ଯ୍ୟଧାରା ଓ ଦାୟିତ୍ୱ ସମ୍ପର୍କରେ ଉପସ୍ଥାପନ କରିଥିଲେ । ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ବାଳକ ବାଳିକାମାନଙ୍କୁ ଥଇଥାନ, ଶିକ୍ଷା ବ୍ୟବସ୍ଥା, ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ଜେଜେ ଆକ୍ଟ ଅନୁସାରେ ଶିଶୁ ମଙ୍ଗଳ ସମିତି ଶିଶୁମାନଙ୍କ ମଙ୍ଗଳ ବ୍ୟବସ୍ଥା କରିଥାଏ। ସେହିପରି ପୋକ୍ସୋ ପୀଡିତାମାନଙ୍କୁ କିଭଳି ପୋଲିସ୍ ବ୍ୟବହାର ପ୍ରଦର୍ଶନ କରିବ ଏବଂ ସେମାନଙ୍କ ସୁରକ୍ଷା ପାଇଁ ଆଇନ୍‌ରେ କ'ଣ ସବୁ ପ୍ରାବଧାନ ରହିଛି ସେ ସମ୍ପର୍କରେ ଡ. ଗାୟତ୍ରି ଦେବୀ ଆଲୋଚନା କରିଥିଲେ। ଥାନାକୁ କୌଣସି ଅପରାଧରେ ସଂଶ୍ଳିଷ୍ଟ ହୋଇ ଆସୁଥିବା ବାଳ ଅପରାଧିମାନଙ୍କୁ ଶିଶୁ ସୁଲଭ ଢଙ୍ଗରେ ବ୍ୟବହାର ପ୍ରଦର୍ଶନ କରିବାକୁ ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ରାଜେଶ ନାୟକ ଅନୁରୋଧ କରିଥିଲେ । ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍, ଜିଲା ପୋଲିସ୍, ଶିଶୁ ମଙ୍ଗଳ ସମିତି, କିଶୋର ନ୍ୟାୟ ବୋର୍ଡ, ଶିଶୁ ସୁରକ୍ଷା ୟୁନିଟ୍, ବିଭିନ୍ନ ସରକାରୀ ବିଭାଗ ସମନ୍ୱିତ ଭାବେ କାର୍ଯ୍ୟ କଲେ ଶିଶୁମାନଙ୍କ ମଙ୍ଗଳ ସାଧନ ହୋଇପାରିବ ଏବଂ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରାଯାଇପାରିବ ବୋଲି ଏସ୍‌ପି ଗଙ୍ଗାଧର କହିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରୋବେଶନ ଅଫିସର୍ ବିକାଶ ରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ।




ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ଅତିଥି ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।

- ଏଡ୍‌ୱାର୍ଥ



## ସଂକ୍ଷେପରେ

### ନିଃଶୁଳ୍କ ଅନ୍ନପ୍ରସାଦ ଭଣ୍ଡାର ଉଦ୍‌ଘାଟିତ

**ବିନିକା,୩୧।୧୦(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ବାବା କପିଳେଶ୍ୱରଙ୍କ ମନ୍ଦିରରେ ନିଃଶୁଳ୍କ ଅନ୍ନପ୍ରସାଦ ଭଣ୍ଡାର ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚରଦା ସରପଞ୍ଚ ସଦାନନ୍ଦ ସେନାପତ, ସମ୍ମାନୀତ ଅତିଥି କପିଳେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ଅଶୋକ ପୃଷ୍ଟି, ସମ୍ପାଦକ ସୋମନାଥ ମିଶ୍ର, ସାମାଜିକ କର୍ମୀ ଅଶୋକ ପଣ୍ଡା, ଅଶ୍ୱିନୀ ପାଣ୍ଡେ ଯୋଗଦେଇଥିଲେ । ମାଗଣା ପ୍ରସାଦ ବଂଟନ ଯୋଜନା ଆରମ୍ଭ ହେବା ପରେ ବିନିକା ଅଞ୍ଚଳର ଅଗଣିତ ଶ୍ରଦ୍ଧାଳୁ ଭକ୍ତ ମହଲରେ ଏନେଇ ଆନନ୍ଦର ଲହରୀ ଖେଳିଯାଇଛି ।

### ଉଲୁଣ୍ଡା ଧନୁଯାତ୍ରାର ସୁପରିଚାଳନା ପାଇଁ ବୈଠକ

**ଉଲୁଣ୍ଡା, ୩୧।୧୦ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ୧୩ତମ ବିରାଟ ଧନୁଯାତ୍ରାର ସୁପରିଚାଳନା ପାଇଁ ପ୍ରଶାସନ ଓ ଆୟୋଜକ କମିଟିର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଲୁଣ୍ଡା ଆଇଆଇସି ବିଧୁଭୂଷଣ ପୁଟାଙ୍କ ଆବାହକତ୍ୱ ଏବଂ ଆୟୋଜକ ଅନୁଷ୍ଠାନ ସଭାପତି ହିମାଂଶୁ ଶେଖର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଯାତ୍ରା ସୁପରିଚାଳନା ପାଇଁ ବିଭିନ୍ନ ଆଲୋଚନା କରାଯାଇଥିଲା। ବିଶେଷ କରି ସଦର ରାସ୍ତାରେ ବିଦ୍ୟୁତୀକରଣ, ପାନୀୟ ଜଳଯୋଗାଣ, ବାଇପାସ୍ ରାସ୍ତାର ମରାମତି, ଅସ୍ଥାୟୀ ଶୌଚାଳୟ ନିର୍ମାଣ, ଟ୍ରାଫିକ ନିୟନ୍ତ୍ରଣ, ଉଲୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପ୍ରଭୃତି ପ୍ରସ୍ତାବ ଗୃହୀତ ହୋଇଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଜଣାଇବା ପାଇଁ କୁହାଯାଇଥିଲା। ଆଇନଶୃଙ୍ଖଳା ପାଇଁ ସ୍ଥାନୀୟ ଯୁବ ମହାସଂଘର ୪୦ଜଣ ସଦସ୍ୟଙ୍କୁ ଏସ୍‌ପିଓ ନିଯୁକ୍ତି ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଆସନ୍ତା ମାସ ୧୭ତାରିଖ ପୁନଃ ଏକ ମିଳିତ ବୈଠକ କରାଯିବା ସହ ପ୍ରସ୍ତାବିତ ଯୋଜନା ସବୁର ତଦାରଖ କରାଯିବ ବୋଲି କୁହାଯାଇଥିଲା। ବୀରମହାରାଜପୁର ଏସ୍‌ଡିପିଓ ଧିରୋଜ କୁମାର ଚୋପଦାରଙ୍କ ସଂଯୋଜନାରେ ହୋଇଥିବା ଏହି ବୈଠକରେ ଉଲୁଣ୍ଡା ତହସିଲଦାର ନୀଳାମ୍ବର ମହାନନ୍ଦ, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ମାନସ ମହାପାତ୍ରଙ୍କ ସମେତ ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ, ସାମ୍ବାଦିକ ସଂଘ, ଉଲୁଣ୍ଡା ଯୁବ ମହାସଂଘ ପ୍ରଭୃତି ଅନୁଷ୍ଠାନ ବୈଠକରେ ଅଂଶଗ୍ରହଣ କରିଥିଲେ।

### ରାମ ମନ୍ଦିର ପୂଜକଙ୍କ ପରଲୋକ

**ଅମରପାଲି, ୩୧।୧୦ (ଡି.ଏନ.ଏ.):** ବୀରମହାରାଜପୁର ବ୍ଲକ ଚମ୍ପାମାଳ ଗ୍ରାମର ରାମ ମନ୍ଦିରର ପୂଜକ କୁମାର ପଣ୍ଡାଙ୍କ ୯୪ ବର୍ଷରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପଣ୍ଡା ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀ। ଚାକିରୀରୁ ଅବସର ପରେ ସେ ସ୍ଥାନୀୟ ଚମ୍ପାମାଳ ରାମ ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ ସମ୍ପାଦନା କରୁଥିଲେ।

# ମେଡିକାଲ ନିକଟରେ ସେକ୍ସ ର୍‌ୟାକେଟ ଠାବ

- ଧରାପଡିଲେ ଦୁଇ ଯୁବତୀ, ୩ ଯୁବକ
- ଟାଉନ୍ ଥାନା ପୋଲିସର ଚଢ଼ାଉ
- ଘଟଣାସ୍ଥଳରୁ ମିଳିଲା ଆପତ୍ତିଜନକ ସାମଗ୍ରୀ
- ଉଦ୍ଧାର ୨ ଯୁବତୀଙ୍କୁ କୋର୍ଟ ପ୍ରଡ୍ୟୁସ୍ କରାଯିବ

**ବଲାଙ୍ଗୀର ଅଫିସ, ୩୧।୧୦**

ବଲାଙ୍ଗୀର ଜିଲା ପୁଇଁତଲା ଥାନା ବୁରୋଭାଡି ଗାଁରେ ଦୀର୍ଘଦିନରୁ ଚାଲିଥିବା ଏକ ସେକ୍ସ ର୍‌ୟାକେଟ୍ ଉପରେ ମଙ୍ଗଳବାର ରାତିରେ ଗ୍ରାମବାସୀ ଚଢ଼ାଉ କରି ଜଣେ ଯୁବତୀଙ୍କ ସହ ୩ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ । ଏହି ଘଟଣାର ଦିନକ ପରେ ବଲାଙ୍ଗୀର ସହର ଭୀମଭୋଇ ମେଡିକାଲ କଲେଜ ନିକଟ ଏକ ଘରେ ଚାଲିଥିବା ସେକ୍ସ ର୍‌ୟାକେଟ୍‌କୁ ଟାଉନ୍ ପୋଲିସ ଠାବ କରିବା ପରେ ସହରରେ ହଇଚଇ ସୃଷ୍ଟି ହୋଇଛି। ଗୁରୁବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଟାଉନ୍ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଉକ୍ତ ଘରେ ଅତର୍କିତ ଚଢ଼ାଉ କରିଥିଲା । ସେଠାରେ ଆପତ୍ତିଜନକ ଅବସ୍ଥାରେ ଥିବା ଦୁଇଜଣ ଯୁବତୀ ଓ ୩ ଜଣ ଯୁବକଙ୍କୁ ସେମାନେ ଧରି ଥାନାକୁ ଆଣିଥିଲେ । ଉକ୍ତ ଘରୁ ପୋଲିସ କେତେକ ଆପତ୍ତିଜନକ ସାମଗ୍ରୀ ଜବତ୍ କରାଯାଇଥିଲା । ସେଠାରେ ଜଣେ ବୃଦ୍ଧାଙ୍କୁ ଢ଼ାଲ କରି ଏହି ସେକ୍ସ ର୍‌ୟାକେଟ୍ ଚାଲିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି । ଘଟଣାସ୍ଥଳରେ ଆପତ୍ତିଜନକ ଅବସ୍ଥାରେ ଥିବା ତିନି ଯୁବକଙ୍କ ବିରୋଧରେ ଏକ ମାମଲା (ନଂ. ୫୯୦/୧୯) ରୁଜୁ କରି ପୋଲିସ ଗିରଫ କରିଛି । ସେମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା ବଡଯୋର ଗ୍ରାମର ଭଗବାନ ନାଏକ (୨୨), ପୁଇଁତଲା ଥାନା ସିଲେଟପଡା ଗ୍ରାମର ଭୋଜରାଜ କାଲସାଏ (୩୧) ଓ ଅଶୋକ ନାଏକ (୪୪) । ଶୁକ୍ରବାର ଏହି ତିନି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ । ଉଦ୍ଧାର ହୋଇଥିବା ଦୁଇ ଯୁବତୀଙ୍କ ମଧ୍ୟରୁ ଜଣେ ପାଟଣାଗଡ ଓ ଅନ୍ୟ ଜଣେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଅଞ୍ଚଳର ବୋଲି ଜଣାପଡିଛି । ଏହି ଦୁଇ ଯୁବତୀଙ୍କୁ ଶୁକ୍ରବାର କୋର୍ଟରେ ପ୍ରଡ୍ୟୁସ କରାଯିବ ବୋଲି ସୂଚନା ଦିଆଯାଇଛି ।



ସେକ୍ସ ର୍‌ୟାକେଟ୍ ଚାଲିଥିବା ମେଡିକାଲ କଲେଜ ନିକଟ ଘର ।



ବଲାଙ୍ଗୀର ପଥରଚେପା ଅନାଥାଶ୍ରମଠାରେ ଅନୁଷ୍ଠିତ ମହକ-୨୦୧୯ କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

**ଲୋଇସିଂହା,୩୧।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡକାସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକସ୍ତରୀୟ ପ୍ରତିଯୋଗୀତାରୁ କନିଷ୍ଠ ବିଭାଗରୁ ଆଠଜଣ ଓ ବରିଷ୍ଠ ବିଭାଗରୁ ୧୦ଜଣ କୃତୀ ପ୍ରତିଯୋଗୀଙ୍କ ସମେତ ୬ ଜଣିଆ ସାଂସ୍କୃତିକ ଦଳକୁ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଅଧ୍ୟକ୍ଷତା କରିଥିଲେ । ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ବିଡିସିସି ବ୍ୟାଙ୍କ ମ୍ୟାନେଜର ସୁରୁମଣୀ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ମୁଖ୍ୟ ଅତିଥି, ଅଧ୍ୟାପକ ସନ୍ତୋଷ କୁମାର ରଥ ମୁଖ୍ୟବକ୍ତା, ଏବିଓ ଆରୁଣୀ ମହାନନ୍ଦ, ଦିଲୀପ ବେହେରା ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ ।

## ସଚେତନ ଯୁବ ଗୋଷ୍ଠୀ ବୈଠକ

**ଲାଠୋର, ୩୧।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗୋଷ୍ଠୀ କେନ୍ଦ୍ରରେ ଲବ ସୁନାଙ୍କ ଅଧ୍ୟକ୍ଷତାରେ ଲାଠୋର ଗ୍ରାମର ଯୁବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଗ୍ରାମର ପ୍ରତି ୱାର୍ଡରୁ ସଚେତନ ଯୁବକମାନଙ୍କୁ ନେଇ ଏକ ସଂଗଠନ କରାଯିବ। ଏହି ସଂଗଠନ ଆଗାମୀ ଦିନରେ ଗ୍ରାମବାସୀଙ୍କ ମୌଳିକ ଓ ସାମ୍ବିଧାନିକ ଅଧିକାରକୁ କିପରି ସାବ୍ୟସ୍ତ କରାଯାଇ ପାରିବ ତାହା ଉପରେ କାର୍ଯ୍ୟ କରିବ। ସଂଗଠନକୁ କ୍ରିୟାଶୀଳ କରିବା ପାଇଁ କର୍ମକର୍ତ୍ତା ଚୟନ କରାଯିବ ବୋଲି ନିଷ୍ପତି ନିଆଯାଇଛି। ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ, ଗମନାଗମନ ଏବଂ ରେଲୱେ ଗେଟ ସମସ୍ୟା ଉପରେ କାର୍ଯ୍ୟ କରିବ। ଏହି ଅବସରରେ ହରି ବାରିକ, ମାଧବ ଶବର, ଧନେଶ୍ୱର ମେହେର, ନରେଶ ପାତ୍ର, ହରିହର ସେଠ, ଗୋବର୍ଦ୍ଧନ, ପିଣ୍ଟୁ ସେଠ, ମୁନୁ କୈବର୍ତ୍ତ, ନରୋତ୍ତମ ନାଏକ, ବିଦ୍ୟାଧର ଗୁର୍ଲା, ବସନ୍ତ ଗୁର୍ଲା, କରୁଣାକର ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ସୁରଭି ପାଇଁ ବୀରମହାରାଜପୁରରୁ ୩୮ ପ୍ରତିଯୋଗୀ

**ଅମରପାଲି, ୩୧।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପାଇଁ ବୀରମହାରାଜପୁର ବ୍ଲକରୁ ୩୮ ଜଣ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ଏ ନେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ସୂଚନା ଦେଇଛନ୍ତି । ଜୁନିୟର ଓ ସିନିୟର ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଥମେ ବ୍ଲକର ୧୬ଟି କ୍ଲଷ୍ଟରରେ ବିଭିନ୍ନ ପ୍ରତିଯୋଗୀତା କରାଯାଇଥିଲା । କ୍ଲଷ୍ଟରସ୍ତରରେ ବିଭିନ୍ନ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିଥିଲେ। ସୋମବାର ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା ବ୍ଲକସ୍ତରୀୟ ସୁରଭି। ଏଥିରେ ପ୍ରତ୍ୟେକ ପ୍ରତିଯୋଗୀରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ୩୨ଜଣ କୃତୀ ଛାତ୍ରୀଛାତ୍ରଙ୍କ ସହିତ ଦଳଗତ ନୃତ୍ୟରେ ଅଂଶଗ୍ରହଣ କରିଥିବା ୬ଜଣ ଛାତ୍ରୀ ଜିଲାସ୍ତରୀୟ ସୁରଭି ପାଇଁ ଚୟନ ହୋଇଛନ୍ତି ।

### ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

## ସମାଜ ବିକାଶରେ ନାରୀଶିକ୍ଷା ମୂଳ ଉପାଦାନ

**ଟିଟିଲାଗଡ଼, ୩୧।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଜାମ୍ବର ମଲ୍ଲ ମୁଖ୍ୟବକ୍ତା ତଥା ଟିଟିଲାଗଡ ବିଡିଓ ମୋତିଲାଲ ସୁଲିଆ, ଲାୟନ୍ସ କ୍ଲବ ଅଧ୍ୟକ୍ଷା ବିନ୍ଦୁ ସାହୁ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗାଞ୍ଜଳି ମହାନ୍ତି ବିବରଣୀ ପାଠ କରିଥିଲେ। ୧୯୬୪ରେ ପ୍ରତିଷ୍ଠା ଲାଭ କରିଥିବା ଏହି ବିଦ୍ୟାଳୟ ୫୫ ବର୍ଷର ଦୀର୍ଘ ପଥରେ ଅନେକ ସୁନାମ ଅର୍ଜନ କରିଥିବା ବିଭିନ୍ନ ଉପଲବ୍ଧି ପ୍ରଧାନଶିକ୍ଷୟିତ୍ରୀ ଅବତାରଣା କରିଥିଲେ। ମନ୍ତ୍ରୀ ସାହୁ ସମାଜର ବିକାଶ କ୍ଷେତ୍ରରେ ନାରୀ ଶିକ୍ଷା ମୂଳ ଉପାଦାନ ବୋଲି କହିଥିଲେ। ଏହି ଅବସରରେ ଅତିଥିବୃନ୍ଦ ବିଦ୍ୟାଳୟର ମୁଖପତ୍ର ସେଫାଳିର ଅନାବରଣ କରିଥିଲେ। ଅନ୍ୟମାନଙ୍କ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବିଶ୍ୱରାମ ଠାକୁର, ପୂର୍ବତନ ଶିକ୍ଷୟିତ୍ରୀ କମଳିନୀ ବେହେରା, ବନଶ୍ରୀ କୁଣ୍ଡୁ, ସନ୍ତୋଷ ସବରୱାଲ, ଭୁମିସୁତା ମିଶ୍ର, ଶିକ୍ଷାବିତ ଜଗନ୍ନାଥ ପଣ୍ଡା, ସେବକ ଚରଣ ଦାଶ, ବୃନ୍ଦାବନ ଷଡଙ୍ଗୀ, ଅଞ୍ଜଳି ବେହେରା, ଗୀତା ବିଶି, ମୈତ୍ରୀ ସାହୁ ପ୍ରମୁଖ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶିକ୍ଷକ ଉମେଶ ଚନ୍ଦ୍ର ଦାଶ ସଭାପରିଚାଳନା ତଥା ବ୍ରହ୍ମାନନ୍ଦ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ତଥା ଅନ୍ତର୍ଜାତୀୟ ନୃତ୍ୟ ଶିଳ୍ପୀ ଶୁଭଦର୍ଶନୀ ମିଶ୍ରଙ୍କ ସମେତ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଅତିଥିମାନେ ସ୍କୁଲ ମୁଖପତ୍ର ସେଫାଳିର ଅନାବରଣ କରୁଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ




ଏକତା ଦିବସ ଅବସରରେ ଲୋଇସିଂହା ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ଲୋଇସିଂହା, ୩୧।୧୦(ଡି.ଏନ.ଏ.)**

ରାଷ୍ଟ୍ରୀୟ ଏକତା ଦିବସ ତଥା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୪ତମ ଜନ୍ମ ଜୟନ୍ତୀ ଲୋଇସିଂହା ଭାଜପା ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ଭାଜପା କର୍ମୀମାନେ ଲୋଇସିଂହା ରାମମନ୍ଦିରୁ ଶୋଭାଯାତ୍ରାରେ ବାହାରି ବସ୍ତି ପରିକ୍ରମା କରି ଷ୍ଟାଡିୟମରେ ପହଞ୍ଚିଥିଲେ । ମଣ୍ଡଳ ସଭାପତି ଜ୍ୟୋର୍ତିମୟ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରା କାର୍ଯ୍ୟକ୍ରମରେ ବିଧାୟକ ମୁକେଶ ମହାଲିଙ୍ଗ ସାମିଲ ହୋଇଥିଲେ ।

### ଡାକ୍ତରଙ୍କୁ ଦୁର୍ବ୍ୟବହାର ଘଟଣା

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

**ବେଲପଡା, ୩୧।୧୦ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରିତମ କୁମାର ସୁନା ଓ ମଳୟ କୁମାର ତାଣ୍ଡିଙ୍କୁ ଜାତିଆଣ ଆକ୍ଷେପ, ଦୁଇଲକ୍ଷ ଟଙ୍କା ନଦେଲେ ଅସୁବିଧାରେ ପକାଇ ଦିଆଯିବ ବୋଲି ଧମକ ଦିଆଯାଇଥିବା ଅଭିଯୋଗ ଘଟଣାକୁ ୧୨ ଦିନ ବିତିଛି। ଏହି ଘଟଣାରେ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି । ଗୁରୁବାର ବେଲପଡା ସଚେତନ ନାଗରିକ କମିଟି ଓ ଅଞ୍ଚଳବାସୀଙ୍କ ପକ୍ଷରୁ ପୂର୍ବ ସୂଚନା ଅନୁଯାୟୀ ବେଲପଡା ଥାନା ଘେରାଉ କରାଯାଇଛି । ରୁଦ୍ରମଣୀ ମେହେର, ଶିବ ମହାଖୁଡ଼, ଲବ ସୁନା, କ୍ଷୀରସିନ୍ଧୁ ସୁନା, ରୁକ୍ମଣ ସୁନା, ଦୁର୍ଯ୍ୟୋଧନ କୁମ୍ଭାର, ଗୌରାଙ୍ଗ ବାରିକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ବେଲପଡା ତାରିଣୀ ମନ୍ଦିର ପ୍ରାଙ୍ଗଣରୁ ମୁଖ୍ୟ ରାସ୍ତା ଦେଇ ଥାନା ସମ୍ମୁଖରେ ପହଞ୍ଚି ଏକ ପ୍ରତିବାଦ ସଭା କରିଥିଲେ। ପରେ ଥାନାରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ବେଲପଡା ତହସିଲଦାର ପ୍ରିୟରଞ୍ଜନ କୁମ୍ଭାରଙ୍କୁ ଦାବିପତ୍ର ଦେଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ । ଏସ୍‌ଡିପିଓ ସୁରେଶ ଚନ୍ଦ୍ର ନାଏକ, ଥାନା ଅଧିକାରୀ ସଚ୍ଚିଦାନନ୍ଦ ବରିହା ଏହି ଅବସରରେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ପାଟଣାଗଡ ଅଞ୍ଚଳର ୨ଜଣ ଗଣମାଧ୍ୟମ ପ୍ରତିନିଧି ଗତ ୧୭ ତାରିଖରେ ଡାକ୍ତର ତାଣ୍ଡି ଓ ସୁନାଙ୍କୁ କୁଆଡେ ବ୍ଲାକମେଲିଂ ପରେ ୨ ଲକ୍ଷ ଟଙ୍କା ମାଗିବା ଅଭିଯୋଗ ହୋଇଥିଲା। ଡାକ୍ତରଦ୍ୱୟ ଏ ନେଇ ଗତ ୨୦ ତାରିଖରେ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ।

## ବଲାଙ୍ଗୀର କିସ୍ କ୍ୟାମ୍ପସରେ ନୂଆଁଖାଇ ଭେଟ୍‌ଘାଟ୍

**ବଲାଙ୍ଗୀର ଅଫିସ, ୩୧।୧୦**

ଜିଲା ଆଦିବାସୀ କଲ୍ୟାଣ ମହାସଂଘ ତରଫରୁ ବଲାଙ୍ଗୀର କିସ୍ ପରିସରରେ ନୂଆଁଖାଇ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ତଥା କନ୍ଧମାଳ ଏମପି ଡ. ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଆଦିବାସୀମାନେ ପାରମ୍ପରିକ ଗୀତବାଦ୍ୟ ଓ ନୃତ୍ୟର ତାଳେ ତାଳେ ବିଶାଳ ସାଂସ୍କୃତିକ ଶୋଭାଯାତ୍ରାରେ ମୁଖ୍ୟଅତିଥି ଡ. ସାମନ୍ତଙ୍କୁ ସ୍ୱାଗତ କରିଥିଲେ । କିସ୍ ଆଦିବାସୀ ବିଶ୍ୱବିଦ୍ୟାଳୟରେ ୩୦ ହଜାର ଗରିବ ଆଦିବାସୀ ଛାତ୍ରୀଛାତ୍ରମାନଙ୍କୁ ନିଶୁଳ୍କ ଉଚ୍ଚ ଗୁଣାତ୍ମକ ଶିକ୍ଷା, ପ୍ରୋଫେସନାଲ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କ ଲୁକ୍କାୟିତ ପ୍ରତିଭାର ପରିସ୍ଫୁଟନ କରିବାରେ ୨୮ ବର୍ଷ ମଧ୍ୟରେ ୨୦ ହଜାରରୁ ଉର୍ଦ୍ଧ୍ୱ କିସ୍ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରିଥିବାରୁ ଆଦିବାସୀମାନେ ଡ. ସାମନ୍ତଙ୍କ ପ୍ରଶଂସା କରିଥିଲେ । ବଲାଙ୍ଗୀରରେ କିସ୍‌ର ଏକ ଶାଖା ସ୍କୁଲ ଚଳିତ ଶିକ୍ଷାବର୍ଷଠାରୁ ଆରମ୍ଭ ହେବ ବୋଲି ଡଃ ସାମନ୍ତ ସୂଚନା ଦେଇଥିଲେ । ଭୁବନେଶ୍ୱର କିସ୍ ଢାଞ୍ଚାରେ ବଲାଙ୍ଗୀର ସ୍କୁଲର ସମସ୍ତ ସୁବିଧା ସହ ଡାକ୍ତରଖାନାର ସୁବ୍ୟବସ୍ଥା ରହିବ ବୋଲି ସେ ସୂଚନା ଦେଇଥିଲେ । ନୂଆଁଖାଇ ଭେଟଘାଟ ଉପଲକ୍ଷେ ପାରମ୍ପରିକ ରୀତିନୀତିରେ ନବାନ୍ନ ଭକ୍ଷଣ କରି ଜୁହାର ଭେଟ ହୋଇଥିଲେ। ସଭାରେ ସଂଘର ଜିଲା ସଭାପତି ବ୍ରଜକିଶୋର ସିଂଭୋଇ, ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ନିରଞ୍ଜନ ବିଶି, ଉପଦେଷ୍ଟା ସତ୍ୟନାରାୟଣ ଭୋଇ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଭୁବନେଶ୍ୱର କିସର ସିଇଓ ପି.କେ. ରାଉତ, ଡେପୁଟି ସିଇଓ ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ପ୍ରିୟରଞ୍ଜନ ବହିଦାର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବହୁ ଆଦିବାସୀ କର୍ମକର୍ତ୍ତା ଯୋଗ ଦେଇଥିଲେ ।




ଆଦିବାସୀ ସଂଘ ପକ୍ଷରୁ ବଲାଙ୍ଗୀର କିସ୍ ପରିସରରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥି।

### ଜିଲାସ୍ତରୀୟ କଳା ଉତ୍ସବ, ବ୍ୟାଣ୍ଡ ପାର୍ଟି ପ୍ରତିଯୋଗିତା ଉଦ୍‌ଯାପିତ

## କଳାର ଉନ୍ନତି ହେଲେ ଦେଶର ପ୍ରଗତି ସମ୍ଭବ

**ବଲାଙ୍ଗୀର ଅଫିସ, ୩୧।୧୦**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲଠାରେ ଜିଲା ଶିକ୍ଷା କାର୍ଯ୍ୟାଳୟ ବଲାଙ୍ଗୀର, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ବିଭାଗ ପକ୍ଷରୁ କଳା ଉତ୍ସବ ଓ ବ୍ୟାଣ୍ଡ ପାର୍ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ଏହି ଉତ୍ସବକୁ ଉଦ୍‌ଘାଟନ କରି କଳାର ଉନ୍ନତି ହେଲେ ଦେଶର ପ୍ରଗତି ସମ୍ଭବ ବୋଲି କହିଥିଲେ । ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ମଞ୍ଚାସୀନ ଥିଲେ । ଉକ୍ତ ପ୍ରତିଯୋଗିତା ୫ଟି ବିଭାଗ ଯଥା ଯନ୍ତ୍ର ସଙ୍ଗୀତ, ଏକକ ନୃତ୍ୟ, ଚିତ୍ରକଳା, କଣ୍ଠ ସଙ୍ଗୀତ ଓ ବ୍ୟାଣ୍ଡ ପାର୍ଟି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ସମୁଦାୟ ୨୫୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ପଦ୍ମଚରଣ ଆଚାର୍ଯ୍ୟ, ବିଇଓ ନେପାଳ ବାଗ, ସନାତନ ଠାକୁର, ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀୟାକାନ୍ତ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ । ବିଚାରକଭାବେ ଦୀପକ କୁମାର ବରାଳ, ଗୌରହରି ମହାପାତ୍ର, ଟଙ୍କଧର ମିଶ୍ର, ବାସୁଦେବ ମେହେର, ଦିଲୀପ କୁମାର ସିଂ ଦେଓ, ସୁରେନ୍ଦ୍ର କୁମାର ତ୍ରିପାଠୀ, ମୁରଲୀଧାରୀ ପତି, ଶମ୍ଭୁ ପ୍ରସାଦ ନାଏକ, ପଦ୍ମଚରଣ ଆଚାର୍ଯ୍ୟ, ଭକ୍ତ ପ୍ରସାଦ ନାଏକ, ଦୀପକ କୁମାର ଷଡଙ୍ଗୀ ଯୋଗ ଦେଇଥିଲେ । ବାଳକ ବିଭାଗର ଚିତ୍ରକଳାରେ ଶ୍ରୀତମ ସାହୁ ପ୍ରଥମ, ଏକକ ନୃତ୍ୟ ପ୍ରତିଯୋଗିତାରେ ବିଧୂବିନମ୍ର ଏସଏସ ନାଏକ ପ୍ରଥମ, କଣ୍ଠ ସଙ୍ଗୀତରେ ରୋନକ ମହାନ୍ତି ପ୍ରଥମ ଓ ଯନ୍ତ୍ର ସଙ୍ଗୀତରେ ବିଶେଶ୍ୱର ପଟେଲ ପ୍ରଥମ, ହୋଇଥିଲେ। ବାଳିକା ବିଭାଗର ଚିତ୍ରକଳାରେ ମାମା ବାରିକ ପ୍ରଥମ, ଏକକ ନୃତ୍ୟ ପ୍ରତିଯୋଗିତାରେ କାମିନୀ ସାହୁ ପ୍ରଥମ, କଣ୍ଠ ସଙ୍ଗୀତରେ ସୌମ୍ୟା ଶ୍ରୀମୂର୍ତ୍ତି ହୋତା ପ୍ରଥମ ଓ ଯନ୍ତ୍ର ସଙ୍ଗୀତରେ ମନୀଷା ଛତ୍ରିଆ ପ୍ରଥମ ଓ ବ୍ୟାଣ୍ଡ ପାର୍ଟି ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଦମପଡା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ନଭେମ୍ବର ମାସ ୮ ତାରିଖରେ ପୃଥ୍ୱୀରାଜ ହାଇସ୍କୁଲ ବଲାଙ୍ଗୀରଠାରେ ୫ଟି ଜିଲା ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡା ଜିଲାକୁ ନେଇ ହେବାକୁ ଥିବା ଜୋନାଲସ୍ତରୀୟ ପ୍ରତିଯୋଗିତାକୁ ଏମାନେ ମନୋନୀତ ହୋଇଛନ୍ତି । କାର୍ଯ୍ୟକ୍ରମରେ ବିଜ୍ଞାନ ସୋସାଇଟିର କିଶୋର ହନୁମାନ, ସୁବାସ ପଣ୍ଡା, ତରଣୀସେନ ପଟେଲ, ନବୀନ ନନ୍ଦ, ଆନନ୍ଦ ବଡପଣ୍ଡା, ଶିବ ତ୍ରିପାଠୀ, ଜୟକୃଷ୍ଣ ନାଏକ, ସୁନୀଲ ପାତ୍ର, ଅନୀଲ ନନ୍ଦ, ସୁନୀଲ ବେହେରା, ସୁଧାନିଧି ମିଶ୍ର, ନୀଳାଞ୍ଚଳ ଚିରଗୁନ, ଅଶ୍ୱିନୀ ଷଡଙ୍ଗୀ, ତାରାକାନ୍ତ ମିଶ୍ର ତଥା ପିଆର ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ ।




ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରେ ଅନୁଷ୍ଠିତ କଳା ଉତ୍ସବ ଓ ବ୍ୟାଣ୍ଡ ପାର୍ଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ।



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ।

- ଆରିଷ୍ଟଟଲ୍



## ସଂକ୍ଷେପରେ



### ଦୁର୍ନୀତି ନିବାରଣ ସଚେତନତା ସଭା

ବାଲିଶଙ୍କରା,୩୧।୧୦(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ସଉନାମରା ପଞ୍ଚାୟତରେ ଦୁର୍ନୀତି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସୁନ୍ଦରଗଡ଼ ଦୁର୍ନୀତି ନିବାରଣ ଇନ୍ସପେକ୍ଟର ସୁଧାଂଶୁ ଶେଖର ପୂଜାରୀ, ରାଉରକେଲା ଦୁର୍ନୀତି ନିବାରଣ ଇନ୍ସପେକ୍ଟର ତୁଷାର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଲାଞ୍ଚ ନେବା ଏବଂ ଦେବା ଆଇନ ଅନୁଯାୟୀ ଏହା ଅପରାଧିକ କାର୍ଯ୍ୟ ବୋଲି କହିଥିଲେ। ଏନେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏପରି କି ଯେଉଁ ସରକାରୀ କର୍ମଚାରୀ ଲାଞ୍ଚ ମାଗୁଛନ୍ତି ତୁରନ୍ତ ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ଜଣାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଅତିଥି ଭାବେ ସଉନାମରା ସରପଞ୍ଚ ସୁମିତ୍ରା ବାର୍ଲା, ପୂର୍ବତନ ସରପଞ୍ଚ ଚୁଲୁ ବାର୍ଲା, ରବିଚନ୍ଦ୍ର ପଟେଲ, ଇଓ ଅରୁଣ କୁମାର ପଟେଲ ଗ୍ରାମରୋଜଗାର ସେବକ ସଭ୍ୟ ପ୍ରଫୁଲ୍ଲ ତିର୍କୀ, ବନମାଳୀ ବାରସତିଆ, ସେଲବେଷ୍ଟ୍ରାର ବାର୍ଲା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ କର୍ମଚାରୀ ଓ ସଉନାମରା ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ରୋଗ, ପୋକରେ ଉଜୁଡ଼ିଲା ଧାନ ଫସଲ

## ଚିନ୍ତାରେ ପଣ୍ଡିଆପାଲି ଗ୍ରାମର ଚାଷୀ

ସୁନ୍ଦରଗଡ଼,୩୧।୧୦(ଡି.ଏନ୍.ଏ.)

ଚଳିତ ବର୍ଷ ବିଳମ୍ବରେ ବର୍ଷା ହେବା ଯୋଗୁ ସୁନ୍ଦରଗଡ଼ ଜିଲାରେ ଚାଷ କାର୍ଯ୍ୟ ପଛେଇ ଥିବାବେଳେ ପରବର୍ତ୍ତୀ ସମୟରେ ଭଲ ବର୍ଷା ହେବା ପରେ ଆଶାନୁରୂପ ଫସଲ ଅମଳ ହେବ ବୋଲି ଚାଷୀ ଆଶା କରିଥିଲା। ହେଲେ ବର୍ତ୍ତମାନ ଜିଲାର ଅଧିକାଂଶ ଅଞ୍ଚଳରେ ଧାନ ଫସଲରେ ଅଜଣା ରୋଗ ପୋକ ଯୋଗୁ ଫସଲ ଉତ୍ପାଦନ ଆଶା ମଉଳି ଯାଇଛି। ଜିଲାର ହେମଗିର ବ୍ଲକ ଅଧୀନ କୁଚିଡେଗା ପଞ୍ଚାୟତ ଅନ୍ତର୍ଗତ ପଣ୍ଡିଆପାଲି ଗ୍ରାମରେ ହୋଇଥିବା ଧାନ ଫସଲରେ ବର୍ତ୍ତମାନ ଅଜଣା ରୋଗପୋକ ଯୋଗୁ ଧାନ ଫସଲ ନଷ୍ଟ ହେବାରେ ଲାଗିଛି। ପଣ୍ଡଆପାଲି ପଞ୍ଚାୟତର ପଣ୍ଡିଆପାଲି, ଧାନରାଶି, ନୂଆଡିହି ଗ୍ରାମରେ ଦିନକୁ ଦିନ ଧାନ ଫସଲ ଅଜଣା ରୋଗ, ପୋକ ବ୍ୟାପିବାରେ ଲାଗିଛି। ଅଜଣା ପୋକ ଧାନଗଛର ମୂଳ, କାଣ୍ଡ ସହ ଧାନ କେଣ୍ଡା ଖାଇ ପୋଲ କରିଦେଉଛି। ଚାଷୀମାନେ ଦୋକାନରୁ ପର୍ଯ୍ୟାୟ କ୍ରମେ ହଜାର ହଜାର ଟଙ୍କାର ଔଷଧ କିଣି ଫସଲରେ ସିଞ୍ଚନ ପରେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପଣ୍ଡିଆପାଲି ଗ୍ରାମରେ ପ୍ରାୟ ସାଢେ ୩ ଶହ ଏକର ଜମିରେ ହୋଇଥିବା ଧାନଫସଲ ମଧ୍ୟରୁ ପ୍ରାୟ ୫୦ ଏକର ଚାଷ ଜମିରେ ରୋଗ, ପୋକ ଲାଗି ନଷ୍ଟ ହୋଇଛି । ଧାନ ଚାଷକୁ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇଛି। ଏଭଳି ମୁହୂର୍ତ୍ତରେ ଚାଷୀଙ୍କୁ ଉଚିତ ପରାମର୍ଶ ଦେବା ପାଇଁ କୃଷି ବିଭାଗର କୌଣସି କର୍ମଚାରୀଙ୍କ ମଧ୍ୟ ଦେଖା ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରି କି ଚାଷୀମାନେ



ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅଧୀନ କୁଚିଡେଗା ପଞ୍ଚାୟତ ଅନ୍ତର୍ଗତ ପଣ୍ଡିଆପାଲି ଗ୍ରାମ ଏକ ଚାଷ ଜମିରେ ରୋଗପୋକ ଲାଗି ଧାନ ଫସଲ ନଷ୍ଟ ହୋଇଯାଇଛି।

ହେମଗିର ବ୍ଲକ କୃଷି କାର୍ଯ୍ୟାଳୟ, ବ୍ଲକ ଅଫିସ, ତହସିଲ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଇଥିଲେ। ହେଲେ ଅଧିକାରୀମାନଙ୍କୁ ଅଫିସରେ ନ ପାଇ ନିରାଶ ହୋଇ ଘରକୁ ଫେରିଆସି ଥିବା ଜଣାପଡିଛି। ଏଭଳିସ୍ଥିତିରେ ଚାଷୀମାନେ ବିଲେଇମୁଣ୍ଡାରୁ ଔଷଧ ଦୋକାନୀଙ୍କ ଭରସାରେ କିଟନାଶକ ଆଣି ଚାଷ ଜମିରେ ପ୍ରୟୋଗ କରିବାକୁ ବାଧ୍ୟ ହେଉଛନ୍ତି। ଜିଲା କୃଷି ବିଭାଗ ଓ ପ୍ରଶାସନ ତୁରନ୍ତ ଘଟଣାର ଅନୁଧ୍ୟାନ କରି ପରିସ୍ଥିତିର ମୁକାବିଲା କରିବା ସହ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀ ମହଲରେ ଦାବି ହୋଇଛି।

### ସେମାନେ ଯାହା କୁହନ୍ତି...



“ ଚଳିତ ବର୍ଷ ୫ଏକର ୪୫ଡିସିମିଲ ଚାଷ ଜମି ମଧ୍ୟରୁ ସାଢେ ୪ ଏକର ଚାଷ ଜମିରେ ପ୍ରତୀକ୍ଷା ଓ ଏଚ୍ଏମ୍ଟି କିସମର ଧାନ ଚାଷ କରିଥିଲି। ହେଲେ ଧାନ କେଣ୍ଡା ବାହାରିଲା ବେଳକୁ ଅଜଣା ରୋଗ ପୋକ ଧାନ ଫସଲକୁ ନଷ୍ଟ କରିବାରେ ଲାଗିଛି। ପ୍ରାୟ ୨ ଏକର ଚାଷ ଜମିରେ ଅଜଣା ପୋକ ଲାଗି ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

**ଗୋପୀଲାଲ ନାଏକ**, ପଣ୍ଡିଆପାଲି ଗ୍ରାମର ଚାଷୀ



“ ଚାଷ ହିଁ ପରିବାରର ଏକମାତ୍ର ଭରସା, ଚଳିତ ବର୍ଷ ବର୍ଷା ବିଳମ୍ବରେ ହେଲେ ମଧ୍ୟ ଭଲ ହୋଇଥିବାରୁ ଫସଲ ଉତ୍ପାଦନ ମଧ୍ୟ ଭଲ ହେବ ବୋଲି ଆଶା ବାନ୍ଧିଥିଲି। ହେଲେ ଛୋଟ ଧଳା ଅଜଣା ପୋକ ଚାଷ ଜମିରେ ଲାଗି ଧାନଗଛର ମୂଳରୁ କେଣ୍ଡା ପର୍ଯ୍ୟନ୍ତ ଖାଇ ସମ୍ପୂର୍ଣ୍ଣ ପୋଲା କରିଦେଉଛି। ୧୨ ଏକର ଚାଷ ଜମି ମଧ୍ୟରୁ ଅଧାରୁ ଅଧିକ ଜମିରେ ଏଭଳି ରୋଗ, ପୋକ ଲାଗି ଫସଲ ନଷ୍ଟ ହୋଇଛି।

**ମଧୁସୂଦନ ପଟେଲ**, ପଣ୍ଡିଆପାଲି ଗ୍ରାମର ଚାଷୀ



“ ରୋଗପୋକ ଲାଗି ଧାନ ଫସଲ ନଷ୍ଟ ହୋଇ ଚାଷୀ ହତାଶ ହୋଇପଡିଥିବା ବେଳେ କୃଷି ବିଭାଗ କର୍ମଚାରୀଙ୍କ ଦେଖା ନାହିଁ। ହେମଗିର ଗଲେ କୃଷି ଅଧିକାରୀ ବିଡିଓ କିମ୍ବା ତହସିଲଦାରଙ୍କ ଦେଖା ନ ପାଇ ଫେରି ଆସିଛୁ। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

**ଗଣେଶ ରୋହିଦାସ**,ପଣ୍ଡିଆପାଲି ଗ୍ରାମର ଚାଷୀ



“ ସରକାର ଚାଷୀମାନଙ୍କର ଉନ୍ନତି କଥା କହୁଛନ୍ତି। ହେଲେ ବର୍ତ୍ତମାନ ସମୟରେ କୃଷି ବିଭାଗର କର୍ମଚାରୀଙ୍କ ଦେଖା ମିଳୁ ନାହିଁ। ସରକାର କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ କରନ୍ତୁ।

**ଟିକାରାମ ନାଏକ**, ପଣ୍ଡିଆପାଲି ଗ୍ରାମର ଚାଷୀ

### ଦୁର୍ଘଟଣାରେ ସାମାଜିକ କର୍ମୀ ଆହତ

ସୁନ୍ଦରଗଡ଼,୩୧।୧୦(ଡି.ଏନ୍.ଏ.): ଏକ ସଡ଼କ ଦୁର୍ଘଟଣାରେ ସୁନ୍ଦରଗଡ଼ ଜିଲାର ଜଣାଶୁଣା ସାମାଜିକ କର୍ମୀ ତଥା ମାନବ ଅଧିକାର କର୍ମୀ ଶାନ୍ତନୁ କୁସୁମ ଗୁରୁତର ଆହତ ହୋଇଛନ୍ତି।
ମିଳିଥିବା ସୂଚନା ମୁତାବକ, କୁସୁମ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଶଙ୍କରାଠାରୁ ଫେରେଇ ଯାଉଥିବା ବେଳେ ବନଦୁର୍ଗା ମନ୍ଦିର ନିକଟରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ଏକ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାରେ କୁସୁମଙ୍କ ବାମହାତ ଭାଙ୍ଗି ଯାଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଖବର ପାଇ ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧି ନର୍ସିଂହୋମରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ।

{ ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ବଡ଼ଗାଁରେ ଏଆଇଟିୟୁସିର ଶତବାର୍ଷିକ ସମାରୋହ

ବଡଗାଁ, ୩୧।୧୦ (ଡି.ଏନ.ଏ):

ସୁନ୍ଦରଗଡ଼ ଜିଲା ବଡଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଗୁରୁବାର ଏଆଇଟିୟୁସିର ଶତବାର୍ଷିକ ସମାରୋହ ଓ ୟୁନିୟନର ପୂର୍ବତନ ଜାତୀୟ ସମ୍ପାଦକ ଗୁରୁଦାସ ଦାସଗୁପ୍ତାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ଜିଲାର ବିଭିନ୍ନ ଅଞ୍ଚଳର ଏଆଇଟିୟୁସି କର୍ମୀ ଓ ସହବନ୍ଧିତ ସଂଗଠନର କର୍ମୀମାନେ ସମବେତ ହୋଇଥିଲେ। ପରେ ୟୁନିୟନ ଜିଲା ସମ୍ପାଦକ କମଳ ଷଣ୍ଢଙ୍କ ଦ୍ୱାରା ୟୁନିୟନ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ କର୍ମୀମାନେ କ୍ୟାଣ୍ଡେଲ ଧରି ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଆୟୋଜିତ ସଭାରେ ଜିଲା ସମ୍ପାଦକ ଷଣ୍ଢ ଶ୍ରମିକମାନଙ୍କ ସମସ୍ୟାର ସମାଧାନ ନେଇ ୟୁନିୟନ ସର୍ବଦା ସଂଗ୍ରାମ କରିଆସୁଛି । ଆଗାମୀ ଦିନରେ ମଧ ଲଢ଼େଇ ଜାରି ରହିବ। ଅସଂଗଠିତ ଶ୍ରମିକଙ୍କୁ ଏକାଠି କରିବାକୁ ପ୍ରୟାସ ଜାରି ରହିଥିବା କହିଥିଲେ। ନିର୍ମାଣ ଶ୍ରମିକ ସଂଘ କର୍ମକର୍ତ୍ତା ଗୋଲାପି ବନଛୁର ନିର୍ମାଣ ଶ୍ରମିକମାନଙ୍କୁ ସରକାର ପରିଚୟ ପତ୍ର ଦେଇଛନ୍ତି। ହେଲେ ସାହାଯ୍ୟ ସହଯୋଗ ମିଳୁନାହିଁ । ୫ ବର୍ଷ ହେଲା ଘର ମିଳି ନାହିଁ। ୨୦୧୬ରୁ ସାଇକଲ ମିଳୁ ନାହିଁ, ଯନ୍ତ୍ରପାତି, ପେନସନ, ମୃତ୍ୟୁ ସହାୟତା ମିଳୁ ନ ଥିବା କହିଥିଲେ। ନିଖିଳ ଓଡ଼ିଶା କେନ୍ଦୁପତ୍ର ଶ୍ରମିକ ସଂଘର କର୍ମକର୍ତ୍ତା କୁମୁଦିନୀ ବେହେରା ଶ୍ରମିକମାନେ କଠିନ ପରିଶ୍ରମ କରି ସରକାରଙ୍କୁ ଲାଭ ଦେଉଛନ୍ତି । ସରକାର ସାମାଜିକ ସୁରକ୍ଷା ବୋର୍ଡ ଗଠନ କଲେ । କିଛି ବର୍ଷ ଠିକ୍ ଚାଲିବା ପରେ ଚଳିତ ବର୍ଷଠାରୁ ବୋନସ କାଟି ଦିଆଗଲା । ପିଲାଙ୍କ ଶିକ୍ଷା, ବିବାହ ସହାୟତା ଆଜି ପର୍ଯ୍ୟନ୍ତ ମିଳିନାହିଁ। ମଧ୍ୟାହ୍ନଭୋଜନ ପାଚିକା ସଂଘର କର୍ମକର୍ତ୍ତା ଗୀତା କୁଜୁର ଜିଲାର ସମସ୍ତ ବ୍ଲକରେ ବେସରକାରୀ ସଂସ୍ଥା ଦ୍ୱାରା ରନ୍ଧାଖାଦ୍ୟ ଯୋଗାଣ ପାଇଁ ମସୁଧା ଚାଲିଛି । ଏହାକୁ ସଂଗଠନ ବିରୋଧ କରୁଛି । ୨୦୧୭ ଡିସେମ୍ବର ୪ତାରିଖରେ ସରକାର ପାଚିକାଙ୍କୁ ୨ ହଜାର ଟଙ୍କା ଦେବାକୁ ଘୋଷଣା କରିଥିଲେ । କିନ୍ତୁ ଲାଗୁ କରୁନାହାନ୍ତି । ୬୦ ବର୍ଷ ହେଲେ କାର୍ଯ୍ୟରୁ ଛଟେଇ କରାଯାଉଛି । ସେମାନଙ୍କ ପାଇଁ ପେନସନ ବ୍ୟବସ୍ଥା, ସ୍ୱାସ୍ଥ୍ୟବୀମା, ପରିଚୟ ପତ୍ର ଦେବା ନେଇ ବାରମ୍ବାର ଦାବି ସତ୍ତ୍ୱେ ହୋଇନାହିଁ। ତେଣୁ ନ୍ୟାୟୋଚିତ ଦାବି ହାସଲ ପାଇଁ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଆଶାକର୍ମୀ ସଂଘର କର୍ମକର୍ତ୍ତା ମାଦିଳତା କୁଲୁ, ସହାୟିକା ସଂଘ ଜିଲା ସମ୍ପାଦକ ସଂଯୁକ୍ତା କେର୍କେଟା, ସାବିତ୍ରୀ ପଟେଲ, କେନ୍ଦୁପତ୍ର ଶ୍ରମିକ ସଂଘ ବ୍ଲକ ସଂଯୋଜକ ଉପେନ୍ଦ୍ର କିଣ୍ଡୋ, ଗାଁ ସାଥୀ ସଂଘ ଜିଲା ସଭାପତି ଧନପତି ନାଏକ ପ୍ରମୁଖ ଯୋଗଦେଇଥିଲେ ।



ୟୁନିୟନ ଜିଲା ସମ୍ପାଦକ କମଳ ଷଣ୍ଢ ଏଆଇଟିୟୁସି ପତାକା ଉତ୍ତୋଳନ କରୁଛନ୍ତି।

■ ଯୁବ ଗୋଷ୍ଠୀ ବୈଠକ

# ନିଯୁକ୍ତି, ଥଇଥାନ କ୍ଷେତ୍ରରେ ଗୁରୁତ୍ୱାରୋପ

ହେମଗିର,୩୧।୧୦(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ତୁଲିଙ୍ଗା ତାମେଶ୍ୱର ମନ୍ଦିର ପାର୍ଶ୍ୱରେ ଯୁବ ଗୋଷ୍ଠୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହେମଗିର ବ୍ଲକ ଉପାଧ୍ୟକ୍ଷ ସୁରଥ କୁମାର ପଧାନ ସଭାପତିତ୍ୱ କରିଥିଲେ। ଏଥିରେ ବିସ୍ଥାପିତ ଗାଡି ମାଲିକ ସଂଘ(ବିଜିଏମ୍ଏସ୍)ର ସଭାପତି ଗୋପାଳ ଚନ୍ଦ୍ର ପଧାନ, ଗିରିଶ ଚନ୍ଦ୍ର ସାହୁ, ପ୍ରେମ ସାଗର ଓରାମ, ବିଶିକେଶନ ସା, ଭବାନୀ ଚୌଧୁରୀ, ଅଜୟ ଦାସ, ସରୋଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ମୁଖ୍ୟତଃ ଏନ୍ଟିପିସି, ଓସିପିଏଲ କୋଇଲା ଖଣି ଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କ ସମସ୍ୟା ଓ ଥଇଥାନ ଉପରେ ଆଲୋଚନା କରାଯାଇଥିଲା। ଏପରି କି ଉଭୟ ଖଣିରେ ଅଞ୍ଚଳର ଯୁବ ଗୋଷ୍ଠୀଙ୍କୁ କିପରି ନିଯୁକ୍ତି ଦିଆଯିବ ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବିଜିଏମ୍ଏସ୍ର ସଭାପତି ପଧାନ ପରିବହନ କ୍ଷେତ୍ରରେ ସ୍ଥାନୀୟ ଗାଡି ମାଲିକଙ୍କୁ ଅଗ୍ରାଧିକାର ଦେବାକୁ ବୈଠକରେ କହିଥିଲେ। ସେହିପରି ଆଡଭୋକେଟ ଗିରିଶ ସାହୁ ଆଇନର ପରିସର ଭିତରେ ଯୁବ ଗୋଷ୍ଠୀଙ୍କୁ ପ୍ରତ୍ୟକ୍ଷ ପରୋକ୍ଷ ଭାବରେ କିପରି ଥଇଥାନ କରାଯିବ ସେ ଦିଗରେ ସୂଚନା ଦେଇଥିଲେ। ଶେଷରେ ଏକ କମିଟି ଗଠନ ପାଇଁ ସ୍ଥିର ହୋଇଥିଲା। ଏଥିରେ ତୁଲିଙ୍ଗା, ମଝାପଡା, ବେଲଡିହି, କାଠଫାଲି, ମନୋହରପୁର, ସାନଘୁମୁଡା, ସରବାହାଲ, କଳାମେଘା, ଖପୁରିକଛାର, ଖୁଣ୍ଟିଝରିଆ ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ଯୁବକ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ଭୋଇ, ଅରୁଣ ପଧାନ, ଡିଲେଶ୍ୱର ଭୋଇ, ହୃଷୀକେଶ ପଧାନ, ରବିରତ୍ନ ବିଶ୍ୱାଳ, ମହେଶ ଶତପଥୀ, ମନୋଜ ପଟେଲ, ବୁଧୁରାମ ସା, ଘନଶ୍ୟାମ ମାଝି, ନବୀନ ଖରସାଏଲ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ବିଜିଏମ୍ଏସ୍ ପକ୍ଷରୁ ହୋଇଥିଲା।



ବୈଠକରେ ବିସ୍ଥାପିତ ଗାଡି ମାଲିକ ସଂଘ କର୍ମକର୍ତ୍ତା ଏବଂ ଉପସ୍ଥିତ ଯୁବ ଗୋଷ୍ଠୀ।

### ବଣାଇଁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ବଣାଇଁ,୩୧।୧୦(ସ୍ୱ.ପ୍ର.): ସ୍ଥାନୀୟ ସହକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୁନ୍ଦରଗଡ଼ ଜିଲା ବଣାଇଁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ସାଏ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଶୀନାଥ ବେହେରା, ଗୋଗୁଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନ ଯୋଗଦେଇ ସୁରଭି କାର୍ଯ୍ୟକ୍ରମର ଉପଦେୟତା ସମ୍ପର୍କରେ ଉଦ୍ବୋଧନ ଦେଇଥିଲେ। ବ୍ଲକର ୧୦ଟି କ୍ଲଷ୍ଟରରୁ ୨୩୦ଜଣ ପ୍ରତିଯୋଗୀ ଏବଂ ୫୦ ଗାଇଡ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ପ୍ରତିଯୋଗିତା ହୋଇଥିଲା। କନିଷ୍ଠ ବର୍ଷ ଚିତ୍ରାଙ୍କନରେ ରତନ ଭୂମିଜ, କୁଇଜ୍ରେ ଓମପ୍ରକାଶ ସାହୁ, ସୃଜନୀଶୀଳ ଲିଖନରେ ଅରଜିତ କୁମାର ଗୁଇଁ, ବକ୍ତୃତାରେ ଭୁବନେଶ୍ୱରୀ ପାତ୍ର, ଶ୍ରୁତଲିଖନ ଓ ହସ୍ତାକ୍ଷରରେ ସ୍ମୃତିରେଖା ମହାପାତ୍ର, ସଙ୍ଗୀତରେ ରିତୃଷ୍ଣା ପ୍ରଧାନ କୃତିତ୍ୱ ହାସଲ କରିଥିବା ବେଳେ ବରିଷ୍ଠ ବର୍ଗରେ ଓଡ଼ିଆ ତର୍କରେ ରୋନକ କୁମାର ସାହୁ, ଓଡ଼ିଆ ପ୍ରବନ୍ଧରେ ପ୍ରିୟଙ୍କା ନାୟକ, ଚିତ୍ରାଙ୍କନରେ ଏନ୍ ଶ୍ରୀୟାରାନୀ, କୁଇଜରେ ଝସକେତନ ସାହୁ, ସୃଜନଶୀଳ ଲିଖନରେ ଭାରାତୀ କିଷାନ, ବକ୍ତୃତାରେ ମହମ୍ମଦ ହଫିସ ଇରଫାନ, ସଙ୍ଗୀତରେ ବିଶ୍ୱଜିତା ଖମାରୀ, ଦିବ୍ୟାଙ୍ଗ ବର୍ଗରୁ ସଙ୍ଗୀତରେ ଦୀପାରାଣୀ ସାହୁ, ଚିତ୍ରାଙ୍କନରେ ଜସ୍ମିନ ପ୍ରଧାନ, ମଧ୍ୟାହ୍ନ ଭୋଜନ ସଚେତନତା ପାଇଁ ଚିତ୍ରକଳା ଏବଂ ସାଂସ୍କୃତିକ କାର୍ଯ୍ୟକମରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋବିନ୍ଦପୁର ଛାତ୍ରୀଛାତ୍ରମାନେ ବ୍ଲକସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରତିଯୋଗୀମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡିଛି। ଉଦ୍ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବଣାଇଁଗଡ଼ ମହାବିଦ୍ୟାଳୟ ଅଧ୍ୟକ୍ଷ ପରେଶଚନ୍ଦ୍ର ଗିରି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଜେନାମଣି ସାହୁ, ଶିବ ଶଙ୍କର ସାଥୁଆ, ତପନ କୁମାର ଦଣ୍ଡିଆ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଦାନନ୍ଦ ମହାନ୍ତ ସଂଯୋଜନା କରିଥିବା ବେଳେ ସିଆରସିସି ଅନ୍ତର୍ଯ୍ୟାମୀ ରଣା ଧନ୍ୟବାଦ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆର୍ସିସି ରମେଶ ଚନ୍ଦ୍ର ପ୍ରଧାନ, ପ୍ରଦୀପ କୁମାର ମିଶ୍ର, ମାନସ ରଞ୍ଜନ ସାହୁ, ଦୁଃଶାସନ ଖମାରୀ, ତପନ କୁମାର ସାହୁଙ୍କ ସମେତ ବହୁ ସରକାରୀ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



ବଣାଇଁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଯୁବକଙ୍କୁ ଆକ୍ରମଣ ଘଟଣା: ୩ ଗିରଫ

ବେଦବ୍ୟାସ,୩୧।୧୦(ଡି.ଏନ.ଏ.):

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡି ଅଧୀନ କଲୁଙ୍ଗା-ନୂଆଗାଁ ରାସ୍ତାରେ ମଙ୍ଗଳବାର ବିଳମ୍ବିତ ରାତିରେ ରାଜଗାଙ୍ଗପୁର ନିବାସୀ ସାଇବଲ ଆଲାମ ଓରଫ ଅଲ୍ଲିଙ୍କୁ କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଗୁରୁବାର ୩ଜଣ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଲୁଙ୍ଗା ଅଞ୍ଚଳର ରୋହିତ ସାହୁ, ଅଙ୍କିତ ଠାକୁର ଏବଂ ରାଜେଶ ଗୁପ୍ତା । ମଙ୍ଗଳବାର ବିଳମ୍ବିତ ରାତ୍ରିରେ ସାଇବାନ କଲୁଙ୍ଗା-ନୂଆଗାଁ ରାସ୍ତାରେ ବୁଲାବୁଲି କରୁଥିଲେ। ହେଲେ ସ୍ଥାନୀୟ ଯୁବକମାନେ ତାଙ୍କୁ ସନ୍ଦେହ କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସାଇବାନ ବୁଧବାର କଲୁଙ୍ଗାସ୍ଥିତ ଭିଣୋଇ ସକିଲକୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ । ଭିଣାଇ ସକିଲ ସ୍ଥାନୀୟ ଲୋକଙ୍କୁ ଜଣାଇବା ସହ ସାଇବାନଙ୍କୁ ନେଇ କଲୁଙ୍ଗା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଏକ ମାମଲା (ନଂ. ୨୬୭/୧୯) ରୁଜୁ କରିଥିଲା। ପୋଲିସ ତଦନ୍ତ ପରେ ଘଟଣାରେ ସମ୍ପୃକ୍ତ ୩ଜଣ ଯୁବକଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ସାଇବାନ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

### ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍ଯାପିତ

# ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହିଲା

ନୂଆଗାଁ,୩୧।୧୦(ଡି.ଏନ.ଏ.)

ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ହୋଇପାରିବ ବୋଲି ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକରେ ଗୁରୁବାର ଅନୁଷ୍ଠିତ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭିର ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା ପ୍ରକାଶ କରିଥିଲେ।

ଜାହାଡିଟୋଲି ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା ଯୋଗଦେଇ କହିଥିଲେ, ଶିକ୍ଷାର ବିକାଶ ଉପରେ ସୁରଭି ଏକ ମାଧ୍ୟମ । ଶିଶୁଟି ନିଜ ଅନ୍ତର୍ନିହିତ ପ୍ରତିଭାକୁ ସୁରଭି ମାଧ୍ୟମରେ ପରିପ୍ରକାଶ କରିପାରୁଛି। ଏଣୁ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ହେବା ଦରକାର ବୋଲି ସେ କହିଥିଲେ । ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ବାନେ କେଛୁଆ, ମନମଧ ପଣ୍ଡା, ବନମାଳୀ ମଲ୍ଲିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ଭାଗନେଇ ଥିବା ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷକ ବାଣୀନାଥ ନନ୍ଦୀ ଓ ମଙ୍ଗଳ କେର୍କେଟାଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକର ୧୩ଟି କ୍ଲଷ୍ଟରରୁ ୬୫୦ଛାତ୍ରୀଛାତ୍ର ଭାଗ ନେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ଜୁନିୟର ଓ ସିନିୟର ଦଳରେ ଭାଗ କରାଯାଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ସିନିୟର ଗ୍ରୁପ ରଚନାରେ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ସୁଖମତୀ ମୁଣ୍ଡାରୀ ପ୍ରଥମ ହୋଇଥିବା ବେଳେ ଚିତ୍ରାଙ୍କନରେ ସେହି ସ୍କୁଲର ପୂଜା ସାହୁ ପ୍ରଥମ ହୋଇଥିଲେ। କୁଇଜରେ ଜାହାଡିଟୋଲି ଆଦର୍ଶ ବିଦ୍ୟାଳୟ ଆଲେକ୍ସ ବୁଢ଼, ବକ୍ତୃତାରେ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟ ଦୀପିକା ବଡାଇକ, ତର୍କରେ ଜାହାଡିଟୋଲୀ ସ୍କୁଲର ହେମା ସାହୁ, ଗୀତରେ ସେହି ସ୍କୁଲର ସତ୍ୟଜିତ ପତି ଓ କ୍ରିୟେଟିଭ ରାଇଟିଂରେ ହାତୀବାରୀ ହାଇସ୍କୁଲର କିରୋନ ଦେଶମୁଖ ପ୍ରଥମ ହୋଇଥିଲେ। ସେହି ଭଳି ଜୁନିୟର ଗ୍ରୁପରେ କୁଇଜରେ ବାଗଟୋଲା ସ୍କୁଲର ଜୀବନ ଓରାମ, ଚିତ୍ରାଙ୍କନରେ ଜାହାଡିଟୋଲୀ ଆଦର୍ଶ ବିଦ୍ୟାଳୟର ନେହା ଯୋଜ, ବକ୍ତୃତାରେ ବାଗଟୋଲି ସ୍କୁଲର ଲକ୍ଷ୍ମୀପ୍ରିୟା ମାହାଲି, ହସ୍ତାକ୍ଷରରେ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ସରୀତା ଓରାମ, ଗୀତରେ କାରକାଟା ସ୍କୁଲର ଲକ୍ଷ୍ମୀ ଭୂମିଜ ଓ ସୁନ୍ଦର ହସ୍ତାକ୍ଷରରେ ଭଣ୍ଡାରଟୋଲୀ ସ୍କୁଲର ପ୍ରିୟା କାଣ୍ଡୁଲା ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର ରଖିଛନ୍ତି । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଅନ୍ନଦାଶଙ୍କର ପାଢ଼ୀ, ପ୍ରସନ୍ନ ତ୍ରିପାଠୀ, ଭାଗବତିଆ ତନ୍ତି, ମଧୁ କରିଆଲି, ବିକ୍ରମ ମଲ୍ଲିକ, ଅଶୋକ ସିଂ, ବିଜୟ ଦାସ, ପ୍ରହଲ୍ଲାଦ ପଣ୍ଡା, ବାସୁଦେବ ତ୍ରିପାଠୀ, ସିଆର୍ସିସ, ରଞ୍ଜିତ ଏକ୍କା, ରୋଶନ ଲାକ୍ରା, ଜୟବିହାରୀ ନାଏକ, ସଞ୍ଜୟ ରଥ, ବିଷ୍ଣୁଚରଣ ନାଏକ, କାମିଲ ତିର୍କୀ, ଶୁକ୍ରା ସିଂ, ଗୌତମ ବଡାଇକ, ସୁକାନ୍ତ ବଡାଇକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧରେ ଶିକ୍ଷକ ଫିରୋଜ ଉଦ୍ଦିନଖାନ, ଉଷା ଅନୀତା ଲାକ୍ରା, ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

DHARITRI
ସମ୍ବଲପୁର, ଶୁକ୍ରବାର, ୧ ନଭେମ୍ବର, ୨୦୧୯



ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି, ସେ ପ୍ରକୃତ ଅର୍ଥରେ ଅମର ହୋଇଯାଇଛି।
-ଆରିଷ୍ଟଟଲ୍



## ସଂକ୍ଷେପରେ

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ବାଉଁଶୁଣୀ, ୩୧।୧୦ (ଡି.ଏନ.ଏ) ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦଘାଟିତ ହୋଇଯାଇଛି। ଅଧାପକ ଶଶିକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଳ, ଡିପିଓ ଏନଏଏସ ଡ. ମନୋରଞ୍ଜନ ଘଡେଇ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ନିମିତ୍ତ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଟ୍ରେନର ମାଷ୍ଟର ସୁଶ୍ରୀ ମଧୁସ୍ମିତା ଜଗଦଲା ଓ ସୁଶ୍ରୀ ସୋନାଲି ମହାକୁଳ ତାଲିମ ଦେଉଛନ୍ତି । ଶିବିରରେ ୬୦ଜଣ ଛାତ୍ରୀ ୧୨ ଦିନ ଧରି ତାଲିମ ନେବେ ।

### କନ୍ଧମାଳରେ ନିଯୁକ୍ତିମେଳା

ଘଣ୍ଟାପଡା,୩୧।୧୦(ଡି.ଏନ.ଏ.) କନ୍ଧମାଳ ପଞ୍ଚାୟତ ସମିତି ପରିସରରେ ଗୁରୁବାର ଶିକ୍ଷିତ ଯୁବତୀ ଯୁବକମାନଙ୍କ ପାଇଁ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ଦିନଦୟାଲ ଉପାଧାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ୧୮ରୁ ୩୫ ବର୍ଷ ମଧରେ ପଞ୍ଚମ ଶିକ୍ଷାଗତ ଯୋଗ୍ୟତା ଥିବା ଗରିବ, ବେକାର ଯୁବତୀ ଯୁବକମାନଙ୍କୁ ଦକ୍ଷତା ତାଲିମ ବିକାଶ ଦ୍ୱାରା ଆତ୍ମନିର୍ଭରଶୀଳ ହେବା ସହିତ ଅଧିକ ରୋଜଗାରକ୍ଷମ କରାଇବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ୧୨ଟି କମ୍ପାନୀ ନିଜ ନିଜ ପାଇଁ ପ୍ରାର୍ଥୀ ଚୟନ କରିଥିଲେ । ବିଡିଓ ରବିନ୍ଦ୍ର ନାଥ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ବ୍ଲକ ଉପାଧକ୍ଷା ମମତା ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଦିବ୍ୟଶଙ୍କର ରାଉତ, ଏ.ଇ ମଧୁସ୍ମିତା ବାସ୍କେ, ପି.ଏ ପ୍ରମୋଦ କୁମାର ପାଢୀ ଏବଂ ବିପିଏମ ଶାନ୍ତନୁ କୁମାର ମେହେର ଉପସ୍ଥିତ ଥିଲେ ।

### ଉଦ୍ଧାର ମୃତଦେହର ପରିଚୟ ମିଳିନି

ଭେଡ଼େନ,୩୧।୧୦(ଡ଼ି.ଏନ.ଏ) ଭେଡ଼େନ ଥାନା ଅନ୍ତର୍ଗତ ଅଛାଣ୍ଡପାଲି ଗ୍ରାମ ନିକଟବର୍ତ୍ତୀ ଜିରା ନଦୀ ପଠାରୁ ବୁଧବାର ଭେଡ଼େନ ପୋଲିସ ଜଣେ ଅଜଣା ବ୍ୟକ୍ତିର ଗଳିତ ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୪୦ରୁ ୪୫ ବର୍ଷ ହେବ । ସେ କଳା ରଙ୍ଗର ଫୁଲପ୍ୟାଣ୍ଟ ପିନ୍ଧିଥିବା ବେଳେ ସିମେଣ୍ଟ ରଙ୍ଗର ଟି ସାର୍ଟ ପିନ୍ଧିଥିବା ଦେଖାଯାଇଛି। ନଦୀ ପାଣିରେ ଏହି ମୃତଦେହ ଭାସିଆସିଥିବା ସନ୍ଦେହ କରାଯାଉଛି। ତେବେ ମୃତକଙ୍କ ପରିଚୟ ଜଣାପଡ଼ିନାହିଁ। ଭେଡ଼େନ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି ।



### ମହିଷାସୁର ଦରବାର

### ରକ୍ତବୀର୍ଯ୍ୟ, ବିଡ଼ାଳାକ୍ଷ ନିହତ

ଭେଡ଼େନ,୩୧।୧୦(ଡ଼ି.ଏନ.ଏ) ଭେଡ଼େନ ବ୍ଲକ ଜାଣ୍ଡୋଲଠାରେ ଚାଲିଥିବା ମୁକ୍ତମଞ୍ଚ ମହିଷାସୁର ରାଜ କାର୍ଯ୍ୟକ୍ରମର ବୁଧବାର ଥିଲା ତୃତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ମୁକ୍ତମଞ୍ଚ ରାଜ ଦରବାରରେ ହୋଇଥିବା ନାଟ୍ୟାଭିନୟରେ ସମରରେ ପରାଜିତ ଦେବଗଣ ବ୍ରହ୍ମା ଏବଂ ବିଷ୍ଣୁଙ୍କ ଶରଣାପନ୍ନ ହୋଇ କରିଛନ୍ତି ଦୈତ୍ୟ ନିପାତ ପାଇଁ ପରାମର୍ଶ। ସମସ୍ତ ଦେବଗଣଙ୍କ ଶକ୍ତିକୁ ନେଇ ଆବିର୍ଭୂତା ହୋଇଛନ୍ତି ମାତା ଦୁର୍ଗା। ଅସୁର ନିଧନ ପାଇଁ ମର୍ତ୍ତ୍ୟରେ ପଦାର୍ପଣ କରିଛନ୍ତି ମାତା। ମହିଷାସୁର ପ୍ରେରିତ ରକ୍ତବୀର୍ଯ୍ୟ ଏବଂ ବିଡ଼ାଳାକ୍ଷ ରାକ୍ଷସଙ୍କୁ ବଧ କରିଛନ୍ତି ମାତା।

■ ହରଭଙ୍ଗା ବ୍ଲକରେ ବିଶେଷଜ୍ଞ ଦଳ

# କିଡ୍‌ନୀ ରୋଗର କାରଣ ଅନୁଧ୍ୟାନ

ବୌଦ୍ଧ/ପୁରୁଣାକଟକ, ୩୧।୧୦(ସ୍ୱ.ପ୍ର/ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିଭିନ୍ନ ଗ୍ରାମରେ କିଡ୍‌ନୀ ରୋଗ ମହାମାରୀ ରୂପ ନେଲାଣି । ବହୁ ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ ମୃତ୍ୟୁବରଣ କରିଛନ୍ତି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କିଡ୍‌ନୀ ରୋଗର କାରଣ ଯାଞ୍ଚ କରି ଉପଯୁକ୍ତ ନିରାକରଣ ବ୍ୟବସ୍ଥା ଗ୍ରହଣ କରିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ଏଥିପାଇଁ ବିଭିନ୍ନ ଗ୍ରାମର ସଚେତନ ବ୍ୟକ୍ତି ବିଶେଷଙ୍କୁ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବା ସହିତ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଧାରଣା ମଧ୍ୟ ଦିଆଯାଇଥିଲା । କିଛି ଦିନ ତଳେ ୫-ଟି କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ବୌଦ୍ଧ ଗସ୍ତକରି ସ୍ୱାସ୍ଥ୍ୟସେବାର ସମୀକ୍ଷା କରିବାବେଳେ ଜିଲାରେ ଅନେକ ଲୋକଙ୍କ କିଡ୍‌ନୀ ଜନିତ ରୋଗରେ ମୃତ୍ୟୁ ହୋଇଥିବା ଅଭିଯୋଗ କରାଯାଇଥିଲା। ତେଣୁ ଖୁବଶୀଘ୍ର ଏକ ବିଶେଷଜ୍ଞ ଡାକ୍ତରୀଦଳ ଜିଲା ଗସ୍ତ କରି ଏ ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ଉଚ୍ଚସ୍ତରୀୟ କମିଟି ପ୍ରତିଶ୍ରୁତି ଦେଇଥିଲା । ବୁଧବାର ବ୍ରହ୍ମପୁର ମେଡିକାଲ କଲେଜରୁ ଏକ ୬ ଜଣିଆ ବିଶେଷଜ୍ଞ ଡାକ୍ତରୀଦଳ ବୌଦ୍ଧ ଜିଲାରେ ପହଞ୍ଚି ପ୍ରଭାବିତ ହରଭଙ୍ଗା ବ୍ଲକର ଚାରିଛକ, କରଞ୍ଜକଟା, ସଙ୍କୁଲୋଇ, ଛତରଙ୍ଗ, ହରଭଙ୍ଗା, ଧଳପୁର, ଜବଲପୁର ଓ ଭବାନୀପୁର ଗ୍ରାମ ପରିଦର୍ଶନ କରିଥିଲେ। ସେମାନେ ୧୨୦ ଜଣଙ୍କୁ ସାକ୍ଷାତ କରି କିଡ୍‌ନୀ ରୋଗର କାରଣ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ଟିମ୍ ଅନୁଧ୍ୟାନ ସାରି ଫେରିବା ପରେ ସନ୍ଧ୍ୟାରେ ବୌଦ୍ଧ ଜିଲାପାଳଙ୍କୁ ଭେଟି ରିପୋର୍ଟ ପ୍ରଦାନ କରି ବ୍ରହ୍ମପୁର ଫେରିଯାଇଥିବା ଜଣାପଡିଛି। ବ୍ରହ୍ମପୁର ମେଡିକାଲ କଲେଜର ନେଫ୍ରୋଲୋଜି ବିଭାଗର ପ୍ରଫେସର ଡ. ବିବେକାନନ୍ଦ କରଙ୍କ ନେତୃତ୍ୱରେ ଆସିଥିବା ଏହି ଅନୁଧ୍ୟାନକାରୀ ବିଶେଷଜ୍ଞ ଦଳରେ କମ୍ୟୁନିଟି ମେଡିସିନ ସହକାରୀ ପ୍ରଫେସର ଡ. ଚନ୍ଦନ ସାମନ୍ତରା, ମାଇକ୍ରୋ ବାୟୋଲୋଜି ସହକାରୀ ପ୍ରଫେସର ଡ. ଭନପାରଥୀ ନାଗରାଜୁ, ଜେନେରାଲ ମେଡିସିନ ସହକାରୀ ପ୍ରଫେସର ଡ. ପ୍ରତାପ ଚନ୍ଦ୍ର ବିଶ୍ୱାଳ ଓ ଟେକନିସିଆନ ସୁଶା' କୁମାର ବେହେରା ସାମିଲ ହୋଇଥିଲେ ।





ବିଶେଷଜ୍ଞ ଦଳ କିଡ୍‌ନୀ ରୋଗର କାରଣ ଅନୁଧ୍ୟାନ କରୁଛନ୍ତି ।

## ବୌଦ୍ଧ ପୁସ୍ତକମେଳା ପ୍ରସ୍ତୁତି

ବୌଦ୍ଧ,୩୧।୧୦(ସ୍ୱ.ପ୍ର)

ବୌଦ୍ଧ ଜିଲା ଜର୍ଣ୍ଣାଲିଷ୍ଟ ଫୋରମ୍‌ର ବାର୍ଷିକ ସାଧାରଣ ବୈଠକ ବୁଧବାର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଫୋରମ୍‌ର ସଭାପତି ଦିବ୍ୟଶଙ୍କର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିବରଣୀ ଉପସ୍ଥାପନ କରିଥିଲେ । ଗତବର୍ଷର ଆୟବ୍ୟୟ ଓ ଆଗାମୀବର୍ଷର ବଜେଟ ବୈଠକରେ ଗୃହୀତ ହୋଇଥିଲା । ଏଥିସହିତ ପଞ୍ଚଦଶ ବୌଦ୍ଧ ପୁସ୍ତକମେଳା-୨୦୧୯ ପାଇଁ ବିଭିନ୍ନ ନିଷ୍ପତ୍ତିସବୁ ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ଏହି ମେଳାରେ ସାମ୍ବାଦିକତା, ସାହିତ୍ୟ, କଳା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁସ୍ତକମେଳା ସମ୍ମାନ ଓ ରାଜ୍ୟସ୍ତରୀୟ ସାମ୍ବାଦିକତା ପାଇଁ ବାର୍ତ୍ତାବହ ସମ୍ମାନ ପ୍ରଦାନ କରାଯିବ । ଏହି ସାଧାରଣ ବାର୍ଷିକ ବୈଠକରେ ଜିଲା ଜର୍ଣ୍ଣାଲିଷ୍ଟ ଫୋରମର ନୂତନ କର୍ମକର୍ତ୍ତା ମନୋନୀତ ହୋଇଥିଲେ। ଦିବ୍ୟଶଙ୍କର ରାଉତ ସଭାପତି, ସତ୍ୟନାରାୟଣ ପାଣି ଉପସଭାପତି, ଯୁଗଳ କିଶୋର ସାମଲ ସାଧାରଣ ସମ୍ପାଦକ, ସୁଧାଂଶୁ ଶେଖର ମିଶ୍ର ଯୁଗ୍ମ ସମ୍ପାଦକ, ଦେବାନନ୍ଦ ସାହୁ କୋଷାଧ୍ୟକ୍ଷ ମନୋନିତ ହୋଇଥିଲେ। ଚିତ୍ତ ରଞ୍ଜନ ସିଂ, ପ୍ରୀତିରଞ୍ଜନ ଦାସ, ବାସୁଦେବ ସାହୁ, ସତ୍ୟଜିତ କୁମାର ପଣ୍ଡା, ସିବ ମହାକୁଳ କାର୍ଯ୍ୟକାରୀ କମିଟି ସଦସ୍ୟ ଏବଂ ସୁକାନ୍ତ କୁମାର ପଟ୍ଟନାୟକ, ଜନାର୍ଦ୍ଦନ ନେପାକ, ବବଲୁ ପାଢୀ ଉପଦେଷ୍ଟା ମନୋନିତ ହୋଇଥିଲେ। ପଞ୍ଚଦଶ ବୌଦ୍ଧ ପୁସ୍ତକମେଳାର ଆବାହକ ଭାବେ ପ୍ରକାଶ ଚନ୍ଦ୍ର ମେହେର ସର୍ବସମ୍ମତିକ୍ରମେ ମନୋନିତ ହୋଇଥିଲେ ।

## ଜନତା ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ

ମନମୁଣ୍ଡା, ୩୧।୧୦ (ଡି.ଏନ.ଏ)

ବୌଦ୍ଧ ଜିଲା ବିଳାସପୁର ସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ବୌଦ୍ଧ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାପକ ଡ. ଜ୍ୟୋତିରଞ୍ଜନ ବହିଦାର ମୁଖ୍ୟବକ୍ତା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, କନ୍ଧମାଳ ବିଇଓ ଦଶରଥ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଳାସପୁର ଉଚ୍ଚ ବିଦ୍ୟାଳୟ ମୋ ସ୍କୁଲ ଅଭିଯାନର ସଭାପତି ଅବସରପ୍ରାପ୍ତ ସୁବେଦାର ଲଳିତ ସାହୁ ସଭାପତିତ୍ୱ କରିଥିଲେ । ପୁରାତନ ଛାତ୍ର ସଂସଦର ସମ୍ପାଦକ ରାଜୀବ ନାୟକ ସ୍ୱାଗତ ଭାଷଣ ଓ ସଭାପତି ସୁରଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ସ୍କୁଲ ପ୍ରଧାନଶିକ୍ଷକ ସୁକଦେବ ପଣ୍ଡା ମୋ ସ୍କୁଲ ଅଭିଯାନର ରୂପରେଖ ବର୍ଣ୍ଣନା କରିଥିଲେ । ଏଥିରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଶୁଭମ ପ୍ରସାଦ ମିଶ୍ର, ଗଣିତ, ବିଜ୍ଞାନ ଓ ଇଂରାଜୀ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ହିତେନ୍ଦ୍ର ଭୂଷଣ ମେଣ୍ଡିଲି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ପୁରାତନ ଛାତ୍ରୀଛାତ୍ର, ଶିକ୍ଷାପ୍ରେମୀ, ଅଭିଭାବକ ଏବଂ ସ୍କୁଲ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

■ ଜାତୀୟ ରାଜପଥ ଡିଭାଇଡର ଘାସମୟ

# ଗାଡ଼ି ଚାଳକଙ୍କ ପାଇଁ ସାଜିଛି କାଳ

ବୌଦ୍ଧ,୩୧।୧୦(ସ୍ୱ.ପ୍ର)

ସରକାର ଗାଡି ଚଳାଚଳ ଠିକ୍ ଭାବେ କରିପାରିବା ନେଇ ରାସ୍ତା ଗୁଡିକର ପ୍ରଶସ୍ତୀକରଣ ସାଙ୍ଗକୁ ଦୁର୍ଘଟଣା ରୋକିବା ପାଇଁ ରାସ୍ତା ଉପରେ ଡିଭାଇଡର ମାନ ସ୍ଥାପନ କରିଛନ୍ତି । କିନ୍ତୁ କର୍ମଚାରୀଙ୍କ ବେପରୱା ମନବୃତ୍ତି ଯୋଗୁ ଏହି ଡିଭାଇଡର ଗାଡି ଚାଳକଙ୍କ ପାଇଁ କାଳ ସାଜୁଛି । ଏମିତି ଏକ ଅବସ୍ଥା ଦେଖିବାକୁ ମିଳିଛି ବୌଦ୍ଧ ଜାତୀୟ ରାଜପଥ ବିଭାଗର କାର୍ଯ୍ୟାଳୟ ସମ୍ମୁଖରେ। ବୌଦ୍ଧ ସହର ଦେଇ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଯାଇଥିବା ବେଳେ ଏହି ରାସ୍ତାର ରକ୍ଷଣାବେକ୍ଷଣା ପାଇଁ ବୌଦ୍ଧ ବ୍ରିଜ ଛକରେ ଏକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି। ବୌଦ୍ଧ ସହରର ବ୍ରିଜ ଛକ ଏକ ଜନଗହଳି ସ୍ଥାନ । ଏହାସହ ଏହି ଛକ ଦେଇ ଯାତ୍ରୀମାନେ ସମ୍ବଲପୁର, ଅନୁଗୋଳ, ବଲାଙ୍ଗୀର ଓ ଭୁବନେଶ୍ୱର ଆଦି ସ୍ଥାନକୁ ଯିବା ଆସିବା କରିଥାନ୍ତି । ଏହି ବ୍ରିଜ ଛକର ରାସ୍ତା ମଝିରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ସିମେଣ୍ଟ ଡିଭାଇଡର ନିର୍ମାଣ କରାଯାଇଛି । କିନ୍ତୁ ବର୍ତ୍ତମାନ ଏହି ଡିଭାଇଡର ଉପରେ ଘାସ ଓ ବିଭିନ୍ନ ଗଛ ଥିବାରୁ ଡିଭାଇଡର କେତେ ପରିମାଣରେ ଓ କିଭଳି ଅଛି ଗାଡି ଚାଳକ ଜାଣି ପାରୁ ନ ଥିବାରୁ ଦୁର୍ଘଟଣା ଘଟୁଛି। ଏହି ଡିଭାଇଡର ଜାତୀୟ ରାଜପଥ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବେଳେ କିପରି ବିଭାଗର ଦୃଷ୍ଟି ପଡୁନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ତେବେ ଏ ସମ୍ପର୍କରେ ରାଜପଥ ବିଭାଗ ଅଧିକାରୀଙ୍କ ମତାମତ ମିଳିପାରିନାହିଁ ।



ରାଜପଥ ଡିଭାଇଡର ଘାସଲଟାରେ ପୂର୍ଣ୍ଣ ହୋଇ ରହିଛି ।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ମନମୁଣ୍ଡା, ୩୧।୧୦ (ଡି.ଏନ.ଏ)

ବୌଦ୍ଧ ଜିଲା ଶଗଡା ମନମୁଣ୍ଡା ସ୍ଥିତ ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ଏହି ସଭାରେ ରାଜନୀତି ବିଜ୍ଞାନ ଅଧାପକ ସୁଶୀଲ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସ୍କୃତ ଅଧାପକ ବିଭିଷଣ ବହିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ରଚନା, ଚିତ୍ରାଙ୍କନ ଓ ବକ୍ତୃତା ଆଦି ପ୍ରତିଯୋଗତା କରାଯାଇ କୃତୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ରାଷ୍ଟ୍ରର ଏକତାକୁ ବଜାୟ ରଖିବା ନିମନ୍ତେ ସାମୂହିକ ଶପଥ ଗ୍ରହଣ କରାଯାଇଥିଲା। ସେହିପରି ଦମାମୁଣ୍ଡା ଜୟକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି । ସ୍କୁଲ ଅଧକ୍ଷା ପ୍ରିୟମ୍ବଦା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧାପକ, ଛାତ୍ରୀଛାତ୍ରମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ପଟେଲଙ୍କ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ପରେ ଏକତାର ଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା

ମନମୁଣ୍ଡା, ୩୧।୧୦ (ଡି.ଏନ.ଏ)

ମନମୁଣ୍ଡାରେ ଭାଜପା ତରଫରୁ ଗୁରୁବାର ୧୫୦ତମ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଛି । ଏହା ସ୍ଥାନୀୟ ଡାକବଙ୍ଗଳାରୁ ଆରମ୍ଭ ହୋଇ ଦେଉଳି ପର୍ଯ୍ୟନ୍ତ ଯାଇଥିଲା । ଏହି ଯାତ୍ରାରେ ବରିଷ୍ଠ ଭାଜପା ନେତା ଖାରବେଳ ସ୍ୱାଇଁ, କହ୍ନେଇ ଚରଣ ଡାଙ୍ଗ, ବିପ୍ରଚରଣ ମହାନ୍ତି, ଚିତ୍ତ ପାତ୍ର, ସଂଗ୍ରାମ ବେହେରା ପ୍ରମୁଖ ସାମିଲ ହୋଇ ପଥପ୍ରାନ୍ତ ସଭାରେ ଗାନ୍ଧୀ ବିଚାର ଉପରେ ଆଲୋକପାତ କରିଥିଲେ। ପରେ ଦେଉଳି ଠାରୁ ପଦଯାତ୍ରା ଯୋଗୀନ୍ଦ୍ରପୁର, ଗୁଡଭେଲିପଦର ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ଯାଇଥିଲା ।



ଭାଜପା କର୍ମୀ ଓ ନେତାମାନେ ପଦଯାତ୍ରାରେ ବାହାରିଛନ୍ତି ।

# ଅସହାୟ ମହିଳା ଉଦ୍ଧାର

ଭେଡ଼େନ,୩୧।୧୦(ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ପପଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡ଼ପିପିଲିପାଲି ଗ୍ରାମରେ ଗୁରୁବାର ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରାଯାଇଛି । ସେହି ମହିଳା ଜଣକ ମାନସିକ ଭିନ୍ନକ୍ଷମ ଥିବା ସନ୍ଦେହ କରାଯାଉଛି । ସେ ନିଜକୁ ଆସାମ ରାଜ୍ୟ ମରିଗାଓ ଜିଲାର ନୀଳିମା ବିଶ୍ୱାସ ବୋଲି ପରିଚୟ ଦେଉଛନ୍ତି। ତାଙ୍କୁ ପପଙ୍ଗା ସରପଞ୍ଚ ପୁରୁଷୋତ୍ତମ ସାହୁ ଭେଡ଼େନ ପୋଲିସ ସହାୟତାରେ ଉଦ୍ଧାର କରି ବ୍ଲକ ଅଫିସକୁ ଆଣିଥିଲେ। ସେଠାରେ ବିଡ଼ିଓ ମୁରଲୀଧର ନାୟକ, ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତିଙ୍କ ସହ ଆଲୋଚନା କରିବା ପରେ ସିଡ଼ିପିଓ ଝୁନୁ କୁମାରୀ ପାତ୍ରଙ୍କ ସହିତ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କ ଜିମା ଦେଇଥିଲେ । ସେହି ମହିଳାଙ୍କ ପ୍ରକୃତ ପରିଚୟ ଜାଣିବା ପାଇଁ ଉଦ୍ୟମ କରାଯାଇ ତାଙ୍କ ନିଜ ରାଜ୍ୟକୁ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।



ଭେଡ଼େନ ବ୍ଲକ ଅଫିସରେ ଉଦ୍ଧାର ଅସହାୟ ମହିଳା ।

■ ମଉଳିକ୍ ସୁବିଧାରୁ ବଁଚିତ୍ ୨୨ ଆଦିବାସୀ ପରିବାର

# ଜିଲାପାଳଙ୍କୁ ଫେରାଦ ହେଲେ ଗାଁବାସୀ

ତଲଗାଁ, ୩୧।୧୦(ଡି.ଏନ୍.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡ଼େଣୀଗଡ଼ ପଁଚେତ୍ ଗୋଛାବାରି ନୂଆଁଗାଁରେ ୨୨ ଆଦିବାସୀ ମଲ୍ଲାର କୋହ୍ଲ ପରିବାର ବାସ କରୁଛନ୍। ହେଲେ ଇ ପରିବାରମାନେ ମଉଳିକ ସୁବିଧା ସୁଯୋଗରୁ ବଁଚିତ୍ ଥିବାର ୨୮ ତାରିଖ୍ ହରଭଙ୍ଗା ବ୍ଲରେ ଅନୁଷ୍ଠିତ ଜନଶୁନାନି ଶିବିରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ।

ସୂଚନା ଅନ୍‌ସାରେ ଆଏଜ୍‌କେ ୧୨ ବଛର ହେଲା ଗୋଛାବାରି ନୂଆଁଗାଁରେ ୨୨ ଆଦିବାସୀ ପରିବାର ବାସ୍ କରୁଛନ୍। ଇ ପରିବାରମାନେ ଜଂଗଲଜାତ୍ ଦରବ୍ ଠୁଲେଇ ବିକାଭଂଗା କରି କୁଟୁମ୍ ପୁଷୁଛନ୍। ଜଂଗଲଟା ଇ ୨୨ ଆଦିବାସୀ ପରିବାରର ପେଟ୍ ପୁଷ୍‌ବାର ଜରିଆ ପାଲଟିଛେ। ହେଲେ ଦୁଖର କଥା ଇ ନିରିହ ଆଦିବାସୀ ପରିବାରମାନେ ସରକାରକଁର ସବୁ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଆଏଜ୍‌ବି ଇ ଗାଁରେ ଅନେକ୍ ବୁଢ଼ାବୁଢ଼ି ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ଗାଁରେ କେହେନ୍‌ସି ପରିବାରକେ ବିଜୁ ପକାଘର କି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ନାଇଁ କରାଯାଇ। ଜନନୀ ସୁରକ୍ଷା, ଶିକ୍ଷା, ସୁଆସ୍‌ତିଅ ଲେଖେଁ ସେବା ଆଏଜ୍‌ବି ଇମାନକର ଲାଗି ସାତ୍‌ସପନ ହେଇ ରହିଛେ। ଇଆଡ଼େ ସରକାର ରାଏଜେ କେହେନ୍‌ସି ଗରିବ୍ ହିତାଧିକାରୀ ଖାଏଦ୍ ସୁରକ୍ଷା ଯୋଜନାରୁ ବାଦ୍ ନାଇଁପଡ଼ନ ବଲି ଡିଂଗ୍‌ରା ପିଟୁଛନ୍। ଏନ୍‌ତାଥି ଇ ପରିବାରମାନେ ପୂରବର ବୌଦ୍ଧ ଜିଲାପାଳଙ୍କୁ ଭେଟି ନିଜର ଦୁଖ୍ ବଖାନିବାର ସଂଗେ ପରିଚଏ ପତର ଯୁଗେଇ ଦେବାକେ ଅନୁରୋଧ କରିଥିଲେ। ଇତାକେ ଆଧାର କରି ଗଲା ଫେବୃୟାରୀ ମାସୁ ଖାଏଦ୍ ସୁରକ୍ଷା ଆଇନ୍ ଜରିଆରେ ୩ ମାସ୍ ତକ୍ ଇ ପାରିବାରମାନ୍‌କୁ ଚାଉଲ ଯୁଗେଇ ଦିଆଯାଇଥିଲା। ହେଲେ ୩ ମାସ୍ ଉତାରୁ ଚାଉଲ ଦେବାର ବଁଦ୍ କରି ଦିଆଯାଇଛେ। ଯେନ୍‌ଥିରଲାଗି ଇ ଗରିବ୍ ଆଦିବାସୀ ପରିବାରମାନେ ୨୮ ତାରିଖ ହରଭଙ୍ଗା ବ୍ଲକରେ ହେଇଥିବାର ଜିଲାପାଳକଁର ଜନଶୁନାନୀ ଶିବିରରେ ମଉଳିକ୍ ସୁବିଧା ସୁଯୋଗ ଯୁଗେଇ ଦେବାକେ ଦାବି କରିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର ଇ ପରିବାରମାନଙ୍କୁ ୩ ମାସ ଉତାରୁ ଚାଉଲ ଦିଆଯିବା ବଲି କଥା ଦେଲାରୁ ଆଦିବାସୀମାନେ ବ୍ଲକ ଅଫିସରୁ ଫିରିଥିଲେ।



ଜିଲାପାଳଙ୍କୁ ଅଭିଯୋଗ କରବାରକେ ଆସିଥିବାର ଆଦିବାସୀମାନେ ହରଭଙ୍ଗା ବ୍ଲକ ପରିସରରେ ଠୋଲ୍ ହେଇଛନ୍।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।
- ରବର୍ଟ ୱାଲ୍‌ପୋଲ୍



## ସଂକ୍ଷେପରେ

### କିକ୍ ବକ୍ସିଂ, ପ୍ରତିଯୋଗୀଙ୍କ ସିଲିଗୁଡି ଯାତ୍ରା

**ରାଉରକେଲା ଅଫିସ,୩୧।୧୦**-କଳିଙ୍ଗ ୱରିୟର୍ସ ପକ୍ଷରୁ ୧୦ ଜଣିଆ ଦଳ ଗୁରୁବାର କିକ୍ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବାକୁ ସିଲିଗୁଡି ଅଭିମୁଖେ ଯାତ୍ରା କରିଛନ୍ତି। ଆସନ୍ତା ୧ ତାରିଖରୁ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ୧୨ଜଣିଆ ଓଡିଶା ଦଳ ଏଥିରେ ଭାଗ ନେବ। ସହରର ପରିଚିତ ସଙ୍ଗଠନ କଳିଙ୍ଗ ଓରିୟର୍ସ ଏହାର ନେତୃତ୍ୱ ନେଉଛି।

### କଂଗ୍ରେସରେ ଯୋଗଦେଲେ ରିଜୱାନ ରାହି

**ରାଉରକେଲା ଅଫିସ, ୩୧।୧୦**
କଂଗ୍ରେସ ପର୍ଯ୍ୟବେକ୍ଷକ ଯଜ୍ଞେଶ୍ୱର ବାବୁଙ୍କ ସୁନ୍ଦରଗଡ଼ ଜିଲା ଗସ୍ତ ଅବସରରେ ରାଜୱାନ ରାହି କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣୀତ ହୋଇ ବିଧିବଦ୍ଧ ଭାବେ ସେ ଯୋଗଦେଇଥିବା କହିଛନ୍ତି। ତାଙ୍କର ଯୋଗଦାନକୁ କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯିବା ସହ ଆଗାମୀ ଦିନରେ ଦଳକୁ ମଜବୁତ କରିବ ବୋଲି ନେତୃବୃନ୍ଦ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ରାଉରକେଲାରେ ପହଞ୍ଚିଲେ ସତ୍ୟବ୍ରତ

**ରାଉରକେଲା ଅଫିସ,୩୧। ୧୦**

ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ, ପୋଲାଭରମ୍ ଯୋଜନା ବାତିଲ ଓ ମହାନଦୀ ଜଳ ସମସ୍ୟା ସମାଧାନ ଦାବି ନେଇ ଜଗତ୍‌ସିଂହପୁରର ଯୁବକ ସତ୍ୟବ୍ରତ ଦାସ(୨୮) ପଦଯାତ୍ରାରେ ବାହାରିଥିଲେ। ଗୁରୁବାର ସେ ରାଉରକେଲାରେ ପହଞ୍ଚିଛନ୍ତି। ସେ ଗତ ଜୁଲାଇ ୧୦ରୁ ପଦଯାତ୍ରାରେ ଯାଜପୁର ଜିଲା ଅନ୍ତର୍ଗତ ବଡଚଣା ବ୍ଲକରୁ ବାହାରି ଥିଲେ। ସେ ତାଙ୍କ ଗସ୍ତ କାଳରେ ୩୧୪ ବ୍ଲକ ପରିକ୍ରମା କରିବେ। ଇତି ମଧ୍ୟରେ ସେ ୧୧୪ଦିନ ମଧ୍ୟରେ ୮୨ ବ୍ଲକ ଅତିକ୍ରମ କରି ପାରିଛନ୍ତି। ଏହି ଅବସରରେ ସେ ନିଜ ଦାବି ପୂରଣ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସମ୍ପୃକ୍ତ ବିଡିଓଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଶୁକ୍ରବାର ସତ୍ୟବ୍ରତ ବିଶ୍ରା ବ୍ଲକ ଗସ୍ତରେ ଯିବେ ବୋଲି କହିଛନ୍ତି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବା ସତ୍ୟବ୍ରତ ଧରିତ୍ରୀକୁ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ମାର୍ଗ ଅନୁସରଣ କରି ମୁଁ ଏହି ପଦଯାତ୍ରାରେ ବାହାରିଛି। ରାସ୍ତାରେ ଲୋକଙ୍କ ସମର୍ଥନ ମିଳୁଛି। ଯାତ୍ରା କାଳରେ ଅନେକଙ୍କ ପ୍ରଶ୍ନର ଉତ୍ତର



ବିଭିନ୍ନ ଦାବିନେଇ ଯାଜପୁର ଜିଲ୍ଲା ବଡ଼ଚଣାରୁ ବାହାରିଥିବା ଯୁବ ସାମାଜିକକର୍ମୀ ସତ୍ୟବ୍ରତ।

ଦେଇଛି। ଲୋକେ ମୋ ମୁହଁରୁ ରାଜ୍ୟର ବାସ୍ତବ ସ୍ଥିତି ଶୁଣିବା ପରେ ସହଯୋଗ ଓ ସମର୍ଥନ କରୁଛନ୍ତି। ଏହା ହିଁ ମୋ ପାଇଁ ବଡ ପ୍ରେରଣା ବୋଲି ସେ କହିଛନ୍ତି। ରାଉରକେଲାରେ ପହଞ୍ଚି ସାମାଜିକ କର୍ମୀ ମୁକ୍ତିକାନ୍ତଙ୍କୁ ଭେଟିଛନ୍ତି ସତ୍ୟବ୍ରତ।

### ରାଜ୍ୟର ସ୍ୱାର୍ଥ ପାଇଁ କରୁଛନ୍ତି ପଦଯାତ୍ରା

ତାଙ୍କ ଭଳି ଜଣେ ଯୁବ ସାମାଜିକ କର୍ମୀଙ୍କୁ ଭେଟି ଖୁସି ଲାଗିଲା ବୋଲି ସତ୍ୟବ୍ରତ ପ୍ରକାଶ କରିଛନ୍ତି। ୫୦୦ ଦିନରେ ସମଗ୍ର ରାଜ୍ୟର ବ୍ଲକ ପରିକ୍ରମା କରି ସାଧାରଣ ଲୋକଙ୍କୁ ଭେଟିବାକୁ ଲକ୍ଷ୍ୟ ରଖିଛନ୍ତି ସତ୍ୟବ୍ରତ। ରାଜ୍ୟର ସ୍ୱାର୍ଥ ବଡ କଥା। ଏଣୁ ସଚେତନତା ସୃଷ୍ଟି ବଳରେ ଏହାକୁ ହାସଲ କରାଯାଇ ପାରିବ ବୋଲି ତାଙ୍କ ମତ। ପାଖାପାଖି ଦେଢବର୍ଷ ପରେ ନିଜ ଜିଲା ବାଲିକୁଦା ବ୍ଲକ ଫେରିବାକୁ ଲକ୍ଷ୍ୟ ରଖିଥିବା ସତ୍ୟବ୍ରତ ଏହି ଯାତ୍ରା କାଳରେ କୌଣସି ଦଳ ରାଜନେତାଙ୍କ ଅନୁଗ୍ରହ ଆଶା କରିବେନି ବୋଲି ପ୍ରକାଶ କରିଛନ୍ତି। ରାଜ୍ୟର ସାଧାରଣ ଲୋକଙ୍କ ସମର୍ଥନ ଯେତେବେଳେ ମିଳୁଛି ସେତେବେଳେ ରାଜନେତାଙ୍କ ସହଯୋଗ କି ଆବଶ୍ୟକ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ଏହି ଦୀର୍ଘ ଯାତ୍ରାରେ ତାଙ୍କୁ ଅକୁଣ୍ଠ ସାହାଯ୍ୟ ସହଯୋଗ କରୁଥିବା ଲୋକଙ୍କ ପ୍ରତି ସତ୍ୟବ୍ରତ କୃତଜ୍ଞତା ଜ୍ଞାପନ କରିଛନ୍ତି।



ଶପଥ ଗ୍ରହଣ ଉତ୍ସବରେ ଆର୍‌ଏସ୍‌ପି ସିଇଓଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ବୃନ୍ଦ

## ଆର୍‌ଏସ୍‌ପିରେ ରାଷ୍ଟ୍ରୀୟ ଏକତା ପାଇଁ ଶପଥ ଗ୍ରହଣ

**ରାଉରକେଲା ଅଫିସ, ୩୧।୧୦**

ଅକ୍ଟୋବର ୩୧ ତାରିଖ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସକୁ ଦେଶବ୍ୟାପୀ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ ଆର୍‌ଏସ୍‌ପି ସମ୍ମିଳନୀ କକ୍ଷରେ ଆୟୋଜିତ ଶପଥପାଠ ଗ୍ରହଣ ଉତ୍ସବରେ ସିଇଓ ଦୀପକ ଚଟ୍ଟରାଜ ଅଧିକାରୀ ଓ କର୍ମଚାରୀଙ୍କୁ ଓଡିଆ, ଇଂଲିଶ ଓ ହିନ୍ଦୀ ଭାଷାରେ ଶପଥ ଗ୍ରହଣ କରାଇଥିଲେ। ସେହିପରି କାର୍ମିକ ବିଭାଗ, କାର୍ଯ୍ୟ ବିଭାଗ, ସାମଗ୍ରୀ ପ୍ରବନ୍ଧନ ବିଭାଗ, ପ୍ରକଳ୍ପ ବିଭାଗରେ ଅଧିକାରୀ ଓ କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ। ଏହାସହ କାରଖାନାର ଅନ୍ୟାନ୍ୟ ବିଭାଗ ଗୁଡ଼ିକରେ ମଧ୍ୟ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କର୍ମଚାରୀମାନେ ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜକୁ ସମର୍ପିତ କରିବା ଏବଂ ଦେଶବାସୀଙ୍କ ମଧ୍ୟରେ ଏହି ବାର୍ତ୍ତାକୁ ପ୍ରସାର କରିବା ପାଇଁ ଯଥାସମ୍ଭବ ପ୍ରୟାସ କରିବା ନେଇ ଶପଥ ନେଇଥିଲେ। ଏହାସହ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ନିଜର ଯୋଗଦାନ ଦେବା ପାଇଁ ସଂକଳ୍ପ କରିଥିଲେ।

# ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଅବସରରେ ଗଣଦୌଡ଼

**ରାଉରକେଲା ଅଫିସ,୩୧।୧୦**

ରାଷ୍ଟ୍ରନାୟକ, ଲୌହପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜୟନ୍ତୀ ଦେଶ ତମାମ ପାଳନ କରାଯାଉଛି। ଏହାକୁ ଭାଜପା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ରନ୍ ଫର ୟୁନିଟ ଗଣ ଦୌଡକୁ ଇସ୍ପାତ୍ ଷ୍ଟାଡିୟମ ଠାରେ ଏମ୍‌ପି ଜୁଏଲ ଓରାମ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଆରଏସ୍‌ପି ସିଇଓ ଦୀପକ ଚଟ୍ଟରାଜଙ୍କ ସମେତ ବରିଷ୍ଠ ଅଧିକାରୀ, କର୍ମଚାରୀ, ଛାତ୍ରୀଛାତ୍ର, ଶିକ୍ଷକ, ବୁଦ୍ଧିଜୀବୀ ଯୋଗଦେଇ ଥିଲେ। ଭାରତ ଏକ ଶକ୍ତିଶାଳୀ ଗଣତନ୍ତ୍ର ରାଷ୍ଟ୍ର ଭାବେ ବିଶ୍ୱରେ ଉଭା ହୋଇଛି। ଏହାର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା କରିବା



ଭାଜପା ପକ୍ଷରୁ ଆୟୋଜିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିମାନେ।

ପ୍ରତ୍ୟେକ ଦେଶବାସୀଙ୍କ କର୍ତ୍ତବ୍ୟ। ଏହି ଅବସରରେ ଉପସ୍ଥିତ ନେତୃମଣ୍ଡଳୀ କହିଥିଲେ, ସର୍ଦ୍ଦାର ପଟେଲ ଭାରତକୁ ଏକ ସମୃଦ୍ଧ ଓ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଗଢି ତୋଳିବାକୁ ସ୍ୱପ୍ନ ଦେଖିଥିଲେ। ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ପଟେଲଙ୍କ ଚିନ୍ତା ସର୍ବଦା ଦେଶବାସୀଙ୍କ ଉଦ୍‌ବୁଦ୍ଧ କରିଥିଲା। ଦେଶର ଖଣ୍ଡବିଖଣ୍ଡିତ ଦେଶୀୟ ରାଜ୍ୟକୁ ମିଶ୍ରଣ କରି ଏକ ସମୃଦ୍ଧ ଭାରତ ବର୍ଷ ଗଠନରେ ସର୍ଦ୍ଦାରଙ୍କ ଭୂମିକା ଅଗ୍ରଗଣ୍ୟ ଥିଲା ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ତାଙ୍କ ସ୍ୱପ୍ନକୁ ସାକାର କରିବାରେ ମୋଦି ସରକାର ଆଜି ପ୍ରମୁଖ ଭୂମିକା ଗ୍ରହଣ କରିଛି। ୩୭୦ ଧାରା ଉଚ୍ଛେଦ କରି ଜମ୍ମୁ କାଶ୍ମୀରବାସୀଙ୍କୁ ତାଙ୍କ ଅଧିକାର ଦେବାରେ କେନ୍ଦ୍ର ସରକାର ପ୍ରମୁଖ ଗୁରୁ ଦାୟିତ୍ୱ ନିର୍ବାହ କରିଛନ୍ତି ବୋଲି ଜୁଏଲ ଓରାମ ପ୍ରକାଶ କରିଥିଲେ। ଏହି ଗଣଦୌଡର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ଜିଲା ସଭାପତି ଜଗବନ୍ଧୁ ବେହେରା, ନୀହାର ରାୟ, ରଘୁ ବଳ, ତପନ ସ୍ୱାଇଁ, ନାରାୟଣ ମହାନ୍ତି, ସୁବ୍ରତ ପଟ୍ଟନାୟକ, ରାଇସନ ତିର୍କୀ, ସରୋଜ ଦାସ, ଲତିକା ପଟ୍ଟନାୟକ, ବସନ୍ତ ସାମଲ, ବିନ୍ଦର ସିଂ, ଭ୍ରମରବର ଦାସ, ରମାକାନ୍ତ ଜେନା, ସରୋଜ ଦାସ ଓ ମଳୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



ରାଉରକେଲା ସହରରେ ଥିବା ଏକ ପେଟ୍ରୋଲ ପମ୍ପ ଠାରେ ବିନା ହେଲମେଟରେ ପେଟ୍ରୋଲ ଦିଆଯାଉଛି।

# ଗାନ୍ଧୀ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ରାଉରକେଲା ଅଫିସ,୩୧।୧୦**

ଦେଓଗାଁ ଠାରେ ଥିବା ଗାନ୍ଧୀ ମହାବିଦ୍ୟାଳୟ ପରିସରରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଅଧକ୍ଷା ସନ୍ଧ୍ୟାରାଣୀ ବରାଳ ଅଧକ୍ଷତା କରିଥିଲେ। ସେ ବକ୍ତବ୍ୟରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ସମ୍ପର୍କରେ ପଟେଲଙ୍କ ଲକ୍ଷ୍ୟ ଓ ଆଦର୍ଶ କିପରି ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିଥିଲା ସେନେଇ ବରାଳ ଦୃଷ୍ଟିପାତ କରିଥିଲେ। ବରିଷ୍ଠ ଅଧାପକ ନୃପେନ୍ଦ୍ର ମହାନ୍ତ ବକ୍ତବ୍ୟରେ ସର୍ଦ୍ଦାର ପଟେଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସେ ଦେଶର ସ୍ୱାଧୀନତା ଓ ଅଖଣ୍ଡତା ନେଇ ସବିଶେଷ ଆଲୋଚନା କରିଥିଲେ। ଏଥିରେ ଉପସ୍ଥିତ ଛାତ୍ରୀଛାତ୍ର, ଅଧାପିକା ଅଧାପକ ଅଖଣ୍ଡତାର ଶପଥ ପାଠ କରିଥିଲେ। ପରେ ଆୟୋଜିତ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ଲଳିତମୋହନ ଷଡଙ୍ଗୀ, ଚନ୍ଦ୍ରିକା ପଟ୍ଟନାୟକ, ଯାଜ୍ଞସେନୀ ଛତ୍ରିଆ, ପ୍ରତିଭା କୁଜୁର, ଅର୍ପିତା ମହାପାତ୍ର, ନୀହାରିକା ଦାସ, ସତ୍ୟଜିତ କୁମୁରା, ଶତ୍ରୁଘନ କିଶାନ, ଅମିତ ଖାଖା, ସୁରେନ୍ଦ୍ର ବେହେରା, ଅଶୋକ ନେହେରା ଓ ଗଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ଦେଓଗାଁ ଗାନ୍ଧୀ ମହାବିଦ୍ୟାଳୟ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସରେ ଛାତ୍ରୀଛାତ୍ରମାନେ ଶପଥ ପାଠ କରୁଛନ୍ତି।

# ଆର୍‌ଏସ୍‌ପି କର୍ମଚାରୀଙ୍କ ପାଇଁ ଲାଗୁ ହେଲା ହାଫ୍ ସିଏଲ୍ ଛୁଟି ବ୍ୟବସ୍ଥା

**ରାଉରକେଲା ଅଫିସ, ୩୧।୧୦:** ଗୁରୁବାର ଆର୍‌ଏସ୍‌ପିର ଇଣ୍ଡଷ୍ଟ୍ରିଆଲ ରିଲେଶନ ଓ ରୁଲସ ବିଭାଗ ତରଫରୁ ହାଫ୍ ସିଏଲ୍ ଛୁଟି ବ୍ୟବସ୍ଥା ନେଇ ଏକ ସର୍କୁଲାର ଜାରି କରାଯାଇଛି। ପୂର୍ବରୁ କର୍ମଚାରୀଙ୍କ କୌଣସି କାର୍ଯ୍ୟରେ ଯିବାକୁ ହେଲେ ଦିନସାରା ଛୁଟି ନେବାକୁ ପଡୁଥିଲା। କିନ୍ତୁ ଏହି ସର୍କୁଲାର ଫଳରେ କର୍ମଚାରୀମାନେ ଅଳ୍ପ ସମୟ ପାଇଁ କୌଣସି କାର୍ଯ୍ୟରେ ଯିବାକୁ ଚାହିଁଲେ ଅଧା ଛୁଟି ନେଇ ପାରିବେ। ରାଉରାକେଲା ଇସ୍ପାତ୍ କାରଖାନା କର୍ମଚାରୀ ସଂଘ ଦ୍ୱାରା ଉକ୍ତ ଦାବି ସମ୍ବନ୍ଧରେ ଏକ ପତ୍ର ୧୦-୦୮-୨୦୧୯ରେ ପତ୍ର ସଂଖ୍ୟା ୩୮/୨୦୧୯ ଦ୍ୱାରା ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ନୂତନ ନିୟମ ଅନୁଯାୟୀ ଏ,ବି କିମ୍ବା ଜେନେରାଲ ସିଫ୍ଟରେ କାର୍ଯ୍ୟରତ କର୍ମଚାରୀ ଯେକୌଣସି ସମୟରେ ନିଜର ଦରକାର ଅନୁଯାୟୀ ପ୍ରଥମ ଅଧା କିମ୍ବା ଦ୍ୱିତୀୟ ଅଧା ଛୁଟି ନେଇପାରିବ। ଶନିବାର ଦିନ ମିନିଷ୍ଟ୍ରିଆଲ ଷ୍ଟାଫ୍ ଏବଂ ସି ସିଫ୍ଟ କର୍ମଚାରୀଙ୍କ ପାଇଁ ଏହି ନୂତନ ବ୍ୟବସ୍ଥା ଲାଗୁ ହେବନାହିଁ। ଏହି ନୂତନ ବ୍ୟବସ୍ଥା ନଭେମ୍ବର ୧ ତାରିଖ ଶୁକ୍ରବାରରୁ ଲାଗୁ ହେବ। ଶ୍ରମିକମାନଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ୟୁନିୟନର ସାଧାରଣ ସମ୍ପାଦକ ହିମାଂଶୁ ବଳ ସିଇଓ ଦୀପକ ଚଟ୍ଟରାଜ ଏବଂ ଇଡି ରାଜବୀର ସିଂଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଦେଶ ପ୍ରତି ଇନ୍ଦିରାଙ୍କ ଅବଦାନ ଅତୁଳନୀୟ

**ରାଉରକେଲା ଅଫିସ, ୩୧।୧୦**

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦେଶ ପ୍ରତି ଅବଦାନ ଅତୁଳନୀୟ। ଦେଶର ମାନଚିତ୍ରରେ ପରବର୍ତ୍ତନ ଆଣିବା ସହିତ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସେ ପ୍ରାଣବଳି ଦେଇଛନ୍ତି ବୋଲି ପୂର୍ବତନ ବିଧାୟକ ଜର୍ଜ ତିର୍କୀ ମତବ୍ୟକ୍ତ କରିଛନ୍ତି। ଅକ୍ଟୋବର ୩୧ ତାରିଖ ଇନ୍ଦିରାଜୀଙ୍କ ୩୫ତମ ଶହୀଦ ଦିବସ ଅବସରରେ ସେକ୍ଟର-୮ ଠାରେ ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂକଳ୍ପ ସଭାରେ ବରିଷ୍ଠ ନେତା ବୀରେନ ସେନାପତି, ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା ପ୍ରମୁଖ ଇନ୍ଦିରାଜୀଙ୍କ ବ୍ୟକ୍ତିତ୍ୱ, କାର୍ଯ୍ୟଦକ୍ଷତା ଓ ଦୃଢ଼ ନିଷ୍ପତ୍ତି ଉପରେ ଆଲୋକପାତ କରିଥିଲେ। ସେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଜଣେ ପ୍ରଧାନମନ୍ତ୍ରୀ ଭାବେ ସମସ୍ତଙ୍କ ଆପଣାର ହୋଇପାରିଥିଲେ। କଂଗ୍ରେସ କର୍ମୀମାନେ ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣୀତ



ଶହୀଦ ଦିବସ ଅବସରରେ ଉପସ୍ଥିତ ଅତିଥିଗଣ ଓ କଂଗ୍ରେସ କର୍ମକର୍ତ୍ତା।

ହୋଇ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କଲେ କଂଗ୍ରେସ ପୁନଶ୍ଚ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଫେରି ପାଇବ ବୋଲି ବକ୍ତାମାନେ ମତ ରଖିଥିଲେ। ସଭା ପ୍ରାରମ୍ଭରେ ଉପସ୍ଥିତ ବରିଷ୍ଠ ନେତୃବୃନ୍ଦ ତଥା କଂଗ୍ରେସ କର୍ମକର୍ତ୍ତାମାନେ ଇନ୍ଦିରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଯୁବନେତା ରୋହିତ ଯୋଶେଫ ତିର୍କୀ ଧନ୍ୟବାଦ ଦେଇଥିବା ବେଳେ ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ ରାଷ୍ଟ୍ରୀୟ ସଙ୍ଗୀତଗାନ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିସିସି ସଭ୍ୟ ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, ଉମେଶ ଶରଣ, ରିଜୱାନ ରାହି, କୈଳାସ ସାହୁ, ପ୍ରଫୁଲ୍ଲ ପ୍ରଧାନ, ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ବାରିକ, ବିନୋଦ ତନ୍ତୀ, ଜ୍ଞାନେନ୍ଦ୍ର ଦାସ, ବିଜୟ ଆପଟ୍ଟ, ରାଜେଶ ଟପ୍ପୋ, ବସନ୍ତ ପାତ୍ର, ବିମଳ ମହାପାତ୍ର, ଦେବେନ୍ଦ୍ର ଥାଟୋଇ, ଅନସାଦ ହୁସେନ, ଶରତ ପାଢ଼ୀ, ବିକି ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

■ ଯୁବ ସଂଘ ସହର କମିଟି ପକ୍ଷରୁ ସମ୍ମିଳନୀ

# ବନ୍ଦ ପଡ଼ିଥିବା କଳ କାରଖାନାର ପୁନରୁଦ୍ଧାର ହେଉ

**ରାଉରକେଲା ଅଫିସ,୩୧। ୧୦**

ସୁନ୍ଦରଗଡ଼ ଜିଲାରେ ବନ୍ଦ ପଡିଥିବା କଳ କାରଖାନାର ପୁନରୁଦ୍ଧାର ନେଇ ରାଉରକେଲା ଯୁବ ସଂଘ ସହର ଶାଖା ପକ୍ଷରୁ ଦାବି କରାଯାଇଛି। ଜିଲାର ବିଭିନ୍ନ ସରକାରୀ ଦପ୍ତରେ ଖାଲି ପଡିଥିବା ପଦ ପୂରଣ ନେଇ ଗୁରୁତ୍ୱାରୋପ କରାଯାଇଛି। ଏଥିରେ ରାଉରକେଲା ଇସ୍ପାତ୍ କାରଖାନାରେ ୩୦ ହଜାର ଖାଲି ପଦ ପୂରଣ ନେଇ ଯୁବ ସଂଘ ଦାବି କରିଛି। ଦ୍ୱିତୀୟ ବ୍ରାହ୍ମଣୀ ସେତୁ ତୁରନ୍ତ ନିର୍ମାଣ ନେଇ ପଦକ୍ଷେପ ନିଆଯିବା ଉପରେ ସଙ୍ଗଠନ ନେତୃମଣ୍ଡଳୀ ଗୁରୁତ୍ୱାରୋପ କରିଛନ୍ତି। ବ୍ରାହ୍ମଣୀ ନଦୀ ପ୍ରଦୂଷଣମୁକ୍ତ କରିବା ଦିଗରେ ପ୍ରଶାସନ କି ପଦକ୍ଷେପ ନେଇଛି ସେନେଇ ଏହି ସମ୍ମିଳନୀରେ ପ୍ରଶ୍ନ କରାଯାଇଥିଲା। ବିଭିନ୍ନ ସରକାରୀ ସଂସ୍ଥାରେ ଠିକା ନିଯୁକ୍ତି ପ୍ରଥା ବନ୍ଦ କରିବା, ଆବଶ୍ୟକ ସ୍ଥଳେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ନିର୍ବାଚନ ସଂସ୍କାର ପାଇଁ ଆଇନ ପ୍ରଣୟନ କରିବା ଆଦି ଦାବି ନେଇ ଯୁବ ସଂଘ ସହର ଶାଖା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ସଂଘ ରାଜ୍ୟ ସଭାପତି ଆଇନଜୀବୀ ସଦାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। କର୍ମଚାରୀ ନେତା





ଅଖିଳ ଭାରତୀୟ ଯୁବ ସଂଘ ପକ୍ଷରୁ ଜିଲାସ୍ତରୀୟ ସମ୍ମିଳନୀରେ ଉପସ୍ଥିତ କର୍ମୀମାନେ।

ଅରୁଣ ଦାସ ଯୋଗ ଦେଇ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ନେଇ ଆଲୋକପାତ କରିଥିଲେ। ଏଥିରେ ଯୁବ ସଂଘର ଅବଦାନ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ସଂଘ ସଙ୍ଗଠନ ପକ୍ଷରୁ ୨୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ୧୧ଜଣିଆ କାର୍ଯ୍ୟକାରୀ କମିଟି ସହ ଅରୁଣ ଭୋଇ ସଭାପତି, ମହେଶ୍ୱର ଦୀପ ସମ୍ପାଦକ, ଜେ.ପି ମୁଣ୍ଡୁ ଉପସଭାପତି, ଅପର୍ଣ୍ଣା ରାଉତରାୟ ଓ ନିକୋ ଶାନଙ୍କୁ କୋଷାଧକ୍ଷ ଭାବେ ନିର୍ବାଚିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଗ୍ୟଧର ରାଉତ, ପଞ୍ଚାନନ ସୁନା, ବାହାଲିନ ଟପ୍ପୋ, ଶଙ୍କର ସିଂ ଓ ଦୁର୍ଗା ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୭ ତାରିଖରେ ସୁନ୍ଦରଗଡ଼ରେ ୬ଷ୍ଠ ଜିଲା ସମ୍ମିଳନୀକୁ ୧୨ ଜଣ ପ୍ରତିନିଧି ନିର୍ବାଚିତ ହୋଇଥିବା ସୂଚନା ଦିଆଯାଇଛି। ଆଗାମୀ ଦିନରେ ଜିଲା ତଥା ରାଜ୍ୟର ଯୁବ ସମସ୍ୟାକୁ ନେଇ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଯୁବ ସଂଘ ସଭାପତି ସାହୁ ସୂଚନା ପ୍ରଦାନ କରିଛନ୍ତି।



"ବିବାହର ଏକମାତ୍ର ସତ୍ୟ ହେଉ ପରସ୍ପର ପ୍ରତି ଅନାବିଳ ଭଲ ପାଇବା।"
- ମହାତ୍ମାଗାନ୍ଧୀ



**ସଂକ୍ଷେପରେ**

## ହତ୍ୟା ଅଭିଯୋଗ, ଏସ୍‌ପିଙ୍କୁ ଫେରାଦ

ବରଗଡ଼ ଅଫିସ୍,୩୧।୧୦: ପାଇକମାଲ ଥାନା ଅନ୍ତର୍ଗତ ସାଲେପାଲି(ଆମପଡ଼ା)ର ନିରାକାର ସାହୁଙ୍କ ମୃତ୍ୟୁ ଘଟଣା ଏବେ ମଧ୍ୟ ରହସ୍ୟାବୃତ୍ତ ହୋଇ ରହିଛି । ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମାତ୍ର ନିରାକାରଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ନିରାକାରଙ୍କ ମା' ଶାନ୍ତି, ଭଉଣୀ ସଞ୍ଜନା ବୁଧବାର ବରଗଡ଼ ଏସ୍‌ପିଙ୍କୁ ଫେରାଦ ହୋଇଥିଲେ। ଏସ୍‌ପି ପଦ୍ମିନୀ ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏହାର ବିଧିବଦ୍ଧ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ନିବେଦନ କରିଛନ୍ତି । ପ୍ରକାଶଥାଉକି, ଗତ କିଛିଦିନ ତଳେ ନିରାକାରଙ୍କ ଶବକୁ ଏକ ଗଛରୁ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ନିରାକାରଙ୍କୁ ସୁଚିନ୍ତିତ ଭାବେ ହତ୍ୟା କରିବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ ହତ୍ୟାକାରୀମାନେ ଶବକୁ ଗଛରେ ଝୁଲାଇ ଦେଇଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ।

### ହାଇସ୍କୁଲ ପରିଦର୍ଶନ କଲେ ଉତ୍ତରାଞ୍ଚଳ ଡିଆଇଜି

# ସଂକଳ୍ପ ନେଇ ପାଠ ପଢ଼ିବାକୁ ଛାତ୍ରୀଙ୍କୁ ପରାମର୍ଶ

ଲଖନପୁର,୩୧।୧୦(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତିଲିଆ ପଞ୍ଚାୟତ ଫଟାପାଲି ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଅର୍ଜୁନ ଗୁପ୍ତା ବାଳିକା ହାଇସ୍କୁଲକୁ ଗୁରୁବାର ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ କୁମାର ଲାଲ୍ ପରିଦର୍ଶନ କରି ଫେରିଛନ୍ତି। ଡିଆଇଜି ଲାଲ୍ ଛାତ୍ରୀମାନଙ୍କୁ ସଂକଳ୍ପ ନେଇ ଭଲ ପାଠ ପଢ଼ିବା ସହିତ ଉଚ୍ଚଶିକ୍ଷିତା ହୋଇ ରାଷ୍ଟ୍ର ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍କୁଲ ପରିଚାଳନା କମିଟି ତରଫରୁ ଡିଆଇଜି ଲାଲ୍‌ଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ତଥା ସ୍ଥାନୀୟ ସରପଞ୍ଚ ଠଣସୁନ୍ଦର ସାହୁ, ବିକ୍ରମ ପୋଢ଼, ପ୍ରଧାନ ଶିକ୍ଷକ ଦିବାକର ସେନାପତି, ଉପଦେଷ୍ଟା ରଘୁନନ୍ଦନ ପଣ୍ଡା, ମହେନ୍ଦ୍ର ସାହୁ, ଚତୁର୍ଭୁଜ ବଢ଼େଇ, ରୂପଧର ସାହୁ, ସୁଧାକର ସାହୁ, ଅକ୍ଷୟ ପ୍ରଧାନ, ଆଇଆଇସି ପ୍ରଶାନ୍ତ ମେହେର, ଓପିଜିସି ଡାଇରେକ୍ଟର ଆଲୋକ ମୁଖାର୍ଜୀ, ମନୋଜ ଦାସ, ପିକେ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ଅର୍ଜୁନ ଗୁପ୍ତାଙ୍କ ସହଧର୍ମିଣୀ ପ୍ରଫୁଲ୍ଲ ଗୁପ୍ତା ଡିଆଇଜି ଲାଲ୍‌ଙ୍କୁ ଭେଟି ସ୍କୁଲର ଉନ୍ନତି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସ୍କୁଲ ଏପର୍ଯ୍ୟନ୍ତ ସରକାରୀ ସ୍ୱୀକୃତି ପାଇନାହିଁ। ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ସହଯୋଗରେ ପରିଚାଳିତ ହେଉଛି। ଏହାର ପରିଚାଳନା ପାଇଁ ସ୍କୁଲ ପରିଚାଳନା କମିଟି ଅନୁରୋଧ କ୍ରମେ ଓପିଜିସି କମ୍ପାନୀ ସହଯୋଗର ହାତ ବଢ଼ାଇଛି। ପ୍ରତିମାସରେ ଶିକ୍ଷକଙ୍କ ମାସିକ ଦରମା ବାବଦକୁ ଅର୍ଥିକ ସହାୟତା ପ୍ରଦାନ କରୁଛି। ଏପରିକି ଜିଲା ଖଣିଜ ପାଣ୍ଠି ଅନୁଦାନରୁ ଛାତ୍ରୀମାନଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଛି। ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ଆବଶ୍ୟକ ବାସନ ମଧ୍ୟ ଓପିଜିସି କର୍ତ୍ତୃପକ୍ଷ ଯୋଗାଇ ଦେଇଛନ୍ତି। ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ପରିଚାଳନା କମିଟି କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଗାମୀ ଦିନରେ ଏହାର ସମାଧାନ କରାଯିବ ବୋଲି କମ୍ପାନୀ ଅଧିକାରୀ କହିଛନ୍ତି।



ଉତ୍ତରାଞ୍ଚଳ ଡିଆଇଜି ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

## ଜାତୀୟ ଏକତା ଦିବସ ପାଳିତ

ସୁନ୍ଦରଗଡ଼,୩୧।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ପବ୍ଲିକ ସ୍କୁଲଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ସ୍କାଉଟ ଓ ସିଭିଲିଆନ୍ ଛାତ୍ରୀଛାତ୍ରମାନେ ସର୍ବଧର୍ମ ସମନ୍ୱୟ ପୋଷାକ ପରିଧାନ କରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଡିଏଫଓ ଡ. ଅରୁଣ କୁମାର ମିଶ୍ର ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ହରପ୍ରିୟା ପଟେଲ ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦେଶର ଏକତା ପାଇଁ ରହିଥିବା ବଳିଷ୍ଠ ଅବଦାନ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କାଉଟ ମାଷ୍ଟର ଅଶୋକ କୁମାର ପରିଡା, କ୍ରୀଡା ଶିକ୍ଷକ ସନ୍ତୋଷ ମହାନ୍ତ, ମନୋଜ କେରକେଟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ, ଯୁବକ ଗିରଫ

ଲଖନପୁର,୩୧।୧୦(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅଧୀନ ବନ୍ଧବାହାଲ ଶାନ୍ତିନଗରର ଗାଡ଼ି ଚାଳକ ମୋହନ ରାମ ମାହାନ୍ତ(୬୫)ଙ୍କୁ ଜଣେ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଯୁବ ଜଣକ ବୃଦ୍ଧଙ୍କୁ ଟେକି ତଳେ କଚାଡ଼ି ଦେବାଫଳରେ ତାଙ୍କ ହାତଗୋଡ଼ ଓ ଅଣ୍ଟା ଭାଙ୍ଗିଯାଇଛି। ଆହତ ବୃଦ୍ଧଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବନ୍ଧବାହାଲ ଏମ୍‌ସିଏଲ୍ ହସ୍ପିଟାଲ ଓ ପରେ ବୁର୍ଲା ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଯୁବକଙ୍କ ଏଭଳି କାଣ୍ଡକୁ ଅମାନବୀୟ ବୋଲି ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଏନେଇ ଆହତ ବୃଦ୍ଧଙ୍କ ନାତି ବାବୁଲୁ ଉପାଧ୍ୟାୟ ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ବନହରପାଲି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଘଟଣାରେ ସମ୍ପୃକ୍ତ ଖଡ଼ାମ ଗ୍ରାମର ମୁକେଶ ପ୍ରଧାନ(୨୯)ଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ବୃଦ୍ଧ ଗାଡ଼ି ଚାଳକ ମାହାନ୍ତ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ସିମେଣ୍ଟ, ଲୁହାଛଡ଼ ବୋଝେଇ କରି ବନ୍ଧବାହାଲରୁ ସୁଲଦିଆ ଗ୍ରାମକୁ ଯାଉଥିଲେ। ଏହି ସମୟରେ ଯୁବକ ଜଣକ ଏକ ସ୍କୁଟିରେ ଯାଉଥିବାବେଳେ ପିକ୍‌ଅପ୍ ଭ୍ୟାନ୍‌କୁ ଅତିକ୍ରମ କରିଥିଲେ। ପରେ ଯୁବକ ଜଣଙ୍କ ରାସ୍ତାରେ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇ ଚାଳକଙ୍କୁ ଗାଡ଼ିରୁ ଭିଡ଼ିଆଣି ମରଣାନ୍ତକ ମାଡ଼ ମାରି ତାଙ୍କୁ ଟେକି ରାସ୍ତା ଉପରେ କଚାଡ଼ି ଦେଇଥିଲେ। ଏଥିରେ ବୃଦ୍ଧଙ୍କ ଗୋଡ଼ହାତ ଓ ଅଣ୍ଟା ଭାଙ୍ଗିଯାଇଛି। ଆହତ ଅବସ୍ଥାରେ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲେ। ପରେ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ତାଙ୍କ ପରିବାରବର୍ଗଙ୍କୁ ଜଣାଇଥିଲେ।



ଆହତ ବୃଦ୍ଧଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

## ପୁରାତନ ଛାତ୍ରସଂଘର ବୈଠକ

ସୁନ୍ଦରଗଡ଼,୩୧।୧୦(ଡି.ଏନ୍.ଏ):

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଘର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପୁରାତନ ଛାତ୍ର ତଥା ପ୍ରାକ୍ତନ ପ୍ରାଧ୍ୟାପକ ଡ. ସରୋଜ କୁମାର ପଟେଲ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ବୈଠକରେ ମହାବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ଅଧ୍ୟକ୍ଷଙ୍କ ପ୍ରଚେଷ୍ଟାରେ ମହାବିଦ୍ୟାଳୟରେ ଇନ୍ଦିରାଗାନ୍ଧୀ ମୁକ୍ତ ଜାତୀୟ ବିଶ୍ୱବିଦ୍ୟାଳୟର ଅଧ୍ୟୟନ କେନ୍ଦ୍ର ଖୋଲାଯାଇଥିବାରୁ ପୁରାତନ ଛାତ୍ର ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ପ୍ରାଧ୍ୟାପକ ଡ. ଲଳିତ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ କ୍ୟାରିୟର କାଉନସେଲିଂରୁ ଦକ୍ଷ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ସୁଯୋଗ ଦିଆଯାଇଛି। ମହାବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ପୁରାତନ ଛାତ୍ରମାନଙ୍କ ଦ୍ୱାରା ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଅଟକି ରହିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଓ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଉପରେ ବୈଠକରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ସକାଶେ ନଭେମ୍ବର ୬ ତାରିଖରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ପ୍ରାଧ୍ୟାପକ ଡ.ରାଧେଶ୍ୟାମ ଓତା, ଡ.କୁମୁଦିନୀ ରାଉତରାୟ, ଡ.ଲଳିତ ରଞ୍ଜନ ସାହୁ, ପ୍ରଦୀପ କୁମାର ବହିଦାରଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଏବଂ ପୁରାତନ ଛାତ୍ର ଗୋପାଳ ପୃଷ୍ଟେଠ, ରାଜୁ ଠାକୁର, ରଞ୍ଜୁ ଠାକୁର, ଗୋବିନ୍ଦ ଚନ୍ଦ୍ର ସୁଆର, ଜୟନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

## ଅନୁଦାନରୁ ବଞ୍ଚିତ ବିଦ୍ୟାଳୟ ଶିକ୍ଷକଙ୍କ ବୈଠକ

ଲଇକେରା, ୩୧।୧୦(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଜାମମାଲଠାରେ ୪ଟି ବିଦ୍ୟାଳୟର ଶିକ୍ଷକ, ସହକର୍ମୀ, କମିଟି କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ପର୍ଯ୍ୟବେକ୍ଷକ ଭାବେ ମଦନ ମୋହନ ପଣ୍ଡା, ଜାମମାଲ ବିଦ୍ୟାଳୟର ସମ୍ପାଦକ କୁମରମଣି ମିଞ୍ଜ, ଦିବ୍ୟାଭାରତୀ ପଟେଲ, ଗୁଚ୍ଛାପାଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମଣୀରଞ୍ଜନ ଜୟପୁରିଆ, ଅମ୍ବିକା ଉଚ୍ଚ ବିଦ୍ୟାଳୟ ସିଙ୍ଘିବାହାଲର ପ୍ରଧାନ ଶିକ୍ଷକ ବେଣୁଧର ସାହୁ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯତିନ ମିଶ୍ର, ଗିରୀଚନ୍ଦ୍ର ପଟେଲ, ଟିକେଶ୍ୱର ହଂସ, ମୋହନଲାଲ ନିଖଣ୍ଡିଆ, ଜୟନାରାୟଣ ପଟେଲ, ଉମେଶ ନାଏକ, ନିରୋଜ କୁମାର ଦାଶ, ନବୀନ କୁମାର ବୁଦ୍ଧୁଲା ପ୍ରମୁଖ ବୈଠକରେ ସାମିଲ ଥିଲେ। ବିଦ୍ୟାଳୟଗୁଡ଼ିକ କିପରି ଅନୁଦାନ ପାଇବେ ସେ ବିଷୟରେ ପଦକ୍ଷେପ ନେବାକୁ ବୈଠକରେ ସ୍ଥିର କରାଯାଇଥିଲା। ସେହିପରି ସରକାର କିପରି ତୁରନ୍ତ ଅନୁଦାନ ଦେବେ ସେ ବିଷୟରେ ଆଲୋଚନା ହୋଇଥିଲା।



ସଭାରେ ଜଣେ ଶିକ୍ଷକ ବକ୍ତବ୍ୟ ରଖୁଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଲଇକେରା, ୩୧।୧୦(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ପଟେଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସେ ରାଷ୍ଟ୍ରୀୟ ଏକତା ଦିବସ ତଥା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦେଶ ପ୍ରତି ଉତ୍ସର୍ଗୀକୃତ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ଅଧ୍ୟାପକ ଅଶୋକ କୁମାର ପଟେଲ, କମଳଲୋଚନ ଦାଶ, ସୁଶାନ୍ତ କୁମାର ରଥ, ସୁଦିପ କୁମାର ପୁରୋହିତ, ପ୍ରବୀଣ କୁମାର ନାଏକ, କୁନା ବାଗ, ଅଧ୍ୟାପିକା ସୁପ୍ରଭା ନାଏକ ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତ ରଖିଥିଲେ। ସମସ୍ତେ ରାଷ୍ଟ୍ରୀୟ ଏକତା ପାଇଁ ଶପଥ ନେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରସନ୍ନ କୁମାର ଷଣ୍ଡ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପକ ରୁଦ୍ରାକ୍ଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଅଧ୍ୟାପକଙ୍କ ଗହଣରେ ଛାତ୍ରୀଛାତ୍ର।

## ଫୁଟବଲ: ଜମୁର୍ଦ୍ଦା, ବିକାଶ ବିଜୟୀ

ବରଗଡ଼ ଅଫିସ୍,୩୧।୧୦

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଗୁରୁବାର ମ୍ୟାଚ ଗୁଡ଼ିକରେ ଜମୁର୍ଦ୍ଦା ଏବଂ ବିକାଶ ରେସିଡେନ୍ସିଆଲ ସ୍କୁଲ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଜମୁର୍ଦ୍ଦା ଓ କଟକିଆ ପଡ଼ା ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା । ଏଥିରେ ଜମୁର୍ଦ୍ଦା ଦଳ ୫-୦ ଗୋଲରେ କଟକିଆପଡ଼ାକୁ ହରାଇ ବୃହତ ବିଜୟ ହାସଲ କରିଥିଲା । ସେହିପରି ବିକାଶ ରେସିଡେନ୍ସିଆଲ ସ୍କୁଲ ଏବଂ ବରଗଡ଼ର ନେହେରୁ ଆସୋସିଏଶନ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା । ଏଥିରେ ବିକାଶ ୨-୧ ଗୋଲରେ ବିଜୟୀ ହୋଇଥିଲା ।

## ସର୍ବନିମ୍ନ ସୁବିଧା ପାଇଁ ସ୍ମାରକପତ୍ର

ବରଗଡ଼ ଅଫିସ୍,୩୧।୧୦: ବରଗଡ଼ ସହରର ପୁରାତନ ହାଟପଦାର ପରିବା ଦୋକାନୀମାନେ ବୁଧବାର ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ହାଟପଦାରେ ୫୦୦ରୁ ଅଧିକ ପରିବା ଦୋକାନୀ ଥିବାବେଳେ ନିୟମିତ ଏକ ହଜାରରୁ ଅଧିକ ଗ୍ରାହକ ଆସିଥାନ୍ତି। ପ୍ରତିଦିନ ମାର୍କେଟ ଫି ବାବଦକୁ ପୌର ପରିଷଦ ପକ୍ଷରୁ ଦୋକାନୀ ପ୍ରତି ୫ ଟଙ୍କା ଲେଖାଏଁ ଅସୁଲ କରାଯାଉଥିଲେ ସୁଦ୍ଧା ପାନୀୟଜଳ, ଶୌଚାଳୟ ଭଳି ସୁବିଧା ମିଳୁନାହିଁ । ଏପରିକି ବର୍ଷାଦିନେ ହାଟପଦା କାଦୁଅ ହେଉଥିବାବେଳେ ତାର ପ୍ରତିକାର କରାଯାଉନାହିଁ। ସେହିପରି ମଇଳା ଆବର୍ଜନା ନିୟମିତ ଉଠାଯାଉ ନ ଥିବା ଦୋକାନୀମାନେ ଅଭିଯୋଗ କରିଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ପୌର ନିର୍ବାହୀ ଅଧିକାରୀଙ୍କୁ ନିବେଦନ କରିଛନ୍ତି ।

## କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ସଂକଳ୍ପ ଦିବସ

ସୁନ୍ଦରଗଡ଼,୩୧।୧୦ (ଡି.ଏନ୍.ଏ.):

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସକୁ ରାଷ୍ଟ୍ରୀୟ ସଂକଳ୍ପ ଦିବସ ଭାବେ ଜିଲା କଂଗ୍ରେସ କମିଟି ପକ୍ଷରୁ ପାଳନ କରାଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପିସିସି ପୂର୍ବତନ ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ ଯୋଗଦେଇ ଦେଶ ଗଠନରେ ଇନ୍ଦିରା ଗାନ୍ଧୀ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। କର୍ମୀମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସଭାରେ ନରେନ୍ଦ୍ର କୁମାର ସିଂ, ପ୍ରଣବ କୁମାର ସିଂ, ପର୍ଶୁରାମ ସରାଫ୍, ମନୋଜ ମହାରଣା, ସୁବ୍ରତ ପୁରୋହିତ, ଅଶୋକ ପ୍ରସାଦ, ରମଣୀରଞ୍ଜନ ଯୋଶୀ, ବିଶ୍ୱଜିତ ପଟ୍ଟନାୟକ, ବାବଲୁ ବେନିଓାଲ, ଅଫତାବ ଅଲୀ, ଭୀଷ୍ମଦେବ, ଫୈଜଲ ଅହମ୍ମଦ, ଅଜିତ ପ୍ରସାଦ, ଆଶିଷ ଯୋଶୀ, ରାଜା ପଟ୍ଟନାୟକ, ସେବାଦଳର ମୁନ୍ନୁ ସରାଫ ପ୍ରମୁଖ କଂଗ୍ରେସ




ରାଷ୍ଟ୍ରୀୟ ସଂକଳ୍ପ ଦିବସ ପାଳନ ଅବସରରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ

## ରଙ୍ଗୈଲା ସେତୁ ନିକଟରେ ବିଟ୍‌ହାଉସ୍ ଖୋଲିବାକୁ ଦାବି

ଲଖନପୁର,୩୧।୧୦(ଡି.ଏନ୍.ଏ.)

ଇବ୍‌ନଦୀ ଉପରେ ରହିଥିବା ୩ କି.ମି. ସେତୁ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲାକୁ ସଂଯୋଗ କରୁଛି। ଏହି ସେତୁ ଉପରେ ଛତିଶଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ ଆଦି ଜିଲାର ଲୋକେ ଯାତାୟାତ କରୁଛନ୍ତି। ଏହି ରାସ୍ତାରେ ଅହରହ ଯାନବାହନ ଚଳାଚଳ କରୁଛି। ଏହି ଦୀର୍ଘତମ ସେତୁର ସୁଯୋଗ ନେଇ ଦୁର୍ବୃତ୍ତମାନେ ଅନେକ ସମୟରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ଘଟାଉଛନ୍ତି। ଫଳରେ ଲୋକେ ଏହି ରାସ୍ତାରେ ଯାତାୟାତ ପାଇଁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ସେତୁ ନିକଟରେ ଏକ ପୋଲିସ ବିଟ୍‌ହାଉସ୍ ନିର୍ମାଣ ସହ ସେତୁ ଉପରେ ବିଦ୍ୟୁତ୍ ଆଲୋକୀକରଣ ବ୍ୟବସ୍ଥା ପାଇଁ ଦୀର୍ଘଦିନରୁ ଦାବି କରିଆସୁଛନ୍ତି। ଏଭଳି ସ୍ଥିତିରେ ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ କୁମାର ଲାଲ୍ ଫଟାପାଲି ଅର୍ଜୁନ



ବିଟ୍‌ହାଉସ୍ ସ୍ଥାପନ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଡିଆଇଜିଙ୍କ ସହିତ ଆଲୋଚନା କରୁଛନ୍ତି।

### ଉତ୍ତରାଞ୍ଚଳ ଡିଆଇଜିଙ୍କୁ ଦାବିପତ୍ର

ଗୁପ୍ତା ବାଳିକା ସ୍କୁଲ ପରିଦର୍ଶନ କରିଥିଲେ। ଏହି ସମୟରେ ସ୍ଥାନୀୟ ବୁଦ୍ଧିଜୀବୀ ଡିଆଇଜିଙ୍କୁ ଭେଟି ସେତୁ ନିକଟରେ ଏକ ପୋଲିସ ବିଟ୍‌ହାଉସ ଓ ଆଲୋକୀକରଣ ସମ୍ପର୍କରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ କେତେକ ଗଣମାଧ୍ୟମ ପ୍ରତିନିଧି ଡିଆଇଜିଙ୍କୁ ଭେଟି ଅଞ୍ଚଳର ଆଇନ ଶୃଙ୍ଖଳା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ଜିଲା ଖବରଦାତା ସଂଘ ସଭାପତି ନୀଳେନ୍ଦ୍ର କୁମାର ଗଜେନ୍ଦ୍ର, ଦାମୋଦର ବଢ଼େଇ, ଅଶୋକ ରାୟ, ରଘୁନନ୍ଦନ ପଣ୍ଡା, ତିଲିଆ ସରପଞ୍ଚ ଠଣସୁନ୍ଦର ସାହୁ, ରୂପଧର ସାହୁ, ରଶ୍ମିରଞ୍ଜନ ସେନାପତି, ଅକ୍ଷୟ ସାହୁ ପ୍ରମୁଖ ସାମିଲ ଥିଲେ।